ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଜୁନ୍ ୨୦୨୫ ସଂସ୍କରଣ

କଥା ଓ କାହାଣୀ
ପଦ୍ୟ ଓ କବିତା
ହାସ୍ୟ ଓ ବ୍ୟଙ୍ଗ
ଇତିହାସ ଓ ପ୍ରବଂଧ
ଅନୁବାଦ ସାହିତ୍ୟ
ସମ୍ବଲପୁରୀ ଲେଖା
ଶିଶୁ କଥା
ଏବଂ
ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

 Magazine Downloaded from https://www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୯୦୪ ୦୯୮ ୫୪୬୩ | ଇମେଲ୍ : aahwaan@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସାର୍ବଜନୀନ ସ୍ୱଷ୍ଟୀକରଣ

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ । ଲେଖା ପ୍ରକାଶନର ଅଧିକାର ସମ୍ପାଦକଙ୍କ ବିଚାର ଅଧୀନ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ପବିତ୍ର ରଜ ପର୍ବ ଉପଲକ୍ଷେ ଆହ୍ୱାନ ଓଡ଼ିଆ ପରିବାରର ସମସ୍ତ ସଦସ୍ୟଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା...**

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୧ |
| **ଗଳ୍ପ ବିଭାଗ** | | **୪୫** |
| ଅନେକ କଳାଛାଇ - ୨୮ | ଅଶୋକ ବିଶ୍ୱାଳ | ୪୬ |
| ରାମ ନାମ ସତ୍ୟ | ସୁଧାଂଶୁ ଶେଖର ଦ୍ୱିବେଦୀ | ୬୧ |
| ମୃତ୍ୟୁକୁ ହରାଇଥିବା ଡାକ୍ତର | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୬୭ |
| ପ୍ରାୟଶ୍ଚିତ | ରଶ୍ମିତା ନାୟକ | ୮୧ |
| ପ୍ରାୟଶ୍ଚିତ | ସୀମା କାନୁନ୍‌ଗୋ | ୮୩ |
| ତ୍ରିକୋଣମିତି | ମଦନ ମୋହନ ମହାପାତ୍ର | ୮୮ |
| କଳିକାଳର ସାବିତ୍ରୀ ରଜନୀ | ସୌଦାମିନୀ ତ୍ରିପାଠୀ | ୯୨ |
| ଅନୁତାପ | ସୁପ୍ରିୟା ମହାନ୍ତି | ୯୭ |
| ବୃଦ୍ଧାଶ୍ରମ | ରୀତାରାଣୀ ଦାଶ | ୧୦୨ |
| ସତ୍ୟ ଦେହରେ ମିଥ୍ୟାର ଦାଗ | ସୌଦାଗର ବିଶ୍ୱାଳ | ୧୦୫ |
| କଲେଜ ଏବଂ ଡାକ୍ତରଖାନା | ଦେବାଶିଷ ମାଇତି | ୧୦୭ |
| ମୋତେ ଭୁଲିଯିବନି ତ | ମଧୁସ୍ମିତା ସାହୁ | ୧୧୩ |
| ହାଇଟେକ୍ ବୃଦ୍ଧାଶ୍ରମ | ନିତ୍ୟରଞ୍ଜନ ନନ୍ଦ | ୧୧୫ |
| ନିଜ ଭାଗର ଦୁଃଖ | ଶୁଭ ପଧାନ | ୧୨୧ |
| **କବିତା ବିଭାଗ** | | **୧୨୩** |
| ନୂଆ ଦୁନିଆ | ଶିବନାରାୟଣ ଦାସ | ୧୨୪ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| କରନି ହେ ବନ୍ଧୁ କାହାର କ୍ଷତି | ବାସନ୍ତୀ ଲତା ଜେନା | ୧୨୯ |
| ସମ୍ପର୍କର ସୁତାଖିଅ | ଅମୃତ ନାରାୟଣ ଶତପଥୀ | ୧୩୧ |
| ମନ ଭ୍ରମର | ବିଶ୍ୱଭୂଷଣ ତାଣ୍ଡି | ୧୩୩ |
| ବରଷା ଆସିଛି | କିରନ୍ ସ୍ୱାଇଁ | ୧୩୪ |
| ବୟସ ବଢ଼ିଲେ | ତାରା ପ୍ରସାଦ ଜେନା | ୧୩୫ |
| ଅଭିନୟ | ପ୍ରଶାନ୍ତ ବ୍ରହ୍ମା | ୧୩୬ |
| ବର୍ଷା ଗୋଟେ ଅଝଟିଆ ଝିଅ | ଗୋଲୋକବିହାରୀ ବେହେରା | ୧୩୭ |
| ତମେ ନିଜେ କୁହ | ରତ୍ନପ୍ରଭା ବାଇ | ୧୩୮ |
| ଚାଲ ପଢ଼ିବା ପାଠ | ରାମଚନ୍ଦ୍ର ପ୍ରଧାନ | ୧୩୯ |
| ମାଟିର ବୀର | ମନୋରଞ୍ଜନ ସୁରୁଜାଲ | ୧୪୧ |
| ପଦଟିଏ ତୋ ପାଇଁ... | କୁନା ସେଠୀ | ୧୪୪ |
| ରାଧାର ନ ମୀରାର | ସୁନିତା ଦାଶ | ୧୪୭ |
| ବିଚିତ୍ର ପ୍ରକୃତି | ଅଭିଷିକ୍ତା ପୃଷ୍ଟି | ୧୪୯ |
| ବଡ଼ ଝିଅ | ଶୁଭଲକ୍ଷ୍ମୀ ସାହୁ | ୧୫୧ |
| ଖାଇବା ଆସ | ଦଶରଥ ମାଝୀ | ୧୫୩ |
| ହାତ | ଶୁଭଙ୍କର ସାମଲ | ୧୫୪ |
| ଅଧଲା ପାହୁଲା ଅଣା ପଇସା | ଅମରନାଥ ବାରିକ୍ | ୧୫୬ |
| କଥା କୁହ କବି କଥା କୁହ | ବସନ୍ତ କୁମାର ପ୍ରଧାନ | ୧୫୮ |
| ଆଷାଢ଼ଟି ଆସିଲା | ନୀଳମଣି ଚାନ୍ଦ | ୧୬୦ |
| ମୁହୂର୍ତ୍ତେ ଜୀବନ | ବିନୟ ମହାପାତ୍ର | ୧୬୧ |
| ଦୀନବନ୍ଧୁ | ଆଶିଷ କୁମାର ସାହୁ | ୧୬୩ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ରଜ | ସୁଜିତ କୁମାର ମିଶ୍ର | ୧୬୪ |
| ରଜ | ସୀମା କାନୁନ୍‌ଗୋ | ୧୬୬ |
| ଗାଆଁର ମହକ | ଆଶୁତୋଷ ମେହେର | ୧୬୭ |
| ମୋ ଭାରତ ମହାନ | bsushan3@gmail.com | ୧୬୯ |
| ଦହଗଞ୍ଜିଆ ଏ ଜୀବନ | ନିରଞ୍ଜନ ସାହୁ | ୧୭୧ |
| ମୋ ଗାଁ ଡାକେ | ଚନ୍ଦ୍ରକାନ୍ତ ଜେନା | ୧୭୩ |
| ଖୋଜିପାଏ ତୁମକୁ | ଅନସୂୟା ଲେଙ୍କା | ୧୭୭ |
| ଖୁସି ହେଉ | ବିନୟ ମିଶ୍ର | ୧୭୮ |
| ଅପେକ୍ଷାର ସ୍ୱର | ଶିଳ୍ପାଲିପି ବେହେରା | ୧୮୦ |
| ସୀମନ୍ତିନି | ରଞ୍ଜିତା ଦାଶ | ୧୮୨ |
| ବରଷକେ ଥରେ ଆସିଛି ରଜ | କଳ୍ପନା ବିନ୍ଧାଣୀ | ୧୮୩ |
| | ଦେବେନ୍ଦ୍ର ନାୟକ | ୧୮୪ |
| | ସଂଯୁକ୍ତା ସାହୁ | ୧୮୫ |
| | କାର୍ତ୍ତିକ ଚନ୍ଦ୍ର ପଣ୍ଡା | ୧୮୬ |
| | କାହ୍ନୁଚରଣ ପାଣିଗ୍ରାହୀ | ୧୮୮ |
| | ଡଃ ତାନଶ୍ରୀ ପାଣିଗ୍ରାହୀ | ୧୯୦ |
| | ବିଦ୍ୟୁତପ୍ରଭା ମିଶ୍ର | ୧୯୨ |
| | ଶୋଭାମୟୀ ପତ୍ରୀ | ୧୯୪ |
| | ନଳିନୀ ପ୍ରଭା ମିଶ୍ର | ୧୯୬ |
| | ରମେଶ ଟାକ୍ରୀ | ୧୯୮ |
| | ସନ୍ତୋଷ କୁମାର ସାହୁ | ୧୯୯ |


Listen to Odia Podcast Original at https://youtube.com/@drjyotiprasad

| | | |
|---|---|---|
| | ବିନୋଦିନୀ ନାୟକ | ୨୦୦ |
| | ସନ୍ତୋଷିନୀ ଦାଶ | ୨୦୨ |
| | ନୂତନ କୁମାର ବେହେରା | ୨୦୫ |
| | ଅଭିପ୍ସା ପ୍ରିୟଦର୍ଶିନୀ | ୨୦୭ |
| | ଋତୁ ମହାନ୍ତି | ୨୦୯ |
| | ନିବେଦିତା ପଣ୍ଡା | ୨୧୨ |
| | ଭାସ୍କର ରାଉତ | ୨୧୪ |
| | ଡଃ ସଂଯୁକ୍ତା ପରିଡ଼ା | ୨୧୬ |
| ରଜ ଆସେ | ଛବିରାଣୀ ପତି | ୨୧୭ |
| ଟୋପାଏ ସିନ୍ଦୁର | ପୁଷ୍ପଲତା ମିଶ୍ର | ୨୧୮ |
| ପଙ୍କରେ କମଳ ଅମ୍ବରେ ଭାସ୍କର | ଡଃ ପ୍ରିୟଦର୍ଶିନୀ ମିଶ୍ର | ୨୧୯ |
| ମୋ ରକ୍ଷାକବଚ ତୋ ଆଶିଷ | ଗଗନ ବିହାରୀ ଷଡ଼ଙ୍ଗୀ | ୨୨୧ |
| ଉତ୍କଳମାଟି ମୋ ମଥା ଚନ୍ଦନ | ଲତା ବେହେରା | ୨୨୨ |
| ମହାସତୀ ସାବିତ୍ରୀ | ରୀତାରାଣୀ ଦାଶ | ୨୨୫ |
| ସାବିତ୍ରୀ ବ୍ରତ | କବିତା ଦାଶ | ୨୨୮ |
| ସତୀତ୍ୱ | ନାମ ଜଣାନାହିଁ | ୨୩୦ |
| ସୁନାଗରିଆ | ଡଃ ନିର୍ମଳ ନାୟକ | ୨୩୧ |
| ଛଣଛପର ସେ ମାଟିଘର | ଶାନ୍ତିଲତା ପଣ୍ଡା | ୨୩୩ |
| ବରଷା ଆସିଲା ପରା | ତରୁଣ କୁମାର ମିଶ୍ର | ୨୩୫ |
| ଟିକି ଚିନ୍ତନ | ବିବାସିନୀ ପଟ୍ଟନାୟକ | ୨୩୭ |
| ଜନ୍ମ | ଡଃ ବିଦ୍ୟାଧର ମହାନ୍ତ | ୨୩୮ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ବୋଉଲୋ ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି | ରୀତା ଅପରାଜିତା ମହାନ୍ତି | ୨୪୦ |
| ଓଡ଼ିଆ ଖୋଜୁଛି ଅତୀତ ସ୍ମୃତି | ଇତିଶ୍ରୀ ଶତପଥୀ | ୨୪୧ |
| ବନ୍ଦଇ ଦେବ ଜଗନ୍ନାଥ | ଅର୍ଜୁନୀ ଚରଣ ବେହେରା | ୨୪୩ |
| ପ୍ରାୟଶ୍ଚିତ | ସିନ୍ଧୁ ନନ୍ଦିନୀ | ୨୪୫ |
| ମାଟି | ଅରୁଣ କୁମାର ଦାସ | ୨୪୭ |
| ଭଙ୍ଗା ଡେଣା | ସରସ୍ୱତୀ ପଣ୍ଡା | ୨୪୯ |
| ଆତ୍ମା ପରମବ୍ରହ୍ମ | ସୁନନ୍ଦା ପାଣିଗ୍ରାହୀ | ୨୫୧ |
| ଏଇତ ଜୀବନ | ଡଃ ଚପଳା ପଣ୍ଡା | ୨୫୩ |
| ମୋକ୍ଷ | ସୁପ୍ରିୟା ମହାନ୍ତି | ୨୫୫ |
| ମନ୍ଦିରମାଳିନୀ ଭୁବନେଶ୍ୱର | ଇତିଶ୍ରୀ ପତି | ୨୫୬ |
| ଗଣ୍ଠିଲିରେ ବାନ୍ଧିରଖ | ହୃଷିକେଶ ପ୍ରଧାନ | ୨୫୮ |
| ଆକାଶବାଣୀ | ଭାଗ୍ୟଶ୍ରୀ ସାହୁ | ୨୫୯ |
| ମୋ ପିଲାଦିନ କଥା | ଅରବିନ୍ଦ ନାୟକ | ୨୬୦ |
| ଶେଷ ଆଶା | ସଂଗୀତା ନାଏକ | ୨୬୨ |
| ମୃତ୍ୟୁ | ଡଃ ନାରାୟଣ ଚନ୍ଦ୍ର ସେନାପତି | ୨୬୩ |
| ଜଗା ମୋ ଜୀବନ | ଏଲିଜା ଜେନା | ୨୬୬ |
| ବିଷ ବଳୟରେ ବିଶ୍ୱ | ବଟକୃଷ୍ଣ ପଣ୍ଡା | ୨୬୭ |
| ଓଡ଼ିଆ ସାହିତ୍ୟର ଭକ୍ତକବି | ସ୍ନିଗ୍ଧାରାଣୀ ପଣ୍ଡା | ୨୬୯ |
| ମୋ ଭାରତ ମହାନ | ସୁଶାନ୍ତ କୁମାର ବେହେରା | ୨୭୧ |
| ବାଟ ଛାଡ଼ିଦିଅ ଗୋସାଇଁ | ଜିତେନ୍ଦ୍ର ସାହୁ | ୨୭୩ |
| ଆସ ବଞ୍ଚି ଶିଖିବା | ଦୀନବଂଧୁ ବେଜ | ୨୭୫ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ପରିବର୍ତ୍ତନ | ଅଜିତ କୁମାର ରାଉତ | ୨୭୭ |
| ଅ | ଆକୁଳାନନ୍ଦ ପୃଷ୍ଟି | ୨୭୯ |
| ଜଗତର ପିତା ବୋଲି ଉଡୁଅଛି ଧ୍ୱଜା | ନଳିନୀ ଦାଶ | ୨୮୧ |
| ଅପାଶୋରା ଗୀତ | ଜୟନ୍ତ କୁମାର ମଲ୍ଲିକ | ୨୮୨ |
| ଭଲପାଇବା ଦେଇପାରେନା ଲୁହ | ବିଶ୍ୱନାଥ କର | ୨୮୩ |
| ଆସିଛି ଆଷାଢ଼ | ହରେରାମ ପଣ୍ଡା | ୨୮୫ |
| ସାଇକେଲ | ଅଭୟ କୁଣ୍ଡ | ୨୮୬ |
| ପ୍ରତୀକ୍ଷା | ଶୁଭଶ୍ରୀ ଶୁଭସ୍ମିତା | ୨୮୮ |
| ଜୟ ମାଆ ତାରାତାରିଣୀ | ଦିବାକର ନାୟକ | ୨୯୧ |
| ମୁଉଁ ମଲା ପରେ ପରେ | ଶିଶିର କୁମାର ପଣ୍ଡା | ୨୯୩ |
| ଗାଁ ଶ୍ମଶାନ | ରାଜେଶ କୁମାର ଆରୁଖ | ୨୯୪ |
| ନାମ ପରିବର୍ତ୍ତନ | ବିଶ୍ୱରଞ୍ଜନ ମହାନ୍ତି | ୨୯୫ |
| ମଦୁଆ ବର୍ | ହରିଶ୍ ତାଣ୍ଡି | ୨୯୭ |
| ମୁଡ଼େ ତୋର୍ କାମ୍ ଅଛେ | ଅମ୍‌ରେସ୍ ଚନ୍ଦ୍ର ଭଇଁନା | ୨୯୯ |
| ଅନୁବାଦ କବିତା | ସନାତନ ମହାକୁଡ଼ | ୩୦୧ |
| **ପ୍ରବନ୍ଧ ବିଭାଗ** | | **୩୦୨** |
| ସାଂସ୍କୃତିକ ଐତିହ୍ୟର ପ୍ରତୀକ ରଜ | ନିହାର ରଞ୍ଜନ ସାବତ | ୩୦୩ |
| ଆସ ବନ୍ଧୁ ଯିବା ଶ୍ରୀକ୍ଷେତ୍ରକୁ | ସୀମା କାନୁନଗୋ | ୩୦୬ |
| ସ୍ୱଭାବକବି ଗଙ୍ଗାଧର ମେହେର | ନଳିନୀ ପ୍ରଭା ମିଶ୍ର | ୩୦୮ |
| ସ୍ରଷ୍ଟା ଓ ସୃଷ୍ଟି | ଅନଙ୍ଗ ପଟେଲ | ୩୧୨ |
| ଶୀତଳଷଷ୍ଠୀ : ଐତିହ୍ୟ, ପରମ୍ପରା ଓ ସଂସ୍କୃତି | ସାଇପ୍ରସାଦ ସାହୁ | ୩୧୪ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ମାନ ଓ ଅଭିମାନ | ମନୋଜ କୁମାର ଭୋଇ | ୩୧୯ |
| ଯୋଗୀ ଅରବିନ୍ଦଙ୍କ ଦୃଷ୍ଟିରେ ସାବିତ୍ରୀ | ସଞ୍ଜୀବ କୁମାର ଦାସ | ୩୨୧ |
| ଲୀଳାମୟ ଜଗନ୍ନାଥ | ନିତ୍ୟରଞ୍ଜନ ନନ୍ଦ | ୩୨୭ |
| ମୋହନ ସରକାର : ଲୋକପ୍ରିୟ କି ? | ଅଙ୍କିତ ସାହୁ | ୩୪୭ |
| ଗୁହାରି ଶୁଣ ମଣିମା | ଆଶୁତୋଷ ନାୟକ | ୩୫୦ |
| ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ | ପଙ୍କଜ କୁମାର ପାଣିଗ୍ରାହୀ | ୩୫୭ |
| ଆଇନ୍‌ଷ୍ଟାଇନଙ୍କ ମସ୍ତିଷ୍କ | ଅସିତ ମହାନ୍ତି | ୩୬୨ |
| କବି ଜୟଦେବ : ଅସାଧାରଣ ପ୍ରତିଭା | ଡଃ ନୀଳାଚଳ ମିଶ୍ର | ୩୬୬ |
| ଟିକି ବିପ୍ଳବୀ: ନୀଳମଣି | ଅକ୍ଷୟ କୁମାର ରାଉତ | ୩୭୦ |
| **ବିଶେଷ ସୂଚନା** | | **୩୮୦** |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମ୍ପାଦକୀୟ



ନମସ୍କାର

ଆହ୍ୱାନ ଇ-ପତ୍ରିକାର ଜୁନ ୨୦୨୫ ସଂସ୍କରଣ ସହ ମୁଁ ଆପଣଙ୍କ ସମ୍ମୁଖରେ ଉପସ୍ଥିତ । ଓଡ଼ିଶାରେ ମୌସୁମୀର ପାଦ ପଡ଼ି ସାରିଲାଣି । ସ୍ଥାନେ ସ୍ଥାନେ ବର୍ଷା ହେଉଥିବା ବେଳେ ଦିନବେଳର ତାପମାତ୍ରା ଅସହ୍ୟ ହେଉଛି । ଓଡ଼ିଶାର ପୁରପଲ୍ଲୀରେ ପ୍ରସିଦ୍ଧ ରଜପର୍ବ ଏବେ ଉପନୀତ । ଗାଁଗଣ୍ଡାରେ ଯୁବତୀ କନ୍ୟାମାନେ ଏହି ଦିନଗୁଡ଼ିକୁ ଅତି ଆନନ୍ଦ ଉଲ୍ଲାସର ସହ ପାଳନ କରିଥାନ୍ତି । ଆହ୍ୱାନ ଇ-ପତ୍ରିକାର ସମସ୍ତ ପାଠକ ଓ ସାହିତ୍ୟିକଙ୍କୁ ଆମ ଆହ୍ୱାନ ଓଡ଼ିଆ ପରିବାର ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ଗତମାସରେ ଭାରତ ପାକିସ୍ତାନ ମଧ୍ୟରେ ଜାତ ହୋଇଥିବା ଉତ୍ତେଜନା କିଛି ମାତ୍ରାରେ ହ୍ରାସ ପାଇଛି ସତ କିନ୍ତୁ ସେହି ଘଟଣାକୁ ନେଇ ରାଜନୀତି କମ ହେବାର ନାଁ ନେଉନାହିଁ । ଭାରତର୍ ବିରୋଧୀ ଦଳ ଏବଂ ବିଶେଷ କରି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ପ୍ରଶ୍ନ ସବୁ ସରକାରଙ୍କୁ ଆକ୍ଷେପ କରିବା ଆଳରେ ଦେଶର ଅପମାନ ଯେ କରୁଛି ତାହା ସେ ଜାଣିପାରୁଛନ୍ତି କି ନା ତାହା କହି ହେବନି । କିନ୍ତୁ ତାଙ୍କର ପ୍ରଶ୍ନ ସବୁର ଦ୍ୱାହୀ ଦେଇ ବିଦେଶରେ ଥିବା ଶତ୍ରୁ ରାଷ୍ଟ୍ରମାନେ ଭାରତ ସରକାରଙ୍କୁ ନିନ୍ଦା କରିବା ଦେଖା ଦେଉଛି ।

ଅପରେସନ ସିନ୍ଦୁର୍ ପରେ ଯେଉଁ ସବୁ ତଥ୍ୟ ବାହାରକୁ ଆସିଲା ତାହା କେବଳ ପାକିସ୍ତାନର ନିନ୍ଦନୀୟ ପରାଜୟ ନଥିଲା, ଏଥିରେ ଆମେରିକାର ଛଦ୍ମ ରଣନୀତି ଏବଂ ଚୀନର ଭାଗିଦାରୀ ମଧ୍ୟ ଥିଲା ।

ପ୍ରକୃତରେ ଏବେ ଏହା ସଫା ସଫା ଜଣା ପଡ଼ିଲା ଯେ ପାକିସ୍ତାନ ପାଖରେ କୌଣସି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରମାଣୁ ଅସ୍ତ୍ର ନଥିଲା । କାହିଁକି ଏମିତି କହୁଛି ତାହା ଜାଣିବା ପାଇଁ ଏହି ଆଲେଖ୍ୟକୁ ସମ୍ପୂର୍ଣ୍ଣ ଭାବରେ ପଢ଼ନ୍ତୁ ।

ବିଗତ ଅନେକ ଦଶନ୍ଧି ଠାରୁ ପାକିସ୍ତାନ ଭାରତକୁ ଯେଉଁ ଆଣବିକ ଅସ୍ତ୍ର ରଖିଥିବା କଥା କହି ଡରାଉଥିଲା, ତାହା ବାସ୍ତବରେ ଆମେରୀକାର ଏକ ଗୋପନୀୟ ଯୋଜନା ଥିଲା ତାହା ବର୍ଷ ୧୯୮୮ ପରେ ପାକିସ୍ତାନରେ ଲୁଚେଇ ରଖାଯାଇଥିଲା ।

ଏଭଳି ଆମେରିକା କାହିଁକି କରିଥିବ ତାହା ଆମ ଭାବନାର ବାହାରେ, କିନ୍ତୁ ଏହିଭଳି ଭୟଙ୍କର ଅସ୍ତ୍ରକୁ ଆଣି ପାକିସ୍ତାନରେ ଲୁଚାଇ ରଖିବାର ଅର୍ଥ ଏହା ବି ହୋଇପାରେ ଯେ ଯଦି ଭବିଷ୍ୟରେ କେବେ ବି ଏହି ଅସ୍ତ୍ର ସ୍ୱୟଂକ୍ରିୟ ହୋଇ ଉଠେ ବା ବିପଦ ଆସେ ତା ହେଲେ ତାହା ଆମେରିକୀୟ ମହାଦେଶ ଠାରୁ ବହୁତ ଦୂରରେ ହେବ ଏବଂ ଆମେରିକାକୁ କୌଣସି ବିପଦ ରହିବ ନାହିଁ ।

ଯେତେବେଳେ ବର୍ଷ ୧୯୮୮ରେ ଭାରତ ପରମାଣୁ ପରୀକ୍ଷଣ କରୁଥିଲା ସେତେବେଳେ ଆମେରିକା ନିଜ ପରମାଣୁ ଅସ୍ତ୍ରକୁ ପାକିସ୍ତାନର ଭୂମିରେ ପରୀକ୍ଷଣ କରାଇ ବିଶ୍ୱକୁ ଜଣାଇଥିଲା ଯେ ପାକିସ୍ତାନ ମଧ୍ୟ ଏକ ପରମାଣୁ ଶକ୍ତି । ଏହାପରେ ଏହି ପରମାଣୁ ଅସ୍ତ୍ର କଥା କହି ଭାରତକୁ ଧମକ ଦେବା ଆରମ୍ଭ ହେଲା । ଆଉ ଆମ ଦେଶରେ ବସିଥିବା କିଛି ତଥାକଥିତ ବୁଦ୍ଧିଜୀବି ସେହି ପରମାଣୁ ଅସ୍ତ୍ରର ଭୟକୁ ବଢ଼ାଇବାକୁ ସହାୟତା କରିଥିଲେ । ତେଣୁ ଅତୀତର କୌଣସି ସରକାର ପାକିସ୍ତାନ ବିରୋଧରେ କୌଣସି ନିର୍ଣ୍ଣାୟକ ଯୁଦ୍ଧ କରିବା ପାଇଁ ସାହାସ କରିନଥିଲେ ।

କିନ୍ତୁ ସବୁ ଦିନ ସମାନ ଯାଏନି, ଯୁଗ ବଦଳିଲା....

ଏବଂ ଶାସନକଳ ସେହି ନେତାଙ୍କ ହାତରେ ପଡ଼ିଲା ଯେ ଡରନ୍ତି ନାହିଁ ବରଂ ପ୍ରତ୍ୟୁତ୍ତର ଦେବାରେ ବିଶ୍ୱାସ କରନ୍ତି । ସରକାର ପ୍ରଥମେ ଭାରତକୁ ଆତ୍ମନିର୍ଭର କରାଇଲେ, ଆମେରିକା ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରଖିବା ସହ ପାକିସ୍ତାନର ସମସ୍ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାଜନୈତିକ ଏବଂ କୂଟନୈତିକ କାର୍ଯ୍ୟପ୍ରଣାଳୀ ଉପରେ ତୀକ୍ଷଣ୍ ଦୃଷ୍ଟି ରଖିଲେ ।

ଯେତେବେଳେ ପହଲଗାଓଁ ଆକ୍ରମଣରେ ଆମ ଦେଶବାସୀଙ୍କ ରକ୍ତ ବହାଗଲା, ସେତେବେଳେ ସରକାର ଏହିଭଳି ଏକ ନିଷ୍ପତ୍ତି ନେଲେ ଯାହା କେହି ବି ଆଶା କରିନଥିଲେ । ସିଧା ଆକ୍ରମଣ ।

ଭାରତୀୟ ସେନାବାହିନୀଙ୍କ ସଂଯୋଜିତ ଆକ୍ରମଣରେ ପାକିସ୍ତାନର ଦୁର୍ବଳତା ପଦାରେ ପଡ଼ିଲା ଏବଂ ଯେତେବେଳେ ଭାରତୀୟ କ୍ଷେପଣାସ୍ତ୍ରମାନେ ସେହି ପରମାଣୁ ଯୋଜନା ନିକଟରେ ପହଞ୍ଚିଲେ ଯାହାକୁ ଅଦ୍ୟାବଧି "ଅଦୃଶ୍ୟ" ବୋଲି କୁହାଯାଉଥିଲା, ସେତେବେଳେ ଆମେରିକା ସ୍ୱତଃ ଜାଗ୍ରତ ହୋଇଗଲା ।

ଭୟ ଲାଗିଲା ଯେ ଯଦି ଭାରତ ଏହିଭଳି ଆକ୍ରମଣ ଜାରୀ ରଖିବ ତା ହେଲେ ଆମେରିକା ହିଁ ସବୁଠାରୁ ଅଧିକ କ୍ଷତି ସହିବ ଏବଂ ଦୁନିଆ ସମ୍ମୁଖରେ ଆମେରିକାର ଛବି ଧୂମିଳ ହୋଇଯିବ ।

କିନ୍ତୁ ଏହିଭଳି ସ୍ଥିତିରେ ଆମେରିକା କିଛି କହି ପାରୁନଥିଲା କି ଯୁଦ୍ଧକୁ ବନ୍ଦ କରିବା ଭଳି ଉପାୟ ଚିନ୍ତା କରି ପାରୁନଥିଲା । କେବଳ ନିରବରେ ଭାରତର ବନ୍ଧୁତ୍ୱକୁ ଦ୍ୱାହି ଦେଇ ଯୁଦ୍ଧ କୌଣସି ସମାଧାନ ନୁହେଁ ବୋଲି ଉସୁକାଇବାକୁ ଲାଗିଥିଲା ।

ଭାରତ ସରକାର ସଠିକ୍ ସମୟରେ ସଠିକ ନିଷ୍ପତ୍ତି ନେଇ ପାକିସ୍ତାନକୁ ଧ୍ୱସ୍ତ କରିବାରେ କୌଣସି କାର୍ପଣ୍ୟତା କରିନଥିଲେ । ସେତେବେଳେ ଆମେରିକା ଯୁଦ୍ଧ ବନ୍ଦ କରିବା ଉଦ୍ଦେଶ୍ୟରେ ପାକିସ୍ତାନକୁ ଅନ୍ତରାଷ୍ଟ୍ରୀୟ ମୁଦ୍ରା କୋଷରୁ ଋଣ ଦେବା କହି ଯୁଦ୍ଧ ବିରାମ କରିବା ପାଇଁ ଚାପ ପକାଇଲେ । ତେଣେ ପାକିସ୍ତାନର ହାତରୁ ଏହି ଯୁଦ୍ଧର କିଛି ବି ସୁଫଳ ମିଳିବା ସମ୍ଭବ ନୁହେଁ ବୋଲି ଅନୁଭବ କରି ପାକିସ୍ତାନ ଅଗ୍ରୀମ ଭାବରେ ଯୁଦ୍ଧ ବିରାମ ପାଇଁ ଭାରତକୁ ନିବେଦନ କରିଲା । ଚାରିଦିନର ଯୁଦ୍ଧରେ ପାକିସ୍ତାନକୁ ଯେତିକି ଧ୍ୱସ୍ତ କରାଯାଇଥିଲା ତାହାର ଭରଣା କରିବାକୁ ଏକ ଦଶନ୍ଧିରୁ ଅଧିକ ସମୟ ଲାଗିଯିବ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତେଣୁ ଭାରତ ବଦାନ୍ୟତା ଦେଖାଇ ନିଜସ୍ୱ ସର୍ତ୍ତରେ ଏହି ଯୁଦ୍ଧ ବିରାମ ପାଇଁ ସହମତି ଜଣାଇଥିଲା ।

ଯୁଦ୍ଧ ବିରାମ ପରେ ପରେ ଆମେରିକା ନିଜର ଗୋପନୀୟ ଅସ୍ତ୍ରଶସ୍ତ୍ରକୁ ବଞ୍ଚାଇବା ପାଇଁ ସବୁପ୍ରକାର ଚେଷ୍ଟା କରୁଥିବା କଥା ବିଶ୍ୱସାରା ସମସ୍ତେ ଜାଣି ସାରିଲେଣି । ଯୁଦ୍ଧ ବିରାମ ପରେ ପରେ ହିଁ ଆମେରିକୀୟ ବିମାନ ପାକିସ୍ତାନ ଆସିବା ଏବଂ ଆଣବିକ ଅସ୍ତ୍ରକୁ ସୁରକ୍ଷିତ କରିବା ପାଇଁ ସମସ୍ତ ପ୍ରଚେଷ୍ଟା କରାଯାଉଥିବା ଖବର ବିଶ୍ୱ ସ୍ତରରେ ପ୍ରକାଶିତ ହୋଇ ସାରିଛି ।

ଭାରତ ଆମେରିକାକୁ ସଫା ସଫା ଜଣାଇଦେଲା ଯେ ଆମେ ଆଉ ଅନ୍ୟ ଉପରେ ନିର୍ଭରଶୀଳ ନୋହୁଁ ।

ଏବେ ଆମେରିକା ନିରବ ଅଛି କିନ୍ତୁ ପ୍ରତିକ୍ରିୟାରେ ଭାରତ ବିରୋଧରେ ଅନେକ ପଦକ୍ଷେପ ନେଉଥିବା ବିଗତ ଦିନରେ ଦେଖିବାକୁ ମିଳିଛି । ଆମେରିକାରେ ଭାରତୀୟ ଛାତ୍ରମାନଙ୍କୁ ପଢ଼ାଇବାର ସୁଯୋଗ ନ ଦେବା, ଭାରତୀୟ ବଂଶୋଦ୍ଭବ ମାନେ ଦେଶକୁ ଅର୍ଥ ପଠାଇଲେ ପାଞ୍ଚ ପ୍ରତିଶତ କର ଦେବା, ଭାରତରୁ ଆଇ ଫୋନର ନିର୍ମାଣ ବାହାର କରିନେବା ଇତ୍ୟାଦି ।

ପାକିସ୍ତାନ ଭୟଙ୍କର ଭାବରେ ଅସୁସ୍ଥ ହୋଇଯାଇଛି ।

ବସ୍ତୁତଃ

ଆମେରିକା ପାକିସ୍ତାନରୁ ନିଜର ଆଣବିକ ଅସ୍ତ୍ରଶସ୍ତ୍ରକୁ ବଞ୍ଚାଇ ନେବାକୁ ଚେଷ୍ଟା କରୁଛି କିନ୍ତୁ ଏହାକୁ ସେ କୂଟନୈତିକ ସ୍ତରରେ ଏହିଭଳି ଭାବରେ ଉପସ୍ଥାପନ କରିବ ସତେ ଯେମିତି ପାକିସ୍ତାନ ନିଜର ସମସ୍ତ ଆଣବିକ ଅସ୍ତ୍ର ଆମେରିକାକୁ ସମର୍ପଣ କରି ଦେଉଛି ।

ଆମେରିକା ଯାହା ଭାବୁଛି ତାହା ସମଗ୍ର ବିଶ୍ୱକୁ ଜଣା ପଡ଼ିସାରିଲାଣି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମସ୍ତେ ଭଲ ଭାବରେ ଜାଣିସାରିଲେଣି ଯେ ପାକିସ୍ତାନ ପାଖରେ କେବେ ବି ଆଣବିକ ଅସ୍ତ୍ରଶସ୍ତ୍ର ନଥିଲା କିମ୍ବା ସେ କୌଣସି ଆଣବିକ ଶକ୍ତିସମ୍ପର୍ନ୍ନ ଦେଶ ନଥିଲା, ତ ସମର୍ପଣ କଣ କରିବ ? ଆମେରିକାର ଅସ୍ତ୍ର ଥିଲା, ନେଇ ଯାଅ ।

ସେ ଯା ହେଉ, ଚାରିଦିନର ଯୁଦ୍ଧରେ ଭାରତକୁ କଣ ପ୍ରାପ୍ତ ହେଲା ?

ଏବେ ଭାରତ କେବଳ ଏକ ବିକାଶଶୀଳ ଦେଶ ନୁହେଁ ବରଂ ଏକ ପରମାଣୁ ଶକ୍ତି ସମ୍ପନ୍ନ ଶକ୍ତିଶାଳୀ ଦେଶ ବୋଲି ପ୍ରମାଣିତ ହୋଇଗଲା ।

ଆଉ ଏହି କାହାଣୀରୁ ଆମେ ଯାହା ଶିଖିଲେ...

ଦେଶର ନେତୃତ୍ୱ ଶକ୍ତିଶାଳୀ ଥିଲେ, ବିଶ୍ୱ ନତମସ୍ତକ ଅବଶ୍ୟ ହୁଏ ।

ଅପରେସନ ସିନ୍ଦୁରର ସଫଳତା କେତେ ଥିଲା ତାହା ସ୍ୱୟଂ ପାକିସ୍ତାନର ପ୍ରଧାନମନ୍ତ୍ରୀ ଅନେକ ରାଷ୍ଟ୍ରୀୟ ଏବଂ ଅନ୍ତରାଷ୍ଟ୍ରୀୟ ମଞ୍ଚରେ ଭାଷଣ ଦେବା ସମୟରେ ଉଲ୍ଲେଖ କରି ସାରିଛନ୍ତି । ପାକିସ୍ତାନ ତରଫରୁ ଏହି ଆକ୍ରମଣ ସମ୍ପର୍କରେ ପ୍ରକାଶିତ ଡୋଜିଏର୍ ବା ସରକାରୀ ଦସ୍ତାବେଜରେ ସ୍ୱଷ୍ଟ ଭାବରେ ଜଣା ପଡୁଛି ଯେ ଭାରତ ପାକିସ୍ତାନ ଭିତରେ କେଉଁଭଳି ଧ୍ୱଂସଲୀଳା କରିଛି ।

ଅପରେସନ ସିନ୍ଦୁର ପରେ ପରେ ଭାରତ ସରକାରଙ୍କ ଦ୍ୱାରା ଗଠିତ ଏକ ସାଂସଦ ସ୍ତରୀୟ ମଣ୍ଡଳୀ ବିଶ୍ୱର ଅନେକ ଦେଶକୁ ଯାଇ ଭାରତ ସରକାର ତଥା ଭାରତର ଆଭିମୁଖ୍ୟକୁ ସ୍ୱଷ୍ଟ କରିବାକୁ ଚେଷ୍ଟା କରି ସଫଳ ହୋଇ ଫେରିଛନ୍ତି । ଏହି ମଣ୍ଡଳୀରେ ଭାରତର ପ୍ରାୟ ସବୁ ରାଜନୈତିକ ଦଳର ମୁଖପାତ୍ର ରହିଥିଲେ । କଂଗ୍ରେସ ଦଳର ପ୍ରମୁଖ ସଦସ୍ୟ ଶଶୀ ଥରୂରଙ୍କ ନେତୃତ୍ୱରେ ଏହି ମଣ୍ଡଳୀ ନିଜର ଉପସ୍ଥାପନା ଦ୍ୱାରା ବିଶ୍ୱ ଦରବାରରେ ଭାରତର ଆଭିମୁଖ୍ୟକୁ ସ୍ୱଷ୍ଟ କରି ପାରିଛନ୍ତି ।

ଅପରେଶନ ସିନ୍ଦୁର ପରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦ ବିରୋଧରେ ଭାରତର ଦୃଢ଼ ଅବସ୍ଥାନକୁ ବିଶ୍ୱ ସମୁଦାୟ ଆଗରେ ଉପସ୍ଥାପନ କରିବା ପାଇଁ ୩୩ଟି

Listen to Odia Podcast Original at https://youtube.com/@drjyotiprasad

ଦେଶକୁ ପଠାଯାଇଥିବା ସର୍ବଦଳୀୟ ସାଂସଦୀୟ ପ୍ରତିନିଧିମଣ୍ଡଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି ।

ଏହି ପ୍ରତିନିଧିମଣ୍ଡଳ, ଯେଉଁଥିରେ ବିଭିନ୍ନ ରାଜନୈତିକ ଦଳର ୫୯ ଜଣ ସାଂସଦ ସାମିଲ ଅଛନ୍ତି, ପାକିସ୍ତାନର ରାଷ୍ଟ୍ରୀୟ ଆତଙ୍କବାଦୀ କାର୍ଯ୍ୟକଳାପକୁ ବିଦେଶରେ ଉଜାଗର କରିବା ସହ ଏପ୍ରିଲ ୨୨ ତାରିଖରେ ପହଲଗାମ ଆତଙ୍କବାଦୀ ହମଲାରେ ୨୬ ଜଣଙ୍କ ମୃତ୍ୟୁ ଘଟଣାର ପ୍ରତିକ୍ରିୟା ସ୍ୱରୂପ ଭାରତର ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ବିଷୟରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ ।

ଏହି ପ୍ରତିନିଧିମଣ୍ଡଳଗୁଡ଼ିକ, କଂଗ୍ରେସ ସାଂସଦ ଶଶୀ ଥରୁର, ଭାଜପା ସାଂସଦ ରବି ଶଙ୍କର ପ୍ରସାଦ, ଜେଡି(ୟୁ) ସାଂସଦ ସଞ୍ଜୟ କୁମାର ଝା, ଶିବସେନା ସାଂସଦ ଶ୍ରୀକାନ୍ତ ଶିନ୍ଦେ, ଡିଏମକେ ସାଂସଦ କାନିମୋଝୀ କରୁଣାନିଧି, ଏନସିପି (ଏସପି) ସାଂସଦ ସୁପ୍ରିୟା ସୁଲେ ଏବଂ ଭାଜପା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ଗଠିତ ।

ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ, ଜାପାନ, ସାଉଦି ଆରବ, ଇଣ୍ଡୋନେସିଆ ଏବଂ ଅନ୍ୟାନ୍ୟ ପ୍ରମୁଖ ରାଷ୍ଟ୍ରଗୁଡ଼ିକୁ ଗସ୍ତ କରିଛନ୍ତି । ସେମାନେ ବିଦେଶୀ ସରକାର, ଥିଙ୍କ ଟ୍ୟାଙ୍କ, ଗଣମାଧ୍ୟମ ଏବଂ ସିଭିଲ ସୋସାଇଟି ସହ ଆଲୋଚନା କରି ପାକିସ୍ତାନର ଆତଙ୍କବାଦୀ ନୀତି ଏବଂ ଲସ୍କର-ଏ-ତୋଇବା ଓ ଜୈଶ-ଏ-ମହମ୍ମଦ ପରି ସଂଗଠନ ଗୁଡ଼ିକର ସମ୍ପୃକ୍ତିକୁ ଉଜାଗର କରିଛନ୍ତି, ଯେଉଁମାନେ ପହଲଗାମ ହମଲା ପାଇଁ ଦାୟୀ ।

ଏହି ପ୍ରତିନିଧିମଣ୍ଡଳଗୁଡ଼ିକ ମେ ୭, ୨୦୨୫ରେ ଆରମ୍ଭ ହୋଇଥିବା ଅପରେଶନ ସିନ୍ଦୁରରେ ଭାରତ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ୯ଟି ଆତଙ୍କବାଦୀ ଶିବିରକୁ ଲକ୍ଷ୍ୟ କରିଥିବା ବିଷୟକୁ ଜୋର ଦେଇଛନ୍ତି । ଏହି ଅଭିଯାନ ସାମରିକ ବା ବେସାମରିକ ଲକ୍ଷ୍ୟକୁ ନୁହେଁ, କେବଳ ଆତଙ୍କବାଦୀ ଅବସଂରଚନାକୁ ଧ୍ୱଂସ କରିବା ଉପରେ କେନ୍ଦ୍ରୀତ ଥିଲା । ଏହା ସହିତ, ପାକିସ୍ତାନର ଆତଙ୍କବାଦୀ ସମର୍ଥନ ଯେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେବଳ ଭାରତ ପାଇଁ ନୁହେଁ, ବରଂ ବିଶ୍ୱ ପାଇଁ ଏକ ବିପଦ ବୋଲି ସେମାନେ ବୁଝାଇଛନ୍ତି, ଯେପରିକି ୯/୧୧ ଆକ୍ରମଣ ଏବଂ ଲଣ୍ଡନ ଟ୍ୟୁବ ଆକ୍ରମଣ ପରି ଘଟଣାରେ ମୁରିଦ୍‌କେ ଓ ବାହାୱାଲପୁରରୁ ଚାଲୁଥିବା ଆତଙ୍କବାଦୀ କାର୍ଯ୍ୟକଳାପର ସମ୍ପୃକ୍ତି ।

ବିଦେଶ ସଚିବ ବିକ୍ରମ ମିଶ୍ରୀ ଏହି ପ୍ରତିନିଧିମଣ୍ଡଳଗୁଡ଼ିକୁ ଗସ୍ତ ପୂର୍ବରୁ ବିସ୍ତୃତ ବ୍ରିଫିଂ ଦେଇଥିଲେ, ଯେଉଁଥିରେ ଅପରେଶନ ସିନ୍ଦୁରର ଉଦ୍ଦେଶ୍ୟ, ପାକିସ୍ତାନର ସୀମାପାର ଆତଙ୍କବାଦରେ ଭୂମିକା ଏବଂ ଏହି ହମଲା ପରେ ଇନ୍ଦୁସ ଜଳ ଚୁକ୍ତିକୁ ସ୍ଥଗିତ ରଖିବାର ଭାରତର ନିଷ୍ପତ୍ତି ସମ୍ପର୍କରେ ଆଲୋଚନା ହୋଇଥିଲା ।

ପ୍ରତିନିଧିମଣ୍ଡଳଗୁଡ଼ିକ ମଧ୍ୟ ଭାରତର ଗଣତାନ୍ତ୍ରିକ ମୂଲ୍ୟବୋଧକୁ ତୁଳନା କରି ପାକିସ୍ତାନର ଆତଙ୍କବାଦୀ ସମର୍ଥନର ଇତିହାସକୁ ଉଜାଗର କରିଛନ୍ତି । ଉଦାହରଣ ସ୍ୱରୂପ, ସଞ୍ଜୟ ଝାଙ୍କ ନେତୃତ୍ୱାଧୀନ ପ୍ରତିନିଧିମଣ୍ଡଳ ଇଣ୍ଡୋନେସିଆରେ ନ୍ୟାସନାଲ ମାଣ୍ଡେଟ ପାର୍ଟି (ପିଏଏନ) ନେତାଙ୍କ ସହ ଆଲୋଚନା କରି ଭାରତର ଆତଙ୍କବାଦ ବିରୋଧୀ ଅବସ୍ଥାନକୁ ସମର୍ଥନ ହାସଲ କରିଛନ୍ତି ।

ପ୍ରଧାନମନ୍ତ୍ରୀଙ୍କ ସହ ହୋଇଥିବା ବୈଠକରେ ଏହି କୂଟନୈତିକ ଗସ୍ତର ଫଳାଫଳ, ବିଶେଷକରି ଜାତିସଂଘ ସୁରକ୍ଷା ପରିଷଦ, ଜି୭ ଏବଂ ଜି୨୦ ସଦସ୍ୟ ରାଷ୍ଟ୍ରଗୁଡ଼ିକରୁ ମିଳିଥିବା ସମର୍ଥନ ଏବଂ ପାକିସ୍ତାନର କୂଟନୈତିକ ପ୍ରୟାସକୁ ମୁକାବିଲା କରିବାରେ ସମ୍ମୁଖୀନ ହୋଇଥିବା ଆହ୍ୱାନଗୁଡ଼ିକ ଉପରେ ଆଲୋଚନା ହୋଇଥିଲା । ପାକିସ୍ତାନର ବିଲାୱାଲ ଭୁଟ୍ଟୋ ଜରଦାରୀଙ୍କ ନେତୃତ୍ୱାଧୀନ ଏକ ଦଳ ନିଜକୁ ଶାନ୍ତିପ୍ରିୟ ରାଷ୍ଟ୍ର ଭାବେ ଉପସ୍ଥାପନ କରିବାକୁ ଚେଷ୍ଟା କରିଥିବା ବେଳେ, ଭାରତୀୟ ପ୍ରତିନିଧିମଣ୍ଡଳଗୁଡ଼ିକ ଏହାକୁ ପ୍ରମାଣ ଆଧାରିତ ତଥ୍ୟ ସହ ଖଣ୍ଡନ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ପାକିସ୍ତାନ ଉପରେ ତୀବ୍ର ଆକ୍ରମଣ କରି ଅଭିଯୋଗ କରିଛନ୍ତି ଯେ, ପାକିସ୍ତାନ ଆତଙ୍କବାଦକୁ ରାଷ୍ଟ୍ରୀୟ ନୀତିର ଅସ୍ତ୍ର ଭାବେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବ୍ୟବହାର କରୁଛି, ଏବଂ ଭାରତର ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ନୀତିକୁ ପୁନର୍ବାର ଦୃଢ଼ କରିଛନ୍ତି ।

ଗୁଜରାଟର ଭୁଜ୍‌ରେ ଏକ ରାଲିରେ ଭାଷଣ ଦେଇ ପ୍ରଧାନମନ୍ତ୍ରୀ ମୋଦି ଭାରତର ପର୍ଯ୍ୟଟନ-ଆଧାରିତ ଦୃଷ୍ଟିକୋଣକୁ ପାକିସ୍ତାନର ଆତଙ୍କବାଦ-କେନ୍ଦ୍ରୀୟ ମାନସିକତା ସହ ତୁଳନା କରିଛନ୍ତି । "ଭାରତ ପର୍ଯ୍ୟଟନରେ ବିଶ୍ୱାସ କରେ । ପର୍ଯ୍ୟଟନ ଲୋକଙ୍କୁ ଏକତ୍ର କରେ । କିନ୍ତୁ ପାକିସ୍ତାନ ଭଳି ଦେଶ ଆତଙ୍କବାଦକୁ ପର୍ଯ୍ୟଟନ ମନେ କରେ । ଏହା ବିଶ୍ୱ ପାଇଁ ଏକ ବଡ଼ ଧମକ," ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ପାକିସ୍ତାନକୁ କଡ଼ା ଚେତାବନୀ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଶାନ୍ତିରେ ବଞ୍ଚ ଓ ଅନ୍ୟକୁ ବଞ୍ଚିବାକୁ ଦିଅ, ନହେଲେ ଭାରତୀୟ ଗୁଳିର ସାମ୍ନା କରିବାକୁ ପ୍ରସ୍ତୁତ ରୁହ । "ଖୁସିରେ ଜୀବନ ଯାପନ କର, ରୁଟି ଖାଅ, ନହେଲେ ମୋର ଗୁଳି ତ ଅଛି ହିଁ," ବୋଲି ସେ କହିଛନ୍ତି ।

ଗୁରୁବାର ଅହମ୍ମଦାବାଦରୁ ଲଣ୍ଡନର ଗାଟୱିକ ବିମାନବନ୍ଦରକୁ ଯାଉଥିବା ଏୟାର ଇଣ୍ଡିଆର ବିମାନ ଏଆଇ-୧୭୧ ଉଡ଼ାଣ ପରେ କିଛି ମୁହୂର୍ତ୍ତରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏହି ଦୁର୍ଘଟଣାରେ ୨୪୨ ଜଣ ଯାତ୍ରୀ ଓ କ୍ରୁ ସଦସ୍ୟଙ୍କ ମଧ୍ୟରୁ ୨୪୧ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ବ୍ରିଟିଶ ନାଗରିକ ବିଶ୍ୱାସ କୁମାର ରମେଶ ଏକମାତ୍ର ବଞ୍ଚିଥିବା ଯାତ୍ରୀ ଭାବେ ଚିହ୍ନଟ ହୋଇଛନ୍ତି । ବିମାନଟି ଅହମଦାବାଦର ବିଜେ ମେଡିକାଲ କଲେଜ ଓ ହସ୍ପିଟାଲର ହଷ୍ଟେଲ ଉପରେ ଖସିଥିଲା, ଯେଉଁଠାରେ ଅତିକମରେ ଆଠ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଏହା ଭାରତର ସାମ୍ପ୍ରତିକ ସମୟରେ ହୋଇଥିବା ସବୁଠାରୁ ଭୟଙ୍କର ବିମାନ ଦୁର୍ଘଟଣା ମଧ୍ୟରୁ ଅନ୍ୟତମ ।

ଗୁଜୁରାଟର ଅହମ୍ମଦାବାଦରୁ ଲଣ୍ଡନ ଅଭିମୁଖେ ଯାଉଥିବା ଏୟାର ଇଣ୍ଡିଆର ବିମାନ AI 171 ଉଡ଼ାଣ ଭରିବାର କିଛି ମିନିଟ ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦୁର୍ଘଟଣାସ୍ଥଳରୁ ପ୍ରବଳ କଳା ଧୂଆଁ ବାହାରୁଥିବାର ଫଟୋ ଓ ଭିଡିଓ ଭାଇରାଲ ହୋଇସାରିଛି । ଦୁର୍ଘଟଣା କିପରି ଘଟିଲା ? ବର୍ତ୍ତମାନ ସୁଦ୍ଧା ଏହା ସ୍ପଷ୍ଟ ହୋଇନାହିଁ । ତଥାପି, DGCA କହିଛି ଯେ ବିମାନର ଉଭୟ ପାଇଲଟ ଅଭିଜ୍ଞ ଥିଲେ ।

ଡିଜିସିଏ କହିଛି ଯେ ବିମାନର ପାଇଲଟ ଥିଲେ କ୍ୟାପଟେନ ସୁମିତ ସବରୱାଲ । ସେ ଜଣେ ଏଲଟିସି (ଲାଇନ୍ ଟ୍ରେନିଂ କ୍ୟାପଟେନ) ଓ ତାଙ୍କର ୮୨୦୦ ଘଣ୍ଟା ଉଡ଼ାଣ ଅଭିଜ୍ଞତା ଅଛି । ତାଙ୍କ ସହିତ କ୍ଲାଇଭ୍ କୁନ୍ଦର ସହ-ପାଇଲଟ୍ କିମ୍ବା ପ୍ରଥମ ଅଧିକାରୀ ଭାବରେ ଥିଲେ । ତାଙ୍କର ୧୧୦୦ ଘଣ୍ଟା ଉଡ଼ାଣ ଅଭିଜ୍ଞତା ଥିଲା । ଅହମ୍ମଦାବାଦ ବିମାନବନ୍ଦର ଏୟାର ଟ୍ରାଫିକ୍ କଣ୍ଟ୍ରୋଲ କହିଛି ଯେ ବିମାନଟି ଦିନ ୧:୩୯ରେ ରନୱେ ୨୩ରୁ ଉଡ଼ାଣ ଆରମ୍ଭ କରିଥିଲା । ଉଡ଼ାଣ ଆରମ୍ଭ ହେବାର କିଛି ସମୟ ପରେ ପାଇଲଟ୍ ବିମାନ ଟ୍ରାଫିକ୍ କଣ୍ଟ୍ରୋଲକୁ 'ମେ ଡେ କଲ୍' କରିଥିଲେ । ଅର୍ଥାତ୍, ସେ ଏକ ବିପଦ ସଙ୍କେତ ପଠାଇଥିଲେ । ଏହା ପରେ, ATC ବିମାନକୁ ଫୋନ୍ କରିଥିଲା । କିନ୍ତୁ କୌଣସି ପ୍ରତିକ୍ରିୟା ମିଳିଲା ନାହିଁ । ଉଡ଼ାଣ ଆରମ୍ଭ ହେବାର ୫ ମିନିଟ୍ ପରେ, ବିମାନଟି ବିମାନବନ୍ଦର ବାହାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ।

ଦୁର୍ଘଟଣାର ସମ୍ଭାବ୍ୟ କାରଣ:

ବିଶେଷଜ୍ଞମାନେ ଏହି ଦୁର୍ଘଟଣାର କାରଣ ଅନୁସନ୍ଧାନ କରୁଛନ୍ତି ଏବଂ ଚାରୋଟି ସମ୍ଭାବ୍ୟ କାରଣ ଉପରେ ଆଲୋଚନା କରୁଛନ୍ତି:

ୱିଙ୍ଗ ଫ୍ଲାପ୍ସର ତ୍ରୁଟି: ବିମାନ ଉଡ଼ାଣ ସମୟରେ ୱିଙ୍ଗ ଫ୍ଲାପ୍ସ ଠିକ ଭାବେ ଖୋଲା ନଥାଇପାରେ, ଯାହା ଉଡ଼ାଣରେ ସମସ୍ୟା ସୃଷ୍ଟି କରିଥାଇପାରେ । ଏକ ଭିଡିଓରେ ଦେଖାଯାଇଛି ଯେ ଫ୍ଲାପ୍ସ ସଂକୁଚିତ ହୋଇଥିବା ଜଣାପଡୁଛି, ଯାହା ବିମାନର ଉଚ୍ଚତା ହାସଲ କରିବାରେ ବାଧା ସୃଷ୍ଟି କରିପାରେ ।

ଇଞ୍ଜିନ ବିଫଳତା: କେତେକ ବିଶେଷଜ୍ଞ ଅନୁମାନ କରୁଛନ୍ତି ଯେ ବିମାନର ଦୁଇଟି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଇଞ୍ଜିନରେ ଏକକାଳୀନ ଫେଲ୍ ହୋଇଥାଇପାରେ, ଯାହା ଅତ୍ୟନ୍ତ ବିରଳ ଘଟଣା । ଏହା ବିମାନକୁ ନିୟନ୍ତ୍ରଣ ହରାଇବାରେ କାରଣ ହୋଇପାରେ ।

(ବାର୍ଡ ଷ୍ଟ୍ରାଇକ): ଉଡ଼ାଣ ସମୟରେ ପକ୍ଷୀ ସହ ମାଡ଼ ହେବା ଦ୍ୱାରା ବିମାନର ଗୁରୁତ୍ୱପୂର୍ଣ୍ଣ ଅଂଶରେ କ୍ଷତି ହୋଇଥାଇପାରେ, ଯାହା ଦୁର୍ଘଟଣାର କାରଣ ହୋଇପାରେ ।

ପାଇଲଟ ତ୍ରୁଟି ବା ଯାନ୍ତ୍ରିକ ସମସ୍ୟା: ବିଶେଷଜ୍ଞମାନେ କହୁଛନ୍ତି ଯେ ପାଇଲଟ ତ୍ରୁଟି କିମ୍ବା ଯାନ୍ତ୍ରିକ ତ୍ରୁଟି ମଧ୍ୟ ଏହି ଦୁର୍ଘଟଣାର କାରଣ ହୋଇପାରେ । ତେବେ, ଏହା ଏକାଧିକ ବିଫଳତାର ଫଳାଫଳ ହୋଇପାରେ ବୋଲି ସେମାନେ ସୂଚାଇଛନ୍ତି ।

ଭାରତର ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ୟୁରୋ ଏହି ଘଟଣାର ଅନୁସନ୍ଧାନ କରୁଛି, ଯେଉଁଥିରେ ବୋଇଙ୍ଗ, ଜିଇ ଏୟାରସ୍ପେସ, ଆମେରିକାର ନ୍ୟାସନାଲ ଟ୍ରାନ୍ସପୋର୍ଟେସନ ସେଫଟି ବୋର୍ଡ (ଏନଟିଏସବି) ଏବଂ ବ୍ରିଟେନର ଏୟାର ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ରାଞ୍ଚ ସହାୟତା କରୁଛନ୍ତି । ବିମାନର ବ୍ଲାକ ବକ୍ସ ଉଦ୍ଧାର କରାଯାଇଥିବା ଖବର ମିଳିଛି, ଯାହା ଦୁର୍ଘଟଣାର କାରଣ ଜାଣିବାରେ ସହାୟକ ହେବ ।

ଅହମ୍ମଦାବାଦର ଭୟାବହ ବିମାନ ଦୁର୍ଘଟଣାରେ ଶତାଧିକ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ କେବଳ ଜଣେ ମାତ୍ର ଯାତ୍ରୀ ବଞ୍ଚିଯାଇଥିବା ସ୍ପଷ୍ଟ ହୋଇଛି । ଏହାକୁ ଏକ ଚମତ୍କାରୀ ବୋଲି ବିଶ୍ୱାସ କରାଯାଉଛି । ତାଙ୍କ ନାମ ରମେଶ ବିଶ୍ୱାସକୁମାର ବୁଚାର୍ଭାଦା । ସେ ଶେଷ ମୁହୂର୍ତ୍ତରେ ବିମାନରୁ ଡେଇଁ ପଡ଼ିଥିଲେ ବୋଲି ଜଣାପଡ଼ିଛି । ରମେଶ ନିଜକୁ ଦୁର୍ଘଟଣାରୁ ଉଦ୍ଧାର କରିବା ପରେ ଆହତ ଅବସ୍ଥାରେ ଚାଲି ଚାଲି ଯାଉଥିବା ଦେଖାଯାଇଛି ।

ଅହମ୍ମଦାବାଦ ପୋଲିସ କମିଶନର ଜିଏସ ମଲିକ କହିଛନ୍ତି, ପୋଲିସ ସିଟ 11A ରେ ଜଣେ ବଞ୍ଚିଥିବା ବ୍ୟକ୍ତିଙ୍କୁ ପାଇଛନ୍ତି । ବ୍ୟକ୍ତିଙ୍କୁ ହସ୍ପିଟାଲରେ ରଖାଯାଇଛି ଏବଂ ତାଙ୍କର ଚିକିତ୍ସା ଚାଲିଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

୪୦ ବର୍ଷୀୟ ବଞ୍ଚିଥିବା ବ୍ୟକ୍ତି ବିଶ୍ୱାସ କୁମାର ତାଙ୍କ ଲୋକଟାଙ୍କୁରା କାହାଣୀ ବଖାଣିଥିଲେ । ସେ କହିଥିଲେ, ଉଡ଼ାଣ ଆରମ୍ଭ ହେବାର ୩୦ ସେକେଣ୍ଡ ପରେ ଏକ ଜୋରରେ ଶବ୍ଦ ହୋଇଥିଲା ଏବଂ ତା'ପରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏସବୁ ବହୁତ ଶୀଘ୍ର ଘଟିଥିଲା । ଯେତେବେଳେ ମୁଁ ଉଠିଲି, ମୋ ଚାରିପାଖରେ ମୃତଦେହ ବିଛାଡ଼ି ହୋଇ ପଡ଼ିଥିଲା । ମୁଁ ଭୟଭୀତ ହୋଇ ସେଠାରୁ ଦୌଡ଼ି ପଳାଇଲି । ବିମାନର ଖଣ୍ଡଗୁଡ଼ିକ ମୋ ଚାରିପାଖରେ ବିଛାଡ଼ି ହୋଇ ପଡ଼ିଥିଲା । କେହି ଜଣେ ମୋତେ ଧରି ଆମ୍ବୁଲାନ୍ସରେ ହସ୍ପିଟାଲ ନେଇଗଲେ । ବିଶ୍ୱାସ ତାଙ୍କ ପରିବାରକୁ ଭେଟିବାକୁ ଭାରତ ଆସିଥିଲେ ।

ବ୍ରିଟିଶ ନାଗରିକ ବିଶ୍ୱାସ କିଛି ଦିନ ପାଇଁ ତାଙ୍କ ପରିବାରକୁ ଭେଟିବାକୁ ଭାରତ ଆସିଥିଲେ ଏବଂ ତାଙ୍କ ଭାଇ ଅଜୟ କୁମାର ରମେଶ (୪୫)ଙ୍କ ସହିତ ବ୍ରିଟେନ ଫେରୁଥିଲେ । ବିଶ୍ୱାସ କହିଛନ୍ତି, ସେ ୨୦ ବର୍ଷ ଧରି ଲଣ୍ଡନରେ ରହୁଛନ୍ତି । ତାଙ୍କ ସ୍ତ୍ରୀ ଏବଂ ପିଲାମାନେ ମଧ୍ୟ ଲଣ୍ଡନରେ ରହୁଛନ୍ତି ।

ଅହମଦାବାଦର ବି.ଜେ. ମେଡିକାଲ କଲେଜ ହଷ୍ଟେଲରେ ଡାକ୍ତରୀ ଛାତ୍ରୀଛାତ୍ର ମଧ୍ୟାହ୍ନ ଭୋଜନ କରୁଥିବାବେଳେ ଆସିଥିଲା ମୃତ୍ୟୁ । ଗୁରୁବାର ଅପରାହ୍ନ ୧ଟା ୩୯ ମିନିଟ୍ ସମୟରେ ଏୟାର ଇଣ୍ଡିଆ ବିମାନ ଉକ୍ତ ହଷ୍ଟେଲ ଉପରେ ଖସିଥିଲା । ସେତେବେଳେ ମଧ୍ୟାହ୍ନ ଭୋଜନ ପାଇଁ କ୍ୟାଣ୍ଟିନ୍‌ରେ ୫୦ରୁ ୬୦ ଜଣ ପିଲା ଥିଲେ । ଟେବୁଲ ଉପରେ ଖାଦ୍ୟ ପ୍ଲେଟ୍ ରହିଥିବା ଦେଖାଯାଇଛି । ମୃତ୍ୟୁସଂଖ୍ୟା ସ୍ପଷ୍ଟ ହୋଇ ନ ଥିବାବେଳେ ଅଧିକ ପିଲାଙ୍କ ଜୀବନ ଯାଇଥିବା ଆଶଙ୍କା କରାଯାଉଛି । ହଷ୍ଟେଲ ବିଲ୍ଡିଂ ଚୂର୍ମାର ହୋଇଯାଇଛି । ଏହି ଦୁଃଖଦ ଘଟଣା ସମୁଦାୟ ମେଡିକାଲ ଶିକ୍ଷା ବିଭାଗକୁ ଗଭୀର ପ୍ରଭାବିତ କରିଛି ।

ଦେଶ ପାଇଁ ଗର୍ବର ବିଷୟ ଯେ, ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର ୨୦୨୫ ମସିହାରେ ଜାତିସଂଘ ସାସାକାୱା ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି ।

୨୦୨୫ ପୁରସ୍କାରର ବିଷୟବସ୍ତୁ—"ବିଜ୍ଞାନକୁ ଜନସାଧାରଣ ସହ ସଂଯୋଗ କରିବା: ଦୁର୍ବିପାକ-ସହଣଶୀଳ ସମୁଦାୟ ପାଇଁ ନବସୃଜନ ଓ ପ୍ରଯୁକ୍ତିବିଦ୍ୟାରେ ପ୍ରବେଶାଧିକାରକୁ ଗଣତାନ୍ତ୍ରିକ କରିବା"—ଡକ୍ଟର ମହାପାତ୍ରଙ୍କର ଉତ୍ତର ଭାରତ ମହାସାଗର ଅଞ୍ଚଳରେ ଘୂର୍ଣ୍ଣିଝଡ଼ ଜନିତ ମୃତ୍ୟୁହାର ହ୍ରାସ କରିବାରେ ଅଗ୍ରଣୀ କାର୍ଯ୍ୟକୁ ଆଲୋକପାତ କରେ । ତାଙ୍କର ବୈଜ୍ଞାନିକ ଅବଦାନ କେବଳ ଭାରତ ନୁହେଁ, ବଙ୍ଗୋପସାଗର ଓ ଆରବ ସାଗର ଅଞ୍ଚଳରେ ଥିବା ଡବ୍ଲ୍ୟୁଏମଓ/ଇଏସସିଏପି ପ୍ୟାନେଲର ୧୩ଟି ସଦସ୍ୟ ରାଷ୍ଟ୍ରଙ୍କ ପାଇଁ ମଧ୍ୟ ଉଲ୍ଲେଖନୀୟ ଉପକାର କରିଛି ।

"ଭାରତର ସାଇକ୍ଲୋନ ମ୍ୟାନ" ଭାବେ ବ୍ୟାପକ ଭାବେ ଜଣାଶୁଣା ଡକ୍ଟର ମହାପାତ୍ର ଦୁର୍ବଳ ସମୁଦାୟ ପାଇଁ ପାଣିପାଗ ପୂର୍ବାନୁମାନକୁ ଅଧିକ ସୁଲଭ ଓ କାର୍ଯ୍ୟକାରୀ କରିବାରେ ରୂପାନ୍ତରକାରୀ ଭୂମିକା ଗ୍ରହଣ କରିଛନ୍ତି । ତାଙ୍କର ପ୍ରୟାସ ସମୟୋପଯୋଗୀ ଓ ବୈଜ୍ଞାନିକ ଆଧାରିତ ସତର୍କତା ମାଧ୍ୟମରେ ଅସଂଖ୍ୟ ଜୀବନ ରକ୍ଷା କରିବା ସହ ପ୍ରାକୃତିକ ଦୁର୍ବିପାକର ପ୍ରଭାବକୁ ହ୍ରାସ କରିଛି ।

ଡକ୍ଟର ମହାପାତ୍ରଙ୍କ ନାମରେ ଥିବା ଏକ ପ୍ରମୁଖ ନବସୃଜନ ହେଉଛି ପ୍ରଭାବ-ଆଧାରିତ ପୂର୍ବାନୁମାନ ବ୍ୟବସ୍ଥା, ଯାହା କୃଷକ, ମତ୍ସ୍ୟଜୀବୀ, ଦୁର୍ବିପାକ ପରିଚାଳକ ଏବଂ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି କ୍ଷେତ୍ର ପାଇଁ ଅନୁକୂଳିତ ସତର୍କତା ପ୍ରଦାନ କରେ—ଯାହା ଉନ୍ନତ ପ୍ରସ୍ତୁତି ଓ ପ୍ରତିକ୍ରିୟାକୁ ସୁନିଶ୍ଚିତ କରେ ।

୧୯୮୬ରେ ଦି ନିପ୍ପୋନ ଫାଉଣ୍ଡେସନର ସହାୟତାରେ ପ୍ରତିଷ୍ଠିତ ଜାତିସଂଘ ସାସାକାୱା ପୁରସ୍କାର ଦୁର୍ବିପାକ ହ୍ରାସ କ୍ଷେତ୍ରରେ ସର୍ବୋଚ୍ଚ ଆନ୍ତର୍ଜାତୀୟ ସମ୍ମାନ ଅଟେ । ଏହା ବିଶ୍ୱବ୍ୟାପୀ ଦୁର୍ବିପାକ-ସହଣଶୀଳ ସମୁଦାୟ ଗଠନରେ ଉଲ୍ଲେଖନୀୟ ଅବଦାନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରଖିଥିବା ବ୍ୟକ୍ତି ଓ ଅନୁଷ୍ଠାନମାନଙ୍କୁ ସମ୍ମାନିତ କରେ ।

କଳାହାଣ୍ଡି ଜିଲ୍ଲାର ଧର୍ମଗଡ ଉପ-ଜିଲାପାଳ ଧୀମାନ ଚକ୍ମା, ଆଇଏଏସ (୨୦୨୧ ବ୍ୟାଚ), ଜଣେ ସ୍ଥାନୀୟ କ୍ରସର ମାଲିକଙ୍କଠାରୁ ୧୦ ଲକ୍ଷ ଟଙ୍କାର ଲାଞ୍ଚ ନେବା ବେଳେ ଭିଜିଲାନ୍ସ ତାଙ୍କୁ ରେଡ୍ ହ୍ୟାଣ୍ଡେଡ୍ ଧରିଛି । ଅଭିଯୁକ୍ତ ଉପ-ଜିଲାପାଳ ମୋଟ ୨୦ ଲକ୍ଷ ଟଙ୍କାର ଲାଞ୍ଚ ଦାବି କରିଥିଲେ ଏବଂ ଏହାର ପ୍ରଥମ କିସ୍ତି ଭାବେ ୧୦ ଲକ୍ଷ ଟଙ୍କା ଗ୍ରହଣ କରୁଥିବା ବେଳେ ଧରାପଡ଼ିଛନ୍ତି । ସେ ବ୍ୟବସାୟୀଙ୍କୁ ତାଙ୍କ ବ୍ୟବସାୟ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାର ଧମକ ଦେଇଥିଲେ ।

ଘଟଣା ଅନୁଯାୟୀ, ଅଭିଯୁକ୍ତ ଉପ-ଜିଲାପାଳ ଅଭିଯୋଗକାରୀଙ୍କୁ ତାଙ୍କ ଧର୍ମଗଡ଼ସ୍ଥିତ ସରକାରୀ ବାସଭବନକୁ ଡାକି ଲାଞ୍ଚ ଟଙ୍କା ଗ୍ରହଣ କରିଥିଲେ । ସେ ନିଜ ହାତରେ ଟଙ୍କା ସବୁ ଯାଞ୍ଚ କରି ତାଙ୍କ ବାସଭବନର ଅଫିସ ଟେବୁଲ ଡ୍ରୟରରେ ରଖିଥିଲେ । ତାଙ୍କ ଉଭୟ ହାତ ଧୋଇବା ଏବଂ ଟେବୁଲ ଡ୍ରୟାର ଧୋଇବା ପରେ ରାସାୟନିକ ପରୀକ୍ଷାରେ ସକାରାତ୍ମକ ଫଳାଫଳ ମିଳିଛି ।

ଏହା ପରେ, ତାଙ୍କ ସରକାରୀ ବାସଭବନରେ ତଲାସୀ ସମୟରେ ଅତିରିକ୍ତ ୪୭ ଲକ୍ଷ ଟଙ୍କା ନଗଦ ଜବତ କରାଯାଇଛି । ତଲାସୀ କାର୍ଯ୍ୟ ଏବେ ମଧ୍ୟ ଜାରି ରହିଛି । ଏ ସମ୍ପର୍କରେ ଭିଜିଲାନ୍ସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

କଂଗ୍ରେସ ନେତା ତଥା ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ମଙ୍ଗଳବାର ଜୁନ୍ ୩ ତାରିଖରେ ଭୋପାଳରେ ଏକ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଭାରତ-ପାକିସ୍ତାନ ଅସ୍ତ୍ରବିରତି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ସରକାରଙ୍କୁ ତୀବ୍ର ଆକ୍ରମଣ କରିଛନ୍ତି । ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି ଯେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକ ଫୋନ୍ କଲ୍ ପରେ ପ୍ରଧାନମନ୍ତ୍ରୀ ମୋଦି "ଆତ୍ମସମର୍ପଣ" କରିଛନ୍ତି । ସେ ଏକ୍ସରେ ଏକ ପୋଷ୍ଟରେ କହିଛନ୍ତି, "ଟ୍ରମ୍ପଙ୍କ ଏକ ଫୋନ ଆସିଲା ଓ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନରେନ୍ଦ୍ର ତୁରନ୍ତ ଆତ୍ମସମର୍ପଣ କଲେ । ଏହା ଭାଜପା ଓ ଆରଏସଏସର ଚରିତ୍ର । ସେମାନେ ସବୁବେଳେ ଝୁଣ୍ଟି ପଡ଼ନ୍ତି । ୧୯୭୧ରେ ଆମେରିକା ଧମକ ଦେଇଥିଲା, କିନ୍ତୁ ଇନ୍ଦିରା ଗାନ୍ଧୀ ପାକିସ୍ତାନକୁ ଖଣ୍ଡ ଖଣ୍ଡ କରିଦେଇଥିଲେ ।”

ରାହୁଲ ଗାନ୍ଧୀଙ୍କ ଏହି ମନ୍ତବ୍ୟ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାବି ପରେ ଆସିଛି, ଯେଉଁଥିରେ ଟ୍ରମ୍ପ କହିଛନ୍ତି ଯେ ସେ ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ପାଇଁ ମଧ୍ୟସ୍ଥତା କରିଥିଲେ ଏବଂ ବାଣିଜ୍ୟ ବନ୍ଦ କରିବାର ଧମକ ଦେଇ ଏକ ସମ୍ଭାବ୍ୟ ପରମାଣୁ ଯୁଦ୍ଧକୁ ରୋକିଥିଲେ । କିନ୍ତୁ, ଭାରତୀୟ ସରକାର ଏହି ଦାବିକୁ ଖଣ୍ଡନ କରିଛନ୍ତି । ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି ଯେ ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ସଂପୂର୍ଣ୍ଣ ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ହାସଲ ହୋଇଥିଲା ଏବଂ ଏଥିରେ କୌଣସି ତୃତୀୟ ପକ୍ଷ କିମ୍ବା ବାଣିଜ୍ୟ ସମ୍ବନ୍ଧୀୟ ଚାପର ଭୂମିକା ନଥିଲା ।

ରାହୁଲ ଗାନ୍ଧୀ ତାଙ୍କ ଭାଷଣରେ ଭାଜପା ଓ ଆରଏସଏସଙ୍କୁ “ଦୁର୍ବଳ” ଓ “ଡରୁଆ” ବୋଲି ଅଭିଯୋଗ କରି କହିଛନ୍ତି ଯେ କଂଗ୍ରେସ କେବେ ବି ବାହାରୁ ଆସୁଥିବା ଚାପ ଆଗରେ ମୁଣ୍ଡ ନୁଆଁଇ ନାହିଁ । ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୧୯୭୧ ମସିହାରେ ପାକିସ୍ତାନ ବିରୁଦ୍ଧରେ ନେଇଥିବା ନିର୍ଣ୍ଣାୟକ ପଦକ୍ଷେପକୁ ଉଦାହରଣ ଦେଇ କହିଛନ୍ତି ଯେ ସେତେବେଳେ ଆମେରିକାର ଧମକ ସତ୍ତ୍ୱେ ଇନ୍ଦିରା ଗାନ୍ଧୀ ପାକିସ୍ତାନକୁ ଦ୍ୱିଖଣ୍ଡିତ କରି ବାଂଲାଦେଶ ସୃଷ୍ଟି କରିଥିଲେ ।

ଏହି ପ୍ରସଙ୍ଗରେ କଂଗ୍ରେସ ନେତା ଜୟରାମ ରମେଶ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଟାର୍ଗେଟ କରି କହିଛନ୍ତି ଯେ ଟ୍ରମ୍ପଙ୍କ ବାରମ୍ବାର ଦାବି ଭାରତ ଓ ପାକିସ୍ତାନକୁ ଏକ ସମାନ ସ୍ତରରେ ରଖୁଛି, ଯାହା ଭାରତର “ଡି-ହାଇଫେନେସନ” ନୀତିର ବିରୋଧୀ । ସେ ଏକ୍ସରେ ଲେଖିଛନ୍ତି, “ଟ୍ରମ୍ପ ୨୦ ଦିନ ମଧ୍ୟରେ ୯ ଥର ଏହି ଦାବି କରିଛନ୍ତି, ଯାହା ଭାରତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଓ ପାକିସ୍ତାନକୁ ଏକାଠି ଜଡ଼ିତ କରୁଛି ।”

ଅନ୍ୟପକ୍ଷରେ, ଭାଜପା ରାହୁଲ ଗାନ୍ଧୀଙ୍କ ଏହି ମନ୍ତବ୍ୟକୁ ପ୍ରତିଆକ୍ରମଣ କରି ଅଭିଯୋଗ କରିଛି ଯେ ରାହୁଲ ପାକିସ୍ତାନର ଭାଷା କହୁଛନ୍ତି । ଭାଜପାର ଆଇଟି ବିଭାଗ ମୁଖ୍ୟ ଅମିତ ମାଲଭ୍ୟ ଏକ୍ସରେ ଏକ ପୋଷ୍ଟରେ ରାହୁଲଙ୍କୁ ପାକିସ୍ତାନ ସେନା ମୁଖ୍ୟ ଆସିମ ମୁନୀର ସହ ଯୋଡ଼ି କହିଛନ୍ତି, “ରାହୁଲ ଅପରେସନ ସିନ୍ଦୁରର ସଫଳତା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇ ନାହାଁନ୍ତି, ବରଂ ଭାରତ କେତେ ଜେଟ ହରାଇଛି ତାହା ବାରମ୍ବାର ପଚାରୁଛନ୍ତି ।”

ଏହି ବିବାଦ ପହଲଗାମ ଆତଙ୍କବାଦୀ ହମଲା ଏବଂ ଅପରେସନ ସିନ୍ଦୁର ପରେ ଭାରତ-ପାକିସ୍ତାନ ମଧ୍ୟରେ ହୋଇଥିବା ଚାରି ଦିନିଆ ସାଂଘାତିକ ସୀମାନ୍ତ ସଂଘର୍ଷ ପରେ ଅସ୍ତ୍ରବିରତି ଘୋଷଣାକୁ କେନ୍ଦ୍ର କରି ଉଭୟ ଦଳ ମଧ୍ୟରେ ରାଜନୈତିକ ବାକ୍‌ଯୁଦ୍ଧ ତୀବ୍ର ହୋଇଛି । କଂଗ୍ରେସ ଏହି ପ୍ରସଙ୍ଗରେ ସଂସଦରେ ଏକ ସ୍ୱତନ୍ତ୍ର ଅଧିବେଶନ ଡକାଇବାକୁ ଦାବି କରିଛି, ଯେଉଁଥିରେ ପାହାଡ଼ଗାଁ ହମଲା, ଅପରେସନ ସିନ୍ଦୁର ଏବଂ ଅସ୍ତ୍ରବିରତି ଉପରେ ଆଲୋଚନା ହେବ ।

ପାକିସ୍ତାନର ବାୟୁସେନା ସାମର୍ଥ୍ୟକୁ ଏକ ବଡ଼ ଆଘାତ ଦେଇ ଭାରତୀୟ ବାୟୁସେନା ଗତ ମାସରେ ହୋଇଥିବା ୪ ଦିନିଆ ସଂଘର୍ଷରେ ୬ଟି ଯୁଦ୍ଧ ବିମାନ, ୨ଟି ଉଚ୍ଚ ମୂଲ୍ୟର ନିରୀକ୍ଷଣ ବିମାନ, ୧ଟି ସି-୧୩୦ ପରିବହନ ବିମାନ, ୩୦ରୁ ଅଧିକ ମିସାଇଲ ଏବଂ ଅନେକ ଡ୍ରୋନ ଧ୍ୱଂସ କରିଛି ବୋଲି ଅପରେସନ ସହ ଜଡ଼ିତ ଉଚ୍ଚ ସ୍ତରୀୟ ସୂତ୍ରରୁ ଜଣାପଡ଼ିଛି ।

ଅପରେସନ ଡାଟାର ବୈଷୟିକ ବିଶ୍ଳେଷଣ ଅନୁଯାୟୀ ପାକିସ୍ତାନ ବାୟୁସେନାର ୬ଟି ଯୁଦ୍ଧ ବିମାନ ବାୟୁ ଯୁଦ୍ଧ ସମୟରେ ଧ୍ୱଂସ ହୋଇଛି । ଏକ ଉଚ୍ଚ ମୂଲ୍ୟର ପ୍ଲାଟଫର୍ମ—ଯାହା ଇଲେକ୍ଟ୍ରୋନିକ ୱାରଫେୟାର କିମ୍ବା ଏୟାରବର୍ଣ୍ଣ ଆର୍ଲି ୱାର୍ନିଂ ଆଣ୍ଡ କଣ୍ଟ୍ରୋଲ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏୟାରକ୍ରାଫ୍ଟ ହୋଇପାରେ ବୋଲି ଅନୁମାନ କରାଯାଉଛି, ସୁଦର୍ଶନ ମିସାଇଲ ସିଷ୍ଟମ ବ୍ୟବହାର କରି ପ୍ରାୟ ୩୦୦ କିଲୋମିଟର ଦୂରତାରୁ ଏକ ଦୀର୍ଘ-ଦୂରତା ନିର୍ଭୁଲ ଆକ୍ରମଣ ମାଧ୍ୟମରେ ଏସବୁକୁ ଧ୍ୱଂସ କରାଯାଇଛି ।

ସୂତ୍ର ଅନୁଯାୟୀ, ସ୍ୱିଡେନ ମୂଳର ଆଉ ଏକ ଏୟାରବର୍ଣ୍ଣ ଆର୍ଲି ୱାର୍ନିଂ ଏୟାରକ୍ରାଫ୍ଟ ଭୋଲାରୀ ଏୟାରବେସରେ ଏୟାର-ଟୁ-ସର୍ଫେସ କ୍ରୁଜ ମିସାଇଲ ବ୍ୟବହାର କରି ଆକ୍ରମଣ ମାଧ୍ୟମରେ ଧ୍ୱଂସ କରାଯାଇଛି । ଗୋଇନ୍ଦା ସୂଚନା ଅନୁଯାୟୀ, ସେହି ସମୟରେ ହ୍ୟାଙ୍ଗାର ଭିତରେ ଯୁଦ୍ଧ ବିମାନ ମଧ୍ୟ ଉପସ୍ଥିତ ଥିଲା, କିନ୍ତୁ ପାକିସ୍ତାନ ଏପର୍ଯ୍ୟନ୍ତ ଆକ୍ରମଣ ହୋଇଥିବା ସ୍ଥାନରୁ ଧ୍ୱଂସାବଶେଷ ହଟାଇ ନଥିବାରୁ ଏହି କ୍ଷତିକୁ ହିସାବ କରାଯାଇ ନାହିଁ ବୋଲି ସୂତ୍ର କହିଛି ।

ଭାରତୀୟ ବାୟୁସେନାର ରାଡାର ଏବଂ ମିସାଇଲ ପ୍ରତିରକ୍ଷା ବ୍ୟବସ୍ଥା ପାକିସ୍ତାନୀ ଯୁଦ୍ଧ ବିମାନଗୁଡ଼ିକ ଆକ୍ରମଣ ପରେ ରାଡାରରୁ ଅଦୃଶ୍ୟ ହେବାର ଦୃଶ୍ୟ ପ୍ରମାଣ ରେକର୍ଡ କରିଛି । ଏହା ସହିତ, ପାକିସ୍ତାନ ବାୟୁସେନାର ଏକ ସି-୧୩୦ ପରିବହନ ବିମାନ ପାକିସ୍ତାନର ପଞ୍ଜାବ ଅଞ୍ଚଳରେ ଭାରତୀୟ ଡ୍ରୋନ ଆକ୍ରମଣ ମାଧ୍ୟମରେ ଧ୍ୱଂସ ହୋଇଛି ।

ଭାରତୀୟ ବାହିନୀ ମୁଖ୍ୟତଃ ଏୟାର-ଲଞ୍ଚଡ କ୍ରୁଜ ମିସାଇଲ ଉପରେ ନିର୍ଭର କରି ପାକିସ୍ତାନୀ ବେସଗୁଡ଼ିକୁ ଆକ୍ରମଣ କରିଥିଲା ଏବଂ ଏହି ଅପରେସନରେ ସର୍ଫେସ-ଲଞ୍ଚଡ ବ୍ରହ୍ମୋସ ମିସାଇଲ ବ୍ୟବହାର କରାଯାଇ ନଥିଲା ବୋଲି ସୂତ୍ର ସ୍ପଷ୍ଟ କରିଛି ।

ରାଫେଲ ଏବଂ ସୁ-୩୦ ଯୁଦ୍ଧ ବିମାନ ଦ୍ୱାରା ଏକ ହ୍ୟାଙ୍ଗାର ଉପରେ ସଂଯୁକ୍ତ ଆକ୍ରମଣରେ ଚୀନ ମୂଳର ଅନେକ ଉଇଙ୍ଗ ଲୁଙ୍ଗ ଡ୍ରୋନ—ମଧ୍ୟମ ଉଚ୍ଚତା ଓ ଦୀର୍ଘ ସମୟ ଧରି ଉଡ଼ାଣ କରିପାରୁଥିବା ଅଣମାନବ ବିମାନ—ଧ୍ୱଂସ ହୋଇଛି ବୋଲି ସୂତ୍ର ଜଣାଇଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହା ସହିତ, ସଂଘର୍ଷ ସମୟରେ ଭାରତୀୟ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଦ୍ୱାରା ୧୦ରୁ ଅଧିକ ଚାଳକବିହୀନ ଯୁଦ୍ଧ ବିମାନ (UCAV) ମଧ୍ୟ ନଷ୍ଟ କରାଯାଇଛି । ଭାରତୀୟ ବାୟୁସେନା ପାକିସ୍ତାନ ଦ୍ୱାରା ଏୟାର ଓ ଗ୍ରାଉଣ୍ଡ-ଲଞ୍ଚଡ କ୍ରୁଜ ଏବଂ ବାଲିଷ୍ଟିକ ମିସାଇଲଗୁଡ଼ିକୁ ମଧ୍ୟ ଅନେକ ଭାରତୀୟ ଏୟାରବେସରେ ଆକ୍ରମଣ ସମୟରେ ଅଟକାଇଛି ।

ସୂତ୍ର ଅନୁଯାୟୀ, ଭାରତୀୟ ବାୟୁସେନା ଏବେ ବି ଅପରେସନ ସମୟରେ ସଂଗ୍ରହ ହୋଇଥିବା ବିପୁଳ ପରିମାଣର ଡାଟାର ବିଶ୍ଳେଷଣ କରୁଛି ।

ଅପରେଶନ ସିନ୍ଦୂରରେ ଭାରତ ଅନିର୍ଦ୍ଦିଷ୍ଟ ସଂଖ୍ୟକ ଯୁଦ୍ଧବିମାନ ହରାଇଥିବା ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନ ଶନିବାର ସ୍ୱୀକାର କରିଛନ୍ତି । ତେବେ ଭାରତର ୬ଟି ଯୁଦ୍ଧବିମାନକୁ ଖସାଇଥିବା ନେଇ ପାକିସ୍ତାନର ଦାବି ସମ୍ପୂର୍ଣ୍ଣ ଭୁଲ୍ ବୋଲି ସେ କହିଛନ୍ତି । ବ୍ଲୁମ୍‌ବର୍ଗ ଟିଭିକୁ ସାକ୍ଷାତ୍‌କାର ଦେଇ ଚୌହାନ କହିଛନ୍ତି, କେତେ ବିମାନ ହରାଇଲୁ ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ କାହିଁକି ଆମେ ଯୁଦ୍ଧବିମାନ ହରାଇଲୁ, ତାହା ଜାଣିବା ଗୁରୁତ୍ୱପୂର୍ଣ୍ଣ । ଫଳରେ ଭାରତୀୟ ସେନା ଏହାର ରଣକୌଶଳକୁ ଉନ୍ନତ କରିପାରିବା ସହ ପୁନର୍ବାର ଉପଯୁକ୍ତ ଜବାବ ଦେଇପାରିବ । ତେବେ ଭଲ କଥା ହେଲା, ଆମେ କରିଥିବା କୌଶଳଗତ ଭୁଲ୍‌କୁ ବୁଝିବାରେ ସକ୍ଷମ ହୋଇଥିଲୁ ଏବଂ ଏଥିରେ ସଂଶୋଧନ କରି ୨ ଦିନ ପରେ ପୁନର୍ବାର ପ୍ରୟୋଗ କରିଥିଲୁ । ଦୀର୍ଘ ଦୂରତାକୁ ଟାର୍ଗେଟକରି ଆମେ ପୁଣିଥରେ ଆମ ଜେଟ୍‌ଗୁଡ଼ିକୁ ଉଡ଼ାଇଥିଲୁ ବୋଲି ସିଡିଏସ୍ କହିଛନ୍ତି । ସୂଚନାଯୋଗ୍ୟ, କ୍ଷୟକ୍ଷତି ଯୁଦ୍ଧର ଅଂଶବିଶେଷ ବୋଲି ପୂର୍ବରୁ ବାୟୁସେନାର ଡାରେକ୍ଟର ଜେନେରାଲ ଅଫ୍ ଏୟାର ଅପରେଶନ ଏୟାର ମାର୍ଶାଲ ଏ.କେ. ଭାରତୀ ସ୍ୱୀକାର କରିବା ସହ ସବୁ ବାୟୁସେନା ପାଇଲଟ ସୁରକ୍ଷିତ ଫେରିଥିବା କହିଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାରତର ଅପରେଶନ ସିନ୍ଦୂର୍ ବିଷୟରେ ଚିଫ ଅଫ ଡିଫେନ୍ସ ଷ୍ଟାଫ (ସିଡିଏସ) ଅନିଲ ଚୌହାନ ଏକ ବଡ଼ ଖୁଲାସା କରିଛନ୍ତି । ସେ କହିଛନ୍ତ, ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ନଷ୍ଟ କରିବାର ପାଞ୍ଚ ମିନିଟ ପରେ ପାକିସ୍ତାନକୁ ସୂଚନା ଦିଆଯାଇଥିଲା । ଆକ୍ରମଣ ପରେ ଭାରତ ମଧ୍ୟ ପାକିସ୍ତାନକୁ ଫୋନ କରି କହିଥିଲା, ଯଦି ଏହା ପୁଣି ଆକ୍ରମଣ କରେ, ତେବେ ପରବର୍ତ୍ତୀ ସମୟରେ ଅଧିକ କଡ଼ା ଜବାବ ଦିଆଯିବ ।

ସିଡିଏସ ଚୌହାନ ସମ୍ପ୍ରତି ସାବିତ୍ରୀବାଇ ଫୁଲେ ପୁଣେ ବିଶ୍ୱବିଦ୍ୟାଳୟର 'ଭବିଷ୍ୟତ ଯୁଦ୍ଧ ଏବଂ ଯୁଦ୍ଧ' କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏହି ସମୟରେ ସେ କହିଛନ୍ତି, ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ନଷ୍ଟ କରିବାର ପାଞ୍ଚ ମିନିଟ ପରେ ଡିଜିଏମଓ ପାକିସ୍ତାନୀ ପକ୍ଷକୁ ସୂଚନା ଦେଇଥିଲେ । ଆମେ ପାକିସ୍ତାନୀ ଜେନେରାଲଙ୍କୁ ମଧ୍ୟ କହିଥିଲୁ ଯେ ଯଦି ସେମାନେ ଆକ୍ରମଣ କରନ୍ତି, ତେବେ ଆମେ ଏଥର ଅଧିକ କଡ଼ା ଜବାବ ଦେବୁ । ଆମ ପାଖରେ ପାକିସ୍ତାନ ଅପେକ୍ଷା ଅଧିକ ଘାତକ ଅସ୍ତ୍ର ଅଛି । ଭାରତର ଲକ୍ଷ୍ୟ କେବଳ ଆତଙ୍କବାଦୀମାନଙ୍କୁ ନିପାତ କରିବା ।

ପହଲଗାମରେ ଆତଙ୍କବାଦୀ ଆକ୍ରମଣ ବିଷୟରେ ସିଡିଏସ ଚୌହାନ କହିଛନ୍ତି, ପହଲଗାମରେ ଯାହା ଘଟିଥିଲା ତାହା ଅତ୍ୟନ୍ତ ନିଷ୍ଠୁରତା ଥିଲା । ଆକ୍ରମଣରେ ନିହତ ଲୋକଙ୍କ ପରିବାର ଏବଂ ପିଲାମାନଙ୍କ ସାମ୍ନାରେ ଧର୍ମ ନାମରେ ଗୁଳି କରାଯାଇଥିଲା । ଏହା କୌଣସି ପ୍ରକାରେ ଗ୍ରହଣୀୟ ନୁହେଁ । ଏହା ସମାଜରେ ଘୃଣା ସୃଷ୍ଟି କରିଥିଲା । ଏହା ଭାରତରେ ପ୍ରଥମ ଆତଙ୍କବାଦୀ ଘଟଣା ନଥିଲା । ଏହା ପୂର୍ବରୁ ଦେଶ ଅନେକ ଆତଙ୍କବାଦୀ ଆକ୍ରମଣ ଦେଖିଛି । ଭାରତ ସର୍ବାଧିକ ଆତଙ୍କବାଦୀ ଘଟଣାର ଶିକାର ହୋଇଛି ଏବଂ ଏହା ଯୋଗୁ ପ୍ରାୟ ୨୦,୦୦୦ ଲୋକଙ୍କ ମୃତ୍ୟୁ ହୋଇଛି ।

ପୁଣେ ଆଇନ ବିଶ୍ୱବିଦ୍ୟାଳୟର ୨୨ ବର୍ଷୀୟା ଛାତ୍ରୀ ତଥା ସୋସିଆଲ ମିଡିଆ ଇନ୍ଫ୍ଲୁଏନ୍ସର ଶର୍ମିଷ୍ଠା ପନୋଲିଙ୍କୁ ଗତ ଶୁକ୍ରବାର କୋଲକାତା ପୋଲିସ ଗୁରୁଗ୍ରାମରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗିରଫ କରିଥିଲା । ଭାରତର ଅପରେଶନ ସିନ୍ଦୂରକୁ ନେଇ ବଲିଉଡ୍‌ର ଏକ ନିର୍ଦ୍ଦିଷ୍ଟ ଧର୍ମର ଅଭିନେତାମାନେ ଚୁପ୍ ରହିଛନ୍ତି ବୋଲି ସେ ଏକ ଭିଡିଓ ପୋଷ୍ଟ କରିଥିଲେ । ଏହି ପୋଷ୍ଟରେ ମୁସଲମାନ ଧର୍ମ ବିଷୟରେ ସେ ଆକ୍ଷେପମୂଳକ ଶବ୍ଦ ବ୍ୟବହାର କରିଥିଲେ । ସୋସିଆଲ ମିଡିଆରେ ଏହି ଭିଡିଓ ଭାଇରାଲ ହେବାରେ ଲାଗିଥିଲା ଏବଂ ଏକ ନିର୍ଦ୍ଦିଷ୍ଟ ଧର୍ମକୁ ଟାର୍ଗେଟ କରି ଅପମାନଜନକ ମନ୍ତବ୍ୟ ଦେଇଥିବାରୁ ଅନେକ ୟୁଜର୍ସ ଶର୍ମିଷ୍ଠାଙ୍କୁ ସମାଲୋଚନା କରି ତାଙ୍କ ମନ୍ତବ୍ୟକୁ ତୀବ୍ର ନିନ୍ଦା କରିଥିଲେ । ଏହାପରେ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ହ୍ୟାଶ୍‌ଟ୍ୟାଗ୍ ଆରେଷ୍ଟ ଶର୍ମିଷ୍ଠା ଟ୍ରେଣ୍ଡ ଆରମ୍ଭ ହୋଇଥିଲା । ସମାଲୋଚନାର ଶିକାର ହେବା ପରେ ଶର୍ମିଷ୍ଠା ନିଜ ଭିଡିଓକୁ ଡିଲିଟ୍ କରିଦେଇଥିଲେ ଏବଂ ଆଉ ଏକ ପୋଷ୍ଟକରି ନିଜ ଅନୁଗାମୀଙ୍କୁ କ୍ଷମା ମାଗିଥିଲେ । ଶର୍ମିଷ୍ଠାଙ୍କ ଭିଡିଓ ଇସ୍‌ଲାମ ଧର୍ମର ଲୋକଙ୍କ ଧର୍ମୀୟ ଭାବାବେଗକୁ ଆଘାତ ପହଞ୍ଚାଇଥିବା ଦର୍ଶାଇ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା । ଗିରଫ ପରେ ଆସନ୍ତା ଜୁନ୍ ୧୩ ପର୍ଯ୍ୟନ୍ତ କୋର୍ଟ ଶର୍ମିଷ୍ଠାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇଛନ୍ତି । ଶନିବାର କୋର୍ଟରୁ ବାହାରିବା ସମୟରେ ଶର୍ମିଷ୍ଠା କହିଥିଲେ, ତାଙ୍କୁ ଯେଉଁଭଳି ଭାବେ ଉତ୍ପୀଡ଼ନ କରାଯାଉଛି ତାହା ଅସହ୍ୟ । ଗଣତାନ୍ତ୍ରିକ ରାଷ୍ଟ୍ରରେ ଏପରି ଅତ୍ୟାଚାର ତାଙ୍କୁ ଆଶ୍ଚର୍ଯ୍ୟ କରିଛି ।

ଭାଜପା ଏମ୍‌ପି ତଥା ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ ଶର୍ମିଷ୍ଠାଙ୍କ ସମର୍ଥନରେ ବାହାରିଛନ୍ତି । ସେ କହିଛନ୍ତି, ଶର୍ମିଷ୍ଠା ନିଜ ମତବ୍ୟକ୍ତ କରୁଥିବା ସମୟରେ କିଛି ଅପ୍ରିୟ ଶବ୍ଦର ବ୍ୟବହାର କରିଥିଲେ, ଯାହା ଭୁଲ୍ ଥିଲା । ସମ୍ପ୍ରତି ଯୁବପିଢ଼ି ଏପରି ଶବ୍ଦର ବ୍ୟବହାର ବହୁବାର କରିଥାନ୍ତି । ଶର୍ମିଷ୍ଠା ନିଜ ମନ୍ତବ୍ୟ ପାଇଁ କ୍ଷମା ମାଗିଛନ୍ତି । ତାହା ଯଥେଷ୍ଟ । ତାଙ୍କୁ ଗିରଫ କରି ଅଧିକ ହଇରାଣ କରିବା ଉଚିତ ନୁହେଁ । ସାଧାରଣ ଲୋକଙ୍କୁ ଏପରି ଅତ୍ୟାଚାର କରି ପଶ୍ଚିମବଙ୍ଗ ସରକାର ରାଜ୍ୟକୁ ଉତ୍ତର କୋରିଆ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରିଣତ ନ କରନ୍ତୁ ବୋଲି କଙ୍ଗନା କହିଛନ୍ତି । ସେହିପରି ଏହି ଘଟଣାକୁ ନେଇ ଆନ୍ଧ୍ର ପ୍ରଦେଶ ଉପମୁଖ୍ୟମନ୍ତ୍ରୀ ପଓ୍ୱନ କଲ୍ୟାଣ ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସରକାରଙ୍କୁ ସମାଲୋଚନା କରିଛନ୍ତି । ନେଦରଲାଣ୍ଡର ପାର୍ଲାମେଣ୍ଟ ସଦସ୍ୟ ଗିର୍ଟ ଓ୍ୱାଇଲ୍ଡର୍ସ ମଧ୍ୟ ଶର୍ମିଷ୍ଠାଙ୍କ ସମର୍ଥନରେ ବାହାରିଛନ୍ତି । ତାଙ୍କ ଗିରଫଦାରିକୁ ସେ ବାକ୍ ସ୍ୱାଧୀନତାର ଉଲ୍ଲଂଘନ ବୋଲି କହିଛନ୍ତି । ଶର୍ମିଷ୍ଠାଙ୍କୁ ମୁକ୍ତ କରାଯାଉ ବୋଲି ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅନୁରୋଧ କରିଛନ୍ତି । ଇନ୍‌ଷ୍ଟାଗ୍ରାମରେ ଶର୍ମିଷ୍ଠାଙ୍କର ୧ ଲକ୍ଷ ୭୫ ହଜାର ଫଲୋଅର୍ସ ରହିଛନ୍ତି ।

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ରେପୋ ରେଟ୍‌କୁ ୫୦ ବେସିସ ପଏଣ୍ଟ ହ୍ରାସ କରିଛି । ଏହି ନିଷ୍ପତ୍ତି ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱି-ମାସିକ ମୁଦ୍ରା ନୀତି କମିଟି (ଏମପିସି) ବୈଠକରେ ସର୍ବସମ୍ମତି କ୍ରମେ ନିଆଯାଇଛି । ଏହି ହ୍ରାସ ପରେ ରେପୋ ରେଟ୍ ଏବେ ପୂର୍ବର ୬.୫ରୁ ୬.୦କୁ ଖସି ଆସିଛି, ଯାହା ବ୍ୟାଙ୍କଗୁଡ଼ିକୁ ଅଧିକ ଶସ୍ତାରେ ଋଣ ପ୍ରଦାନ କରିବା ପାଇଁ ସୁଯୋଗ ଦେବ ।

ଆରବିଆଇ କହିଛି ଯେ, ଏହି ହ୍ରାସ ଅର୍ଥନୀତିରେ ଚାହିଦା ବଢ଼ାଇବା ଏବଂ ଆର୍ଥିକ ପ୍ରବୃଦ୍ଧିକୁ ଉତ୍ସାହିତ କରିବା ପାଇଁ କରାଯାଇଛି । ସାମ୍ପ୍ରତିକ ଅର୍ଥନୈତିକ ତଥ୍ୟ ଅନୁସାରେ, ଭାରତର ଅର୍ଥନୀତି ମନ୍ଥର ଗତିରେ ଆଗେଇଛି, ଯେଉଁଥିରେ ବିନିଯୋଗ ଓ ଗ୍ରାହକ ଖର୍ଚ୍ଚରେ ହ୍ରାସ ଦେଖାଯାଇଛି । ଏହା ସହିତ, ମୁଦ୍ରାସ୍ଫୀତି ହାର ୪% ମଧ୍ୟରେ ରହିଥିବାରୁ ଆରବିଆଇକୁ ରେପୋ ରେଟ୍ ହ୍ରାସ କରିବା ପାଇଁ ସୁଯୋଗ ମିଳିଛି । ଗଭର୍ଣ୍ଣର ମଲହୋତ୍ରା କହିଛନ୍ତି, ଅର୍ଥନୀତିକୁ ପୁନର୍ଜନନ ଦେବା ଏବଂ କର୍ମସଂସ୍ଥାନ ସୃଷ୍ଟି ପାଇଁ ଏହା ଏକ ଆବଶ୍ୟକ ପଦକ୍ଷେପ ।

ଏହି ରେପୋ ରେଟ୍ ହ୍ରାସ ବ୍ୟାଙ୍କଗୁଡ଼ିକୁ ଆରବିଆଇଠାରୁ ଶସ୍ତା ଋଣ ପାଇବାରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସାହାଯ୍ୟ କରିବ, ଯାହା ଗ୍ରାହକଙ୍କ ପାଇଁ ଗୃହ ଋଣ, ଗାଡ଼ି ଋଣ ଏବଂ ବ୍ୟକ୍ତିଗତ ଋଣର ସୁଧ ହାରକୁ ହ୍ରାସ କରିପାରେ । ଏହା ବ୍ୟବସାୟୀମାନଙ୍କ ପାଇଁ ମଧ୍ୟ ଅଧିକ ଶସ୍ତା ଋଣ ଉପଲବ୍ଧ କରାଇବ, ଯାହା ବିନିଯୋଗ ଓ ଉତ୍ପାଦନକୁ ଉତ୍ସାହିତ କରିପାରେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜମ୍ମୁ-କଶ୍ମୀରର ରେଆସି ଜିଲା ଅନ୍ତର୍ଗତ ଚେନାବ ନଦୀ ଉପରେ ନିର୍ମିତ ବିଶ୍ୱର ସର୍ବୋଚ୍ଚ ରେଲୱେ ବ୍ରିଜ୍‌କୁ ଗତ ୬ ତାରିଖ ଦିନ ଉଦ୍‌ଘାଟନ କରିଛନ୍ତି । ବ୍ରିଜ୍ ଉଦଘାଟନ ପରେ ପ୍ରଧାନମନ୍ତ୍ରୀ ମୋଦି ତ୍ରିରଙ୍ଗା ଉଡ଼ାଉଥିବାର ଦେଖାଯାଇଥିଲା । ପ୍ରଧାନମନ୍ତ୍ରୀ ଚେନାବ ବ୍ରିଜ୍‌ରୁ ତ୍ରିରଙ୍ଗା ଉଡ଼ାଇ ଚାଇନା ଏବଂ ପାକିସ୍ତାନକୁ ଏକ କଡ଼ା ବାର୍ତ୍ତା ଦେଇଥିଲେ । ଏହି ସେତୁ ଖୋଲିବା ସହିତ କଶ୍ମୀର ଯାଉଥିବା ଲୋକଙ୍କ ପାଇଁ ଟ୍ରେନ ଯାତ୍ରା ସହଜ ହେବ । ବ୍ରିଜ୍ ଉଦଘାଟନ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ଚେନାବ ରେଳ ବ୍ରିଜ୍ ମଧ୍ୟ ଯାଞ୍ଚ କରିଥିଲେ । ଏହା ପୂର୍ବରୁ ସେ ବ୍ରିଜ୍ ପାଇଁ କାମ କରୁଥିବା ଶ୍ରମିକମାନଙ୍କୁ ଭେଟିଥିଲେ । ଏହି ସମୟରେ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଧ୍ୟ ଉପସ୍ଥିତ ଥିଲେ । ପ୍ରଧାନମନ୍ତ୍ରୀ ମୋଦିଙ୍କ ଗସ୍ତ ପାଇଁ କଶ୍ମୀରରେ ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି ।

ଏଥିସହିତ ପ୍ରଧାନମନ୍ତ୍ରୀ କାଟ୍ରା-ଶ୍ରୀନଗର ବନ୍ଦେ ଭାରତ ଟ୍ରେନ୍ ସେବାର ଶୁଭାରମ୍ଭ କରିଥିଲେ । କାଟ୍ରାରୁ ସଙ୍ଗଲଡାନ୍ ରେଳ ସେକ୍ସନ୍ ଅନ୍ତର୍ଗତ ଚେନାବ ରେଲୱେ ବ୍ରିଜ୍ ବିଶ୍ୱର ସର୍ବୋଚ୍ଚ ବର୍ତ୍ତୁଳାକାର ବ୍ରିଜ୍ ଯାହା ପ୍ରଥମ ଥର ପାଇଁ କଶ୍ମୀର ଉପତ୍ୟକାକୁ ଭାରତର ଅବଶିଷ୍ଟ ଭାଗ ସହ ରେଳ ସଂଯୋଗ କରାଇବ । ଚେନାବ ନଦୀର ୩୫୯ ମିଟର ଉଚ୍ଚରେ ନିର୍ମିତ ଏହି ବ୍ରିଜ୍ ଇଫେଲ ଟାୱାରଠାରୁ ମଧ୍ୟ ଅଧିକ ଉଚ୍ଚ । ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଗୁରୁବାର ଉକ୍ତ ବ୍ରିଜ୍ ପରିଦର୍ଶନ କରି ଚୂଡ଼ାନ୍ତ ପ୍ରସ୍ତୁତି ଅନୁଧ୍ୟାନ କରିଛନ୍ତି । ସେ ଉକ୍ତ ବ୍ରିଜ୍ ସମେତ ଉଦ୍‌ଘାଟନ ହେବାକୁ ଥିବା ଅଞ୍ଜି ବ୍ରିଜ୍‌ର ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଛନ୍ତି । ଏହା ଦେଶର ପ୍ରଥମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେବୁଲ-ଷ୍ଟେ ରେଳ ବ୍ରିଜ୍ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଟରା ରେଳ ଷ୍ଟେଶନରୁ ଶ୍ରୀନଗରକୁ 'ବନ୍ଦେ ଭାରତ' ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି ପ୍ରକାରେ, ବର୍ତ୍ତମାନ କନ୍ୟାକୁମାରୀ ରେଳ ଦ୍ୱାରା କଶ୍ମୀର ସହିତ ସଂଯୋଗ ହୋଇଛି ।

ଚେନାବ ସେତୁ ହେଉଛି ଇସ୍ପାତ ଏବଂ କଂକ୍ରିଟରେ ନିର୍ମିତ ଏକ ତୋରଣ ସେତୁ । ଏହା ରିଆସି ଜିଲାର ବକ୍କାଲ ଏବଂ କୌରୀ ଗ୍ରାମକୁ ସଂଯୋଗ କରେ । କଶ୍ମୀରକୁ ରେଳ ସଂଯୋଗୀକରଣରେ ଏହାର ପ୍ରମୁଖ ଅବଦାନ ଅଛି । ବିଶେଷ କଥା ହେଉଛି ଏହି ସେତୁ କୁତୁବ ମୀନାର ଅପେକ୍ଷା ପାଞ୍ଚ ଗୁଣ ଉଚ୍ଚ । ଏହା ସହିତ, ଏହା ପ୍ୟାରିସର ଆଇଫେଲ ଟାୱାରଠାରୁ ୩୫ ମିଟର ଉଚ୍ଚ ।

ଚେନାବ ସେତୁ ପରେ, ପ୍ରଧାନମନ୍ତ୍ରୀ ମୋଦି ଭାରତର ପ୍ରଥମ କେବୁଲ-ଷ୍ଟେଡ ଅଞ୍ଜି ସେତୁର ମଧ୍ୟ ଉଦଘାଟନ କରିଥିଲେ । ଉଧମପୁର-ଶ୍ରୀନଗର-ବାରାମୁଲ୍ଲା ରେଳ ଲିଙ୍କ (USBRL) ପ୍ରକଳ୍ପ ଅଧୀନରେ କଶ୍ମୀରକୁ ରେଳ ଆଣିବାର ସ୍ୱପ୍ନ ପୂରଣ ହୋଇଛି । ଏହା ପ୍ରକଳ୍ପର ଶେଷ ପର୍ଯ୍ୟାୟ ଥିଲା, ଯାହାକୁ ପୂରଣ ହେବାକୁ ୭୦ ବର୍ଷ ଲାଗିଥିଲା ।

କଶ୍ମୀରକୁ ରେଳର ସ୍ୱପ୍ନ ଦଶନ୍ଧିର ନୁହେଁ । ପ୍ରକୃତରେ, ଏହା ଏକ ଶତାବ୍ଦୀରୁ ଅଧିକ ପୁରୁଣା । ମହାରାଜା ହରି ସିଂହଙ୍କ ନାତି ଏବଂ ପୂର୍ବତନ ସଦର-ଏ-ରିଆସତ କରଣ ସିଂହଙ୍କ ପୁଅ ବିକ୍ରମାଦିତ୍ୟ ସିଂହଙ୍କ ଅନୁସାରେ, ସେ ଗର୍ବିତ ଯେ ୧୩୦ ବର୍ଷ ପୂର୍ବେ ଡୋଗ୍ରା ଶାସକଙ୍କ ଯୋଜନା ଶେଷରେ ସତ ହୋଇଛି । ଏହା ଏକ ପ୍ରକଳ୍ପ ଥିଲା ଯାହା ଏକ ଶତାବ୍ଦୀରୁ ଅଧିକ ସମୟ ଧରି ଅସମ୍ପୂର୍ଣ୍ଣ ରହିଥିଲା । କିନ୍ତୁ ଏବେ କଶ୍ମୀରକୁ ଟ୍ରେନର ସ୍ୱପ୍ନ ପୂରଣ ହୋଇଛି ।

ଜମ୍ମୁ କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଚେନାବ ବ୍ରିଜ୍‌ର ଉଦଘାଟନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ଆମର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରଧାନମନ୍ତ୍ରୀ ଯାହା କରିଛନ୍ତି, ତାହା ବ୍ରିଟିଶମାନେ ମଧ୍ୟ କରିପାରି ନଥିଲେ । ଚେନାବ ବ୍ରିଜ୍ ପ୍ରକଳ୍ପର ସମାପ୍ତି ଦେଖିବା ସମସ୍ତଙ୍କର ସ୍ୱପ୍ନ ଥିଲା, ଯାହାକୁ ପ୍ରଧାନମନ୍ତ୍ରୀ ମୋଦି ଆଜି ପୂରଣ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ପ୍ରଶଂସା କରି କହିଛନ୍ତି, ବ୍ରିଟିଶମାନେ ଯେଉଁ କାମ କରିପାରିଲେ ନାହିଁ, ତାହା ପ୍ରଧାନମନ୍ତ୍ରୀ ମୋଦି କରି ଦେଖାଇଛନ୍ତି । ଯେତେବେଳେ ଏହି ପ୍ରକଳ୍ପ ଆରମ୍ଭ ହୋଇଥିଲା ମୁଁ ଅଷ୍ଟମ ଶ୍ରେଣୀରେ ପଢୁଥିଲି, ବର୍ତ୍ତମାନ ମୋର ବୟସ ୫୫ ବର୍ଷ । ଏହି ପ୍ରକଳ୍ପରୁ ଜମ୍ମୁ କଶ୍ମୀର ବହୁତ ଲାଭ ପାଇବ । ଆଗାମୀ ଦିନରେ ସ୍ଥାନୀୟ ଲୋକମାନେ ବହୁତ ଲାଭ ପାଇବେ । ଚେନାବ ବ୍ରିଜ୍ ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବ । ଏହି ସ୍ୱପ୍ନ ଅନେକ ଦଶନ୍ଧି ଧରି ଦେଖାଯାଉଥିଲା ।

ଓମର ଅବଦୁଲ୍ଲା ଆହୁରି କହିଛନ୍ତି, ଏହି ପ୍ରକଳ୍ପ ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବ । ଏହା ରାଜ୍ୟର ଚାଷୀମାନଙ୍କୁ, ବିଶେଷକରି ସେଓ ବ୍ୟବସାୟ କରୁଥିବା ଚାଷୀମାନଙ୍କୁ ବହୁତ ଲାଭ ଦେବ । ଏବେ କ୍ଶ୍ମୀରରେ ଚାଷ ହେଉଥିବା ସେଓ ଦେଶର ବିଭିନ୍ନ ଅଂଶରେ ସହଜରେ ପହଞ୍ଚିପାରିବ, ଯାହା ଦେଶର ଆର୍ଥିକ ସ୍ଥିତିରେ ମଧ୍ୟ ଉନ୍ନତି ଆଣିବ । ଏହା କେବଳ ଆୟ ବୃଦ୍ଧି କରିବ ନାହିଁ ବରଂ ଯୁବକମାନଙ୍କୁ ନିଯୁକ୍ତି ମଧ୍ୟ ପ୍ରଦାନ କରିବ ।

ନ୍ୟାଶନାଲ କନଫରେନ୍ସର ଅଧ୍ୟକ୍ଷ ଫାରୁକ ଅବଦୁଲ୍ଲା ବୈଷ୍ଣୋ ଦେବୀଙ୍କ ଦର୍ଶନ କରିଥିଲେ । ଫାରୁକ ଅବଦୁଲ୍ଲା ସେହି ବନ୍ଦେ ଭାରତ ଟ୍ରେନରେ ଯାତ୍ରା କରିଥିଲେ । ସେ ଏହି ଟ୍ରେନରେ ତାଙ୍କର ପ୍ରଥମ ଯାତ୍ରା କରିଥିଲେ ଏବଂ ବୈଷ୍ଣୋ ଦେବୀରେ ପହଞ୍ଚିଥିଲେ ।

ମାତାଙ୍କ ଦର୍ଶନ କରିବା ପରେ, ଫାରୁକ ଅବଦୁଲ୍ଲା ତାଙ୍କ ପ୍ରାର୍ଥନା ବିଷୟରେ କହିଥିଲେ । ସେ କହିଥିଲେ, ଏହା ଏକ ବହୁତ ଭଲ ଦର୍ଶନ ଥିଲା । ମୁଁ ଆଶା କରୁଛି ଯେ ମାତା ଆମେ ଯାହା ମାଗିଛୁ ତାହା ପୂରଣ କରିବେ । ଆମେ ଶାନ୍ତି, ପ୍ରଗତି, ଭାଇଚାରା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚାହୁଁଛୁ ଏବଂ ଆମେ ଆଗକୁ ବଢ଼ିପାରିବା, ଭାରତ ଆଗକୁ ବଢ଼ିବା ଉଚିତ ଏବଂ ଆମେ ସମସ୍ତେ ମଧ୍ୟ ଆଗକୁ ବଢ଼ିବା ଉଚିତ ।

ବୈଷ୍ଣୋ ଦେବୀ ମନ୍ଦିରରେ ପହଞ୍ଚିବା ପାଇଁ, ଫାରୁକ ଅବଦୁଲ୍ଲା ଶ୍ରୀନଗରରୁ କଟରା ପର୍ଯ୍ୟନ୍ତ ବନ୍ଦେ ଭାରତ ଟ୍ରେନରେ ଯାତ୍ରା କରିଥିଲେ । ଏହି ଅବସରରେ, ଫାରୁକ ଅବଦୁଲ୍ଲା ଟ୍ରେନ ବିଷୟରେ କହିଥିଲେ, ଆରମ୍ଭ ହୋଇଥିବା ଏହି ଟ୍ରେନରେ ରହି ମୁଁ ବହୁତ ଖୁସି । ଏହା ଆମ ପାଇଁ ଏକ ବଡ଼ ନୂତନ ପଦକ୍ଷେପ । ଯାହା ଦ୍ୱାରା ଆମେ ବୁଝିପାରୁଛୁ ଯେ ଅନେକ ଲୋକ କେବଳ ମାତା ଯାତ୍ରା ପାଇଁ ନୁହେଁ ବରଂ ଭୋଲେନାଥ ଯାତ୍ରା ପାଇଁ ମଧ୍ୟ ଆସିବେ । ଏହା ଜମ୍ମୁ-କଶ୍ମୀରର ପର୍ଯ୍ୟଟନକୁ ବହୁତ ଲାଭ ଦେବ ।

ଫାରୁକ ଅବଦୁଲ୍ଲା ଶ୍ରୀନଗରର ନୌଗାମ ରେଳ ଷ୍ଟେଶନରୁ ଟ୍ରେନରେ ଚଢ଼ିଥିଲେ । ମାତା ବୈଷ୍ଣୋ ଦେବୀ ତୀର୍ଥଯାତ୍ରୀଙ୍କ ପାଇଁ ଆଧାର ଶିବିର କଟରା ଟର୍ମିନାଲରେ ତାଙ୍କୁ ଉପମୁଖ୍ୟମନ୍ତ୍ରୀ ସୁରିନ୍ଦର ଚୌଧୁରୀ ଏବଂ ଜମ୍ମୁ ଏନସି ଅଧ୍ୟକ୍ଷ ରତନ ଲାଲ ଗୁପ୍ତା ସ୍ୱାଗତ କରିଥିଲେ । ଷ୍ଟେଶନରେ ଅବତରଣ କରିବା ପରେ ଫାରୁକ ଅବଦୁଲ୍ଲା କହିଥିଲେ, ମାତା ନେ ବୁଲାୟା ହୈ, ଆୟା ହୈ ବୁଲାୱା ଶେରା ୱାଲି କା ।

ଜମ୍ମୁ କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ ଅବଦୁଲ୍ଲା ଟ୍ରେନ ବିଷୟରେ କହିଥିଲେ, ବିକାଶ ଦେଖି ତାଙ୍କ ଆଖି ଲୁହରେ ଭରିଯାଇଥିଲା ଏବଂ ଆଶା କରିଥିଲେ ଯେ ନୂତନ ରେଳ ସଂଯୋଗ ୩,୮୮୦ ମିଟର ଉଚ୍ଚ ପବିତ୍ର ଗୁମ୍ଫା ମନ୍ଦିରକୁ ଅମରନାଥ ତୀର୍ଥଯାତ୍ରୀଙ୍କ ବିପୁଳ ପ୍ରବେଶରେ ସାହାଯ୍ୟ କରିବ, ଏହି ବର୍ଷର ଯାତ୍ରା ଜୁଲାଇ ୩ ରୁ ଆରମ୍ଭ ହେବାକୁ ଯାଉଛି ।

ଅବଦୁଲ୍ଲା କହିଛନ୍ତି, ଶେଷରେ କଶ୍ମୀରକୁ ଦେଶର ରେଳ ନେଟୱାର୍କ ସହିତ ସଂଯୋଗ ହୋଇଥିବା ଦେଖି ମୋ ଆଖି ଲୁହରେ ଭରିଯାଏ । ମୁଁ ଏହାକୁ ସମ୍ଭବ କରିବା ପାଇଁ ଇଞ୍ଜିନିୟର ଏବଂ ଶ୍ରମିକମାନଙ୍କୁ ଅଭିନନ୍ଦନ ଜଣାଉଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୁନ ୬ ତାରିଖରେ ଦୁଇଟି ବନ୍ଦେ ଭାରତ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଗୋଟିଏ ଶ୍ରୀନଗରରୁ କଟରା ଏବଂ ଅନ୍ୟଟି ୨୭୨ କିଲୋମିଟର ଲମ୍ବା ଉଧମପୁର-ଶ୍ରୀନଗର-ବାରାମୁଲ୍ଲା ରେଳ ଲିଙ୍କକୁ ସମାପ୍ତ କରିବ, ଯାହା କାଶ୍ମୀର ଉପତ୍ୟକାକୁ ଭାରତର ଅନ୍ୟାନ୍ୟ ଅଂଶ ସହିତ ସଂଯୋଗ କରିବ ।

ଫାରୁକ ଅବଦୁଲ୍ଲା ଏହି ଟ୍ରେନକୁ ଲୋକଙ୍କ ପାଇଁ ସବୁଠାରୁ ବଡ଼ ବିଜୟ ବୋଲି ବର୍ଣ୍ଣନା କରିଥିଲେ ଏବଂ କହିଥିଲେ ଯେ ଏହି ଟ୍ରେନ ଯାତ୍ରାକୁ ସହଜ କରିବ, ବାଣିଜ୍ୟକୁ ବୃଦ୍ଧି କରିବ ଏବଂ ଜମ୍ମୁ-କାଶ୍ମୀର ଏବଂ ଦେଶର ଅନ୍ୟାନ୍ୟ ଅଂଶ ମଧ୍ୟରେ "ପ୍ରେମ ଏବଂ ବନ୍ଧୁତା"କୁ ମଜଭୁତ କରିବ । ଆମେ ଆଶା କରୁଛୁ ଯେ ଆଗାମୀ ତୀର୍ଥଯାତ୍ରା ସମୟରେ ସାରା ଦେଶରୁ ଯାତ୍ରୀମାନେ ଅମରନାଥ ଗୁମ୍ଫା ମନ୍ଦିର ପରିଦର୍ଶନ କରିବା ପାଇଁ ଏହି ସୁବିଧାକୁ ବହୁ ସଂଖ୍ୟାରେ ବ୍ୟବହାର କରିବେ ।

ଗତ କିଛି ଦିନ ଧରି ଦେଶରେ ୫୦୦ ଟଙ୍କିଆ ନୋଟ ଖବରରେ ରହିଛି । କିଛି ଲୋକ ବିଶ୍ୱାସ କରନ୍ତି ଯେ ସରକାର ଏହାକୁ ନିଷିଦ୍ଧ କରିପାରନ୍ତି । ତଥାପି, କେନ୍ଦ୍ର ସରକାର ଏହାକୁ ଅସ୍ୱୀକାର କରିଛନ୍ତି ଏବଂ ସ୍ପଷ୍ଟ କରିଛନ୍ତି ଯେ ବର୍ତ୍ତମାନ ୫୦୦ ଟଙ୍କିଆ ନୋଟ ଉପରେ ନିଷେଧ କରିବାର କୌଣସି ଉଦ୍ଦେଶ୍ୟ ନାହିଁ । ଏବେ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ରରେ ଏନଡିଏ ସରକାରଙ୍କ ପ୍ରମୁଖ ସହଯୋଗୀ ଏନ. ଚନ୍ଦ୍ରବାବୁ ନାଇଡୁ ଉଚ୍ଚ ମୂଲ୍ୟର ନୋଟ ପ୍ରଚଳନରୁ ବାହାର କରିବା ବିଷୟରେ କହିଛନ୍ତି । ସେ କହିଛନ୍ତି ଯେ ୫୦୦ ଟଙ୍କିଆ ନୋଟ ମଧ୍ୟ ନିଷେଧ କରାଯିବା ଉଚିତ । ନାଇଡୁ କହିଛନ୍ତି ଯେ ଦେଶରୁ ଦୁର୍ନୀତିକୁ ମୂଳୋତ୍ପାଟନ କରିବା ପାଇଁ ଏହା କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଗୋ ମାଫିଆଙ୍କ ସଙ୍ଘବଦ୍ଧ ଆକ୍ରମଣରେ ଭଦ୍ରକ ଜିଲା ତିହିଡି ବ୍ଲକ କଷଟି ଗ୍ରାମର ଗୋ ରକ୍ଷକ ସନ୍ତୋଷ ପରିଡାଙ୍କ ମୃତ୍ୟୁ ପରେ ଉତ୍ତେଜନା ଆଶଙ୍କା କରି ଜିଲାର ୫ଟି ସ୍ଥାନରେ ଇଣ୍ଟରନେଟ୍ ସେବା ବନ୍ଦ କରାଯାଇଛି । ଜିଲାର ଭଦ୍ରକ ବ୍ଲକ, ପୌର ପାଳିକା,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଧାମନଗର ଏନଏସି ଓ ବ୍ଲକ, ତିହିଡି ବ୍ଲକ ଏହି ୫ ସ୍ଥାନରେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଇଣ୍ଟରନେଟ୍ ସେବା ବନ୍ଦ ରହିବ ବୋଲି ସରକାର ଓ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି ।

ପ୍ରକାଶ ଥାଉ କି, ଗତ ମେ ୩୦ ତାରିଖରେ ସନ୍ତୋଷଙ୍କ ସହିତ ଭଦ୍ରକ ଗ୍ରାମାଞ୍ଚଳ ଥାନା ଗୁଜିଦରଡ଼ା ଅଂଚଳର କିଛି ଗୋ ମାଫିଆଙ୍କର ବଚସା ହୋଇଥିଲା । ଗୋ' ମାଫିଆ ତାଙ୍କ ସହଯୋଗୀ ମାନେ ସଙ୍ଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ । ୧୩ ଦିନ ଧରି ଗୁରୁତର ଅବସ୍ଥାରେ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲ ଆଇସି ୟୁରେ ରହିବା ପରେ ବୁଧବାର ସନ୍ତୋଷଙ୍କର ମୃତ୍ୟୁ ଘଟିଛି । ଏହି ଖବର ପ୍ରଚାର ହେବା ପରେ ଜିଲାର ବିଭିନ୍ନ ସ୍ଥାନରେ ଉତ୍ତେଜନା ପ୍ରକାଶ ପାଇଥିଲା । ଗୁରୁବାର ସନ୍ତୋଷଙ୍କ ମୃତଦେହ ଘରକୁ ଫେରିବାର ଥିବାରୁ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଲକ୍ଷ୍ୟ ରଖି ଇଣ୍ଟେର୍ନେଟ ସେବା ବନ୍ଦ କରାଯାଇଛି । ଅପରପକ୍ଷେ ପୋଲିସ ୧୨ ଜଣଙ୍କୁ ଏହି ମାମଲାରେ ଏପର୍ଯ୍ୟନ୍ତ ଗିରଫ କରି ସାରିଛି । ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ସନ୍ତୋଷଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ସହାୟତା ଘୋଷଣା କରିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

ରାଜଧାନୀ ଭୁବନେଶ୍ୱରରୁ UAEକୁ ସିଧା ବିମାନ ସେବା ଆରମ୍ଭ ହୋଇଛି । ଇଣ୍ଡିଗୋ ଏୟାରଲାଇନ୍ସ ପକ୍ଷରୁ ଆବୁଧାବିକୁ ସିଧା ଉଡ଼ାଣ କରି ବିମାନ । ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ବିମାନବନ୍ଦରରେ ପତାକା ହଲାଇ ବିମାନ ଉଡ଼ାଣର ଶୁଭାରମ୍ଭ କରିଛନ୍ତି ।

ଯାତ୍ରୀମାନେ ଏଣିକି ଭୁବନେଶ୍ୱରରୁ ବିମାନରେ ବସି ସିଧାସଳଖ ଆବୁଧାବିରେ ସହଜରେ ପହଞ୍ଚି ପାରିବେ । ଏଥିସହିତ ବ୍ୟବସାୟିକ ସମ୍ପର୍କ ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିବା ଅବସରରେ କହିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଏବଂ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେନ୍ଦ୍ର ସରକାରଙ୍କ ସହଯୋଗରେ ଏହି ସେବାର ଆରମ୍ଭ ହୋଇଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ଏହି ବିମାନରେ ଆଜି ୧୮୦ ଯାତ୍ରୀ ଭୁବନେଶ୍ୱରରୁ ଆବୁଧାବିକୁ ଯାଇଛନ୍ତି ।

ଆଜି ସକାଳ ୯.୩୫ରେ ଏହାର ଶୁଭାରମ୍ଭ କରିଥିଲେ ମୁଖ୍ୟମନ୍ତ୍ରୀ । ଏହା ମଧ୍ୟାହ୍ନ ୧୨.୩୫ରେ ଆବୁଧାବିରେ ପହଞ୍ଚିବ । ଆବୁଧାବିରୁ ପୁଣି ରାତି ୨.୩୫ରେ ବାହାରି ସକାଳ ୮.୩୫ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବ ।

ଅପେକ୍ଷା ଥିଲା ଆଇଟମ ଡ୍ୟାନ୍‌ସର ନିଶା ମହାରଣାଙ୍କୁ । ଦର୍ଶକ କରିଥିଲେ ଅପେକ୍ଷା । ନିଶା ଆସିବେ କହି ଭିଡ ମଧ୍ୟ ହୋଇଥିଲା । ହେଲେ ଆସି ପହଞ୍ଚିଲେନି ନିଶା । ଅପେକ୍ଷା କରି କରି ଶେଷରେ ରାଗିଗଲେ ଦର୍ଶକ । ଆଉ ମଞ୍ଚ ଉପରକୁ ଫୋପାଡ଼ିଥିଲେ ଗୋଟିଏ ପରେ ଗୋଟିଏ ଚେୟାର ।

ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଆଙ୍କୁଶପୁର ନିକଟସ୍ଥ ବୁଢ଼ିଘରାରେ । ବୁଢିଘରା ଛକଠାରେ ଲାଗିଥିବା ମାଁ ଦଣ୍ଡକାଳୀ ଯାତ୍ରାରେ ଦର୍ଶକଙ୍କ ମନୋରଞ୍ଜନ ପାଇଁ କମିଟି ତରଫରୁ ଅପେରା ପ୍ରଦର୍ଶନ ପାଇଁ ବ୍ୟବସ୍ଥା ହୋଇଛି । ସୋମବାର ରାତିରେ ଏହି ଅପେରା ଷ୍ଟେଜରେ ନିଶା ମହାରଣା ଆସିବେ ବୋଲି ପ୍ରଚାର ହୋଇଥିଲା ।

ନିଶା ମହାରଣାଙ୍କୁ ଦେଖିବା ପାଇଁ ବହୁ ଦୂରରୁ ବହୁ ଦର୍ଶକ ୪୦୦ ଟଙ୍କା ଲେଖାଏଁ ଟିକେଟ କାଟି ଯାତ୍ରା ଦେଖିବା ପାଇଁ ଆସିଥିଲେ । ମଞ୍ଚ ଉପରକୁ ନିଶା ମହାରଣା ନ ଆସିବାରୁ ଲୋକେ କ୍ଷୁବ୍ଧ ହୋଇଥିବା ଦେଖିବାକୁ ମିଳିଥିଲା । ଯେଉଁଥିପାଇଁ ମଞ୍ଚ ଉପରେ ଉଡିଲା ଚେୟାର । ଲୋକେ ଚେୟାର ଫୋପାଡ଼ିବା ସହ ପାଟିତୁଣ୍ଡ କଲେ । ଖବର ପାଇ ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ସହ ଉତ୍ତ୍ୟକ୍ତ ଲୋକଙ୍କୁ ସେଠାରୁ ଘଉଡାଇଥିଲା ।

କୁହାଯାଏ ପ୍ରେମ ଅନ୍ଧ । କାହାକୁ କେତେବେଳେ କେଉଁ ବୟସରେ ପ୍ରେମ ହୋଇଥାଏ ତାହା ଜଣାପଡେ ନାହିଁ । ଯାହାର ଗୋଟିଏ ଉଦାହରଣ ଆଜି ଦେଖିବାକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମିଳିଛି । ଟିଏମସିର ଟାଣୁଆ ନେତ୍ରୀ ମହୁଆ ମୋଇତ୍ରାଙ୍କୁ ଲୁଚିଲୁଚି ବିବାହ କରିଛନ୍ତି ବିଜେଡି ନେତା ପିନାକୀ ମିଶ୍ର । ୬୫ବର୍ଷ ବୟସରେ ପିନାକୀ, ୫୦ବର୍ଷିୟ ମହୁଆଙ୍କ ହାତ ଧରିଛନ୍ତି ।

ତୃଣମୂଳ କଂଗ୍ରେସ (ଟିଏମସି) ଏମପି ମହୁଆ ମୋଇତ୍ରା ବିବାହ କରିଛନ୍ତି । ସେ ବିଜେଡି ନେତା ତଥା ପୂର୍ବତନ ଏମପି ପିନାକୀ ମିଶ୍ରଙ୍କୁ ତାଙ୍କର ଜୀବନସାଥୀ କରିଛନ୍ତି । ଏନେଇ ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି । ଯଦିଓ ବିବାହ ବିଷୟରେ ଉଭୟଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସରକାରୀ ସୂଚନା ମିଳିନାହିଁ । ରିପୋର୍ଟରେ ଦାବି କରାଯାଇଛି ଯେ ମହୁଆ ଏବଂ ପିନାକୀ ଜର୍ମାନୀରେ ବିବାହ କରିଛନ୍ତି । ଉଭୟଙ୍କ ଏକ ଫଟୋ ମଧ୍ୟ ସାମ୍ନାକୁ ଆସିଛି ।

'ଦି ଟେଲିଗ୍ରାଫ'ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ମହୁଆ ଏବଂ ପିନାକୀ ଜର୍ମାନୀରେ ଲୁଚିଲଚି ବିବାହ କରିଛନ୍ତି । ଏହି ବିଷୟରେ ଟିଏମସି ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ । ମହୁଆ ତାଙ୍କ ରାଜନୈତିକ ଜୀବନ ସହିତ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ଅଛନ୍ତି । ମହୁଆ ପୂର୍ବରୁ ଡେନିସ ଫାଇନାନ୍ସର ଲାର୍ସ ବ୍ରୋର୍ସେନଙ୍କ ସହ ସମ୍ପର୍କରେ ଥିଲେ, କିନ୍ତୁ ସେମାନଙ୍କର ବିବାହ ଅଧିକ ଦିନ ଟିକିଷ୍ଟି ପାରିଲା ନାହିଁ ଏବଂ ସେମାନଙ୍କର ଛାଡପତ୍ର ହୋଇଗଲା । ସୋସିଆଲ ମିଡିଆରେ ଏକ ଫଟୋ ଭାଇରାଲ ହୋଇଛି, ଯେଉଁଥିରେ ମହୁଆ ଏବଂ ପିନାକୀ ମିଶ୍ର ହାତ ଧରାଧରି ହସୁଥିବା ଦେଖାଯାଇଛି । ଫଟୋରେ ମହୁଆ ପାରମ୍ପରିକ ପୋଷାକ ଏବଂ ସୁନା ଅଳଙ୍କାରରେ ସଜ୍ଜିତ ଥିବା ଦୃଶ୍ୟ ଦେଖାଯାଇଛି ।

ସୂଚନାଥାଉ କି, ମହୁଆ ଦ୍ୱିତୀୟ ଥର ପାଇଁ ଏମପି ଭାବରେ କାର୍ଯ୍ୟ କରୁଛନ୍ତି । ସେ ୨୦୧୯ ଲୋକସଭା ନିର୍ବାଚନରେ ପଶ୍ଚିମବଙ୍ଗର କୃଷ୍ଣ ନଗର ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ତେବେ ମହୁଆ ଏହି ନିର୍ବାଚନରେ ଜିତିଥିଲେ । ସେ ଭାରତୀୟ ଜନତା ପାର୍ଟି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରାର୍ଥୀ କଲ୍ୟାଣ ଚୌବେଙ୍କୁ ପରାସ୍ତ କରିଥିଲେ । ୨୦୨୪ରେ ମହୁଆ ଦ୍ୱିତୀୟ ଥର ପାଇଁ ସେହି ଆସନରୁ ନିର୍ବାଚିତ ହୋଇଥିଲେ ।

ମହୁଆ ମୋଇତ୍ରାଙ୍କ ପ୍ରଥମ କାର୍ଯ୍ୟକାଳ ବେଶ ବିବାଦୀୟ ଥିଲା । ତାଙ୍କ ଉପରେ ଟଙ୍କା ନେଇ ପ୍ରଶ୍ନ ପଚାରିବାର ଅଭିଯୋଗ ହୋଇଥିଲା । ମହୁଆ 'କ୍ୟାସ ଫର୍ କ୍ୱେରୀ' ମାମଲାରେ ଗୁରୁତର ଭାବରେ ଫସି ଯାଇଥିଲେ । ତାଙ୍କର ଲୋକ ସଭା ସଦସ୍ୟତା ବାତିଲ କରାଯାଇଥିଲା, ଯଦିଓ ମହୁଆ ମଧ୍ୟ ସୁପ୍ରିମକୋର୍ଟରେ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିଥିଲେ । ମହୁଆଙ୍କ ଉପରେ ତାଙ୍କ ବନ୍ଧୁ ହିରାନନ୍ଦନୀଙ୍କ ସହ ସଂସଦ ଲଗଇନ ଆଇଡି ଏବଂ ପାସୱାର୍ଡ ସେୟାର କରିବାର ମଧ୍ୟ ଅଭିଯୋଗ ହୋଇଥିଲା ।

ବିଜେଡି ନେତା ପିନାକୀ ମିଶ୍ରଙ୍କ ବିଷୟରେ କହିବାକୁ ଗଲେ, ସେ ପୁରୀର ପୂର୍ବତନ ଏମପି । ପିନାକୀଙ୍କ ପ୍ରଥମ ବିବାହ ସଙ୍ଗୀତା ମିଶ୍ରଙ୍କ ସହିତ ହୋଇଥିଲା । ପିନାକୀ ଏବଂ ସଙ୍ଗୀତା ୧୬ ଜାନୁଆରୀ ୧୯୮୪ରେ ବିବାହ କରିଥିଲେ । ସେମାନଙ୍କର ଦୁଇଟି ସନ୍ତାନ ଅଛନ୍ତି, କିନ୍ତୁ ବର୍ତ୍ତମାନ ପିନାକୀ ମହୁଆଙ୍କୁ ବିବାହ କରିଛନ୍ତି ।

ଭୁବନେଶ୍ୱରରେ ବହୁ ପ୍ରତୀକ୍ଷିତ ମେଟ୍ରୋ ରେଳ ପ୍ରକଳ୍ପ ସମ୍ପର୍କରେ ଏକ ବଡ ନିଷ୍ପତ୍ତି ହୋଇଛି । ଓଡ଼ିଶା ସରକାର ସ୍ପଷ୍ଟ କରିଛନ୍ତି ଯେ ରାଜଧାନୀ ସହରରେ ଇଲେଭେଟେଡ ମେଟ୍ରୋ ରେଳ ବ୍ୟବସ୍ଥା ନୁହେଁ, ବରଂ ପ୍ରଶାସନ ବର୍ତ୍ତମାନ ଏକ ମାଟିତଳେ ମେଟ୍ରୋ ରେଳ ନେଟୱାର୍କ ପ୍ରବର୍ତ୍ତନ ପାଇଁ ଯୋଜନା ଉପରେ କାର୍ଯ୍ୟ କରୁଛି । ରବିବାର ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ସୂଚନା ଦେଇଛନ୍ତି ।

ଗଣମାଧ୍ୟମକୁ କହିବା ଅବସରରେ ମନ୍ତ୍ରୀ ଜୋର ଦେଇ କହିଛନ୍ତି ଯେ ବିଭିନ୍ନ ଲଜିଷ୍ଟିକ ଏବଂ ସହରୀ ଯୋଜନା ସମ୍ବନ୍ଧୀୟ ଚିନ୍ତା ଯୋଗୁଁ ଭୁବନେଶ୍ୱର ପାଇଁ ଇଲେଭେଟେଡ ମେଟ୍ରୋ ରେଳକୁ ପ୍ରତ୍ୟାଖ୍ୟାନ କରାଯାଇଛି । "ସହରର ଭୂଦୃଶ୍ୟ ଏବଂ ଟ୍ରାଫିକ ଭିଡ଼ ଇଲେଭେଟେଡ ମେଟ୍ରୋକୁ ସମର୍ଥନ କରୁନାହିଁ । ଆମେ ଏବେ ମାଟିତଳେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମେଟ୍ରୋ ରେଳ ବ୍ୟବସ୍ଥା ସହ ଆଗକୁ ବଢୁଛୁ” ମନ୍ତ୍ରୀ ସୂଚନା ଦେଇଛନ୍ତି ।

ହରିଚନ୍ଦନଙ୍କ ଅନୁଯାୟୀ, ପ୍ରସ୍ତାବିତ ମାଟିତଳେ ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ଏକ ନୂତନ ରୁଟ ନିର୍ଦ୍ଧାରଣ କରାଯାଇ ନାହିଁ । ନଗର ଉନ୍ନୟନ ବିଭାଗକୁ ଏହା ପାଇଁ ଅନୁରୋଧ କରାଯାଇଛି ଏବଂ ସର୍ଭେ ପାଇଁ କିଛି ସମୟ ଲାଗିବ ।

“ଇଲେଭେଟେଡ ମେଟ୍ରୋ କରିଡର ଭୁବନେଶ୍ୱର ଏବଂ ଏହାର ଆଖପାଖର ସୌନ୍ଦର୍ଯ୍ୟକୁ କ୍ଷତି କରିବ । ତେଣୁ, ମାଟିତଳେ ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ନିଷ୍ପତ୍ତି ନିଆଯାଇଛି । ଏହା କିପରି କାର୍ଯ୍ୟକାରୀ ହେବ ଏବଂ ନଗର ଉନ୍ନୟନ ବିଭାଗ ଦ୍ୱାରା କେଉଁ ସର୍ଭେ କରାଯିବ, ତାହା ଆଲୋଚନା କରାଯିବ ।

ଗୃହ ଓ ନଗର ଉନ୍ନୟନ ବିଭାଗ ଏହି ପ୍ରକଳ୍ପ ପାଇଁ ଯୋଜନା ପ୍ରସ୍ତୁତ କରିବା ପାଇଁ ଆଗୁଆ କାର୍ଯ୍ୟ ଆରମ୍ଭ କରିଦେଇଛି । ପ୍ରସ୍ତାବିତ ମାଟିତଳେ ବ୍ୟବସ୍ଥା ପାଇଁ ସବୁଠାରୁ ଉପଯୁକ୍ତ ରୁଟ ଏବଂ ଭିତ୍ତିଭୂମି ଆବଶ୍ୟକତା ମୂଲ୍ୟାଙ୍କନ କରିବା ପାଇଁ ସମ୍ଭାବ୍ୟତା ଅଧ୍ୟୟନ ଏବଂ ବୈଷୟିକ ବିଶେଷଜ୍ଞ ଏବଂ ହିତାଧିକାରୀମାନଙ୍କ ସହ ପରାମର୍ଶ ଚାଲିଛି ।

ବିହାରର ଜଣାଶୁଣା ଶିକ୍ଷକ ତଥା ଲୋକପ୍ରିୟ ୟୁଟ୍ୟୁବର ଖାନ ସାର (ଫୈଜଲ ଖାନ) ନିକଟରେ ନିଜର ବିବାହ ରିସେପଶନ ପାର୍ଟି ପାଟଣାରେ ଆୟୋଜନ କରିଥିଲେ । ଏହି ରିସେପଶନରେ ତାଙ୍କ ପତ୍ନୀ ଏ.ଏସ. ଖାନଙ୍କ ସହ ତାଙ୍କର ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି ।

ଜୁନ ୨ ତାରିଖରେ ପାଟଣାର ଏକ ବିଳାସପୂର୍ଣ୍ଣ ବ୍ୟାଙ୍କେଟ ହଲରେ ଆୟୋଜିତ ଏହି ରିସେପସନରେ ଖାନ ସାର ଏକ ବର୍ଗଣ୍ଡି ରଙ୍ଗର ସୁଟରେ ଏବଂ ତାଙ୍କ ପତ୍ନୀ ଏ.ଏସ. ଖାନ ଲାଲ ରଙ୍ଗର ଏକ ସୁନ୍ଦର ଲେହେଙ୍ଗା ଏବଂ ଓଢ଼ଣୀରେ ସଜ୍ଜିତ ହୋଇ ଅତିଥିମାନଙ୍କୁ ସ୍ୱାଗତ କରୁଥିବା ଦେଖାଯାଇଥିଲା । ଏ.ଏସ. ଖାନ, ଯିଏ ବିହାରର ସିୱାନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜିଲ୍ଲାରୁ ଆସିଛନ୍ତି ଏବଂ ଜଣେ ସରକାରୀ ଅଧିକାରୀ ବୋଲି କୁହାଯାଉଛି, ଏହି ଅବସରରେ ପ୍ରଥମ ଥର ପାଇଁ ସାର୍ବଜନୀନ ଭାବେ ଦେଖା ଦେଇଥିଲେ । ତାଙ୍କର ଲେହେଙ୍ଗାରେ ସୁନାରୀ ଜର୍ଦୋଜୀ କାମ, ସିକ୍ୱ୍ୟନ ଏବଂ ଜାଲି ଡିଜାଇନ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ।

ଏହି ଅବସରରେ ବିହାରର ରାଜ୍ୟପାଳ ଆରିଫ ମହମ୍ମଦ ଖାନ, ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ, ବିରୋଧୀ ଦଳର ନେତା ତେଜସ୍ୱୀ ଯାଦବ, ଶିକ୍ଷା ମନ୍ତ୍ରୀ ସୁନୀଲ କୁମାର ଏବଂ ଅନ୍ୟାନ୍ୟ ରାଜନୈତିକ ଓ ଶିକ୍ଷା ଜଗତର ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ଏହା ସହିତ ଫିଜିକ୍ସ ୱାଲାର ଅଲଖ ପାଣ୍ଡେ, ନୀତୁ ମାମ, ଗଗନ ପ୍ରତାପ ସାର, ଆଦିତ୍ୟ ରଞ୍ଜନ ସାର ଏବଂ ଅନ୍ୟାନ୍ୟ ଶିକ୍ଷକମାନେ ମଧ୍ୟ ଏହି ଅବସରରେ ଯୋଗ ଦେଇଥିଲେ ।

ଖାନ ସାର ମେ ୭ ତାରିଖରେ ଏକ ସାଧାରଣ ବିବାହ ଉତ୍ସବରେ ଏ.ଏସ. ଖାନଙ୍କୁ ବିବାହ କରିଥିଲେ । ସେ ତାଙ୍କ ଛାତ୍ରମାନଙ୍କୁ ଏକ ଭିଡିଓ ମାଧ୍ୟମରେ ଏହି ଖବର ଦେଇଥିଲେ, ଯେଉଁଥିରେ ସେ ଭାରତ-ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନା ହେତୁ ବିବାହକୁ ସାଧାରଣ ରଖିବାକୁ ନିଷ୍ପତ୍ତି ନେଇଥିବା କହିଥିଲେ । ତାଙ୍କ ଏହି ନିଷ୍ପତ୍ତି ଏବଂ ଛାତ୍ରମାନଙ୍କ ସହ ତାଙ୍କର ମଜାଳିଆ ଢଙ୍ଗରେ କଥାବାର୍ତ୍ତା ସମସ୍ତଙ୍କ ମନ ଜିଣିଛି ।

ସୂଚନା ମୁତାବକ, ଖାନ ସାରଙ୍କ ପତ୍ନୀ ଏ.ଏସ. ଖାନ ଆଇସିଏସଇ ବୋର୍ଡରୁ ସ୍କୁଲ ଶିକ୍ଷା ସାରି ଉଚ୍ଚଶିକ୍ଷା ଗ୍ରହଣ କରିଛନ୍ତି । ଏହି ରିସେପସନର ଫଟୋ ଏବଂ ଭିଡିଓ ଇନଷ୍ଟାଗ୍ରାମ, ଏକ୍ସ ଏବଂ ଫେସବୁକ ଭଳି ପ୍ଲାଟଫର୍ମରେ ବେଶ ଚର୍ଚ୍ଚାରେ ରହିଛି ।

ହରିୟାଣାର ପଞ୍ଚକୁଲାରୁ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି । ଗୋଟିଏ ପରିବାରର ୭ ଜଣ ସଦସ୍ୟଙ୍କ ଆତ୍ମହତ୍ୟା ଘଟଣା ସମଗ୍ର ଅଞ୍ଚଳର ଲୋକମାନଙ୍କୁ ମର୍ମାହତ କରିଛି । ପୀଡିତ ପରିବାରର ଲୋକମାନେ ଡେରାଡୁନର ବାସିନ୍ଦା ଥିଲେ । ସେ ହନୁମାନ କଥାରେ ଅଂଶଗ୍ରହଣ କରିବା ପାଇଁ ଡେରାଡୁନରୁ ପଞ୍ଚକୁଲା ଆସିଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଞ୍ଚକୁଲାର ସେକ୍ଟର ୨୭ରେ ଏହି ଗଣ ଆତ୍ମହତ୍ୟା ଘଟଣା ଘଟିଛି ।

ସୂଚନା ଅନୁଯାୟୀ, ଗୋଟିଏ ପରିବାରର ୭ ଜଣ ସଦସ୍ୟ କାରରେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି । ପଞ୍ଚକୁଲାର ସେକ୍ଟର ୨୭ରେ ଏକ ଘର ବାହାରେ ରାସ୍ତାରେ ପାର୍କିଂ ହୋଇଥିବା ଏକ କାରରେ ସମସ୍ତଙ୍କ ମୃତଦେହ ବନ୍ଦ ଅବସ୍ଥାରେ ମିଳିଥିଲା । ପୀଡିତ ପରିବାରର ଲୋକମାନେ ଡେରାଡୁନର ବାସିନ୍ଦା ଥିଲେ । କୁହାଯାଉଛି ଯେ ପରିବାର ସଦସ୍ୟମାନେ ଋଣଗ୍ରସ୍ତ ଥିଲେ ଏବଂ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଥିଲେ ।

ସୂଚନାଯୋଗ୍ୟ, ଡେରାଡୁନର ବାସିନ୍ଦା ପ୍ରବୀଣ ମିତ୍ତଲ ତାଙ୍କ ପରିବାର ସହିତ ପଞ୍ଚକୁଲାର ବାଗେଶ୍ୱର ଧାମରେ ଆୟୋଜିତ ହନୁମାନ କଥା କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିଲେ । କାର୍ଯ୍ୟକ୍ରମ ଶେଷ ହେବା ପରେ, ଡେରାଡୁନ ଫେରିବା ସମୟରେ, ସେମାନେ ଗଣ ଆତ୍ମହତ୍ୟାର ଏହି ପଦକ୍ଷେପ ନେଇଥିଲେ ।

ମୃତକଙ୍କ ମଧ୍ୟରେ ଡେରାଡୁନର ବାସିନ୍ଦା ୪୨ ବର୍ଷୀୟ ପ୍ରବୀଣ ମିତ୍ତଲ, ତାଙ୍କ ମାତାପିତା, ପ୍ରବୀଣଙ୍କ ସ୍ତ୍ରୀ ଏବଂ ଦୁଇ ଝିଅ ଏବଂ ଗୋଟିଏ ପୁଅ ସମେତ ତିନି ଜଣ ପିଲା ଅଛନ୍ତି । ଘଟଣାସ୍ଥଳରୁ ପୋଲିସ ଏକ ସୁଇସାଇଡ ନୋଟ ଜବତ କରିଛି ।

ପୂର୍ବ ରେଳବାଇ ସମସ୍ତ ବ୍ଲଗର ଏବଂ ୟୁଟ୍ୟୁବରଙ୍କୁ ଜାତୀୟ ସୁରକ୍ଷା ଦୃଷ୍ଟିରୁ ଏହାର ଅଧିକାର କ୍ଷେତ୍ର ଅନ୍ତର୍ଗତ ଷ୍ଟେଶନଗୁଡ଼ିକର ବିସ୍ତୃତ ଫଟୋଗ୍ରାଫ କିମ୍ବା ଭିଡିଓ ନ କରିବାକୁ ଅନୁରୋଧ କରିଛି । ପାକିସ୍ତାନ ପାଇଁ ଗୁପ୍ତଚର ଅଭିଯୋଗରେ ଗିରଫ ହୋଇଥିବା ହରିୟାଣାର ଜ୍ୟୋତି ମାଲହୋତ୍ରାଙ୍କ ମାମଲାକୁ ଧ୍ୟାନରେ ରଖି ରେଳବାଇ ଏହି ପଦକ୍ଷେପ ନେଇଛି ।

ପୂର୍ବ ରେଳବାଇ କହିଛି ଯେ ସମ୍ପୃକ୍ତ ଅଧିକାରୀମାନେ ନଜର ରଖିବେ ଏବଂ ନିଶ୍ଚିତ କରିବେ ଯେ କେହି ଗୁରୁତ୍ୱପୂର୍ଣ୍ଣ ଷ୍ଟେଶନଗୁଡ଼ିକର ବିସ୍ତୃତ ଫଟୋଗ୍ରାଫ ନେଇପାରିବେ ନାହିଁ । ପୂର୍ବ ରେଳବାଇର ଜଣେ ମୁଖପାତ୍ର କହିଛନ୍ତି, 'ଷ୍ଟେଶନ ପରିସର ଏବଂ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ଲାଟଫର୍ମର ଫଟୋଗ୍ରାଫ କିମ୍ବା ଭିଡିଓ ନେବା ଉପରେ ପ୍ରତିବନ୍ଧକ ଲାଗୁ ହୋଇଛି । ଏବେ ଆମେ ସାରା ଦେଶରେ ସୃଷ୍ଟି ହେଉଥିବା ପରିସ୍ଥିତି ଏବଂ ସୁରକ୍ଷା ସତର୍କତା ସହିତ ନଜର ରଖିବାକୁ ନିଷ୍ପତ୍ତି ନେଇଛୁ ।' ଅଧିକାରୀ କହିଛନ୍ତି ଯେ କିଛି ବ୍ଲଗର କିମ୍ବା ୟୁଟ୍ୟୁବର ରେଳ ଷ୍ଟେଶନଗୁଡ଼ିକର 'ଭିଡିଓ ବ୍ଲଗ' ତିଆରି କରିବାକୁ ଚେଷ୍ଟା କରନ୍ତି, ଯାହା ଖୁବ୍ ଚିନ୍ତାଜନକ । ସେ କହିଛନ୍ତି ଯେ ସମସ୍ତ ବିଭାଗ ଏବଂ ବିଭାଗରେ କଟକଣା ଜାରି ଅଛି, କିନ୍ତୁ କେତେକ ଲୋକ ନିର୍ଦ୍ଦେଶାବଳୀ ପାଳନ କରିବାକୁ ଚାହୁଁନାହାଁନ୍ତି । ସେ କହିଛନ୍ତି, 'ଆମେ ସମସ୍ତ ବ୍ଲଗର ଏବଂ ୟୁଟ୍ୟୁବରଙ୍କୁ ଅନୁରୋଧ କରୁଛୁ ଯେ ସେମାନେ ଏବେ ଏପରି କାର୍ଯ୍ୟକଳାପ କରନ୍ତୁ ନାହିଁ । ସୁରକ୍ଷା ସହିତ ଆପତ୍ତି କରାଯାଇପାରିବ ନାହିଁ, ତେଣୁ ଏହି କଟକଣା ଜରୁରୀ ଥିଲା । ମୁଖପାତ୍ର କହିଛନ୍ତି ଯେ ଯଦି ଗଣମାଧ୍ୟମ କିମ୍ବା ନ୍ୟୁଜ ଚ୍ୟାନେଲଗୁଡ଼ିକୁ କୌଣସି କାର୍ଯ୍ୟକ୍ରମ କଭରେଜ କରିବାକୁ ପଡ଼େ, ତେବେ ଏଥିପାଇଁ ସ୍ୱତନ୍ତ୍ର ଅନୁମତି ନିଆଯାଇପାରିବ, କିନ୍ତୁ ସାଧାରଣ ନାଗରିକଙ୍କୁ ଷ୍ଟେଶନ କିମ୍ବା ଏହା ପରିସରର ଫଟୋ ଉଠାଇବା କିମ୍ବା ଭିଡିଓ ତିଆରି କରିବାର ଅନୁମତି ନାହିଁ । ସେ ପୁଣି ଥରେ କହିଛନ୍ତି ଯେ ଏପରି କଟକଣା ପୂର୍ବରୁ ରହିଛି, କିନ୍ତୁ ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହାକୁ କଡ଼ାକଡ଼ି ପାଳନ କରିବା ଆବଶ୍ୟକ । ତେଣୁ, ଏହାକୁ ପୁଣି ଥରେ ଦୋହରାଇ ଦିଆଯାଉଛି ଏବଂ କଡ଼ାକଡ଼ି କାର୍ଯ୍ୟକାରୀ କରାଯାଉଛି ।"

ସିକ୍କିମରେ ଏକ ବଡ଼ ଅଘଟଣ ଘଟିଛି । ବୁଲିବା ପାଇଁ ଯାଇଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି ପର୍ଯ୍ୟଟକ । ପ୍ରାୟ ହଜାରେ ଫୁଟ ତଳକୁ ଏକ କାର୍ ତିସ୍ତା ନଦୀକୁ ଖସି ପଡିଛି । ଏହି ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଏବେ ବି ୯ ଜଣ ନିଖୋଜ ଅଛନ୍ତି । ନିଖୋଜଙ୍କ ମଧ୍ୟରେ ଯାଜପୁରର ଭାଜପା ନେତ୍ରୀ ଇତିଶ୍ରୀ ଜେନା ମଧ୍ୟ ରହିଥିବା ସୂଚନା ମିଳିଛି । ହେଲେ ଦୁର୍ଘଟଣାରେ ଇତିଶ୍ରୀଙ୍କ ପୁଅ ଏବଂ ପୁତୁରା ସୁରକ୍ଷିତ ଉଦ୍ଧାର ହୋଇଥିବା କୋରେଇ ବିଧାୟକ ଆକାଶ ଦାସ ନାୟକ ଗଣମାଧ୍ୟମକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶୁକ୍ରବାର ସୂଚନା ଦେଇଛନ୍ତି ।

ସୂଚନା ଯୋଗ୍ୟ, ଇତିଶ୍ରୀ ପରିବାରର ୧୧ ଜଣଙ୍କ ସହ ବୁଲିବାକୁ ଯାଇଥିଲେ । ୨ଟି ଗାଡ଼ିରେ ଯାଇଥିବା ବେଳେ ଗୋଟିଏ ଗାଡ଼ି ଖାଇରେ ଖସି ପଡ଼ିଥିଲା । ଅନ୍ୟପକ୍ଷେ ଏହି ଘଟଣାକୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଦୁଃଖ ପ୍ରକାଶ କରିଛନ୍ତି ।

ଦୁର୍ଘଟଣାର ଶିକାର ପର୍ଯ୍ୟଟକଙ୍କୁ ଉଦ୍ଧାର କରିବା ସହ ସେମାନଙ୍କୁ ଚିକିତ୍ସା ଯୋଗାଇ ଦେବାକୁ ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏପରିକି ମୁଖ୍ୟମନ୍ତ୍ରୀ ସିକିମ ସରକାରଙ୍କ ସହ ଆଲୋଚନା କରିବା ସହ ଏକ ସ୍ୱତନ୍ତ୍ର ଟିମ୍ ସିକିମ ଯିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

ଏହି ସବୁ ଘଟଣା ସହ ଆହୁରି ଅନେକ ଘଟଣା ବିଗତ ମାସରେ ଘଟି ଯାଇଛି । ସେ ସବୁ ବିଷୟରେ ଆପଣ ସାମାଜିକ ଗଣମାଧ୍ୟମରେ ସୂଚନା ପାଇଥିବେ ନିଶ୍ଚୟ ।

ଆଶା କରୁଛି ଆପଣମାନେ ଖୁସିରେ ରଜ ପର୍ବ ପାଳନ କରିବେ । ଭଗବାନ ସମସ୍ତଙ୍କୁ ସୁଖ ସମୃଦ୍ଧି ଓ ସମ୍ମାନ ଦିଅନ୍ତୁ । ଆସନ୍ତୁ ପଢ଼ିବା ଆହ୍ୱାନ ଇ-ପତ୍ରିକାର ଜୁନ ୨୦୨୫ ସଂସ୍କରଣ ।

ଧନ୍ୟବାଦ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗଳ୍ପ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅନେକ କଳାଛାଇ - ୨୮

ଅଶୋକ ବିଶ୍ୱାଳ



ରୌପ୍ୟ ବନ୍ଦୀଶାଳାର ଜେଲର - ୮

ଅବିନାଶ, ତୁମେ ସେ ବାଳକ ପାଇଁ ଭାବୁଛ କାହିଁକି, ତା'କୁ ବେତ୍ରାଘାତ ହୋଇନି ।

ବେତ୍ରାଗାତ ପାଇଁ ସେ ବେଦୀ ।– ଅବିନାଶ ଭିତରେ କିଏ ପ୍ରଶ୍ନ ଉଠାଇଲା ।

ଅବିନାଶ ବେତ୍ରାଘାତର ବେଦୀ ବିଷୟରେ ଆଉଥରେ ମନେ ପକାଇଲା ଯଦିଓ ସେଇଟା ସେ ଆଗରୁ ଦେଖିଛି ଆଉ ଆଉ କାହାଠୁ ବହୁବାର ଶୁଣିଛି । ବେତ୍ରାଘାତ ପାଇଁ ଦୁଇ ବାହୁର ମଧ୍ୟରେ ଏକ ଥ୍ରୀ ଡାଇମେନସନାଲ କୋନ ବା ଲୁହା ତ୍ରଭୁଜ ଯେମିତି ବନାଯାଇଛି । ଦୁଇଟି ବଡ଼ ଲୁହାକୁ ତ୍ରିଭୁଜର ଦୁଇବାହୁ ହିସାବରେ ଚଟାଣରେ ପୋତିଦିଆଯାଇଛି ଆଉ ଉପରେ ଯୋଡିଯାଇଛି । ତା' ଦେହରେ ଅଭିଯୁକ୍ତର ହାତ ବନ୍ଧାଯାଉଛି । ଅଭିଯୁକ୍ତ ସାମାନ୍ୟ ନଇଁ ଠିଆ ହେଉଛି, ତା' ଗୋଡକୁ ତଳେ ବାନ୍ଧି ଦିଆଯାଉଛି । ଫଳରେ ସେ ହଲିପାରୁନି । ତା'ପରେ ଆରମ୍ଭ ହେଉଛି ବେତ୍ରାଘାତ । କିଛିଟା ପାହାର ସେ ସହିଯାଉଛି, କିନ୍ତୁ ଯେମିତି ପିଚା ପିଠି ପାଟିଯାଉଛି, ଯନ୍ତ୍ରଣା ବେଶି ବେଶି ହେଉଛି ଆଉ ତା'ର ଆର୍ତ୍ତନାଦରେ ପ୍ରାଙ୍ଗଣ ଫାଟିପଡୁଛି ।

ସେମାନଙ୍କୁ ମୁକ୍ତିଦିଅ ପ୍ରଭୁ ।- ତା' ଭିତରୁ କିଏ କହିଲା ।

ନାନୀ ଗୋପାଲ କିନ୍ତୁ ଦଃଖିତ ଥିଲା ।ଏକ ଆଶ୍ଚର୍ଯ୍ୟର୍ କିଶୋର । ସେ ବେତ୍ରାଘାତ ନେବାକୁ ଚାହୁଁଥିଲା । ଶେଷ ପର୍ଯ୍ୟନ୍ତ ଯନ୍ତ୍ରଣାକୁ ସହିବାକୁ ଚାହୁଁଥିଲା । ଏଇଟା ତୁମେ ଜାଣିଛ ତ ।- ଅବିନାଶକୁ କିଏ ଯେମିତି କହିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେ ନାନୀ ଗୋପାଳର ଆତ୍ମ କଥା ଯେମିତି କବିତାରେ ଶୁଣୁଥିଲା ।

ଏଡେ ଉଚ୍ଚ ପାଚେରୀ ଦିନେ ଭାଙ୍ଗିଯିବ

ଆକାଶର ସବୁତାରା ଓହ୍ଲାଇ ଆସିବେ

ଆଉଁଷିଦେବେ ସୋରାଗରେ,

ମୋତେ କୋଳାଇ ତ ନେବେ

ନୂଆ ଆକାଶକୁ ସାଥେ ନେଇଯିବେ

ନିଜ ନିଜ କିରଣରେ ସଜାଇବେ ଶରଧାରେ

ସବୁଠାରୁ ମୁଁ ଦୀପ୍ତିମାନ, ଜଳୁଥିବି ନିରନ୍ତର

ଟିକିଏ ନଥିବ ବନ୍ଧନ, ସେଇଠି ସମସ୍ତେ ସ୍ୱାଧୀନ

ମୁକ୍ତ ଯେ ପବନ

କେବେ ବେଡି ଥିଲା ମୋ ଗୋଡରେ

ଚିହ୍ନ ରହିବନି, ମୁଁ ଦେଖିବିନି

ଏକ ଏକ ପଲକର ଶୂନ୍ୟତା

ଆଲୋକ ବନ୍ୟାରେ ଧୋଇଯାଇଥିବ ।।

ଇନ୍ଦୁଭୂଷଣର ଆତ୍ମହତ୍ୟା, ଉଲାସ୍କରଙ୍କ ପାଗଳ ହୋଇଯିବା ଆଉ ନାନୀ ଗୋପାଳର ଆମରଣ ଅନଶନ କଥା ସାରା ଦେଶରେ କେମିତି ପହଞ୍ଚିଗଲା । ସେତେବେଳକୁ ନାନୀ ଗୋପାଳ ଚମ ଛାଉଣୀ ମୂର୍ତ୍ତିରେ ପରିଣତ ହୋଇଗଲାଣି । ଦେଢମାସ ତା'କୁ ଅଳ୍ପ ଅଳ୍ପ ଦୁଧ ନାକଦେଇ ଦିଆଯାଉଥିଲା । ଏମିତି ଅବସ୍ଥାରେ ମଧ୍ୟ ତା'କୁ ଏକ ସପ୍ତାହ ହାତରେ କଡି ଆଉ ଗୋଡରେ କଡି ଲଗାଇ ଠିଆ କରାଗଲା । କିନ୍ତୁ କିଛି ତା' ଦୃଢତାରେ କିଛି କମ ହେଲାନି । ଅନ୍ୟ ସହ କଇଦୀଗଣ ତା'ର ନିଷ୍ଠା ଆଉ ଭୋକ ହରତାଳରେ ବହୁ ପ୍ରଭାବିତ ହୋଇଥିଲେ । ଛଅ ସାତଜଣ ମଧ୍ୟ ତା'

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଖାଦେଖି ହରତାଳ କଲେ । ସେମାନଙ୍କୁ ମଧ୍ୟ ଚେନରେ ବନ୍ଧାଯାଇ ଠିଆ କରିଦିଆଗଲା ।

ସବରକର ଲେଖିଛନ୍ତି, କଇଦୀମାନଙ୍କୁ ଖାଇବା ପାଇଁ ଘଣ୍ଟାଏ ଲେଖା ସକାଳେ ଆଉ ସନ୍ଧ୍ୟାବେଳେ ନିଆଯାଉଥିଲା । ମିଷ୍ଟର ବେରୀ ଖାଇଲାବେଳେ ଠିଆ ହୋଇ ରହୁଥିଲା, କାଳେ କଇଦୀମାନେ ଏ ଭିତରେ କଥାବାର୍ତ୍ତା କରିବେ । ପ୍ରାୟ ତିନିଦିନ ପର୍ଯ୍ୟନ୍ତ ସବୁ ଠିକ ଚାଲିଲା । ପଞ୍ଚମଦିନ ଖାଇବା ପାଇଁ ଥାଳି ଧରି ତଳେ ବସିଛନ୍ତି, କିଏ ଜଣେ ଭାଷଣ ଦେଲାପରି ଲାଗିଲା ।

"ଭାଇମାନେ ଆମେ ମୁକ୍ତ ।"

ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ ଆଉ ଉପରକୁ ଅନାଇଲେ । ଆଉ ଏ ଶବ୍ଦମାନ ଥିଲା ନାନୀ ଗୋପାଳର । ସେ ମୃତ୍ୟୁର, ଲାଂଛନାର ନୀରବତା ଭାଙ୍ଗି କଥାମାନ କହୁଥିଲା । ଡେଭିଡ ବେରୀର ଆଦେଶକୁ ସେ ଅମାନ୍ୟ କରିଥିଲା । ସେ କହିଚାଲିଲା-

"ଭାଇମାନେ ଆମେମାନେ ଜନ୍ମରୁ ସ୍ୱାଧୀନ । ଆମର ଅନ୍ୟସହ କଥାହେବା, ସ୍ନେହ ଆଉ ସଦିଚ୍ଛା ଦେବା ଜନ୍ମଗତ ଅଧିକାର । ଏମିତିକି ଆମ ଶତ୍ରୁଯଦି ଆମର ଏହି ସ୍ୱାଧୀନତା ନେବାକୁ ବସେ ତା'କୁ ଆମେ ପ୍ରତିରୋଧ କରିବା । ଦେଖ ମୁଁ ତୁମମାନଙ୍କ ସହ କଥା ହେଉଛି ଆଉ କଥାବାର୍ତ୍ତା ଜାରି ମଧ୍ୟ ରଖିବି ।"

ଏହି କେତେଟା ବାକ୍ୟ ତା' ମୁହଁରୁ ସରିନାହିଁ ଡେଭିଡ ବେରୀ, ମିର୍ଜ୍ଜାଖାନ ଆଉ ଅନ୍ୟ ପଠାଣ ଓ୍ୟାର୍ଡରମାନେ ରୋଷରେ ମାଡି ଆସିଲେ । କିନ୍ତୁ ନାନୀ ଗୋପାଳ ମୁହଁ ବନ୍ଦ କଲାନାହିଁ । ତା'କୁ ଉଠାଇନେଇ ତା' ସେଲରେ ବନ୍ଦ କରିଦିଆଗଲା ।

ସମସ୍ତେ ନିଜର ଭୋକ ହରତାଳ ବନ୍ଦ କରୁଥିଲେ, କିନ୍ତୁ ନାନୀ ଗୋପାଳ ତା' ଭୋକ ହରତାଳ ବନ୍ଦ କଲାନି । ତା' ଦେହ ଅତି ଖରାପ ହୋଇଆସିଥିଲା ଆଉ ତାହା ସାଥି କଇଦୀମାନଙ୍କ ଚିନ୍ତା ବଢାଉଥିଲା । ଯେତେବେଳେ ନାନୀ ଗୋପାଳ ନିଜ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସାଥିମାନଙ୍କ କଥା ମଧ୍ୟ ନମାନି ଭୋକ ହରତାଳ ବନ୍ଦ କଲାନାହିଁ, ବାଧ୍ୟ ହୋଇ ସାଭରକର ତା'କୁ ବୁଝେଇବାପାଇଁ ନିଜେ ତା' ଭୋକ ହରତାଳ ବିରୁଦ୍ଧରେ ନିଜ ଭୋକ ହରତାଳ ଆରମ୍ଭ କଲେ । ଶେଷରେ ନାନୀ ଗୋପାଲ ବୁଝିଲା ଆଉ କିଛି ଖାଦ୍ୟ ଗ୍ରହଣ କଲା ।

ଡେଭିଡ ବେରୀର ଚୁକ୍ତିନାମାର ସର୍ତ୍ତ ଠିକଭାବେ ପାଳିତ ହୋଇପାରିଲା ନାହିଁ । ସେ ସଂନ୍ଧ୍ୟାରେ କିଛି ଲେଖିପାରିନଥିଲା । ଆଉ ତା'ର ମାନନୀୟ ମଧ୍ୟ କାଗଜ ଦେଖିବା ପାଇଁ ଆସିନଥିଲେ ।

ବିନାୟକ ଦାମୋଦର ସଭରକର

ଡେଭିଡ ବେରୀ ନିଜ ଚଉକିରେ ସିଧା ହୋଇ ବସିଥିଲା ଆଉ ଆଗରେ ଜଣେ କଇଦୀ ଠିଆ ହୋଇ ରହିଥିଲା । ସାଧାରଣ ଶରୀରର ଯୁବକ । ବୟସ ପ୍ରାୟ ୨୪-୨୫ ବର୍ଷ ବୟସ । ତା' ଉପରେ ଥିବା ଅଭିଯୋଗ ଆଉ ବିଚାର ସଂକ୍ରାନ୍ତୀୟ କାଗଜର କିଛି କିଛି ଅଣ୍ଡରାଲଇନ କରିଥିବା ଅଂଶ ମିର୍ଜ୍ଜା ଖାନ ବଡ଼ ପାଟିରେ ପଢୁଥିଲା । ପ୍ରତିଟି ଧାଡି ସହ ଡେଭିଡ ବେରୀର ମୁହଁ ଅଧିକରୁ ଅଧିକ ଲାଲ ହୋଇଯାଉଥିଲା ଆଉ ସେହି ଅନୁପାତରେ କଇଦୀଟିର ମୁହଁ ଉଜ୍ଜ୍ୱଳ ହୋଇଉଠୁଥିଲା । ଓ୍ୟାର୍ଡରମାନେ ଜେଲରଙ୍କ ଦ୍ୱାରଠାରୁ ଦୂରରେ ଧାଡି କରି ଠିଆ ହୋଇଥିଲେ । ସେମାନଙ୍କ କାନ ମିର୍ଜାର କୁହାକଥା ଶୁଣିବାକୁ ଅନାଇ ବସିଥିଲା । ଆଉ ମିର୍ଜ୍ଜା ଖାନ ସ୍ୱଷ୍ଟ ପଢୁଥିଲା ।

ବିନାୟକ ଦାମୋଦର ସଭରକର, ବୟସ ୨୪-୨୫ ବର୍ଷ । ସେ ମହାରାଷ୍ଟ୍ରର ନାସିକର ବାସିନ୍ଦା ଆଉ ଅଭିନବ ଭାରତ ସୋସାଇଟିର ପ୍ରତିଷ୍ଠାତା ।

ଏହି ଯୁବକ- 'ଯୁଦ୍ଧ ବିନା ସ୍ୱତନ୍ତ୍ରତା କେବେ ମିଳେନା ।'- ବୈପ୍ଲବିକ କ୍ରାନ୍ତଧାରା ମହାରାଷ୍ଟ୍ରରେ ପ୍ରସାର କରିଥିଲା । ଏହି ବୈପ୍ଲିବକ ଧାରାରେ ବହୁ ଯୁବକ ପ୍ରଭାବିତ ହୋଇଥିଲେ । ଫଳତଃ ମଦନ ଲାଲ ଧୀଙ୍ଗ୍ରା କର୍ଣେଲ ସାର ଉଇଲିଅମ କର୍ଜ୍ଜନ ଉଇଲିଙ୍କୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲଣ୍ଡନରେ ୧ ଜୁଲାଇ ୧୦୦୯ ମସିହାରେ ହତ୍ୟା କରିଥିଲା ।

୧୯୦୬ ମସିହାରେ ବିନାୟକ ୟୁରୋପ ଯାଇଥିଲା । ସେ ବୋମା ତିଆରି କିପରି କରାଯାଏ, ଏହି ସଂକ୍ରାନ୍ତୀୟ ଦସ୍ତାବିଜ ଭାରତକୁ ଚୋରାରେ ପଠାଇଦେଇଛି । ବିନାୟକକୁ ଇଂଲାଣ୍ଡରେ ବନ୍ଦୀ କରାଗଲା ଆଉ ଭାରତକୁ ପଠାଇଦିଆଗଲା । ଫ୍ରାନସର ମାର୍ସେଲେସ ବନ୍ଦରରେ ଖସି ପଳାଉଥିଲା, କିନ୍ତୁ ପୁଲିସ ହାତରେ ଧରା ପଡିଲା । ନାସିକ କନସ୍ପାରେସି କେସ ମାମଲାରେ ଏହାକୁ ବିଚାରରେ ମୋଟ ପଚାଶ ବର୍ଷର ଆଜୀବନ ନିର୍ବାସନ କାରାବାସ ମିଳିଛି ।

୧୮୫୭ ମସିହାର ବିଦ୍ରେହ ଉପରେ ସଭରକର ୧୦ ମେ ୧୯୦୮ ମସହାରେ ଓଃ ଅମରଗଣ ( 'ଓଃ ମାର୍ଟାୟାର୍ସ' ) ନାମକ ୪ ପୃଷ୍ଠାର ପାମ୍ଫଲେଟ ପ୍ରକାଶ କରିଅଛି । ବିଦ୍ରୋହକୁ ସେ ମୁକ୍ତି ସଂଗ୍ରାମର ନାମ ଦେଇଥିଲା । ମୁକ୍ତି ସଂଗ୍ରାମ ସମୟରେ ସେ ୨୦ଟି ପିସ୍ତଲ ଇଂଲାଣ୍ଡରୁ ନେଇଆସିଥିଲା ।

ଏ ଏକ ବିପଦଜନକ କଇଦୀ । ତେଣୁ ପଚାଶ ବର୍ଷର କାରାବାସ ମିଳିଛି । ବୋମା ସଂକ୍ରନ୍ତୀୟ ସେ ସବୁ ଜ୍ଞାନ ଜାଣିଛି । ପିସ୍ତଲ ଚଲାଇବାର ଅଭିଜ୍ଞତା ଅଛି । ଅତି ସାବଧାନତାରେ ସହ ଏହାକୁ ଜଗିବା ଦରକାର । ବିନାୟକକୁ ଶେଷ ଆଡକୁ ରଖିବା ଦରକାର ଯେମିତି ସେ କାହା ସହ ବେଶି ମିଳାମିଶା କରିନପାରେ ଆଉ ବାହାର ଦୁନିଆ ସହ କିଛି ସଂମ୍ପର୍କ ରଖିନପାରେ । ଅତି ଚାଲାକ ଲୋକ ।

କଇଦୀ ବିନାୟକ ସଭରକରକୁ ଜେଲର ଦ୍ୱିତୀୟ ମହଲାର କରିଡରର ଶେଷ ସେଲରେ ରଖାଯିବ ।-ଡେଭିଡ ବେରୀ ଆଦେଶ ଦେଲା ।

ଡେଭିଡ ବେରୀ ତାଙ୍କୁ ଭଲକରି ଅନାଇଲା । ତା' ପାଖରେ ଆଉ ଏକ କାଗଜ ଥିଲା । ତା'କୁ ପଢି ବେରୀର ମୁହଁ ଏକଦମ କଳା ପଡିଗଲା । ସେ ଜମାଦାରମାନଙ୍କୁ ଠାରିଲା । ସେମାନେ କଇଦୀକୁ ସାଥିରେ ନେଇଗଲେ । ଲୋକଟା କିଛି ଟାଣି ଓଟାରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନହୋଇ, କିଛି କାକୁତି ବିନତି ନକରି ସିଧା ସିଧା ଚାଲିଗଲା । ଅନ୍ୟ କଇଦୀମାନେ ଏପଟ ସେପଟ ଅନାନ୍ତି, ସେମାନଙ୍କ ମୁହଁରେ ହତାଶା ଭାବ ଥାଏ, ମୁହଁରୁ ବାରମ୍ବାର ଦୀର୍ଘଶ୍ୱାସ ବାହାରୁଥାଏ । କିଛିଙ୍କ ଆଖିରେ ଲୁହ ଭରିଯାଏ । କିନ୍ତୁ ଏ କଇଦୀ ମୁହଁରେ ସେମିତି କିଛି ଭାବ ନଥିଲା । କାନ୍ଦ ନଥିଲା, ହସ ନଥିଲା ।

"ସବରକର ବ୍ରିଟିଶ ସାମ୍ରାଜ୍ୟର ସବୁଠାରୁ ବଡ଼ ଶତ୍ରୁ ।"– ଲାଲ ଅକ୍ଷରରେ ସ୍ପଷ୍ଟ ଲେଖାଅଛି ।

ଏ କଇଦୀକୁ କେଉଁ ଜେଲରେ ବନ୍ଦୀ କରି ଚିରଜୀବନ ରଖାଯିବା କଷ୍ଟ । ତା'କୁ ମାନସିକ ଆଉ ଶାରୀରିକ ସ୍ତରରେ ଭାଙ୍ଗି ଦେବାକୁ ପଡ଼ିବ । ଡେଭିଡ ବେରୀକୁ ଦିନକୁ ଦୁଇଥର ସବରକରଙ୍କୁ ଦେଖିବାକୁ ଯିବାକୁ ପଡ଼ିବ ।– ଏ ଆଦେଶ ମଧ୍ୟ ସ୍ପଷ୍ଟ ଲେଖାଥିଲା ।

ଡେଭିଡ ବେରୀର ସମସ୍ତ ଜମାଦାର ଆଉ ଓ୍ୟାର୍ଡରମାନଙ୍କୁ ଡାକିଲା ଆଉ କହିଲା– ମୋ ଚେତାବନୀ ଅତି ଧ୍ୟାନରେ ଶୁଣ । ଜେଲ ଇତିହାସରେ ସବୁଠାରୁ ଦୁଷ୍ଟ କଇଦୀ ହେଉଛି ଏହି ସାଭରକର । କେହି କଇଦୀ ଯେମିତି ତା' ପାଖକୁ ଯିବନାହିଁ ଏହା ତୁମେମାନେ ନିଶ୍ଚିତ କରିବ । ସେ କଇଦୀମାନଙ୍କୁ ମତେଇବ, କିନ୍ତୁ ତୁମେମାନେ କଇଦୀମାନଙ୍କୁ ଜଣାଇ ଦେବ ଯେ ତାଠାରୁ ସମସ୍ତେ ଦୂରରେ ରୁହନ୍ତୁ । ସେ ଅତି ଚତୁର ଲୋକ । ତେଣୁ ଯିଏ ନିୟମ ଭାଙ୍ଗିବ, ତା'କୁ ଦଣ୍ଡ ମିଳିବ ।

ଡେଭିଡ ବେରୀର ଏ ଘୋଷଣା ପରେ ସବୁ ଜମାଦାର ଆଉ ଅନ୍ୟ ରକ୍ଷୀମାନେ ଜୋରରେ ସାଲ୍ୟୁଟ ମାରିଲେ । ସାମାନଙ୍କର ଆଖି ସାଭରକର ଯାଇଥିବା ରାସ୍ତା ଉପରେ ବୁଲିଗଲା । ଏକ ସାଧାରଣ ଚେହେରାର ଲୋକ । ଏତେ ଚତୁର । ବିଶାଳ ବ୍ରିଟିଶ ଶାସନର ସବୁଠାରୁ ବଡ଼ ଶତ୍ରୁ । କିଛି ବିଶ୍ୱାସ ହେଉନି । ସମସ୍ତଙ୍କର ଡୋଳା ବଡ଼ ହୋଇଯାଉଥିଲା ଆଉ ନିଶ୍ୱାସ ଯେମିତି ଅଟକି ଯାଉଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୁମେ ଅତି ଚାଲାକ ଲୋକ ତାହାହେଲେ ।- ଡେଭିଡ ବେରୀ ସାଭରକରଙ୍କ ପାଖକୁ ଆସି କହିଲା ।

ସାଭରକର ଡେଭିଡ ବେରୀକୁ ଚାହିଁଲେ । ଲୋକଟା ଭାବୁଛି ସେ ଜଗିବା ଦ୍ୱାରା ଅନ୍ୟ କଇଦୀମାନଙ୍କ ସହ କଥାବାର୍ତ୍ତା ହୋଇପାରିବ ନାହିଁ । ବୁଦ୍ଧିମାନ ମଣିଷକୁ କିଏ ଜଗିପାରେ ? ସେ ନିଜ ସେଲ ଭିତରକୁ ଚାହିଁଲେ । ଇଟା ତିଆରି ସେଲ । ବେଶ ମୋଟ କାନ୍ଥ । ମେଜିଆ ମଧ୍ୟ ଇଟାର । ତା' ଭିତରେ ସେ ଜୀବନ କାଟିବେ ବର୍ଷ, ଦୁଇ ବର୍ଷ ନୁହଁ ପଚାଶ ବର୍ଷ । କୋଠରୀରେ ପ୍ରାୟ ୬-୭ ଫୁଟ ଉଚ୍ଚରେ ଏକ ଝରକା, ବେଶ ମୋଟ ଲୁହା ରଡ ଲାଗିଛି । ବାହାରକୁ ଏକ ଟିଣ ସିଟ, ସେଥି ଯୋଗୁଁ ବାହାର ଆଲୋକ ତ ଆସିବ, କିନ୍ତୁ ଆଉ କିଛି ଦେଖାଯିବନି । ବାସ କିଛି ବାହାର ପବନ ଆସିବ । ସେ ନିଜ ପାଖରେ ଥିବା ଭିନ୍ନ ଭିନ୍ନ ଉପକରଣକୁ ଦେଖିଲେ । ଥାଳି, ଗିଲାସ, ହାତ, ଗୋଡ କଡି । ଆଉ ସେମିତି କିଛି ନାହିଁ ।

କଥାରେ । ଜଣେ ଜଣଙ୍କ ସହ କଥା ହୋଇପାରିବେ । ଦେଖି ତ ପାରିବେନି । କିନ୍ତୁ ପାଟି କଲେ, ଇଟା କାନ୍ଥ ଭେଦି ଶବ୍ଦ କିଛି ଚାଲିଯିବ । କଇଦୀମାନେ ତା'ପରେ କହିଚାଲିବେ ଆଉ କଥାଟା ସମସ୍ତଙ୍କ ପାଖରେ ପହଞ୍ଚିଯିବ । କିନ୍ତୁ ଅସୁବିଧା ଅଛି । ଜମାଦାର ଆଉ ଓ୍ୟାର୍ଡରମାନେ ମଧ୍ୟ କଥା ଶୁଣିନେବେ । ତେଣୁ କିଛି ବିଚାର ବିମର୍ଷ ହୋଇପାରିବନି ।

ମୋର୍ସ କୋଡ । କୋଡ ମାଧ୍ୟମରେ ବାର୍ତ୍ତା ପଠାଯିବ ଆଉ ଓ୍ୟାର୍ଡରମାନେ ଧରି ପାରିବେନି । ଜାଣିଲେ ବି କିଛି କରି ପାରିବେନି, କାରଣ ସେମାନେ ତାହା ବୁଝିପାରିବେନି । ଗୋଟାଏ ସେଲରୁ ଆଉ ଏକ ସେଲ ଦେଖାଯାଉନି । ଆଗରେ ଆଉ ଏକ ଆର୍ମ ବା ବାହୁ, ସେଥିରେ କେତେ କେତେ ସେଲ, କିନ୍ତୁ କେବଳ ନୁଆଁଣିଆ ଝରକାର ଟିଣ ସିଟ ଦେଖାଯାଉଛି । ସେଲର ଗେଟ ମୁହଁରେ କେବଳ ପଠାଣ ଜମାଦାର ମୁହଁ ବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଡେଭିଡ ବେରୀ ମୁହଁ ଦେଖାଯିବ । ଅନ୍ୟ କେଉଁ କଇଦୀ ଦେଖାଯିବେ ନାହିଁ ଆଉ ପାଖ ସେଲରେ କେଉଁ କଇଦୀ ଅଛି ଜଣାଯିବ ନାହିଁ । ବାର୍ତ୍ତା କିନ୍ତୁ କୋଡ ମାଧ୍ୟମରେ ଚାଲିଯିବ । ପ୍ରତି ସେଲରୁ ରିପିଟ ହୋଇଯିବ ଆଉ ସାରା ସେଲୁଲାର ଜେଲରେ କ୍ଷଣକରେ ବାର୍ତ୍ତା ଚାଲିଯିବ ।

ଟେଲିଗ୍ରାଫଟା କ'ଣ କି ? ଠକ୍ ଠକ୍ ଠ୍କ ହୋଇ ଏକ ମୁନ କାଗଜକୁ ବାଡେଇ ଚାଲିଛି ଆଉ ସେଥିରୁ ବାର୍ତ୍ତା ବାହାରି ଆସୁଛି । ଠକ୍ ଠକ୍ ଗତିରୁ ଅକ୍ଷର ଫୁଟି ଆସୁଛି । ଏଠି ସେଲରେ ଲୁହା ଗେଟ ଅଛି, ଥାଳି ଅଛି, ହାତ, ଗୋଡ ବେଢ଼ି ଅଛି । ଅସୁବିଧା କେଉଁଠି ? ବିନାୟକ ସଭରକର ନିଜର ଏକ କୋଡ ଲାଙ୍ଗୁଏଜ ବାହାର କରିନେଲେ । ଗୋଡରେ ଗୋଡକଡାମାନ ଲାଗିଥିଲା, କଇଦୀମାନେ ଲୁହା ଗେଟରେ ତା'କୁ ବାଡେଇ କୋଡ ହିସାବରେ ଶବ୍ଦ ତିଆରି କରୁଥିଲେ । ତେଣୁ ଖବର କେବଳ ଦୁଇ ତିନୋଟି କୋଠରୀ ନୁହେଁ, ସବୁ ସେଲ, ସବୁ ବାହୁକୁ ସହଜରେ ଚାଲିଯାଉଥିଲା । ଏମିତିଆ ସାଙ୍କେତିକ ଭାବ ଆଦାନ ପ୍ରଦାନରେ ଓ୍ୟାର୍ଡରମାନେ କିଛି କରିପାରୁନଥିଲେ । ପ୍ରଥମେ ଇଂରାଜୀରେ କୋଡ ଥିଲା କିନ୍ତୁ ପରେ ଏହାକୁ ନାଗରୀ ଲିପିରେ ବଦଳାଇ ଦିଆଗଲା । ଫଳରେ ଏକ ସ୍ୱଦେଶୀ ଟେଲିଗ୍ରାଫିକ କୋଡ ତିଆରି ହୋଇଗଲା । ସେମାନଙ୍କ ଭିତରେ ଏମିତି ସାଙ୍କେତିକ ବାର୍ତ୍ତା ଚାଲିଥିଲା ଆଉ ସବୁ ରାଜନୈତିକ ବନ୍ଦୀ ଏକ ମଣିଷ ଭଳି ବ୍ୟବହାର କରୁଥିଲେ ।

ପ୍ରଥମ ସୋପାନ । ରାଜନୈତିକ ବନ୍ଦୀମାନଙ୍କୁ ଏକତ୍ରିତ କରିବା ପାଇଁ ପ୍ରଥମ ଶିଡି । ତାଙ୍କର ସେଲୁଲାର ଜେଲ ଭିତରକୁ ଆସିବାର ପ୍ରଥମ ଦିନ ମନେ ଅଛି । ଏକ ଚଉଡା ଶିଡିରେ ଚଢ଼ି ସେ ଦ୍ୱିତୀୟ ମହଲାକୁ ଆସିଥିଲେ । ସେ ଶିଡି ବେଶି ଉଚ୍ଚା ନଥିଲା ବା ଅତି ନୀଚା ନଥିଲା, ସହଜରେ ଚଢ଼ି ହୋଇପାରୁଥିବା ଶିଡି । ତେଣୁ ସେଲୁଲାର ଜେଲଟା ଅପହଞ୍ଚ ହେବନି । ଚାଲିଲାବେଳକୁ ତାଙ୍କ ଉପରେ ଲୁହା ରଡର ଛାଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଡୁଥିଲା, କରିଡରରେ ସଂମ୍ପୂର୍ଣ ନୀରବତା ଆଉ କେବଳ ଦିନର କେତେଟା ଛାଇ । ବାସ ସେତିକି । କିନ୍ତୁ ସେ ଛାଇମାନ ଜଣାଇ ଦେଉଥିଲା ପ୍ରତି ସେଲରେ ଲୋକ ଅଛନ୍ତି । ତା'ପରେ ସେ କରଡରରେ ପ୍ରତିଦିନ ଚାଲିଛନ୍ତି, କାମ କରିବା ପାଇଁ ତଳକୁ କାର୍ଯ୍ୟଶାଳାକୁ ଯିବାକୁ ପଡେ । ସେ ଛାଇମାନ ତାଙ୍କୁ ସ୍ୱାଗତ କରିଛନ୍ତି ଆଉ ସେ ନିଜପାଇଁ ଏକ ଦୁନିଆ ତିଆରି କରିନେଇଛନ୍ତି । ତାଙ୍କୁ କରିଡରରେ ବୁଲୁଥିବା ଘରଚଟିଆମାନେ ଗୀତଗାଇ ସ୍ୱାଗତ କରିଛନ୍ତି ଏବଂ ବଣିମାନେ ତାଙ୍କ ଆଗରୁ ଫୁର୍ଫୁର୍ ହୋଇ ଉଡିଯାଇଛନ୍ତି ।

ସେ ବିଦ୍ରୋହର ବାର୍ତ୍ତା ପ୍ରଚାର କରିବେ । ପକ୍ଷୀମାନଙ୍କ ଭଳି ସେମାନଙ୍କ ମନ ଫୁରର୍ କରି ଏ ବନ୍ଦୀଶାଳାରୁ ଉଡିଯିବ, କେହି ଅଟକାଇ ପାରିବ ନାହିଁ । ଡେଭିଡ ବେରୀର ଏତେ ଶକ୍ତ ବନ୍ଦୀଶାଳା ତାଙ୍କୁ କେବେ ବାନ୍ଧି ିପାରିବ ନାହିଁ । ରାଜନୈତିକ ବନ୍ଦୀମାନଙ୍କ ଭିତରେ ସେ ଉତ୍ସାହ ଭରିବେ । ତେବେ ଯାଇ ତ ପ୍ରତି ସ୍ଥାନରେ ଆନ୍ଦୋଳନର ବହ୍ନି ଜଳିବ । ଯଦି ପବନ ବୋହୁନଥିବା ସେଲୁଲାର ଜେଲ କୋଠରୀ ଭିତରେ ବି ବହ୍ନି, ତେବେ ପବନ ବୋହୁଥିବା ମାତୃଭୂମିରେ ବିଦ୍ରୋହର ଅଗ୍ନିରେ ବୃଷ୍ଣକାୟ ସାମ୍ରାଜ୍ୟମାନ ଭସ୍ମୀଭୂତ ହେବ ।

ତାଙ୍କ କୋଡ଼ର ବ୍ୟବହାର ବ୍ୟାପକ ହେଲା । ଏମିତି ହରତାଳମାନ ଚାଲିଲା । ଜେଲର ମଧ୍ୟ ସବୁ ପ୍ରକାର ଦଣ୍ଡ ଦେଇଦେଇ ଥକି ଯାଇଥିଲେ । ମାଜିଷ୍ଟ୍ରେଟ ସାମାନାରେ ସମସ୍ତଙ୍କୁ ନିଆଗଲା, କାହାକୁ ଦୁଇମାସ, କାହାକୁ ଚାରିମାସ କଠିନ ପରିଶ୍ରମର କାରାବାସ ମିଳିଲା, ଆଉ ନାନୀ ଗୋପାଲକୁ ଏକ ବର୍ଷ କଠିନ ସଜା ମିଳିଲା । କିନ୍ତୁ କଇଦୀଙ୍କ ଅନ୍ଦୋଳନ କମ ହେଲାନାହିଁ ଆଉ ସେମାନଙ୍କ ପାଇଁ ନୁଆ ନିର୍ଦ୍ଦେଶାବଳୀ ଆସିଲା । ଏମିତି ହରତାଳ ହେବା ଦ୍ୱାରା ଜେଲ ଭିତରେ ଅନେକ ପରିବର୍ତ୍ତନ ଆସିଲା ଆଉ ଜେଲ ଲାଇବ୍ରେରୀରେ ପଢିବା ପାଇଁ ପୁସ୍ତକମାନ ଆସିଲା । ରାଜନୈତିକ ବନ୍ଦୀମାନଙ୍କୁ ବସି ଆଲୋଚନା ପାଇଁ ନିର୍ଦ୍ଦେଶ ମଧ୍ୟ ଆସିଲା । ସେମାନେ ଆଉ ହରତାଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନକରନ୍ତୁ ।

ତୁମେ କେବେ ପାଗଳ ହେଉଛ ?- ଦିନେ ବେରୀ ପଚାରିଲା । ଡେଭିଡ ବେରୀ ନିଜକୁ ହରାଇବାକୁ ଚାହୁଁନଥିଲା । ସାଭରକର ଭଳି କିଛି ଦୃଢନିଷ୍ଠ ବ୍ୟକ୍ତି ଭାଙ୍ଗିଗଲେ ଜେଲର ପୂର୍ବ ଦିନମାନ ଫେରିଆସିବ ।

ମନକୁ କିଏ ବାନ୍ଧିପାରେ ଡେଭିଡ ବେରୀ ?

କେତେ ଲୋକ ପ୍ରଳାପ କରୁଛନ୍ତି । ତୁମେ ପ୍ରଳାପ କର । ସେଥିରେ ତୁମର ମନ ହାଲୁକା ହୋଇଯିବ । କାନ୍ଧ ଭିତରେ ତୁମେ ନିର୍ବାସନର ଯନ୍ତ୍ରଣା ଭୁଲିଯିବ ।

ପକ୍ଷୀଙ୍କ ଗୀତ ଶୁଣଛ ଡେଭିଡ ବେରୀ ? ସେମାନେ କ'ଣ କହୁଛନ୍ତି, ଜାଣିପାରୁଛ ?- ସାଭରକର ଡେଭିଡ ବେରୀକୁ ପଚାରିଲେ । ତାଙ୍କ ଆଖି ତାଙ୍କ ଲୁହା ଗେଟଦେଇ ବେରୀର କାନ୍ଧ ଉପରଦେଇ ଅନ୍ୟ ବାହୁର ଉପର ମହଲାର ଝରକା ଉପରେ ଲାଗିରହିଥିଲା । ସେଇଠି ତାଙ୍କ ଭଳି କେଉଁ ରାଜନୈତିକ କଇଦୀ ଥିବ । ସେ ଝରକା ଉପରେ ବଣିଟିଏ ବସିଥିଲା ଆଉ ଜୋର ଜୋରରେ ଡାକିଚାଲିଥିଲା ।

ତା' ସ୍ୱର ତୁମେ ବନ୍ଦ କରିପାରୁନ । ଆଉ ଭାବୁଛ ମୁଁ କେବଳ ପ୍ରଳାପ କରିବି । କାହିଁ ବଣି ତ କାନ୍ଦୁନି, ପ୍ରଳାପ କରୁନି । ସାଭରକର ପ୍ରଳାପ କରିନପାରେ ଡେଭିଡ ବେରୀ ।- ସାଭରକର କହିଲେ ।

ଡେଭିଡ ବେରୀ ପଛକୁ ଅନାଇଲା, ସେପଟ ଝରକାର ସିଟ ଉପରେ ବଣିଟିଏ ବସିଛି । ତା'ପରେ ସେ ଛାତ ଉପରକୁ ଉଡିଯାଇ ଛାତ ଦାଢରେ ବସିଲା । ତା' ଦେଖାଦେଖି ଆଉ କେତେଟା ବଣି ଉଡିଆସିଲେ । ନୀଳ ଆକାଶ ପଛରେ । ସେମାନେ ଏକ ସାଙ୍ଗରେ ଗୀତ ଯେମିତି ଗାଉଥିଲେ, ନିଜ ନିଜ ଭିତରେ କଥା ହେଉଥିଲେ ।

ମୂର୍ଖ, କେତେଟା ବଣି ଦେଖି ତୁମେ ବାହାର ଦୁନିଆ କଥା ଭାବୁଛ । ଏଇଠୁ ତୁମକୁ କେବଳ ସେ ବାହୁର କେତେଟା ଝରକା ଦେଖାଯିବ, ବାସ ସେତିକି, ଆଉ ତାହା ଲୁହା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରେଲିଙ୍ଗର ସେପଟେ । ସେଇ ଦୃଶ୍ୟ ଦେଖି ତୁମେ ନିଜ ଦୁନିଆ କଥା ଭାବୁଥାଅ । କିନ୍ତୁ ମୁକ୍ତୁ ତୁମକୁ ମିଳବନି । ହଁ ମୁକ୍ତି ଏକମାତ୍ର ପରିସ୍ଥିତିରେ ମିଳିପାରେ । ଜାଣିଛ ସେଇଟା କ'ଣ ? ସେଇଟା ହେଉଛି ତୁମର ଆତ୍ମହତ୍ୟା । ଏ ଶରୀରରୁ ମୁକ୍ତି ।- ଡେଭିଡ ବେରୀ ଏତିକି କହି ହସି ଉଠିଲା ।

ସାଭରକର ତା'କୁ ଅନାଇଲେ । ଡେଭିଡ ବେରୀ ପଛରୁ ଆଲୋକ ଆସୁଥିବାରୁ ତା' ମୁହଁଟା କଳା ଦେଖାଯାଉଥିଲା । ଏତେ ଗୋରା ଲୋକଟା କଳା ଦେଖାଯାଉଥିଲା । ଆଲୋକ ପଡିଲେ ସିନା ମଣିଷର ରଙ୍ଗ ଚମକେ । ତାଙ୍କ ମୁହଁ ଉଜ୍ଜ୍ୱଳ ହୋଇଉଠିଲା । ଡେଭିଡ ବେରୀ ଉପରେ ସିଧା ଆଲୁଅ କେବେ ପଡ଼ିବନି । ତେଣୁ ସେ କେଉଁ ରଙ୍ଗ ଜାଣିପାରିବନି ବା ପକ୍ଷୀର ସଙ୍ଗୀତ ଶୁଣିପାରିବନି ।

ଜଲଦି ମୁକ୍ତି ନିଅ ଏ ଜେଲରୁ ଜେଲର ।-ସାଭରକର କହିଲେ ।

ତୁମେ ଜଲଦି ଏ ଜେଲରୁ ମୁକ୍ତି ନିଅ ସାଭରକର । ଆଚ୍ଛା ତୁମେ ଆତ୍ମହତ୍ୟା କେବେ କରୁଛ ? ଏତେ ଯାତନା ପରେ ତୁମର ଆତ୍ମହତ୍ୟା କରିବାର କଥା ।- ଡେଭିଡ ବେରୀ ଏମିତି ତାଙ୍କୁ ଉସକାଇଲା । ତା' ମୁହଁରେ ଏକ ବଙ୍କା ହସ ଫୁଟିଉଠୁଥିଲା ଆଉ ତା' ଜମାଦାରମାନେ ତା' ସଙ୍ଗରେ ହସି ଉଠିଲେ । ଡେଭିପ ବେରୀର ଦୈନିକ ଭିଜିଟ ସମାପ୍ତ ହେଲା । ସାଭରକର ସେମାନଙ୍କ ମୁହଁକୁ ଯେମିତି ଦେଖୁଥିଲେ । ସମସ୍ତଙ୍କ ମୁହଁ ଶାଙ୍କୁଡି ଯାଉଛି, ସମସ୍ତେ ଶୁଖିଯାଉଛନ୍ତି, ଶେଷରେ ଛାଇ ହୋଇ ମିଳେଇ ଯାଉଛନ୍ତି । ଡେଭିଡ ବେରୀ ଆଉ ତା'ର ଜମାଦାରମାନେ କେବଳ ଏକଏକ ଛାଇ । ତାଙ୍କୁ ଦେଖାଯାଉଥିବା ନିଜ କରିଡର ଆଗକୁ ଏକ ଘରଚଟିଆ ଉଡି ଆସିଲା । ଛୋଟ ପକ୍ଷୀଟି ଫଙ୍କ ଫଙ୍କ କରି ଡେଉଁଥିଲା । ପ୍ରତି ଡିଆଁରେ ତା' ମନର ଖୁସି ବ୍ୟକ୍ତ କରୁଥିଲା । କରିଡରରେ ଲୁହା ବାଡା ଲାଗିଛି, ତଥାପି ପକ୍ଷୀଟି ସୁନ୍ଦର ଭାବେ ଫଙ୍କ୍ଫଙ୍କ୍ କରି ଡେଇଁଚାଲୁଛି । ମନରେ କେଉଁଠି ସାମାନ୍ୟ ଡର ନାହିଁ । ସେ କିଛି ସମୟ ସେହି ଖୋଲା ଆଉ ଖୁସିର ଡିଆଁକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆନଇ ରହିଲେ । ତାଙ୍କ ମନ ଶାନ୍ତ ହେଉଥିଲା ।

ସାଭରକର ଏତେ ଯନ୍ତ୍ରଣା ଆଉ ଲାଂଛନା ଭିତରେ କବିତାଗୁଚ୍ଛ ଲେଖିଲେ ସେଇ ବନ୍ଦୀଶାଳାରେ । ସେ ଏକ ଗୋଜିଆ କଣ୍ଟା ନିଜ ସେଲ ଦ୍ୱାରର ବୋଲଟ ଭିତରେ ଲୁଚାଇଦେଇଥିଲେ । ସଂନ୍ଧ୍ୟାରେ ସେମାନଙ୍କୁ ବନ୍ଦ କରିଦିଆଯାଉଥିଲା ଆଉ ବୋଲ୍ଟ ଲାଗିଯାଉଥିଲା ଦ୍ୱାରରେ । ସେଇ ଲୁହାର କଲମରେ ସେ କାନ୍ଥରେ ଲେଖୁଥିଲେ ସ୍ତମ୍ଭକରି କବିତା । ଅନ୍ୟସ୍ଥାନରେ ଯେତେବେଳେ କାମକରୁଥିଲେ ସେ କେଉଁଠି କେଉଁଠି ଲେଖୁଥିଲେ ନିଜର ମନ୍ତବ୍ୟ ଆଉ କବିତା । ତାଙ୍କ କବିତା ଗ୍ରନ୍ଥ 'କମଳ' ଏଇ କାନ୍ଥରେ ଲେଖା ହୋଇଥିଲା । ଅସମ୍ଭବ ଦୃଢନିଷ୍ଠ ଥିଲେ ସାଭରକର ।

ଜୀବନ ହାରିବାକୁ ନୁହେଁ, ଅତ୍ୟାଚାରୀକୁ ହରାଇବାକୁ ତିଆରି ହୋଇଛି । ଆଲୋକ ଲୁଚିବାକୁ ନୁହେଁ, ଅନ୍ୟାୟର ଅନ୍ଧାରକୁ ଲୁଚାଇବାକୁ ଆକାଶରୁ ବୋହିଆସୁଛି । ପବନ ସମୁଦ୍ର ଉପରୁ ବୋହିଆସୁଛି ଆଶାକୁ ନେଇ, ସ୍ୱପ୍ନକୁ ଆହୁରି ଆଗକୁ ବୋହିନେବ । - ସେ ମନେମନେ କହି ନିଜକୁ ସମ୍ଭାଳିନେଉଥିଲେ ।

ଆଜି ଡେଭିଡ ବେରୀ ଏକ କଇଦୀକୁ ଅଯଥାରେ ଲାଂଛନା ଦେଇଛି, ତା' ପେଟି ଅଫିସର ଆଉ ଟିନଡାଲମାନେ ଆମନବୀୟ ଯାତନା ଦେଇଛନ୍ତି । ରାଜନୈତିକ କଇଦୀମାନେ ଏହାର ପ୍ରତିବାଦ କରିବେ । କାଲି ସକାଳ ଓଳା କେହି କାମ କରିବେ ନାହିଁ । ତାଙ୍କର ନିଷ୍ପତ୍ତି କୋଡ ଲାଙ୍ଗୁଏଜରେ ନିଜ ସେଲର ଲୁହା ବାଡାକୁ ବାଡେଇ ବାଡେଇ ତିଆରି କଲେ । ଝଣ ଝଣ ଶବ୍ଦ ଏକ ତାଳରେ ତିଆରି ହେଲା ଆଉ ସେହି ଝଣଝଣ ଶବ୍ଦ ଗୋଟାଏ ସେଲରୁ ଆଉ ଅନ୍ୟ ଏକ ସେଲକୁ ହାରମୋନିକ ମୋସନରେ ଢେଉ ଭଳି ଚାଲିଯାଉଥିଲା ।

ସେ ନିଜ ସେଲକୁ ଅନାଇଲେ । ଗୋଟି ଗୋଟି ଇଟାରେ କି ସୁନ୍ଦର ଭାବେ ଗଢା ହୋଇଛି । ଲାଲ ଇଟା । ତାଙ୍କ ଭଳି କେଉଁ ଏକ କଇଦୀ କେବେ କଠିନ ପରିଶ୍ରମ କରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏ ଇଟା ତିଆରି କରିଥିବ ଆଉ କାନ୍ଥ ତିଆରି ପାଇଁ ଶ୍ରମିକ ଭାବେ ନିଯୋଜିତ ହୋଇଥିବ ।ଏ ଇଟାରେ କେତେ ଲୁହ, କେତେ ଲହୁ, କେତେ ଝାଳ ମିଶିଥିବ । ତା'ପରେ ଜଣେ କେମିତି ଭାଙ୍ଗିଦେବ ? ଡେଭିଡ ବେରୀ ଭାବୁଛି ରଜନୈତିକ କଇଦୀମାନଙ୍କୁ ଖଣ୍ଡଖଣ୍ଡ କରି ଭାଙ୍ଗିବାକୁ । ତା' କେମିତି ସମ୍ଭବ ହେବ ? ସମସ୍ତେ ଏକ ସିଦ୍ଧାନ୍ତ ଉପରେ ଲଢାଇ କରୁଛନ୍ତି । ଏହା ଏକ ବ୍ୟକ୍ତି ବ୍ୟକ୍ତି ଭିତରେ ଲଢାଇ ନୁହେଁ । ବ୍ୟକ୍ତି ବ୍ୟକ୍ତି ଲଢାଇରେ ହୁଏ ଜଣେ ବ୍ୟକ୍ତିର ପରାଜୟ ଓ ଅନ୍ୟ ବ୍ୟକ୍ତିର ବିଜୟ । ସିଦ୍ଧାନ୍ତିକ ଲଢାଇରେ ଏକ ମତ ସହ ଆଉ ଏକ ମତର ଲଢାଇ ହୁଏ । ଆଉ ସିଦ୍ଧାନ୍ତକୁ ବହୁଲୋକ ଗ୍ରହଣ କରନ୍ତି । ତାହା ବିଜୟ, ଅନ୍ୟ ସିଦ୍ଧାନ୍ତକୁ ତ୍ୟାଗ କରନ୍ତି, ଏହା ପରାଜୟ । ଏଠି ବିଚାର ଆଉ ମତର ଲଢାଇ ଚାଲିଛି । ନିଜ ବିଚାରଧାରାର ସେ ଏକ ସିପାହୀ, ତାହା ହେଉଛି ଦେଶରେ ବୋହୁଥିବା ସ୍ୱାଧୀନତାର ସଦ୍ଧାନ୍ତ । ସ୍ୱାଧୀନ ଅଧିକାର ସପକ୍ଷରେ ସେ ସ୍ୱର ଉଠାଉଛନ୍ତି । ତେଣୁ ହାରି ସେ ଆତ୍ମହତ୍ୟା ନକରି ପାରନ୍ତି ଆଉ ସେମାନଙ୍କୁ କେହି ଭାଙ୍ଗି ଦେଇ ପାରିବନି । ସେମାନଙ୍କୁ ଭାଙ୍ଗିଦେବା ଅର୍ଥ ହେଉଛି ସେଲୁଲାର ଜେଲ ଖଣ୍ଡଖଣ୍ଡ ହୋଇ ଭାଙ୍ଗିଯିବା । ସେଇଟା ତ ଡେଭିଡ ବେରୀ କେବେ କରିପାରିବ ନାହିଁ ।

ଏ ତେଲ ଘଣାରେ କାମ କରାଇବା, ପଶୁଠାରୁ ହୀନ କରିଦେବାର ଚକ୍ରାନ୍ତ କରି ଖଟାଇବା ଇତ୍ୟାଦି ସବୁ ଦଣ୍ଡକୁ ସେ ଆଜିକାଲି ନିଜ ନିଷ୍ଠାର ପରୀକ୍ଷା ମନେକରୁଛନ୍ତି । ଏହା ଏକ ତପସ୍ୱୀର ସାଧନା, କୃଚ୍ଛ୍ର ସାଧନା । ନିଜ ଶରୀରକୁ ନିଜ ହିସାବରେ ଯୋଗ୍ୟ କରିବା, ମନକୁ ସେହି ହିସାବରେ ପ୍ରସ୍ତୁତ କରିବା ଆଉ ସେଥିପାଇଁ କିଛି ଯୋଗିକ କର୍ମ କରିବା ଆଉ ତା'ପରେ ସାଧନାର ଦ୍ୱିତୀୟ, ତୃତୀୟ ସୋପାନରେ ପହଞ୍ଚିବା । ଏମିତି ଯୌଗିକ ଯାତ୍ରାରେ ଭିନ୍ନ ଭିନ୍ନ ମାନସିକ ଅନୁଭୂତି ଆସିବ, ବହୁ ତାମସିକ ଶକ୍ତି କାୟା ବିସ୍ତାର କରି ଆସିବେ । ସେମାନଙ୍କୁ ପରାଜିତ କରିପାରିଲେ ତ ପର ସୋପାନକୁ ଯାତ୍ରା ହୋଇପାରିବ । ତାମସିକ ଶକ୍ତି ନିଜ ଚାରିପାଖେ ଭରି ରହିଛନ୍ତି । ତେଣୁ ତାଙ୍କୁ ଏହି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆସୁରିକ ଶକ୍ତିକୁ ନିଜ ମନର ଦୃଢ ନିଷ୍ଠାଦ୍ୱାରା ଦମନ କରିବାକୁ ପଡ଼ିବ । ତେଣୁ ତାଙ୍କୁ ତାଙ୍କର ସାଧନାର ମାର୍ଗରୁ କେହି ବିଚ୍ୟୁତ କରିପାରିବେ ନାହିଁ । ସେ ନିଜ ସେଲ ଭିତରେ ଏକ ଆଲୋକ ଦେଖିପାରିଲେ । ପ୍ରତିଟି ଇଟାରୁ ଆଲୋକ ବିଚ୍ଛୁରିତ ହେଉଥିଲା । ସେ ନିଜ ଭିତରେ ସେ ଆଲୋକର ପ୍ରବାହକୁ ଅନୁଭବ କରିପାରୁଥିଲେ । ଏକ ସାଧକକୁ କେହି ନିଜ ମାର୍ଗରୁ ବିଚ୍ୟୁତ କରିପାରିବ ନାହିଁ । ସେ ସ୍ୱାଧୀନତାର ଦୃଢନିଷ୍ଠ ତପସ୍ୱୀ ।

ଡେଭିଡ ବେରୀ ଏବେ ବାରବାର ସାଭରକରଙ୍କ କୋଠରୀରରୁ ଫେରିଯାଉଥିଲା । ତା' କାଗଜ ଉପରେ ସାଭରକର କିଛି ଲେଖିଲେନି । ମିର୍ଜ୍ଜା ଖାନ ମଧ୍ୟ ସବରକରଙ୍କୁ କିଛି କହିପାରୁନଥିଲା । ସେଦିନ ରାଜନୈତିକ ବିପ୍ଳବ ହୋଇଯାଇଥାଏ । ଡେଭିଡ ବେରୀ ବ୍ୟସ୍ତ ହୋଇପଡିଥାଏ । ସନ୍ଧ୍ୟାରେ ମାନନୀୟ ଆସିବେ । ସେ କ'ଣ କହିବ ? ଆଉ ଠିକବେଳେ ଆପେ ସନ୍ଧ୍ୟା ଆସିଗଲା ଆଉ ବେରୀ ନିଜେ କାଗଜ ଉପରେ ହାମୁଡେଇ ପଡିଲା । ଲଣ୍ଠନର ଆଲୁଅ ଧପ୍‌ଧପ୍ କରିଉଠିଲା ଆଉ ମାନନୀୟଙ୍କର ଆଗମର ସଙ୍କେତ ଆସିଲା ।

ଡେଭିଡ ବେରୀ । ତୁମର ସର୍ତ୍ତ ଆଉ ଲେଖା ?

ଲେଖିପାରିନି ମାହାମାନ୍ୟ ।

ଡେଭିଡ ବେରୀ ।- ମାନନୀୟଙ୍କ ସ୍ୱର ଯେମିତି ଏକ କବର ଭିତରୁ ବାହାରି ଆସିବା ଭଳି ଲାଗୁଥିଲା ।

ଅନେକ ଚେଷ୍ଟା କରିଛି । ସେ ଭାଙ୍ଗୁନି ମାନନୀୟ ।

ତୁମ ଚେଷ୍ଟା ଚଳାଇ ରଖ । ମନେରଖ ତୁମକୁ ସେମାନଙ୍କୁ ଖଣ୍ଡ ଖଣ୍ଡ କରିବାର ଅଛି । ଏଥିରେ ସାମାନ୍ୟ ସନ୍ଦେହ ନରହେ ଯେମିତି ।-

ତା' କରିବି ମାନନୀୟ ।- ଡେଭିଡ ବେରୀର ସ୍ୱର ଏକ ଭଙ୍ଗ ଘଣ୍ଟାର ଶବ୍ଦ ଭଳି ଝଣ ଝଣ କରୁଥିଲା, ସେଥିରେ କିଛି ପ୍ରତ୍ୟୟ ନଥିଲା ପରି ଜଣାଯାଉଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏବେ ମୋ ଆଗରେ ତୁମର ପ୍ରତିଦିନର ଲେଖା ଲେଖ ।-

ଡେଭିଡ ବେରୀ କାଗଜରେ ଲେଖିଲା- "ମୁଁ ମୋତେ ଡରେନାହିଁ ।" କିନ୍ତୁ ତା' ହାତ ଥରୁଥିଲା । ଲେଖା ବଙ୍କାଟଙ୍କା ହୋଇଯାଇଥିଲା ଆଉ କାଗଜର ଆକାର ବଡ଼ ନହୋଇ ଛୋଟ ହୋଇଗଲା । ମାନନୀୟ ସେ କାଗଜକୁ ଦେଖିଲେ । କାଗଜଟା ଅତି ଛୋଟ ହୋଇ ଡେଭିଡ ବେରୀର ଟେବୁଲ ଉପରେ ପଡି ରହିଲା ।

କ୍ରମଶଃ. . .

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରାମ ନାମ ସତ୍ୟ

ସୁଧାଂଶୁ ଶେଖର ଦ୍ୱିବେଦୀ



ଥରେ ସୁମେରୁ ପର୍ବତ ଉପରେ ସମସ୍ତ ସନ୍ଥଙ୍କ ସଭା ଆୟୋଜନ ହୋଇଥାଏ । କୈବର୍ତ୍ତ ଦେଶର ରାଜା ସୁକନ୍ତ ସନ୍ଥଜନଙ୍କଠାରୁ ଆଶୀର୍ବାଦ ନେବା ଲାଗି ଉକ୍ତ ସଭାକୁ ଯାଉଥାନ୍ତି । ରାସ୍ତା ମଧ୍ୟରେ ଦେବର୍ଷି ନାରଦଙ୍କ ସହ ଭେଟ ହେଲା । ରାଜା ତାଙ୍କୁ ପ୍ରଣାମ କଲେ । ଦେବର୍ଷି ରାଜାଙ୍କୁ ଆଶୀର୍ବାଦ ଦେବାପରେ ଯାତ୍ରାର ପ୍ରୟୋଜନ ବିଷୟରେ ଜାଣିବାକୁ ଇଚ୍ଛା କଲେ । ସୁମେରୁ ପର୍ବତରେ ଆୟୋଜିତ ସନ୍ଥଙ୍କ ସଭାରେ ସମ୍ମିଳିତ ହୋଇ ଆଶୀର୍ବାଦ ନେବା ପାଇଁ ଯାଉଛନ୍ତି ବୋଲି ରାଜା ସୁକନ୍ତ କହିଲେ । ଏହା ଶୁଣି ନାରଦ କହିଲେ, "ଭଲହେଲା, ଆପଣ ସନ୍ଥଙ୍କ ସଭାକୁ ଯିବା ନିହାତି ଆବଶ୍ୟକ । କିନ୍ତୁ ମୋର ଗୋଟେ କଥା ମନେ ରଖିବେ । ସଭାରେ ଉପସ୍ଥିତ ସମସ୍ତଙ୍କ ଠାରୁ ଆଶୀର୍ବାଦ ନେବେ ହେଲେ ଋଷି ବିଶ୍ୱାମିତ୍ରଙ୍କୁ କେବେ ଅଭିବାଦନ କରିବେ ନାହିଁ ।"

ନାରଦଙ୍କ ବଚନରେ ରାଜା ଆଶ୍ଚର୍ଯ୍ୟ ହୋଇ କହିଲେ, "ଏ କି କଥା କହୁଛନ୍ତି ମୁନିବର ! ଏହା ତ ମୋ ପାଇଁ ଉଚିତ୍ ନୁହେଁ ।" ଦେବର୍ଷି ନାରଦ ମନେ ମନେ ଏକ ଉପାୟ ରଚି କହିଲେ, "ଆପଣ ରାଜା ! ଋଷି ବିଶ୍ୱାମିତ୍ର ମଧ୍ୟ ପୂର୍ବରୁ ଜଣେ ରାଜା ଥିଲେ । ଏବେ ସନ୍ଥ ହୋଇ ଯାଇଛନ୍ତି । ତେଣୁ ଆପଣଙ୍କ ପକ୍ଷେ ତାଙ୍କୁ ପ୍ରଣାମ କରିବା ଉଚିତ୍ ମନେ ହୁଏନା ।"

ନାରଦଙ୍କ କଥା ନମାନିଲେ ଅଭିଶାପରେ ଶାପିତ ହେବା ଭୟରେ ରାଜା ସୁକନ୍ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସନ୍ଥଙ୍କ ସଭାରେ ପହଞ୍ଚି ସେହିପରି କଲେ । ସଭା ସମାପ୍ତ ହେବାପରେ ଋଷି ବିଶ୍ୱାମିତ୍ର ପ୍ରଭୁ ରାମଙ୍କ ନିକଟରେ ପହଞ୍ଚି ତାଙ୍କର ଅପମାନ ହୋଇଛି ବୋଲି ଜଣାଇଲେ । ରାମଚନ୍ଦ୍ର ଗୁରୁଙ୍କ ଅପମାନକୁ ସହ୍ୟ କରି ନପାରି ପଚାରିଲେ, "କୁହନ୍ତୁ ଗୁରୁଦେବ ! ଯିଏ ଆପଣଙ୍କ ଚରଣ ତଳେ ମୁଣ୍ଡ ନୁଆଇଁ ନାହିଁ ମୁଁ ପ୍ରତିଜ୍ଞା କରୁଛି ଆସନ୍ତା କାଲି ତାକୁ ବଧ କରିବି ।"

ପ୍ରଭୁ ରାମଙ୍କ ସଂକଳ୍ପ ବିଷୟରେ ରାଜା ସୁକନ୍ତ ଯେମିତି ଅବଗତ ହୋଇଛନ୍ତି ନାରଦଙ୍କୁ ଖୋଜିବାକୁ ଲାଗିପଡିଲେ । ଅନେକ ସ୍ଥାନରେ ଖୋଜିବା ପରେ ତାଙ୍କର ସୂଚନା ମିଳିଲା ନାହିଁ । ରାଜା ପ୍ରାଣଭୟରେ ବିବ୍ରତ, ବ୍ୟାକୁଳ ହୋଇ କାନ୍ଦିବାକୁ ଲାଗିଲେ । ଦେବର୍ଷିଙ୍କ ମନରେ ଦୟା ଉଦ୍ରେକ ହେଲା । ତତକ୍ଷଣାତ୍ ରାଜାଙ୍କ ସମ୍ମୁଖରେ ପ୍ରକଟ ହେଲେ । ନାରଦଙ୍କୁ ଦେଖି ରାଜା ହାତଯୋଡି ବିନୟ ସହକାରେ କହିଲେ, "ହେ ଦେବର୍ଷି ! ମୋତେ ଏବେ ରକ୍ଷା କରନ୍ତୁ । ଆପଣଙ୍କ କଥା ଅନୁସାରେ ମୁଁ ଠିକ୍ କରିଛି କି ଭୁଲ କରିଛି ଜାଣେନାହିଁ ତେବେ ରଘୁବୀରଙ୍କ ସଂକଳ୍ପ କେବେ ବ୍ୟର୍ଥ ହେବନାହିଁ । ଆସନ୍ତା କାଲି ସେ ମୋ ପ୍ରାଣ ନାଶ କରିବେ ।"

ନାରଦ ମୁନି ରାଜା ସୁକନ୍ତଙ୍କ ବ୍ୟାକୁଳତାକୁ ଲକ୍ଷ୍ୟ କରି ନାରାୟଣ, ନାରାୟଣ ଉଚ୍ଚାରଣ ସହିତ କହିଲେ, "ଏବେ ତୁମକୁ ମାତା ଅଞ୍ଜନୀଙ୍କ ନିକଟରେ ଶରଣ ନେବାକୁ ପଡିବ ।"

ନାରଦଙ୍କ ପରାମର୍ଶ ଶୁଣି ରାଜା ସୁକନ୍ତ ଅଣନିଃଶ୍ୱାସୀ ହୋଇ ଦୌଡ଼ିଲେ ମାତା ଅଞ୍ଜନୀଙ୍କ ନିକଟକୁ । ଦ୍ୱାର ନିକଟରେ କେହି ଜଣେ କ୍ରନ୍ଦନ କରୁଥିବା ଶବ୍ଦକୁ ଶୁଣି ମାତା ଅଞ୍ଜନୀ ବାହାରକୁ ଆସି ଦେଖନ୍ତି ତ ରାଜା ସୁକନ୍ତ ହାତଯୋଡି ଛିଡା ହୋଇଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାତାଙ୍କୁ ଦେଖି ସହସା ତାଙ୍କ ଗୋଡତଳେ ପଡି କହିଲେ, "ମା' ମୋତେ ବଞ୍ଚେଇ ଦିଅନ୍ତୁ । ତା' ନହେଲେ ଆସନ୍ତା କାଲି ଋଷି ବିଶ୍ୱାମିତ୍ର ମୋତେ ବଧ କରିବେ ।"

ରାଜା ସୁକନ୍ତଙ୍କର ବ୍ୟଥିତ ଅବସ୍ଥାକୁ ଦେଖି ମାତା ଅଞ୍ଜନୀ ତାଙ୍କ ପ୍ରାଣ ରକ୍ଷା କରିବାକୁ ବଚନ ଦେଇ କହିଲେ, "ବ୍ୟସ୍ତ ହୁଅନା ରାଜା ! ତୁମେ ମୋ ଶରଣକୁ ଆସିଛ କେହି ତୁମର କିଛି କ୍ଷତି କରି ପାରିବେ ନାହିଁ । ଯାଅ ଭିତରେ ବିଶ୍ରାମ ନେବ ।"

ସନ୍ଧ୍ୟା ଗଡି ଆସୁଥାଏ । ବୀର ହନୁମାନ ମା' ଅଞ୍ଜନୀଙ୍କ ନିକଟରେ ପହଞ୍ଚିବାରୁ ସମସ୍ତ ବୃତ୍ତାନ୍ତ ଜାଣିଲେ । ସହସା ପ୍ରଭୁ ରାମଚନ୍ଦ୍ରଙ୍କ ନାମର ସଂକଳ୍ପ ନେଇ ସୁକନ୍ତଙ୍କର ଜୀବନ ରକ୍ଷା କରିବେ ବୋଲି ଜଣାଇଲେ । ତାପରେ ହନୁମାନ ରାଜାଙ୍କ ନିକଟରେ ପହଞ୍ଚି ସାନ୍ତ୍ୱନା ଦେଇ ପଚାରିଲେ, "ଏମିତି କଣ କରିଦେଲେ ଯେ ମହର୍ଷି ବିଶ୍ୱାମିତ୍ର ଆପଣଙ୍କୁ ବଧ କରିବାକୁ ପରିକର ହେଲେ ।" ରାଜା ସୁକନ୍ତ ଆରମ୍ଭରୁ ସମସ୍ତ କଥା ଶୁଣେଇ ନମ୍ର ଭାବେ କହିଲେ, "ପ୍ରକୃତରେ ପ୍ରଭୁ ଶ୍ରୀରାମ ମୋତେ ବଦ୍ଧ କରିବେ ବୋଲି ସଂକଳ୍ପ କରିଛନ୍ତି ।" ସୁକନ୍ତଙ୍କ ମୁଖରୁ ପ୍ରିୟ ପ୍ରଭୁଙ୍କ ନାମ ଶୁଣି ହନୁମାନ ଚକିତ ହୋଇପଡିଲେ । କିନ୍ତୁ ଆଉ କିଛି ଉପାୟ ନାହିଁ ସୁକନ୍ତଙ୍କର ଜୀବନ ରକ୍ଷା କରିବାକୁ ସେ ପଣ କରି ସାରିଛନ୍ତି । ସଙ୍ଗେ ସଙ୍ଗେ ସେ ରାଜା ସୁକନ୍ତଙ୍କୁ ସାଥୀରେ ନେଇ ତାଙ୍କ ରାଜଧାନୀରେ ଛାଡି ରାମଙ୍କ ଦରବାରରେ ପହଞ୍ଚିଲେ ।

ସେତେବେଳେ ପ୍ରଭୁ ଅସ୍ତ୍ର-ଶସ୍ତ୍ରରେ ସଜ୍ଜିତ ହୋଇ ନିଜର ପ୍ରିୟ ଶାରଙ୍ଗ ଧନୁ ତୀର ଧରି ବାହାରୁଥାନ୍ତି । ପ୍ରଭୁଙ୍କୁ ଯୋଦ୍ଧା ଅବସ୍ଥାରେ ଦେଖି ହନୁମାନ ପଚାରିଲେ, "କାହା ସହ ଯୁଦ୍ଧ କରିବାକୁ ବାହାରିଛନ୍ତି ପ୍ରଭୁ ?"

କୈବର୍ତ୍ତ ରାଜା ସୁକନ୍ତଙ୍କୁ ବଧ କରିବାକୁ ଯାଉଛନ୍ତି ବୋଲି ରାମଚନ୍ଦ୍ର ଜଣାଇଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସଙ୍ଗେ ସଙ୍ଗେ ହନୁମାନ ପ୍ରଭୁଙ୍କ ସମ୍ମୁଖରେ ଆଣ୍ଠୁ ଭାଙ୍ଗି ଭକ୍ତି ଭାବରେ ବସି କହିଲେ, “ପ୍ରଭୁ ! ରାଜା ସୁକନ୍ତଙ୍କୁ ବଧ୍ କରନ୍ତୁ ନାହିଁ ।”

ତାହା ହୋଇପାରିବ ନାହିଁ । ରାଜା ସୁକାନ୍ତଙ୍କୁ ବଧ କରିବା ପାଇଁ ମୁଁ ଗୁରୁଙ୍କଠାରେ ସଂକଳ୍ପ କରି ସାରିଛି । ଆସନ୍ତା କାଲି ମୁଁ ତାଙ୍କ ଜୀବନ ଦୀପ ଲିଭେଇଦେବି । ପ୍ରଭୁ ଶ୍ରୀରାମ ଉତ୍ କ୍ଷିପ୍ତ ହେଲେ ।

ହନୁମାନ ପ୍ରଭୁଙ୍କ ସମ୍ମୁଖରେ ସେମିତି ଆଣ୍ଠୁ ଭାଙ୍ଗି ବସିରହି କହିଲେ, “କିନ୍ତୁ ମୁଁ ରାଜା ସୁକନ୍ତଙ୍କର ଜୀବନ ରକ୍ଷା କରିବାକୁ ମୋ ଇଷ୍ଟଦେବ ଅର୍ଥାତ୍ ଆପଣଙ୍କର ଶପଥ ନେଇ ସାରିଛି ପ୍ରଭୁ !”

ଠିକ୍ ଅଛି, ତୁମେ ତୁମ ଶପଥ ପାଳନ କର ମୁଁ ମୋ କାର୍ଯ୍ୟ କରିବି । ଏହା କହି ପ୍ରଭୁ ଶ୍ରୀରାମ ସେଠାରୁ ଚାଲିଗଲେ ।

ପ୍ରଭୁଙ୍କର କୋପ ଅବସ୍ଥା ଦେଖିବା ପରେ ହନୁମାନ ବିଚଳିତ ହୋଇ ରାଜା ସୁକନ୍ତଙ୍କୁ ସାଙ୍ଗରେ ନେଇ ସୁମେରୁ ପର୍ବତ ଶିଖରରେ ପହଞ୍ଚି ରାମନାମ ସଂକୀର୍ତ୍ତନ କରିବାକୁ ଲାଗିଲେ । ସେପଟେ ରାମଚନ୍ଦ୍ର ରାଜା ସୁକନ୍ତଙ୍କୁ ବଧ କରିବା ପାଇଁ ତାଙ୍କ ରାଜଧାନୀରେ ପହଞ୍ଚିଲେ ।

ଭ୍ରାତା ଲକ୍ଷ୍ମଣ ଅହରହ ଛାଇ ପରି ପଛେ ପଛେ ଥାଆନ୍ତି । ରାଜଧାନୀରେ ରାଜା ସୁକନ୍ତ ଅନୁପସ୍ଥିତ ଥିବାରୁ ରଘୁନନ୍ଦନ ଖୋଜି ଖୋଜି ସୁମେରୁ ପର୍ବତରେ ପହଞ୍ଚିଲେ । ସେଠି ହନୁମାନ ତାଙ୍କ ନାମକୁ ଅହରହ ଜପ କରୁଥାନ୍ତି । ଶ୍ରୀରାମଙ୍କୁ ଦେଖିବା କ୍ଷଣି ରାଜା ସୁକନ୍ତ ଭୟରେ ଥରିବାକୁ ଲାଗିଲେ । ହନୁମାନ ଆଶ୍ୱାସନା ଦେଇ କହିଲେ, “ଆପଣ ରାମ ନାମ ଜପ କରନ୍ତୁ ଦେଖିବେ ସବୁକିଛି ଠିକ୍ ହୋଇଯିବ ।”

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହନୁମାନଙ୍କ ଆଦେଶ ମାନି ସେ ରାମଙ୍କ ନାମ ଜପିବାକୁ ଲାଗିଲେ । ପ୍ରଭୁ ତାଙ୍କ ଉପରକୁ ତୀର କ୍ଷେପଣ କରୁଥାନ୍ତି । ମାତ୍ର ରାମ ମନ୍ତ୍ରର ପ୍ରଭାବରେ ସମସ୍ତ ତୀର ବିଫଳ ହେଉଥାଏ । ଶେଷରେ ସେ ନିରାଶ ହୋଇ ବସି ପଡ଼ିଲେ । ଭ୍ରାତା ଲକ୍ଷ୍ମଣଙ୍କୁ ମନେହେଲା ହନୁମାନ ପ୍ରଭୁଙ୍କୁ ବିବ୍ରତ କରାଉଛନ୍ତି । ସ୍ୱୟଂ ସେ ଧନୁରେ ତୀର ଯୋଖି ହନୁମାନଙ୍କ ବକ୍ଷ ସ୍ଥଳକୁ ଚଳାଇଦେଲେ । ହନୁମାନଙ୍କ ବକ୍ଷରେ ତୀର ଲାଗିବା କ୍ଷଣି ତାଙ୍କ ପରିବର୍ତ୍ତେ ପ୍ରଭୁ ଶ୍ରୀରାମ ଚେତାଶୂନ୍ୟ ହୋଇ ପଡିଗଲେ । ସହସା ଲକ୍ଷ୍ମଣ ଦୌଡ଼ିଆସି ପଭୁଙ୍କ ମସ୍ତକକୁ ନିଜ କୋଳରେ ରଖି ବସି ରହିଲେ ।

କିଛିକ୍ଷଣ ପରେ ପ୍ରଭୁଙ୍କର ଚେତା ଫେରିବାରୁ ହନୁମାନଙ୍କ ନିକଟକୁ ଦୌଡ଼ିଯାଇ ଦେଖିଲେ ତାଙ୍କ ବକ୍ଷରୁ ଧାର ଧାର ରକ୍ତ ବହୁଥାଏ । ସେ ଦୁଃଖରେ ଅଭିଭୂତ ହୋଇ ହନୁମାନଙ୍କ କ୍ଷତାକ୍ତ ବକ୍ଷ ସ୍ଥଳକୁ ନିଜ ହାତରେ ଆଉଁସିବାକୁ ଲାଗିଲେ । ହନୁମାନ ଚକ୍ଷୁ ଖୋଲି ଦେଖିଲେ ପ୍ରଭୁ ତାଙ୍କ ବକ୍ଷକୁ ଆଉଁସୁଛନ୍ତି । ତୁରନ୍ତ ସେ ରାଜା ସୁକନ୍ତଙ୍କୁ ଭିଡି ଆଣି ନିଜ କୋଳରେ ବସାଇଦେଲେ । ପ୍ରଭୁ ଭାବ ବିହ୍ୱଳ ଅବସ୍ଥାରେ ଚକ୍ଷୁ ମୁଦ୍ରିତ କରି ହନୁମାନଙ୍କ ମସ୍ତକ ଆଉଁସିବାକୁ ହସ୍ତ ବଢ଼ାଇଲେ । କିନ୍ତୁ ସେତେବେଳେ ରାଜା ସୁକନ୍ତ ତାଙ୍କ କୋଳରେ ବସିଥିବାରୁ ପ୍ରଭୁଙ୍କର ହସ୍ତ ରାଜାଙ୍କ ମସ୍ତକକୁ ଆଉଁସୁଥାଏ । ହନୁମାନ ପ୍ରଭୁଙ୍କ ଉଦ୍ଦେଶ୍ୟରେ କହିଲେ, "ପ୍ରଭୁ ! ଚକ୍ଷୁ ଖୋଲି ଦେଖନ୍ତୁ ଆପଣ ରାଜା ସୁକନ୍ତଙ୍କ ମସ୍ତକରେ ହସ୍ତ ରଖି ସାରିଛନ୍ତି । ଏବେ ତାଙ୍କ ଜୀବନ ଓ ମୃତ୍ୟୁ ଆପଣଙ୍କ ହାତରେ ।"

ପ୍ରଭୁ ରାମ କହିଲେ, "ଯାହାଙ୍କୁ ତୁମେ କୋଳରେ ବସାଇବ ସିଏ ଯିଏ ବି ହୋଇଥାନ୍ତୁ ତାଙ୍କ ମସ୍ତକରେ ମୋତେ ହସ୍ତ ରଖିବାକୁ ପଡିବ ।"

କିନ୍ତୁ ଗୁରୁ ବିଶ୍ୱାମିତ୍ରଙ୍କୁ କଣ କହି ସନ୍ତୁଷ୍ଟ କରିବି କିଛି ବୁଝିପାରୁନାହିଁ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେତେବେଳେ ମହର୍ଷି ବିଶ୍ୱାମିତ୍ର ସେଠାରେ ପହଞ୍ଚି ରାଜା ସୁକନ୍ତଙ୍କୁ କହିଲେ, "ଯାଅ ରାଜା ସେତେବେଳେ ପ୍ରଣାମ କରିନାହଁ ସତ ହେଲେ ଏବେ କରିନିଅ ।" ରାଜା ସହର୍ଷ ଦୌଡିଯାଇ ବିଶ୍ୱାମିତ୍ରଙ୍କୁ ଅଭିବାଦନ କଲେ । ମହର୍ଷି ପ୍ରସନ୍ନ ଚିତ୍ତରେ କହିଲେ, "ରାମ ! ରାଜା ସୁକନ୍ତଙ୍କୁ କ୍ଷମା କରିଦିଅ । ମୁଁ ବି କ୍ଷମା ଦେଇସାରିଛି । ସନ୍ଥଙ୍କ କାମ ସମାପ୍ତ ନୁହେଁ ବରଂ ଅସଜଡ଼ା ବିଷୟକୁ ସଜାଡ଼ିବାକୁ ହୋଇଥାଏ ।"

ରାଜା ସୁକନ୍ତ ବିଶ୍ୱାମିତ୍ରଙ୍କୁ କିଛି କହିବା ପାଇଁ ଉଦ୍ୟତ ହେବା କ୍ଷଣି ନାରଦ ମହର୍ଷି ପହଞ୍ଚି ସମସ୍ତ ଘଟଣା ଆମୂଳଚୂଳ ଶୁଣାଇଲେ । ବିଶ୍ୱାମିତ୍ର ପଚାରିଲେ, "ଆଛା ନାରଦ ! ତୁମେ ଏଭଳି କଣପାଇଁ କଲ ?" ନାରଦ ମୁନି କହିଲେ, "ପ୍ରାୟତଃ ଲୋକମାନେ ମୋତେ ପଚାରନ୍ତି ରାମ ବଡ଼ ନା ରାମଙ୍କ ନାମ ବଡ଼? ସେଥିପାଇଁ ମୁଁ ଭାବିଲି କିଛି ଲୀଳା ହୋଇଯାଉ । ଯାହାଫଳରେ ଲୋକମାନେ ବୁଝିପାରିବେ ଭଗବାନଙ୍କଠାରୁ ଭଗବାନଙ୍କ ନାମର ମହିମା ବେଶୀ ମହତ୍ୱପୂର୍ଣ୍ଣ ।"

ବିସି-୭୪,ସଲ୍ଟ ଲେକ୍,କଲକତା-୬୪

ମୋ-୯୬୮୧୦୩୭୩୫୧୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୃତ୍ୟୁକୁ ହରାଇଥିବା ଡାକ୍ତର

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ



ବର୍ଷ ୨୦୦୮ର ଏହି ଘଟଣା ଅଦ୍ୟାବଧି ମେଡ଼ିକାଲ ବିଜ୍ଞାନର ବିଶ୍ୱସ୍ତ ମାନଙ୍କ ପାଇଁ ଏକ ପ୍ରଶ୍ନବାଚୀ ହୋଇ ରହିଛି । ଅଶୀ ମିନିଟରୁ ଅଧିକ କାଳ ମୃତ୍ୟୁ ହୋଇ ସାରିଥିବା ବ୍ୟକ୍ତି ଜଣକ କେବଳ ଜୀବିତ ହୋଇନାହାନ୍ତି ବରଂ ନିଜର ସମସ୍ତ ପୂର୍ବଶକ୍ତି ଫେରି ପାଇ ନିଜ କର୍ମକ୍ଷେତ୍ରରେ ସଫଳତାର ସହ କାର୍ଯ୍ୟ ବି କରୁଛନ୍ତି ।

ଅଷ୍ଟ୍ରେଲିଆର କାଲଗୁର୍ଲି ହସପିଟାଲରେ ମେଡ଼ିସିନ୍ ବିଭାଗର ପ୍ରମୁଖ ଡା ସନ୍ ଜର୍ଜଙ୍କ କାହାଣୀ ଆପଣଙ୍କୁ ନିଶ୍ଚୟ ଆଚମ୍ବିତ କରିଦେବ । ଜର୍ଜଙ୍କ ପତ୍ନୀ ସେରୀ ସେହି ହସପିଟାଲରେ ଏମେର୍ଜେନସି ବିଭାଗରେ ଡାକ୍ତର ଅଛନ୍ତି । ଉଭୟଙ୍କର ପୁଅଟିଏ ବି ରହିଛି । ନିଜର ପ୍ରସିଦ୍ଧି ଯୋଗୁଁ ଡା ଜର୍ଜ ଅନେକ ସ୍ଥାନକୁ ଯାଇ ରୋଗୀ ଚିକିତ୍ସା କରିଥାନ୍ତି । ସେହିଭଳି ଅକ୍ଟୋବର ୨୪ ତାରିଖ ବର୍ଷ ୨୦୦୮ରେ ସେ ନିଜ ହସପିଟାଲଠାରୁ ଚାରିଶହ କିଲୋମିଟର ଦୂରରେ ଥିବା ଏକ ହସ୍ପିଟାଲକୁ ଯାଇଥିଲେ ।

ସେଦିନ ଥିଲା ଶୁକ୍ରବାର । ସକାଳ ସାଢ଼େ ନଅଟାରେ ଡା ଜର୍ଜ ନିଜର ଜଣେ କନିଷ୍ଠ ସହକର୍ମୀଙ୍କ ସହ ନିଜ ହସପିଟାଲ୍ କାଲଗୁର୍ଲିକୁ ଫେରୁଥିଲେ । ଏହି ସମୟରେ ସେ ଅସ୍ୱସ୍ତିକର ମନେ କରିଲେ । ଯଦିଓ ତାଙ୍କ ଛାତିରେ ପିଡ଼ା ନଥିଲା କିନ୍ତୁ ସେ ଅସୁସ୍ଥ ଅନୁଭବ କରୁଥିଲେ । ବୋଧହୁଏ ବଦହଜମି ହୋଇଛି ବୋଲି ମନେ କରି ସେ ପାଖାପାଖି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତିନିଶହ କିଲୋମିଟର୍ ଗାଡ଼ି ଚଳାଇ ଆସିବା ପରେ ତାଙ୍କୁ ଅଧିକ ଅସ୍ୱସ୍ଥ ମନେ ହେଲା । ତେଣୁ ସେ ନିଜ ଗାଡ଼ିକୁ ରାସ୍ତା ପାର୍ଶ୍ୱରେ ଅଟକାଇବାକୁ ବାଧ୍ୟ ହେଲେ । ସାଥିରେ ଥିବା କନିଷ୍ଠ ଡାକ୍ତରଜଣକ ସଦ୍ୟ ଶିକ୍ଷା ସମାପ୍ତ କରିଥାନ୍ତି ତେଣୁ ସେ କୌଣସି ପ୍ରକାର ଚିକିତ୍ସା ଯୋଗାଇବା ସମ୍ଭବ ନଥିଲା । ତଥାପି ଡା ଜର୍ଜ ତାଙ୍କୁ ଜଣାଇଲେ ଯେ ସେ ଛାତିରେ ଅସ୍ୱସ୍ତି ଅନୁଭବ କରୁଛନ୍ତି । ଯୁବଡାକ୍ତର ଜଣକ ତାଙ୍କ ନାଡ଼ି ପରୀକ୍ଷା କରି ଜଣାଇଲେ ଯେ ନାଡ଼ିର ଗତି ସ୍ୱାଭାବିକ ଅଛି । ଡା ଜର୍ଜଙ୍କୁ ଆସ୍ୱସ୍ତି ଲାଗିଲା । ସେ ଜଣେ ଡାକ୍ତର ଏବଂ ଜାଣନ୍ତି ହୃଦରୋଗ ବିଷୟରେ । ଯଦି ହୃଦଘାତ ହୁଏ ତ ତୁରନ୍ତ ନାଡ଼ିର ବେଗ ବଢ଼ିଯାଏ ଏବଂ ଦେହରୁ ଗମଗମ ଝାଳ ବାହାରେ । ସେ ସବୁ କିଛି ହେଉନଥିଲା । କିନ୍ତୁ ସେ ଯାହା ଅନୁଭବ କରୁଥିଲେ ତାହା ମଧ୍ୟ ବଦହଜମୀ ଯୋଗୁଁ ହେଇଥିବ ବୋଲି ସେ ମନେ କରୁନଥିଲେ । ତେଣୁ ସେ ନିଜ ପତ୍ନୀ ସେରୀଙ୍କୁ ଫୋନ କରିଲେ ଏବଂ ନିଜ ବିଷୟରେ ଜଣାଇଲେ ।

ତାଙ୍କ କଥା ଶୁଣିବା ପରେ ଡା ସେରୀଙ୍କ ପ୍ରଥମ ପ୍ରଶ୍ନ ଥିଲା, "ତୁମ ଛାତିରେ ବ୍ୟଥା ହେଉଛି କି ?" ଡା ଜର୍ଜ କହିଲେ ନା, ବଥା ତ ହେଉନାହିଁ । କେମିତି ଟିକେ ବାନ୍ତି ବାନ୍ତି ଲାଗିବା ଭଳି ମନେ ହେଉଛି । ସେରୀ ପୁଣିଥରେ ପ୍ରଶ୍ନକଲେ, ତୁମେ ଗାଡ଼ି ଚଳାଇ ପାରିବ ତ ? ଡା ଜର୍ଜ କହିଲେ, ହଁ, ସେ ପାରିବେ । ସେରୀ କହିଲେ ତା ହେଲେ ତୁମେ ଶୀଘ୍ର ହସ୍ପିଟାଲକୁ ଆସିଯାଅ । ମୁଁ ମୋ ସହକର୍ମୀ ଡା ପ୍ରବୀଣ୍ ସେଟ୍ଠୀଙ୍କୁ ଜଣାଇ ଦେଉଛି ।

ଡା ଜର୍ଜ ନିଜ କନିଷ୍ଠ ସହକର୍ମୀଙ୍କ ଉପରେ ନିର୍ଭର କରିପାରୁନଥିଲେ ଯେହେତୁ ସେ କେବେ ଗାଡ଼ି ଚଳାଇନଥିଲେ । ତେଣୁ ସେ ନିଜେ ଗାଡ଼ି ଚଳାଇ ଆଗକୁ ବଢ଼ିଲେ । କିନ୍ତୁ ଅଳ୍ପ ବାଟ ଯିବାପରେ ତାଙ୍କ ଛାତି ରୁନ୍ଧି ହୋଇଗଲା ଭଳି ମନେ ହେଲା । ସେ ଅସମ୍ଭବ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାବରେ ଭୟଭୀତ ହେବାକୁ ଲାଗିଲେ ଏବଂ ଗାଡ଼ି ଚଳାଇବା ବିପଦପୂର୍ଣ୍ଣ ମନେ କରି ନିଜ ହସପିଟାଲ ଠାରୁ ଷାଠିଏ କିଲୋମିଟର ଦୂରରେ ଥିବା କମ୍ବାଲ୍ଡ଼ା ନାମକ ସ୍ଥାନରେ ଅଟକି ଗଲେ ଏବଂ ସେଠାରେ ଥିବା ଏକ ସ୍ୱାସ୍ଥ୍ୟ କେନ୍ଦ୍ର ଭିତରେ ପ୍ରବେଶ କରି ନିଜ ପରିଚୟ ଦେଲେ ।

ଦୂର୍ଭାଗ୍ୟବଶତଃ ସେହି ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସକ ସେତେବେଳେ ହିଁ ଖାଇବା ପାଇଁ ଚାଲି ଯାଇଥିଲେ । ତେଣୁ ଡା ଜର୍ଜ ଅନୁରୋଧ କରିଲେ ଯଦି କେହି ତାଙ୍କର ଇସିଜି କରି ଦେଇ ପାରିବ ? ସେଠାରେ ଉପସ୍ଥିତ କର୍ମଚାରୀ ତୁରନ୍ତ ଡା ଜର୍ଜଙ୍କ ଇସିଜି କରିଦେଲେ । ସାଧାରଣତଃ ସେହି ଇସିଜି ଡାକ୍ତର ଦେଖିବା ପରେ ରୋଗୀଙ୍କ ଅବସ୍ଥା ବିଷୟରେ ଜଣାନ୍ତି । ହେଲେ ଏଠାରେ ଡାକ୍ତରଙ୍କ ଅନୁପସ୍ଥିତିରେ ସେହି ଇସିଜି ଡା ଜର୍ଜ ନିଜେ ଦେଖିଲେ ଏବଂ ଯାହା ଦେଖିଲେ ସେଥିରେ ତାଙ୍କୁ ବିଶ୍ୱାସ ହେଲା ନାହିଁ । ଇସିଜିରେ ଜଣା ପଡୁଥିଲା ଯେ ତାଙ୍କୁ ହୃଦଘାତ ହୋଇଛି । ସେ ବିଚଳିତ ହୋଇଗଲେ । ସେହି ମୁହୂର୍ତ୍ତରେ ତାଙ୍କ ଛାତିର ବ୍ୟଥା ହଠାତ୍ ବୃଦ୍ଧି ପାଇବାକୁ ଲାଗିଲା ଏବଂ ସେ ନର୍ସଙ୍କୁ ଅନୁରୋଧ କରିଲେ ଯେ ଡାକ୍ତରଙ୍କୁ ତୁରନ୍ତ ଡକାନ୍ତୁ ।

ଡାକ୍ତର ଶୀଘ୍ର ଆସିବା ପରେ ଡା ଜର୍ଜଙ୍କୁ ଚାହିଁ କହିଲେ ଆପଣ ଅଣଚାଳିଶି ବର୍ଷର ଯୁବକ । ଆପଣଙ୍କୁ ହୃଦଘାତ କାହିଁକି ହେବ । ଆପଣ ଚିନ୍ତା କରନ୍ତୁ ନାହିଁ । ଏମିତି କହୁଥିଲେ ସୁଦ୍ଧା ଡା ଜର୍ଜ ନିଜ ଇସିଜି ଦେଖି ଜାଣି ସାରିଥିଲେ ଯେ ଅବସ୍ଥା କଣ ଓ କେମିତି ଅଛି । ତାଙ୍କୁ ଭିତରର ଗୋଟିଏ କକ୍ଷକୁ ନିଆଯାଇ ବେଡ଼ ଉପରେ ଶୋଇବାକୁ କୁହାଗଲା, ଯେଉଁଠି ମୃତ୍ୟୁମୁଖରେ ପଡ଼ିଥିବା ରୋଗୀମାନଙ୍କୁ ଶୁଆଇ ସେମାନଙ୍କୁ ପୁନଃ ଜୀବିତ କରିବାର ଚେଷ୍ଟା କରାଯାଏ । ଡା ଜର୍ଜଙ୍କୁ ଶୁଆଇବା ପରେ ତାଙ୍କର ବ୍ୟଥା ଓ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭୟକୁ ଦୂର କରିବାପାଇଁ ଗୋଟିଏ ଇଞ୍ଜେକସନ୍ ଦିଆଗଲା ।

ଏହି ସମୟ ଭିତରେ ଚିନ୍ତିତ ହୋଇ ପଡିଥିବା ସେରୀ ପୁଣିଥରେ ଡା ଜର୍ଜଙ୍କୁ ଫୋନ କରିଲେ । ଯାହା ତାଙ୍କ ସହକର୍ମୀ ଉଠାଇଲେ ଏବଂ କହିଲେ ଡା ଜର୍ଜଙ୍କ ଦେହ ଭଲନାହିଁ । ସେରୀ କହିଲେ ଫୋନଟା ଜର୍ଜଙ୍କୁ ଦିଅ ।

ଫୋନ ଧରିବା ପରେ ଜର୍ଜ୍ କହିଲେ, ସେରୀ ମୁଁ ଇସିଜି କରି ଦେଖିଛି, ମୋର ହୃଦଘାତ ହୋଇଛି । ମୁଁ ଏବେ ଆଉ ଗାଡ଼ି ଚଳାଇ ପାରିବି ନାହିଁ । ତେଣୁ ହୁଏତ ସେମାନେ ମୋତେ ଆମ୍ବୁଲାନସରେ ନେଇ କାଲଗୁର୍ଲି ଯିବେ । ତୁମେ ଆଦୌ ଚିନ୍ତା କରନାହିଁ । ହସପିଟାଲରେ ଅପେକ୍ଷା କର । ମୁଁ ଆସୁଛି ।

ଫୋନ ବନ୍ଦ କରିବା ବେଳକୁ ଛାତିର ବଥା ଅସମ୍ଭାଳ ହେଉଥିଲା, ଡା ଜର୍ଜ ମନିଟରରେ ଦେଖୁଥିଲେ, ତାଙ୍କର ହୃଦଗତି ବହୁତ ବଢ଼ି ଯାଇଥିଲା, ବ୍ଲଡ୍ ପ୍ରେସର ମଧ୍ୟ ବଢ଼ି ବଢ଼ି ଯାଉଥିଲା । ଏବଂ ଏହି ସମୟରେ ସେ ଚେତା ହରାଇଲେ । ତା'ପରେ କଣ ହେଲା ସେ ଆଉ କିଛି ଜାଣି ପାରିଲେ ନାହିଁ ।

ତେଣେ ଡା ଜର୍ଜଙ୍କ କଥା ଶୁଣିବା ପରେ ସେରୀ ଭାରୀ ଚିନ୍ତିତ ହୋଇ ଡା ପ୍ରବୀଣ୍ ସେଟ୍ଠୀଙ୍କୁ ଜଣାଇଲେ ଏବଂ ଅନୁରୋଧ କରିଲେ ସେଠାକୁ ଯିବାପାଇଁ ।

ଡା ସେଟ୍ଠୀ ତୁରନ୍ତ ଏମେର୍ଜେନ୍ସି ବିଭାଗରେ ପହଞ୍ଚି ଜଣେ ବରିଷ୍ଠ ଡାକ୍ତରଙ୍କୁ ଜଣାଇଲେ ଯେ ମେଡ଼ିସିନ୍ ବିଭାଗର ପ୍ରମୁଖ ଡା ସନ୍ ଜର୍ଜଙ୍କୁ ହୃଦଘାତ ହୋଇଛି ଏବଂ ଏବେ ତାଙ୍କୁ ବଞ୍ଚାଇବା ପାଇଁ ସିପିଆର୍ କରାଯାଉଛି । ଆପଣ ଶୀଘ୍ର ଯାଆନ୍ତୁ ଏବେଂ ଏହି ପ୍ରକ୍ରିୟାକୁ କିଭଳି କରାଯାଇ ପାରିବ ଦେଖନ୍ତୁ । ଡା ଷ୍ଟିଭ୍ ଦୁଞ୍ଜେ କହିଲେ, କମ୍ବାଲ୍ଡା ଏଠାରୁ ଷାଠିଏ କିଲୋମିଟର୍ ଦୂର, ଆମେ ଯାଇ ପହଞ୍ଚିବାକୁ ଅତିକମରେ ଘଣ୍ଟାଏ ଲାଗିବ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେତିକି ବେଳକୁ ରୋଗୀ ଆଉ ନଥିବ । କାରଣ ଯଦି ଜଣେ ବ୍ୟକ୍ତିଙ୍କ ମୃତ୍ୟୁର କୋଡ଼ିଏ ମିନିଟ୍ ଭିତରେ ତାଙ୍କୁ ପୁନଃଜୀବିତ ନ କରାଯାଏ ତା ହେଲେ ତାଙ୍କର ମସ୍ତିଷ୍କ ସମ୍ପୂର୍ଣ୍ଣଭାବେ ନଷ୍ଟ ହୋଇଯାଏ ଏବଂ ସେ ମୃତ ବୋଲି ଘୋଷିତ ହୋଇ ଯାଆନ୍ତି । ପୁଣି ଯେଉଁ ରୋଗୀଙ୍କୁ ସିପିଆର୍ ଦିଆଯାଉଛି, ସେ ବଞ୍ଚିବାର ସମ୍ଭାବନା ନାମକୁ ମାତ୍ର, ତେଣୁ ମୁଁ ଗଲେ କି ନଗଲେ କିଛି ଫରକ ପଡିବନି । ସେତେବେଳେ ଡା ସେଚ୍ଚୀ କହିଲେ ଯେ ଡା ସନ୍ ଜର୍ଜ ମେଡ଼ିସିନ୍ ବିଭାଗର ପ୍ରମୁଖ ତେଣୁ ଆପଣଙ୍କୁ ଯିବାକୁ ପଡ଼ିବ । ଏବଂ ତୁରନ୍ତ ଗାଡ଼ିର ବ୍ୟବସ୍ଥା କରିଦେଇ ତାଙ୍କୁ ପଠାଇ ଦେଲେ ।

ଏହି ସବୁ ଘଟଣା ଚାଲିଥିବା ବେଳେ ସେରୀଙ୍କ ପାଖକୁ ଡା ଜର୍ଜଙ୍କ କନିଷ୍ଠ ସହଯୋଗୀଙ୍କ ଫୋନ୍ ଆସିଲା ଏବଂ ସେ କଥା ହେବାଭଳି ଅବସ୍ଥାରେ ନଥିଲେ ବୋଲି ଫୋନ୍ ଡା ସେଚ୍ଚୀ ଧରିଲେ, ଆଉ ସେପାଖରୁ ଶୁଣାଯାଉଥିଲା ଯେ ଡା ସନ୍ ଜର୍ଜଙ୍କୁ ଅତି ଜଟିଳ ହୃଦଘାତ ହୋଇଛି ଏବଂ ତାଙ୍କୁ ବଞ୍ଚାଇବାକୁ ଆମେ ସବୁପ୍ରକାର ଚେଷ୍ଟା କରିବା ପରେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ସେତେବେଳେ ଡା ସେଚ୍ଚୀ ଚିନ୍ତିତ ହୋଇଗଲେ ଏବଂ ସେରୀଙ୍କୁ କହିଲେ, ଆମକୁ ସେଠାକୁ ଯିବାକୁ ପଡ଼ିବ ।

ଡା ସେଚ୍ଚୀଙ୍କ କଥା ଶୁଣି ସେରୀଙ୍କ ମାନସିକ ଅବସ୍ଥା ଭାରି ବିକଳ ହୋଇ ଯାଉଥିଲା । ସେ ବି ଜଣେ ଡାକ୍ତର ଏବଂ ଜାଣିଛନ୍ତି ଯେ ହୃଦଘାତ ହେଲେ ପ୍ରାରମ୍ଭିକ କୋଡ଼ିଏ ମିନିଟ ମଧ୍ୟରେ ହିଁ ରୋଗୀଙ୍କୁ ବଞ୍ଚାଇ ହୁଏ, ନହେଲେ ମୃତ୍ୟୁ ହୋଇଛି ବୋଲି କହି ଦିଆଯାଏ । ତେଣୁ ଡା ସେଚ୍ଚୀ, ସେରୀ ଏବଂ ଆଉ ଜଣେ ସହଯୋଗୀ କାର ଯୋଗେ କମ୍ବାଲଡା ଯିବାକୁ ବାହାରିଲେ ।

ତେଣେ କମ୍ବାଲଡା ସ୍ୱାସ୍ଥ୍ୟ କେନ୍ଦ୍ରରେ ଡା ସନ୍ ଜର୍ଜଙ୍କୁ ବଞ୍ଚାଇବାର ସବୁ ପ୍ରକାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରଚେଷ୍ଟା କରାଯିବା ପରେ ତାଙ୍କ ଛାତିରେ ଇଲେକ୍ଟ୍ରିକ୍ ସକ୍ ଦିଆଯିବା ବ୍ୟବସ୍ଥା କରାଗଲା । ଯେତେବେଳେ ଜଣେ ବ୍ୟକ୍ତିର ହୃତପିଣ୍ଡ କାମ କରେ ନାହିଁ, ସେତେବେଳେ ପ୍ରଥମେ ତାଙ୍କ ଛାତିକୁ ସ୍ୱାସ୍ଥ୍ୟକର୍ମୀମାନେ ଜୋର ଜୋର୍ କରି ଚିପିବା ଦ୍ୱାରା ବେଳେ ବେଳେ ହୃଦଗତି ଫେରିଯାଏ । ଯଦି ତାହା କାମ କରେନାହିଁ, ତା'ପରେ ଡିଫିବ୍ରିଲେଟର୍ ନାମକ ମେସିନ୍ ଦ୍ୱାରା ହୃଦୟକୁ ବିଦ୍ୟୁତ୍ ସକ୍ ଦିଆଯାଏ । ଏହା ପ୍ରତି ଦୁଇ ଦୁଇ ମିନିଟ୍ ଅନ୍ତରାଳରେ ଦିଆଯାଏ ଏବଂ ଏହି ଅନ୍ତରାଳରେ ଛାତିକୁ ଚିପୁଥିବା ପ୍ରକ୍ରିୟା ଲାଗୁଥାଏ । ଏହିଭଳି ସାଧାରଣତଃ ଜଣେ ଜଣେ ବ୍ୟକ୍ତିଙ୍କୁ ଦୁଇରୁ ତିନିଥର କରାଯାଏ, ଯଦି ସଫଳ ନ ହୁଏ ତା ହେଲେ ତାଙ୍କୁ ମୃତ ବୋଲି ଘୋଷଣା କରାଯାଏ । କିନ୍ତୁ ଡା ଜର୍ଜଙ୍କ କ୍ଷେତ୍ରରେ ଅନ୍ୟୁନ ତେର ଥର ଏହି ପ୍ରକ୍ରିୟା କରାଯାଇଥିଲା । ଏହି ସମୟରେ ଡା ଷ୍ଟିଭ୍ ଦୁଞ୍ଚେ ସେଠାରେ ପହଞ୍ଚି ସାରିଥିଲେ ଏବଂ ଡା ସନ୍ ଜର୍ଜଙ୍କୁ ଦେଖିବା ପରେ ଜାଣି ସାରିଥିଲେ ଯେ ସେ ଆଉ ନାହାନ୍ତି । ତାଙ୍କର ମୃତ୍ୟୁ ଅନେକ ସମୟ ହେଲା ହୋଇ ସାରିଲାଣି ।

ଯେତେବେଳେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୁଏ ଏହାର ଚାରିମିନିଟ୍ ଭିତରେ ହିଁ ମସ୍ତିଷ୍କର ଜୀବକୋଷ ସବୁ ନଷ୍ଟ ହେବାକୁ ଆରମ୍ଭ ହୋଇଯାଏ । କୋଡ଼ିଏ ମିନିଟ୍ ବେଳକୁ ସମ୍ପୂର୍ଣ୍ଣ ମସ୍ତିଷ୍କର କୋଷ ନଷ୍ଟ ହୋଇଯାଏ । ବର୍ତ୍ତମାନର ପରିସ୍ଥିତିରେ ଆଉ କିଛି କରିବାର ନଥିଲା । ଡା ସନ୍ ଜର୍ଜଙ୍କ ଶରୀର ଥଣ୍ଡା ପଡ଼ି ସାରିଥିଲା, ଅର୍ଥାତ ଏଥିରେ ରକ୍ତ ସଞ୍ଚାଳନ ହେଉନଥିଲା । ହୃତପିଣ୍ଡ ମଧ୍ୟ ବନ୍ଦ ହୋଇ ସାରିଥିଲା । ଜୀବନ ରହିଥିବା ଭଳି ଶରୀରରେ କୌଣସି ପ୍ରକାର ଲକ୍ଷଣ ନଥିଲା ।

ତେଣେ କମାଲ୍ଡା ଯାଉଥିବା ବେଳେ ଗାଡ଼ିରେ ବସି ବହୁତମାତ୍ରାରେ ଭୟଭୀତା ହୋଇ ପଡ଼ିଥିବା ସେରୀ ମନେ ମନେ ଭାବୁଥିଲେ ସେ କଣ କରିବେ । ସ୍ୱାମୀଙ୍କ ମୃତ୍ୟୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୋଇଗଲେ ସେ କଣ କରିବେ ସେହି କଥା ଭାବି ଭାବି ସେ ନିଜ ପିତାଙ୍କୁ ଫୋନ କରିଥିଲେ । ଭାରତରେ ରହୁଥିବା ତାଙ୍କ ପିତା ଯେତେବେଳେ ଶୁଣିଲେ ଯେ ଜ୍ୱାଇଁଙ୍କୁ ହୃଦଘାତ ହୋଇଛି, ସେ ମଧ୍ୟ ଚିନ୍ତାରେ ପଡ଼ିଗଲେ । ଆଉ ନିଜକୁ ସମ୍ଭାଳି ନ ପାରି କାନ୍ଦି ପକାଇଲେ । ତଥାପି ନିଜ ଝିଅକୁ ସାହାସ ଯୋଗାଇବା ପାଇଁ କହିଲେ, ତୁ କିଛି ଚିନ୍ତା କରନି । ସେରୀ ପଚାରୁଥିଲେ, ବାପା ମୁଁ ଏବେ କଣ କରିବି ? ତାଙ୍କ ବାପାଙ୍କ ମୁହଁରୁ କେବଳ ଏତିକି କଥା ବାହାରିଥିଲା, ତୁ ପ୍ରାର୍ଥନା କର । ସବୁ ଠିକ୍ ହୋଇଯିବ ।

ସେରୀ ମଧ୍ୟ ଜାଣି ସାରିଥିଲେ ଯେ ହୃଦଘାତର ଅନ୍ୟୁନ ଏକ ଘଣ୍ଟା ହୋଇ ସାରିଥିଲା । ଏବେ ଯାହା ବି ହେବ ସେ ସବୁ କେବଳ ଔପଚାରିକ ଭାବରେ ଜର୍ଜଙ୍କ ମୃତଶରୀରକୁ ଗ୍ରହଣ କରିବା କାର୍ଯ୍ୟ ହିଁ ହେବ । ସେ ନିଜ ପୁଅକୁ ଏ କଥା କେମିତି ଜଣାଇବେ ସେ ଚିନ୍ତାରେ ଘାରି ହେଉଥିବା ବେଳେ ସେମାନେ ସମସ୍ତେ ଅଧିକରୁ ଅଧିକ ଚିନ୍ତାରେ ଘାରି ହେଉଥିଲେ ।

ତେଣେ କମାଲଡ଼ାରେ ତାଙ୍କୁ ବାରମ୍ବାର ବିଦ୍ୟୁତ ସକ୍ ଦେବା ସତ୍ତ୍ୱେ ହୃଦଗତି ନଫେରିବା ହେତୁ ମେସିନରେ ମଧ୍ୟ ସଙ୍କେତ ଆସିଗଲା ଯେ ଆଉ ବିଦ୍ୟୁତ୍ ସକ୍ ଦେଇ ଲାଭନାହିଁ । ବର୍ତ୍ତମାନ ଡା ସନ୍ ଜର୍ଜଙ୍କ ମୃତଶରୀର ହସ୍ପିଟାଲ୍ ଶଯ୍ୟାରେ ପଡ଼ି ରହିଥିଲା । ସମସ୍ତେ ସ୍ଥାଣୁ ହୋଇ ଦେଖୁଥିଲେ । ଏହାପରେ କଣ କରାଯିବ ସେହି ବିଷୟରେ ଚିନ୍ତା କରୁଥିବା ବେଳେ କେହିଜଣେ ଜଣାଇଥିଲା ଯେ ଡା ଜର୍ଜଙ୍କ ପତ୍ନୀ ସେରୀ ଆସୁଛନ୍ତି । ସେ ଆସିବା ପରେ ହିଁ କୌଣସି ନିଷ୍ପତ୍ତି ନିଆଯିବ ।

ତେଣେ ଗାଡ଼ିରେ ବସିଥିବା ସେରୀ ନିଜ ପିତାଙ୍କୁ ଜଣାଇନଥିଲେ ଯେ ଜର୍ଜଙ୍କ ମୃତ୍ୟୁ ହୋଇ ସାରିଛି । ତାଙ୍କ ପିତା କହୁଥିଲେ, ତୁ ଚିନ୍ତ କରନାହିଁ । ଭଗବାନ ଅଛନ୍ତି ସେ ସବୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଠିକ୍ କରିଦେବେ । ତୁ ଯାଆ, ପ୍ରାର୍ଥନା କର । ସେରୀ ମନେ ମନେ ଭାବୁଥିଲେ ନିଜ ପିତାଙ୍କୁ କେମିତି ସେ କହିବେ ଯେ ତାଙ୍କ ଜ୍ୱାଇଁ ଆଉ ନାହାନ୍ତି ।

ତେଣେ କମାଲଡ଼ାରେ ଡା ଜର୍ଜଙ୍କ ଚିକିତ୍ସା ବନ୍ଦ ହୋଇ ସାରିଥିଲା । ଡା ଷ୍ଟିଭ୍ ଦୁଙ୍କେ ଆନୁଷ୍ଠାନିକ ଭାବରେ ଡା ଜର୍ଜଙ୍କୁ ମୃତ ବୋଲି ଘୋଷଣା କରି ସାରିଥିଲେ । ତଥାପି ତାଙ୍କ ଶରୀରରେ ଲଗାଯାଇଥିବା ସବୁ ନଳୀ ସେମିତି ଲାଗିଥିଲା ଏବଂ ଜଣେ ଡାକ୍ତର ତାଙ୍କୁ ଅକ୍ସିଜେନ୍ ଦେଉଥିବା ବେଳେ ସେହି କୋଠରୀକୁ ସେରୀ ପ୍ରବେଶ କରିଲେ । ସାମନା ବେଡ଼ରେ ଡା ସନ୍ ଜର୍ଜଙ୍କ ମୃତ ଶରୀର ଥିଲା । ରକ୍ତ ସଞ୍ଚାଳନ ବନ୍ଦ ହୋଇ ଶରୀର ଶେତା ପଡ଼ିଯାଇ ଥଣ୍ଡା ହୋଇ ସାରିଥିଲା । ଡା ଷ୍ଟିଭ୍ ଦୁଙ୍କେ ସେରୀଙ୍କ ହାତ ଧରି କହିଲେ, ଡା ସେରୀ ଆମେ ବହୁତ ଚେଷ୍ଟା କରିଲୁ, କିନ୍ତୁ ଯାହା ଭଗବାନଙ୍କ ଇଚ୍ଛା । ଆପଣ ଯାଆନ୍ତୁ ଏବଂ ତାଙ୍କୁ ବିଦାୟ ଦିଅନ୍ତୁ ।

ସେରୀ ଥରଥର ହାତରେ ଜର୍ଜଙ୍କୁ ଛୁଇଁବା ବେଳକୁ ତାଙ୍କ ଥଣ୍ଡା ଶରୀରକୁ ଛୁଇଁ କାନ୍ଦି ପକାଇଲେ । ତାଙ୍କୁ ମନେ ହେଉଥିବା ସେ ନିଜ ଜୀବନର ସବୁଠାରୁ ମୂଲ୍ୟବାନ ବନ୍ଧୁଙ୍କୁ ହରାଇଛନ୍ତି । ତାଙ୍କୁ ଅବଶ ଅବଶ ମନେ ହେଉଥିଲା । ସେ କିଛି କରି ପାରୁନଥିଲେ କିନ୍ତୁ ତାଙ୍କ ପିତାଙ୍କ କଥା ମନେ ପଡିଲା । ସେ ଜର୍ଜଙ୍କ ହାତକୁ ଧରି ତାଙ୍କ ପାଖରେ ବସିପଡ଼ିଲେ । ଯଦିଓ ସେ ନିଜେ କେବେ ବି ଈଶ୍ୱରବିଶ୍ୱାସୀ ନଥିଲେ ତଥାପି ମନରେ ମନରେ କହିଲେ, ହେ ଭଗବାନ ସେ କେବଳ ଅଣଚାଳିଶି ବର୍ଷର । ଆମର ଦଶବର୍ଷର ପୁଅଟିଏ ଅଛି । ତାଙ୍କୁ ଏମିତି ଆପଣ ନେଇ ପାରିବେ ନାହିଁ । ମୋ ଉପରେ ଦୟା କରନ୍ତୁ । ଠିକ୍ ଏଇ କଥା କହୁଥିବା ବେଳେ ହଠାତ୍ ଡା ଜର୍ଜ୍ ଶ୍ୱାସ ନେଲାଭଳି ମନେ ହେଲା ଏବଂ ଏହା ସହ ସାମନାରେ ଲାଗିଥିବା ମନିଟରରେ ଗୋଟିଏ ହୃତପିଣ୍ଡ ଗତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଖାଦେଲା । ହୃତଗତି ଫେରିଲେ ଯେମିତି ଶବ୍ଦ ହୁଏ ସେହି ଶବ୍ଦ ସେରୀଙ୍କ କାନରେ ପଡୁଥିଲା । ସେ ଆଖିବୁଜି ଦେଇ ସେହି ଶଯ୍ୟାପାଖରେ ବସିଥିବା ବେଳେ ହଠାତ୍ ଗହଳଚହଳ ବଢ଼ିଗଲା ପରି ମନେ ହେଉଥିଲା । ସେ ଆଖି ଖୋଲିବା ବେଳକୁ କେହି ଜଣେ କହିଲା, ମେଡମ୍ ଆପଣ ଟିକେ ପାଖେଇ ଯାଆନ୍ତୁ ।

ସେ କିଛି ନ ବୁଝି ମନିଟରକୁ ଦେଖିବା ବେଳକୁ ଦେଖିଲେ ଜର୍ଜଙ୍କ ହୃଦଗତି ଫେରି ଆସିଛି ଏବଂ ଡାକ୍ତରମାନଙ୍କ ଦଳ ପୁଣିଥରେ ତାଙ୍କୁ ସିପିଆର୍ ଦେବାକୁ ଆରମ୍ଭ କରିଦେଇଛନ୍ତି । ସେ ନିଜ ଆଖିକୁ ବିଶ୍ୱାସ କରୁନଥିଲେ । ପାଖାପାଖି ଅଶୀ ମିନିଟ୍ ମୃତ ହୋଇଥିବା ତାଙ୍କ ସ୍ୱାମୀଙ୍କ ହୃଦଗତି କେମିତି ଫେରିଲା ? ତାଙ୍କ ମୁହଁରୁ ରକ୍ତମିଶିଥିବା ଫେଣ ବାହାରି ଶ୍ୱାସନଳୀରେ ଭର୍ତ୍ତି ହୋଇଗଲା । ଡା ଷ୍ଟିଭ୍ ଦୁଙ୍କେ ଜାଣିଥିଲେ ଯେ ଯଦିଓ ହୃଦଗତି ଫେରିଛି କିନ୍ତୁ ଯେହେତୁ ଡା ଜର୍ଜ ଅଶି ମିନିଟ୍ ହେଲା ମୃତ ହୋଇଥିଲେ ତେଣୁ ତାଙ୍କ ମସ୍ତିଷ୍କ ସମ୍ପୂର୍ଣ୍ଣ ନଷ୍ଟ ହୋଇ ସାରିଥିବ । ତେଣୁ ସେ ସେରୀଙ୍କୁ ସମବେଦନା ଜଣାଇ କହିଲେ ମେଡମ୍ ଆପଣ ବି ଭଲଭାବରେ ଜାଣିଛନ୍ତି ଏତେ ସମୟ ପରେ ମସ୍ତିଷ୍କରେ କୋଷ ସବୁ ନଷ୍ଟ ହୋଇଯାଏ । ତେଣୁ ଏଠି ତାଙ୍କୁ ବଞ୍ଚାଇବା ସମ୍ଭବ ନୁହେଁ । ଚାଲନ୍ତୁ ତାଙ୍କୁ କାଲଗୁର୍ଲି ନେଇଯିବା । ଡା ଦୁଙ୍କେ ଜାଣିଥିଲେ ଯେ ଯଦିଓ ଡା ଜର୍ଜଙ୍କ ହୃଦଗତି ଫେରିଥିଲା କିନ୍ତୁ ସେ କିଛି ସମୟ ପାଇଁ ହିଁ ! ଏବଂ ସେ ନିଶ୍ଚୟ ଆଉ କିଛି ସମୟ ପରେ ମୃତ ବୋଲି ଘୋଷିତ ହେବେ ।

ଡା ଜର୍ଜଙ୍କୁ ଅତ୍ୟଧିକ ମାତ୍ରାରେ ଜୀବନରକ୍ଷକ ଔଷଧ ଦେଇ ଆମ୍ବୁଲାନ୍ସ୍ ଯୋଗେ କାଲଗୁର୍ଲି ଅଣାଗଲା । ତାଙ୍କ ଶେଷଦର୍ଶନ ପାଇଁ ଅନେକ କର୍ମଚାରୀ ସେଠାରେ ଅପେକ୍ଷା କରି ରହିଥିଲେ । ତାଙ୍କୁ କାଲଗୁର୍ଲିରେ ରଖି ଚିକିତ୍ସା ଯୋଗାଇବା ସମ୍ଭବ ହୋଇପାରିବ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନାହିଁ ବୋଲି ସେମାନେ ଡା ଜର୍ଜଙ୍କୁ ପର୍ଥରେ ଥିବା ବଡ଼ ଡାକ୍ତରଖାନାକୁ ପଠାଇ ଦେଲେ ।

ସେରୀ ଜାଣିଥିଲେ ଯେ ଜର୍ଜଙ୍କ ହୃତପିଣ୍ଡ କାମ କରୁଥିଲେ ସୁଦ୍ଧା ସେ ମସ୍ତିଷ୍କରେ ମୃତ ଏବଂ ହୃତପିଣ୍ଡ ମଧ୍ୟ କିଛି ମୁହୂର୍ତ୍ତରେ ବନ୍ଦ ହୋଇପାରେ । ଡା ଦୁଙ୍କେ ମତ ଦେଲେ ଯେ ଡା ଜର୍ଜଙ୍କ ରକ୍ତ ଜମାଟ ବାନ୍ଧି ଦେଇଥାଇପାରେ, ତେଣୁ ତାହାକୁ ପୁନଃ ତରଳ କରିବା ପାଇଁ ଅଧିକ ମାତ୍ରାରେ ଔଷଧ ଦେବାକୁ ହେବ । କିନ୍ତୁ ସେହି ଔଷଧ ଡା ଜର୍ଜଙ୍କୁ ତୁରନ୍ତ ମୃତ୍ୟୁ ଆଡ଼କୁ ଟାଣି ନେଇପାରେ । ସେରୀ କିଛି ଚିନ୍ତା କରି ପାରୁନଥିଲେ ଏବଂ ଇଞ୍ଜେକ୍ସନ୍ ଦେବାପାଇଁ ଅନୁମତି ଦେଇଥିଲେ । ସେ ଭାବୁଥିଲେ ଯେ ଭଗବାନ ଯେହେତୁ ଚମତ୍କାର କରିଛନ୍ତି ସେ ନିଶ୍ଚୟ ଜର୍ଜଙ୍କ ଜୀବନକୁ ବଞ୍ଚାଇବେ ।

ସାଧାରଣତଃ ମୃତ୍ୟୁପରେ ଶରୀରର ସମସ୍ତ ଅଙ୍ଗ ମଧ୍ୟ ମୃତ୍ୟୁ ପାଇଥାନ୍ତି । ଅନ୍ତନଳୀ ସବୁ ନଷ୍ଟ ହୋଇଯାଏ । ବିଶେଷତଃ ମସ୍ତିଷ୍କ ଫୁଲିବାକୁ ଆରମ୍ଭ କରିଦେଇଥାଏ ଏବଂ ଏତେ ମାତ୍ରାରେ ଫୁଲିଯାଏ ଯେ ତାହା ଖପୁରୀ ମଧ୍ୟରେ ଫାଟି ଯାଏ । ତେଣୁ ଏତେ ସମୟ ଧରି ମୃତ ଡା ଜର୍ଜଙ୍କ ଶରୀର ଯା ତାଙ୍କୁ ପ୍ରାଣ ଦେଇପାରିବ ତାହା ସମ୍ପୂର୍ଣ୍ଣ ଭାବେ ଅସମ୍ଭବ ଥିଲା ।

ପର୍ଥ ସ୍ଥିତ ହସପିଟାଲରେ ପହଞ୍ଚିବା ପରେ ତୁରନ୍ତ ଡା ଜର୍ଜଙ୍କ ରକ୍ତନଳୀ ସବୁ ପରୀକ୍ଷା କରିବାପରେ ଜଣାପଡ଼ିଲା ଯେ ତାଙ୍କ ହୃତପିଣ୍ଡକୁ ରକ୍ତ ସଞ୍ଚାଳନ କରୁଥିବା ଗୋଟିଏ ନଳୀ ବନ୍ଦ ହୋଇ ଯାଇଛି । ସେଠାରେ ଷ୍ଟେଣ୍ଟ୍ ଲଗାଇ ଦିଆଗଲା କିନ୍ତୁ ଡା ଜର୍ଜଙ୍କ ଚେତା ଫେରିନଥାଏ ତେଣୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଗଲା । କାରଣ ସେତେବେଳେ ଜର୍ଜଙ୍କ ହୃତପିଣ୍ଡ କାମ କରୁଥିଲେ ସୁଦ୍ଧା ତାଙ୍କର ମସ୍ତିଷ୍କ ନିଷ୍କ୍ରିୟ ହୋଇ ସାରିଥିଲା । ଉଭୟ ବୃକକ୍ ବା କିଡ଼ନୀ ନଷ୍ଟ ହୋଇ ସାରିଥିଲା, ଯକୃତ ବା ଲିଭର ମଧ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଉ କାମ କରୁନଥିଲା । ସାଧାରଣତଃ ଜଣେ ମନୁଷ୍ୟର ଶରୀରର ଅଧିକାଂଶ କାର୍ଯ୍ୟ ଏହି ଦୁଇ ଅଙ୍ଗ କରିଥାନ୍ତି, ଯେହେତୁ ଏହି ଦୁଇ ଅଙ୍ଗ ବର୍ତ୍ତମାନ ନିଷ୍କ୍ରିୟ ହୋଇ ସାରିଥିଲେ ତେଣୁ ଡା ଜର୍ଜ ବସ୍ତୁତଃ ଜଡ଼ ନିଷ୍କ୍ରିୟ ଶବରେ ପରିଣତ ହୋଇ ସାରିଥିଲେ ।

ଏହିଭଳି ଅବସ୍ଥାରେ ଜଣେ ରୋଗୀ ଅଧିକ ସମୟ ଧରି ବଞ୍ଚାଇ ରଖିବା ସମ୍ଭବ ହୁଏ ନାହିଁ । ତେଣୁ ତାଙ୍କର ଜୀବନଧାରଣ ପ୍ରଣାଳୀ ବା ବ୍ୟବସ୍ଥାକୁ ଗୋଟିଏ ସମୟ ପରେ ବନ୍ଦ କରିଦିଆଯାଏ । ଯାହା ଫଳରେ ତାଙ୍କର ଚଳମାନ ହୃତଗତି ବନ୍ଦ ହୋଇଥାଏ । ମେଡ଼ିକାଲରେ ଏହିଭଳି ସମୟ ମଧ୍ୟ ଆସେ, ଯେତେବେଳେ ଅନିଚ୍ଛା ସତ୍ତ୍ୱେ ରୋଗୀଙ୍କ ସବୁ ବ୍ୟବସ୍ଥାକୁ ବନ୍ଦ କରିଦିଆଯାଏ । ସେରୀ ସେହି ସମୟ ନ ଆସୁ ବୋଲି ପ୍ରାର୍ଥନା କରୁଥିଲେ । ଏହି ସମୟରେ ପର୍ଥରେ ଥିବା ତାଙ୍କର ଦୁଇଜଣ ବନ୍ଧୁ ହସ୍ପିଟାଲ୍ ଆସିଥିଲେ । ଯାହାଙ୍କୁ ଦେଖିବା ପରେ ସେରିଙ୍କୁ ଧୈର୍ଯ୍ୟ ମିଳିଥିଲା । ସେମାନେ କହିଥିଲେ ଯେ ଭଗବାନଙ୍କ ଚମତ୍କାର ନିଶ୍ଚୟ ଫଳବତୀ ହେବ । ସେମାନେ ଡା ଜର୍ଜଙ୍କ ମୁଣ୍ଡରେ କିଛି ତେଲ ଲଗାଇବା ପାଇଁ ସେରୀଙ୍କୁ ନିବେଦନ କରିଥିଲେ । ଜର୍ଜଙ୍କ ମଥା ଉପରେ ହାତ ରଖି ପ୍ରାର୍ଥନା କରିବାପାଇଁ ସେରୀଙ୍କୁ କହିଲେ ।

ଏହି ସମୟରେ କାଲଗୁର୍ଲିରେ ଅନେକ ସ୍ୱାସ୍ଥ୍ୟକର୍ମୀ ଡା ଜର୍ଜଙ୍କ ସ୍ୱାସ୍ଥ୍ୟଲାଭ ପାଇଁ ପ୍ରାର୍ଥନା କରୁଥିଲେ । ଯେହେତୁ ସେ ଜଣେ ଅତି ଅମାୟିକ ଓ ଭଦ୍ରବ୍ୟକ୍ତି ଥିଲେ ସମସ୍ତେ ତାଙ୍କ ସୁସ୍ଥ ଆରୋଗ୍ୟ କାମନା କରୁଥିଲେ ।

ହୃଦଘାତ ଘଟିବାର ଦୁଇଦିନ ବିତିଯାଇଥିଲା । ସେରୀ ଅଧିକରୁ ଅଧିକ ଚିନ୍ତିତ ହୋଇ ପଡୁଥିଲେ । ଜର୍ଜଙ୍କ ଅବସ୍ଥା ପୂର୍ବପରି ହିଁ ଥିଲା । ଏହି ସମୟରେ ୨୬ ଅକ୍ଟୋବର ଦିନ ସେରୀଙ୍କୁ ତାଙ୍କ ମାଉସୀଙ୍କ ଫୋନ୍ ଆସିଲା । ସେ କହିଲେ ଯେ ଭାରତରେ ଅନେକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲୋକ ଜର୍ଜଙ୍କ ଆରୋଗ୍ୟକାମନା କରି ପ୍ରାର୍ଥନା କରୁଛନ୍ତି ଏବଂ ଜଣେ ମହିଳା ବିଶେଷ କରି ପ୍ରାର୍ଥନା କରିବା ସହ ପ୍ରତିଶୃତି ଦେଇଛନ୍ତି ଯେ ଆଜି ରାତିରେ ସେ ଶଯ୍ୟାକୁ ଯିବା ପୂର୍ବରୁ ଜର୍ଜ ନିଜ ଆଖି ଖୋଲିବେ । ସେରୀ ମନେ ମନେ ଭାବୁଥିଲେ ଲୋକମାନେ କେତେ ସରଳ ବିଶ୍ୱାସୀ । ଯେଉଁ ଅବସ୍ଥାରେ ଜର୍ଜ ଅଛନ୍ତି ଏଭଳି ଅବସ୍ଥାରେ ଆଖି ଖୋଲିବା ସମ୍ଭବ ହିଁ ନୁହେଁ । ତାଙ୍କ ମାଉସୀ ଡାକ୍ତର ନୁହନ୍ତି କିମ୍ବା ଡାକ୍ତରୀ ବିଷୟ କିଛି ଜାଣନ୍ତି ନାହିଁ । ତଥାପି ତାଙ୍କ ମନରେ ଏହି ଧାରଣା ଘର କରିଗଲା ଯେ ଯଦି ସତରେ ସେମିତି କିଛି ଚମତ୍କାର ହୋଇ ପାରନ୍ତା କେତେ ଭଲ ହୁଅନ୍ତା ।

ସେଦିନ ସନ୍ଧ୍ୟାରେ ପୁଣିଥରେ ସେମାନଙ୍କ ବନ୍ଧୁ ଡା ଖ୍ରିଷ୍ଟିନ୍ ସେମାନଙ୍କୁ ଦେଖିବାପାଇଁ ହସପିଟାଲକୁ ଆସିଥିଲେ । ଶଯ୍ୟାରେ ପଡ଼ି ରହିଥିବା ଡା ଜର୍ଜଙ୍କ ସହ ସେମାନେ କଥା ହେବାକୁ ଚେଷ୍ଟା କରୁଥିଲେ । ସାଧାରଣତଃ ଶିଶୁବିଭାଗରେ ଶିଶୁମାନେ ଅସୁସ୍ଥ ହେଲେ ସେମାନଙ୍କ ସହ କଥା ହେଲେ ସେମାନେ ଶୀଘ୍ର ସୁସ୍ଥ ହୋଇଯାଆନ୍ତି ବୋଲି ଧାରଣା ରହିଛି । ସେମାନେ ମଧ୍ୟ ସେହିଭଳି ଏଣୁତେଣୁ କଥା କହି ଜର୍ଜଙ୍କୁ ଶୁଣାଉଥିଲେ । ଏହି ସମୟରେ ଖ୍ରିଷ୍ଟିନ୍ ଦେଖିଲେ ଯେ ଜର୍ଜଙ୍କ ଆଖି ପତା ହଲିଲା । ସେ ଚମକିଯାଇ ପଚାରିଲେ, ଜର୍ଜ ତୁମେ ମୋ କଥା ଶୁଣୁଛ ? ଯଦି ସତରେ ମୋ କଥା ଶୁଣିପାରୁଛ ତା ହେଲେ ନିଜ ଆଖି ଖୋଲି ଦେଖାଅ । ଏବଂ ସତକୁ ସତ ଗୋଟିଏ ମୁହୂର୍ତ୍ତରେ ଜର୍ଜ ନିଜ ଆଖି ଖୋଲିଦେଲେ ।

ଏହା ଦେଖିବା ପରେ ସେରୀ ଭାରତରେ ରହୁଥିବା ତାଙ୍କ ମାଉସୀ ଓ ସେ କହିଥିବା ମହିଳାଙ୍କ କଥା ମନେ ପକାଇଲେ । ଯାହା ଘଟୁଥିଲା ସେ ସବୁ ଅତ୍ୟନ୍ତ ଅବିଶ୍ୱସନୀୟ ଘଟଣା ଥିଲା । ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ତୁରନ୍ତ ଡାକ୍ତରମାନଙ୍କୁ ଖବର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦିଆଗଲା ଏବଂ ସେମାନେ ମଧ୍ୟ ଏହିଭଳି ଘଟଣାରେ ଆଶ୍ଚର୍ଯ୍ୟ ହୋଇଗଲେ । ଏହା ପର ଦିନ ହିଁ ଜର୍ଜ ନିଜ ହାତଗୋଡ଼ ହଲାଇବାକୁ ଲାଗିଲେ, ଅର୍ଥାତ ତାଙ୍କର ମସ୍ତିଷ୍କ ଆଦୌ ନଷ୍ଟ ହୋଇନଥିଲା ।

ତେଣେ କାଲଗୁର୍ଲିରେ ରହୁଥିବା ଡା ଦୁଙ୍କେ ଯେତେବେଳେ ପର୍ଥ ହସ୍ପିଟାଲକୁ ଫୋନକରି ଡା ଜର୍ଜଙ୍କ ବିଷୟରେ ପଚାରିଲେ ସେ ଯାହା ଶୁଣିଲେ ନିଜ କାନକୁ ବିଶ୍ୱାସ କରି ପାରିଲେ ନାହିଁ । ଡାକ୍ତର କହୁଥିଲେ ସେ ବର୍ତ୍ତମାନ ସୁସ୍ଥ ଅଛନ୍ତି ଏବଂ ତାଙ୍କୁ ଅତି ଜରୁରୀ ଜୀବନଧାରଣ ବ୍ୟବସ୍ଥାରୁ ବାହାର କରାଯାଇଛି । ଡା ଦୁଙ୍କେ ଭାବୁଥିଲେ ଏହା କିଭଳି ସମ୍ଭବ ? ଅଶି ମିନିଟ୍ ଧରି ମୃତ ବ୍ୟକ୍ତିଜଣେ କିଭଳି ସୁସ୍ଥ ହୋଇପାରେ ?

ଯେତେବେଳେ ଡା ଜର୍ଜଙ୍କ ଗଳାରୁ କୃତ୍ରିମ ଶ୍ୱାସନଳୀ ବାହାର କରି ଅଣାଗଲା ସେତେବେଳେ ତାଙ୍କର ତୁରନ୍ତ ପ୍ରତିକ୍ରିୟା ଥିଲା "ମୋତେ ମୋର ଇସିଜି ଆଉ ଏବିଜି ରିପୋର୍ଟ୍ ଟିକେ ଦେଖାନ୍ତୁ ।" କେହି ବି ବିଶ୍ୱାସ କରି ପାରୁନଥିଲେ । ତାଙ୍କ କଥା ଶୁଣି ଉପସ୍ଥିତ ନର୍ସଜଣେ ମୂର୍ଚ୍ଛିତ ହୋଇ ତଳେ ପଡ଼ିଗଲେ ।

ବୁଧବାର ଦିନ ହୃଦଘାତ ମୃତ୍ୟୁବରଣ କରିଥିବା ଡା ସନ୍ ଜର୍ଜ ସୋମବାର ଦିନ ନିଜର ରକ୍ତ ପରିକ୍ଷାର ରିପୋର୍ଟ୍ ସବୁ ଦେଖିବା ପାଇଁ ମାଗୁଥିଲେ । ଏହା ଏକ ବିରଳ ଚମତ୍କାର ଠାରୁ ଆଉ ଅଧିକ କଣ ହୋଇପାରେ ?

କାଲଗୁର୍ଲିରେ ରହୁଥିବା ଡା ଜର୍ଜଙ୍କ ସହକର୍ମୀ ମାନେ ମନେ କରୁଥିଲେ ଯଦି ବି ଡା ଜର୍ଜ ନିଜ ଚେତା ଫେରିପାଇବେ ସେ ନିଜର ମସ୍ତିଷ୍କର ଅଧିକାଂଶ ଭାଗ ନଷ୍ଟ ହୋଇଯାଇଥିବା ହେତୁ ନିଜର ସ୍ମୃତିଶକ୍ତି ନିଶ୍ଚୟ ହରାଇଥିବେ କିନ୍ତୁ ଡା ସନ୍ ଜର୍ଜଙ୍କ କ୍ଷେତ୍ରରେ ତାହା ହୋଇନଥିଲା । ତେରଦିନ କାଳ ସେ ହସ୍ପିଟାଲରେ ରହିବା ପରେ ନିଜ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଘରକୁ ସୁସ୍ଥ ହୋଇ ଫେରିଥିଲେ ଏବଂ ଏହାର କିଛି ସପ୍ତାହ ପରେ ସେ ନିଜ କର୍ମକ୍ଷେତ୍ରରେ ଯୋଗ ଦେଇ ନିଜର କାମ ସୁରୁଖୁରୁରେ କରି ପାରୁଥିଲେ ।

ଡା ସନ୍ ଜର୍ଜଙ୍କ ଜୀବନରେ ଘଟିଥିବା ଏହି ଘଟଣା ବିରଳରୁ ବିରଳତମ ବୋଲି ମେଡ଼ିକାଲ୍ ବିଜ୍ଞାନର ବୁଦ୍ଧିଜୀବିମାନେ ମତ ଦିଅନ୍ତି । ତାଙ୍କର ସେହି ଏକ ସପ୍ତାହର ଘଟଣାବଳୀକୁ ନେଇ ଅନେକ କାର୍ଯ୍ୟକ୍ରମ ବିଶ୍ୱସ୍ତରରେ ମେଡ଼ିକାଲ୍ ସଭା ଓ ସଂଗୋଷ୍ଠୀମାନଙ୍କରେ ଉପସ୍ଥାପିତ ହୋଇଛି ।


ବେଳେବେଳେ ଏଭଳି କିଛି ଚମତ୍କାର ହୁଏ ଯାହା ଆମ ସମସ୍ତଙ୍କ ପାଇଁ ଅବିଶ୍ୱସନୀୟ । ଏହା କିଭଳି ସମ୍ଭବ ହେଲା ତାହା ଆମର ସମସ୍ତ ପୁସ୍ତକଲବ୍ଧ ଜ୍ଞାନରୁ ବାହାରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରାୟଶ୍ଚିତ

ରଶ୍ମିତା ନାୟକ



ଶ୍ରୀପୁରୁଷୋତ୍ତମ ବଡଦାଣ୍ଡରେ ଶହ ଶହ କୁଷ୍ଠ ରୋଗୀଙ୍କ ମେଳରେ ତିନି ସୋରୁଆ ପତିତପାବନ ନେତକୁ ଅନାଇଁ ରଘୁଆ ଟିକେ ମନରେ ସାହସ ଜୁଟେଇଚି । ଚାଲି ଚାଲି ଆସି ପୁରୀରେ ପହଂଚିଲା ପରେ ସେ କାଳିଆ ମଲା ଗାଈ ପେଟରେ ବାଛୁରୀଗୁଡାକ ଡେଇଁବାର ଆଉ ମାରେଣା କାଳିଆ ବଳଦ ହେଣ୍ଟାର ଛାଡି ଗୋଜିଆ ଗୋଜିଆ ସିଙ୍ଗ ଉଞ୍ଚେଇ ମାରିବାକୁ ଆସୁଥିବା ଭୟଙ୍କର ସପନ ସେ ଦେଖୁନି । ଏମିତିକି ଘରୁ ପୁରସ୍ତମ ବାହାରିବା ପରେ ବାଟ ଚାଲୁ ଚାଲୁ ଯେଉଁଠି ବସିଯାଏ ତାର ତଳସାହି ଶୁକଟା ଦାଦି କଥା ମନେ ପଡେ । ଗୋରୁ ମାରି କଥାଟା ନୁଚେଇ ଥିଲା । ମଲାବେଳକୁ ଯେଉଁ ଘାଣ୍ଟି ଚକଟି ହେଲା ତୁଣ୍ଡରେ ଘା ହେଇ ସେଥିରୁ ନାଙ୍ଗୁରା ପୋକ ବାହାରି ପାଟିରେ ସାଲୁବାଲୁ ହୋଇ ଚାଲିଲେ । କେତେ ଗୁହ -ମୂତ,ପୂଜ -ପାଣିରେ ଦହଗଞ୍ଜ ହେଇଚି । ଗାଁ ଲୋକ ତାକୁ ପଚାରିଲେ "ହଇରେ ଶୁକଟା କଣ ପାପ କରିଚୁ ନ କହିଲେ ଏମିତି ନରକରେ ଘାଣ୍ଟି ହବୁ" ସେ ଦାଦି ସତ କହିବାରୁ ଗୋରୁ ପରି ହିଙ୍କା ଉଠେଇ ସାଙ୍ଗେ ସାଙ୍ଗେ ମଲା । ଏବେ ସବୁ ଦୁଶ୍ଚିନ୍ତା ଦୂରେଇ ଗଲାଣି । ରଘୁଆ ନାହାକ କହିଲାରୁ କେଇଟା ପଇସା ସିଲିଭର ବାସନ ବିକି ପୁରୀ ଆସିଛି । ପ୍ରାୟଶ୍ଚିତ ପାଇଁ ।

ପୁରସ୍ତମ ବଡଦାଣ୍ଡରେ କୁଷ୍ଠରୋଗଣୀଟିଏ ପଚାରିଲା 'ମଉସା ଆଉ କେତେ ଦିନ ହାଡ଼ ବାନ୍ଧିବୁ । ରଘୁଆ ଆଙ୍ଗୁଠି ସାତଟି ଦେଖାଇ ଦେଲା ।

ମଗୁଶୁର ମାସ ହେମାଳ ପବନରେ କଲିଜା ଭିତର ଥରି ଯାଉଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗହୀରପାଟ ବିଲ ହୁଡାର ଭାଡ଼ି ଉପରେ ହେଂସ ଖଣ୍ଡେ ଘୋଡେଇ ହୋଇ ପେଟେଇ ଶୋଇ ବଟୁଆରୁ ଚୂନପତର ଟିକେ ହାତରେ ମଳି ପାଟିରେ ପକେଇଲା ବେଳକୁ କିଆରୀ ଆଡୁ ଚାବୁର ଚାବୁର ଶବଦ ଶୁଣି  କଣ୍ଟା ବାଉଁଶର ମୂଳି ଠେଙ୍ଗାଟି ଧରି ଶବ୍ଦ ଆସୁଥିବା ଦିଗରେ ଦୈଡିଲି ।

କିଟିମିଟି ଅନ୍ଧାର ଭିତରେ ବଡ଼ କାଳିଆ ଜନ୍ତୁଟା ଭୁଷୁ ଭୁଷୁ ହେଇଗଲା ବେଳେ ମୋ ଦିହର ହାଡଗୁରାକ ଯେନ୍ତି ଚୁନା କରିଦେଉଥିଲା ।

ମୋ ଭାରିଜା ସୁନ୍ଦରା ଫାଟିଲା ବେଳୁ ଗାଁ ଦଣ୍ଡରୁ ଗାଣ୍ଡୁଆ ଗାଣ୍ଡୁଆ ଗୋବର 'ଆ 'ତା 'ଘୁଆଳୁ ନୁଚେଇ ଆଣି ସେଇ ବିଲରେ ଗଦା କରେଇ ।  ରକତ ପାଣି କରି ବିଲରେ ଖଟେ । ମୋ ସାରା ବରଷର ମେହନତ ସେ ଜନ୍ତୁ ନଷ୍ଟ କରୁଛି ବୋଲି ମୁଁ ରାଗରେ ତା ପଛେ ପଛେ କିଟିମିଟିଆ ଅନ୍ଧାର ଫଟେଇ ଗୋଡେଇ ପାହରେ ପକେଇଲି । ସିଏ ସଁ ସଁ ହେଇ ପଳେଇଲା ।

ମୁଁ ଯାଇଁ ଭାଡ଼ିରେ ଶୋଇଲି । ସକାଳୁ ଉଠି ଘରକୁ ଆଇଲା ବେଳକୁ ଭଇଁଚ ବୁଦାମୂଳ ପାଣିପାଟ କାଦୁଅରେ କାଳିଆ ଷେଣ୍ଢଟା  ମରି ପଡିଚି ତା ମୁଣ୍ଡରୁ ରକତ ଭୋଇ ମାଟିଆ କାଦୁଅ ନାଲି ହେଇଚି । ମୋ ମନକୁ ପାପ ଛୁଇଁଲା ।  ନାହାକ କହିଲେ ପୁରୀ ଯା ପ୍ରାୟଶ୍ଚିତ କର ।

ଜଗତସିଂହପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରାୟଶ୍ଚିତ

ସୀମା କାନୁନ୍‌ଗୋ



ଖରାବେଳ, ସମୟ ପ୍ରାୟ ଦୁଇଟା ହେବ । ହଠାତ୍ କଲିଂବେଲ୍ ର ଶବ୍ଦ ଶୁଣି ସୁମନା ଦେବୀ ନିଦରୁ ଉଠିଆସି ଆଖି ମଳି ମଳି କବାଟ ଖୋଲିଛନ୍ତି ତ, ଦେଖିଲେ ବାହାରେ ସ୍ତ୍ରୀ ଲୋକ ଟିଏ ୩/୪ ବର୍ଷର ଛୋଟ ପିଲାଟିକୁ ଧରି ଠିଆ ହେଇଛି । ସୁମନା ଦେବୀ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହେଇ ବୋକାଙ୍କ ପରି ତାକୁ ଅନଉଥାନ୍ତି ।

ସ୍ତ୍ରୀ ଲୋକଟି ସୁମନା ଦେବୀଙ୍କୁ ମୁଣ୍ଡିଆ ମାରି କହି ଉଠିଲା, "ମା ମୁଁ ପରା ସୁନୀ, ମୋତେ ଚିହ୍ନି ପାରୁନ କି ? ପାଞ୍ଚ ବର୍ଷ ତଳେ ତୁମ ଘରେ କାମ କରୁଥିଲି ପରା ।"

ସୁମନା ଦେବୀ ଆଶ୍ଚର୍ଯ୍ୟ ହେଇ ଚାହିଁ ରହିଥାନ୍ତି ସୁନୀକୁ । ମନେ ମନେ ଭାବୁଥାନ୍ତି ଆରେ ! ଇଏ କ'ଣ ସେଇ ସୁନୀ, ଯିଏ କି ଘର କାମ କରିବାକୁ ସଜେଇ ହେଇ କି ଆସେ । ନଖରୁ ନେଲ୍ ପଲିସ୍ ଛାଡିଯିବ ବୋଲି ହାଣ୍ଡି କରେଇ ମାଜିବାକୁ କୁଣ୍ଠା ପ୍ରକାଶ କରେ । ଚୁଡିଦାର୍ ସହ ମ୍ୟାଚ୍ କରା ଦୁପଟ୍ଟା ନ ହେଲେ ତା' ମନ ପାଏନି । ଲିପଷ୍ଟିକ୍ ନ ଲଗେଇଲେ ସେ ଘରୁ ବାହାରେନି । ହେଲେ ଏବେ କ'ଣ ଦେଖା ଯାଉଛି ସେ ? ନା ଅଛି ସେ ରୂପ, ନା ଅଛି ସେ ବେଶ ପୋଷାକ ! ଦୁର୍ବଳିଆ ଦେଖାଯାଉଛି ସେ । ନିଜେ ପରିଚୟ ନ ଦେଇଥିଲେ ହୁଏତ ସୁମନା ଦେବୀ ତାକୁ ଚିହ୍ନି ପାରିନଥାନ୍ତେ ।

ସୁମନା ଦେବୀ ଶେଷକୁ ପାଟି ଖୋଲିଲେ, କହିଲେ "ଆ ସୁନୀ, ଆ ଭିତରକୁ । ତୋତେ ତ ଜମା ଜାଣିହେଉନି । ତୋ'ର ସେ ପୂର୍ବ ରୂପ କୁଆଡେ ଗଲା ? ପୁରା ମଲୁଙ୍କ ପରି ଦେଖାଯାଉଛୁ । ସାଙ୍ଗରେ ଏ ପିଲାଟି କିଏ ?"

ସୁନୀ କହିଲା, "କ'ଣ କହିବି ମା, ମୋ ଦୁଃଖର କଥା । ତୁମେ ତ ମୋତେ ଚୋରଣୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବୋଲି ଭାବିଲ । ତୁମ ଘରୁ କାମ ଛାଡିବା ପରେ ଏ କଲୋନୀରେ ମୋତେ ଆଉ କିଏ କାମ ଦେବ ଯେ? ମୋ ସାବତ ମା ଆଉ ମଦୁଆ ବାପା କଥା ତ ଜାଣିଛ, ବିନା ପଇସାରେ ସେମାନେ ମୋତେ ଘରେ ରଖେଇ ଦେଲେନି । ରୋଜଗାର କରୁଥିଲି, ସାବତ ମା'କୁ ମାସ ଶେଷରେ ପଇସା ଦେଉଥିଲି । ସେଥିପାଇଁ ଘରେ ରଖିଥିଲା । ଏବେ ରୋଜଗାର ତ ନଥିଲା ତେଣୁ ବାଧ୍ୟ ହୋଇ ଲେଖାଯୋଖାରେ ମାଉସୀ ସାଥିରେ ଭୁବନେଶ୍ୱର ସାଲିଆ ସାହିକୁ ଚାଲିଗଲି । ସେଠାରେ ଘର ତିଆରି କରୁଥିବା ଠିକାଦାର ପାଖରେ ଲେବର୍ କାମ କଲି । ସେଠାରେ ମାର୍ବଲ କାମ କରୁଥିବା ଏକ ବିହାରୀ ମିସ୍ତ୍ରୀ ସାଥିରେ ପରିଚୟ ହେଲା । ପରିଚୟରୁ ଆସ୍ତେ ଆସ୍ତେ ଭଲପାଇବା ଓ ତା' ସହ ମନ୍ଦିରରେ ବାହାଘର ହେଲା । ଏମିତି କିଛି ଦିନ ଭଲରେ ଚଳିଲୁ । ଘର କାମ ସରିବା ପରେ ସେ ବିହାରୀ ନିଜ ଘରକୁ ଆସିବାକୁ ବାହାରିଲା । ମୁଁ ବି ତା'ସହ ଯିବାକୁ କହିଲି । ମୋତେ ସେ ମନାକଲା ଆଉ ଘର ଲୋକଙ୍କୁ ଜଣାଇ ପଛରେ ନେବ ବୋଲି କହିଲା ।

ଏମିତି କିଛିଦିନ ଗଲା । ମୋର ଏଇ ପୁଅ ଜନ୍ମ ହେଲା । ସେ ମଝିରେ ମଝିରେ ବିହାରରୁ ଆସେ ଓ ମୋ ପାଖରେ କିଛିଦିନ ରହି ଚାଲିଯାଏ । ମୁଁ ତା ଗାଁକୁ ଯିବାକଥା କହିଲେ ବିଭିନ୍ନ ବାହାନା କରି ମୋତେ ମନାକରେ । ମୋ ପୁଅକୁ ଦୁଇବର୍ଷ ହେଲା । ମୋ ମନରେ ବହୁତ ସନ୍ଦେହ ହେଲା । ସେଠି ବି ବହୁତ ପ୍ରକାର କଥା କହିଲେ ସମସ୍ତେ । ମୋତେ ବହୁତ ଖରାପ ଲାଗିଲା । ଶେଷରେ ଠିକାଦାରକୁ କହି ତା' ଘରର ଠିକଣା ଆଣି ସାଲିଆ ସାହିର ଜଣେ ଲୋକକୁ ଧରି ତା ଘରକୁ ଗଲି । ତା' ଘରେ ପହଞ୍ଚି ଦେଖେ ତ, ସେ ବିବାହିତ । ତା' ସ୍ତ୍ରୀ ଓ ଦୁଇଟି ଝିଅ ମଧ୍ୟ ଅଛନ୍ତି । ମୋ ପାଦତଳ ମାଟି ଯେମିତି ଧୋଇଗଲା । କ'ଣ କରିବି କିଛି ଭାବିପାରିଲି ନାହିଁ । ଫେରି ଆସିବାକୁ ବାହାରୁଥିଲି କିନ୍ତୁ ମୋ ଶାଶୁ ତା ପୁଅ ଠାରୁ ସବୁକଥା ଶୁଣି ମୋତେ ଅଟକେଇଲା । ମୋ ଶ୍ୱଶୁର ମୃତ । ମୋ ସଉତୁଣୀର ଦୁଇ ଝିଅ । ତେଣୁ ପୁଅଟି ପାଇଁ ତାଙ୍କର ଲୋଭ ଥିଲା । ମୋ ପୁଅକୁ ସେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରଖିବାକୁ ଚାହୁଁଥିଲା । କିନ୍ତୁ କହିଲ ମା, ମୋ ନିଜ ପିଲାଟିକୁ କେମିତି ଛାଡି ଆସିଥାନ୍ତି ? ମୋ ଏ ଛୋଟ ଛୁଆଟି କେମିତି ସେଠି ରହିଥାନ୍ତା ? ତେଣୁ ମୁଁ ବି ସେଠି ରହିବାକୁ ବାଧ୍ୟ ହେଲି । କିନ୍ତୁ କୋଉ ସ୍ତ୍ରୀ ତା' ସଉତୁଣୀକୁ ନିଜ ଘରେ ରଖିବାକୁ ରାଜି ହେବ ଯେ ! ସବୁବେଳେ କଳି କଜିଆ, ଅଶାନ୍ତି ଲାଗିରହିଲା । ଶାଶୁ ମୋ ପୁଅକୁ ଭଲ ପାଉଥିଲା କିନ୍ତୁ ମୋ ସଉତୁଣୀ କେବେ ମୋତେ ଓ ମୋ ପୁଅକୁ ଭଲ ପାଏନି । ତା ଝିଅମାନଙ୍କୁ ଶିଖେଇ ମୋ ପିଲାକୁ ବାଡିଆ ପିଟା କରେ । ମୋ ଶାଶୁ ସହ ବି ବହୁତ ଝଗଡା ଲଗାଏ । ଏତେ ଅଶାନ୍ତି ଭିତରେ ମୁଁ ବି ଭଲରେ ରହିପାରିଲିନି କି ମୋ ପୁଅ ବି ଖୁସି ପାଇଲାନି । ଶେଷରେ ସହିବାର ସବୁ ସୀମା ଟପିଗଲା । ମୋ ସ୍ୱାମୀ କାମ କରିବାକୁ ପାଖ ସହରକୁ ଯାଇଥିବା ସମୟରେ ମୋ ସଉତୁଣୀ ତା'ବାପା ଭାଇ ସହ କଥା ହେଇ ମୋତେ କାହାକୁ ବିକ୍ରୀ କରିବ ବୋଲି ଠିକ୍ କରୁଥିଲା । ମୋ ଶାଶୁ ସେ କଥା ଶୁଣି ମୋତେ ଆସି କହିଲା । ମୁଁ ସବୁକଥା ଜାଣିବା ପରେ କାନ୍ଦି ବୋବେଇ ମୋତେ ଓଡିଶା ଆସିବା ପାଇଁ ସାହାଯ୍ୟ କର ବୋଲି କହି ବହୁ ନେହୁରା ହେଲି । ଶେଷରେ ସେ ଦୟା କଲେ । ସଉତୁଣୀକୁ ନ ଜଣାଇ ତାଙ୍କର ଚିହ୍ନା ଲୋକ ସହ ମୋତେ ଷ୍ଟେସନରେ ଟିକେଟ୍ କାଟି ଓଡିଶା ଆସିବା ଟ୍ରେନ୍ ରେ ବସାଇଦେଲେ । ମୁଁ ଆସି ଏଇ କଟକ ଷ୍ଟେସନରେ ଓହ୍ଲାଇ ପଡିଲି । ମୋ ବାପଘରକୁ ଗଲି । ମଦୁଆ ବାପା ଟା ଚାଲିଗଲାଣି । ସାବତ ମା ଅଛି । ମୋତେ ଦେଖି ବହୁତ ଆଶ୍ଚର୍ଯ୍ୟ ହେଲା । ମୋ ଠାରୁ ସବୁକଥା ଶୁଣି ଘରେ ରଖିବ ବୋଲି ରାଜି ହେଇଛି । ମୁଁ ଘରକାମ ପୁଣି ଆରମ୍ଭ କରିବି । କାମକରି ମୋ ପୁଅକୁ ମଣିଷ କରିବି । ତାକୁ ପାଠ ପଢେଇବି । ମୁଁ ପାଠ ପଢିନଥିଲି ବୋଲି ଏତେ ହଇରାଣ ହେଲି । ମୋ ପୁଅକୁ ସେମିତି ହଇରାଣ ହେବାକୁ ଦେବିନି ମୁଁ । ମୋତେ ଟିକେ ସାହାଯ୍ୟ କର ମା ! ସତ କହୁଛି ମୁଁ ଚୋରଣୀ ନୁହଁ ମା, ମୋ ପୁଅର ରାଣ ଖାଇ କହୁଛି, ମୁଁ ତୁମ ସୁନାମୁଦି ଚୋରି କରିନଥିଲି ସେଦିନ ।" ଏତିକି କହି ସୁନୀ ଥକ୍କା ହେଇ ବସିପଡିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୁମନା ଦେବୀ ସୁନୀ କଥା ଶୁଣି ପାଞ୍ଚ ବର୍ଷ ତଳର କଥା ଭାବୁଥିଲେ । ତାଙ୍କ ପୁଅ ତିନି ବର୍ଷର ହେଇଥାଏ, ସୁନା ମୁଦିରେ ବସିଥିବା ନାଲି ପଥରରେ ପୁଅ ଦେହ ଟିକେ ଆଞ୍ଚୁଡି ହେଇଗଲା ବୋଲି ମୁଦିଟା ଖୋଲି ଡ୍ରେସିଂ ଟେବୁଲ୍ ଉପରେ ରଖିଥିଲେ । ପରେ ପାଉ ନଥିଲେ । ସେ ମୁଦିଟି ତାଙ୍କର ଅତ୍ୟନ୍ତ ପ୍ରିୟ ଥିଲା କାରଣ ସେ ବିଦା ହେବାବେଳେ ତାଙ୍କ ବୋଉ ତାଙ୍କୁ ସେ ମୁଦିଟି ପିନ୍ଧେଇ ଶାଶୁଘରକୁ ବିଦା କରିଥିଲେ । ବାପଘର ଜିନିଷ ଉପରେ ଝିଅମାନଙ୍କର ସବୁବେଳେ ଲୋଭ ଥାଏ । ସୁମନା ଦେବୀ ବା ବାଦ୍ ଯିବେ କିପରି ? ତେଣୁ ସେ ଅତି ବିଚଳିତ ହେଇ ସେ ମୁଦିଟି ଖୋଜି ଚାଲିଥାନ୍ତି । ମୁଦିଟି ନପାଇ ବ୍ୟସ୍ତ ହୋଇ ସୁନୀକୁ ପଚାରିଥିଲେ । ସୁନୀ ମନା କରିବାରୁ ଘରକୁ ଆଉ କେହି ଆସୁନାହାଁନ୍ତି ବୋଲି କହି କଡା କରି ଦୁଇ ଚାରିପଦ କଥା ମଧ୍ୟ ଶୁଣାଇ ଦେଇଥିଲେ । ସେହି କଥାରେ ରାଗିଯାଇ ସୁନୀ ତାଙ୍କ ଘରୁ କାମ ଛାଡିଦେଇଥିଲା । ସୁନୀ କାମ ଛାଡିବା ପରେ ସୁମନା ଦେବୀ ନିଜେ ମଧ୍ୟ ସୁନୀ ମୁଦି ଚୋରି କରି କାମ ଛାଡିଲା ବୋଲି ସାହି ପଡିଶାଙ୍କ ଆଗରେ ତୁହାଇ ତୁହାଇ କହିଥିଲେ । ସମସ୍ତେ ସେ କଥାକୁ ବିଶ୍ୱାସ କରି ସୁନୀକୁ ଘରକାମ କରାଉ ନଥିଲେ ।

ଆଜି ସୁନୀ ଠାରୁ ସବୁକଥା ଶୁଣିବା ପରେ ସୁମନା ଦେବୀ ନିଜ ଉପରେ ବହୁତ ରାଗୁଥିଲେ ।

ମଣିଷ ବେଳେ ବେଳେ ଏମିତି କିଛି ଭୁଲ୍ କରିବସେ, ଯେତେ ଚାହିଁଲେ ବି ସେ ଭୁଲ୍ ସୁଧାରି ହୁଏନାହିଁ । ସାରା ଜୀବନ ସେ ଭୁଲ୍ ପାଇଁ ପଶ୍ଚାତ୍ତାପ କରିବାକୁ ପଡିଥାଏ ।

ସୁମନା ଦେବୀ ଭାବୁଥିଲେ, କ୍ଷଣିକ ରାଗର ବଶବର୍ତ୍ତୀ ହୋଇ ସେ ଯେଉଁ ଭୁଲ୍ କଲେ, ତା'ର ଫଳ ଆଜି ସୁନୀ ଭୋଗୁଛି । ତାଙ୍କ ପାଇଁ ସୁନୀର ଜୀବନ ଆଜି ନଷ୍ଟ ହେଇଗଲା । ସୁନୀ ଚୋରଣୀ ବୋଲି ଅପବାଦ ପାଇନଥିଲେ ତା' ଜୀବନରେ ଏତେ ସବୁ ଦୁଃଖ ପାଇନଥାନ୍ତା । ସୁନୀର ଜୀବନ ସେ ନଷ୍ଟ କରିଦେଲେ । କେତେ ବା ବୟସ ତା'ର !

Listen to Odia Podcast Original at https://youtube.com/@drjyotiprasad

ଏଇ ବୟସରେ ଏତେ ଦୁଃଖ କଷ୍ଟ ସେ ପାଇଲାଣି । ନିଜକୁ ନିଜେ କ୍ଷମା କରିପାରୁନଥିଲେ ସେ । ନା...ନା ବହୁତ ହେଇଗଲା । ଏବେ ତାଙ୍କ ପ୍ରାୟଶ୍ଚିତ୍ତର ସମୟ ଆସିଛି । ସୁନୀକୁ ସେ ଯେମିତି ହେଲେ ସାହାଯ୍ୟ କରିବେ ।

ଏମିତି ବିଭିନ୍ନ କଥା ଭାବୁଥିବା ବେଳେ ସୁନୀ କହିଉଠିଲା, "ମା, ମା ଏତେ କଥା କ'ଣ ଭାବୁଛ ଯେ ? ମୁଁ କାଲିଠାରୁ ଆସି ତୁମ ଘର କାମ କରିବି ତ ?"

ସୁମନା ଦେବୀ ଲୁହାଭରା ଆଖିରେ ସୁନୀ ହାତ ଧରି ପକେଇ କହିଲେ, "ସୁନୀ, ମୋତେ କ୍ଷମା କରିଦେ । ମୋ ଯୋଗୁଁ ଆଜି ତୋର ଏ ଅବସ୍ଥା । କେତେ କଷ୍ଟ ପାଇଲୁ ତୁ !"

ସୁନୀ କହିଲା, "ମା' ସବୁ ମୋ ଭାଗ୍ୟର ଦୋଷ । ଜନ୍ମ ହେବାବେଳେ ମୋ ମାଆକୁ ଖାଇଲି । ସାବତ ମା ଆଉ ମଦୁଆ ବାପା ପାଖରେ ବଡ ହେଲି । ବିବାହ କଲି ଯେ ସେ ବି ଧୋକ୍କା ଦେଲା । ସବୁ ମୋ ଭାଗ୍ୟ । ମୋ ପୁଅକୁ କିନ୍ତୁ ମୁଁ ସେମିତି ହେବାକୁ ଦେବିନି।"

ସୁମନା ଦେବୀ କହିଲେ, "ହଁ ନିଶ୍ଚିତ ରୂପେ ତୋତେ ମୁଁ ସାହାଯ୍ୟ କରିବି । ଆଜିଠାରୁ ତୋ ପୁଅର ସବୁ ଖର୍ଚ୍ଚ ମୁଁ ବହନ କରିବି । ତୁ ଚିନ୍ତା କରନି । ତୋ ପୁଅକୁ ମଣିଷ କରିବା ଦାୟିତ୍ୱ ମୋର । ତୋ ସହ କରିଥିବା ଅନ୍ୟାୟର ପ୍ରାୟଶ୍ଚିତ୍ତ ମୁଁ ନିଶ୍ଚୟ କରିବି ।"

ଏତିକି କହି ସୁମନା ଦେବୀ ସୁନୀ ପୁଅକୁ କୋଳେଇ ନେଲେ।

ଆଡଭୋକେଟ୍

ଭୁବନେଶ୍ୱର।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତ୍ରିକୋଣମିତି

ମଦନ୍ ମୋହନ ମହାପାତ୍ର



ମୁଁ ଗଣିତରେ ଦୁର୍ବଳ ଥିଲି !

ବୁଝେଇବାକୁ ଘରେ କିଏ ଥିଲେ ନା ବାହାରେ ! ସେତେବେଳେ ଟିଉସନ କରିବାକୁ ନା ଘରେ ସମ୍ବଳ ଥିଲା ନା ଠିକଣା ସାର ଜଣେ ହାତ ପାଆନ୍ତାରେ ପାଇବା ସହଜ ଥିଲା..।

ବର୍ଷରେ ଚାରି ପାଞ୍ଚଥର ଜ୍ୱର ବା ଝାଡା ହବା ତ ଥୟ ଥିଲା ଆଉ ଛୁଟି ନେବାକୁ ପଡୁଥିଲା ..।

ସରକାରୀ ବିଦ୍ୟାଳୟର ଶିକ୍ଷକ ବି ପୁରୁଣା ପାଠର ପୁନରାଲୋଚନା କରୁନଥିଲେ ।

ସେଥିପାଇଁ ସବୁବେଳେ ମୁଁ ଚିନ୍ତିତ ରହୁଥିଲି ..।

ସେଦିନ ସ୍କୁଲର ଶେଷ ଦିନ ଥାଏ, ଅଷ୍ଟମ ଶ୍ରେଣୀ ବାର୍ଷିକ ପରୀକ୍ଷାର ଫଳାଫଳ ଓ ଖରା ଛୁଟି ଘୋଷଣାର ଦିନ ।

ପ୍ରୋଗ୍ରେସ ରିପୋର୍ଟ ଧରି ଘରେ ପହଁଚିଲା ବେଳକୁ ବୋଉ ପାଖରେ ଜଣେ ଅଳ୍ପ ବୟସର ସୁନ୍ଦରୀ ଝିଅ ବସି ଗପ କରୁଥିବାର ଦେଖିଲି ।

ସେତେବେଳକୁ ବୋଉ ନିକଟରୁ ମୋ ବିଷୟରେ ସେ ସବୁ ଖବର ନେଇ ସାରିଥିଲେ ବୋଧେ .. !

ମୋ ଆଡ଼କୁ ଚାହିଁ ସାମାନ୍ୟ ହସିଲେ ।

ବୋଉ ପରିଚୟ କରେଇଦେଲା ସାମ୍ନା ଘର କବି କକେଇଙ୍କ ସ୍ତ୍ରୀ ସୁରଭି ଖୁଡି ..।

ନମସ୍କାର କରି ସାରି ପାଖରେ ବସିଲି ..।

ଖୁଡି ପଚାରିଲେ- "ରେଜଲ୍ଟ ବାହାରିଗଲା ନା ?"

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୁଣ୍ଡ ହଲାଇ ସମ୍ମତି ଦେଲି..

ଖୁଡି ମୋ ପ୍ରୋଗ୍ରେସ ରିପୋର୍ଟ ଦେଖିବାକୁ ଚାହିଁଲେ..

-"ଆରେ ବାଃ ଗଣିତ ଛଡା ଅନ୍ୟ ବିଷୟ୍ ମାନଙ୍କରେ ତୁମେ ତ ଭଲ କରିଛ ..। ବ୍ୟସ୍ତ ହୁଅନି ଗଣିତରେ ମୁଁ ତୁମକୁ ସାହାଯ୍ୟ କରିବି । କିଛି ବି ଦରକାର ହେଲେ ମୋ ପାଖକୁ ଚାଲିଯିବ ଲାଜ କରିବନି । "

ଖୁଡିଙ୍କର ଏଇ ଆଶ୍ୱସନାରେ ଖୁବ ହାଲକା ଲାଗିଲା ।

ତାପରେ ଅନେକ ଥର ମୁଁ ତାଙ୍କ ପାଖକୁ ଗଣିତ ବୁଝିବାକୁ ଯାଇଛି ।

ଆଶ୍ଚର୍ଯ୍ୟ ହୁଏ କବି କକେଇଙ୍କ ଭଳି ବୟସ୍କ ଲୋକଙ୍କୁ ଏତେ ଶିକ୍ଷିତା ଅଳ୍ପ ବୟସର ସୁନ୍ଦରୀ ଝିଅ କେମିତି ମିଳି ଯାଇଥିଲେ ।

କବି କକେଇ ପଞ୍ଚମ ପରେ ଆଉ ପଢି ନଥିଲେ । ପରିବାର ପ୍ରତିପୋଷଣ ପାଇଁ ପାଖ ବସ ଷ୍ଟାଣ୍ଡ ରେ ଗୋଟିଏ ଚା ଓ ପାନ ଦୋକାନ ଦେଇ ଥିଲେ..।

ଆଗରେ ପରୀକ୍ଷା ଥିଲା, ଦେହ ଖରାପ ଯୋଗୁ ତ୍ରିକୋଣମିତିର କ୍ଲାସ ମୁଁ ମିସ କରିଥିଲି । ଏବେ ଦିନ ଚାରିଟା ବାଜିଲାଣି । ବହି ଧରି ବାହାରି ପଡିଲି । ଯଦିଓ ଏ ସମୟରେ ମୁଁ ତାଙ୍କ ପାଖକୁ କେବେ ଯାଇନି । କିନ୍ତୁ ପ୍ରାୟତଃ ସେ ଖାଲି ଥାନ୍ତି । କିଛି ପଢୁ ଥାନ୍ତି । ତାଙ୍କର ପିଲାପିଲି ନଥାନ୍ତି ଶାଶୁ ଶଶୁର ତ କେବେଠୁ ଆରପାରିରେ ..।

କବାଟ ଅଳ୍ପ ଠେଲି ଦେଖିଲି ବେଡ଼ରୁମ ଅନ୍ଧାର ଥିଲା । ଝାପ୍ସା ଆଲୁଅରେ ଖଟ ଉପରେ ମୁଣ୍ଡରୁ ଗୋଡ଼ଯାଏ ରେଜେଇ ଘୋଡେଇ ହେଇ ଖୁଡି ଶୋଇଥିବା ଭଳି ଲାଗୁଥିଲା .. ! ଭାବୁଥିଲି ଫେରିଯିବି । ହଠାତ କ୍ଷୀଣ ସ୍ୱରରେ ଆଃ ଉଃ ଭଳି କିଛି ଶବ୍ଦ ଆସିଲା ଭଳି ଲାଗିଲା ।

ବ୍ୟସ୍ତ ଲାଗିଲା ..

ହଠାତ ଖୁଡିଙ୍କ ଦେହ ଖରାପ ହେଇ ଯାଇନି ତ ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୁଣ୍ଠିତ ପାଦରେ ଦରଜା ଠେଲି ପାଖକୁ ଗଲି ଓ ଧୀର ଗଳାରେ ଡାକିଲି - "ଖୁଡି.."

କିଛି ଉତ୍ତର ନାହିଁ ବରଂ ରେଜେଇ ଭିତରେ ଅସ୍ଥିରତା ଓ ହଲଚଲ ..।

ଆଉଥରେ ଉଚ୍ଚ ଗଳାରେ ଡାକିଲି- "ଖୁଡି" । ରେଜେଇର ବାହାର ପଟ ସାମ୍ନା ଭାଗ କଡ଼ରୁ ଅଳ୍ପ ଖୋଲିଲା । ଅନ୍ଧାରରେ ଦୁଇଟି ଜୁଳୁ ଜୁଳୁ ଆଖି ଓ ଗୋଟାଏ ଦାଢ଼ି ଭର୍ତ୍ତି ମୁହଁ..ର ଫାଳେ. !

ଚମକି ଦୁଇ ପାଦ ପଛକୁ ଘୁଞ୍ଚି ଗଲି । ହଠାତ ଚିହ୍ନା ଚିହ୍ନା ଭଳି ଲାଗିଲା । ଆରେ ଏ ତ କବି କକେଇଙ୍କ ଦୋକାନରେ କାମ କରୁଥିବା ଆମ ଗାଁର କୁନି କକେଇ .. !

ତାଙ୍କର ଆର୍ଥିକ ପରିସ୍ଥିତି ଭାରି ଖରାପ ! ସିଏ କେବଳ ଖାଇପିଇ ଓ ସାମାନ୍ୟ ହାତ ଖର୍ଚ୍ଚ ନେଇ କବି କକେଇଙ୍କ ଦୋକାନରେ କାମ କରନ୍ତି ।

କବି କକେଇ ଖାଇସାରି ଦୋକାନକୁ ଗଲା ପରେ ସିଏ ଖାଇବାକୁ ଆସନ୍ତି ଓ ଖାଇ ସାରି ଚାଲିଯାଆନ୍ତି । ଅଳ୍ପ ମୁହଁ କାଢି ଧଇଁ ସଇଁ ହୋଇ ସେ କହିଲେ-

"ଖୁଡି ନାହିଁରେ.. ନଈକୁ ଯାଇଛି" .. !

ମୁଁ ସେଠୁ ଏକ ରକମ ଦୌଡ଼ି ଘରକୁ ଚାଲି ଆସିଲି.. ! ବାଟରେ ବୋଉକୁ ନଈରୁ ଆସୁଥିବାର ଦେଖିଲି ।

ବୋଉ ପଚାରିଲା- କିରେ ପାଠ ବୁଝିଲୁ ତ? ସୁରଭି ବହୁତ ଭଲ ବୁଝାଉଥିବ ନାଇଁ ?

ମୁଁ କିଛି ନକହି ମୁହଁ ବୁଲାଇନେଲି..। ହଠାତ ବାହାରେ ଭୀଷଣ ପାଟି ଓ କାନ୍ଦଣା ଶୁଭିଲା । ଏ ତ କବି କକେଇ ଙ୍କ ଘରୁ ଆସୁଛି .. ! ବାହାରକୁ ଯାଇ ଦେଖିଲି ଗାଁ ଲୋକ ରୁଣ୍ଡ.. ! କବି କକେଇ ଗୋଟାଏ ବଡ଼ ଠେଙ୍ଗାରେ ସୁରଭି ଖୁଡିଙ୍କୁ ବାଡ଼ଉଥାନ୍ତି ଓ ସେ ବିକଳରେ ଧକେଇ ହେଇ କାନ୍ଦୁଥାନ୍ତି .. !

ତାଙ୍କର ମୁଣ୍ଡ ଫାଟି ଦୁଇଧାର ରକ୍ତ ଓଠ ଉପରକୁ ବହି ଆସିଥାଏ ... ଶେଷରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଧକ୍କା ଗୋଇଠା ମାରି ମାରି ଗେଟ ବାହାରେ ତାଙ୍କୁ ଫିଙ୍ଗିଦେଲେ..।

-"ମୋ ଆଖିରୁ ଦୂର ହୋ ଅସତୀ, ଦୋଚାରୁଣୀ.."

ଖୁଡି କଷ୍ଟେ ମଷ୍ଟେ ଠିଆ ହେଲେ..।

ଠିକ ସେ କହି ପାରୁ ନଥିଲେ କି କାନ୍ଦି ପାରୁ ନଥିଲେ.. ! ସବୁ ଲୋକ ଚୁପ ଚାପ ଦେଖୁଥିଲେ, ଦୃଶ୍ୟ ଉପଭୋଗ କରୁଥିଲେ ..।

ଆଖିର ଲୁହ ଭେଦି ମୁଁ ବି ଖୁଡିଙ୍କୁ ଦେଖି ପାରୁନଥିଲି, କିଛି କହି ପାରୁନଥିଲି, ଚିହ୍ନି ବି ଚିହ୍ନି ପାରୁନଥିଲି.. !

ଖାଲି ଏତିକି ଦେଖି ପାରୁଥିଲି କୁନି କକେଇ ନଥିଲେ । ଏକା ଏକା ରକ୍ତରେ ଗାଧେଇ କେହି ଜଣେ ଅସତୀର ମୁକୁଟ ପିନ୍ଧି ରାସ୍ତା କଡେ ବସକୁ ଅପେକ୍ଷା କରୁଥିଲା.. !

କାହାକୁ ବି ପଚାରି ପାରୁ ନଥିଲି ଅସତୀ ର ସଂଜ୍ଞା ସେତେବେଳେ .. !

ଡ଼ି ୪୨୪, ଡ଼ି ଏଚ ପି ଏଲ ସାହୁ ରେସିଡେନସି,

ରଙ୍ଗମାଟିଆ ,ମଞ୍ଚେଶ୍ୱର ,

ଭୁବନେଶ୍ୱର ।

ମୋ- ୯୮୯୨୦୦୦୨୨୪

Listen to Odia Podcast Original at https://youtube.com/@drjyotiprasad

# କଳିକାଳର ସାବିତ୍ରୀ ରଜନୀ

ସୌଦାମିନୀ ତ୍ରିପାଠୀ



ଆଲୋ ହେ ରଜନୀ ତତେ କଣ ଶୁଭୁନାହିଁ, ତୁ କାହିଁକି ସେଇଠି ଖୁଣ୍ଟଟା ଭଳି ବସିଛୁ କି ? ସତରେ କଣ ଶନିଆ ଫେରି ଆସିବ କି ? ଆଲୋ ହେ କୋଉ କାଳରୁ ସେ ଗଲାଣି ଯେ ଚିଠି ନାହିଁ ପତ୍ର ନାହିଁ, ଖବର ନାହିଁ କି ବାରତା ନାହିଁ, କାହିଁକି ତୁ ଉପବାସ କରିଛୁ କହିଲୁ ସାବିତିରୀ, ଓପାସରେ କଉଁ ଲାଭ ଅଛି କହିଲୁ ? ବାର ବରସରେ ନିଅମ କହୁଛି ସେ ସଂସାରରୁ ଗଲା ବୋଲି ଜାଣ । ହାତକୁ ଦି ହାତ ହୋଇଯାଆ । ଶୁଦ୍ଧି ହୋଇଯାଆ । କୋଉ ଆଶାରେ ତୁ ପଡି ରହିଚୁ ତା ବାଟ ଚାହିଁ କହିଲୁ ? ଦିନେ ନାହିଁ କି କାଳେ ନାହିଁ । କେତେ ବନ୍ୟା ବାତ୍ୟା, ମରୁଡି, ଝଡି ଗଲାଣି କହିଲୁ । ସତରେ କଣ ଶନିଆ ଫେରିବ ଆଉ ? ପେଟରେ ବଢୁଥିବା ଛୁଆଟା ଏବେ ଏଗାର ବରସର ହେଲାଣି, ଛୁଆଟି ବାଆ ମୁହଁ ଦେଖିଲା ନାହିଁ ଏ ପର୍ଯ୍ୟନ୍ତ । ତାକୁ ବାପାର କଥା ସାଙ୍ଗ ଛୁଆ ପଚାରିଲେ କାହାର ନାଆଁ କହିବ ବାପାର ଚେହେରା କ'ଣ କହିବ କହିଲୁ ? ବାପର ଇଜତ ମହତ କ'ଣ ରହିଲା ପିଲା ପାଇଁ ? ବାଡି ପିଂଢାରୁ ଉଠି ଆସିଲା ଘର ଭିତରକୁ ରଜନୀ । ଲୁହ ପୋଛିଲା ପଣତକାନିରେ । ସତରେ କଣ ସାରିଆ ବାଆ ଆଉ ଘରକୁ ଆସିବନାହିଁ । କହି ଯାଇଥିଲା ଦୁଇ ପଇସା ହାତରେ ହେଲେ ସେ ଫେରି ଆସିବ ଗାଁକୁ । କୁଆଡେ ଗଲା ଯେ ଗଲା । ୟା ଭିତରେ କେତେ ବାତ୍ୟା, ଭୂମିକମ୍ପ, ବଢି, ରାସ୍ତା ଦୁର୍ଘଟଣା, କରୋନା ଭଳି ଭୟଙ୍କର ରୋଗ ଆସିଛି ଯାଇଛି । ସତରେ କଣ ଶନିଆ ଆଉ ଆସିବ ନାହିଁ । ଛି ଛି ଛି, ପୋଡାମନଟା ପାପ କଥାରେ କାହିଁକି ଘାରି ହେଉଛି କେଜାଣି । ହଉ ଲୋ, ମାଆ ବୁଢୀ ଠାକୁରାଣୀ ତତେ କୋଟି ଜୁହାର । ସାରିଆ ବାଆ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଫେରି ଆସିଲେ ଲୋକଙ୍କ ମୁହଁରେ ଧୂଆଁ ପାଉଁଶ । ଯାଏ ଲୋ ମାଆ ଛୁଆଟାକୁ ଗଣ୍ଡାଏ ବାଢ଼ି ଦିଏ, ପଖାଳ ପାଣି ଆଉ ପାଚିଲା ଆମ୍ବ ଟାଏ ଟୁକୁନା ବାଡିରୁ ପାଇକି ଆଣିଛି ଭୋରରୁ । ମୁଁ ସାବିତ୍ରୀ ଉପାସ କଣ କରିବି ଯେ ସବୁଦିନେ ଉପାସ ରହିବା ମୋର ଦିହ ସୁହା ହୋଇଗଲାଣି । ବେଳାଏ ଖାଇଲେ ଦୁଇ ବେଳା ଉପାସ । କଷ୍ଟେମଷ୍ଟେ ଛୁଆଟାକୁ ବେଳାକୁ ଗଣ୍ଡାଏ ଦେବା କଷ୍ଟ ହୋଇଯାଉଛି । ବୁଢା ଜେଜେ ବାପଟା ଥିଲେ ଯେ ଗାଁରୁ ନଡିଆ କତା, ନଡିଆ ଆଣି ବ୍ୟବସାୟ କରି ନଡିଆ କତାରୁ ଦଉଡି, ପାପୋଛ ବୋଲି, ଗାଆଁରେ କିଛି ବିକା କିଣା କରି ଚଳାଉ ନେଉଥିଲେ ପରିବାରକୁ । ବେମାରୀରେ ପଡି ଆଣ୍ଠୁଗଣ୍ଠି ବାତ ରୋଗରେ ଅପଂଗ ହୋଇ ଘରେ ତିନି ବର୍ଷ ପଡି ରହି ସେ ଆଖି ବୁଜିଲେ । ତାଙ୍କ ସାଙ୍ଗରେ ମୁଁ ବି ହାତ ବଟାଏ, ସେ ବେମାରୀରେ ପଡିବା ଦିନ ଠାରୁ ଖର୍ଚ୍ଚ ବାବଦକୁ ଆଉ ଅଉଷଧି ପାଇଁ କରଜ ମୋର ବଢିଗଲା, ବାରିପଟ ବିଲଟି ବନ୍ଧା ପକାଇ ତାଙ୍କର ଅଉଷଧି ଖରଚ, ପରେ ପରେ ସୁଧ ଘର କଲି । ଭାବିଥିଲି ସାରିଆ ବାଆ ଶନିଆ ଆସିବ ବାପାର ଖବର ପାଇ । କାହିଁ କୋଉଠି ଆସିଲା ଯେ ? ଏମିତି ମୁଁ ବିଧବା ନୁହଁ କି ସଧବା ନୁହଁ । ଝିଅକୁ ଧରି ଅନେଇ ବସିଛି ଶନିଆକୁ । ଗାଆଁ ଲୋକଙ୍କର ଟାହି ଟାପରା ସାଂଗକୁ ଲାଜ ଢାଙ୍କିବାକୁ କନା ଖଂଡେ ବି ପାଉନାହିଁ କାନ୍ଧକୁ । ଆଉ ସାବିତ୍ରୀ ପାଳିବି କାହା ପାଇଁ ? ଗେରସ୍ତ ହୋଇ ଝିଅର ବାଆ ହୋଇ କଣ ଦେଲା ଜୀବନରେ ? ତା ଠାରୁ ଭଲ ଗନ୍ଧିଆର ମାଆ ମଲା ପରେ ଗନ୍ଧିଆ ବାଆ ସୁରିଆ ଖୁବ୍ ଅନେଇ ଥିଲା ରଜନୀକୁ । ହାତକୁ ଦୁଇ ହାତ ହୋଇଯାଇଥିଲେ ତାର କଅଁଳିଆ ପୁଅଟା ମାଆ ପାଇଥାନ୍ତା ଆଉ ସାରିଆ ବାଆ ପାଇ ଖୁସି ହୋଇଥାନ୍ତା । କେତେ ସୁଖରେ ଖାଇ ଶାନ୍ତିରେ ଦିନ କାଟି ଥାଆନ୍ତା । କେତେ କାହା ହାତରେ ଖବର ପଠାଇ, କହି ବୋଲି ସେ ଶେଷକୁ ଆଶା ଛାଡିଲା । ଆଉ ଲୋକେ କହିଲେ ହୀନିମାନିକୁ ସୁଖ ଯୋଗ ନାହିଁ । ଶନିଆ କଣ 'ଗନ୍ଧିଆ ବାପ ସୁରିଆ' ଠାରୁ କ'ଣ ଅଧିକ ସୁଖରେ ରଖିଥାନ୍ତା ଯେ ? ହତ ଭାଗିନୀ କପାଳରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦୁଃଖ ଲେଖା ଅଛି । ବୁଢା ମଲା ପରେ ବାର ହୀନସ୍ତା ହୋଇ ଶନିଆର ବାଟ ଚାହିଁ ରହିଛି । ସତେ ଯେମିତି ସତୀ ସାବିତ୍ରୀ । ଆଉ ମୁଁ ବି ସତରେ ଚାହିଁ ରହିଲି ସାରିଆ ବାଆ ଶନିବାର ଫେରିବା ବାଟକୁ ଚାହିଁ ଆଖିରେ ଆଖିଏ ଆଶା ଭରି । ହଁ କାଳେ ଶନିଆ ଧଡ୍ କିନା ଆସି ପହଁଚିଯିବ, ମତେ ଘରେ ନ ଦେଖି କଣ କହିବ ? ତା ମୁହଁକୁ ଆଉ ଚାହିଁ ପାରିବି ଟି ? ସାବିତ୍ରୀ ଠାକୁରାଣୀ ତାର ସ୍ୱାମୀ ପାଇଁ ଯମର ପଛେ ପଛେ ଜୀବନ ପାଇଁ ସରଗ ଯାଏଁ ଧାଇଁ ଫେରାଇ ଆଣିଲା ତା'ର ସ୍ୱାମୀକୁ ଆଉ ମୁଁ କଣ ବୁଢୀ ଠାକୁରାଣୀଙ୍କୁ ପୂଜିଲେ ଶନିଆ ଫେରି ଆସିବ ନାହିଁ । ନିଶ୍ଚୟ ଆସିବ ମୋ ମନ କହୁଛି ।

ଦିନ ଆସି ଦି ଘଡି ହେଲାଣି । ମୁଣ୍ଡ ଉପରେ ସୂରୁଜ ଦେବତା । ଜ୍ୟେଷ୍ଠ ମାସ ଖରାରେ ବାହାରକୁ ବାହାରି ହେଉନାହିଁ । ପାଟି ଶୁଖି ଅଠା ହୋଇଯାଉଛି । ମାଠିଆରୁ ଘୋଡ଼ଣୀ କାଢି ଢକଢକ କରି କଂସାଏ ପାଣି ପିଇଗଲା ରଜନୀ । ସାବିତ୍ରୀ କରି କି ଲାଭ ନ କରି କି ଲାଭ, କିଏ ଦେଖୁଛି ଯେ ତା'ର ଦୁଃଖ । ମୁଣ୍ଡଟା ଝାଇଁଝାଇଁ ହୋଇଗଲା । ସେଇ ଘର ଭିତରେ ଆଖି ବୁଜି ଶୋଇଗଲା । ଅଧା ନିଦରେ ସ୍ୱପ୍ନରେ ଦେଖୁଛି । ସତ ଲାଗୁଛି ଯେମିତି । ଶଶୁର ତାର ସ୍ୱପ୍ନରେ ଆସି କହିଲେ ହେଇ ହେଇ, ଶୋଇଛି କଣ ଧାଇଁ ଯା ପଦାକୁ ଶନିଆ ଆସିଲାଣି ପରା । ସତକୁ ସତ ଛକ ଉପରୁ କାଚେରା ପାଟେରାବାଲା ହିନ୍ଦିରେ କଥା କହି କହି ଲୁନା ଗାଡିରେ ଫେନେସି କାଚ ବୋଝ ଧରି ଗାଆଁ ଆଡକୁ ଆସୁଛି ଡାକି ଡାକି । ଦୂରରୁ ଶୁଭୁଛି ଚୁଡି ଲେଲୋ ଚୁଡି, ରଂଗ ବେରଙ୍ଗ କି ଚୁଡି । ଲାଲ୍ ଚୁଡି, ଶଙ୍ଖା, ଚୁଡି.... । କଂଠ ସ୍ୱର ଯେମିତି ପରିଚିତ ପରିଚିତ ଲାଗୁଛି । ଦୂରରୁ ଆସ୍ତେ ଆସ୍ତେ ଶବ୍ଦ ଜୋରରେ ଶୁଭିଲା ଘର ପାଖରେ । ନିଦ ଭାଂଗିଲା ସଙ୍ଗେ ସଙ୍ଗେ ଛାତିଟା ଧାଡୁକିନା ହେଲା ରଜନୀର । ବିଜୁଳି ମାଇଲା ଭଳି ଚିହିଁକି ଉଠିଲା ରଜନୀ । ଏ ସାରିଆ ଲୋ ତୋର ବାଆ ଆସିଛି ଲୋ ଧାଇଁଆ । କହି ଦୁଇ ପାଦରେ ଦୌଡିଯାଇ ସେ ଗାଡିବାଲାର ଗାଡିକୁ ଜାବୁଡି ଧରିଲା । ଚାହୁଁ ଚାହୁଁ ଗାଁ ଲୋକ ସମସ୍ତେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜମା ହୋଇଗଲେ ରଜନୀର ଚିତ୍କାର ଶୁଣି । ଦାଢୀ ମୁଛରେ ମୁହଁ ଢାଙ୍କି ହୋଇଯାଇଛି, ମାତ୍ର ବଳିଷ୍ଠ ଚେହେରାରେ ଚିହ୍ନି ହେଉନାହିଁ ଶନିଆ । ଲୋକେ ବି ସନ୍ଦେହରେ କୁହାକୁହି ହେଲେ ରଜନୀ ପାଗଳୀ ହୋଇ ଯାଇଛି । ବାହାର ଲୋକକୁ ଶନିଆ ବୋଲି ଜିଦିରେ ଟାଣି ଧରି ସାରିଆକୁ ବାଆ ଆସିଛି କହୁଛି । ସମସ୍ତେ ଆଶ୍ଚର୍ଯ୍ୟ ହେଲେ । ଶନିଆକୁ ଧରି ତୋର ପରିବାର, ବାପମାଆ, ପିଲାଛୁଆ ଆଦି ପ୍ରଶ୍ନ କଲେ ଗାଆଁବାଲା । ଆଧାର କାର୍ଡ, ଲାଇସନ୍‌ସ ଦେଖା, ପୋଲିସକୁ ଜଣାଇ ସବୁ ଜାଣିଲା ପରେ ଛାଡିବା କହିଲେ । ସତକୁ ସତ ତାର ପଛରେ ଗୋଟିଏ ସ୍ତ୍ରୀ ଲୋକ ମୁଣ୍ଡରେ ବୋଝ ଧରି ପାଟରା ସଉଦା ବିକ୍ରି ପାଇଁ କିଛି ସମୟ ପରେ ଆସି ଦେଖେ ତ ଶନିଆ ଉପରେ ମାଡଗାଳି ହେଉଛି । ସେ ସେହି ପାଟରା ସଉଦା ବାଲିକୁ ତା'ର ସ୍ତ୍ରୀ ବୋଲି ପ୍ରଥମେ କହି ତା ପରେ ନିରବ ରହିଗଲା । ଯେତେବେଳେ ପାଟରା ସଉଦାବାଲିର ଆଧାର କାର୍ଡ ତାର ଦେଖାଇଲା । ଆଉ ଶନିଆକୁ ମାଗିଲେ ସେ ମୋର ନାହିଁ ମୁଁ ଗାଁରୁ କିଛି ଆଣି ନାହିଁ । ଇଏ ମୋର ଗେରସ୍ତ ମତେ ଛାଡି ପଳାଇ ଆସିବା ପାଇଁ ବହୁତ ବାର ଚେଷ୍ଟା କରେ । ତେଣୁ ମୁଁ ତା ପାଖେ ପାଖେ ରହି ତାକୁ ଜବରଦସ୍ତି ଗୋଡେଇ ପିଛାକରି ଆସିଛି । କାରଣ ସେ ତା'ର ଗାଁକେ ଚାଲିଯିବାର କହୁଛି ସବୁବେଳେ । ମୁଁ ସେଇଥିପାଇଁ ତା'ର ପାଖେ ପାଖେ ରୁହେ । ତା ପରେ ପୋଲିସ୍ ଲେଡି କନେଷ୍ଟବଳ ଦୁଇ ପାହାର ଦେଲା ପରେ ସତ ସତ କହିଲା ସ୍ତ୍ରୀ ଲୋକଟିକୁ । ଆମେ ଦୁହେଁ ଗୋଟିଏ ଇଟା ଭାଟିରେ କାମ କରୁଥିଲୁ । ମୋର ଗେରସ୍ତ ମତେ ଖୁବ୍ ମାରପିଟି କରେ ମଦ ପିଇ । ଜ୍ଞାନ ହରାଇ ବେହୋସ୍ ହେଉଥାଏ । ତାକୁ ଛାଡି ଏଇ ଶନିଆ କେ ବିହା କରକେ ଜବରଦସ୍ତ ଆମର ଗାଁକେ ବିହାର ଚାଲିଗଲୁ । ପରେ ମୋର ସ୍ୱାମୀର ମୃତ୍ୟୁ ଖବର ପାଇ ମୁଇଁ ଶନିଆକେ ପାଖେ ପାଖେ ରଖିଲି । ଆଉ ଶନିଆ ସବୁବେଳେ ଗାଆଁକେ ଯିବାର ରାସ୍ତା ଦେଖୁଥାଏ । ତେଣୁ ନାନା ବାହାନା କରିଥାଏ । ଏଇ ବ୍ୟବସାୟ ବି ତା'ର ବାହାନା ଗାଆଁ କେ ଯିବାର ବୋଲି ଜାଣ  । ତା'ର କେଇ ନାଇଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗାଆଁରେ ଜାଣି ମୁଇଁ ତାକୁ ସ୍ତ୍ରୀର ସୁଖ ଦେମି ବୋଲେ ପାଖେ ପାଖେ ରହିଛି । ହଁ ବଂଗଳାର କଉଁ ଗାଆଁ ବୋଲି ବୋଲେ ଯେ ଇଆଡେ ଦୁହେଁ ଆସିଗଲୁ ବ୍ୟବସାୟ କରିତେ । ପୁଣି ମୁଇଁ କି ଭୂଲ୍ କଲି ଯେ ମତେ ପିଟୁଛ ? ଏତିକି ବେଳେ ଘର ଭିତରକୁ ଯାଇ ରଜନୀ ଶନିଆର ଆଧାର କାର୍ଡଟିକୁ ସୁତୁଲିରେ ଗୁଡିଆ ହୋଇଥିବା ପକେଟରୁ ବାହାର କଲା ରଜନୀ । ଏଇ କଥା ଦେଖିବା ପରେ ଶନିଆ ରଜନୀକୁ ଦେଖି ଭେଁ କରି କାନ୍ଦି ଉଠିଲା । ହଁ ହଁ ଲୋ ରଜିଆ ମୁଁ ତୋର ଶନିଆ । ଏତେ ଦିନ ହେଲା ମତେ ବାନ୍ଧିବ ଗୋଡେଇ ମୋର ରାସ୍ତା ଉଣ୍ଡି ଉଣ୍ଡି ପାଖେ ପାଖେ ରଖିଛି ଏଇ ସ୍ତ୍ରୀ ଲୋକ । ମୋର ମନ ଖୁବ୍ ଗାଆଁକୁ ଆସିବାକୁ । ତେଣୁ ନାନା ବାହାନା କରି ଏତେ ଦିନରେ ମୁଁ ଆସି ପହଁଚିଲି । ମୁଁ ଜାଣିଛି ମୋର ରଜନୀ ମତେ ଖୁବ୍ ଖୋଜୁଛି ମୋ ବାଟ ଚାହିଁ ରହିଛି । ମନ ମୋର ଖୁବ୍ ଛଟପଟ ହୁଏ । ପ୍ରଥମରେ କେତେବର୍ଷ ମତେ ନିଶା ପିଆଇ ଶୁଆଇ ରଖେ ଦିନରେ ରାତି ହେଲେ ମୋ ପାଖରେ ରୁହେ । ବହୁତ ଚେଷ୍ଟାରେ ମୁଁ ଆସିଛି ତାକୁ ସତ କଥା ନ କହି ଘୁରେଇ ବୁଲେଇ । ପ୍ରଥମେ ଭାବିଲି ରଜନୀ ବି ଅନ୍ୟ ଆଡେ ଚାଲିଯାଇଥିବ, ପଳାଇ ଯାଇଥିବ ହାତକୁ ଦି ହାତ ହୋଇ ମତେ ଭୁଲି କରି । ବାର ହଇରାଣ ହୋଇ ପଇସା ପତ୍ର ନ ପାଇ । ସତକୁ ସତ ଏତେ ଦିନ ଲାଗିଲା ମତେ ଯନ୍ତ୍ରର ଜାଲରୁ ଖସିବାକୁ । ମତେ ଲାଗୁଛି ତୋର ପ୍ରାର୍ଥନା, ବିଶ୍ୱାସ, ଭଲ ପାଇବା ମତେ ଟାଣି ଆଣିଛି ଏ ପର୍ଯ୍ୟନ୍ତ । କେତେ କଷ୍ଟ କରିଛି ଏ ସ୍ତ୍ରୀ ଲୋକ ପାଖରୁ ଖସିବା ପାଇଁ ମୁଁ ଜାଣେ । ମୁଁ ଅନୁଭବ କରେ ଯେମିତି ରଜନୀ ମୋର ରାସ୍ତାକୁ ଚାହିଁ ବସିଛି ମୋ ପଥ ଦେଖୁଛି । ଗାଆଁ ଲୋକେ କହିଲେ ହଁ ହଁ ରଜନୀ ସତରେ ସତୀ ସାବିତ୍ରୀ, ଆଜି ସାବିତ୍ରୀ ଓଷାରେ ରଜନୀ ତାର ସ୍ୱାମୀକୁ ଫେରି ପାଇଲା । ଆଉ ଏ ଯମ ବିହାରୀ ସ୍ତ୍ରୀ ଲୋକ କବଳରୁ ମୁକୁଳାଇ ପାରିଲା । ସତରେ ତାର ପ୍ରେମ, ନିଶା, ବିଶ୍ୱାସ ସତୀ ସାବିତ୍ରୀ ସମ ତିଳେ ମାତ୍ର ସନ୍ଦେହ ନାହିଁ । ଜୟ ମାଆ ସାବିତରୀ ।

ଭୁବନେଶ୍ୱର-୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅନୁତାପ

ସୁପ୍ରିୟା ମହାନ୍ତି



ଶୀତ ସକାଳର ବିନ୍ଦୁ ବିନ୍ଦୁ କାକର ସ୍ପର୍ଶରେ ଚତୁର୍ଦ୍ଦିଗ ଧବଳମୟ । ଗାଁ ଛାଡ଼ି ସହରରେ ତୋଳିଥିବା ବାସ ଭବନରେ ବାଲକୋନୀରେ ବସି ପ୍ରତିଦିନ ପରି ଖବର କାଗଜରେ ଆଖି ବୁଲାଉ ବୁଲାଉ, ଚା ଟେବୁଲ ଉପରେ ଥିବା ମୋବାଇଲ ନାମକ ଯନ୍ତ୍ରଟି ବାଜି ଉଠିଛି ପ୍ରଫୁଲ୍ଲ ବାବୁଙ୍କର । ଭୋର ୬ଟା ସମୟରେ କାହାର କଲ ଆସିପାରେ ? ମନରେ ସଂଶୟ ରଖି ଫୋନଟା କାନପାଖରେ ଦେଉ ଦେଉ ଆରପଟୁ ଭାସି ଆସିଛି ଏକ ଅତି ଆପଣାର କଣ୍ଠସ୍ୱର । ପପୁ...ଗୋଟିଏ ଖୁସି ଖବର । ଭାଉଜ ଏବେ ପୁଣି ଥରେ ସବୁକିଛି ଦେଖି ପାରିବେ । ନିଜ ଇଚ୍ଛାରେ ଜଣେ ତାଙ୍କର ଆଖି ଦାନ କରିଛନ୍ତି । ତୁ ଏବେ ଭାଉଜଙ୍କୁ ଧରି ଚିକିତ୍ସାଳୟ ପହଞ୍ଚି ଯା । ସୌଭାଗ୍ୟର କଥା ଆମର ବିଚକ୍ଷଣ ଡାକ୍ତର ମହେଶ ବାବୁ ଆଜି ଆମେରିକାରୁ ଆମ ନର୍ସିଂ ହୋମକୁ ଆସୁଛନ୍ତି । ଡେରି ନକରି ତୁରନ୍ତ ଚାଲିଆ । ଏ ଉତ୍ସାହଭରା ବାଣୀ ଥିଲା ଡାକ୍ତର ଦେବେନ୍ଦ୍ରଙ୍କର । ଅଧା ଖବର କାଗଜ ପଢ଼ା, ଅଧା ଚା କପ ଛାଡ଼ି ତୁରନ୍ତ ବାହାରି ଗଲେ, ତାଙ୍କର ଧର୍ମପତ୍ନୀ ତ୍ରିଷ୍ଣାକୁ ସାଙ୍ଗରେ ଧରି ସହର ଉପକଣ୍ଠରେ ଥିବା ଏକ ଘରୋଇ ଚିକିତ୍ସାଳୟକୁ । ଦୀର୍ଘ ୫ ଘଣ୍ଟାର ଅସ୍ତ୍ରୋପଚାର ପରେ ଚକ୍ଷୁ ପ୍ରତିରୋପଣ ସଫଳତାର ସହ ସମାପନ ହୋଇଗଲା । ଡାକ୍ତରଙ୍କ କହିବାନୁଯାୟୀ... ୩ ଘଣ୍ଟା ବିଶ୍ରାମ ପରେ ତ୍ରିଷ୍ଣା ଏ ସୁନ୍ଦର ପୃଥିବୀକୁ ପୁଣିଥରେ ଦେଖିପାରିବେ ।

ଚାହୁଁ ଚାହୁଁ ସମୟ ବିତିଯାଇଛି । ତ୍ରିଷ୍ଣାଙ୍କ ଆଖିରୁ ଏବେ ପଟି ଖୋଲାଯିବ । ଆବେଗଭରା ନୟନରେ ଚାହିଁଛନ୍ତି ସ୍ୱାମୀ ପ୍ରଫୁଲ୍ଲ ବାବୁ । ଯାହାକୁ ସେ ନିଜ ଜୀବନଠୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଧିକ ଭଲ ପାଉଥିଲେ, ସେ ଆଜି ନେତ୍ରହୀନ । ଜନ୍ମଦେଇ ମା କେମିତି ନିଷ୍ଠୁର ହୋଇଗଲା । ମୋ ଭଲ ପାଇବାକୁ ମୋ ଠୁ ଦୁରେଇ ନେବାକୁ ଚେଷ୍ଟା କରୁଥିଲା ମା । ମନ ବିବେକର ଅନ୍ତର୍ଦ୍ୱନ୍ଦରେ ବାରମ୍ବାର ଘାଣ୍ଟି ହୋଇଛି ପ୍ରଫୁଲ ବାବୁଙ୍କର ମନ । ସେଦିନର ଘଟଣାକୁ ସେ ମନରେ ଆଣିବାକୁ ଚାହୁଁନଥିଲେ । ତ୍ରିଷ୍ଣାଙ୍କ ଆଖିରୁ ଏବେ ପଟି ଖୋଲାହେବ । ଆଖି ଆଗରେ ସେ ମତେ ଦେଖିବାକୁ ନିଶ୍ଚୟ ଚାହିଁବେ । ଭାବନାରେ ପୂର୍ଣଚ୍ଛେଦ ଟାଣି ଦେବେନ୍ଦ୍ର ବାବୁ କହିଛନ୍ତି.... ଭାଉଜ ଏବେ ପଟି ଖୋଲାଯିବ ଆଖିରୁ । କାହାକୁ ପ୍ରଥମେ ଦେଖିବାକୁ ଚାହିଁବେ ? ମୁଁ ପ୍ରଥମେ ସେଇ ମଣିଷକୁ ଦେଖିବାକୁ ଚାହିଁବି,, ଯାହାଙ୍କ ଆଖିର ଜ୍ୟୋତି ମୋ ଆଖିରେ ଲାଗିଛି । ଏତିକି କହି ନିରବୀ ଗଲେ ତ୍ରିଷ୍ଣା । ଏ ନୀରବତା ଏବେକାର ନୁହେଁ । ଦୁର୍ଘଟଣା ପରଠାରୁ ତ୍ରିଷ୍ଣାଙ୍କ ବ୍ୟବହାରରେ ଅଭୁତପୁର୍ବ ପରିବର୍ତ୍ତନ ଲକ୍ଷ୍ୟ କରିଛନ୍ତି ଦେବେନ୍ଦ୍ରବାବୁ । କାହାକୁ ଖାତିର କରୁନଥିବା ଝିଅଟି କେବଳ ହଁ ନାଇଁରେ ଉତ୍ତର ରଖୁଛି । ପରିବର୍ତ୍ତନର କାରଣ କେବେ ଜାଣିବାକୁ ଇଚ୍ଛା କରିନାହାନ୍ତି ପ୍ରଫୁଲ୍ଲ ବାବୁ । ତ୍ରିଷ୍ଣାର ଏ ଉତ୍ତରରେ ଦେବେନ୍ଦ୍ରବାବୁଙ୍କ ଆଖିରୁ ଲୁହ ଦୁଇଧାର ଗଡ଼ି ଆସିଛି । ଏଥିପାଇଁ ତ ଆମକୁ ଅନ୍ୟସ୍ଥାନକୁ ଯିବାକୁ ପଡ଼ିବ । ଆମେ ରାଜି..... ଏକା ସମୟରେ ପତିପତ୍ନୀ ଦୁହିଁଙ୍କର ଉତ୍ତର ।

ଦ୍ରୁତ ଗତିରେ ଗାଡ଼ି ମାଡିଚାଲିଛି, ଅନେକ କିଛି ରହିଯାଉଛି ପଛରେ । ଦେବେନ୍ଦ୍ର ବାବୁଙ୍କର ଏପରି ଦ୍ରୁତ ଗାଡ଼ି ଚାଳନା ପ୍ରଥମ ଥର ଦେଖୁଥିଲେ ପ୍ରଫୁଲ୍ଲ ବାବୁ । କିଛି ବୁଝିବା ପୂର୍ବରୁ ଗାଡ଼ି ଆସି ପହଞ୍ଚି ଯାଇଛି ଲକ୍ଷ୍ୟସ୍ଥଳରେ । ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି ଉଭୟ ଦମ୍ପତ୍ତି । ଏ କୌଣସି ଅଜଣା ଅପରିଚିତ ଜାଗା ନଥିଲା, ଥିଲା ପ୍ରଫୁଲ୍ଲ ବାବୁଙ୍କର ଘର । ଯେଉଁଠି ପ୍ରଥମେ ଶୁଭିଥିଲା କୁଆଁ କୁଆଁ ସ୍ୱର ପ୍ରଫୁଲ୍ଲ ବାବୁଙ୍କର । ବାପାମା'ଙ୍କର ଏକମାତ୍ର ସନ୍ତାନ । ଏ ସେଇ ଜାଗା ଯେଉଁ ଜାଗାରେ ସେ ପାଦ ଦେଇଛନ୍ତି ଦୀର୍ଘ ସାତ ବର୍ଷ ପରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କିନ୍ତୁ ଏ କଣ, ଘର ଆଗରେ ଏତେ ଭିଡ଼ କାହିଁକି? ସମସ୍ତଙ୍କ ମୁହଁରେ ଗୋଟିଏ କଥା, ଆହାଃ! ବିଚାରିଟା, ମରିଗଲାନି ଯେ ତରିଗଲା । ଏବେ ଏ ଦରମରା ବୁଢ଼ାଟାର କଣ ଯେ ହେବ କେଜାଣି? ଗର୍ଭକୁ ଗୋଇଠା ମାରି ଚାଲିଯାଇଥିବା ପୁଅ ପାଇଁ ଅନେକ କଟୁ ମନ୍ତବ୍ୟ ମଧ୍ୟ ଦେଉଥିଲେ । ଆଉ ଧୈର୍ଯ୍ୟ ନଥିଲା ପ୍ରଫୁଲ୍ଲ ବାବୁଙ୍କର । ଭିଡ଼ ଏଡ଼ାଇ ଆଗକୁ ଯାଇ ଯାହା ଦେଖିଲେ ସେ ବିଶ୍ୱାସ କରିପାରିଲେନି ନିଜକୁ । ଲଥକରି ବସି ଯାଇଥିଲେ ପାଦ ତଳେ । ନୀରବ ନିଶ୍ଚଳ ନିର୍ବିକାର ଚିତ୍ତରେ ପଡ଼ି ରହିଥିବା ସେ ସୁପ୍ତ ପାଦ ଦୁଇଟି ଆଉ କାହାର ନୁହେଁ ତାଙ୍କ ଜନ୍ମଦାତ୍ରୀ ମା ସରସ୍ୱତୀ ଦେବୀଙ୍କର ।

ଅମାନିଆ ଲୁହ ବନ୍ଧ ବଡ଼ ମାନୁନଥିଲା, ଧୈର୍ଯ୍ୟର ପାହାଡ଼ ଭୁଶୁଡ଼ି ପଡୁଥିଲା । କରୁଣ ଦୃଷ୍ଟିରେ ଚାହିଁଥିଲେ ଦେବେନ୍ଦ୍ର ବାବୁଙ୍କୁ....। ହଠାତ ମରଣ ଆସିଛି କାହାକୁ କିଛି ନଜଣାଇ । ଅଧ ରାତିରେ ଉଠି ବସିଛନ୍ତି । ପାଗଳୀଟେ ପରି ପ୍ରଳାପ କରିଛନ୍ତି..... ମୋ ପପୁ...... ମୋ ପପୁ ଆସିଛି । ଏଇ ଦେଖନା ସେ କେମିତି କାନ୍ଦୁଛି..... ମୋ ପୁଅ ଫେରି ଆସିଛି...... ଏବେ ମୁଁ ଶାନ୍ତିରେ ଶୋଇଯିବି.... ମୁଁ ଶୋଇଯିବି । ଇସାରାରେ ହାତ ବଢ଼ାଇଛନ୍ତି ଆଗରେ ରହିଥିବା ଗୋଟିଏ ଟିଣ ବାକ୍ସ ଆଡକୁ । ଧୀରେ ଧୀରେ ଆଖି ବନ୍ଦ ହୋଇଯାଇଛି, ଶରୀର ଶିଥିଳ ହୋଇଯାଇଛି । ଆଉ ସ୍ୱର ଶୁଭିନାହିଁ, ଲିଭିଯାଇଛି ଜୀବନ ଦୀପ । ଖବର ପହଞ୍ଚିଛି ଦେବେନ୍ଦ୍ର ବାବୁଙ୍କ ପାଖରେ କାରଣ ପ୍ରଫୁଲ୍ଲ ବାବୁଙ୍କର ଘନିଷ୍ଠ ବନ୍ଧୁ ଦେବେନ୍ଦ୍ର ବାବୁ ।

୫ ଜଣିଆ ଡାକ୍ତରୀ ଦଳ ଆସି ସରସ୍ୱତୀ ଦେବୀଙ୍କର ଆଖିକୁ ଯାନ୍ତ୍ରିକ ଉପାୟରେ କାଢ଼ି ନେଇ ସଫଳ ରୋପଣ କରାଇଦେଇଛନ୍ତି ତ୍ରିଷ୍ଣାଙ୍କ ଆଖିରେ । ତ୍ରିଷ୍ଣା ଫେରି ପାଇଛନ୍ତି ନୂତନ ଜ୍ୟୋତି କିନ୍ତୁ ଅନ୍ଧାର ହୋଇଯାଇଛି ପ୍ରଫୁଲ୍ଲ ବାବୁଙ୍କର ଦୁନିଆ । ମୁକ ପରି ଛିଡ଼ା ହୋଇଛନ୍ତି ତ୍ରିଷ୍ଣା । ଅନୁତାପରେ ପ୍ରାଣ ଜର୍ଜରିତ । କାହିଁକି ଏ ଅନୁତାପ ?

ବାପା ବଢ଼ାଇ ଦେଇଛନ୍ତି ମା ହାତଲଖା ଡାଏରୀଟେ, ଯେଉଁଥିରେ ଲେଖାଅଛି କିଛି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୋପନ ତଥ୍ୟ ଯାହା ପ୍ରଫୁଲ୍ଲ ବାବୁ ଏଯାଏ ଜାଣିନାହାଁନ୍ତି ।...... ବାବୁରେ.... ତୁ ମୋର ଗୋଟିଏ ବୋଲି ପୁଅ । ତୋ ଖୁସି ପାଇଁ ମୁଁ ମରଣ କୋଳରେ ଶୋଇଯାଇପାରେ । କେବେ ଚେଷ୍ଟା କଲୁନି ଜାଣିବାକୁ ମୁଁ କଣ ଚାହେଁ । ତଥାପି ଈଶ୍ୱରଙ୍କୁ ଡାକୁଛି ତୁ ଭଲରେ ରହିଥା.... ବାବା । ଫେରିବୁ ତୁ.... ମୁଁ ଜାଣେ । ଫେରିବା ବେଳକୁ ମୁଁ ନଥିବି । କାହିଁକି ଜାଣିଛୁ.... ? ତୁ ପରା କହିଛୁ ମୋ ମୁହଁ ଚାହିଁବୁନି ବୋଲି ।

ଶୁଣୁ,,, ସେଦିନର କଥା

ଚାକିରି ପରେ ନିଜ ପାଇଁ ଜୀବନସାଥୀ ନିଜେ ବାଛି ନେଲୁ । ତୋ ଖୁସି ପାଇଁ ମୁଁ ପ୍ରତିବାଦ କଲିନାହିଁ । ତୁ ସରଳିଆଟେ, ଛନ୍ଦ କପଟ ଜାଣିନୁ, ମଣିଷ ଚିହ୍ନିବୁ କେମିତି ? ଭାବିଥିଲି ଘରକୁ ମୋର ଝିଅଟିଏ ଆସିବ, ମା ପରି କୋଳେଇ ନେବି । ସେପରି କିଛି ହେଲାନି । ସେ ମତେ କି ତୋ ବାପାଙ୍କୁ ଗ୍ରହଣ କରି ପାରିଲାନି । ସବୁଦିନ ଛୋଟ ଛୋଟ କଥାରେ କଳି । ସବୁଦିନର ଖିଟପିଟ ପରେ ଯେଉଁଦିନ ତ୍ରିଷ୍ଣା ତା ଆଖିର ଜ୍ୟୋତି ହରାଇଲା, ତାର କାରଣ ମୁଁ ନଥିଲି..... ସେ ନିଜେ ହିଁ କାରଣ । ସିଡ଼ିରେ ତେଲ ଢାଳି ସେ ମତେ ମାରିବାକୁ ଧକ୍କା ଦେଇଥିଲା । ଭଗବାନ ଙ୍କ ଅପାର କରୁଣାରୁ ମୁଁ ସିଡ଼ି ରଡ଼ ଧରି ବଞ୍ଚିଗଲି..... କିନ୍ତୁ ସେ.... ଭାରସାମ୍ୟ ହରାଇ ଖସି ପଡିଲା ତଳକୁ । ଆଖିରେ ଆଘାତ ଲାଗିବାରୁ ସେ ଆଖିର ଜ୍ୟୋତି ହରାଇଲା । ତା କଥାରେ ଚାଲିଗଲୁ ଘର ଛାଡ଼ି, ମତେ କିଛି ନପଚାରି ଆଉ ଫେରିଲୁନି । ଶୁଣୁ ପୁଅ..... ଆଉ ବଞ୍ଚିବିନି । ମୋ ଆଖିକୁ ମୁଁ ସମର୍ପି ଦେଲି ତ୍ରିଷ୍ଣାକୁ । ମୋ ଶେଷ ଇଚ୍ଛା ପୂରଣ କରିବୁ, ମୋ ଶବ ପାଖକୁ ଥରୁଟିଏ ପାଇଁ ତାକୁ ବୁଝେଇ ନେଇ ଆସିବୁ । ମୋରି ଆଖିରେ ମୋ ଶବ ଦେଖି ମୋକ୍ଷ ପାଇଯିବି । ତ୍ରିଷ୍ଣା ଆଖିର ଜ୍ୟୋତି ହୋଇ ତୋ ଆଖି ଆଗରେ ମୁଁ ସବୁଦିନ ରହିଥିବି ଛାଇ ପରି । ଜାଣେ ତୁ ଏବେ କାନ୍ଦୁଛୁ.... ଗୋଟିଏ କଥା ରଖିବୁ ବାବୁ... ତ୍ରିଷ୍ଣାକୁ ପରିତ୍ୟାଗ କରିବୁନି... ମୋ ଆଖିରେ ଲୁହ ଦେବୁନାହିଁ...... ତାରି ଆଖିରେ ରହି ମୁଁ ତୋ ସହ ଥିବି । ଆଶୀର୍ବାଦ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରୁଛି.. ଭଲରେ ଥା.....।

ଚିଠି ପଢ଼ି କିଂକର୍ତ୍ତବ୍ୟବିମୁଢ଼ ହୋଇ ଚାହିଁ ରହିଥିଲେ ତ୍ରିଷ୍ଣାଙ୍କର ଆଖିକୁ, ଯେଉଁ ଆଖିରୁ ଝରୁଥିଲା ଅନୁତାପର ଅଶ୍ରୁ ଦୁଇ ଧାଡ଼ି । ପାଟିରୁ ପଦଟିଏ କଥା ମଧ୍ୟ ବାହାରୁ ନଥିଲା ।

ସୁପ୍ରିୟା ମହାନ୍ତି

ନିକିରାଇ

କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବୃଦ୍ଧାଶ୍ରମ

ରୀତାରାଣୀ ଦାଶ



ପରିବାର ଯେତେବେଳେ ପର କରିଦିଏ ପିଲାଛୁଆ ଯେବେ ବିଦା କରିଦିଅନ୍ତି ଆଉ ପୁଅ ବୋହୁ ଯେବେ ବାପାମାଆଙ୍କୁ ବୋଝ ଭାବନ୍ତି, ବାର୍ଦ୍ଧକ୍ୟ ଜନିତ ଦୂରାବସ୍ଥା ପଣ୍ଡ କରିଦିଏ ସ୍ୱାଧୀନ ଭାବରେ ବଞ୍ଚିବାର ଅଭିଳାଷ ଠିକ ଏତିକିବେଳେ ସାହାରା ଦେବାକୁ ଆଗେଇ ଆସେ ବୃଦ୍ଧାଶ୍ରମ, ବୃଦ୍ଧଙ୍କର ଆଶ୍ରମ । କିଛି ବୟସ୍କ ବ୍ୟକ୍ତି ପରିବାର ସମର୍ଥନ ସହ ଶାରୀରିକ ଓ ଜ୍ଞାନାତ୍ମକ ହ୍ରାସ ଅନୁଭବ କରନ୍ତି । ଏକ ଗୁଣାତ୍ମକ ଜୀବନ ବଜାୟ ରଖିବା ପାଇଁ ସ୍ୱାସ୍ଥ୍ୟ ଓ ଆର୍ଥିକ ପ୍ରତିବନ୍ଧକର ସମ୍ମୁଖୀନ ହୁଅନ୍ତି । ସେମାନଙ୍କୁ ଅତିରିକ୍ତ ସମର୍ଥନ, ଯତ୍ନ ଆବଶ୍ୟକ କରୁଥିବା ବୟସ୍କ ମାନଙ୍କ ପାଇଁ ବିକଳ୍ପ ଭାବରେ ବୃଦ୍ଧାଶ୍ରମ ସୃଷ୍ଟିର ଉଦ୍ଦେଶ୍ୟ । ରକ୍ତ ବିତାଡିତ କରିବା ପରେ, ଆଶା ବାଟବଣା ହେବା ପରେ, ଏମିତି ସଂସ୍ଥା ସେମାନଙ୍କୁ ଆପଣେଇଥାଏ । ନା ଥାଏ କିଛି ସ୍ୱାର୍ଥ ନା ଲାଭ । ଏଇ ପରିପ୍ରେକ୍ଷୀରେ ମନୋମୁଗ୍ଧକର ଦୃଷ୍ଟାନ୍ତଟିଏ ___

ଯଶୋଧାରା ଦେବୀ, ବୟସ ବହୁତ ଅଧିକ ନୁହେଁ, ତଥାପି ସତୁରି ବର୍ଷ । ତାଙ୍କୁ ଯେତେବେଳେ ୬୫ବର୍ଷ, ଏକୁଟିଆ କରି ସ୍ୱାମୀ ଆରପାରିକୁ ଚାଲିଗଲେ । ରେଲୱେ ଡ଼ିପାର୍ଟମେଣ୍ଟରେ ଚାକିରୀ କରୁଥିଲେ ତାଙ୍କର ସ୍ୱାମୀ । ପାଞ୍ଚ ବର୍ଷ ହେଲାଣି ପେନସନ ପାଇ ସୁରୁଖୁରରେ ଚଳୁଛନ୍ତି ସେ । ଗୋଟିଏ ମାତ୍ର ପୁଅ । ସରକାରୀ ଚାକିରିଆ । ମୃତ୍ୟୁ ହେବା ପୂର୍ବରୁ ସ୍ୱାମୀଙ୍କର ଯଶୋଧାରାଙ୍କ ପାଇଁ ବଡ଼ ଅବଦାନଟିଏ ଥିଲା ଯେ ସ୍ୱାମୀ ପୁଅକୁ ବିବାହ ବନ୍ଧନରେ ଆବଦ୍ଧ କରିଦେଇଥିଲେ ଜଣେ ଓଡ଼ିଆ ଘରର ଝିଅ ସହିତ । ଘର ପାଇଁ ଉପଯୁକ୍ତା ହେବ ବୋଲି । ହେଲେ ଦୁର୍ଭାଗ୍ୟ ପୁଅ ପତ୍ନୀର କଥା ଯେତିକି ଶୁଣେ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାଆ କଥା ଯାହା ବି ଶୁଣେ ବାଧ୍ୟରେ । ଯଶୋଧାରା ଦେବୀ ପେନସନ ପାଉଛନ୍ତି ମାସକୁ ୨୮ ହଜାର । ତେଣୁ ପୁଅ ପାଇଁ ଅନ୍ତରରେ ସ୍ନେହ ଶ୍ରଦ୍ଧା ଥିଲେ ବି ବେଶ ଚଢ଼ା ଗଳାରେ ପୁଅକୁ ନିର୍ଦ୍ଦେଶ ଦିଅନ୍ତି, "ଏଇଟା କର, ଏମିତି,କର, କଣ ପାଇଁ କଲୁନି" ଇତ୍ୟାଦି । ତେଣୁ ପୁଅର ଟିକିଏ ଡର ଥାଏ । ପୁଅକୁ ଅନ୍ତରରେ ଭଲ ପାଉଥିଲେ ବି ପୁଅ ଯଦି ବାର୍ଦ୍ଧକ୍ୟରେ ଅବହେଳା କରିବ, ତେବେ ବାକି ସମୟ ସେ କାଟିବେ କାହା ସହ ? ସେଥିପାଇଁ ପୁଅକୁ ହାତଛଡା କରିବାକୁ ଚାହୁଁ ନ ଥିଲେ ।

ଦିନେ ହଠାତ ଯଶୋଧାରା ଦେବୀଙ୍କ ଦେହ ଖରାପ ହୁଏ । ପୁଅ ଅଫିସ ଯିବା ବେଳେ ସେ ପୂର୍ବ ପରି ଆଦେଶ କଣ୍ଠରେ କହିଲେ "ଏଇ ତୁ ଅଫିସରୁ ଆସିବା ବେଳେ ମୋ ପାଇଁ ଓଷଧ ନେଇ ଆସିବୁ ।" ପୁଅ ପତ୍ନୀର କଥା ମାନେ । ସେଦିନ ତାଙ୍କୁ ପତ୍ନୀ କହିଲେ ତୁମେ ଏମିତି କେତେ ଦିନ ବୋଉର ବୋଲକରା ହୋଇ କାମ କରୁଥିବ ? ଆମର ବି ଗୋଟିଏ ଜୀବନ, ଖୁସି,ମଉଜ ଅଛି ନା ! ପୁଅକୁ ତା ପତ୍ନୀର କଥା ଠିକ ଲାଗିଲା ।

ପୁଅ ଏକମତ ହୋଇ ପଚାରିଲା, ଏହାର ସମାଧାନ କଣ ? ପତ୍ନୀ କହିଲେ ବୋଉଙ୍କୁ ସତୁରି ବୟସ ହେଲାଣି ତାଙ୍କୁ ବୃଦ୍ଧାଶ୍ରମରେ ଛାଡ଼ିଦେବା । ଆଉ ତାଙ୍କ ପେନସନ ଟଙ୍କା କିପରି ଆମ ଆକାଉଣ୍ଟକୁ ଆସିବ, ସେ ବ୍ୟବସ୍ଥା କରିଦେବ । ଦୁହେଁ ଯୋଜନା କଲେ ଆସନ୍ତା କାଲି ଜଳଖିଆ ଖାଇବା ସମୟରେ କହିବେ ଏ ବାବଦରେ । ବୋଉ ଆମ କଥା ମାନିଯିବେ । ତା'ପରଦିନ ସକାଳେ ଦୁଇଜଣ ନିଦରୁ ଉଠି ହସ ହସ ମୁହଁରେ ବୋଉ ପାଖରେ ହାଜର । ଆଉ କଥାଟିଏ କହିବାର ମତ ରଖିଲେ । କିନ୍ତୁ ଯଶୋଧାରା ଦେବୀ କହିଲେ, ତୁମ କଥା ତ ମୁଁ ନିଶ୍ଚୟ ଶୁଣିବି ।

ଯେହେତୁ ମୁଁ ତୋର ମାଆ, (ସିନିଅର ସିଟିଜେନ) ବୟସ୍କା । ଆଗେ ତୁମକୁ ମୋ କଥା ଶୁଣିବାକୁ ହେବ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅତି ଗାମ୍ଭୀର୍ଯ୍ୟପୂର୍ଣ୍ଣ ଗଳାରେ କହିଲେ, ତୁମ ପାଖରେ ରହି ମୁଁ ବୋର ହୋଇଗଲିଣି । ତେଣୁ ମୁଁ ସ୍ଥିର କରିଛି, ବାକି ସମୟ୍ତ ତକ ବୃଦ୍ଧାଶ୍ରମରେ କଟେଇବି । ବୋହୁ ଠାରରେ କହିଲା, ମାଆଙ୍କୁ କହିବାକୁ ଦିଅ । ଆମ ସମସ୍ୟା ସମାଧାନ କରିଦେଲେ ।

ତା'ପରେ ସେ କହିଲେ ମୋର ପେନସନ ପୁଣି ବଢ଼ିଲାଣି, ତେଣୁ ଭାବୁଛି, ଆଉ କଣ ପାଇଁ ବୃଦ୍ଧାଶ୍ରମ ଯିବି । ଘରେ ହିଁ ବୃଦ୍ଧାଶ୍ରମ ତିଆରି କରିଦେଉଛି । ପୁଅ ତ ରୋଜଗାର କରୁଛି, ତେଣୁ ତୁମେ ଦୁଇଜଣ ବାହାରେ ରୁହ । ଏଇଠାରେ ପୁଅବୋହୁ ପୁରା ଚୁପ, "ଜୋକ ମୁହଁରେ ଲୁଣ ପଡିବା" ଭଳି କଥା ହେଲା । ମାଳତୀ ଦେବୀଙ୍କର ଏଇଟା ଶାସନ ନା ଅନୁଶାସନ ଥିଲା । ଉଚିତ ନିଷ୍ପତ୍ତି ନା ଅନୁଚିତ ନିଷ୍ପତ୍ତି,ଏଇ ଅବହେଳିତ ବୃଦ୍ଧ ବୃଦ୍ଧା ମାନଙ୍କର କୋହଭରା କାହାଣୀର । କାହାଣୀଟି କେତେ ଦୂର ଠିକ ବା ଭୁଲ ମତାମତ ଆପଣଙ୍କର ।

ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସତ୍ୟ ଦେହରେ ମିଥ୍ୟାର ଦାଗ

ସୌଦାଗର ବିଶ୍ୱାଳ



ଦିନ ଗୁଡ଼ାକ ଲୁଚକାଳି ଖେଳୁଛନ୍ତି, ଦିନ ଯାଉଛି ରାତି ଆସୁଛି । ରାତି ଯାଉଛି ଦିନ । ଏସବୁ ଭିତରେ ସତ୍ୟ ପାଇଁ ଉଭୟ ସମାନ । ନା ତା' ପାଇଁ ରାତି ଅସରନ୍ତି ସ୍ୱପ୍ନର ସମ୍ଭାର ଆଣିଛି ନା ଦିନର ଆଲୋକ, ତା'ର ଜୀବନରେ କେବେ ଆଣିଛି ଉନ୍ମାଦ । ସେ କେବଳ ଗୋଟିଏ ନିର୍ଜୀବର ଜୀବନ ନେଇ ପଡ଼ି ରହିଛି ।

ଗୋପୀନାଥପୁର ଗାଁ'ର ମହେନ୍ଦ୍ର ବାବୁଙ୍କ ଦ୍ୱିତୀୟ ପୁତ୍ର ସତ୍ୟ । ପିଲାଟି ଦିନରୁ ତା'ର ଜୀବନ କୋଉ ରାଜା ଛୁଆଠୁ ବି କମ୍ ନଥିଲା । ଖାଇବା ପିନ୍ଧିବାର ଅଭାବ କେବେ ଦେଖିନଥିଲା । ଆବଶ୍ୟକତା ଗୁଡ଼ିକର କଥା ଚିନ୍ତନ ଆଗରୁ ସବୁ ହାତ ପାହାନ୍ତାରେ ଥିଲା । ପାଠ ପଢାରେ ଯେମିତି ଧୂର୍ତ୍ତ ବୁଦ୍ଧିରେ କେହି ପାଖେ ପଶିବାକୁ ନଥିଲେ । ଖଣ୍ଡିଏ ଖାତାରେ ପାଠ ଯେତିକି ପଢ଼େ ସେତିକିରେ ସ୍କୁଲରେ ପ୍ରଥମ ହୁଏ ଆଉ ସଭିଙ୍କ ସାବାସୀ ମଧ୍ୟ ପାଏ ।

ସମୟ ପରିବର୍ତ୍ତନଶୀଳ । କେତେବେଳେ କାହାକୁ ତାଳି କେତେବେଳେ କାହାକୁ ଗାଳି ତାହା କିଏ ଅବା ଜାଣେ । କଥାରେ ନାହିଁ, "ଦଇବ ଦଉଡି ମଣିଷ ଗାଈ, ଯେଣିକି ଟାଣଇ ସେଣିକି ଯାଇ ।"

ସଭିଏଁ ସମୟର ଦାସ କାହାକୁ କେବେ ହସାଇବ କାହାକୁ କନ୍ଦାଇବ, ତାହା ସେଇ ନାରାୟଣଙ୍କୁ ଜଣା ।

ସବୁକିଛି ମହାଶୂନ୍ୟର ମହାଗ୍ରାସ ଭିତରେ ଯେମିତି ମିଳାଇ ଗଲା । ନା ଆଗ ପରି ଆଉ ଠାଣି ନା ଚଳଣୀ । ଏସବୁ ଭିତରେ ସତ୍ୟ ଯେତେବେଳେ ଆଠ ବର୍ଷର ଅଭାବ କ'ଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେ ଭଲ ଭାବରେ ବୁଝିପାରିବାରେ ବିଳମ୍ବ ହୋଇନଥିଲା । ସେବେଠାରୁ କାହାର ଭଲକୁ ଦେଖି ଈର୍ଷା କରେନି ବରଂ ସତ୍ୟକୁ ଆପଣାଇ ନେଇଥିଲା ।

ତା'ର ବଟମ୍ ନଥିବା ପ୍ୟାଣ୍ଟ, ଆଉ ତା'ର ଖଣ୍ଡିଏ କୋତରା ସାର୍ଟ, ଏସବୁର ମୂକ ସାକ୍ଷୀ । ସେ ସିନେମାରେ ମଧ୍ୟ କାହାରି ଦୁଃଖ ଦେଖିଲେ କାନ୍ଦି ପକାଏ । ଆଉ କେହି ଖାଇ ନଥିଲେ ମଧ୍ୟ ନିଜେ ଉପାସରେ ରହି ଚିନ୍ତାକରେ ଅନ୍ୟର ପେଟ । ଏପରି ତା'ର ଚରିତ୍ର ।

ଆଜି ସେ ବଡ଼ ହେଲାଣି । ନିଜ ଗୋଡରେ ନିଜେ ଠିଆ ମଧ୍ୟ ହେଇଛି । କାହାକୁ ହାତ ପତାଏନି କିମ୍ବା ଠାକୁରଙ୍କୁ ମଧ୍ୟ କେବେ କିଛି ମାଗିନି । ଭାବିନିଏ ଯେତିକି ଦେଇଛନ୍ତି ଈଶ୍ୱର ସେତିକି ଯଥେଷ୍ଟ ।

'ସନ୍ତୋଷ ଧନ ନଥିଲେ ବାକି ଧନର ମୂଲ୍ୟ ବା କ'ଣ !!'

ଜୀବନରେ ଯୌବନର ଅନ୍ତିମ ପାହାଚ ଉପରେ ଥାଇ ସେ ନିଇତି ଅଗ୍ନି ପରୀକ୍ଷା ହିଁ ଦେଉଛି । ପରୀକ୍ଷଣ ଆହୁରି ଅଧିକ ହେଲେ ମଧ୍ୟ ତା'ର ଖୁସି । କାରଣ ସେ ବୁଝିଛି ପରୀକ୍ଷା କେବଳ ସିଲେକ୍ଟିଭ୍ ହିଁ ଦେଇ ପାରିବେ !! ବାକି ତ ଚିଟର୍।।

ତା'ର ଚିଟର ହେବାର ନାହିଁ, କି କେବେ ତା'ର ବିବେକରେ ପରିବର୍ତ୍ତନ ଘଟିବାର ନାହିଁ । ମାତ୍ର ସତ୍ୟ ଦେହରେ ମିଥ୍ୟାର ଦାଗ ଦେବାକୁ କିଛି ତୁଣ୍ଡ ଖୋଲିବାରେ ସଙ୍କୋଚ ବୋଧ କରନ୍ତି ନାହିଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କଲେଜ ଏବଂ ଡାକ୍ତରଖାନା

ଦେବାଶିଷ ମାଇତି




........ ବାସ୍ତବ ଦୁନିଆର ଗୋଟିଏ ସତ, ଜୀବନର ସଂଘର୍ଷ ତା ସହ ଜଡ଼ିତ ମିଛ ଅଭିନୟ ଶେଷରେ ମୃତ୍ୟୁ.. ।

କାହାଣୀ ଥିଲା ସତ୍ୟପ୍ରକାଶର, ଜୀବନର ଚଲା ବାଟରେ ଥିଲା ବହୁତ ସଂଘର୍ଷ, ବିଫଳତା ଏବଂ ଶେଷ ସଫଳତା । ମଧ୍ୟବିତ୍ତ ଶ୍ରେଣୀରେ ପିଲା କାହାକୁ ନିର୍ଭର କରିବାକୁ ପସନ୍ଦ କରେନି କି ନ୍ୟାୟ ଉପରେ ସିଧା କହିବାକୁ ଡରେନି ସେ କଲେକ୍ଟର ହେଉ କି ମନ୍ତ୍ରୀ, ପାଠ ପଢ଼ାରେ ଉତ୍ତମ ନ ହେଲେ ବି ଭଲ ଥାଏ । ଚାଲେଞ୍ଜ ଗ୍ରହଣ କରିବାକୁ ଭଲ ପାଏ ସେ ଯେ କୌଣସି କାର୍ଯ୍ୟ ହେଉ । ମେଡ଼ିସିନ ଦୋକାନରେ କାମ କରୁଥାଏ ଖାଲିଥିବା ସମୟରେ.. ଅଳ୍ପ ବେଶୀ ଜ୍ଞାନ ଥାଏ । ସେଥିଲାଗି ତା ସାଙ୍ଗମାନେ ମଜାରେ କୁହନ୍ତି ତୁ ଝାଡ଼ାବାନ୍ତି ହେଲେ ଆମକୁ ପାରାଶିଟାମୋଲ ଦେଇ ମାରି ଦେବୁରେ । ଚାକିରି ପାଇଁ ଅନ୍ୟ ପାଠ ପଢୁଥାଏ । ଶେଷରେ ଚାକିରିଟିଏ କଲା ଏବଂ କିଛି ଦିନପରେ ମେଡ଼ିସିନ ବିଷୟରେ ବେଶୀ ଜାଣିବାପାଇଁ ବନାରସ୍ ଫାର୍ମାସିଷ୍ଟ ମହାବିଦ୍ୟାଳୟରେ ଡିପ୍ଲୋମା ଫାର୍ମାସୀ ନାମ ଲେଖାଇଲା । କିନ୍ତୁ ବହୁତ୍ ସଂଘର୍ଷ ଥିଲା ଯାତ୍ରା, ଗୋଟେ ପଟ ଚାକିରି ଆଉ ଗୋଟେ ପଟ ପାଠପଢ଼ା । ମହାବିଦ୍ୟାଳୟରେ ଯିଏ ମୁଖ୍ୟ ଥିଲେ, ସେ କେବେ କାହାରି କଥା ବୁଝିବାକୁ ରାଜି ନୁହଁନ୍ତି, ଖାଲି ଟଙ୍କା ଟଙ୍କା ଆଉ ଟଙ୍କା ହିଁ ହୁଅନ୍ତି । କେମିତି କୁଆଡୁ ଦୁଇ ପଇସା ଲାଭ ହେବ, ଗରିବ ପିଲା ହେଲେ ଯମ ଦ୍ୱାର ବୋଲି ଜାଣ । ବହୁତ୍ ଦିନ ପରେ ସତ୍ୟପ୍ରକାଶ ସେହି କଲେଜର ଗୋଟେ ପିଲା ସହ ଚିହ୍ନା ହେଲା । ଶୁଭଶ୍ରୀ ଶର୍ମା ବୋଲି ବହୁତ୍ ସାହଯ୍ୟକାରୀ ସେ ଥିଲା ସମାନ ଶ୍ରେଣୀରେ ପଢ଼େ । ଭଲରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମନ୍ଦରେ ସୁଖରେ ଦୁଃଖରେ ସବୁ ପାଠପଢ଼ା ଶୈଳୀ କେମିତି କଣ ସତ୍ୟକୁ ଜଣାଏ । ନୋଟ ଖାତାଗୁଡ଼ିକ ମଧ୍ୟ ଦିଏ ଲେଖିବାକୁ ସତ୍ୟ ସେହି ଶୈଳୀରେ ପାଠକୁ ଆଗକୁ ବଢାଇ ଚାଲିଥାଏ । ପରୀକ୍ଷା ସମୟରେ ସତ୍ୟର ବହୁତ୍ ସାଙ୍ଗ ହେଇ ଯାଇଥିଲା, ବ୍ରଜ, ଅମିୟ ଚାନ୍ଦିନୀ ଅଶ୍ୱିନୀ କରନ୍ ସବ୍ୟସାଚୀ ସୁବ୍ରତ ଏମିତି କେତେ..। କିନ୍ତୁ ସବୁ କ୍ଷେତ୍ରରେ ସାହାଯ୍ୟର ହାତ ବଢ଼ାଇଥାଏ ଶୁଭଶ୍ରୀ ଶର୍ମା, ଚାନ୍ଦିନୀ, ବ୍ରଜ, ଅଶ୍ୱିନୀ ଏବଂ ଅମିୟ । ପ୍ରଥମ ବର୍ଷ ମାର୍କ କମ୍ ପାଇଁ ଭାଙ୍ଗି ଯାଇଥିଲା ସତ୍ୟ ପ୍ରକାଶର ମନ କାହିଁକି ନା ପଢ଼ିବା ପାଇଁ ସମୟ ବାଧକ ସାଜିଥିଲା । ସେତିକିରେ ହାର ମାନି ନଥିଲା ଫାଇନାଲ ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲା । ଟାର୍ଗେଟ କରିଥିଲା କିଛି ଶିକ୍ଷକଙ୍କୁ, ଶକ୍ତି ସାର୍, ଅବିନାଶ ସାର୍, ଦିବ୍ୟ ସାର୍, ଆଉ ଜେନା ବାବୁ ଏମାନେ ରାସ୍ତା ଦେଖାଇ ଥିଲେ ସତ୍ୟକୁ ଫୋନ୍ ଯୋଗେ ।

ସତ୍ୟର ଗୋଟେ ଦୁଃଖ ଥିଲା । ବାଇକରେ ୧୮୦ କିମି ଲଗାତାର ୫-୧୦ ଦିନ ଆଉ ପ୍ରତ୍ୟେକ ୩-୪ ମାସରେ ଥରେ । ନାହିଁ ଶୀତ କାକର କି ଖରାତରା ଲଢେଇ ନିଜ ଜୀବନର (ତା ଭିତରେ ନିଜ ସମ୍ପର୍କୀୟର ଦେହାନ୍ତ ପୁଣି କିଏ ରୋଗଶଯ୍ୟାରେ..) । ବ୍ୟାଗରେ ଗୋଟେ ପାଣିବୋତଲ ଆଉ ଗୋଟେ ପ୍ୟାକେଟ ବିସ୍କୁଟ ଧରି ଚାଲିଥାଏ । ଏମିତି କିଛିଦିନ ପରେ ବୋର୍ଡ ପରୀକ୍ଷା ସରିଲା କଲେଜ୍ ରୁ ଟ୍ରେନିଂ ପାଇଁ ଚିଠି ଆସିଲା । କାଶୀ ବିଶ୍ୱନାଥ ମୁଖ୍ୟ ଡାକ୍ତରଖାନାରେ ହେବ ପ୍ରଶିକ୍ଷଣ । ଏଠି ପୁଣି ସତ୍ୟ ଉପରେ ବଜ୍ର କାହିଁକି ନା ଲଗାତାର ୯୦ ଦିନ ଉପସ୍ଥିତ ରହିବାକୁ ପଡ଼ିବ । ଓଃ କି ଯନ୍ତ୍ରଣା.. ମୁଣ୍ଡରେ ଚିନ୍ତା କେମିତି ଅଫିସ୍ କାମ ସହ ପ୍ରଶିକ୍ଷଣ.. ?

ଦୁଇ ଦିନ ଗଭୀର ଚିନ୍ତା ପରେ ମନରେ ସାହସ ବାନ୍ଧିଲା । ଅଫିସ୍ ଯାଇ ସନ୍ଧ୍ୟାରେ ଫେରିବା ସମୟରେ ମ୍ୟାନେଜର, ଅନ୍ୟ ଷ୍ଟାଫ୍ ଙ୍କ ସହ ବସିଲା ।

ସତ୍ୟ - ସାର୍ ମୋର୍ ୯୦ ଦିନ ପ୍ରଶିକ୍ଷଣ ଅଛି, ମୁଁ ନ ଗଲେ ଅସୁବିଧା ଅଛି..।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମ୍ୟାନେଜର - ଆଚ୍ଛା ସତ୍ୟବାବୁ.. ! କାମ କିଏ କରିବ.. ?

ସତ୍ୟ - ସାର୍ ମୁଁ କରିବି..।

ସାର୍ - ଆପଣ ପରା ୯୦ ଦିନ ଯିବେ..।

ସତ୍ୟ - ସାର୍ ଆପଣଙ୍କ କାମ ହେଲେ ଗଲା, ବ୍ୟସ୍ତ ହୁଅନ୍ତୁ ନାହିଁ ଲୋକଙ୍କୁ ଏତିକି କହିବେ, ସତ୍ୟ ବାବୁ ୩ ମାସ ପାଇଁ ଅଫିସ୍ ଟ୍ରେନିଂରେ ଅଛନ୍ତି.. ଅଫିସ୍ ରୁ ନମ୍ବର୍ ନେଇ କଲ କରିବେ ସତ୍ୟ ବାବୁ ସପ୍ତାହକୁ ୩ ଦିନ ଆସିବେ..।

ଅନ୍ୟ ଷ୍ଟାଫ୍ - ହଉ ଦେଖିବା ତାହେଲେ..। ମ୍ୟାନେଜର ଆଉ ଷ୍ଟାଫ୍ ରାଜି ହେଲା ପରେ ସତ୍ୟ ଟାର୍ଗେଟରେ ଥିଲା ଡାକ୍ତରଖାନାର ମୁଖ୍ୟ ପ୍ରଶିକ୍ଷକ ଉପରେ... ସତ୍ୟ ଯାଇ ତା ପରଦିନ ତାଙ୍କୁ ଦେଖାକରି ସବୁ କଥା ଜଣେଇଲା, କିନ୍ତୁ ପ୍ରଶିକ୍ଷକ ବାବୁ ବହୁତ୍ କଷ୍ଟରେ ରାଜି ହୋଇଥିଲେ..। ପ୍ରଥମେ ସିଧା ମନା କରିଥିଲେ, ୩ ଦିନ ପ୍ରଶିକ୍ଷଣ ଆଉ ୩ ଦିନ ଅଫିସ୍ କେମିତି ସମ୍ଭବ ? ୨ ଘଣ୍ଟାର କଥା ବାର୍ତ୍ତା କରି ବହୁତ୍ ଅନୁରୋଧ ପରେ ସେ ରାଜି ହେଲେ..। ପ୍ରଶିକ୍ଷଣ ତାରିଖ ଆରମ୍ଭ ଦିନ ସତ୍ୟ ଯାଇ ଫର୍ମ ପୂରଣ କଲା ଏବଂ ଡାକ୍ତରଖାନା ମେଡ଼ିସିନ ସେବା କେନ୍ଦ୍ରରେ କାର୍ଯ୍ୟ ଆରମ୍ଭ କଲା । ବହୁତ୍ ଦିନ ସେଠି କାର୍ଯ୍ୟ ପ୍ରଶିକ୍ଷଣ ନେବା ପରେ ସତ୍ୟ ଯାଇଥିଲା ଏମର୍ଜେନ୍‌ସି ୱାର୍ଡକୁ ଯେଉଁଠି ଇଞ୍ଜେକସନ ଏବଂ ସାଲାଇନ୍ ଦିଆଯାଏ । ଅତି ଜରୁରୀକାଳୀନ ଚିକିତ୍ସା କରାଯାଏ । କିନ୍ତୁ ସତ୍ୟ ଲୋକ ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲା । ପ୍ରତ୍ୟେକ ୧୦ ମିନିଟ୍ ରେ ୨୦-୨୫ ରୋଗୀ ଆସୁଥିଲେ ଆଉ ଯାଉଥିଲେ । ସତ୍ୟର ପ୍ରଥମ ଭେଟ ହୋଇଥିଲା ଦୁଇଜଣ ସାର୍ ସାଙ୍ଗେ.. ନଚିକେତ୍ ସାର୍ ଏବଂ କାର୍ତ୍ତିକ ସାର୍ ବୋଲି । ବହୁତ୍ ସୁନ୍ଦର୍ ଥିଲା ତାଙ୍କ ବ୍ୟବହାର ।

ସତ୍ୟ - ସାର୍ ମୁଁ ଟିକେ ଶିଖିବାକୁ ଆସିଥିଲି ।

ସାର୍ କହିଲେ ହଉ ଇଞ୍ଜେକସନ ଗୁଡା ପଢ଼ିକି ମନେ ରଖ । ସତ୍ୟ ସାହସ ବଢିଥିଲା । ଆଉ ଦୁଇ ପାଦ ଆଗକୁ ବଢ଼ାଇ ସେ ସବୁ କିଛି ଅନୁସରଣ କରିବାରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲାଗିଲା ଏତିକି ଭିତରେ ତାର ସାକ୍ଷାତ ହୋଇଥିଲା ତାର ସାଥିରେ ଅନ୍ୟତ୍ର କଲେଜରେ ପଢୁଥିବା ବନ୍ଧୁ ବିକାଶ ସହ । ତା ସାଙ୍ଗେ ୫-୧୦ ମିନିଟ୍ କଥା ହେବା ପରେ ସେ ପ୍ରଥମେ ଗୋଟେ ଲେଖା କାଗଜ ଦେଇଥିଲା ସଂଯୁକ୍ତ ପତ୍ରିକା । ସେଥିରେ ସବୁ ଇଞ୍ଜେକସନର ବିବରଣୀ ଥିଲା ଆଉ କେମିତି ଦିଆଯାଏ ଲେଖାଥିଲା । ସେହଦିନଠାରୁ ସତ୍ୟର ଭଲ ବନ୍ଧୁ ସାଜିଥିଲା ବିକାଶ ସୁଖରେ ହେଉ କି ଦୁଃଖରେ । ତା ପରଦିନ ପଢିଥିବା କାଗଜକୁ କାର୍ଯ୍ୟରେ ଲଗେଇବ ବୋଲି ମନସ୍ଥ କଲା । କିନ୍ତୁ ଠିକ୍ ସମୟରେ ସେ ବୁଝି ପାରିନଥିଲା କିଛି ଏବଂ କିଛି ପ୍ରଶିକ୍ଷଣ ନେଉଥିବା ନର୍ସିଂ ଛାତ୍ରଙ୍କ ପାଇଁ ଗାଳି ଶୁଣିଥିଲା ଜଣେ ମ୍ୟାଡାମ୍ଙ୍କ ପାଖରୁ । ସେ ଥିଲେ ସୁଶ୍ରୀ ମ୍ୟାମ୍ । କୌଣସି ମିଶାଇଲ ଠୁ ବି କମ୍ ନୁହନ୍ତି ସେ । କିନ୍ତୁ ଉଚିତ୍ ଶିକ୍ଷ୍ୟା ବି ଦିଅନ୍ତି । ହଉ କିଛି ସମୟ ପାଇଁ ସତ୍ୟ ଚୁପ୍ ହୋଇ ଯାଇଥିଲା ଏବଂ ଚାଲେଞ୍ଜ ଗ୍ରହଣ କରିଥିଲା ନିଜକୁ ନିଜେ ଓ ପାନେ ଦେବ ସେ ପିଲା ଗୁଡ଼ାଙ୍କୁ ବୋଲି ମନସ୍ଥ କଲା । ତା ପରଦିନ ତା ସାଙ୍ଗରେ ପଢୁଥିବା ତନୟ ବୋଲି ପିଲା ସହ ସାକ୍ଷାତ କରି ସବୁ ଅସୁବିଧା ଜଣେଇଥିଲା, ତନୟ ସତ୍ୟର ପୂର୍ବ ୮ ଦିନ ଧରି କାର୍ଯ୍ୟ କରୁଥିଲା ସେଠାରେ ବହୁତ୍ ଭଲ କାର୍ଯ୍ୟ ଶିଖି ଯାଇଥିଲା । ସେ ସତ୍ୟକୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପୁରା ଗୋଟେ ଦିନ ସବୁ ଶୈଳୀ ଇଞ୍ଜେକସନ ଦେବାରେ ଜଣେଇ ଥିଲା । ଧୀରେ ଧୀରେ ସତ୍ୟ କାର୍ଯ୍ୟ ଶିଖି ଯାଇଥିଲା । ନଚିକେତ୍ ସାର୍, କାର୍ତ୍ତିକ ସାର୍ ଙ୍କ ବିଶ୍ୱାସ ମଧ୍ୟ ଜିତି ଯାଇଥିଲା । ତା ପରଠୁ ସେ ନର୍ସିଂ ପିଲାମାନଙ୍କୁ କଡ଼ା ଜବାବ ଦେଇଥିଲା ସାର୍ ମାନଙ୍କ ଭରସାରେ । ଆଉ ସେଇ ପିଲା ଗୁଡାଙ୍କୁ ଓଲଟା ଜବାବ୍ ଦେଇଥିଲା । କେହି ମା ପେଟରୁ ଶିଖିକି ଆସନ୍ତି ନାହିଁ ଏହା ଭିତରେ ସତ୍ୟ ଆଉ ୪ ଜଣ ମ୍ୟାମ୍ ସହ ଭେଟ ହୋଇଥିଲା । ରୋଜାଲିନ ମ୍ୟାମ, ଦେବସ୍ମିତା ମ୍ୟାମ୍, କୁମୁଦିନୀ ମ୍ୟାମ୍ ଓ ପାର୍ବତୀ ମ୍ୟାମ୍ । ସତ୍ୟ କାର୍ଯ୍ୟ ଆରମ୍ଭ କରିଥିଲା ଏକା ଏକା ଏମାନଙ୍କ ସାମ୍ନାରେ । କିଛିଟା କାର୍ଯ୍ୟ ଠିକ୍ ଥିଲା ଆଉ କିଛି ଭୁଲ୍ ହେଇ ଯାଉଥିଲା । ସେଇ ଭୁଲ୍ ଟିକୁ ସଜାଡ଼ିଥିଲେ ମ୍ୟାମ୍

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାନେ । ଦେବସ୍ମିତା ମ୍ୟାମ୍ ତ ସିଧା ସଳଖ ଜଣାଇଥିଲେ ଆଉ ଭଲରେ ବୁଝେଇ ଥିଲେ । ଭୁଲ୍ ଟି କଉ ଯାଗାରେ ରହୁଛି । ତା ପରଦିନ ସତ୍ୟ ଆଉ ଅନ୍ୟ ପ୍ରଶିକ୍ଷଣ ସାର୍ ଏବଂ ମ୍ୟାମ୍‌ଙ୍କୁ ଅନୁସରଣ କରିଥିଲା । ପ୍ରଦୀପ ସାର୍, ସୁନିଲ୍ ସାର୍, ପାର୍ବତୀ ମ୍ୟାମ୍ ତାଙ୍କ ସହ ସତ୍ୟ ମିଶିଲା ପରେ ସବୁ କିଛି ଭୁଲ୍ କୁ ସୁଧାରିବା ଆରମ୍ଭ କରିଥିଲା । ବ୍ୟକ୍ତିଗତ ଭାବେ ସତ୍ୟ ପ୍ରକାଶ ନଚିକେତ୍ ସାର୍, ପ୍ରଦୀପ ସାର୍, ଦେବ ମ୍ୟାମ୍‌ଙ୍କୁ ତାର ଅସୁବିଧା ଗୁଡ଼ିକ ଜଣେଇଥିଲା ଆଉ ସେମାନେ ବହୁତ୍ ସାହସ ଦେଇଥିଲେ ଶେଷରେ ସତ୍ୟ ସଫଳ ମଧ୍ୟ ହୋଇଥିଲା । କାର୍ତ୍ତିକ ସାର୍ ଏବଂ ସୁନିଲ୍ ସାର୍ ସତ୍ୟକୁ ପ୍ରତ୍ୟେକ ଅସୁବିଧା ସମୟରେ ସାହାଯ୍ୟ କରିଛନ୍ତି । ସତ୍ୟ ସେମାନଙ୍କ ସହ ଏତେ ମିଶିଯାଇଥିଲା ଯେ ତାର ଇଞ୍ଜେକସନ ଦେବା ସମୟରେ ଭୟ କଟି ଯାଇଥିଲା । ମଣିଷ ଦେହରେ କୋଉ ଶିରା ଜଲଦି ମିଳିବ କୋଉ ଶିରାରେ ଭଲସେ ଔଷଧ ଯାଇ ପାରିବ, କୋଉଠି ଅସୁବିଧା ଥାଇପାରେ ଧୀରେ ଧୀରେ ଶିଖି ଯାଇଥିଲା.. ସତ୍ୟ..। ନଚିକେତ ସାର୍, ପ୍ରଦିପ ସାର୍, କାର୍ତ୍ତିକ ସାର୍, ସୁନିଲ୍ ସାର୍ ସତ୍ୟର ବହୁତ୍ ଭଲ ମେଣ୍ଟର୍ ବନିଥିଲେ । ଏମାନଙ୍କ ପାଇଁ ସତ୍ୟ ଉତ୍ତମ କାର୍ଯ୍ୟ ପୁଣି ଜରୁରୀକାଳୀନ ରୋଗୀ ପାଖେ କରି ପାରୁଥିଲା । କିଛି ଦିନ ପରେ ସତ୍ୟ ଯେଉଁ ସୁଶ୍ରୀ ମ୍ୟାମ୍ ଙ୍କ ପାଖରୁ ଗାଳି ଶୁଣିଥିଲେ, ଯେଉଁ ରୋଜାଲିନ ମ୍ୟାମ୍ ଆରମ୍ଭରୁ ସତ୍ୟକୁ ଭାବୁଥିଲେ ଠିକ୍ ସେ କାର୍ଯ୍ୟ ଶିଖିନାହିଁ ବୋଲି, ଆଜି ତାଙ୍କର ମଧ୍ୟ ସତ୍ୟ ବିଶ୍ୱାସର ପାତ୍ର ବନିଥିଲେ ।

ସର୍ବଶେଷରେ ସତ୍ୟ ଆସିଥିଲା ସୁଶାନ୍ତି ମ୍ୟାମ୍ ଙ୍କ ଅନୁସାରେ । ସେ ଖାଲି ପ୍ରଶିକ୍ଷକ ନ ଥିଲେ । ଜଣେ ଆଦର୍ଶବାଦୀ ଥିଲେ । ବେଳେ ବେଳେ ତାଙ୍କ ଭଲ ପାଇବା ପିଲା ମାନଙ୍କୁ ଜଣେ ମା ରୂପରେ ଦେଖିବାକୁ ମିଳେ । ଏମିତି ବି କିଛି ଖାଦ୍ୟ ( ଭୋଗ ହେଉ କି ପିଠା ଏବଂ ମିଠା) ନିଜ ହାତରେ ସବୁ ପିଲାଙ୍କୁ ଖୁଆଇ ଦିଅନ୍ତି । ସେ ସେଠି ମୁଖ୍ୟ ପ୍ରଶିକ୍ଷକ ଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏମିତି ସୁନ୍ଦର୍ ଭାବରେ ସତ୍ୟ ପ୍ରଶିକ୍ଷଣ ସାରି ଶେଷରେ ପରିଚାଳନା ମୁଖ୍ୟ ପାଲ୍ ସାରଙ୍କୁ ବି ସତ୍ୟ ଛାଡ଼ି ନଥିଲା । ତାଙ୍କର ସବୁ କଥାକୁ ଏମିତି ପ୍ରଭାବିତ କରିଥିଲା ଶେଷରେ ପାଲ୍ ସାର୍ ମଧ୍ୟ ସତ୍ୟକୁ କହିଥିଲେ.. ତୁମ ପାଇଁ ମୁଁ ଅଛି...।

ବାସ୍ ଏହି ସବୁ ସାର୍ ଆଉ ମ୍ୟାମ୍ ଯେଉଁଠାରେ ଥିବେ ସେଠି ଡାକ୍ତରଖାନା କଣ ପୁରା ରାଜ୍ୟ ବଦଳିବାକୁ ବାଧ୍ୟ ହେବ । ସମାଜରେ ବହୁତ୍ ଶିକ୍ଷକ ବହୁତ୍ ପ୍ରକାରର ଅଛନ୍ତି କିନ୍ତୁ ଦକ୍ଷିଣା ନିଅନ୍ତି ହେଲେ ଏଠି ବିନା ଦକ୍ଷିଣାରେ ସବୁ ଶିକ୍ଷା ମିଳେ । କଥାରେ ଅଛି ବିନା ଦକ୍ଷିଣାରେ ଶିକ୍ଷା ଅସମ୍ପୂର୍ଣ୍ଣ ତା ବଦଳରେ କଣ ଟିକେ ଭଲ ପାଇବା ସାହାଯ୍ୟ ଦକ୍ଷିଣା ଭାବରେ ଦେଇ ହେବନି । ଏ ଥିଲା ପ୍ରସିଦ୍ଧ କାଶୀ ବିଶ୍ୱନାଥ ମୁଖ୍ୟ ଡାକ୍ତରଖାନାର ଚେହେରା ।

ସତ୍ୟର ଏ ସଂଗ୍ରାମମୟ ଜୀବନ ଆରମ୍ଭ ହୋଇଥିଲା ଗୋଟେ ଯନ୍ତ୍ରଣାରୁ ଶେଷ ହୋଇଥିଲା ଖୁସିରେ ତରଙ୍ଗରେ । ଅନୁଭୂତିର ଶିକ୍ଷ୍ୟା ଦେଇଥିଲା.... ଯଦି ରାସ୍ତା କୁହୁଡ଼ିରେ ଆବଦ୍ଧ ଅଛି ଦେଖାଯାଉ ନାହିଁ, ତାହାହେଲେ ଧୈର୍ଯ୍ୟର ସହ କୁହୁଡ଼ି ଭିତରେ ପାଦ ପକାନ୍ତୁ ଆଉ ଦେଖିବେ ଧୀରେ ଧୀରେ ରାସ୍ତା ଖୋଲିବ ଆଗକୁ ପାଦ ବଢ଼ିବାକୁ.. ବାସ୍ ଧୈର୍ଯ୍ୟ ରଖିବାକୁ ପଡିବ ବନ୍ଧୁ...।

ଅଥୟ ସାଗର ମୁଁ ଯେ ଅଜଣା ନାଉରୀ,

ଚତୁର୍ଦ୍ଦିଗ ଘନ ଅନ୍ଧକାର..।

ମହା ପ୍ରଭୁ ନାମେ କାତ ଅହୁଲାଇ..।

ଲଂଘିବି ସାତ ସମୁଦ୍ର..।

ସହିଦ୍ ଇରମ ବାସୁଦେବପୁର, ଭଦ୍ରକ

ମୋ -୯୮୫୩୫୫୬୩୦୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋତେ ଭୁଲି ଯିବନି ତ

ମଧୁସ୍ମିତା ସାହୁ



ବହୁତ ପୂର୍ବର କଥା । ଦାସ ବ୍ରାହ୍ମଣ ଘରର ସତ ଘଟଣା । ବାପାମା'ଙ୍କର ତିନୋଟି ସନ୍ତାନ ଥିଲା । ବାପାଙ୍କର ଦେହାନ୍ତ ପରେ ବିଧବା ମାଁ ତିନୋଟି ପିଲାମାନଙ୍କ ରକ୍ଷଣାବେକ୍ଷଣ ବହୁତ କଷ୍ଟରେ କରୁଥାଏ । ବଡ଼ଝିଅ ରୀନା କଲେଜ ପଢ଼ା ବେଳେ ଅନ୍ୟ ସହରକୁ ଯିବା ଆସିବା କରୁଥାଏ । ଭାରୀ ସାଦାସିଧା ଓ ସରଳ ଝିଅଟି । ଦିନକର କଥା କଲେଜରେ ପଢୁଥିବା ବେଳେ ରବି ରୀନାକୁ ପ୍ରେମ ପ୍ରସ୍ତାବ ଦେଇଥିଲା । ସେଦିନ କଲେଜରେ ସିନା ମନା କରିଦେଲା ହେଲେ ପରବର୍ତ୍ତୀ ମୁହୂର୍ତ୍ତରେ ସେ ଛଦ୍ମବେଶୀ ହୋଇ ଆସି ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ଆସି ଛଳନା ଭାବରେ ପୁଣି ଥରେ ବିବାହ ପ୍ରସ୍ତାବ ଦେଇଥିଲା । ତାକୁ ପ୍ରତ୍ୟାଖାନ କରିବାରୁ ବିଭିନ୍ନ ପ୍ରକାର ଅଭିନୟ କରି ମନକୁ କିଣି ଦେଲା । ଉଭୟଙ୍କ ପରିବାର ବର୍ଗ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବାପରେ ବାହାଘର ନିଷ୍ପତ୍ତି  ନେଲେ । ହେଲେ ଯୌତୁକ କଥା ନେଇ ବାଦବିବାଦ ସୃଷ୍ଟି ହେବାରୁ ଉଭୟ ପରିବାର ମନାନ୍ତର ଓ ମତାନ୍ତର ଦେଖାଗଲା ।

ଏସବୁ ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟାର ଫଳ ସ୍ୱରୂପ ସେମାନେ ଉଭୟ ଲୁଚି ପଳାଇବା ସହ ମନ୍ଦିରରେ ବାହାହେବା ପାଇଁ ସ୍ଥିର କଲେ । ରବି ନିଜ ଚକ୍ରାନ୍ତର ଜାଲ ବିଛାଇ ବିଭିନ୍ନ ଅଭିନୟ କରୁଥିଲା । ଶାନ୍ତ ସରଳ ବିଶ୍ୱାସୀ ଓ ନିଷ୍କପଟ ରୀନା ପରି ଝିଅକୁ ଏପରି ମିଛ କହି ଫାଙ୍କି ଚାଲିଲା ଓ ଶେଷକୁ ବିଷ ଖାଇ ମରିବାକୁ ବାଧ୍ୟ କଲା । ସେ ବିଷ ଖାଇବା ମିଛ ଅଭିନୟ କରି ରୀନାକୁ ମରଣ ମୁହଁକୁ ଠେଲି ଦେଇଛି । ଶେଷରେ ରୀନା ଆରପାରିକୁ ଚାଲିଗଲା ଓ ସଂପୂର୍ଣ୍ଣ ସତକଥା ପ୍ରମାଣିତ ହୋଇଯିବା ପରେ ରବିକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପୋଲିସ ବାନ୍ଧି ନେଲା । ଜୋରିମାନା ଓ ଜେଲଦଣ୍ଡ ଭୋଗିବାକୁ ପଡ଼ିଛି । ରୀନା ଆତ୍ମହତ୍ୟା କରି ମୁକ୍ତିର ଅବଶୋଷରେ ଘୁରି ବୁଲୁଛି । ତାର ପ୍ରିୟଜନ, ଭଗ୍ନୀ, ମାଁ ଓ ପ୍ରିୟ ମିତ୍ରକୁ ବାରମ୍ବାର ସ୍ୱପ୍ନରେ ଆସି କହୁଛି "ମୋତେ ଭୁଲି ଯିବନି ତ", "ମୋତେ ଭୁଲି ଯିବନି ତ", ମୋ ମୁକ୍ତିଲାଭ ପାଇଁ ଠାକୁରଙ୍କ ସମ୍ମୁଖରେ ପ୍ରାର୍ଥନା କର ଓ ମୋତେ ମୁକ୍ତି ଦେବାରେ ସାହାଯ୍ୟ କର ।

ସବୁଦିନ ସ୍ୱପ୍ନରେ ଆସି ଲୁହଭିଜା ନୟନରେ ଏତିକି କହି ଭୋ ଭୋ କାନ୍ଦୁଥାଏ । ଆତ୍ମହତ୍ୟା ଏକ ଜଘନ୍ୟରୁ ଜଘନ୍ୟତର ଅପରାଧ ହେବା ସତ୍ୱେ ବହୁତ ମନୁଷ୍ୟ ନିଜ ବହୁମୂଲ୍ୟ ସୁନ୍ଦର ଜୀବନକୁ ଆତ୍ମହତ୍ୟାର ଦାହରେ ବିସର୍ଜନ କରୁଛନ୍ତି । ଦୁରାବସ୍ଥା ସମୟରେ ସମ୍ଭାଳିବା, ଧୈର୍ଯ୍ୟ ଓ ସାହାସ, ମନୋବଳ ବଢାଇବା ଉଚିତ । ନିଜ ମନର କଥା କାହାକୁ କହିଦେବା ଉଚିତ୍ । ବାରମ୍ବାର କହୁଥାଏ "ମୋତେ ଭୁଲି ଯିବନି ତ" ଏହି କରୁଣ ଚିତ୍କାର ଆଜି ବି କାନ ଭିତରେ ଗୁଞ୍ଜରିତ ହେଉଛି ।

ବ୍ରହ୍ମା ନଗର ପ୍ରଥମ ଗଳି, ବ୍ରହ୍ମପୁର
ଜିଲ୍ଲା-ଗଞ୍ଜାମ, ଓଡ଼ିଶା
ଆମ କଲମ ପରିବାର
ମୋ–୯୩୪୮୨୮୫୪୧୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ହାଇଟେକ୍ ବୃଦ୍ଧାଶ୍ରମ

ନିତ୍ୟ ରଞ୍ଜନ ନନ୍ଦ



ବାଥରୁମ ସଫା ହେଇନି ବୋଧେ ଅନେକ ଦିନରୁ । ଶିଉଳି ଉପରେ ଗୋଡଖସିବା ଆଗରୁ ସତ୍ୟଜିତ ବାବୁ ନିଜକୁ ନିୟନ୍ତ୍ରଣ କରିନେଲେ । ବାଲକୋନୀକୁ ଆସି ବସିଲେ ସେ । କଦଳୀ ପତ୍ର ପରି ଥରୁଥିଲା ତାଙ୍କ ଦେହଟା । ଟ୍ରିପ୍ଲେକ୍ସ ଘର, ଲିଫ୍ଟ ବି ଲାଗିଛି । ଉପରେ ଏକା ରହନ୍ତି ସତ୍ୟଜିତ ବାବୁ । ତଳ ଦୁଇଟା ମହଲା ଭୁତ-କୋଠି ପରି ଖାଲି ପଡିଛି । କ'ଣ ଅଭାବ ଯେ, ଘର ଭଡାରେ ଲଗେଇବେ । ନିଜ କାମ ନିଜେ କରନ୍ତି ଏଇ ବୟସରେ ।

ସ୍ତ୍ରୀ ଯିବା ପରେ ଆଉ ଭଲ ଲାଗୁନି । ନିଃସଙ୍ଗତାର ପରିଭାଷା ହିଁ ଅଲଗା । ଅବଶିଷ୍ଟ ଜୀବନକୁ ଏକା ଏକା କାଟିବା ଗୋଟାଏ କଳା ନୁହେଁ; ବରଂ ଅଭିଶାପର କିଛି ଗୋଟେ ଦହନୀୟ ମୁହୂର୍ତ୍ତ ପରି ଲାଗେ; ବେଶ୍ ବୁଝି ସାରିଲେଣି ସତ୍ୟଜିତ ବାବୁ ।

କଲେକ୍ଟର ଥିଲେ ସେ । ଏଇ ଘରଟି ବନେଇଥିଲେ ସତ୍ୟଜିତ ବାବୁ ଯୁବାବସ୍ଥାରେ, ବିବାହ ପୂର୍ବରୁ । ଘର ତୋଳିବା ଆଗରୁ ଅନେକ କଥା ଭାବିଥିବେ ନିଶ୍ଚୟ । ପୁଅ ଝିଅଙ୍କ ସାଥିରେ ସୁଖର ଏକ ସଂସାର ସେ ଗଢିବେ ଏଇ ଘର ଭିତରେ । ହେଲା କିନ୍ତୁ ଓଲଟା । ସେମାନଙ୍କ ଭାଗ୍ୟରେ ଛୁଆପିଲା ନ ଥିଲା । ଏତେ ବଡ ଘର, ସାରା ଜୀବନ ସେ ବିତେଇଲେ ସ୍ତ୍ରୀ ପ୍ରତିଭାଙ୍କ ସହିତ । ଭାରି ଭଲ ପାଉଥିଲେ ସେ ପ୍ରତିଭାଙ୍କୁ । ସେ ବି ହାତ ଛାଡି ଚାଲିଗଲେ ଅଚାନକ । ସମ୍ପତ୍ତି ଆଉ ବଞ୍ଚି ରହିବାର ଇଚ୍ଛା ଭିତରେ ସମୀକରଣ ବିଗିଡି ଯାଉଥିଲା ଧୀରେ ଧୀରେ । ଏତେ ଗୁଡ଼ାଏ ସମ୍ପତ୍ତିକୁ ନେଇ ଗର୍ବର ଅଜଗର ସାପ ସମୟର କଣ୍ଟା ବାଡ଼ରେ ଛନ୍ଦି ହେଇ ପଡିଛି । ଏକ ନିର୍ଦ୍ଦିଷ୍ଟ ମାଇଲ ଖୁଣ୍ଟ ଅତିକ୍ରମ କରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯିବା ପରେ ଭାରି ଉଦାସ ଲାଗେ, ଅନାବଶ୍ୟକ ଲାଗେ ହାତ ମୁଠାରେ ଥିବା ସମ୍ପତ୍ତି ସବୁ ।

ବାଥରୁମରେ ପଡ଼ିଯାଇଥିଲେ, କ'ଣ ହେଇଥାନ୍ତା କେଜାଣି । ପଡିଗଲେ ମୃତ୍ୟୁ ସୁନିଶ୍ଚିତ, ତାଙ୍କ ଦେହଟା ପୁଣି ଥରେ ଶିହରି ଉଠିଲା । ପଡିଯାଇ ହାତ ଗୋଡ ଭାଙ୍ଗି ଯାଇଥିଲେ, ଆହୁରି କଷ୍ଟ ହେଇଥାନ୍ତା । ନା ବୁଝାଶୁଝା କରିବା ପାଇଁ ପ୍ରତିଭା ଅଛନ୍ତି ପାଖରେ, ନା ଝିଅଟିଏ ଅଛି ଯେ ଖବର ପାଇ ଦଉଡି ଆସନ୍ତା ! ! ! ଭଙ୍ଗା, ପରିତ୍ୟକ୍ତ ପାଚେରୀ ଉପରେ ଦୁଇଟି ଗୁଣ୍ଡୁଚି ମୂଷାର ଖେଳ ଦେଖି ଅନ୍ୟମନସ୍କ ହୋଇଗଲେ ସତ୍ୟଜିତ ବାବୁ । ହାଲୁକା ବର୍ଷାରେ ଭିଜିଗଲେ ସେମାନେ, ମନ ଖୁସିରେ କାନ୍ଥର ଗୋଟେ ଦିଗରୁ ଅନ୍ୟ ଦିଗ ପର୍ଯ୍ୟନ୍ତ ଦୌଡୁଥିଲେ ଦୁଇଟି ଗୁଣ୍ଡୁଚି ମୂଷା । ସର୍ତ୍ତହୀନ ପ୍ରେମରେ ମଜା ହିଁ ଅଲଗା । ଜୀବନଟା ଥର ମରୁଭୂମି ପରି ଲମ୍ବା ଲାଗିଲେ ବି, ସତରେ ଏତେ ଲମ୍ବା ନୁହେଁ; ଠିକ୍ ଏଇ ପାଚେରୀର ଦୈର୍ଘ୍ୟ ପରି.... ଆରମ୍ଭ ହୋଇ ହଠାତ୍ ସରିଯାଏ । ଜୀବନକୁ ଠିକ୍ ଭାବେ ଜୀଇଁ ପାରିଲେ ହିଁ ସାର୍ଥକତା, ବାସ୍ ।

ବର୍ଷା ଛାଡି ଯାଇଥାଏ । ନିଃସଙ୍ଗ ଜୀବନର ଗୋଟାଏ ପୃଷ୍ଠା ଓଲଟିଗଲା ଯେମିତି । ନୂଆ ପୃଷ୍ଠାଟିଏ ଆଖି ଆଗରେ । ନୂଆ ନୂଆ ଚିନ୍ତା, ଦୁଶ୍ଚିନ୍ତା ମନ ସମୁଦ୍ରକୁ ଅଶାନ୍ତ କରୁଥା'ନ୍ତି, ଯେମିତି ଘୂର୍ଣ୍ଣିଝଡ ମାଡି ଆସିବ ।

"ପୁତୁରା ଶଶାଙ୍କ ନାଆଁରେ ଘରଟା କରିଦେବି ନା କଲୋନୀରେ ଥିବା ଭଗବତୀ ମନ୍ଦିର ନାଆଁରେ କରିବି, କିଛି ବୁଝି ପାରୁନି ।"

ପ୍ରତିଭାଙ୍କ ମୃତ୍ୟୁ ପରଠୁ କାହିଁକି କେଜାଣି ଶଶାଙ୍କ ପ୍ରତିଦିନ ଥରେ କଥା ହୁଏ, "ମୁଁ ଅଛି ପରା, କିଛି ଅସୁବିଧା ହେବନି", କହି ସହାନୁଭୂତି ପ୍ରକାଶ କରେ । ଚାଳିଶ ବର୍ଷ ହେଲା ଦେଖା-ସାକ୍ଷାତ୍ ନ ଥିଲା । ଏଇ କେତେ ଦିନ ହେଲା ଗୁଡ-ମର୍ଣ୍ଣିଂ ନ ଲେଖିଲେ, ତା ଖାଇବା ହଜମ ହୁଏନି । କ'ଣ କରିବି, କାହାକୁ ଦାନ କରିବି ଏତେ ସମ୍ପତ୍ତି ସବୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅପାତ୍ରରେ ଦାନ ହେଇ ଯିବନି ତ !!

"ସହରର ଜଣେ ନାମି ବିଲଡର ଆସି ଜାଗାଟିକୁ କିଣିବା ପାଇଁ ଲୋଭନୀୟ ସର୍ତ୍ତ ରଖିଛି । ଏତେ ପଇସା ପୁଣି ମୁଁ କାହାକୁ ଦେବି, ମୁଣ୍ଡ କାମ କରୁନି ।"

"ତହସିଲଦାର ନଟ ବାବୁ । ସାଥିରେ ଆମେ ପଢିଥିଲୁ ବି.ଏ. ପର୍ଯ୍ୟନ୍ତ । ମୁଁ କଲେକ୍ଟର ହେଲି, ଅହଙ୍କାର ଭରି ହେଇଗଲା ମୋ ଭିତରେ । ସର୍ବ-ସମକ୍ଷରେ ତହସିଲଦାର ନଟ ବାବୁଙ୍କୁ ମୋର ସାଙ୍ଗ ବୋଲି ପରିଚୟ ଦେବାକୁ ଚାହୁଁ ନଥିଲି । ମୁଁ କୃଷି ସେକ୍ରେଟାରୀ ଭାବେ ଅବସର ନେଲା ବେଳକୁ ନଟ ବାବୁ କଳାହାଣ୍ଡିର ସବ କଲେକ୍ଟର ଥିଲେ । ସେଇଠି ସେ ଅବସର ଗ୍ରହଣ କରିଥିଲେ । ଆମ ଘରକୁ ଲାଗି ତାଙ୍କ ଘର । ତାଙ୍କ ଘରଟା ଛୋଟ ହେଲେ ବି, ଆଉ ମୋ ଭିତରେ ସେମିତି ଅହଙ୍କାର ନାହିଁ । *ଅବସର ପରେ ଆଖିର ଶକ୍ତି କ୍ଷୀଣ ହେଇଯାଏ, ପିନ୍ଧା ଚଷମାର ପ୍ରବଳତା କମିଯାଏ ବୋଧେ, ସମସ୍ତେ ସମାନ ଲାଗନ୍ତି ।* ନଟ ବାବୁ ଓ ମୋ ଭିତରେ ଥିବା ପାର୍ଥକ୍ୟକୁ ମୁଁ ଆଉ ଦେଖି ପାରୁନି । ସମସ୍ତେ ଆମେ ଅସହାୟ ସେତେବେଳେ ।

ଆଜି କାଲି ଭାରି ମିଶନ୍ତି ସେ ମୋ ସହିତ । ମୋର ଛୁଆ ପିଲା ନଥାଇ ମୁଁ ଏକୁଟିଆ । ପୁଅ ଝିଅ ଆମେରିକାରେ ଥାଇ  ବି ନଟ ବାବୁ ଏକା ରହନ୍ତି । ପ୍ରତି ରବିବାର ସଞ୍ଜ ବେଳେ ଗରମ ଗରମ କଫି ପିଇବାକୁ ଡାକନ୍ତି ନଟ ବାବୁ । ଭାରି ଶ୍ରଦ୍ଧା କରନ୍ତି, ନିଃସ୍ୱାର୍ଥପର ଭାବେ ।"

ବେଳେ ବେଳେ ଇଚ୍ଛା ହୁଏ ନଟ ବାବୁଙ୍କୁ ଘର ଦେଇ କହିବି, "ଭାଇ ମୋ ଅନ୍ତେ ଆମ ଘର କଥା ତମେ ବୁଝିବ  ".....

ହଠାତ୍ ଘଡଘଡି ମାରିଲା ଆକାଶରେ । ସତ୍ୟଜିତ୍ ବାବୁ ଅନେଇଲେ ଆକାଶ ଆଡକୁ । ଝଡି ପୋକ ଦଳଟି କଉଠି ଥିଲେ କେଜାଣି ବାରଣ୍ଡା ସାରା ଭରି ଗଲେ । ବାଧ୍ୟ ହୋଇ କବାଟ ବନ୍ଦ କରି ଭିତରକୁ ଆସିଲେ ସତ୍ୟଜିତ୍ ବାବୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତା ପରଦିନଠୁ ଘର ମରାମତି କାର୍ଯ୍ୟକ୍ରମ ଆରମ୍ଭ ହୋଇ ଯାଇଥାଏ । ଗ୍ରାନାଇଟ୍, ମାର୍ବଲ ଗାଡି ସବୁ ଲାଗିଲା ତାଙ୍କ ଘର ଆଗରେ । ଶାଗୁଆନ କାଠର ଚେୟାର, ଟେବୁଲ୍, ଖଟ ଆସି ପହଞ୍ଚିଲା । ପ୍ରତି ବାରଣ୍ଡାରେ ସୋଫା ଓ ଟି ପୟ । ହିଣ୍ଡୱେର କମ୍ପାନୀର ଗାଡି ଆସି ବେସିନ, କମୋଡ, ସାୱାର, ଗିଜର ଓହ୍ଲେଇ ଦେଇଗଲା ତାଙ୍କ ଘର ଆଗରେ ।

ଗାଆଁ ଲୋକେ ଫୁସ୍ ଫାସ ହେଲେ : "ମଣିଷର ଲୋଭ ଦେଖ । ଆଉ କେତେ ଦିନ ବଞ୍ଚିବେ ଯେ, ସତ୍ୟଜିତ ବାବୁ ଘର ମରାମତି କରୁଛନ୍ତି, କାହାପାଇଁ କେଜାଣି !! ଏଇ ବୟସରେ ଧର୍ମ କର୍ମ କରିବା କଥା, କି ଯୁଗ ହେଲା କେଜାଣି !!!

ସହରରୁ ବାହାରୁଥିବା ଆଞ୍ଚଳିକ ଖବର କାଗଜରେ କିଏ ଜଣେ ବ୍ଲଗ୍ ଲେଖିଛି ସତ୍ୟଜିତ୍ ବାବୁଙ୍କ ବାବଦରେ । ଘୋର ନିନ୍ଦା, ଅପବାଦ କଥା । ଜଣେ ଅବସର ପ୍ରାପ୍ତ ଲୋଭୀ ଆଇ.ଏ.ଏସ୍ ଅଫିସରଙ୍କ କଥା । ଅଶି ବର୍ଷ ବୟସରେ ମଧ୍ୟ ବଞ୍ଚିବାର ଲୋଭ । ସତ୍ୟଜିତ ବାବୁଙ୍କର ସେମିତି କିଛି ପ୍ରତିକ୍ରିୟା ନ ଥିଲା, ନା କୋର୍ଟ କଚେରୀ ଯିବାକୁ ବଳ ବୟସ ଅଛି ।

ମାସେ ଭିତରେ ଘର ଆଗରେ ଗାଲିଚା ତିଆରି ହେଇ ପ୍ରସ୍ତୁତ । ଅଧା ଏକରରୁ ଅଧିକ ହେବ ଘାସ ଗାଲିଚାଟି । ଚାରି ପାଞ୍ଚୋଟି ରବର୍ ଗଛ ଶୋଭା ବର୍ଦ୍ଧନ କରୁଛି । ଗୋଲାପ, ରଜନୀଗନ୍ଧା, ପର୍ତ୍ତୁଲାକା, ରଙ୍ଗଣୀ, ସେବତୀ, ମଲ୍ଲି-ଫୁଲ ଗଛରେ ସୁ-ସଜ୍ଜିତ ଘର ଆଗରେ ଥିବା ଉଦ୍ୟାନଟି । ଦୁଇ ତିନୋଟି ଦୋଳି ସହିତ ନାନା ରକମର ଜିମ୍-ସରଞ୍ଜାମ ପାଚେରୀ ଧାରେ ଧାରେ ।

କଲୋନୀ ଲୋକେ ଘର ଆଡେ ଅନେଇ ମୁଚୁକି ହସା ଦିଅନ୍ତି । ଭାବନ୍ତି : ମଶାଣି ପାଖ ହେଇ ବି, ମଣିଷ ସ୍ୱପ୍ନ ଦେଖେ । ସତ୍ୟବ୍ରତ ବାବୁଙ୍କ ଅଦ୍ଭୁତ ଏଇ ପରିକଳ୍ପନା ନେଇ ଇ.ଡି/ସି.ବି.ଆଇ. ସ୍ତରରେ ହଲଚଲ ସୃଷ୍ଟି ହେଇଛି । ଅବସରପ୍ରାପ୍ତ ଆଇ.ଏ.ଏସ୍ ଅଫିସରଙ୍କ ଘର ମରାମତି ପାଇଁ ପଇସା ଆସୁଛି କୋଉଠୁ ??

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସକାଳର ସୂର୍ଯ୍ୟ କିରଣ ଖେଳୁଛି ସତ୍ୟଜିତ୍ ବାବୁଙ୍କ ଅଗଣାରେ । ଘର ରୂପରେଖ ସମ୍ପୂର୍ଣ୍ଣ ବଦଳି ଯାଇଛି । ବଡ ଫ୍ଲେକ୍ସ ବୋର୍ଡ ଲାଗିଛି ଘର ଆଗରେ । 'ପ୍ରତିଭା ବୃଦ୍ଧାଶ୍ରମ ; ପଚାଶ ବେଡ ବିଶିଷ୍ଟ ବୃଦ୍ଧା ଶ୍ରମଟି । ପଞ୍ଜିକରଣ ଆରମ୍ଭ ହେବ ଆସନ୍ତାକାଲି ସକାଳ ଆଠଟାରୁ । 'ପ୍ରଥମେ ଆସ, ପ୍ରଥମେ ପାଅ', ଆଧାରରେ ବଣ୍ଟନ ହେବ ବେଡ ଗୁଡିକ ।

ସମସ୍ତେ ସ୍ତବ୍ଧ । କାହା ମୁହଁରେ ଆଉ ଭାଷା ନାହିଁ । ଲମ୍ବା ଧାଡି.. ସତ୍ୟଜିତ୍ ବାବୁ ନିଜେ ଛିଡା ହୋଇଛନ୍ତି ଧାଡ଼ିରେ । ପଛରେ ନଟ ବାବୁ ।

ସାମ୍ବାଦିକ ମାନେ ପଚାରିଲେ : "ପଚାଶ ଖଟ ବିଶିଷ୍ଟ ଏଇ ବୃଦ୍ଧାଶ୍ରମରେ ଷାଠିଏ ଜଣ ବୟସ୍କ ଲୋକଙ୍କୁ କେମିତି ଜାଗା ଦେବେ ?"

ହଁ, ମୁଁ କିଛି କହିବାକୁ ଚାହୁଁଛି । ପ୍ରତି ଘରେ ବୟସ୍କମାନେ ଗୋଟେ ଅଦ୍ଭୁତ ଘର ସନ୍ଧାନରେ ଥାଆନ୍ତି ବୋଧେ, ଯେଉଁଠି ଖୁସି ମିଳିବ । ଦେଖୁ ନାହାନ୍ତି, ଗତ କାଲି ଆମେ ପଞ୍ଜିକରଣ ପାଇଁ ବୋର୍ଡ ଲଗେଇଥିଲୁ । ଆଜି ପ୍ରାୟ ଷାଠିଏ ଜଣ ବୟସ୍କ ଲୋକ ଧାଡ଼ିରେ ଛିଡା ହୋଇଛନ୍ତି । ଏଥିରୁ ସ୍ପଷ୍ଟ ଅନୁମାନ କରିହୁଏ ଯେ, ନିର୍ଦ୍ଦିଷ୍ଟ ସମୟ ସୀମା ଅତିକ୍ରମ କରିଯିବା ପରେ, ଜଣେ ବୟସ୍କ ବ୍ୟକ୍ତି ଏମିତି ଗୋଟାଏ ପରିବେଶ ଭିତରେ ଛନ୍ଦି ଯିବାକୁ ଚାହେଁ; ଯେଉଁଠି ସ୍ନେହ, ଶ୍ରଦ୍ଧା ବେଶି ନଥିଲେ ବି, ଛଳନା ଓ ଘୃଣାର ଶିକାର ହେବାକୁ ପଡେନି, ଯେଉଁଠି ଜୀବନ ପ୍ରତି ଆକର୍ଷଣ  ବଢି ବଢ଼ି ଚାଲେ ।

ଏଇଠି ପଞ୍ଜିକରଣ କରିଥିବା ପ୍ରାୟ ଅଧାରୁ ଅଧିକ ବୟସ୍କ ଲୋକଙ୍କ ପୁଅ, ବୋହୂ ସାଥିରେ ରହନ୍ତି ।

"ହଁ, ଅଧିକ ଦଶ ଜଣଙ୍କ ପାଇଁ ହୃଦୟରେ ଜାଗା ଅଛି । ହୃଦୟରେ ଜାଗା ଅଛି ଯେତେବେଳେ, କିଛି ନା କିଛି ଉପାୟ ବାହାରି ଆସିବ ।"

ନଟ ବାବୁ ମାଇକ୍ ଛଡେଇ ନେଇ କହିଲେ, "ପାଖକୁ ଲାଗି ଆମ ଘରଟା ଅଛି ପରା । ସେଠି ବ୍ୟବସ୍ଥା ହେଇଯିବ ।"

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସତ୍ୟବ୍ରତ ବାବୁ କୋଳେଇ ନେଲେ ନଟ ବାବୁଙ୍କୁ ।

ଦୁଇ ଦିନ ପରେ, ଚଳଚଞ୍ଚଳ ଲାଗୁଥିଲା ଘର ଦୁଇଟି । କେତେ ବର୍ଷ ଧରି ଜୀବନ ନ ଥିବା ଘର ଆଜି ଜୀବନ ପାଇଛି । ଭଜନ କୀର୍ତ୍ତନ ଶବ୍ଦ ଭିତରେ ରୋଷେଇ ଘରୁ ବାସନ କୁସନର ଶବ୍ଦ ସହିତ ଚା'ର ବାସ୍ନା ବିମୋହିତ କରୁଥିଲା ପରିବେଶକୁ ।

ସତ୍ୟଜିତ୍ ବାବୁ ଆଉ ଏକା ନୁହନ୍ତି, ସାଙ୍ଗ ଗହଣରେ ହଜେଇ ଦେଇଛନ୍ତି ସେ ନିଜକୁ । ଆଗରେ ରାସ୍ତା ନ ଥିଲେ କଣ ହେଲା, ରାସ୍ତା ବନେଇ ବନେଇ ଯିବାକୁ ହୁଏ, ବାସ୍ ।

ସେ ଆଜି ଅବସରପ୍ରାପ୍ତ ଆଇ.ଏ.ଏସ୍ ଅଫିସର ନୁହନ୍ତି; ବୃଦ୍ଧାଶ୍ରମରେ ଜଣେ ସାଧାରଣ ସଦସ୍ୟ । ଗୋଟାଏ ବେଡ୍ ହିଁ ତାଙ୍କ ସମ୍ପତ୍ତି ।

ଖଟ ପାଖରେ ଲାଗିଥିବା ପ୍ରତିଭାଙ୍କ ଫଟୋକୁ ଅନେଇ ମନେ ମନେ କହୁଥିଲେ, "ଦେଖ ପ୍ରତିଭା ! ତମେ ଥିଲେ ଆଉ ଟିକେ ଅଧିକ ଭଲ ଲାଗୁ ଥାଆନ୍ତା ପରିବେଶଟା । ତମେ ସ୍ୱର୍ଗରେ ଭଲରେ ଥାଅ, ମୁଁ ବେଶ୍ ଖୁସିରେ ଅଛି । ଆମେ ପରସ୍ପରଙ୍କ କଥା ବୁଝୁଛୁ, ବାଥ୍-ରୁମରେ ପଡିଗଲେ ବି, ଆଉ ଭୟ ନାହିଁ, କେହି ଜଣେ ନିଶ୍ଚୟ ହାତ ଧରି ଉଠେଇ ଆଣିବେ ।"

"ଜାଣିଛ ନା ଠିକ୍ ତମ ଭଳି ଜଣେ ବୟସ୍କ ଭଦ୍ର ମହିଳା ଆସିଛନ୍ତି ଆମର ଏଇ ବୃଦ୍ଧାଶ୍ରମକୁ, ତାଙ୍କ ଓଠ ଉପରେ ବି ଠିକ୍ ତମ ପରି; ତିଳ ଚିହ୍ନଟିଏ ରହିଛି ।"

ପଞ୍ଜିକରଣ ବେଳେ ମୋତେ ଦେଖି ସେ ହସିଦେଲେ । ଆଗକୁ ଯାଇ ସେ ଯଦି ମୋ ଯତ୍ନ ନିଅନ୍ତି....ଭାବିବି, ତମେ ଆଉଥରେ ତାଙ୍କ ଭିତରେ ପଶି ଆସିଛ।"

ଆଖିରୁ ଦୁଇ ଟୋପା ଆନନ୍ଦାଶ୍ରୁ ବୋହି ଆସିଲା...

ଡ଼ି ଏଲ ଏ -୧୨, ବୀର ସୁରେନ୍ଦ୍ର ସାଏ ନଗର, ଭୁବନେଶ୍ୱର

ମୋ -୯୪୩୭୦୧୭୮୪୨୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନିଜ ଭାଗର ଦୁଃଖ

ଶୁଭ ପଧାନ



ଉତ୍ସାହ, ଉଦ୍ଦୀପନା ଓ ଉତ୍କଣ୍ଠାର ସହ ଦଶମ ଶ୍ରେଣୀର ପରୀକ୍ଷା ଫଳକୁ ଅପେକ୍ଷା କରି ବସିଥିବା ପଞ୍ଚସଖା - ନରେନ୍ଦ୍ର, ମାନବୀ, ଜାହ୍ନବୀ, ପ୍ରଭୁ ଓ ଜଗତ୍ । ଗାଁ ଏକା, ସ୍କୁଲ୍ ଏକା, ଶ୍ରେଣୀ ଏକା । ପ୍ରତିଭା ଭିନ୍ନ, ଆଶା ଭିନ୍ନ, ଆକାଂକ୍ଷା ଭିନ୍ନ । ଶେଷରେ ସବୁ ପ୍ରତୀକ୍ଷାର ଅନ୍ତ ଘଟାଇ ପ୍ରକାଶିତ ହେଲା ଦଶମ ଶ୍ରେଣୀ ପରୀକ୍ଷାଫଳ । ଡିଜିଲକରରେ ସମସ୍ତେ ସନ୍ଧାନ କଲେ ନିଜ ନିଜର ଭାଗ୍ୟ ଓ କୃତିତ୍ୱ । ମାନବୀ ଫେଲ୍ । ଜାହ୍ନବୀ ଥାର୍ଡ୍ ଡିଭିଜନ୍ । ନରେନ୍ଦ୍ର ସେକେଣ୍ଡ । ପ୍ରଭୁର ବୟାନବେ ଶତକଡ଼ା । ଆଉ ମେଧାବୀ ଜଗତ୍ ଛୟାନବେ ପ୍ରତିଶତ ରଖି ଜଗତଜିତା । ଜିଲ୍ଲା ଟପର୍, ରାଜ୍ୟରେ ଟପ୍ ଟେନ୍ ତାଲିକାରେ ଅନ୍ୟତମ । ସତରେ ଏ କଣ ହେଲା ? ରିଜଲ୍ଟ ଏତେ ଓଲଟପାଲଟ କେମିତି ହେଲା । ଏଇୟା ହିଁ ସବୁ ପରୀକ୍ଷାର୍ଥୀଙ୍କ ଅନ୍ତରାତ୍ମାର ବିଳାପ । ସମସ୍ତଙ୍କ ମୁହଁରେ ନିରାଶା ଓ ଦୁଃଖର କଳାବାଦଲ ଘୋଟିଗଲା । ସତେ ଯେମିତି ଅନର୍ଥ ଘଟିଗଲା ।

ମାନବୀ ଏଇଥିପାଇଁ ଦୁଃଖିତ ଯେ ଜାହ୍ନବୀ ପାସ୍ ଓ ସେ ଫେଲ୍ । ଜାହ୍ନବୀର ଦୁଃଖର କାରଣ - ବିନା ଟ୍ୟୁସନରେ ନରେନ୍ଦ୍ର ସେକେଣ୍ଡ କ୍ଲାସ୍ ଓ ଦି ଦିଟା ଟ୍ୟୁସନ୍ ସତ୍ତ୍ୱେ ସେ ଥାର୍ଡ୍ ଡିଭିଜନ୍ । "କି ଅନର୍ଥ !" ଟ୍ୟୁସନରେ ଅଯଥା ପଇସା ଖର୍ଚ୍ଚ କରି କି ଲାଭ ? ନିରବରେ ନିଜକୁ ଧିକ୍କାର କରୁଥିଲା ଜାହ୍ନବୀ । ନରେନ୍ଦ୍ରର ମୁହଁ ଆମ୍ବିଳା । ତା'ର ହାୟର୍ ସେକେଣ୍ଡ କ୍ଲାସ କିନ୍ତୁ ତାର ବାଲ୍ୟବନ୍ଧୁ ପ୍ରଭୁର ହାୟର ଫାଷ୍ଟ କ୍ଲାସ୍ । ଭାଗ୍ୟର କି ପ୍ରତାରଣା । ପ୍ରଭୁ ଏ କି ଲୀଳା ତୁମର ମନେ ମନେ ଭାବି ହୁଏ ନରେନ୍ଦ୍ର । ବୟାନବେ ପ୍ରତିଶତ ମାର୍କ୍ ରଖି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉତ୍ତୀର୍ଣ୍ଣ ହେବା ସତ୍ତ୍ୱେ ବି ପ୍ରଭୁର ଶୁଖିଲା ଆମ୍ବ ଟାକୁଆ ଭଳି ବିକଟାଳ ମୁହଁ । ଜଗତର ଛୟାନବେ ପ୍ରତିଶତ । ତା ଦେହରେ ଯାଉନି ଜମା । ଆଉ ଜଗତ... ସତରେ ସେ ହତଭାଗା । ରିଜଲ୍ଟ ବାହାରିବାର କିଛି ଦିନ ଆଗରୁ ତା ମା କର୍କଟ ରୋଗରେ ପୀଡ଼ିତ ହୋଇ ଇହଧାମରୁ ଚାଲି ଯାଇଥାଆନ୍ତି । ଏ ସଫଳତାର ଘଡ଼ିସନ୍ଧି ମୁହୂର୍ତ୍ତରେ ତା'ର ମମତାମୟୀ ମାଆର ଅନୁପସ୍ଥିତି ଜଗତକୁ ରାମ୍ପୁଡ଼ି ଆମ୍ପୁଡ଼ି କାଇଲା ଘାଇଲା କରିବା ସ୍ୱାଭାବିକ । ଖୁସୀ ହେବାକୁ ଚାହିଁଲେ ବି ଖୁସି ହୋଇ ପାରୁନି ବିଚରା । ଈଶ୍ୱର ତାକୁ ସାହାସ ଦିଅ - ଶୁଭେଚ୍ଛୁ ମାନଙ୍କ ଅନ୍ତରାତ୍ମାର ପ୍ରାର୍ଥନା ।

ମୋଟାମୋଟି ଭାବରେ ଏଇୟା ହିଁ ଫଳାଫଳ ।

Listen to Odia Podcast Original at https://youtube.com/@drjyotiprasad

# କବିତା ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନୂଆ ଦୁନିଆ

ଶିବନାରାୟଣ ଦାସ



(୧)

ଆକାଶ ଯେଉଁଠି ଛୁଇଁଅଛି ଯାଇ ଦିଗନ୍ତ ପରିସୀମା
ବହଳ ଘାସର ସବୁଜ ପଡିଆ ଡେଇଁ,
ଚାଲ ଆମେ ଯିବା ସେଇ ଦୁରାନ୍ତ ଦେଶେ
ତାଳ, ନଡ଼ିଆର ଗହଳ ବାହୁଙ୍ଗା ଦୂରୁଁ ଦିଶୁଥିବ ଯହିଁ ।ର

ନିର୍ଜନ ସେଇ ନିରୋଳା ଭୁଇଁର ପରେ
ତୁମେ ଆଉ ମୁଁ ଯିବା ଚାଲ କେବେ ଥରେ,
ଯେଉଁଠି ନଥିବ ଲୋକବାକ'ଙ୍କର ଭିଡ଼,
ଶୁଭୁବି ନଥିବ ଗାଡି-ମଟରର ସ୍ୱର,

ଜଞ୍ଜାଳମୟ କୋଳାହଳ ଠାରୁ ଦୂରେ
ବସିଥିବା ଆମେ ମନ୍ଦ ମଳୟେ ନୀଳ ଆକାଶକୁ ଚାହିଁ ।

(୨)

ଢଳିଯାଉଥିବ ଗୋଧୂଳି ମେଳାଣି ସୁରୁଜ ସେଇଠି ଯହିଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୁନେଲି କିରଣ ନୀଳ ଆକାଶରେ ବୋଳି,
ଘର-ମୁହାଁ ହୋଇ ମାଳ ମାଳ ପକ୍ଷୀ ଉଡିଯାଉଥିବେ କେତେ
ଚିକିମିକି ତା'ଙ୍କ କୋମଳ ଡେଣାକୁ ମେଲି ।

ଛାଇ ଲେଉଟାଣି ସେଇ ଦିଗନ୍ତ କୋଳେ
ଆତଯାତ ଆଉ ନଥିବ କାହାରି ହେଲେ,
ନଥିବେ ତ ସେଠି ଆମ ଛଡ଼ା ଆଉ କେହି
କ୍ଲାନ୍ତ ଆକାଶ ପଥେ ରହିଥିବା ଚାହିଁ,

ବାଉଁଶ ବଣର ସବୁଜ ପତର ଫାଂକେ
ହଜିଯାଇଥିବା ତୁମେ ଆଉ ମୁଁ ସେଇ ଇଲାକାରେ ଦୁହେଁ ।

(୩)

କଳା ମେଘଖଣ୍ଡ ଆକାଶ ଆମରି ଢ଼ାଙ୍କି ଦେଇଥିବ ଯେବେ
ଅନ୍ଧାର କରି ବିଲ, ବଣ, ତୋଟା, ଭୂଇଁ,
ଘଡ଼ଘଡ଼ି ମାରି ବିଜୁଳି ଚମକେ ଦିଶିଯାଉଥିବ ତେବେ
ମୁକୁଳା କେଶରେ ଅସଜଡ଼ା ତୁମ ଛାଇ ।

ଝିପି ଝିପି ହୋଇ ବରଷା ପଡିଲେ ଝରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବହିଯାଉଥିବ କେତେ କୁନି କୁନି ନଈ,

ନାଲି ମଖମଲି ସାଧବ-ବୋହୂଙ୍କ ମେଳେ

ସବୁଜ ପଡିଆ ଯାଇଥିବ ଆମ ଭରି,

ଜୁଳୁଜୁଳା ପୋକ ମିଞ୍ଜି ମିଞ୍ଜି ଆଲୁଅରେ

ଏକେ ଅପରକୁ ଖୋଜୁଥିବା ତେବେ ଧାରା ଶ୍ରାବଣର ତଳେ ।

(୪)

ବାଲିର ପଡିଆ ନୀଳ ଆକାଶରେ ମିଶିଛି ଯେଉଁଠି ଯାଇ

ଚକ୍ରବାଳର ଦୂର ପରିଧିକୁ ଛୁଇଁ,

ଚାଲ ଆମେ ଯିବା ସେଇ ସୀମା ପର ପାରେ

ଯେଉଁଠି ଆମକୁ ଖୋଜୁ ତ ନଥିବେ କେହି,

ସେଇଠି ଗଢ଼ିବା ଛୋଟିଆ ଆମରି ଘର

ଗଛ ଲତା ଭରା ବଣ ପାହାଡ଼ର ତଳେ,

ଜାତି ଜାତି ଫୁଲ ଫୁଟି ଉଠିଥିବ ଯହିଁ

ବହି ଯାଉଥିବ ଝରଣାର ସରୁ ଧାର,

ଚଇତାଳି ହାଓ୍ୱା ଛୁଇଁ ଯାଉଥିଲେ ଆସି

ତୁମେ ଗାଉଥିବ ଗୁଣୁ ଗୁଣୁ ଗୀତ ଶୁଣୁଥିବି ମୁହିଁ ବସି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

(୫)

ଉପତ୍ୟକାର ସବୁଜ ଦୁର୍ବା ଲମ୍ବିଯାଇଛି ଯହିଁ -
ନିଶୁନ ରାତିରେ ସେଇ ସୀମାନ୍ତ ପରେ,
ଚାଲ ଯିବା ଥରେ ତୁମେ ଆଉ ମୁଁ ଦୁହେଁ
ଜହ୍ନ ଆଲୁଅ ଝରି ପଡୁଥିବ ଯେବେ,

ନଥିବ ସେଇଠି ବିଜୁଳି ଆଲୁଅ ଅବା
ଦୀପାଳି ରୋଷଣୀ ଢାଳୁଥିବ ଦୀପ-ଶିଖା,
ମିଟି ମିଟି କରି କୁନି କୁନି ତାରା କେତେ
ଜଳୁଥିବେ ଭରା ଆକାଶେ ଜୋଛନା ସାଥେ,

ଚନ୍ଦ୍ରଲୋକର ସେଇ ରାଇଜରେ ହଜି
ଆଖିରେ ଆଖିରେ ରୂପେଲି ସ୍ୱପ୍ନ ଯାଉଥିବା କେତେ ଖୋଜି ।

(୬)

ଯେଉଁଠି ନଥିବ ଉଚ୍ଚ-ନୀଚ ଅବା ଧନୀ-ଗରିବର ଭେଦ
ନଥିବ ବି ଯହିଁ ଈର୍ଷା-ଅସୂୟା, ନିନ୍ଦା ଓ ଅପବାଦ,
ସବୁଜ-ଶ୍ୟାମଳ ପ୍ରକୃତି କୋଳେ ଚାଲ ଯିବା ଆମେ ଫେରି

Listen to Odia Podcast Original at https://youtube.com/@drjyotiprasad

ମଣିଷ ଭିତରେ ମଣିଷ-ପଣିଆ ନଥିବ ଯେଉଁଠି ମରି,

ପଶୁ-ପକ୍ଷୀ ଆଉ ଜୀବଜନ୍ତୁଙ୍କର ମେଳେ
ଆପଣା ସିନିହ ବାଂଟିଦେବା ଅବହେଳେ,
ଗଛ, ଲତା ଆଉ ନଦୀ ଓ ଝରଣା ସେଠି
ହୋଇବେ ଆମରି ଚିର ସହଚର ସାଥି,

ଜୀବନକୁ ଚାଲ ନୂଆ କରି ଯିବା ପଢି
ଫୁଲ-ଫଳ ଭରା ପ୍ରକୃତି ସୁଧା ଦେଉଥିଲେ ତୁମେ ବାଢ଼ି ।

ପଣ୍ଡିଚେରୀ
ଭ୍ରାମ୍ୟଭାଷ : ୯୯୯୦୨୪୬୫୬
ଇମେଲ୍ : dasshibanarayan61@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କରନି ହେ ବନ୍ଧୁ କାହାର କ୍ଷତି

ବାସନ୍ତୀ ଲତା ଜେନା



ମାନବ ଜୀବନ ପରା ସୁଲ୍ଲଭ ଜନ୍ମ
ସତ୍ୟ ନିଷ୍ଠା ଧର୍ମେ ରହି କରଇ କର୍ମ,
ବୁଦ୍ଧି ବିବେକ ତାହାର ଚିନ୍ତନ ଶକ୍ତି
ପ୍ରୟୋଗରେ ସଦାଚାର ଆଣଇ ଭକ୍ତି ।୧।

ସାମ୍ପ୍ରତିକ ସ୍ଥିତି ହୁଏ ଭାରି ଜଟିଳ
ସ୍ୱାର୍ଥରେ ମଣିଷ ରହି ହୁଏ ବିକଳ,
ଭୁଲି ଯାଏ ନ୍ୟାୟ ଧର୍ମ ମନୁଷ୍ୟ ଗୁଣ
ଅନ୍ୟର କ୍ଷତି କରଇ ଭାବେ ମହାନ ।୨।

ମୁହଁ ଟାଣ ଦିନେ ତାର ହୁଅଇ କ୍ଷୁର୍ଣ୍ଣ
ଅଭିଶପ୍ତ ଜୀବନ ତା ହୁଏ କଠିନ,
ଅନ୍ୟର କ୍ଷତି କରିଲେ ବଡ଼ ନ ହେବ
ଶାନ୍ତି ନ ପାଇବ ବନ୍ଧୁ ଦୁଃଖ ଭୋଗିବ ।୩।

ଅଦୃଶ୍ୟ ଶକ୍ତି ତୁମର କରେ ବିଚାର
କର୍ମ ଫଳ ଭୋଗିବ ତ ଏହି ଧାରାର,
ଦ୍ରୌପଦୀର ଆଖି ଲୁହେ କୌରବ ଧ୍ୱଂସ
ନିପାତ ହୋଇଲେ ସର୍ବେ ବୁଡ଼ିଲାବଂଶ ।୪।

ରାବଣର ଅତ୍ୟାଚର ବଢ଼ି ଯେ ଗଲା
ମାତା ସୀତା ହରଣରେ ଜୀବନ ଦେଲା,
ମହିଷାସୁର ବିପ୍ରାତେ ପୃଥ୍ୱୀ ଥରିଲା
ଜଗଦମ୍ବା କାତ୍ୟାୟନୀ ହସ୍ତେ ମରିଲା ।୫।

ଯତ୍ନ ଗୃହେ ମାରିବାକୁ କୁରୁ କୁମର
ପାଣ୍ଡବଙ୍କ ମନ୍ଦ ଚିନ୍ତା କଲେ ସତ୍ୱର,
ମନ୍ଦ ବୁଦ୍ଧି ମନ୍ଦ ଚିନ୍ତା ମନ୍ଦ ବେଭାର
ମନ୍ଦ ଫଳ ଦେଇ ଥାନ୍ତି ଶ୍ରୀଚକ୍ରଧର ।୬।

ଏଣୁ ହିଂସା ଦ୍ୱେଷ ଭାଇ ମନେ ନ ଆଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରୋପକାର କରିଲେ ଜୀବନ ଧନ୍ୟ,
ଅନ୍ୟ ଦୁଃଖେ ଦୁଃଖି ହୁଅ ସୁଖରେ ପ୍ରୀତି
କରନି ହେ ବନ୍ଧୁଜନ କାହାର କ୍ଷତି ।୭।

କୃଷ୍ଣ ସୁଦାମାଙ୍କ ପରି ବନ୍ଧୁ ହୋଇବ
ରାମ ସୁଗ୍ରୀବଙ୍କ ପରି ସଖା ହୋଇବ,
ମଧୁର ବଚନ କହି ସର୍ବ ଜନରେ
ମଙ୍ଗଳ କାମନା କର ଏହି ଧରାରେ ।୮।

ସେବା ତ୍ୟାଗ ସହଯୋଗ ଆପଣା ପଣ
ପରକୁ ନିଜର କରେ ମହତ୍ୱ ଗୁଣ,
ଈଶ୍ୱର ଭକ୍ତିରେ ସଦା ହୁଅ ତଲିନ
ଜୀବନ ସାର୍ଥକ ହେବ ସୁଖର ଦିନ ।୯।

ଗାନ୍ଧୀନଗର, ପୋଷ୍ଟ/ ଜିଲ୍ଲା: ନବରଙ୍ଗପୁର
୮୭୫୮୭୫୫୯୭୯

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସମ୍ପର୍କର ସୁତାଖିଅ

ଅମୃତ ନାରାୟଣ ଶତପଥୀ



ଘର ଛୋଟ ପୁଣି ପରିବାର ବଡ ଥିଲା ସମ୍ପର୍କ ନିକଟତର,

ଘର ବଡ ପୁଣି ପରିବାର ଛୋଟ ହୋଇ ସଭିଏଁ ରହନ୍ତି ଦୂର।(୧)

ତାରରେ ବନ୍ଧା ଫୋନ୍ ଯେବେ ଥିଲା ସମ୍ପର୍କ ଥିଲା ମଧୁର,

ବେତାର ଫୋନ୍ ମିଛ ପ୍ରଚାରରେ ଛିଡାଏ ସମ୍ପର୍କର ସୂତା ଖିଅ (୨)

ଚିଠି ଲେଖା ହୋଇ ବାର୍ତ୍ତା ଦିଆ ନିଆରେ ଥିଲା ଯେ ସମ୍ବେଦନା,

ଏବେ ଆଭାସୀ ମାଧ୍ୟମରେ ବାର୍ତ୍ତା ବିନିମୟ ବଢାଏ ଯେ ଦୁର୍ଭାବନା (୩)

ମଧୁର ସମ୍ପର୍କ ଦମ୍ପତି ମଧ୍ୟରେ କମ୍ ଥିଲା ଯେ ସନ୍ଦେହ,

ଏବେ କିନ୍ତୁ ଭାବପ୍ରବଣତା ହ୍ରାସ ସନ୍ଦେହ ବିକାଶ ଛିଡାଏ ସମ୍ପର୍କର ସୂତା ଖିଅ (୪)

ଆଗେ ପ୍ରଚଳିତ କଳି କରିବାକୁ ଭାଇ ଟିଏ ଥିଲା ସାହା,

ଏବେ ଯେତେ ପୁଣି କଳି ତକରାଳ ଭାଇ ଭାଇ ମଧ୍ୟେ ଯାହା (୫)

ପର୍ବ ପର୍ବାଣୀ ପୁନିଅଁ ଯାତରେ ଘରେ ହେଉଥିଲା ମିଠା ପିଠା,

ଏବେ ସେହି ଦିନ ଗୁଡିକରେ ଧାଡ଼ି ଲଗାଇ ଅପେକ୍ଷା ମନ୍ଦିର ଭୋଜନଟା (୬)

ଅତିଥି ଚର୍ଚ୍ଚା ହେଉଥିଲା ପୂର୍ବେ ସମ୍ମାନର ସହ ପୁଣି,

ଏବେ ଅତିଥି ଦେଖିଲେ ଅଧିକାଂଶଙ୍କର ମନ କୁନ୍ଥୁକୁନ୍ଥୁ ମୁଣ୍ଡକୁ କାମୁଡେ ଉକୁଣି (୭)

ଅତିଥି ବନ୍ଧୁ ବାନ୍ଧବ ଆଗରୁ ଥିଲେ ଯେ ସାହାଯ୍ୟକାରୀ,

ଏବେ କିନ୍ତୁ କେବଳ ନିଜ ଗାରିମା ଦେଖାନ୍ତି ଅନ୍ୟକୁ ସମାଲୋଚନା ଓ ତାସ୍ରଲ୍ୟ କରି (୮)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହିପରି ଆମ ସମାଜରେ ଏବେ କ୍ଷୟ୍ସ ସମ୍ପର୍କର ସୂତା ଖିଅ,

ମନୁଷ୍ୟ ମନୁଷ୍ୟ ମଧ୍ୟରେ ସହଯୋଗ ସହାନୁଭୂତି ପ୍ରାୟ୍ସ ହେଲାଣି ବିଲୟ୍ସ (୯)

ମନୁଷ୍ୟ ଏବେ ସବୁଠୁ ଦୂରେଇ ଆଭାସୀ ମାଧ୍ୟମରେ ହେଲାଣି ଛନ୍ଦା,

ଜାଣି ପାରୁନାହିଁ ଜୀବନ ସତରେ ପରିଣତ ହେଲାଣି ଗୋଲକ ଧନ୍ଦା (୧୦)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମନ ଭ୍ରମର

ବିଶ୍ୱ ଭୂଷଣ ତାଣ୍ଡି

କେଉଁ ମାଳୀ ବଗିଚାରେ ଫୁଟିଛି ସେ ଫୁଲ
ଯୁଇ ଜାଇ ହେନା କି ସେ ମଲ୍ଲି ଟଗର
ଖୋଜିବୁଲେ ମୋର ଏହି ମନ ଭ୍ରମର ।।

ପ୍ରେମର ତୃଷ୍ଣାରେ ତୃଷିତ ନାଗର
ପାଗଳ ପ୍ରାୟେ ସନ୍ଧାନେ ଗ୍ରାମ ସହର
ରଖିଛୁ କି ରେ ପବନ ତୁ ତା ' ଖବର ।।

ପ୍ରେମର କୋଇଲି ଜ୍ୟୋତ୍ସ୍ନାମୟୀ ସେ
ତାହାରି ଉତ୍ତରେ ଝରଇ ନିର୍ଝର
ଆସିଛି ଛାଡ଼ି ସେ ମୋ' ପାଇଁ ଆମ୍ବର ।।

ଫୁଲର ସହରେ ଫୁଲଙ୍କୁ ଦେଖି
ଚିହ୍ନିବାକୁ ମୋର ହୃଦୟ ହୁଏ ଅଧିର
କହରେ ଗଗନ କେଉଁ ନାମ କେଉଁଠି ତା
ଘର ।।

ଦେଢ଼ଗାଁ, ସିନ୍ଧେକେଲା, ବଲାଙ୍ଗୀର
ମୋ ନଂ: ୯୭୭୭୬୦୦୯୧୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବରଷା ଆସିଛି

କିରନ୍ ସ୍ୱାଇଁ



ବରଷା ଆସିଛି
ଆଜି ବହୁଦିନ ପରେ
ନୂଆଁ ଆକାଶରେ
ଅନେକ ଦିନରୁ
ଲୁଚେଇ ରଖିଥିବା
ମେଘର ବନ୍ଦ ଲଫାପାକୁ ଖୋଲି ।

ଟୋପି ଟୋପି ବରଷା ବିନ୍ଦୁ
ଝରୁଥିବ ଅବିରତ
ବରଷାର ଧାରା ଛୁଇଁ ଯାଉଥିବ
ଟିକି ବଗିଚାର ସବୁଜ ପତର ।

ଭିଜା ମାଟିର ମହକେ
ମଉନୀ ଫୁଲର ଚିଠିଟିଏ ହୋଇ
ମଧୁର ମନର ମଧୁରିମା ଖୋଜି
ବିଜୁଳିର ରାଗ ବାଜୁଥିବ ଅନାହତ ।

ଚିତ୍ରିତ କେତେ ସବୁଜ ସୁଷମା
ବରଷା ଧାରାରେ
ମଧୁମାଳତୀର
ଚୁନି ଚୁନି ପାଖୁଡ଼ା ହସରେ
ପୁଲକିତ ସୁରଭିତ ।

ବହିଆପଦର, ବରପାଲି, ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବୟସ ବଢ଼ିଲେ

ତାରା ପ୍ରସାଦ ଜେନା



ବୟସ ବଢ଼ିଲେ ଆଖରେ ପାଖରେ ଦୁନିଆ ଲାଗିଛି ହାଟ
ହସରେ କାନ୍ଦରେ ଦରଦ ଭିତରେ ସୁନ୍ଦର ଚାଲିଛି ନାଟ ।
ମଉସା ଡାକରେ ଓଲଟ ପାଲଟ ପରିଚ ମିଳିଛି ଆଗ
ଦର୍ପଣ ଭିତରେ ଲୋଳିତ ଚର୍ମର ମୁହଁରେ ଦିଶୁଛି ଦାଗ ।

ମଥାରେ ଛାତିରେ କେଶର ରଙ୍ଗକୁ କଳାରୁ ହେଉଛି ଧଳା
ସମୟ କେମିତି ଜରୁର ବଦଳେ ନିରୀହ ଦେଖୁଛି ଡୋଳା ।
ପ୍ରେମିକ ହେବାର ସୁଯୋଗ ମିଳେନି ତାରୁଣ୍ୟ ଯାଇଛି ହଜି
ଅନ୍ୟର ମାୟାରେ ଚଳିବା ପାଇଁକି କାରୁଣ୍ୟ ହୋଇଛି ରାଜି ।

ଝିଅର ବାହାକୁ ପୁଅର ବାହାକୁ ମୁଣ୍ଡଟା ବିନ୍ଧୁଛି ସତ
ସ୍ୱାର୍ଥର ଟଙ୍କାରେ ଜୀବନ ଖରଚ ରଣକୁ ଶୁଝୁଛି ହିତ ।
ଖାଇବା ପିଇବା ସୁଆଦ ପଦକୁ ନିରତେ ପଡ଼ିଛି ପାଟି
ରୋଗର ଦେହଟା ବିଷମ ସମସ୍ୟା ସୁଖକୁ କରିଛି କଟି ।

ଧରମ କରମ ଘରଣୀ ଯେମିତି ତାଗିଦ୍ ଆଣିଛି ବଡ଼
କଅଁଳ ଡାକିଲେ ହାତକୁ ଛିଙ୍କାଡ଼ି ସୁଆଗ ଜାଣିଛି ଆଡ଼ ।

ରାଜ ରଣପୁର, ଜିଲ୍ଲା-ନୟାଗଡ଼, ଓଡ଼ିଶା
ଦୂରଭାଷ- ୯୩୪୮୦୫୪୩୦୦

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଅଭିନୟ

ପ୍ରଶାନ୍ତ ବ୍ରହ୍ମା



ମୁହେଁ ବୋଲି ରଙ୍ଗ କରେ ଅଭିନୟ
ଭୁଲି ନିଜ ପରିଚୟ
ଅଭିନୟ ପରା ଏତେ ଯେ ନିଷ୍ଠୁର
ଲାଗୁଥାଏ ଭାରି ଭୟ ।

କେବେ ହସ ଆଉ କେବେ ପରା କାନ୍ଦ
ଅଭିନୟ ର ଢ଼େଉରେ
କିଏ କରେ ଗାଳି କିଏ ମାରେ ତାଳି
ଅଭିନୟ ର ଯୁଦ୍ଧରେ ।

ସତ ଅଭିନୟକୁ ଲୁଚାଇ ମନେ
ମିଛରେ ହସେ ସେହି
କିଏ ବା ଜାଣିବ ଏ ମନ ଭାବନା
ନିଜ ପରିଚୟ ଲୁଚାଇ ।

ଛୋଟ କଳାକାର ଯେ ମୋ ପରିଚୟ
ମଞ୍ଚ ମୋ ଜୀବନ ସାଥି
ମଞ୍ଚ ବିନା ଜୀବନ ଲାଗେ ଅଧୁରା
ଯେବେ ଆସିଥାଏ ରାତି ।

ପଳାଶପୁର, ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବର୍ଷା ଗୋଟେ ଅଝଟିଆ ଝିଅ

ଗୋଲୋକବିହାରୀ ବେହେରା



ତୁମ ପରି ବର୍ଷା ଗୋଟେ
ଅଝଟିଆ ଝିଅ
ଅସଂଯତ ପଣତରେ
ଭିଜାଏ ମୋ ଦେହ ।

ବିରହ ଜ୍ୱାଳାରେ ଦେହେ
ଫୁଟୁଅଛି ନିଦାଘର ଖଇ
ଶୀତଳ କରିବ ମୋର ଶରୀରକୁ
ଶ୍ରାବଣର ନଈଟିଏ ହୋଇ ।

ବରଷାର ଛମ୍ ଛମ୍
ସ୍ୱର ଲଗେ ଆହା କି ମଧୁର
ବିରହ ବିଧୁର ପ୍ରାଣେ
ଚରିଯାଏ ପ୍ରୀତି ସୋହାଗର ।

କୋଟି କୋଟି ସପନ ଯେ
କେନାମେଲେ ତୁମକୁ ଛୁଇଁଲେ
ଅୟୁତ ଅୟୁତ ଖୁସି
ଭରିଯାଏ ପାଣିରେ ଭିଜିଲେ ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ସରକାରୀ ଉଚ୍ଚ ବିଦ୍ୟାଳୟ
ଷଡଙ୍ଗୀ , ଢେଙ୍କାନାଳ
ମୋ : ୯୯୩୮୩୦୩୦୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତମେ ନିଜେ କୁହ

ରତ୍ନପ୍ରଭା ବାଇ



ମନ ଆଇନାରେ ଦେଖୁଚି ମୁଁ,ଏବେ ଅତିତର ଅନ୍ତଃପୁର
ବାଳିକା ବଧୁର ନୂପୁର ନିକ୍ୱଣ କାଚ କଙ୍କଣ ର ସୁର ।
ଅଳନ୍ଧୁ ଲଗା ସେ ସ୍ମୃତିରେ କାନ୍ଥରେ ଲଟକି ଝୁଲୁଛି ଛବି
କେତେ କଳ୍ପନାର କନକ ସମ୍ଭାର ସାଇତା ଅଛି ଏବେ ବି ।

ତାରୁଣ୍ୟରେ ତମେ ତଲ୍ଲୀନ ହୋଇ ତଟିନୀ ତଟରେ ବସି
ତୋଳିଥିଲ ଯେଉଁ ବାଲିଘର ତମେ ଲୁହରେ ଯାଇଛି ଧସି ।
ଅର୍ଦ୍ଧ ଶତାବ୍ଦୀର ଅଧା ଲେଖା ଗୀତ ଶିହରିତ ଶେଷ ପଦ
ସାତ ସୁର ଛନ୍ଦେ ସଜେଇଲା ବେଳେ ପକେଇଲ ପୂର୍ଣ୍ଣଚ୍ଛେଦ ।

ମୁଁ, କହିବିନି ତମେ ନିଜେ କୁହ ଭଲ ପାଇବାର ମାନେ
ଫଗୁଣ ଫୁଲ କି, ନିରୁଦ୍ଦିଷ୍ଟ ହୁଏ ତପ୍ତ ବଇଶାଖି ବନେ ।
ତମ କଥା ହେଲା, ସେମିତି ତ କିଛି କରିନାହିଁ ଅପରାଧ
କି ବିଚାରେ ତମେ ଉପହାର ଦେଲ ବେଦନାରେ ବର୍ଣ୍ଣବୋଧ ।

ଆଶା ଆଶ୍ୱସନା ସ୍ନେହ ସମ୍ବେଦନା ସବୁ ପଡ଼ିଗଲା ଫିକା
ଚଲାପଥ ସାରା ଲାଗିଛି ଘଡିକେ, ଅଶାନ୍ତର ବିଭିଷିକା ।।

– ସଂପାଦିକା , ବର୍ଣ୍ଣାଳୀ ସାହିତ୍ୟ ସଂସଦ ,ତାଳଚେର ,ଅନୁଗୁଳ ।
ମୋ – ୯୩୩୭୯୭୭୭୪୯ ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚାଲ ପଢ଼ିବା ପାଠ

ରାମଚନ୍ଦ୍ର ପ୍ରଧାନ



ନ କରି ପିଲେ ମଠ
ଚାଲ ପଢିବା ପାଠ
ଅକ୍ଷର ଶିଖି
ଯିବାରେ ଲେଖି
ପାଠ ହେଉ କି' ଶାଠ ।

ହୋଇଲେ ଖେଳ ବେଳ
ଖେଳିବା ମଜା ଖେଳ
ସଭିଏଁ ମିଶି
ହେବାରେ ଖୁସି
ନ କରି ଗଣ୍ଡଗୋଳ ।

ଭୂଗୋଳ, ଇତିହାସ
ଗଣିତ, ପରିବେଶ
ସବୁ ଶିଖିବା
ସବୁ ଜାଣିବା
ମୁହଁରେ ମାଖି ହସ ।

ଦେଶ ବିଦେଶ କଥା
ଐକ୍ୟ ସଂସ୍କୃତି ଗାଥା
ଅତି ଯତନେ
ରଖିବା ମନେ
ନୁଆଁଇ ଆମ ମଥା ।

ଗୁରୁ ଆଦେଶ ପାଳି
ଅବାଧ୍ୟ ପଣ ଟାଣି
ପାଠ ପଢ଼ିବା
ଦେଶ ଗଢ଼ିବା
ସେନେହ ରଙ୍ଗ ବୋଳି ।



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତେଣୁ ପିଲାଏ ଆସ

ନ ଧରି ମନେ ରୋଷ

ପକାଇ ସପ

ଶୁଣିବା ଗପ

ପାଠରେ ହୋଇ ବଶ ।

ପାଠ ଦେଖାଏ ବାଟ

ଦୂରି ଅନ୍ଧାର ଘାଟ

ଆଲୋକ ଢ଼ାଳି

ଅଜ୍ଞାନ ଟାଳି

ଗଢ଼େ ସେ' ଭଲ ଚାଟ ।

ଶିକ୍ଷକ

ଟେକ୍ନିକାଲ୍ ହାଇସ୍କୁଲ୍ ଆସିକା, ଗଞ୍ଜାମ

ମୋ: ୯୮୭୧୭୩୮୭୩୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାଟିର ବୀର

ମନୋରଞ୍ଜନ ସୁରୁଜାଳ



ମୁକ୍ତି-ମଶାଳ ତୀକ୍ଷ୍ଣ-କାରବାଳ ଲହୁ-ଲୁହାଣର ବେଳ,
ବୀର-ମାଟି ଦୁର୍ଗ ଦୁର୍ଜ୍ଜୟ ବରି ଶୁଭେ କି ଲୁହର-ରୋଳ ।
ଯାର ଇଙ୍ଗିତେ ଟଳ ମଳ କାୟା ହିଆ ଥରେ ରୀପୁ ଦଳ,
ରଣ ହୁଙ୍କାରେ ଭୟ ଆଶା ବାନ୍ଧି ନ ହୁଏ ଚଳ ଚଞ୍ଚଳ ।

ଏ ବୀର ମାଟିର ଶାକ-ତାଣ୍ଡୁଳେ ସୌର୍ଯ୍ୟ ରହିଛି ଛପି ,
ଅତଳ ହୃଦୟୁଁ ବାତ୍ସଲ୍ୟ ପ୍ରେମ କିଏ କି ପାରଇ ମାପି ।
ବଣ-ପାହାଡ଼ ଶୁଣାଏ କବିତା ବୀରତ୍ୱର ଜୟ ଗାଥା ,
ଗିରି-ଗହ୍ୱର ଗୋଡି ମାଟି ଏଠି ଶୁଣାଏ ଅତୀତ କଥା ।

ଗୁଞ୍ଜରଣେ ମଧୁ ମକ୍ଷିକା ସ୍ୱର ପବନର ତାନେ-ତାନେ ,
ବକ୍ଷ ଯନ୍ତ୍ରଣା ପ୍ରତିଟି ପୁଷ୍ପର କହି ଯାଏ କାନେ-କାନେ ।
ଖଡ଼ଗ ମୂଷଳ.ବର୍ଚ୍ଛା-ଢାଳ ଧନୁ-ତୀର ସ୍କନ୍ଧେ ଯୋଖି ,
ମାଟିର ବୀର ରକ୍ତ କଣିକାରେ ଖେଳାଇ ଜ୍ୱାଳାମୁଖୀ ।

ବୀର ଦର୍ପରେ ହୁଙ୍କାର ଶବ୍ଦ ଶୋଣିତ ପିପାସା ଅସି ,
ଛେଦିବାକୁ ଶତ୍ରୁ ଅହଂକାର ଶିର ଇତିହାସେ ତତ୍ତ୍ୱ ମସି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏ ମାଟିର ବୀର ମୁକ୍ତି-ମଶାଲ ଛାତିରେ ଜଳାଇ ବହ୍ନି,
ନିଗଡ଼ ଶୂନ୍ୟ କରିବାକୁ ବୀର ମାଆର ମମତା ଚିହ୍ନି ।

ପଲ୍ଲୀ ଠାରୁ ଦିଲ୍ଲୀ ଦରବାର ଶୁଭୁଥିଲା ଶଙ୍ଖ ନାଦ,
ସୁଭାଷିତ ମୁଖରିତ ମର୍ମେ ନାହିଁ ପ୍ରତିହିଂସା ବାଦ ।
ରକ୍ତ ଦିଅ ବୀର ରକ୍ତ ଦିଅ ଶିହରଣେ ତନୁ ମନ,
ଦିଲ୍ଲୀ ଚଲୋ ଡାକରା ବଇରୀ ଛାତି କରିଥିଲା ଭଗ୍ନ ।

ଦେବା ପାଇଁ ବୀର ମୃତ୍ୟୁ ଚୁମ୍ବନ ଖେଳିଥିଲା ରକ୍ତ ହୋଲି,
ମାଟି ମୁକ୍ତି ଆଶା ଆଶ୍ଳେଷ ପାଇ ଝୁଲିଲା ମରଣ ଦୋଳି ।
ମାଟିର ଜାତକେ ଲେଖିଗଲା ଶତ ରକ୍ତିମ ଇତିହାସ,
ମାଟିର ମହକେ ଲୁଚିରହି ଅଛି ମୁକ୍ତିର ଟୋପେ ହସ ।

ବକ୍ସି-ବାଜି ଜୟୀ ରାଜଗୁରୁ ଏ ମାଟିର ବୀର ଗଣ,
ବିର୍'ସା -ଲକ୍ଷ୍ମଣ ସୁରେନ୍ଦ୍ର ସାଏ ହୁଙ୍କାରି କଲେ ରଣ ।
ମଧୁ-ଗୋପବନ୍ଧୁ ଚନ୍ଦ୍ରଶେଖର ଯହିଁ କୃଷ୍ଣଦେବ ରାଜା,
ଘୁମୁସୁର ବୀର କନ୍ଧ-ଭୂୟାଁ-ନାୟକ-ପାଇକ ପ୍ରଜା ।

ଜାତି-ପ୍ରେମ-ମଧୁ ସିଞ୍ଚି ଜୀବନେ ମାଟିର କବିତା ରଚି,
ମାଟି-ମୁକ୍ତି-ଗୀତି ଶୁଣାଇଲେ ବୀର ମୃତ ଉଠିଲା ବଞ୍ଚି ।
ରକ୍ତରେ ନିଆଁ ଲଗାଇ ଦେଲେ ଶାଣିତ କଲମ ଗାରେ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରଜ୍ୱଳିତ ଅଗ୍ନି ପ୍ରଖରୁ ପ୍ରଖର ଲେଲୀହାନ ଶିଖା ଧାରେ ।

ରହ ରହ ବୀର ମାଟିର କବିତା ମରଣେ ହୋଇ ଅମର,
ଗଙ୍ଗା-ଗୋଦାବରୀ ସୀମାନ୍ତ ଅଙ୍କେ ଛୁଟଇ ଅମୃତ ଝର ।
ବୀର ମାଟିର ଅମ୍ଲାନ ସନ୍ତକ ମନେ ପକା ମନେ ପକା,
ଗର୍ବିତ ଛାତି ଉପଶମ ହେଉ ମନୁ ତଡି ଦେଇ ଦକା ।

ଆଇଁଲାପାଲି, ଧମା, ସମ୍ବଲପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପଦଟିଏ ତୋ ପାଇଁ...

କୁନା ସେଠୀ



ଅସରନ୍ତି ଶବ୍ଦ ଭଣ୍ଡାର ଭିତରେ ତୁ
ଅତି ପ୍ରିୟ ଶବ୍ଦଟିଏ
ଯାହାକୁ ମୁଁ ନୁହେ
ଜଗତରେ ଯେତେ ସବୁ
ଜୀବ ଅଛନ୍ତି
ତୋ ନାମ ନ ଧରି
ରହି ପାରନ୍ତି ନାହିଁ ।
ଆଉ ଏଇ ମଣିଷ ଜାତି
ତତେ କେତେ ବେଳେ ଈଶ୍ୱର କହେ
କେତେବେଳେ ଜନନୀ କହେ
କେତେବେଳେ ମାଆ ବୋଲି ଡାକେ
ଆଉ କେତେବେଳେ ବୋଉଲୋ ବୋଲି
ଡାକିଦେଇ
ଆତ୍ମତୃପ୍ତି ଲାଭ କରେ ।

ତୁ ଫୁଲଠାରୁ କୋମଳ
ବଜ୍ରଠାରୁ ଶକ୍ତ
ପର୍ବତ ସମ ଧର୍ଯ୍ୟଶିଳା
ଗୋଲାପ ଠାରୁ ଭି ସୁନ୍ଦରୀ
ଆଉ ମହୁଠାରୁ ମିଠା ତୋର ବାଣୀ ।

ସକାଳର ସୂର୍ଯ୍ୟ କିରଣ ପରି
ତୋର ଚାହାଣୀ
ଭାରି ନରମ
ଆଉ ଟିକିଏ ଟିକିଏ ଉଷୁମ
ବର୍ଷାର ଇନ୍ଦ୍ରଧନୁ ସମ
ତୋ ଲୁଗାର ଛବି ଗୁଡିକ
ଆଖି ଆଗରେ ନାଚିଯାଏ
ଶୀତର କଅଁଳ ପରଶ ପରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୋ ହାତ ପାପୁଲି ର ସ୍ପର୍ଶ ବାରୀ ହୁଏ ।

ଆଖିର ଲୁହ କୁ ଝରିବାକୁ ନ ଦେଇ
ଚପେଇ ଦେବାର କ୍ଷମତା
ତୋ ପାଖରେ ହିଁ ଅଛି
ଦେହରେ ଲାଗିଥିବା ଧୂଳିକୁ
ଝାଡ଼ିଦେଇ
ସଜାଡି ଦେବାର କୌଶଳ
ତତେ ହିଁ ଜଣା ।

ଭଲ ପାଇବାର ଅସଲ ପରିଚୟ ତ
ତୋ ପାଖରେ ହିଁ ଅଛି
ଯେଉଁଠି ନା ସ୍ୱାର୍ଥ
ନା ଅବିଶ୍ୱାସ
ନା ବିଶ୍ୱାସଘାତ
ନା ଲୋଭ ର ଭଣ୍ଡାର
ଅଛି ? ? ? ? ? ?
ଯଦି ଅଛି ଖାଲି
ମୁଠା ମୁଠା ସ୍ନେହ
ନିରୀହ ଚାହାଣୀ
ଅଭୁଲା କାହାଣୀ ।

ତୁ ପାଖରେ ଥିଲେ
ଲକ୍ଷେ ସଇନର ବଳ
ପାଖରେ ଥାଏ
ତୋ ହାତ ମଥାରେ ଥିଲେ
ଲକ୍ଷେ ହାତୀ ସହ
ଲଢ଼ି ବିଜୟ କରି ହୁଏ
ଆଉ ତୋ ହାତରେ ଚଟୁ ଥିଲେ
ଲକ୍ଷେ ଲକ୍ଷ୍ମୀ ଆସି
ହାଣ୍ଡିରେ ଉଭା ହୁଅନ୍ତି ।

ସବୁ ପରିଚୟ ଭିତରେ
ତୁ ଏକ ବଡ଼ ପରିଚୟ
ସବୁ ସମ୍ପର୍କ ଭିତରେ
ତୁ ଏକ ବଡ଼ ସମ୍ପର୍କ
ତତେ ଶିଖେଇବାର କିଛି ନ ଥାଏ
ହେଲେ ଶିଖିବାର ଥାଏ
ତତେ ବୁଝେଇବାର କିଛି ନ ଥାଏ
ହେଲେ ବୁଝିବାର ଥାଏ ।

ତୋ ହାତର ପାଣି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆମ ପାଇଁ ପାଦୁକ
ତୋ ହାତ ତିଆରି ଖାଦ୍ୟ
ଆମର ତ ଭୋଗ
ତୋର ଘର ତ ଆମ ମନ୍ଦିର
ଆଉ ତୁତ ଆମ ଇଶ୍ୱର
ଯାହାକୁ ଆମ ହାତ ଛୁଇଁ ପାରୁଛି
ପାଟି ଡାକି ପାରୁଛି
ଆଖି ଦେଖି ପାରୁଛି
କାନ ଶୁଣି ପାରୁଛି
ଆଉ ଆମର ସବୁ ସମସ୍ୟାର
ସମାଧାନ ଭି ତୁ ହିଁ କରି ପାରୁଛୁ
ଆଉ କାହାକୁ ଇଶ୍ୱର ଡାକିବାର
ପୂଜିବାର,ବୁଝିବାର
କି କାରଣ ଅଛି ।

ତୁ ଥିଲେ ଦିନ ଅଛି
ରାତି ଅଛି
ସକାଳ ଅଛି
ସନ୍ଧ୍ୟା ଭି ଅଛି
ହସ ଅଛି ଖୁସି ଅଛି
ସ୍ନେହ ଅଛି ଶ୍ରଦ୍ଧା ଭି ଅଛି
ତୋ ପାଇଁ ଏ ଦୁନିଆ
ସୁନ୍ଦର ଠାରୁ ଆହୁରି ସୁନ୍ଦର ଲାଗୁଛି
ହେଲେ ଶବ୍ଦ ଭଣ୍ଡାର ଭିତରୁ
ଯେତେ ଶବ୍ଦ ଖୋଜୁଛି
ତୋ ପାଇଁ ଶବ୍ଦର ଅନ୍ତ ନାହିଁ
କାରଣ ତୁ ହେଲୁ ମାଆ, ବୋଉ,ମମି,ଜନନୀ
ଯାହାଠାରୁ ପ୍ରିୟ ଶବ୍ଦ ଏଇ ଦୁନିଆରେ
ଆଉ କିଛି ନାହିଁ ।।।।।

ଭୁତସରସିଙ୍ଗି, ପୁରୁଷୋତ୍ତମପୁର, ଗଂଜାମ




Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରାଧାର ନା ମୀରାର

ସୁନିତା ଦାଶ



ରସିକ ପ୍ରବର ହେ ନଟ ନାଗର
ପଚାରୁଛି ତୁମକୁ ସାରା
ସଂସାର
ରାଧାର ନା ମୀରାର କାହ୍ନୁ ତୁମେ
କାହାର

ଜମୁନା କୂଳିଆ କଦମ୍ବ ମୂଳିଆ
ଲବଣି ଚୋର ମୟୂରଚୂଳିଆ
ପଚାରୁଛି ମୟୂର ଚନ୍ଦ୍ରିକା ବାନ୍ଧିଚ
କାହା ନାମରେ
ରାଧାର ନା ମୀରାର
କୁହ କଳାକାହ୍ନୁ ତୁମେ କାହାର

ଗୋଗୋଷ୍ଠ ପଲରେ ସଖାଙ୍କ
ମେଳରେ
ମୂର୍ଛନା ତୋଳେ ତୁମର ବଂଇଶୀ
ସାତ ସୁରରେ
କାହା ଲାଗି ବାଜେରେ
ରାଧାର ନା ମୀରାର କୁହ କଳାକାହ୍ନୁ
ତୁମେ କାହାର

ରାଧାର ହାତର ମେହେନ୍ଦି ପାଦର
ଅଳତା ପଚାରେ ଶୋଳ ସିଗାଂର
କୁହ ହେ କୃଷ୍ଣ କେଶବ
ରାଧାର ନା ମୀରାର କାହ୍ନୁ ତୁମେ
କାହାର

କୃଷ୍ଣ ପ୍ରେମରେ ହୋଇ ଲୀନ ପିନ୍ଧି ବସନ
ଝିନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭକ୍ତି ଭରେ ଗାଏ ଗୀତ କରି ଅଭିମାନ

ପଚାରେ ମୀରା

ତୁମ ଲାଗି କେଶବ ପିଇଲି ମୁଁ ବିଷ

କୁହ ରାଧାର ନା ମୀରାର କାହ୍ନୁ ତୁମେ

କାହାର

ଶୋହଳ ସହସ୍ର ରାଣୀଙ୍କ ତୁମେ ଅଟ

ଦେବତା ମନର

ପଚାରନ୍ତି ସେହିମାନେ କୁହ ହେ କାନ୍ତ

ନା ତୁମେ ହେଲ ରାଧାର ନା ତୁମେ ହେଲ

ମୀରାର

କୁହ କଳା କାହ୍ନୁ ତୁମେ କାହାର ।।।

ଭୁବନେଶ୍ୱର



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିଚିତ୍ର ପ୍ରକୃତି

ଅଭିଷିକ୍ତା ପୃଷ୍ଟି



ବିଚିତ୍ର ପ୍ରକୃତି ସୁନ୍ଦର ଯେ ତୃପ୍ତି
ଅବଶୋଷ ହୁଏ କ୍ଷୁର୍ଣ୍ଣ,
ମନ ମତାଣିଆ ରୂପଶ୍ରୀ ଯେ ସିଏ
ସମାଜ ଠୁ ଟିକେ ଭିନ୍ନ।। (୧)

କଳାମେଘୀ ପାଟ ଓଢ଼ଣୀକୁ ଟାଣି
ପାହାଡ଼ ସାଜିଛି ରାଣୀ,
ପାହାଡ଼ୀ ଝରଣା ଚରଣ ଛୁଇଁଛି
ପାଦେ ନୂପୁର ବାଜେଣି।। (୨)

ସବୁଜ ବନାନୀ ପୋଷାକକୁ ଢାଙ୍କି
ଲୁକ୍କାୟିତ କରେ ଲାଜ,
ଶହ ଶହ ପଶୁପକ୍ଷୀଙ୍କୁ ଯେ ନେଇ
ପଟୁଆର କରେ ସଜ।। (୩)

ବନ ପ୍ରଦେଶଟା ଭାରି ମନୋରମ
ପୁଣି ମନୋରମ ତା'ର ଛବି,
ସେ ଛବିକୁ ଦେଖି ଇଚ୍ଛାହୁଏ ସତେ
ମିଳନ୍ତା କି ଟିକେ ରବି।। (୪)

ଖାଦ୍ୟ ଶୃଙ୍ଖଳଟା ବଡ଼ ଯେ ବିଚିତ୍ର
ବୁଝିହୁଏ ନାହିଁ କିଛି,
କେଉଁ ପ୍ରାଣୀ ଆସି କାହାକୁ ଯେ ଖାଏ
ବଦଳାଇ ଭାବ ରାଜି।। (୫)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜଳରେ ତାହାର କି ଯାଦୁ ରହିଛି
ଦିଶିଯାଏ ପରା ମୁଖ,
ତଡାଗୁ ଯେମିତି ପଦ୍ମ ବିକଶିତ
ସେହିଭଳି ଦିଏ ସୁଖ।। (୬)

ପ୍ରକୃତିର କଥା କି ଅବା କହିବି
ସଭିଏଁ ତା' ଦେହେ ଲିପ୍ତ,
ତା' ବିନୁ ଆମର ଅନ୍ୟଗତି ନାହିଁ
ସେଇଠି ଆରମ୍ଭ ସେଇଠି ଅନ୍ତ।। (୭)

ଠିକଣା– ଆଠଗଡ଼, କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବଡ଼ ଝିଅ

ଶୁଭଲକ୍ଷ୍ମୀ ସାହୁ



ସେ
ଭାରି ଅଭିମାନୀ
କିନ୍ତୁ,
ବୁଝିବାର ମଧ୍ୟ ।।

ସେ
ଭାରି ଅଝଟ
କିନ୍ତୁ,
ପରିସ୍ଥିତି ଜାଣିବାର ମଧ୍ୟ ।।

ସେ
ଭାରି ରାଗି
କିନ୍ତୁ,
ଶାନ୍ତ ମଧ୍ୟ ।।

ହଁ, ସେ
ଭାରି ଚୁଲବୁଲି
କିନ୍ତୁ,
ଚୁପ୍ ମଧ୍ୟ ।।

ସେ ଆଉ କେହି ନୁହଁ
ସେ ଘରର ବଡ଼ ଝିଅ ।।

ଯିଏ,
ଚିହ୍ନିଚି ତା ବାପା-ମାଆ
ଚିହ୍ନିଚି
ଘରର ପରିସ୍ଥିତି ।।

ହଁ, ସେ ଚିହ୍ନିଚି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତା' ବାପା ମନର କୋହ

ଦେଖିଛି,

ତା' ମାଆ ଆଖିର ଲୁହ ।।

ସେ

ଜାଣିଛି,

ଭଲ-ମନ୍ଦ

ସୁଖ-ଦୁଃଖ

ଆଉ

ବନ୍ଧୁ-ବାନ୍ଧବୀ ।।

ଶୁଣିଛି

ସମାଜରୁ

କାହିଁ କେତେ ନିନ୍ଦା

କେତେ ଗାଳି ।।

ତଥାପି,

ସେ

ହାରିଯାଇନି

ଆଜି ବି,

ସ୍ୱପ୍ନ ନେଇ ବସିଛି

ଆଉ

ମୁଣ୍ଡରେ ଚିନ୍ତା ନଦି ବସିଛି ।।

ଭାବୁଛି

ଦିନେ,

ସବୁ ଦୁଃଖକୁ କାଟି

ସୁଖ ଆଣିବ,

ଆଉ

ଖୁସି ହୋଇ,

ନାଚି ବୁଲିବ

ଖୁସି ହୋଇ ,

ଚିତ୍କାର କରିବ

ଖୁସି ହୋଇ,

ଆଖିରୁ

ଲୋତକ ଟିକ

ନିଗାଡ଼ି ଦେବ ।।

ଢେଙ୍କାନାଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଖାଇବା ଆସ

ଦଶରଥ ମାଝୀ



ପନିପରିବା ଖାଇବା ସଙ୍ଗେ
ଫଳ ରସକୁ ଖାଅ
ଗ୍ଲୁକୋଜ ପାଇଁ ନିଜ ଦେହରେ
ଅଧିକ ଶକ୍ତି ପାଅ (୧)

ଶରୀର ବୃଦ୍ଧି ନୂତନ କୋଷ
ତନ୍ତୁ ଗଠନ ପାଇଁ
ପୁଷ୍ଟିସାରକୁ ଖାଇବା ଆସ
ଜମା ଭୁଲିବା ନାହିଁ (୨)

କୋଷାଝିଲ୍ଲୀଟି ତିଆରି କର
ଖାଇକି ସ୍ନେହସାର
ନିଜ ଦେହରେ ଚର୍ବି ରଖିକି
ଦେହ ଉଷୁମ କର (୩)

ଧାତୁସାରକୁ ଖାଇଲେ ପରା
ଗଠନ ହେବ ଦେହ
ହିମୋଗ୍ଲୋବିନ୍ ଗଠନ ପାଇଁ
ଖାଅରେ ଆଗେ ଲୌହ (୪)

କ୍ୟାଲସିୟମ ଖାଇବା ଆସ
ତାହାକୁ ନାହିଁ ଛାଡ଼
ଗଠନ ହେବ ଆମ ଦେହରେ
ଆମର ଦାନ୍ତ ହାଡ଼ (୫)

କୁରୁମାଚୁଆଁ, ଭବାନୀପାଟଣା, କଳାହାଣ୍ଡି

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ହାତ

ଶୁଭଙ୍କର ସାମଲ

କହିଦେ ରେ ଥରେ କି ସୌଭାଗ୍ୟ ତୋର
ମୁହଁ ଖୋଲି ତୁହି ହାତ,
କେଉଁ ଆଶୀର୍ବାଦ ଦେଇଛି ଈଶ୍ୱର
ଗଢୁଅଛୁ ଏ ଜଗତ ? (୧)

ଭବିଷ୍ୟତ ତୋଳେ ସେହି ହାତଟିଏ
ବିଦ୍ୟାର୍ଥୀଙ୍କ ବିଦ୍ୟାଳୟେ,
ଯେବେ ତ ଗୁରୁଜୀ ଧରନ୍ତି ଲିଖନୀ
ଜ୍ଞାନ ସାଗର ଯେ ବହେ। (୨)

ଅନେକ ପ୍ରଶଂସା ପାଇଛନ୍ତି ଏଠି
କବି, ଗଳ୍ପ, ଗୀତିକାର,
ହାତେ ତାଙ୍କ ଧରି ଜୀବନ କଲମ
ପ୍ରକାଶି ପୁସ୍ତକ ଧାର। (୩)

ସରଗର ସୁଖ ମିଳିଯାଏ ସତେ
ଭୁଞ୍ଜିଦେଲେ ସେହି ଭାତ,
ଯେବେ ତ ଖୁଆଏ ସ୍ନେହ ଢାଳିଦେଇ
ମାଆର ମମତା ହାତ। (୪)

ଅନେକ ନରଙ୍କୁ ଆକୃଷ୍ଟ କରିଛି
ଚିତ୍ରର ସେ ସୁନ୍ଦରତା,
ଯେବେ ଚିତ୍ରକାର ରଙ୍ଗ ତୂଳୀ ଧରେ
ସେ ହାତର ମହାନତା। (୫)


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବଗିଚାର ଫୁଲ ଆଜି ନାଚିଉଠେ
ମାଳୀ ହାତ ସ୍ପର୍ଶ ପାଇ,
କାରିଗରଙ୍କର କୁଟୁମ୍ବ ଚଳୁଛି
ତାଙ୍କର ସେ ହାତ ପାଇଁ । (୬)

ଭାରି ଭାଗ୍ୟବାନ ସେହି ହାତଟିଏ
ଯେଉଁ ହାତେ ଥାଏ ରାକ୍ଷୀ,
ଭଗିନୀର ସେ ତ ବିପଦେ କବଚ
ଭାଇ ହାତ ରାକ୍ଷୀ ସାକ୍ଷୀ । (୭)

କେଉଁ କର୍ମଫଳ ଅଛି ହାତ ପାଖେ
କରେ ସେ ଅନେକ ପୁଣ୍ୟ,
ଯେବେ ସେହି ହାତ କୁକର୍ମ କରଇ
ଯନ୍ତ୍ରଣା ଭୋଗଇ ମନ । (୮)

ଠିକଣା– ହାତିନା, ରାଜନଗର, କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଅଧଲା ପାହୁଲା ଅଣା ପଇସା

ଅମରନାଥ ବାରିକ



ଗଣିତ ଶିଖିବା ବଳିଛି ମନ
ବୁଲିଯିବା ଚାଲ ପୁରୁଣା ଦିନ ।
ଗଣିତ ପାଠର ଗଣନା ନିଶା
ଅଧଲା ପାହୁଲା ଅଣା ପଇସା ।

ଏକ ଟଙ୍କା ଯିଏ ଷୋହଳ ଅଣା
ଶହେ ପଇସାରେ ହୁଏ ସେ ଗଣା ।
ଏକ ପଇସା ଯେ ଦୁଇ ଅଧଲା
ସେ ଦୁଇ ଅଧଲା ତିନି ପାହୁଲା ।

ଅଣାରେ ପଇସା ଏମିତି ଗଣା
ନ ଜାଣି ଥିଲେରେ ବୁଦ୍ଧିଟି ବଣା ।
ସୂତ୍ର ଅନୁସାରେ ମୁଣ୍ଡରେ ପଣା
ନ ହେଲେ ବାବୁରେ ପେଲିବ ଘଣା ।

ଅମରନାଥଙ୍କ ହିସାବ କଥା
ଆସରେ ଶୁଣିବା ଲଗାଇ ମଥା ।

ଏକ ଅଣା ଠାରୁ ଷୋହଳ ଅଣା
ପଇସାରେ ଏବେ କରିବା ଗଣା ।

ଏକ ଅଣା ହେଲା ଛଅ ପଇସା
ଦୁଇ ଅଣା ପୁଣି ବାର ପଇସା ।
ତିନି ଅଣା ଉଣେଇଶ ପଇସା
ଚାରି ଅଣା ଯେ ପଚିଶି ପଇସା ।

ପାଞ୍ଚଣା ଏକତିରିଶି ପଇସା
ଛ ଅଣା ସଇଁତିରିଶି ପଇସା ।
ସାତଣା ଚଉରାଳିଶି ପଇସା
ଆଠ ଅଣା ତ ପଚାଶ ପଇସା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନଅଣା ପୁଣି ଛପନ ପଇସା

ଦଶ ଅଣା ତ ବାଷଠି ପଇସା ।

ଏଗାରଣା ଅଣସ୍ତରି ପଇସା

ବାର ଅଣା ପଞ୍ଚସ୍ତରି ପଇସା ।

ତେର ଅଣା ଏକାଅଶି ପଇସା

ଚଉଦଣା ସତାଅଶି ପଇସା ।

ପନ୍ଦରଣା ଚଉରାନବେ ପଇସା

ଷୋହଳଣା ପୁରା ଶହେ ପଇସା ।

ଶହେ ପଇସାରୁ ଟଙ୍କା ଆରମ୍ଭ

ହିସାବ ବୁଝିବା ସବୁ ସମ୍ଭବ ।

ସେ କାଳ ହିସାବ ଥିଲା ବଢ଼ିଆ

ଆଜିକା ପିଲାଙ୍କୁ ଲାଗେ ଅଡୁଆ ।

ଗ୍ରା/ପୋ-କଯ୍ଣାଁ, ଥା-ମଙ୍ଗଳପୁର, ଜି-ଯାଜପୁର

ଓଡ଼ିଶା, ପିନ୍ ନମ୍ବର - ୭୫୫୦୧୧

ଦୂରଭାଷା - ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କଥା କୁହ କବି କଥା କୁହ

ବସନ୍ତ କୁମାର ପ୍ରଧାନ



କଥା କୁହ କବି କଥା କୁହ
ଆଦର୍ଶବାଦ ର କଥା କୁହ
ମାନବବାଦର କଥା କୁହ,
ଦେଶ ଓ ଜାତିର କଲ୍ୟାଣ ନିମନ୍ତେ
ସଦା ଯତ୍ନବାନ ତୁମେ ହୁଅ ।୧।

ଅସି ଠାରୁ ପରା ମସୀ ବଡ଼
ନିଜ ଇଚ୍ଛା ଶକ୍ତି କର ଦୃଢ଼,
ସବୁ ସମସ୍ୟାର ସମାଧାନ ସୂତ୍ର
କଲମ ମୁନରେ ଲେଖିଯାଅ ।୨।

ସୃଷ୍ଟିରେ ସବୁରି ହିତ କଥା
ହୃଦୟରେ ରଖ ବ୍ୟାକୁଳତା,
ଶାନ୍ତି ମୈତ୍ରୀ ପ୍ରୀତି ସଦ୍ଭାବନା ଝର
ବୁହାଇବା ପାଇଁ ବ୍ରତୀ ହୁଅ ।୩।

ଅନ୍ୟାୟ ଅନୀତି ଦୁରାଚାର
ସମାଜ ଜୀବନୁ ହେଉ ଦୂର,
ବିଷକୁ ଅମୃତ କରିବାର ଚେଷ୍ଟା
ମନରେ ସଦା ରଖିଥାଅ ।୪।

ଦାୟିତ୍ୱସମ୍ପନ୍ନ କବି ହୁଅ
ସବୁରି ମନକୁ ମୋହି ନିଅ ,
ସଂକୀର୍ଣ୍ଣତା ଭାବ ନକରି ପୋଷଣ
ଉଦାରମନା ସଦା ହୁଅ ।୫।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସାମ୍ପ୍ରଦାୟିକତା ଭୁଲି ଯାଅ
ହୃଦୟର ଭାଷା ସଦା କୁହ,
ମଣିଷ ମଧରେ ଦେବତ୍ୱ ଉଦୟ
ମର୍ତ୍ତ୍ୟ କୁ ସରଗ କରିଦିଅ ।୬।

ମାନପତ୍ର ନିଶା ଛାଡିଦିଅ
ସୁସାହିତ୍ୟ ପ୍ରତି ମନ ଦିଅ,
ଭାଷା ବଞ୍ଚିଲେ ଜାତିଟିଏ ବଞ୍ଚେ
ଏହି କଥାକୁ କହିଯାଅ ।୭।

ଆଣ ସାମାଜିକ ସୁଖ ଶାନ୍ତି
ସଦ୍ଭାବନାରେ ବଢୁ ଶକ୍ତି,
ପାରସ୍ପରିକ ଘୃଣା ବିଦ୍ୱେଷ
ବୈରଭାବକୁ ଭୁଲି ଯାଅ ।୮।

ଦୀନ ଦରିଦ୍ର ନିଷ୍ପେସିତ
ଦୁର୍ବଳର କଥା କର ବ୍ୟକ୍ତ,
ଦୁର୍ନୀତି ଶାସନ ମୂଳପ୍ରାଟନରେ
ଲେଖନୀକୁ ତୁମ ଭଲ ପାଅ ।୯।

ହେଉ ମାନବୀୟ ମୂଲ୍ୟ ବୃଦ୍ଧି
ଦେଶ ଜାତିର ହେଉ ସମୃଦ୍ଧି
ଉଦାରିକରଣ ଭାବରେ ଜୀବନେ
ବିଶ୍ୱ ହିତେ ସଦା ଲାଗିଥାଅ ।୧୦।

ହରିହରପୁର, ଛେଣ୍ଡିପଦା, ଅନୁଗୋଳ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଆଷାଢ଼ଟି ଆସିଲା

ନୀଳମଣି ଚାନ୍ଦ



ନିଜେ ଭିଜି, ଭିଜାଉ
କିଆ ଆଉ କଦମ୍ବରେ
ଧରାକୁ ତୁ ସଜାଉ ।

ଇନ୍ଦ୍ରଚାପ ପକାଉ
ଥାଏ କାହିଁ ଇନ୍ଦ୍ରଗୋପ
ଧରାକୁରେ ଡକାଉ ।

ମେଘଟୋପା ଖସାଉ
ହୁଙ୍କାମୂଳେ ବାଲିଛତୁ
ହାଟ ସିନା ବସାଉ ।

ଧରାଉ ତୁ ଛତାରେ
ଆଉ କିଏ କହୁଥାଏ
ବରଷାତି କଥାରେ ।

ନଈକୂରେ ବଢାଉ
ଉଚ୍ଛୁଳେଇ ଧାର ପାଣି
ବନ୍ଧଟିରେ ଚଢ଼ାଉ ।

ଆଷାଢ଼ରୁ ଶ୍ରାବଣ
ଲାଗେ କହୁ ଏବେ ମୋ'ର
ଲୋଡା ନାଇଁ ପାର୍ବଣ ।

ଆଷାଢ଼ଟି ଆସିଲା
କଳାକଳା ମେଘମାଳା
ଆକାଶରେ ଭାସିଲା ।


୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯.ମୋ:୯୫୮୩୨୦୨୩୫୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୁହୂର୍ତ୍ତେ ଜୀବନ

ବିନୟ ମହାପାତ୍ର



କେବେ ଥରେ ନିଜେ,
ନିଜକୁ ପଢ଼ିଛ ?
କେବେ ନିଜେ, ନିଜ ସହ
ନିରୋଳାରେ ଦୁଇ ଘଡ଼ି
ଗପସପ୍ ହୋଇଛ ?
କେବେ ପଚାରିଛ ନିଜକୁ
ସିଏ କଣ ଚାହେଁ,
କେଉଁଥିରୁ ଖୁସି ମିଳେ ତାକୁ ?
ସାରା ଜୀବନ କେବଳ,
ଅନ୍ୟ ପାଇଁ ଭାବିଲ, ଅନ୍ୟର ଶୁଣିଲ,
ନିଜ କଥା ଭୁଲି, ଅନ୍ୟର ଖୁସି ପାଇଁ
ସବୁ କିଛି କରି ଗଲ,
କେବଳ ଘର ପରିବାର ପାଇଁ
ଜୀବନକୁ ଜୀଇଁଲ ।

କେବେ ଶୁଣିଛ,
ନିଜ ନିଃଶ୍ୱାସର ଶବ୍ଦ,
ଚାମୁଚାଏ ପ୍ରାଣବାୟୁ,
ନିଶବ୍ଦରେ ଭିତରକୁ ଯାଏ
ବାହାରକୁ ଆସେ,
କେବେ ପିଛା କରିଛ ତାର ?
କେବେ ନିଜ ପାରିବାପଣ ପାଇଁ
ନିଜକୁ କେବେ ସାବାସ୍ କହିଛ ?
ଏ ଦେହ ଅହର୍ନିଶୀ
ତୁମ ସହ ଚିପିକି ରହିଛି,
ସବୁ ପରିସ୍ଥିତିରେ
ତୁମ ସାଥିରେ ରହିଛି,
କେବେ ଏ ଦେହକୁ ଥରେ
ଧନ୍ୟବାଦ କହିଛ ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୁଏତ, ତୁମେ ମାନି ନେଲ,

ଏ ଜୀବନ, ଏ ଶରୀର

ତୁମର ନିଜସ୍ୱ ସମ୍ପତ୍ତି,

କିନ୍ତୁ, ଭୁଲି ଗଲ,

ଆନନ୍ଦର ଅନୁଭବ କରିବାକୁ,

ଏ ଜୀବନ ଯେ ତୁମକୁ ମିଳିଛି,

ଏ ଦେହ ଭଡ଼ାଘର ଟିଏ,

କିଛି ବର୍ଷ, ଲିଜ୍ ଦଖଲରେ ଅଛି ।

ମିଆଦ ସରି ଗଲେ,

ଏ ଦେହ ଫେରାଇ ଦେବାକୁ ହେବ,

ପଞ୍ଚଭୂତର ସମ୍ପତ୍ତି, ପଞ୍ଚଭୂତକୁ

ଘଡିକରେ ଘଟ, ମାଟିରେ ମିଳାଇ ଯିବ

ପୁଣି ଏକ ନୁଆ, ଜୀବନ ପାଇବାକୁ ।

ଯାହା ପାଇଁ ଜୀଇଁଲ,

ରକ୍ତ ଜାଳି ଯାହା ସବୁ ଏକାଠି କଲ,

ସେମାନେ କି ତୁମ ପାଇଁ

କିଣି ପାରିବେ ମୁହୂର୍ତ୍ତେ ଜୀବନ,

ଢାଳି ଦେଇ ତୁମ ସଞ୍ଚିତ ସବୁଯାକ ଧନ,

ବୃଥାରେ ସିନା ମରିଯିବ ଏ ଦେହ,

ସରିଯିବ ଦୁର୍ଲ୍ଲଭ ମଣିଷ ଜୀବନ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଦୀନବନ୍ଧୁ

ଆଶିଷ କୁମାର ସାହୁ



ବ୍ରହ୍ମାଣ୍ଡର ନାଥ ଆହେ ଜଗନ୍ନାଥ
ତୁମ ଇଚ୍ଛାରେ ଚାଲୁଛି ଏସାରା ଜଗତ,
ତୁମେ ବ୍ରହ୍ମ ତୁମେ ଦେବ
ତୁମେହିଁ ଏ ଜଗତ ନିଅନ୍ତା,
ତୁମ ଦୟାହେଲେ ପ୍ରଭୁ
ନ ରୁହେ ଦୁଃଖୀଙ୍କ ଚିନ୍ତା,
ତୁମେ ଦୀନବନ୍ଧୁ ଦରିଦ୍ରଙ୍କ ସାହା
ତୁମେ ହିଁ ଭାଗ୍ୟବିଧାତା,
ତୁମର ଆଶିଷେ ସବୁ ମିଳେ ଏ ଭୂମିରେ
ସ୍ୱର୍ଗ ରାଇଜର ସୁଖ ଓ ସୁବିଧା,
ତୁମେ ସୁଖ ତୁମେ ପ୍ରେମ
ତୁମେ ହିଁ ମୋ ଆରାଧ୍ୟ ଦେବତା,
ତୁମ କୃପା ଥାଉ ପ୍ରଭୁ
ନରହୁ ଏ ଜୀବନେ ଚିନ୍ତା,

ତୁମେ ସତ୍ୟ ତୁମେ ସୁନ୍ଦର
ତୁମେ ହିଁ ଏ ବ୍ରହ୍ମାଣ୍ଡ ସ୍ରଷ୍ଟା,
ତୁମ ଭକ୍ତିରେ ବୁଡିଯିବି ମୁହିଁ
ଦିଅ ପ୍ରଭୁ ଆଜି ମନରେ ଦୃଢତା,
ତୁମ ଦେଖାରେ ଦିନ ସରୁ ମୋର
ତୁମ ସ୍ୱପ୍ନରେ ରାତି ପାହୁ,
ଜୀବନର ଶେଷ ନିଶ୍ୱାସ ଥିବା ଯାଏ
ମନ ଭିତରେ ତୁମ ନାମ ରହୁ,
ତୁମେ ଦିବ୍ୟ ତୁମେ ସର୍ବବ୍ୟାପି
ତୁମେ ହିଁ ମୋର ହୃଦୟର ରଜା ।

ଭେଜିପଦର, ଭବାନୀପାଟଣା, କଳାହାଣ୍ଡି
ଆଳାପ - ୮୧୪୪୦୧୫୭୬୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରଜ

ସୁଜିତ କୁମାର ମିଶ୍ର



ରଜ ତ ଗାଆଁର କୁଆଁରୀ କନିଆଁ
ଲୁହଭରା ଅନୁରାଗ,
ଅଳତା ରଙ୍ଗ ଓ  ମଞ୍ଜୁଆତି ଛୁଆଁ
ମମତାର ମଧୁଛନ୍ଦ ।

ରଜ ତ ଗାଆଁର  ବରଗଛ ଦେହୁ
ଝୁଲୁଥିବା ଉଙ୍ଗା ଦୋଳି,
ଜହ୍ନ ଆଲୁଅର  ରମ୍ୟ ରୋଷଣୀରେ
ସମ୍ମୋହିତ ଶ୍ରଦ୍ଧା ଥାଳି ।

ରଜ ମୋ ଗାଆଁର  ମଣ୍ଡପ ଛାତିରେ
ଲୁଡୁ ପଶା ତାସ ଖେଳ,
ବନ୍ଦୀ ଜୀବନରୁ   ମୁକ୍ତି ସଂଗୀତର
ମଧୁଝରା କୋଳାହଳ ।

ରଜ ମୋ ଗାଆଁର   ମା ହାତ ତିଆରି
ଏଣ୍ଡୁରି ଓ ବିରିପିଠା,
ଶ୍ୟାମଳ କ୍ଷେତର  ସୁନେଲୀ ସପନ
ସରାଗର ନଈପଠା  ।

ରଜ ଖିଲି ପାନ  ଭାବ ବଂଶୀସ୍ୱନ
ଜେଜେମା ହାତର ଛୁଆଁ,
ସୁଖର ଫଗୁଣ  ଫୁଲ ଚନ୍ଦନରେ
ବସନ୍ତ ମଳୟ ବାଆ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରଜ ବନ୍ଧନର   ବରଷା ଧାରାରେ
ଆଳାପର ଆମ୍ବତୋଟା,
ଅଫେରା ଅତୀତ   ନିରାଶା ଅନ୍ଧାରେ
ପୁର୍ଣ୍ଣମୀର ପ୍ରୀତିଛିଟା ।

ଚାଷୀ ପ୍ରତୀକ୍ଷାର  ଭିଜା ଛାତି ତଳେ
ହସେ ଗଣପର୍ବ ରଜ,
ଆଖି ଆକାଶରେ   ଜହ୍ନ ଜୋଛନାରେ
ମନପକ୍ଷୀ ସଜବାଜ  ।

ଉଦାସୀ ଗାଆଁର   ଆହତ ପରାଣେ
ଅମୃତ ମଣୋହି ରଜ,
ସାତ ସୁର ଗୀତ   ଶ୍ରଦ୍ଧା ମୁଖରିତ
ଗୁଣୁଗୁଣୁ ମନକୁଞ୍ଜ  ।

ମାଟି  ଆକାଶର  ମଉନ ରାଗରେ
ରଜ ରାଜକୀୟ ସାକ୍ଷୀ,
ମେଘବୀଣା ତାନେ ପୁଲକିତ ଆଶା
ମିଳନ ବିଭୋର ସଖୀ ।

ରଜ ଚିତ୍ତଚୋରା   ରସଝରା ଚିଠି
ମଉସୁମୀ ମେଘ ଲଗ୍ନେ,
ବିଦଗ୍ଧ ଭାବର   ବିଶ୍ୱାସ ଲହରୀ
ସବୁଜିମା ସମ୍ମୋହନେ  ।

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
୭୬୮୩୮୬୭୭୪୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରଜ

ସୀମା କାନୁନ୍‌ଗୋ



ବରଷକେ ଥରେ ରଜ ପରବଟି ଆସିଲା,

ଘର ଘର ସବୁ ପିଠାପଣାରେ ତ ଭାସିଲା,

ଚାଷ ବାସ କାମ ସରିଲା,

ତାସ୍ ପଶାପାଲି, ଲୁଡୁ ଆସିଲା,

ଚଉତରା ପରେ ଖେଳଟା ବହୁତ ଜମିଲା,

ବିଦେଶରୁ ପୁଅ ଫେରିଲା,

ଗାଁ ଦାଣ୍ଡରେ ତ ବାଗୁଡି ଖେଳରେ ମାତିଲା,

ଗଛରୁ ପାଚିଲା ଆମ୍ବ ଖସିଲା,

ରୋଷ ଘରୁ ପୋଡପିଠାର ମହକ ଆସିଲା,

ଦୋଳି ଖେଳରେ ତ ତୋଟା ଭିତରଟା କମ୍ପିଲା,

ମୋ ଭାଇ ବିଦେଶରୁ ଫେରିଲା,

ରଜପାନ ଖାଇ ନୂଆବୋଉ ମୋର ହସିଲା,

ଗାଁ ଝିଅଙ୍କର ସାହି ବୁଲାବୁଲି ଚାଲିଲା,

ପିଠାପଣା ଖାଇ ଏମିତି ମଜାରେ କଟିଲା,

ରଜ ତିନିଦିନ ସରିଲା ।

ଆଡଭୋକେଟ୍,

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗାଆଁର ମହକ

ଆଶୁତୋଷ ମେହେର



ଚଉଦିଗେ ତା'ର ସବୁଜ କିଆରୀ
ପାଚିଲା ଫସଲ ହସ ,
ଦୂର ପାଟ ବିଲେ ଖଜୁରୀ ତାଳ ର
ଶୋଭା ତ କରେ ବିବସ ।।

ତା ଆଗ ପଟକୁ ଅଙ୍କା ବଙ୍କା ନଇ
କାଚ କେନ୍ଦୁ ପାଣି ଧାର ,
କୁଳୁକୁଳୁ ସୁରେ ଗୀତ ଗାଇ ଧାଏଁ
ସତେ କି ରୂପେଲି ଗାର ।।

ଗାଇଆଳ ଟୋକା ବଇଁଶୀ ଶବଦ
ଗୋଠ ଆମ୍ବ ତୋଟା ତଳେ,
ବାହୁଡନ୍ତି ଗୋରୁ ଗାଆଁ ଦାଣ୍ଡେ ଧୂଳି
ନୂଆଁଣିଆ ସଂଜ ବେଳେ ।।

ଗାଆଁ ମଝି ଠିଆ ମନ୍ଦିର ଦୁଇଟା
ଜଗନ୍ନାଥ ବଡଦିଅଁ ,
ଠାକୁରାଣୀଙ୍କର ଆଶୀଷ ମିଳଇ
ସିନ୍ଦୂର ବେଳା ଯେ ମୁହଁ ।।

ପୋଖରୀ ପାଣିରେ କଇଁ ଫୁଲ ହସେ
ଆକାଶ ଦେଖଇ ଛବି,
ଗାଧୁଆ ବେଳର ପାଣିଖେଳ ଛାଟ
କେତେ ମଜା ଅନୁଭବି ??

ପାଖ ଗାଆଁ ଝିଅ ଆମ ଗାଆଁ ଆସେ
ଲମ୍ବ ଓଢଣାଟେ ଟାଣି ,
ଭୁଆଶୁଣି ହୋଇ ତୁଠେ ପାଦ ମାଜେ
ହଲାଇ ତା' ଯୋଡା ବେଣୀ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସହରେ ରହିକି ସ୍ମୃତି ଚିହ୍ନ ହେଲା
ଗାଆଁ ର ଅଭୁଲା ଛବି ,
ସେ ମାଟି ମହକ ପରାଣେ ଭେଦିଛି
ବନାଇ ଦେଇଛି କବି ।।
କେତେ ଯେ କହନ୍ତି ଗାଆଁ ବଦଳିଛି
ସମୟ ଗଡିଛି ଆଗେ ,
ଗାଆଁ ର ମହକ ରହିଛି ଅତୁଟ
ହୃଦ ସବୁ ଦିନେ ମାଗେ ।।

୫୪, ଆର୍ଯ୍ୟପଲ୍ଲୀ
କିଟଛକ ପଟିଆ ଭୁବନେଶ୍ୱର ୭୫୧୦୨୪
ଦୂରଭାଷ : ୯୪୩୭୦୮୫୩୯୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋ ଭାରତ ମହାନ

bsushan3@gmail.com

ଭାରତଦେଶେ ଜନମିଛନ୍ତି
କେତେ ବୀର ସୁପୁତ୍ର
ଦେଶ ସୁରକ୍ଷା ପ୍ରତି କାମରେ
ସର୍ବେ ସଦା ଜାଗ୍ରତ ।

ଗଙ୍ଗା ଯମୁନା ବଇତରଣୀ
ଗୋଦାବରୀ ନର୍ମଦା
ଏମିତି କେତେ ବହୁଛି ନଦୀ
କୋଳରେ ତା ସର୍ବଦା

କୃଷକ ଭାଇ ଯୋଗାଏ ଖାଦ୍ୟ
ସହି ଖରା ବରଷା
ଦେଶ ସୀମାରେ ବୀର ସୈନିକ
ଜଗିଛି ସେ ସହସା

କାଶ୍ମୀର ସ୍ଥାନ ପେହେଲାଗାମ
ଆତଙ୍କକି ଘଟଣା
ମନରେ ଶୋକ ଓ ଆତଙ୍କବାଦୀ
ମାନଙ୍କ ପାଇଁ ଘୃଣା

ଇଛାହୁଏ ଯାଇ ଆତଙ୍କୀ ଙ୍କୁ
ଜୀବନରୁ ମାରିବା
ଅମାନବୀୟ ହିଂସ୍ରତାକାର୍ଯ୍ୟ
ତାଙ୍କୁ ନାହିଁ ଛାଡ଼ିବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୋ ଦେଶ ସହ ଯିଏ ଏପରି
ବିଶ୍ୱାସଘାତ କଲା
ଆମଦେଶ ବୀରମାନେ ତାର
କଡା ଜବାବ ଦେଲେ

ଭାରତର ଏକଶ୍ୱର କୁହେ
ବସୁଧେବ କୁଟୁମ୍ବକମ
ଏଠି ଚଳିବନି ଆତଙ୍କୀଙ୍କ
ଦେଶର ବିଭାଜନ

କାଶ୍ମୀର ନିନ୍ଦନୀୟ ଘଟଣା
ସାରା ଦେଶ ଦୁଃଖିତ
ଆମ ଶରୀରେ ଦେଶାତ୍ମବୋଧ
ଭାରତୀୟତା ରକ୍ତ

ଦିନେ ଇଂରେଜ ଶାସନ ଆସି
ହିନ୍ଦୁ ମୁସଲିମ କଲେ
ଏକା ଗାନ୍ଧିଜୀ ଅନଶନରେ
ଦୁହେଁ ଏକତା ହେଲେ

ଏଇଦେଶ ଆମ ସୁ ଭାରତ
ଏମାଟି ସୁନା ଫଳେ
କୃଷକ ଶ୍ରମିକ ସୈନିକ ଏ
ଶିକ୍ଷକ ଦେଶରତ୍ନ

bsushan3@gmail.com

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଦହଗଞ୍ଜିଆ ଏ ଜୀବନ

ନିରଞ୍ଜନ ସାହୁ



ଜୀବନଟା ଭାରି ଦହଗଞ୍ଜିଆ ଯେ
ବଞ୍ଚିବା କଠିନ ଭାରି
କିଏସେ କହୁନ ଜୀବନ ଯମୁନା
ସହଜେ ହୋଇଛି ପାରି ?

ଏନ୍ତୁଡ଼ି ନିଆଁରୁ ଜୁଇ ନିଆଁ ଯାଏ
ଜୀବନର ଗତିପଥ
କିଏସେ କହୁନ କହିପାରିବ ଯେ
କେବେ ଅଟକିବ ରଥ
କିଏସେ କାନ୍ଦିନି ଜୀବନ କାଳରେ
ପୁରୁଷ ହେଉ କି ନାରୀ ?

ଜୀବନ ଯାତନା ଭୋଗ କରିକରି
କିଏସେ ଯାଇଛି ଜିତି
କାହାର ବି ନାନା ଯନ୍ତ୍ରଣା ଭିତରେ
ଜୀବନ ଯାଇଛି ବିତି
କିଏ ଜୀବନରେ ଅଟକି ରହିଛି
କାମ ପାରିନାହିଁ ସାରି ।

ସଂଘର୍ଷ କରିବା ଜୀବନର ଧର୍ମ
ଏକଥା ସଭିଙ୍କୁ ଜଣା
ତଥାପି ଜୀବନ ସଂଘର୍ଷ ଭିତରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୋଇଯାଏ ବାଟବଣା

କିଏସେ ଜୀବନେ କେବଳ ଜିତିଛି

ଯାଇନାହିଁ ଜମା ହାରି ?

ଜୀବନ ସଂଗ୍ରାମ କରିକରି ପୁଣି

ଶେଷରେ ମରିବା ସାର

ସବୁ ଛାଡ଼ିଦେଇ ଆତ୍ମା ବାହୁଡ଼ଇ

ଦେହ ହୁଏ ନାରଖାର

କି ଲାଭ ମିଳିଲା ଏତେ କଷ୍ଟ କରି

ଭାବୁଥାଏ ଦେହଧାରୀ ।

ନିହଲ ପ୍ରସାଦ, ଗଁଦିଆ ପାଟଣା

ଢେଙ୍କାନାଳ – ୭୫୯୦୧୬

ମୋ :– ୯୯୩୮୭୪୧୫୮୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋ ଗାଁ ଡାକେ

ଚନ୍ଦ୍ରକାନ୍ତ ଜେନା



ଆଜି ମୋ ଗାଁ ଡାକେ,

ଡାକରେ ତାର,ପୁରୁଣା ଦିନର, ସାଇତା ସ୍ମୃତି ସବୁ,

ଅଭୁଲା, ଅପାଶୋରା ସମୟ ସବୁ !

ଭୁଲି ହୁଏନି !

ଗାଁର ସେହି କଳାଧଳା ଦିନ ସବୁ !

ଆଜିର ରଙ୍ଗୀନ ଦୁନିଆ ଭିତରେ, ହଜି ଯାଇଥିବା ସେହି ପୁରୁଣା କଥା ସବୁ !

ଭାରି ଇଚ୍ଛା ହୁଏ,ଖୋଲି ଦିଅନ୍ତି କି ?

ସେ ଚିରା, ମଇଳା ବହିଟିକୁ, ଯେଉଁ ବହିର ପ୍ରତିଟି ପୃଷ୍ଠା ଭିତରେ,

ସାଇତା ହୋଇଛି ସେ ସ୍ୱର୍ଗୀୟ ସମୟ ଗୁଡ଼ାକ,

ଫର୍ଦ୍ଦ ପରେ ଫର୍ଦ୍ଦ ଓଲଟାଇ ଚାଲିଛି ମୁଁ ପୃଷ୍ଠା ଗୁଡ଼ାକ...

ହେଲେ କାହିଁକି କେଜାଣି ଯେତେ ଲେଉଟାଇଲେ ବି !!

ସରୁନାହିଁ ପୃଷ୍ଠାଗୁଡ଼ାକ !!!

ନିଜକୁ ମୁଁ ଖୋଜୁଛି, ଆଜି ନିଜ ପାଖରେ,

Listen to Odia Podcast Original at https://youtube.com/@drjyotiprasad

ହଜାଇ ଦେଲି କି ଆଜି !

ଅଭାବି ମନକୁ ମୋର,

ଭାବନା ରାଇଜର ସ୍ମୃତି ଆକାଶରେ,

ହେ ଅତୀତ ତୁମେ,ଆଉଥରେ ଆସନ୍ତନି ?

କୋଳାଇ ନିଅନ୍ତି ତୁମକୁ,

ଅତି ଆପଣାର ପରି..

ଛାଡ଼ନ୍ତିନି ଆଉ ! ନା ଛାଡ଼ନ୍ତିନି !

ଚୋରାଇ ନେଇଛ ତୁମେ, ବୟସର କୃଷ୍ଣଚୁଡ଼ାକୁ ।

ହଜାଇ ଦେଇଛ ତୁମେ,

ଜୀବନର ଚାବିପେନ୍ଥାକୁ !

ଭୁଲାଇ ଦେଇଛ ତୁମେ, ସେଦିନର ସମୟ ଗୁଡ଼ାକୁ.... ଦୁରେଇ ଦେଇଛ ତୁମେ,

ମୋତେ ମୋ ସ୍ୱପ୍ନର ଦୁନିଆଠାରୁ...

ଯେଉଁଠି ଥିଲା ମୋ,

ମମତାମୟୀ ମା

କାଳର କବଳରେ ନିଷ୍ପେସିତ, ହୃଦୟର ମାନସପଟରେ ଅଙ୍କିତ ହୋଇଯାଉଥିଲା ଯାହାର ଛବି...

ସେ ମୋ ଗାଁ, ହଁ ସେ ମୋ ମାଆ,

କେତେ ଗର୍ବ,ଗୌରବର ଗାଥା,

କେତେ ସଂସ୍କୃତି,ପରମ୍ପରାରେ ଚମକେ ତାର ନାଁ....

ଯାହାର ମାଟିର ବାସ୍ନା,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଜି ଅଥୟ କରୁଛି ମୋତେ... ଯାହାର ପାଣି ପବନ,

ଆଜି ବ୍ୟଥିତ କରୁଛି ମୋତେ... ଯାହାର ନଦୀପଠା,

ଆଜି ହାତଠାରି ଡାକୁଛି ମୋତେ,

ଆଉ କହୁଛି...

ଭୁଲିଗଲକି ? ? ?

ସେ କାଗଜଗୁଡ଼ିକୁ...

ସେ ମାଛଧରା ଦିନଗୁଡ଼ିକୁ... ସେହି ଖରାବେଳ ଆମ୍ବତୋଳାକୁ...

ସେହି ପୁନେଇ,ପରବକୁ...

ଦୋଳ ଯାତରା ସରାଗକୁ...

ଦୋଳ ବିମାନରେ ମୋ କାଳିଆ ଚାନ୍ଦଙ୍କୁ

ଓଃ ! ପାରୁନି ମୁଁ ଆଉ... ! ! !

ହେ ଅତୀତ ତୁମେ...

ଫେରାଇ ଦିଅ ମୋତେ,

ମୋ କଳାଧଳା ଦିନ ଗୁଡ଼ାକୁ... ଚାହେଁନା ମୁଁ,

ରଙ୍ଗୀନ ଦିନ ସବୁକୁ.....

ଦେଇଦିଅ ମୋତେ ମୋ ପୁରୁଣା ଦିନକୁ,

ମନ ଆକାଶରେ ମୋର ସେ କାଗଜ ଗୁଡ଼ିକୁ,

Listen to Odia Podcast Original at https://youtube.com/@drjyotiprasad

ପୁଣି ଉଡ଼ାଇ ଦିଅନ୍ତି...

ପୁଣି ହଜି ଯାଆନ୍ତି ସେ ଫଗୁର ଫୁଆରରେ,

ପୁଣି ମଜ୍ଜି ଯାଆନ୍ତି ସେ ସାତ ରଙ୍ଗର ହୋଲିରେ....

ପୁଣି ଘୁରି ବୁଲନ୍ତି...

ସେ ମେଲଣ ପଡ଼ିଆରେ,

ତାର ବିଶାଳ ବୁକୁରେ ।

ମୋ ଗାଁ'ର ଡାକରେ...

ହଁ, ମୋ ଗାଁ'ର ଡାକରେ ।

ଶିକ୍ଷକ

ବ୍ରାହ୍ମଣସାଇଲୋ ନୋଡାଲ ଉଚ୍ଚ ବିଦ୍ୟାଳୟ,

ବ୍ରାହ୍ମଣସାଇଲୋ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଖୋଜି ପାଏ ତୁମକୁ

ଅନସୂୟା ଲେଙ୍କା



କେବେ କୋଇଲିର କୁହୁ କୁହୁ ତାନରେ
କେବେ ସମୁଦ୍ରର ଗଭୀରତା ମଧ୍ୟରେ
କେବେ ଚିଲିକାର ସାୟନ୍ତନ  ଦୃଶ୍ୟରେ
କେବେ ଶୀତର ତୁଷାର ବିନ୍ଦୁରେ
କେବେ ଅମାବାସ୍ୟାର ଅନ୍ଧକାରରେ
କେବେ ପୂର୍ଣିମା ରାତ୍ରିର ଜ୍ୟୋସ୍ନାରେ
କେବେ ଇନ୍ଦ୍ରଧନୁର ସପ୍ତ ରଙ୍ଗ ରେ
କେବେ ପୁଣି ମୋ କବିତାରେ.....
ମୁଁ ଖୋଜି ପାଏ କୁମକୁ ...
ଓ ତୁମର ପ୍ରତିଛବି କୁ
ମାତ୍ର ବିଡମ୍ବନା.. !
ଆଙ୍କି ପାରେନି ତୁମର ପ୍ରତିଛବିକୁ
ନିରବି ଯାଏ ମୋ କଲମ ଓ ମୁଁ
ତୁମ ପାଖରେ ଓ ତୁମର ସେ...
ଆଖିର ଗଭୀରତା ପାଖରେ.....

ନୟାଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଖୁସିହେଉ

ବିନୟ ମିଶ୍ର



ଅପଚୟ ଖାଲି କାଳର ହୁଅଇ
ଭୁଲି ପ୍ରିୟଜନ ମାନ,
ମୁଖକୁ ପ୍ରସ୍ତରେ ନିଗାଡ଼ି ମୁରୁଖେ ହୋଇଥାଆନ୍ତି ମଉନ,
ଗୃହେ ଥିଲେ ପଞ୍ଚ ଜନ,
ବାର୍ତ୍ତାଳାପ ନୋହି ଅନ୍ୟ ଜଗତରେ କରୁଥାନ୍ତି ବିଚରଣ ।

ପସନ୍ଦ କି ଅବା ବିଚିତ୍ର ଚିତ୍ରକୁ  କିବା ଲେଖି ଦୁଇପଦ,
ବନ୍ଧୁ ହୋଇଥାନ୍ତି ଶୁଷ୍କ ପ୍ରଶଂସାକୁ କରିବାକୁ ହସ୍ତ ଗତ,
କି ଅବା ମିଳେ କାହାକୁ,
ଅନେକ ଯାତନା ମାନସିକ ଘାତ
ଭଲ ଲାଗେ ସହିବାକୁ ।

ମୁଖପୁସ୍ତକରେ କେବଳ ବନ୍ଧୁତା
ପ୍ରକୃତ ପ୍ରେମ କି ଅଛି,
ଅପଢା ଅଦେଖା ଅବା ଅଣଦେଖା କରି ଯାହା ଚାଲିଅଛି,
ଅହିରାକୁ ବାଇଗଣ,
ଫିଙ୍ଗିବା ପରାଏ ଉପରେ ଆଦର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭିତରେ ଅହଂ ପ୍ରମାଣ ।

ଯିଏ ପ୍ରକୃତରେ ଭଲ ପାଉଥାଏ
ମନ ଯାର କାର ପାଶେ,
ଆକୃଷ୍ଟ ହୁଅଇ ସେ ନିଶ୍ଚୟ କିଛି
ଲେଖିଥାଏ ସ୍ନେହ ବଶେ,
ଯାହା ପାଇଁ ଲେଖେ କିଛି,
ସେ ପରା ପଢେନି ଉତ୍ତର ରଖେନି
ମନ ତାର ଛିଡାଉଛି ।

ସମୟ ବର୍ବାଦ ବ୍ୟତୀତ ଏଠାରେ
ଆଉ କିଛି ଲାଭ ନାହିଁ,
ପ୍ରକୃତ ବନ୍ଧୁତା ଶାମୁକାର ମୁକ୍ତା
ସବୁଠାରେ ମିଳେ କାହିଁ,
ଯାହା ବି ଯେମିତି ହେଉ,
ମନୋରଞ୍ଜନର ଖୋରାକ ପାଇକି
ମନ ଟିକେ ଖୁସି ହେଉ ।

ନିଆଳ, ଖୋର୍ଦ୍ଧା



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅପେକ୍ଷାର ସ୍ୱର

ଶିଳ୍ପାଲିପି ବେହେରା

କେତେ ଦିନ ହେଲା ଅପେକ୍ଷା କରୁଛି ମୁଁ,

ତୁମ ଆଗମନ ପାଇଁ ବସିଛି ମୁଁ ଏକାନ୍ତ।

ସମୟ ବିତୁଛି, କିନ୍ତୁ ତୁମେ ନାହିଁ ଆସି,

ବଢ଼ିବାକୁ ଲାଗୁଛି ମୋ ହୃଦୟର ପ୍ରତୀକ୍ଷାର ପୀଡ଼ା ।

ମନ କରେ କେତେ କଥା, ଭାବନାର ଝିଲିକା,

ତୁମ ପ୍ରତୀକ୍ଷାରେ ବିତୁଛି ମୋର ପ୍ରତ୍ୟେକ ଦିନ ।

ସ୍ୱପ୍ନରେ ତୁମକୁ ଦେଖେ ଆସୁ ମୋ ପାଖରେ,

ଏକ ମିଳନର ଆଶା ରଖି ମୁଁ ବସିଛି ନିରବ ଭାବରେ ।

କେବେ ଆସିବ ସେ ଦିନ, ସେ ମୁହୂର୍ତ୍ତ,

ଯେତେବେଳେ ମିଳିବୁ ଆମେ ଦୁଇଜଣ ।

ଭେଟର ଆଶାରେ ପ୍ରତ୍ୟେକ କ୍ଷଣ ବିତୁଛି,

ଅପେକ୍ଷାର ଏହି ଯନ୍ତ୍ରଣା ସହିବି ମୁଁ କେବଳ ।

ତୁମ ପ୍ରେମରେ ବିଶ୍ୱାସ ରଖି, ଅପେକ୍ଷା କରିବି ମୁଁ,

Listen to Odia Podcast Original at https://youtube.com/@drjyotiprasad

ଆଶା ରଖି ତୁମର ଆଗମନ ପାଇଁ ସବୁବେଳେ ।

କେବେ ଆସିବ ସେ ଦିନ, ଜାଣିନା ମୁଁ ଏବେ,

ତଥାପି ତୁମ ପାଇଁ ରହିବ ମୋ ଅପେକ୍ଷାର ଏହି ଗୀତ ।

+୩ ଦ୍ୱିତୀୟ ବର୍ଷ ଛାତ୍ରୀ

ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ

ଜଗତସିଂହପୁର


ଫୋନ୍ : ୮୦୯୩୫୨୨୯୨୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସୀମନ୍ତିନି

ରଞ୍ଜିତା ଦାଶ



ସ୍ୱପ୍ନାଚାରୀର ସିନ୍ଦୁରିମା ତୁମେ
ସାତରାତିର ଜହ୍ନ
ଫେରନ୍ତି ଫଗୁଣ ଲେଉଟି ଆସେ
ସତୀ ପାହାନ୍ତିର ମନ ।
ଅବୁଝା ତୁଠେ ପ୍ରୀୟତମା ସାଜି
ଅଲିଅଳି ରାଜଜେମା
ପ୍ରକୃତି ପୁରୁଷ ପାଇଁ ଆଜି ସିଏ
ତ୍ୟାଗ ତରିକାର ସୀମା ।
ଆଶା ପାହାଚର ସମୁଦ୍ରେ ବିଶ୍ୱାସ
ନୀଳସଡକର ତୃଷ୍ଣା
ଅଯାଚିତ ମନ ସମ୍ଭାବନା କୂଳେ
ସୀମନ୍ତିନୀ ପ୍ରୀତିପର୍ଣା ।
ଫେରେଇ ଦିଅଗୋ ବାରେ ମୋ
ସିନ୍ଦୁରିତ ସମ୍ମୋହନ
ପାହି ନ ଯାଉ କେବେ ଏ ରଜନୀ
ଜାଗି ଉଠୁ ପ୍ରାଣଧନ ।

ପବିତ୍ର ପାପର ପ୍ରାୟଶ୍ଚିତ୍ତଟିଏ
ମିଳିଥିଲା ଯେଉଁ ଦିନ
କାୟ ମନରେ ଚାଙ୍ଗୁଡି ସଜାଡି
ଯାଚିଥିଲା ତାର ମନ ।
ଆଜି ସେ କେମିତି ହାରିବ ତୁମଠୁ
ଜିତିବାକୁ ବାଜି ଲାଗେ
ପଣତ ବେଢେଇ ମାଗିନେବ ଯାହା
ପ୍ରତିକ୍ଷାର ମୂଲ ମାଗେ ।

ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବରଷକେ ଥରେ ଆସିଛି ରଜ

କଳ୍ପନା ବିନ୍ଧାଣୀ



ବନସ୍ତେ ପରାଲୋ ଡାକିଲାଣି ଗଜ
ଆସୁଅଛି ବୋଲି ରଜ
ଆସଲୋ ବଉଳ ସଭିଏଁ ମିଳିଣ
ହେବା ଆମେ ସଜବାଜ ।
ଆମ ରାଷ୍ଟ୍ର ପର୍ବ ରଜ ସଂକ୍ରାନ୍ତି ଏ
ତିନି ଦିନ ମନାଇବା
ମାତା ବସୁମତୀ ରଜସ୍ୱଳା ହେବ
ବିଧି ବିଧାନ କରିବା ।
ପିଲା ଠାରୁ ବୁଢା ସଭିଙ୍କ ମନରେ
ଭରିଅଛି ସରସତା
କୃଷି ଭିତ୍ତିକ ଏ ରଜ ପର୍ବଟି
ଦିଏ ଭାଇ ଚାରା ବାର୍ତ୍ତା ।

ଘରେ ଘରେ ଆଜି କୁଣିଆଙ୍କ ଭିଡ
ପୋଡପିଠା ମିଠାଖିଆ
ରଜ ଦୋଳି ଖେଳ ସାଙ୍ଗ ସାଥି ମେଳ
ରଜ ପାନ ଦିଆ ନିଆ ।
ଏହି ତିନି ଦିନ କର୍ମରୁ ବିରତି
ନେଇଥାନ୍ତି ନର ନାରୀ
ବସୁମତି ସ୍ନାନ ସମାପନ ପରେ
କର୍ମେ ହୋନ୍ତି ଅଗ୍ରସରି ।

ମୟୂରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବରଷକେ ଥରେ ଆସିଛି ରଜ

ଦେବେନ୍ଦ୍ର ନାୟକ



ବାର ମାସେ ତେର ପରବ ପାଳନ୍ତି
ତା ଭିତରେ ଅଛି ରଜ
ବରଷକେ ଥରେ କେତେ ଆନନ୍ଦରେ
ପାଳିବା ରଜକୁ ଆଜ ।

ରଜ ତିନିଦିନ ଯାକ ନାରୀ ମାନେ
ରୋଷେଇ ବାସ କୁ ଛାଡ଼ି
ରଜ ପାନ ଖାଇ ପିଠାପଣା ବାଣ୍ଟି
ଦୋଳିରେ ବସନ୍ତି ଭିଡି ।

କୃଷିଭିତ୍ତିକ ଏ ପର୍ବ ଉତ୍କଳର
କୃଷକ ମନଟି ଖୁସି
ଧରଣୀ ମାତାଟି ହେବ ରଜସ୍ୱଳା
ଗରଭ ଧରିବ ହସି ।

ରଜରେ କେତେ ଯେ ଯାତରା ବସଇ
ଝିଅ ବୋହୂଙ୍କର ଖେଳ
ବରଷକେ ଥରେ ଆସିଛି ରଜ ଲୋ
ସର୍ବେ ଆନନ୍ଦରେ ପାଳ ।

ରଜ ଦୋଳି ରଜ ଗୀତ ଲୋ ସଙ୍ଗୀତ
ଆହା କି ସୁନ୍ଦର ଛଟା
ମାଆ ଭଉଣୀଙ୍କ ରଜ ତିନିଦିନ
ନ ସାଜନ୍ତି କେହି କଣ୍ଟା ।

ନୂଆ ଲୁଗା ପିନ୍ଧି ପାଦେ ପାଦ ଛନ୍ଦି
ପାଳିବା ନ କରି ଲାଜ
ଆମ ପ୍ରଥା ପରମ୍ପରା ବଞ୍ଚିରହୁ
ଏ କଥା ମନରେ ହେଜ ।


ମିଟୁଆଣୀ, ଠାକୁରମୁଣ୍ଡା, ମୟୂରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବରଷକେ ଥରେ ଆସିଛି ରଜ

ସଂଯୁକ୍ତା ସାହୁ



ଆସ ଆସ ସହି ସଙ୍ଗାତ ମୋହର
ପାଳିବାକୁ ରଜ ନ କରି ଉଚ୍ଛୁର ।
ଗାଧୋଇ ପାଧୋଇ ସଜ ହୋଇବା
ନୂଆବସ୍ତ୍ର ପିନ୍ଧି ଗୁରୁଜନେ ମାନ୍ୟ କରିବା ।
ଖିରି,ପୋଡ଼ପିଠା ଖାଇ ବୁଲିବାକୁ ଯିବା
ଦୋଳିରେ ବସି ରଜଗୀତ ଗାଇବା ।
ନାନା ବ୍ୟଞ୍ଜନମାନ ମନ ଭରି ଖାଇବା
ତିନି ଦିନ ଧରି ଆମେ ରଜ ପାଳିବା ।
ଘର ପରିବାର ଲୋକ ସଭିଏଁ ମିଶି
ସ୍ନେହ ମମତା ବାଣ୍ଟିବେ ହୋଇଣ ଖୁସି ।
ରଜ ପର୍ବ ଆମ ଓଡ଼ିଶାର ସଂସ୍କୃତି
ଆମ ଓଡ଼ିଆମାନେ ପ୍ରତିବର୍ଷ ପାଳନ୍ତି ।
ପ୍ରଥମ ଦିନ ପହିଲି ରଜ ନାମରେ
ଦ୍ୱିତୀୟ ଦିନଟି ଗଣା ସଂକ୍ରାନ୍ତିରେ ।
ତୃତୀୟ ଦିନଟି ମାଆଙ୍କ ଭୂଇଁନହଣ
ରଜ ପାଳୁଛେ ଏହି ତିନିଦିନଟି ଜାଣ ।
ପହିଲି ଆଶାଢେ ରଜସ୍ୱଳା ପୃଥିବୀ
ଅବଗୁଣ୍ଠନବତୀ ଲାଜବତୀ ଧରଣୀ ଦେବୀ
ପହିଲି ବରଷାର ଆଗମନ କାଳରେ
ଚାଷୀଭାଇ ମନ ଉଚ୍ଛନ୍ନ ଅତି ଆବେଗରେ ।
କ୍ଷେତରେ ବୁଣିବ ବିଭିନ୍ନ ଧାନ ବିହନ
ଅନୁକୂଳ ହେବ ମାଆଙ୍କୁ କରି ଆବାହନ ।
ରଜ ସହିତ ବରଷା ପ୍ରତିବର୍ଷ ଆସଇ
ଧାରାଧାମ, ଜୀବଜଗତ ଶୀତଳ ହୁଅଇ ।

ରାହାମା, ଜଗତସିଂହପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବରଷକେ ଥରେ ଆସିଛି ରଜ

କାର୍ତ୍ତିକ ଚନ୍ଦ୍ର ପଣ୍ଡା



ଆସ ଗୋ ସଙ୍ଗାତ ଆସ ମିତଣୀ
ହେଲାଣି ମନ ଉଛନ୍ନ
ବରଷକେ ଥରେ ଆସିଛି ରଜ ଲୋ
ଭାଙ୍ଗି ଦେବି ଖିଲି ପାନ ।
ଖୁସିର ପସରା ମେଲାଇ ଦେଇ ଲୋ
ରଜ ପରବ ଆସିଛି
କି ଅପୂର୍ବ ଖୁସି କି ଆନନ୍ଦ ସତେ
ମନରେ ଭରି ଦେଉଛି ।
ସବୁ ପର୍ବ ମଧ୍ୟେ ରଜ ପର୍ବ ସାର
ଗଣ ପର୍ବ ଓଡିଶା ର
ଦଳ ଦଳ ହୋଇ ଗାଆଁ ଝିଅ ମାନେ
ବୁଲନ୍ତି ଗାଆଁ ଦାଣ୍ଡର ।
ନୂତନ ପୋଷାକ କରି ପରିଧାନ
ଦେହରେ ଅତର ବୋଳି
ଦୋଳି ଖେଳିବାକୁ ବାହାରି ଯାଆନ୍ତି
ହୋଇ ସର୍ବେ ଏକମେଳି ।

କୃଷିର ପରବ ଖୁସିର ପରବ
ଅଟଇ ତ ରଜ ପର୍ବ
ସବୁରି ପ୍ରାଣରେ ଖୁସି ବାଣ୍ଟି ବାଣ୍ଟି
ବଢାଏ ଆମର ଗର୍ବ ।
ପିଠା ପଣା ଖିରୀ  ଘରେ ଘରେ ହୁଏ
ହୁଏ ମାଛ ମାଂସ ଭାତ
ଖାଇବା ପିଇବା ମଉଜ କରିବା
ଏ ପର୍ବର ବିଶେଷତ୍ୱ।
ଛୁଆ ଠାରୁ ବୁଢ଼ା ସବୁରି ମନରେ
ଖୁସିର ଜୁଆର ଖେଳେ
ତାସ ପଶାର   ଆସର ଜମଇ
ଗାଆଁ ବର ଗଛ ମୂଳେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗଛର ଡାଳରେ  ଭଳି ଭଳି ଦୋଳି
ପଟା ଦୋଳି ଚକ୍ରୀ ଦୋଳି
ଢ଼ଙ୍ଗା ଦୋଳି ପୁଣି ରାମ ଦୋଳିଲାଗେ
ପୁଣି ଲାଗେ ଖାଇ ଦୋଳି ।
ଦୋଳି ଖେଳ ସାଥେ କବାଡି ବାଗୁଡ଼ି
ତାସ ପଶା ଲୁଡ୍ଡୁ ଖେଳ
ଆମ୍ବ ପଣସର      ମହ ମହ ବାସ୍ନା
ପୁଣି ପାଟିରେ ତାମ୍ବୁଳ ।
ତିନି ଦିନ ଧରି  ପାଳିତ ହୁଅଇ
ରଜ ଉତ୍ସବ ଆମର
ଜ୍ୟେଷ୍ଠ ର ମାସାନ୍ତ   ଆଷାଢ଼ ସଂକ୍ରାନ୍ତି
ପୁଣି ପର ଦିନ ତାର ।
କୃଷି କାର୍ଯ୍ୟ ସହ   ନିବିଡ଼ ସମ୍ପର୍କ
ରହିଛି ରଜ ପର୍ବରେ
ଧାନ ବୁଣି କ୍ଷେତେ    ଆମ ଚାଷୀ ଭାଇ
ଚାହିଁ ରହଇ ବର୍ଷାରେ ।
ମୌସମୀ ଆସଇ     ବରଷା ଝରଇ
ଚାଷୀ ମନରେ ହରଷ
ରଜ ମହୋତ୍ସବ     ପାଳନ୍ତି ଆନନ୍ଦେ
ଭଲ ଫସଲ ରେ ଆଶ ।

ବନ୍ତ, ଭଦ୍ରକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବରଷକେ ଥରେ ଆସିଛି ରଜ

କାହ୍ନୁ ଚରଣ ପାଣିଗ୍ରାହୀ



ସଂସ୍କୃତି ପରମ୍ପରାର ଆମ ରାଇଜ
ବରଷକେ ଥରେ ଆସିଛି ରଜ
କୁମାରୀ ଲଳନା ହୋଇବେ ସଜବାଜ
ତିନି ଦିନିଆ ପାଳିବେ ରଜ ମଉଜ

ଆଦ୍ୟ ଆଷାଢ଼ର ଅପୂର୍ବ ମହକ
ଭୂମିର ଭୂମା ଯାଏ ଅପୂର୍ବ ପୁଲକ
ରଜ ଦୋଳି ଗୀତର ସବୁଠି ଝଲକ
ନାନ ପିଠାପଣାର ପ୍ରସ୍ତୁତି ବୈଠକ

ଖିଲିପାନ, ପଶାଖେଳ ବାଗୁଡ଼ି ଖେଳ
ସଜବାଜରେ ବ୍ୟସ୍ତ ଚଳ ଚଞ୍ଚଳ
ଚାଷୀଭାଇର ମନ ହୁଏ ବିହ୍ୱଳ
ବସୁମତୀ କରିବେ ଧରା ଶସ୍ୟ ଶ୍ୟାମଳ

ଗ୍ରାମ୍ୟ ଲଳନା ମିଶି ରଚିବେ ପୁଚିଖେଳ
ତିନି ଦିନ ମନକୁ କରିବେ ନିର୍ମଳ
ନେବେ ବିଶ୍ରାମ କୁଆଁରୀ ଝିଅ ସହଳ
ବସୁମତୀ ହୋଇବେ ସେଦିନ ରଜସ୍ୱଳା

ହଜୁଛି ରଜ ପରବ ମହକ ଦିନକୁ ଦିନ
ଅସଜଡା ହୋଇଛି ଏବେ ପଲ୍ଲୀ ଜୀବନ
ଆମ୍ବ ବର ଗଛ ନାହିଁ ଏବେ ସାତ ସପନ
କୁଆଁରୀ ଝିଅ ଖୋଜୁଛି ସହରୀ ଜୀବନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରଜ ମଉଜ ଅଟେ ପବିତ୍ର ଅବସର
କୃତଜ୍ଞତା ଜ୍ଞାପନର ପ୍ରକୃଷ୍ଟ ସମ୍ଭାର
ଧରିତ୍ରୀ ମା'ର ତ୍ୟାଗ ସହନଶୀଳତାର
ଭାଇଚାରାର ପରବ ଅଟଇ ମଧୁର ।

ସତ୍ୟବିହାର ରସୁଲଗଡ଼, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବରଷକେ ଥରେ ଆସିଛି ରଜ

ଡଃ ତାନଶ୍ରୀ ପାଣିଗ୍ରାହୀ



ମାଟି ଆକାଶର ମିଳନ ସନ୍ଧ୍ୟାରେ
ଆସିଥାଏ ପର୍ବ ରଜ
ପଲ୍ଲୀଠୁ ସହର ଅପୂର୍ଵ ପୁଲକେ
ଚାଲିଥାଏ ସଜବାଜ...

ଆମ ଓଡିଶାର ମହାନ ପର୍ବ ରଜ
ଦିଏ ସଂସ୍କୃତିର ବାର୍ତ୍ତା
ଓଡ଼ିଆ ଘରର ସାମାଜିକ ଧାରା
କହେ ପରମ୍ପରା କଥା...

ମାଆ ବସୁମତୀ ହୁଏ ରଜସ୍ୱଳା
ପ୍ରକୃତିର ଏ ନିୟମ
ତିନି ଦିନ ରଜ ହୁଅଇ ପାଳନ
ପାଏ ସେ ପୂର୍ଣ୍ଣ ବିଶ୍ରାମ...

ପୋଡ଼ ପିଠା ଆଉ ଆରିସା କାକରା
ଖାଉଥାନ୍ତି ଖୁସି ମନେ
ଆମ୍ବ ପଣସ ରଜ ଖିଲି ପାନ
ବାଣ୍ଟିଥାନ୍ତି କେତେ ସ୍ନେହେ...

ଗାଆଁ ଦାଣ୍ଡ ସବୁ ଉଛୁଳି ପଡଇ
ସାଙ୍ଗସାଥୀଙ୍କର ମେଳ ମେଳି ପାଇଁ
ପିଠା ପଣା ଖାଇ ଗାଇ ରଜ ଗୀତ
ଖେଳୁଥାନ୍ତି ରଜ ଦୋଳି...

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରଜ ପରେ ହୁଏ ବସୁମତୀ ସ୍ନାନ
ମୌସୁମୀର ଆଗମନ
କୃଷକ ଭାଇଟି ସଜ ବାଜ ହୁଏ
ଚାଷ ପାଇଁ ଉଚ୍ଛନ୍ନ...

ରଜ ଆଣିଦିଏ ଆନନ୍ଦ ଉଲ୍ଲାସ
ଆଣେ କେତେ ଉଦ୍ଦୀପନା
ସବୁରି ହୃଦୟେ ଶାନ୍ତି, ମୈତ୍ରୀ, ପ୍ରୀତି
ଜାଗେ ପ୍ରେମ ସମ୍ଭାବନା ॥

ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବରଷକେ ଥରେ ଆସିଛି ରଜ

ବିଦ୍ୟୁତପ୍ରଭା ମିଶ୍ର



ଆଦ୍ୟ ଆଷାଢ଼ର ମଧୁଛୁଆଁ ନେଇ
ରଜ ଆସେ ଧରା ପରେ,
ପୁଲକି ଉଠଇଭୂମି ଠାରୁ ଭୂମା
ସୃଜନୀର ଗୀତି ସ୍ୱରେ ।
ବୈଶାଖର ଶେଷ ଆଷାଢ଼ ଆରମ୍ଭ
ସଂକ୍ରାନ୍ତି ଯେ ମଝିଦିନ,
ଏହି ତିନି ଦିନ ରଜର ପାଳନ
କରିଥାନ୍ତି ସର୍ବଜନ ।
ମୌସୁମୀ ଆସଇ ଏହି ସମୟରେ
ବୁନ୍ଦା ବୁନ୍ଦା ବର୍ଷା ଝରେ,
ପ୍ରକୃତି ଲାଗଇ ଶୀତଳ ମଧୁର
ମନରେ ଆନନ୍ଦଭରେ ।
ଧରଣୀ ମାଆ  ଯେ  ଋତୁମତୀ ହୋନ୍ତି
ହୁଏ ନାହିଁ କୃଷିକର୍ମ,
ଝିଅ ମାନେ ଖାଲି ପଦରେ ନଚାଲି
ପଟୁଆକୁ ଜୋତା ସମ ।

ରଜ ପୂର୍ବ ଦିନ ସଜବାଜ ପର୍ବ
ପୋଡପିଠା ହୁଏ ସଜ,
ପ୍ରଥମ ରଜରେ ଚୁଲିଲାଗେ ନାହିଁ
ଝିଅହୋନ୍ତି  ସଜବାଜ ।
ଲାଗଇ ଯେପରି ସରଗର ପରୀ
ଆସିଛନ୍ତି ଧରାଧାମେ,
ନୂଆ ପୋଷାକରେ ଚନ୍ଦନ ଟିପାରେ
ଓଠକୁ ରଙ୍ଗାନ୍ତି ପାନେ ।
ରଜ ଦୋଳି ଗୀତେ ଉଛୁଳି ପଡଇ
ଦୋଳି ଖେଳିବାର ସ୍ଥାନ,
ପଟା ବାଉଁଶର ଦୋଳିରେ ଝୁଲନ୍ତି
ଆନନ୍ଦ ବିଭୋର ମନ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରଜ ତିନିଦିନ ଜାତି ଜାତି ପିଠା
ଘରେ ହୁଅଇ ତିଆରି,
ଆରିସା କାକରା ବରା ପକୁଡିର
ମହ ମହ ବାସ ଭରି ।
ଶେଷ ରଜ ପର ଦିନଟି ହୁଅଇ
ବସୁମତିଙ୍କର ସ୍ନାନ,
ଶୀଳ ଶିଳୁପତା ପୂଜା ହୋଇଥାନ୍ତି
ହଳଦୀ ପାଣିରେ ଜାଣ ।

ଶାଶୂଘରୁ ଝିଅ ଘରକୁ ଆସନ୍ତି
ରଜ ପର୍ବ ମାନିବାକୁ,
ଭାଇ ଭଉଣୀ ଙ୍କ ଘରକୁ ଯାଆନ୍ତି
ରଜରେ ଭାର ଦେବାକୁ ।
ରଜ ପରବ ଟି ସରିଯାଏସିନା
ସ୍ମୃତି କିନ୍ତୁ ଅପାଶୋରା,
ଭାଇଚାରା ର ପରବ ଟି ଏହା
ସ୍ନେହ ପ୍ରୀତି ମୈତ୍ରୀ ଭରା ॥
ନାହିଁ ଆଗ ଭଳି ବଡ଼ ଗଛ ଆଉ
ନାହିଁ ସେହି ଦୋଳି ଖେଳ,
ତଥାପି ରଜର ମଉଜ ନିଆରା
ସ୍ମୃତିରହେ ମନ ତଳ ॥

ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବରଷକେ ଥରେ ଆସିଛି ରଜ

ଶୋଭାମୟୀ ପତ୍ରୀ



ପହିଲି ଆଷାଢ଼ ପୋରୁଆଁ ଛୁଆଁରେ
ବସୁମତୀ ଆନନ୍ଦିତ,
ମୌସୁମୀ ପ୍ରବେଶେ ରୌଦ୍ରତାପ ହ୍ରାସେ
ଜନ ମନ ପୁଲକିତ ॥
ଆମ ପରମ୍ପରା ରୀତି ଭାଇଚାରା
ଓଡ଼ିଆ ଜାତିର ଗର୍ବ,
ବରଷକେ ଥରେ ଉଲ୍ଲାସେ ଧରାରେ
ଆସିଛିରେ ରଜପର୍ବ ॥
କୃଷକର ଦେଶେ ଓଡିଶା ପ୍ରଦେଶେ
ଗଣପର୍ବ ପରା ରଜ,
ପ୍ରତି ଘରେଘରେ ଏକତ୍ରିତ ହୋଇ
ମନାନ୍ତି ରଜ ମଉଜ ॥
ନିଆରା ଉତ୍ସବେ ଅପୂର୍ବ ଆନନ୍ଦେ
ମାତି ଥାନ୍ତି ସର୍ବଜନ,
ଗାଁ ଗାଁ ବୁଲି ରଜଦୋଳି ଖେଳି
ଖୁସିରେ ବିତାନ୍ତି ଦିନ ॥

ପିଲାଠାରୁ ବୃଦ୍ଧ ମାଟିର ଏ ପର୍ବ
ପାଳିଥାନ୍ତି ପାଞ୍ଚଦିନ,
ଭୁଲି ଭେଦଭାବ ରାଗ ହିଂସା ଦ୍ୱେଷ
ରଜ ମଉଜରେ ମନ ॥
କୁଙ୍କୁମ ଅଳତା ମେହେନ୍ଦି ସଜେଇ
ଝିଅମାନେ ଖୁସି ମନେ,
ଲୋଡୁ ତାସ୍ ପୁଚି ବୋହୁଚୋରି ଖେଳେ
ଭିଜନ୍ତି ସେ ଏହିଦିନେ ॥
ସଜବାଜ ପରେ ପହିଲି ରଜରେ
ଖିଲିପାନ ଖଣ୍ଡେ ଖାଇ,
ସାଙ୍ଗ ସାଥି ମେଳେ ଖେଳ କୌତୁହଳେ
ରଜଗୀତ ଗାଇଗାଇ ॥

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବରଷକେ ଥରେ ଆସିଛିରେ ରଜ
ବନସ୍ତେ ଡାକଇ ଗଜ,
ଶ୍ୟାମଳିମା ହେବ ଧୂସର ଧରଣୀ
ନେଇ ଋତୁବତୀ ସଜ ॥
ରଜଦୋଳିର ସେ କଟମଟ ଡାକ
ମନରେ ଦିଏ ଭରସା,
ଝଟ ଝଟ ହୋଇ ଦିସୁଥାଏ ଭାଇ
ମଥାର ମୁକୁଟ ଖୋସା ॥

କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବରଷକେ ଥରେ ଆସିଛି ରଜ

ନଳିନୀ ପ୍ରଭା ମିଶ୍ର



ପହିଲି ମୌସୁମୀ ଛୁଇଁ ଛୁଇଁ
ଯାଏ ପୁଲକିତ ହୁଏ ମହୀ
ବରଷକେ ଥରେ ଆସିଅଛି
ରଜ ମଉଜକୁ ସାଥେ ନେଇ ।
ବର୍ଷା ଖରାର ଲୁଚକାଳି ଖେଳ
ବିଲୁଆର ବିଭାଘର
ବନସ୍ତେ ଡାକିଲା ଗୀତ ତାଳେ
ତାଳେ ରଜ ସଜ ଆଡମ୍ବର ।
ନହୁଲୀ ମନର ଚହଲା ମନରେ
ଭରି ଅସୁମାରି ଭାଵ
ବରଷକେ ଥରେ ଆସିଅଛି ରଜ
ଗଣ ପର୍ବ ଗୌରବ ।

ଗାଁ ତୋଟା ମାଳେ ରଜ ଦୋଳି
ସଜ ଝିଅ ବୋହୁ ସର୍ବେ ମିଶି
ପାଦରେ ଅଳତା ମଥାରେ
ସିନ୍ଦୂର ଚନ୍ଦନ ନାଇ ମନେ ଭରି ଖୁସି ।
ଶିଳ, ଚକି ସବୁ ଧୁଆ ସରିଲାଣି
ନିଷିଦ୍ଧ ବିଧି ପାଳନ
ରଜ ପୋଡପିଠା ବିଶେଷତ୍ୱ ଦିଏ
ହାତ ଭଙ୍ଗା ଖିଲି ପାନ ।
ବୋହୂ ବାପଘରୁ ଆସେ ରଜ ଭାର
ନୂଆଁ ଲୁଗା ପିନ୍ଧା ପିନ୍ଧି
ରଜ ମଉଜର ଆନଂଦ ଭିତରେ
ଓଡ଼ିଆ ସଂସ୍କୃତି ସିଦ୍ଧି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚଷା ଭାଇ ଯିବ ନାହିଁ କ୍ଷେତ

ପରେ ଭୂମି ରଜସ୍ୱଳା ହୁଏ

ରଜ ତିନିଦିନ ଲୁଡୁ ତାସ ଖେଳ

ମଉଜରୁ ବଳି ଯାଏ ।

ଚତୁର୍ଥ ଦିବସେ ବସୁମତୀ ସ୍ନାନ

ଓଡ଼ିଆର ପରମ୍ପରା

ଓଡ଼ିଆ ସଂସ୍କୃତି ପାଳନର

ବାର୍ତ୍ତା ଗତାନୁଗତିକ ଧାରା ।

ମୁକୁନ୍ଦ ପୁର, ଆସ୍କା, ଗଞ୍ଜାମ

ମୋ-୯୭୭୭୮୮୭୯୪୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବରଷକେ ଥରେ ଆସିଛି ରଜ

ରମେଶ ଟାକ୍ରୀ



ବରଷକେ ଥରେ ଆସିଅଛି ରଜ
ଖୁସିର ଜୁଆର ନେଇ
ହୋଇ ସଜବାଜ କରନ୍ତି ମଉଜ
ରଜଗୀତ ଗାଇ ଗାଇ ।୦।

ବରଷକେ ଥରେ ରଜ ପରବରେ
ସାଙ୍ଗସାଥୀ ମେଳ ହୋଇ
ମିଳିମିଶି ରହି ପରବ ପାଳନ୍ତି
ପରମ୍ପରାକୁ ବଜାୟି,

ହୁଏ ରଜ ପିଠା ଲାଗେ ଭାରି ମିଠା
ପ୍ରିୟ ପରିଜନ ପାଇଁ ।୧।

ନୂଆ ପୋଷାକରେ ସଜାଇ ହେବାରେ
ସବୁରି ମନ ହେଉଛି
ଖାଇବା ପିନ୍ଧିବା ଖୁସିରେ ରହିବା
ରଜ ପରବ ଆସିଛି,

ଭାଇଚାରା ଭାବ ରହି ଆସୁଥିବ
ପର୍ବପର୍ବାଣୀକୁ ନେଇ ।୨।

ପୁଚି ଖେଳ ଖେଳି ରଜ ଦୋଳି ଝୁଲି
ଗାଆନ୍ତି ନାଚନ୍ତି ମିଶି
ରଜ ପାନ ଖାଇ ବୁଲାବୁଲି କରି
ସଭିଏଁ ରହନ୍ତି ଖୁସି,

ତିନିଦିନ ଧରି ପରବ ପାଳନ୍ତି
ମନେ କେତେ ଆଶା ନେଇ ।୩।

ନବରଙ୍ଗପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବରଷକେ ଥରେ ଆସିଛି ରଜ

ସନ୍ତୋଷ କୁମାର ସାହୁ



ଆମର ରାଜ୍ୟରେ ପାଳନ ହୁଅଇ
ତିନି ଦିନ ରଜପର୍ବ
ବରଷକୁ ଥରେ ଆସିଛି ବୋଲି'ତ
ଓଡ଼ିଶା ବାସୀଙ୍କ ଗର୍ବ....
ଜ୍ୟେଷ୍ଠ ମାସ ଶେଷେ ରଜ ପର୍ବ ଆସେ
ବରଷକୁ ଥରେ ବୋଲି
ଝିଅ ବୋହୂଙ୍କର ମନ ପ୍ରଫୁଲ୍ଲିତ
ଦୁଃଖ ସବୁ ଯାଇ ଭୁଲି...
ପ୍ରବଳ ତାପରେ ବସୁମତୀ ରାଣୀ
ହେଲାବେଳେ ମର୍ମାହତ
ରଜ ପର୍ବ ଆସି ଜନ ମାନସକୁ
କରିଦିଏ ଆନନ୍ଦିତ....
ପ୍ରଫୁଲ୍ଲିତ ହୋଇ ତରୁଣ ତରୁଣୀ
ଗ୍ରୀଷ୍ମର ଦାଉକୁ ଭୁଲି
ଝିଅ ବୋହୂ ମିଶି ନାନା ବୃକ୍ଷ ଡାଳେ
ଖେଳନ୍ତି ଦୋଳିରେ ଝୁଲି...

ଧନୀ ଠୁ ଗରିବ ଭୁଞ୍ଜନ୍ତି ଆନନ୍ଦେ
ପୋଡ଼ ପିଠା ଖିରୀ ଭାତ
ପରିଧାନ କରି ନବବସ୍ତ୍ର ସର୍ବେ
ନାଚନ୍ତି ଗାଆନ୍ତି ଗୀତ....
ରଜ ଦୋଳି ଗୀତେ ଗାଁ ମାଟି ଉଛୁଳେ
ଖେଳ କଉତୁକେ ମାତି
କାମ ଧନ୍ଦା ଛାଡ଼ି ବହୁ ଉତ୍ସାହରେ
ଖେଳୁଥାନ୍ତି ଦିବା ରାତି...
ରଜ ତିନିଦିନ ଝିଅ ବୋହୂଙ୍କର
ସମୟ ଆନନ୍ଦେ କଟେ
ମନ ସରୋବାରେ ପ୍ରୀତିର କୁସୁମ
ସଭିଙ୍କ ହୃଦୟେ ଫୁଟେ....

ଗାନ୍ଧୀ ନଗର, କୋରାପୁଟ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବରଷକେ ଥରେ ଆସିଛି ରଜ

ବିନୋଦିନୀ ନାୟକ



"ବରଷକୁ ଥରେ ଆସିଛି ରଜ"
ରଜ ମଉଜ କରିବା ଆସ
ବରଷକୁ ଥରେ ଆସିଛି ରଜ
ବନ୍ଧୁ,ବାନ୍ଧବ ସହୀ, ସଙ୍ଗାତ
ଡାକି ଘରେ ହୋଇବା ଆନନ୍ଦିତ
ପିଠାମିଠା ଖୁଆ ଖୁଇ ହେବା
ନୂଆବସ୍ତ୍ର ପରିଧାନ କରିବା
କୁମାରୀ ମାନଙ୍କ ମନ ଉଚ୍ଛନ୍ନ
ଆନନ୍ଦେ ପାଳନ୍ତି ଏଚାରିଦିନ
ଚାଷ ଭିତିକ ପରବ ଏହି
ଓଡିଶା ବାସୀଙ୍କ ମୁଖ୍ୟ ଅଟଇ
ଏହି ଦିନେ ବସୁମତୀ ଜନନୀ
ହୋଇଥାଆନ୍ତି ରଜସ୍ୱଳା ପୁଣି
ଆମ ପରମ୍ପରା ଆମ ସଂସ୍କୃତି
ମିଳିମିଶି ସରବେ ପାଳିଥାନ୍ତି
ବାରମାସେ ତେର ପରବ ପରା
ସବୁଠାରୁ ରଜ ଅଟେ ନିଆରା

ଜ୍ୟେଷ୍ଠ ଅନ୍ତ ଆଷାଢ଼ ଆଗମନ
ବର୍ଷା ଆସେ ଖରା କରେ ଗମନ
ବାରମାସେ ବାର ସଂକ୍ରାନ୍ତି ହୁଏ
ମିଥୁନ ସଂକ୍ରାନ୍ତି ରଜ ବୋଲାଏ
ପ୍ରଥମ,ଦ୍ୱିତୀୟ,ତୃତୀୟ ପାଳନ
ଚତୁର୍ଥ ଦିନେ ବସୁମତୀ ସ୍ନାନ
ଏହିଦିନେ ଚାଷ ହୁଏ ନିଷେଧ
ହଳ,ଲ ଙ୍ଗଳକୁ ହୁଏ ପୂଜିତ
ପ୍ରଥମ ଦିନଟି ପହିଲି ରଜ
ଝିଅ ବହୂ ସର୍ବେ ହୁଅନ୍ତି ସଜ
ପାଦରେ ଅଳତା ମୁଣ୍ଡରେ ଚିତା
ନୂଆ ବସନରେ ଦିଶେ ଶୋଭିତା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରଜ ପାନ ଖାଇ ପାଟି ନାଲିଆ
ରଜଦୋଳି ଦିଶେ ଜାମୁଡାଳିଆ
ନାରୀମାନେ ବସୁମାତା ଉପରେ
ପାଦ ଥାପିଥାନ୍ତି ଅତି ହିଁ ଧିରେ
ପାଦରେ ପିନ୍ଧନ୍ତି କଦଳୀ ପଟ
ବସୁଧା ମାଆକୁ ନହେଉ କଷ୍ଟ
ଶିଳ ଶିଳିପାକୁ ସଜାଇଥାନ୍ତି
ଏତିନି ଦିନରେ ପୂଜା କରନ୍ତି
ଘରେ ଘରେ ପୋଡପିଠା,କାକରା
ଇଡିଲି,ଆରିସା ସୁସ୍ୱାଦୁ ଭରା
ଝିଅ ବହୂ ମନ ଅତି ଆନନ୍ଦ
ଗୃହକର୍ମୁ ହୋଇଥାନ୍ତି ନିବୃତ୍ତ
ବରଷକୁ ଆସିଛି ରଜରଜା
ସାଙ୍ଗସାଥି ମିଶି କରନ୍ତି ମଜା
ଭୁଲିଯାଇଥାନ୍ତି ଘରସଂସାର
ଆନନ୍ଦରେ ହୋଇଥାନ୍ତି ଅଧିର
ପ୍ରତିବର୍ଷ ଧରି ଖୁସିର ଭାର
ଆସୁଥାଉ ରଜ ଏ ମର୍ତ୍ତ୍ୟପୁର
ଜଗତ ନାଥଙ୍କୁ କରେ ଜଣାଣ
ନାରୀଜାତିଙ୍କର ହେଉ କଲ୍ୟାଣ ।

୯୭୭୭୯୩୮୦୯୯
ଛତ୍ରପୁର, ଗଞ୍ଜାମ



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବରଷକେ ଥରେ ଆସିଛି ରଜ

ସନ୍ତୋଷିନୀ ଦାଶ



ବନସ୍ତେ ଡାକିଲା ଗଜ
ବରଷକେ ଥରେ ଆସିଛି ରଜ
ଆସିଛି ରଜ ଲୋ ଘେନି ନୂଆଁ ସଜବାଜ

ପାଦରେ ନାଇ ଅଳତା
ମୁଣ୍ଡରେ ଶୋଭାଇ ରିବନ ଫିତା
ରିବନ ଫିତା ଲୋ ଗୋଡ଼ରେ ପଟୁକା ଜୋତା

କେତେ ଜାତି ପିଠା ପଣା
ମହ ମହ ବାସେ ଘର ଅଗଣା
ଘର ଅଗଣା ଲୋ ସାଇ ବୁଲାରେ ଝିଅ ନିପୁଣା

ପିନ୍ଧିକି ନୂଆଁ ବସନ
ଝିଅ ମାନଙ୍କର ଉତ୍ସୁକ ମନ
ଉତ୍ସୁକ ମନ ଲୋ
ଖାଆନ୍ତି ସେ ରଜ ପାନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗାଆଁ ଆମ୍ବତୋଟା ମାଳେ

ଦୋଳି ଝୁଲୁଥାନ୍ତି ସଞ୍ଜ ସକାଳେ

ସଞ୍ଜ ସକାଳେ ଲୋ ଖେଳି ସାଙ୍ଗ ସାଥି ମେଳେ

ରଜ ପର୍ବ ତିନି ଦିନ

ବନ୍ଦ ହୁଏ ଭୂମି କର୍ଷଣ କାମ

କର୍ଷଣ କାମ ଲୋ

ଚାଷୀ ଆନନ୍ଦିତ ମନ

ତାସ ଓ ବାଗୁଡ଼ି ଖେଳ

ପିଲାଠୁ ବୁଢା ଏ ସମସ୍ତେ ଭୋଳ

ସମସ୍ତେ ଭୋଳ ଲୋ

ଆନନ୍ଦେ କାଟନ୍ତି କାଳ

ରଜ ପର୍ବଟି ନିଆରା

ମନେ ସୃଷ୍ଟି କରେ ସେ ଭାଇଚାରା

ସେ ଭାଇଚାରା ଲୋ

ବର୍ଷା ଆଗମନ ଧରା

ରଜ ର ଚତୁର୍ଥ ଦିନ

ପାଳିତ ହୁଏ ବସୁମତୀ ସ୍ନାନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବସୁମତୀ ସ୍ନାନ ଲୋ
ଲକ୍ଷ୍ମୀ ମାତାଙ୍କ ପୂଜନ

କୃଷି ଭିତ୍ତିକ ଏ ପର୍ବ
ଆମ ଓଡ଼ିଶାର ଗର୍ବ ଗୌରବ
ଗର୍ବ ଗୌରବ ଲୋ
ପାଳିତ ହୁଏ ସର୍ବତ୍ର

ବରଗଡ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବରଷକେ ଥରେ ଆସିଛି ରଜ

ନୂତନ କୁମାର ବେହେରା



"ବନସ୍ତେ ଡାକିଲା ଗଜ,
ବରଷକେ ଥରେ ଆସିଛି ରଜ ",
ଓଡ଼ିଶା ଗାଉଛି ଆଜ
ତା' ଖୁସିରେ କରି ମନ ମଉଜ ।
ଆବାହନୀ ଲୋକଗୀତ
ଭରି ଦିଏ ମନେ ପ୍ରାଣେ ପୁଲକ,
ତା' ସ୍ୱର ହୁଏ ଝଙ୍କୃତ
ଆନନ୍ଦ ଖେଳଇ ସାରା ମୂଲକ ।
ଓଡ଼ିଶାର ରଜପର୍ବ
ନିଜସ୍ୱ ସ୍ୱତନ୍ତ୍ର ଭାବରେ ଜଣା,
ଆମ ସଂସ୍କୃତିର ଗର୍ବ
ଐତିହ୍ୟର କରେ ଅବତାରଣା ।
ଆଧ୍ୟାତ୍ମିକ ଭାବଧାରା
ଚିନ୍ତା ଚେତନାରେ ଅଛି ଜଡ଼ିତ,
ଆମ ପୂର୍ବ ପରମ୍ପରା
ଏକ ଲକ୍ଷ୍ୟ ପଥେ କରେ ପ୍ରେରିତ ।
କହେ ଆମ ଇତିହାସ
ଭୌମକ ରାଜତ୍ୱ କାଳରୁ ରଜ,
ପାଳୁଛୁ ପ୍ରତି ବରଷ
ହୋଇ ଆମେ ନୂଆ ରୂପରେ ସଜ ।
ଏ ପର୍ବ କୃଷି ଭିତ୍ତିକ
କୃଷକମାନଙ୍କୁ ଦିଏ ଆହ୍ୱାନ,
ଜାଳି ଆଶାର ଆଲୋକ
ମାଆ ମାଟିକୁ କରନ୍ତି ପୂଜନ ।
ନିଦାଘ ଯନ୍ତ୍ରଣା ଯାଏ
ମୌସୁମୀ ଆସଇ ବରଷା ନେଇ,
ଆଷାଢ଼ ପ୍ରବେଶ ହୁଏ
ବସୁନ୍ଧରା ରଜସ୍ୱଳା ହୁଅଇ ।
ମାଟି ମା'ର ଦିନ ଭାବି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୃଷିକାର୍ଯ୍ୟ ସବୁ ହୁଏ ସ୍ଥଗିତ,
ସର୍ବଂସହା ମା' ପୃଥିବୀ
ତା' ପ୍ରତି ଭକ୍ତି ହୁଏ ସମର୍ପିତ ।
ତିନି ଦିନ ଯାଏଁ ପାଳି
ଉତ୍ସବ ମନାନ୍ତି ପ୍ରତିଟି ଘରେ,
ଖେଳନ୍ତି ବାଗୁଡ଼ି ଦୋଳି
ଦୁଃଖ ଭୁଲି ଥା'ନ୍ତି ଖୁସି ମନରେ ।
ପୋଡ଼ ପିଠା କ୍ଷୀରି ପୁରି
ତିଆରି କରନ୍ତି ମାଆ ଭଉଣୀ,
ପରସ୍ପରେ ଶ୍ରଦ୍ଧା କରି
ଖିଆପିଆ କରୁ ଆନନ୍ଦ ଆଣି ।
ରଜପର୍ବ ତିନିଦିନ
ପହିଲି ରଜରୁ ହୁଏ ମଉଜ,
ସଂକ୍ରାନ୍ତି ଭୂମି ଦହନ
ପାଳନ୍ତି ସର୍ବେ ହୋଇ ସଜବାଜ ।
ବରଷକୁ ଥରେ ଆସି
ରଜ ଦେଇ ଯାଏ ଶୁଭ ସନ୍ଦେଶ,
କର୍ମ କଲେ ଦିବାନିଶି
ଜୀବନ ହୁଏ ସୁନ୍ଦର ସରସ ।


କୋହି, ବାରିପଦା, ମୟୂରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବରଷକେ ଥରେ ଆସିଛି ରଜ

ଅଭିପ୍ସା ପ୍ରିୟଦର୍ଶିନୀ



ଓଡ଼ିଶା ମାଟିରେ ଓଡ଼ିଆ ସଂସ୍କୃତି
ଭାରି ନିଆରା ଏ ପର୍ବ ,
ଆମ ସ୍ୱାଭିମାନ ଆମ ପରମ୍ପରା
ଭାବିଲେ ଲାଗଇ ଗର୍ବ ...।।୧।।

ନିଦାଘର ଅନ୍ତେ ଜ୍ୟେଷ୍ଠମାସ ଶେଷେ
ଆଷାଢ଼ର ଆଗମନ,
ରଜ ପରବଟି କୁଆଁରୀ ଝିଅଙ୍କ
କିଣିନିଏ ତନୁମନ ...।।୨।।

ବରଷକେ ଥରେ ଜାକଜମକରେ
ଆସିଥାଏ ପରା ରଜ ,
ନବବଧୂ ସାଥେ କୁଆଁରୀ ଝିଅଙ୍କ
ଲାଗିଥାଏ ସଜବାଜ ...।।୩।।

ପାଦରେ ଅଳତା ହାତରେ ମେହେନ୍ଦି
ପିନ୍ଧି ନୂଆନୂଆ ବସ୍ତ୍ର ,
ରଜପାନ ସାଥେ ପୋଡ଼ପିଠା ଖାଇ
ଦୋଳି ଖେଳନ୍ତି ଏକତ୍ର ...।।୪।।

ପହିଲି ରଜ ପୂରୁବ ଦିନଟି ସଜବାଜ ରୂପେ
ପରଟି ପହିଲି ରଜ ,
ମଝିଦିନ ଅଟେ ମିଥୁନ ସଂକ୍ରାନ୍ତି
ତୃତୀୟେ ଭୂଇଁ ଦହନ ...।।୫।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚତୁର୍ଥ ଦିନରେ  ବସୁମତୀ ସ୍ନାନ
କରିଥା'ନ୍ତି ଯଥାମାନ୍ୟ ,
ଶିଳ-ଶିଳପୁଆ ପୂଜା ପାଇଥା'ନ୍ତି
ଷଠିମାତା ସିଏ ଆମ ...।।୬।।

ହିନ୍ଦୁ ଧରମରେ   ପୂର୍ବରୁ କଥିତ
ରହିଅଛି ପରା ଏହା ,
ରଜ ସଂକ୍ରାନ୍ତିରେ ଧରଣୀରାଣୀ ମୋ
ହୋଇଥା'ନ୍ତି ରଜସ୍ୱାଳା ...।।୭।।

ଗରଭ ଧାରଣ ପୂର୍ବରୁ ନାରୀଟି
ରଜସ୍ୱାଳା ହୋଇଥାଏ
ବସୁନ୍ଧରା ମଧ୍ୟ ଋତୁମତୀ ହୋଇ
ଶସ୍ୟ ସମ୍ଭବା ହୁଏ ।୮।।

ଧରଣୀ ରାଣୀକୁ କଷ୍ଟ ହୁଏ ବୋଲି
ଖାଲି ପାଦେ ନଚାଲନ୍ତି,
କଟା - ବଟା ଆଉ ଫୁଲ ତୋଳିବାକୁ
ବାରଣ ମାନି ଚଳନ୍ତି ...।।୯।।

ରଜ ମଉଜରେ ତିନି ଦିନ କଟି
ଚତୁର୍ଥ ଦିବସ ହୁଏ ,
ନବ ବସ୍ତ୍ର ଆଉ ଫଳମୂଳ ସାଥେ
ଧରଣୀ ମା' ପୂଜା ପାଏ ...।।୧୦।।

କୃଷି ଭିତ୍ତିକ ଏ ପରବଟି ପରା
କୃଷକ ଆନନ୍ଦେ ଧାଏଁ
ନୀର ଭିଜା ସେହି ମାଟିର  ସୁଗନ୍ଧ
ମହମହ ଖେଳିଯାଏ ..।।୧୧।।

ଜଟଣୀ, ପୁରୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବରଷକେ ଥରେ ଆସିଛି ରଜ

ଋତୁ ମହାନ୍ତି



ଜ୍ୟେଷ୍ଠ ମାସ ଶେଷ ହେଲା
ଝିପି ଝିପି ବର୍ଷା ଲୋ ବାଦଲ ଧରି
ବଉଳ ଲୋ ବାଦଲ ଧରି
ରଜପର୍ବ ଆସିଗଲା ।
ବନସ୍ତେ ଡାକିଲା ଗଜ
ବରଷକେ ଥରେ ଲୋ ଆସିଛି ରଜ
ବଉଳ ଲୋ ଆସିଛି ରଜ
ଘେନି ନୂଆ ସଜବାଜ ।
ନୂଆ ଲୁଗାପଟା ପିନ୍ଧି
ମୁଣ୍ଡରେ ଗଜରା ଲୋ ଦେବି ମୁଁ ଛନ୍ଦି
ବଉଳା ଲୋ ଦେବି ମୁଁ ଛନ୍ଦି
ନାଇବା ଚନ୍ଦନ ବିନ୍ଦି ।
ପାଦରେ ଅଳତା ଗାର
ଝୁମୁ ଝୁମୁ ବାଜେ ଲୋ ପାଉଁଜି ମୋର
ବଉଳା ଲୋ ପାଉଁଜି ମୋର
ବେକରେ ମୋତିର ହାର ।

ସକାଳୁ ଜେଜେମା ଉଠି
ପୋଡ଼ ପିଠାକୁ ଲୋ ଦିଅନ୍ତି କାଟି
ବଉଳ ଲୋ ଦିଅନ୍ତି କାଟି
ପୁରି ଉଠେ ଆମ ପାଟି ।
ଏଣ୍ଡୁରିକୁ ପୋଡା ପିଠା
ଭାଉଜ ଭାରରେ ଲୋ ଆସିଛି ମିଠା
ବଉଳ ଲୋ ଆସିଛି ମିଠା
ମିଠା ଖାଇ ପାଟି ଚିଟା ।
କାଇଁଚ ପତର ସରୁ
ପହିଲି ରଜରେ ଲୋ ସଜ ହୋଇଣ
ବଉଳ ଲୋ ସଜ ହୋଇଣ
ବେଗି ବେଗି ଆ ' ଘରୁ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ଆମ୍ଭ ଯାଏ ଝୁଲି ଝୁଲି

ବାଉଁଶ ଦୋଳିରେ ଲୋ ଖେଳୁଥିବୁ ତୁ
ବଉଳ ଲୋ ଖେଳୁଥିବୁ ତୁ
ଚାହୁଁ ଥିବୁ ବୁଲି ବୁଲି ।
ସଜନା ଗଛର ଛୁଇଁ
ଗୀତ ଗାଇ ଗାଇ ଲୋ ଦୋଳି ଖେଳିବୁ
ବଉଳ ଲୋ ଦୋଳି ଖେଳିବୁ
ପାଦ ନ ଛୁଇଁବ ଭୂଇଁ ।
ବାସ ମସଲାର ପାନ
ଖାଇବାକୁ ହୁଏ ଲୋ ମନ ଉଚ୍ଛନ୍ନ
ବଉଳ ଲୋ ମନ ଉଚ୍ଛନ୍ନ
ନାହିଁ ଆଜି ବଡ ସାନ ।
ଖେଳିବା କଉଡ଼ି ତାସ
ସମସ୍ତେ ମିଶିଣ ଲୋ ଖେଳିବା ଆସ
ବଉଳ ଲୋ ଖେଳିଵା ଆସ
ହାରିଲେ ହେବନି ରୋଷ ।
ବାଉଁଶ ଗଛର କଣି
ଭାଉଜ ଆସିଲେ ଲୋ ଦୋଳି ଖେଳିବେ
ବଉଳ ଲୋ ଦୋଳି ଖେଳିବେ
ଦୁଇ ପାଦ ଗଣି ଗଣି ।

ତେନ୍ତୁଳି ପତର ଖଟା
ଭାଉଜ ସାଥିରେ ଲୋଦୋଳି ଖେଳିଵା
ବଉଳ ଲୋ ଦୋଳି ଖେଳିବା
ଗେଲରେ କରିବା ଥଟ୍ଟା ।
ପୋଡ଼ ପିଠା ଭାରି ମିଠା
କବାଡିଖେଳରେ ଲୋଗାଆଁତୋଟାରେ
ବଉଳ ଲୋ ଗାଆଁ ତୋଟାରେ
କମ୍ପାଇ ଦିଅନ୍ତି ଟୋକା ।
ରଜ ପାନ ଗାଲେ ଜାକି
ଗାଆଁ ଅଜାମାନେ ଲୋ ଖେଳନ୍ତି ଖେଳ
ବଉଳ ଲୋ ଖେଳନ୍ତି ଖେଳ
ଗଡେଇକି ପଶାକାଠି ।
କପାଳେ ଚନ୍ଦନ ନାଇ
ଗାଆଁ ଝିଅମାନେ ଲୋ ପୁଚି ଖେଳନ୍ତି
ବଉଳ ଲୋ ପୁଚି ଖେଳନ୍ତି
ଗାଆଁ ଦାଣ୍ଡ ଚମକେଇ ।
ରଜ ତିନି ଦିନ ଯାଏ
କାମର ତ ବୋଝ ଲୋ ଜମା ନଥାଏ
ବଉଳ ଲୋ ଜମା ନ ଥାଏ
ଝିଅଙ୍କ ପରବ ଇଏ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚାଷୀ ଭାଇ ମନ ଖୁସି

ରଜ ତିନିଦିନ ଲୋ କାମ ନ କରି

ବଉଳ ଲୋ କାମ ନ କରି

ତାସ ଖେଳୁଥାନ୍ତି ବସି ।

ନଈ ପାଣି କିତି କିତି

ବୋଉ ଡ଼ାକିଲାଣି ଲୋ ପିଠା ଖାଇବାକୁ

ବଉଳ ଲୋ ପିଠା ଖାଇବାକୁ

ସରି ଗଲା ରଜ ଗୀତି ।

ରଜରେ କରୁ ମଉଜ

ପରବ ଭିତରେ ଲୋ ରାଜା ବୋଲିଟି

ବଉଳ ଲୋ ରାଜା ବୋଲିଟି

ନାଆଁ ଟି ତାହାର ରଜ ।


ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବରଷକେ ଥରେ ଆସିଛି ରଜ

ନିବେଦିତା ପଣ୍ଡା



ଗ୍ରୀଷ୍ମ ଆଉ ବର୍ଷା ମିଳନ ବେଳାରେ
ଭିଜା ମାଟି ବାସନାରେ,
ରଜ ପର୍ବ ଆସେ ମୌସୁମୀ ପରଶେ
ସଜବାଜ ସହକାରେ ।

ତିନି ଦିନ ଧରି ଭବ୍ୟ ସମାରୋହ
ଚାଲଇ ପ୍ରସ୍ତୁତି ପର୍ବ,
ଗଣ ପର୍ବ ଏହା ଓଡ଼ିଶା ମାଟିର
ଓଡ଼ିଆ ମାନଙ୍କ ଗର୍ବ ।

ଧରିତ୍ରୀ ମାତାଙ୍କ ବିଶ୍ରାମର ଦିନ
ହୋଇଥାନ୍ତି ରଜସ୍ୱଳା,
ତେଣୁ ତିନି ଦିନ ନାରୀ ମାନେ ମଧ୍ୟ
କାମେ କରିଥାନ୍ତି ହେଳା ।

ଦୋଳିରେ ଝୁଲନ୍ତି ମଜା କରିଥାନ୍ତି
ଆନନ୍ଦ ଉଲ୍ଲାସ ହୋଇ,
ପିଠାପଣା ଖାଇ ଲୁଡୁ ତାସ ଖେଳେ
ସାଙ୍ଗ ମେଳେ ହଜିଯାଇ ।

ନବ ବସ୍ତ୍ର ପିନ୍ଧି ରଜ ପାନ ଖାଇ
ବୁଲିଥାନ୍ତି ସାହି ସାହି,
ରଜ ପରବରେ ଗାଆଁ ପରିବେଶ
ଚଳଚଞ୍ଚଳ ରୁହଇ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସଜବାଜ ହୋଇ କୁମାରୀ ମାନେ ତ
ପାଳନ କରନ୍ତି ରଜ,
ନାଲି ଅଳତାରେ ଗଜରା ମାଳରେ
ହୋଇଥାନ୍ତି ସଜବାଜ ।

ତିନିଦିନ ପରେ ବସୁମତୀ ସ୍ନାନ
କରାଯାଏ ତ ପାଳନ,
ପୂଜା କରାଯାଏ କଜ୍ୱଳ ସିନ୍ଦୂରେ
ଧୂପ ଦୀପ ଓ ଚନ୍ଦନ ।

ଧରିତ୍ରୀ ମାତାର ଆଶୀର୍ବାଦ ଭିକ୍ଷା
ବସୁମତୀ ପୂଜା ଲକ୍ଷ୍ୟ,
ଘରେ ଘରେ ହୁଏ ବିଧିବଦ୍ଧ ଭାବେ
ରଜପର୍ବ ଆଭିମୁଖ୍ୟ ।

ପୁଣି ଏକ ବର୍ଷ ଅପେକ୍ଷା ରଖିବେ
ରଜ ମଉଜର ପାଇଁ,
କୃଷିଭିତ୍ତିକ ଏ ରଜ ପରବଟି
କେତେ ବାର୍ତ୍ତା ଯାଏ ଦେଇ ।

ରାଉରକେଲା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବରଷକେ ଥରେ ଆସିଛି ରଜ

ଭାସ୍କର ରାଉତ



ବନସ୍ତେ ଡାକୁନି ଗଜ

ବର୍ଷକୁ ଥରେ ଆସିଛି ରଜ

ଆସିଛି ରଜ ଲୋ ନାହିଁ ପୂରୁବ ମଉଜ ।।

ଗାଆଁ ତୋଟା ହଜିଗଲା

ପଡ଼ିଆ ପ୍ରମୋଦ ଉଦ୍ୟାନ ହେଲା

ଉଦ୍ୟାନ ହେଲା ଲୋ ତହିଁ ଦୋଳିଟି ଝୁଲିଲା ।।

ନାହିଁ ସେହି ପିଠାପଣା

ପିଜା ବିରିଆନି କରିଲା ବଣା

କରିଲା ବଣା ଲୋ ଦୋଳି ଗୀତ ତ ଶୁଣେନା ।।

ନାହିଁ ସେ କୁଆଁରୀ ମେଳ

ସାହି ବୁଲନ୍ତିନି ହୋଇ ସେ ଦଳ

ହୋଇ ସେ ଦଳ ଲୋ ନାହିଁ ସାଙ୍ଗ ସାଥି ମେଳ ।।

ପଶା କଉଡ଼ିର ଖେଳ

ପୁଅଙ୍କ ମଧ୍ୟରେ ନାହିଁ ସେ ମେଳ

ନାହିଁ ସେ ମେଳ ଲୋ ସଭିଏଁ ବ୍ୟସ୍ତ ବହୁଳ ।।

ଖରା ମାରେ ଚାଇଁ ଚାଇଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗଛ ଗୋଟାଏ ତ କେଉଁଠି ନାହିଁ

କେଉଁଠି ନାହିଁ ଲୋ ଦୋଳିକୁ ବାନ୍ଧିବି କାହିଁ ?

ଗଛର ଅଭାବ ପାଇଁ

ଋତୁ ଚକ୍ର ଯାଏ ବକର ହୋଇ

ବକର ହୋଇ ଲୋ ଏ ମଣିଷ ବୁଝେ ନାହିଁ ।।

ଦେବମାୟା ଭବନ

ଶେରଗଡ଼,ଗଞ୍ଜାମ

୯୭୭୬୪୮୬୬୨୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବରଷକେ ଥରେ ଆସିଛି ରଜ

ଡଃ ସଂଯୁକ୍ତା ପରିଡ଼ା



କୁଆଁରୀ ଝିଅର ମତୁଆଲା ସ୍ୱପ୍ନେ
ରଜ ଆସେ ମୁରୁକି ମୁରୁକି ହସି
ଅସୁମାରୀ ଆଶା ଅନେକ ଭାବନା
ଅନ୍ତରେ ଫୁଟାଇ ଖୁସି

ବରଷକେ ଥରେ ଆସିଛି ରଜ
ସାଂଗସାଥୀ ମେଳେ ଲାଗେ ମଉଜ
ତୋଟା ପଡ଼ିଆରେ ବାଗୁଡି ଖେଳ
ପିଲାଠାରୁ ବୁଢା ହୁଅନ୍ତି ମେଳ

ଝିଅ ବୋହୁ ସବୁ ଖେଳନ୍ତି ଦୋଳି
ନୂଆ ଲୁଗା ପିନ୍ଧି ଭଳିକି ଭଳି
ପିଠାପଣା ସାଥେ ଆମ୍ବ ପଣସ
ପୋଡ଼ପିଠା ଲାଗେ ଭାରି ସରସ

କରନ୍ତିନି କେ ରାଗ, ଅଭିମାନ ଏ ତିନି ଦିନ
ସରବେ ଖୁସିରେ ରହନ୍ତି ପ୍ରସନ୍ନ

ରଜପାନ ଖାଇ ଗୀତ ଗାଇ ଗାଇ
ସର୍ବେ ପାଆନ୍ତି ସୁଖ

ରଜଦିନ ସବୁ ଆନନ୍ଦେକଟଇ
କାହାରି ମନରେ ନ ଥାଏ ଦୁଃଖ
ଆଗପରି ଏବେ ପାଳୁଛୁ ରଜ
ଗାଁରୁ ସହର ହୋଇଣ ସଜ

ନୀଳ ଆକାଶରୁ ବରଷା ଝରେ
ଚାଷୀ ଭାଇ ମନଖୁସିରେଭରେ
ସାରା ଦୁନିଆକୁ ଆହାର ଦେବ
ଅଭାବ କଷଣ ଆଉ ନ ଥିବ ।


୮୦୯୩୬୭୫୩୩୪

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ରଜ ଆସେ

ଛବିରାଣୀ ପତି



ଦୃଢ଼ ଆତ୍ମ ପ୍ରତ୍ୟୟର ସଂକଳ୍ପ
ମେଣ୍ଟି
ନିଦାଘ ଜ୍ୟେଷ୍ଠ ଶେଷରେ
ରଜ ଆସେ ଝୁମି ଝୁମି
ଗୁଲୁଗୁଲିରେ ଗୁମ୍ ସୁମ୍ ହୋଇ ।

ଆମ ପ୍ରଥା ପରମ୍ପରାର ଗଣପର୍ବ
ଘୋର ଜାକଜମକର ରଜ
ବର୍ଷକରେ ଥରେ ଆସେ
ତିନିଦିନର ଅବସର ବିନୋଦନ ନେଇ
ବନସ୍ତରେ ଡାକମାରେ ଯେବେ ଗଜ ।

ନିଜ ସ୍ୱତନ୍ତ୍ରତା ବହନ କରି ରଜ ଆସେ
ଲୋକ ଗୀତ ସହ ....
ପୋଡ଼ ପିଠା, ପାନର ଆସରରେ
ସୁସଜ୍ଜିତ ଦୋଳିର ନୂଆ ବସ୍ତ୍ର ପିନ୍ଧା କୁଆଁରୀ
ଆଉ ଲାଲ୍ ଟୁକୁଟୁକୁ ନବବଧୂଙ୍କ ଯୁଡ଼ାରେ

ଆମ ଚିନ୍ତା ଚେତନାରେ
ଆମ ସଂସ୍କୃତି ସଭ୍ୟତା ତଥା
ଆମ ଆଧ୍ୟାତ୍ମିକ ଭାବନାରେ ରଜ ଆସେ
କାହିଁ କେଉଁ ଭୌମିକ କାଳରୁ ।

ରଜ ଆସେ ମୌସୁମୀକୁ ଧରି
ନୀର ଭିଜା ମାଟିର ଭୁରୁ ଭୁରୁ ବାସ୍ନାରେ
ରଜସ୍ୱଳା ବସୁମତୀ ପୁଣି
ଚଷା ପୁଅର ପେଟ ଓଦା କରିବାକୁ
ପାଳିବାକୁ କୃଷିଭିତ୍ତିକ ଏ ପର୍ବ ।
ରଜ ଆସେ ଡ଼ାକିନେଇ
ଆମ ଗାଥା ଗାରିମା ଗର୍ବ ।

ମଧ୍ୟଶାସନ, ବିରିଡ଼ି, ଜଗତସିଂହପୁର ।
ଫୋନ୍ -୯୩୩୭୯୬୦୦୬୦

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଟୋପାଏ ସିନ୍ଦୁର

ପୁଷ୍ପଲତା ମିଶ୍ର



ଟୋପାଏ ସିନ୍ଦୂର ବଦଳେଇ ଦେଲା
ନାରୀର ତ ପରିଚୟ,
ଦୁଇ ପଟ ଶଙ୍ଖା ଦେଲା ସ୍ୱାଧୀନତା
ନ ଥିଲା ତ ଡର ଭୟ ।।
ସିନ୍ଦୂର ର ଗାର ଲାଗିଲେ ମଥାର
ବଧୂ ରୂପେ ହୁଏ ଗଣା,
ଶ୍ରୀମନ୍ତିନୀ ବେଶେ ରହେ ସ୍ୱାମୀ ପାଶେ
ହୁଏନି ସେ ବାଟ ବଣା ।।
ସିନ୍ଦୂର ଟୋପାଟି ପରକୁ ଆପଣା
ଆପଣା କୁ କରେ ପର,
ସିନ୍ଦୂର ଟୋପାକ ଅଟଇ ମହତ୍ତ୍ୱ
ଉଠାଏନି ତାର ସ୍ୱର ।।
ସିନ୍ଦୂରେ କଳଙ୍କ ଦିଏନି ଲଗାଇ
କୁଳ ବଧୂ ହୋଇଥାଏ ,
ବିପଦ ଅପଦ ଯାଏ ଦୂର ହୋଇ
ସ୍ୱାମୀ କୁ ସୁରକ୍ଷା ଦିଏ ।।
କିଏ ସୃଷ୍ଟି କଲା ଏଇ ସିନ୍ଦୂର କୁ
ରହିଲା ସେ ମଥା ପରେ,
ଭାଗ୍ୟ ର ସିନ୍ଦୂର ଯୋଡ଼ି ହୋଇ ଅଛି
ପତି ରୂପେ ବରଣ ରେ ।।
ବରଣ କରିଲେ ମରଣ ପର୍ଯ୍ୟନ୍ତ
ରହେ ସେଇ ବନ୍ଧା ହୋଇ ,
ସ୍ୱାମୀ ସୁଖେ ସୁଖୀ ସଦା ସଉଭାଗୀ
ମଥାରେ ଝଟକୁ ଥାଇ ।।
ଧରମ ବୁଝିଣ ଗୁଳି ଚଳାଇଲେ
ଟଳିଲେ ହିନ୍ଦୁ ଯୁବକ,
ମଥାରୁ ପୋଛିଲେ ସୁବର୍ଣ୍ଣ ସିନ୍ଦୂର
ସରବେ ହେଲେ ଚକିତ ।।
ନାରୀ ଆଖି ନିଆଁ  ଜଳି ପୋଡ଼ି ଯିବ
ବୁଝି ନାହିଁ ପାକିସ୍ତାନୀ,
ଧରମ ର ବାନା ଉଡେ ଫରଫର
ବୁଝାଇଲେ ସନାତନୀ ।।

ଭୁବନେଶ୍ୱର, ୯୩୩୮୨୯୪୬୫୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପଙ୍କରେ କମଳ ଅମ୍ବରେ ଭାସ୍କର

ଡଃ ପ୍ରିୟଦର୍ଶିନୀ ମିଶ୍ର



ନୀଳଗଗନରୁ  ଗିରି-ବନ ଭେଦୀ
ଭାସ୍କର କର ପ୍ରବେଶେ
କର୍ଦ୍ଦମ ମଧ୍ୟରୁ କୋକନଦ ତେବେ
ସ୍ନିଗ୍ଧ ସୁଷମା ପରଷେ ।(୧)

ସତେକି କମଳ ଦିଶଇ ଉଜ୍ଜ୍ୱଳ
ଭାସ୍କର କର ପରଶେ
କଳାଧର ପାଇଁ କୁମୁଦ ଯେମିତି
ଜୋଛନାରେ ଭିଜି ହସେ।(୨)

ପଙ୍କରେ କମଳ ଦେଖାଏ ଔଜ୍‌ଜ୍ୱଲ୍ୟ
ଅନ୍ଧାରେ ଆଲୁଅ ପରି
ଅମ୍ବରେ ଭାସ୍କର ବିଞ୍ଛି ଦିଏ କର
ପ୍ରାଣଦାୟୀ ସୁଧା ସରି ।(୩)

ମଳିନ ପଙ୍କରେ ଅମଳିନ ରହେ
କମଳ ସୁଗୁଣ ବରି
ଅମ୍ବରେ ଭାସ୍କର ନିତି ଜଳୁଥାଏ
ଜୀବେ ଜୀବ ଦାନ କରି ।(୪)

ସାରା ଜଗତର ଜୀବନ ଆଧାର
ଅମ୍ବରେ ଭାସ୍କର ଏକ
ରୂପର ସୌନ୍ଦର୍ଯ୍ୟ ଖେଳାଏ ପଙ୍କଜ
କର ଢ଼ାଳିଦେଲେ ଅର୍କ ।(୫)

ଜହ୍ନକୁ କହ୍ଲାର  ମେଘକୁ ମୟୂର
ସରୋଜକୁ ଯେ ସୂରୁଯ
ଅମ୍ବରେ ଭାସ୍କର ଦିଶଇ ସୁନ୍ଦର
ପଙ୍କେ ଶୋଭା କମଳର ।(୬)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏମିତି ସ୍ରଷ୍ଟା ଯେ ଭରିଛି ବିୟତେ
ନକ୍ଷତ୍ର-ନକ୍ଷତ୍ରପୁଞ୍ଜ
ବିଭିନ୍ନ ବର୍ଣ୍ଣାଳୀ ବସୁଧାରେ ଢାଳି
ସରେ ସଜାଇଛି ଅଙ୍କ ।(୭)

ଏକ ପ୍ରଭାକର ପ୍ରଭାତେ ଯା' କର
ଜଗତ ଯାକ ବିତରେ
ଯେତେକ ଉଦ୍ଭିଦ ବିଶାଳ ଯେ କ୍ଷୁଦ୍ର
ତହିଁରେ ପ୍ରାଣ ସଂଚାରେ ।(୮)

କୋମଳ କୋମଳ କେଡ଼େ ସୁମଞ୍ଜୁଳ
ତହିଁ ଜଳ ଢଳ ଢଳ
ମଳିନତା ମଧ୍ୟେ ଅମ୍ଳାନ ସେ ରହେ
ସରୋବରେ ଶତଦଳ ।(୯)

ପୂର୍ଣ୍ଣ ସରୋଜିନୀ ମନ ନିଏ ଜିଣି
ମୁଗ୍ଧ କରେ ତା ସୌନ୍ଦର୍ଯ୍ୟ
ଓଜସ୍ୱୀ ଭାସ୍କର ଉତ୍କର୍ଷ ପ୍ରଖର
ପ୍ରାଣଦାୟୀ ଯା'ର ତେଜ ।(୧୦)

ମଣ୍ଡଳ (ବଲାଙ୍ଗୀର)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋ ରକ୍ଷାକବଚ ତୋ ଆଶିଷ

ଗଗନ ବିହାରୀ ଷଡ଼ଙ୍ଗୀ



ଝଙ୍କଡ଼ ବାସିନୀ, ସଙ୍କଟ ହାରିଣୀ
ଦୁର୍ଗତି ନାଶିନୀ ମାଆ,
ଆପଦେବିପଦେ, କଲ୍ୟାଣମୟୀଗୋ
ହୋଇଥାଉ ପରା ସାହା ।୧

ବିପଦ ଭଞ୍ଜନୀ, ଗରବ ଗଞ୍ଜନୀ
ଆହ୍ଲାଦିନି ଶକ୍ତି ମାଆ,
ତୋପଦସେବିଲେ,ଦୁଃଖ ହରି ନେଇ
ଦେଖାଉ ବଞ୍ଚିବା ରାହା ।୨

ପୁତ୍ର ଗୋଟି ସିନା, କୁପୁତ୍ର ହୁଅଇ
ମାତା ଟି ନୁହେଁ କୁମାତା,
ହୃଦଗତେ ସ୍ଥାନ, ଦେଇ ତୁ ଉଦ୍ଧରୁ
କରୁ ତୁ ଜଗତ ଜିତା ।୩

ତୋ ଚରଣ ରେଣୁ, ମୁଣ୍ଡେ ଯାର ବୁଣୁ
ସକଳ ବିପଦ ନାଶ,
ଅଭୟ ବରଦ, ହସ୍ତରେ ଆଶିଷ
ଦେଇ ହରୁ ଦୁଃଖ କ୍ଳେଶ ।୪

ତୋର ସ୍ନାନ ଜଳ, ପାଇ ଉଠେ ମଲୁ
ମନେ କୋଟି ସିଂହ ବଳ,
ହସେ ତା ଦୁନିଆ, ଜଗତ ଛାନିଆ
ନ ହୁଏ କେବେ ଦୁର୍ବଳ ।୫

ତୋ ମଥା ସିନ୍ଦୂର, ନାଲିଆ ମନ୍ଦାର
ପାଖରେ ରହିଲେ ସଦା,
ଶତ୍ରୁ ଜୟ ଲଭି, ମିତ୍ର ସୁତ୍ରେ ବାନ୍ଧି
ତୁଟିଥାଏ ଭବ ବାଧା ।୬

ମୋ ରକ୍ଷାକବଚ,ତୋ ଆଶିଷ ମାଆ
( ମୋ) ମଥାରେ ସର୍ବଦା ଥାଉ,
ଜୀବନ ଜୀଇବା, ହୋଇବ ସରଳ
ନାମ ଜପି ଦିନ ଯାଉ ।୭

ବ୍ଲକ କଲୋନୀ, ଆଠଗଡ, କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଉତ୍କଳମାଟି ମୋ ମଥାଚନ୍ଦନ

ଲତା ବେହେରା



ଉତ୍କଳ ମାଟି ମୋ ମଥା ଚନ୍ଦନ

ତାହାର ଆମେ ତ ଅଟୁ ସନ୍ତାନ ।

ସ୍ୱତନ୍ତ୍ର ଉତ୍କଳ ଗୌରବ ଆମ

ତାହାରି ପାଦରେ କୋଟି ପ୍ରଣାମ ।

ରହିଛି ଅଛି କୀର୍ତ୍ତି ତାର ଯଶ ଖ୍ୟାତି

ସାରା ବିଶ୍ୱରେ ତା ଆତ୍ମ ସମ୍ମାନ ।

ଉତ୍କଳ ମାଟି ମୋ ମଥା ଚନ୍ଦନ ।

ତାହାରି କୋଳରେ ଆମ ଜନମ

ରଖିବୁ ଆମେ ତ ତାହାରି ନାମ ।

ଜାଗ୍ରତ ଅଛନ୍ତି ଆମ ଯବାନ

କେତେ ଦେଇଛନ୍ତି ସେ ବଳିଦାନ ।

ସମ୍ରାଟ ଅଶୋକ ହେଲେ ଧର୍ମାଶୋକ

ଏ ମାଟି ମାର ଏଇତ ଦାନ ।

ଉତ୍କଳ ମାଟି ମୋ ମଥା ଚନ୍ଦନ ।

ପାଇକ ବିଦ୍ରୋହ ରହିଛି ଗାଥା

ଜୟୀ ରାଜଗୁରୁ ଫାଶୀର କଥା ।

ଆଠ ବରଷର ବାଜି ରାଉତ

ଇଂରେଜମାନଙ୍କୁ କଲା ବିସ୍ମିତ ।

ଗୁଳିର ଆଗରେ ଛାତି ପତାଇଲେ

ରଖିଲେ ମାଆର ଆତ୍ମ ସମ୍ମାନ ।

ଉତ୍କଳ ମାଟି ମୋ ମଥା ଚନ୍ଦନ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାର ବରଷର ସେ ଧର୍ମପଦ
ହଟାଇଲେ ଜାତି ଭାଇ ବିପଦ ।
କୋଣାରକ ମୁଣ୍ଡି ମାରି ସେ ଦେଲେ
ଚନ୍ଦ୍ରଭାଗା ଗର୍ଭେ ଲୀନ ହୋଇଲେ ।
ହସି ବଳି ଦେଲେ ନିଜ ଜୀବନକୁ
ରଖି ଜାତି ଭାଇ ଆତ୍ମ ସମ୍ମାନ ।
ଉତ୍କଳ ମାଟି ମୋ ମଥା ଚନ୍ଦନ ।

ମନେ ନାହିଁ ଆମ ଟିକିଏ ଭୀତି
ଲଢୁଆ ସାହସୀ ଓଡିଆ ଜାତି ।
ବୀର ଯବାନକୁ ଶକ୍ତ କିଷାନ
ବଢାନ୍ତି ଆମର ଆତ୍ମ ସମ୍ମାନ ।
ଉତ୍କଳର ଯଶ କୀର୍ତ୍ତି ଓ ଗୌରବ
ବିଶ୍ୱ ଦରବାରେ ଅଛି ସମ୍ମାନ ।
ଉତ୍କଳ ମାଟି ମୋ ମଥା ଚନ୍ଦନ ।

ସବୁଜ ଶ୍ୟାମଳ ବନାନୀ ଏଇ
ଝରେ ନିର୍ଝରିଣୀ ପାହାଡ ନଇ ।
ତା ପାଣି ପବନ ମନକୁ ଛୁଏ
ଇତିହାସ ତାର ଏ ବିଶ୍ୱ ଗାଏ ।

ମିଠା ଆମ ଭାଷା ରହିଛି ଭରସା
ରହିଛି ଆମର ଆତ୍ମ ସମ୍ମାନ ।
ଉତ୍କଳ ମାଟି ମୋ ମଥା ଚନ୍ଦନ ।

ଏ ମାଟି ଚନ୍ଦନ ଥିଲେ ମଥାର
କାହାକୁ ଜୀବନେ ନାହିଁ ତ ଡର ।
ପାର ହେଇଯିବୁ ସାତ ସାଗର
ଇତିହାସ ରଚି ବିଶ୍ୱ ସଂସାର ।
ଏଇଠି ଜନମ ଏଇଠି ମରଣ
ଶ୍ମଶାନରେ ତାର ହୋଇବୁ ଲୀନ ।
ଉତ୍କଳ ମାଟି ମୋ ମଥା ଚନ୍ଦନ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଊଣେଇଶି ଶହ ଅଟେ ଛବିଶି

ହସିଥିଲେ ଆମ୍ଭ ଉତ୍କଳବାସୀ ।

ଏପ୍ରିଲ ଏକରେ ଖୁସି ଝରିଲା

ସ୍ୱତନ୍ତ୍ର ଓଡିଶା ପ୍ରଦେଶ ହେଲା ।

କେତେ ଯେ ସଂଘର୍ଷ  ହେଇଥିଲା ଶେଷ

ଉତ୍କଳ ରଖିଲା ନିଜ ସମ୍ମାନ ।

ଉତ୍କଳ ମାଟି ମୋ ମଥା ଚନ୍ଦନ ।

ତା କୋଳେ ଜନମି ଧନ୍ୟ ଜୀବନ

ଗର୍ବରେ କହୁଛୁ ତାର ସନ୍ତାନ ।

କେତେ ପୁଣ୍ୟ ବଳେ ସେ ଆମ  ମାଆ

ଉତ୍କଳ ଦିବସ  ପାଳୁ ଦୁନିଆ ।

ହସି ହସାଇବୁ ଏ ସାରା ଜଗତ

ଉଡାଇବୁ ଧ୍ୱଜା ତାର ସମ୍ମାନ ।

ଉତ୍କଳ ମାଟି ମୋ ମଥା ଚନ୍ଦନ ।

ଜକା, ଢେଙ୍କାନାଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମହାସତୀ ସାବିତ୍ରୀ

ରୀତାରାଣୀ ଦାଶ



ଜ୍ୟେଷ୍ଠ ଅମାବସ୍ୟା ସାବିତ୍ରୀ ଉଆଁସ
ମହାସତୀ ପୂଜାର୍ଚ୍ଚନା
ଅହ୍ୟ ନାରୀ ମାନେ ବ୍ରତ ଆଚରିଣ
ପତି ମଙ୍ଗଳ କାମନା ।
ମଦ୍ର ରାଜକନ୍ୟା ସାବିତ୍ରୀ ନନ୍ଦିନୀ
ରୂପ ଗୁଣେ ଯଶ ଖ୍ୟାତି
ପତିଗତ ପ୍ରାଣା ଅଟଳ ପ୍ରତିଜ୍ଞା
ଯୁଗେ ଯୁଗେ ପୂଜା ପାନ୍ତି ।
ନିଃସନ୍ତାନ ରାଜା ଅଶ୍ୱପତି, ରାଣୀ
ସୂର୍ଯ୍ୟ ଉପାସନା କରି
କନ୍ୟାରତ୍ନ ଟିକୁ ପ୍ରାପ୍ତି କରିଥିଲେ
ନାମରେ ସେ ଯେ ସାବିତ୍ରୀ ।
ପ୍ରଥମ ଦେଖାରୁ ବରିଥିଲେ ହୃଦେ
ସତ୍ୟବାନ ପତି ରୂପେ
ଅଟଳ ପ୍ରତିଜ୍ଞା ଆଚରିଲେ ସତୀ
ପ୍ରବେଶି ପିତା ସମୀପେ ।

ସ୍ୱାମୀ ସହିତରେ ଶ୍ୱଶୁରାଳୟ କୁ
ଅକୁଣ୍ଠିତ ଚିତ୍ତେ ଗଲେ
ନିର୍ବିକାର ଭାବେ ସେବା ଯତ୍ନ ସତୀ
ଦ୍ୟୁମତ ସେନର କଲେ ।
ବିଧିର ବିଧାନ ବଡ ବିଚିତ୍ର ଯେ
ଜ୍ୟେଷ୍ଠ ଅମାବସ୍ୟା ରାତି
ଶେଷ କାଳ ହେଲା ପତିଙ୍କ ସମୀପ
ଆୟୁଷ ପରିସମାପ୍ତି ।
ସାବିତ୍ରୀ କୋଳରେ ଅରଣ୍ୟ ମଧ୍ୟରେ
ଟଳି ପଡିଲେ କୁମାର
ସାବିତ୍ରୀ କାନ୍ଦନ୍ତି ଆତୁରେ ଡାକନ୍ତି
ପ୍ରାଣ ପ୍ରିୟ କାହିଁ ଗଲ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦୂରେ ଛିଡ଼ାହୋଇ ଯମ ରାଜା ସେହି
ହସ୍ତେ ଧରି କାଳ ଫାଶ
ସ୍ୱାମୀଙ୍କୁ ଫେରାଅ ଆହେ ଜନ୍ତପତି
ନିବେଦନ ଯୋଡି ହସ୍ତ ।
ସଧିରେ ଦେବ ତ କୁହନ୍ତି ହେ ସତୀ
ଏହା ବିଧିର ନିୟମ
ମୃତ୍ୟୁ କୁ ତକେହି ଜୟ କରି ନାହିଁ
ଦେବତା ନେଲେ ବି ଜନ୍ମ ।
ଦୃଢ ବିଶ୍ୱାସ ରେ ସାବିତ୍ରୀ କୁହନ୍ତି
ଛାଡିବିନି ପତି ହସ୍ତ
ଗମନ କରିବି ପତିଙ୍କ ସହିତ
ଯେଉଁଠି ମୃତ୍ୟୁ ର ବାସ ।
ଯମରାଜ ସହ ଯୁଝନ୍ତି ସାବିତ୍ରୀ
ସ୍ୱାମୀ ପାଇବା ଆଶାରେ
ମୃତ୍ୟୁର ଛାୟା ତ ଘୋଟିଛି ସ୍ୱାମୀଙ୍କୁ
ତଥାପି ସ୍ଥିର ଚିତ୍ତରେ ।
ସାବିତ୍ରୀ ଙ୍କ ଭକ୍ତି ନିଷ୍ଠା ପରତାରେ
ପ୍ରୀତ ହୋଇ ଧର୍ମ ରାଜ.
ହେ ସତୀ ସାବିତ୍ରୀ ମାଗି ଘେନ ବର
ବିନା ପତିଙ୍କ ଆୟୁଷ ।
ବୁଦ୍ଧିମତୀ ସେହି ପତି ପ୍ରାଣା ସତୀ

ପ୍ରଥମେ ପିତା ଶ୍ୱଶୁର
ପୁତ୍ରପ୍ରାପ୍ତି ପାଇଁ ଅନ୍ଧତ୍ୱ ବିନାଶ
ଧର୍ମରାଜ ଦୂର କର ।
ପତିଙ୍କ ଔରସୁ ମାତୃତ୍ୱ ଲାଭରେ
ସନ୍ତାନ ସୁଖର ପ୍ରାପ୍ତି
ଆଶୀର୍ବାଦ କର ନିବେଦନ ମୋର
ଆହେ ପ୍ରଭୁ ଜନ୍ତପତି ।
ତଥାସ୍ତୁ କହିଣ ପଳାୟନ କଲେ
ପଛରେ ସାବିତ୍ରୀ ଧାଇଁ
ପତିବିନା କେବେ ଜନନୀତ୍ୱ ଲାଭ
ସଂସାରରେ କରିନାହିଁ ।
ବରଦାନ ଦେବ ଫଳବତୀ ହେବ
ଅସତୀ ଜୀବନ ଧରି
ନର୍କରେ ସ୍ଥାନ ବି ପାଇବିନି ପ୍ରଭୁ
କଳଙ୍କିନୀ ଆଖ୍ୟା ନେଇ ।
ସାବିତ୍ରୀ ଦେବୀଙ୍କ ଅକାଟ୍ୟ ଯୁକ୍ତିରେ
ନିରୁତ୍ତର ବାକ୍ୟହୀନ
ଧନ୍ୟ ପତିଭକ୍ତି ତୁମର ହେ ଦେବୀ
ଅମ୍ଳାନ ତୁମର ମନ ।
ପ୍ରେମର ଅସୀମ ଅନନ୍ତ ଶକ୍ତିରେ
ମୁଗ୍ଧ ହେଲେ ଯମରାଜ

Listen to Odia Podcast Original at https://youtube.com/@drjyotiprasad

ମୃତ୍ୟୁ ତାଙ୍କ ଭକ୍ତି ଶକ୍ତି ସାମନାରେ

ପରାଜୟ ଲଭେ ଆଜ ।

ପୁନର୍ଜନ୍ମ ପାଇ ସତ୍ୟବାନ ସେହି

ଜୀବିତ ଅବସ୍ଥା ପ୍ରାପ୍ତ

ଧନ୍ୟ ତୁମେ ସତୀ ମହାସତୀ ଦେବୀ

ସାବିତ୍ରୀ ରୂପରେ ଖ୍ୟାତ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସାବିତ୍ରୀ ବ୍ରତ

କବିତା ଦାଶ



ପର୍ବ ପର୍ବାଣୀର ପାଳନେ ଉତ୍କଳ
ସମ ରାଜ୍ୟ ଆଉ କାହିଁ
ପ୍ରଥା ପରମ୍ପରା ପୁରାଣ ମଧ୍ୟରେ
ତୁଳନା ତାହାର ନାହିଁ ।

ଉତ୍କଳୀୟ ଧର୍ମ ହିନ୍ଦୁ ରୀତିନୀତି
ନାରୀକୁ କରେ ମହାନ
ସ୍ୱାମୀ ତାର ଶ୍ରେଷ୍ଠ ଦେବତା ଅଟନ୍ତି
ସାବିତ୍ରୀ କରେ ପ୍ରମାଣ ।

ନିଷ୍ଠା ଓ ଭକ୍ତିରେ ଯମକୁ ସନ୍ତୁଷ୍ଟି
ସ୍ୱାମୀଙ୍କୁ ଦେଲେ ଜୀବନ
ପତିବ୍ରତା ନାରୀ ସେହି ଯେ ସାବିତ୍ରୀ
ଅନନ୍ୟ ସେ ପତି ପ୍ରେମ ।

ହୋଇ ରାଜକନ୍ୟା ଛାଡ଼ି ସାଜସଜ୍ଜା
ହେଲେ ପତି ଅନୁଗାମୀ
କଣ୍ଟକିତ ପଥ ବରି ନେଇଥିଲେ
ଆଦରିଣ ବନଭୂମି ।

ହୋଇ ସତୀ ସ୍ୱାଧୀ ପତିବ୍ରତା ନାରୀ
ପତି ସେବା ଧର୍ମ କରି
ନାରୀ ଜାତି ପାଇଁ ହୋଇଲେ ଆଦର୍ଶ
ପବିତ୍ର ବ୍ରତ ଆଚରି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଜିର ଯୁଗରେ ଲୁପ୍ତ ପ୍ରାୟ ଏବେ
ପ୍ରଥା ପରମ୍ପରା ସିନା
ନାହିଁ ସେହି ଭକ୍ତି ନିଷ୍ଠା ପରାକାଷ୍ଠା
ତଥାପି ବ୍ରତ ଏ ଧନ୍ୟା ।

ନାରୀ ପୁରୁଷଙ୍କ ସଂପର୍କ ସୁଦୃଢ଼
କରିଛି ଏ ବ୍ରତ ପରା
ସ୍ୱାମୀଙ୍କୁ ମହାନ କରି ଯୁଗେ ଯୁଗେ
ଢାଳେ ଭକ୍ତି ପ୍ରୀତି ଧାରା ।

ନିରାକାରପୁର, ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସତୀତ୍ୱ



ସିନ୍ଦୂରଟି ମର୍ଯ୍ୟାଦାଟି
ସତୀ ନାରୀ  ଭାବ ରୀତି
ସିନ୍ଦୂରଟି  ମର୍ଯ୍ୟାଦାର ଗୀତି। ।।

ସଧବା  ଜୀବନର ହୃଦୟ ଗୀତି
ସିନ୍ଦୂର ବଞ୍ଚାଇବାର ତୁମ ରୀତି
ମିଳିଛି ତୁମକୁ  ଅନେକ ପ୍ରେରଣା ।

ସଂକଳ୍ପ କରିଛ ସତୀ ହୃଦୟ ନେଇଁ
ପ୍ରେରଣାର ଉତ୍ସ  କେତେ ଯୁଗୁ କେତେ
ସତୀ  !
ମାଁ ସତୀ , ମାଁ  ବୃନ୍ଦାବତୀ ,
ସତ୍ୟ ଯୁଗେ ସାବିତ୍ରୀ  !
ସଂକଳ୍ପରେ ବାଢ଼ିଛ ହେ ମାଁ ସୀତା ସତୀ  !
ମର୍ଯ୍ୟାଦା ଓ ସଂକଳ୍ପର ଗୀତି  ।

ତୁମ ଭଳି ଆମେ ନାରୀ ଅଛୁ ଅନେକ
ତୁମ ପ୍ରେରଣାରେ ବଞ୍ଚାଇଅଛୁ
ସତୀତ୍ୱର ଟେକ  ।
ମର୍ଯ୍ୟାଦା ହିଁ  ନାରୀ
ନାରୀ ହିଁ ମର୍ଯ୍ୟାଦା  ! ସିନ୍ଦୂରର ଗୀତି ।

ସଂକଳ୍ପ ନେଇଁଛି ବ୍ରତ  ଜୀବନର ଗୀତି
ମର୍ଯ୍ୟାଦାର ସିନ୍ଦୂର ସତୀତ୍ୱର ରୀତି ।
ସବୁଯୁଗେ  ନାରୀ ସତୀ  !
ସତୀତ୍ୱର ଭାବ ପ୍ରୀତି ସ୍ୱାମୀ ହୃଦୟର ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସୁନାଗରିଆ

ଡଃ ନିର୍ମଳ ନାୟକ



ଶୁଣି ମହାରାଣୀ..କୋପେ ଭଣେ ପୁଣି....

ନୃପ ଙ୍କୁ କୁହନ୍ତି ବାଣୀ...

ମୁହିଁ ଥାଉଁ ଥାଉଁ..ସହଚରୀ କାହୁଁ...

ଜୀବନ ଦେବା କାହାଣୀ... ! !

ରାଜନ କହିଲେ...ଶୁଣ ଆଗୋ ପ୍ରିୟେ...

ଅମ୍ଭ ର ଜାଚାନା ଥିଲା...

ତୁମେ ପ୍ରାଣ ଭାବି..ଆରୋପ ସମ୍ଭାବି

ବୁଝିବା ଭୁଲ ରହିଲା.. ! !

ସୁନା ଗରୀୟାରେ...ଜୀବନ ଦେବାରେ...

କହିବାର ଅର୍ଥ ଥିଲା...

ତୁମେ ତ ବୁଝିଲ..ପ୍ରେମ ଜାଣି ନେଲ...

ଅର୍ଥ କୁ ଅନର୍ଥ କଲ... ! !

ତୁମେ ଯାହା ବୁଝ..ବାରେ ମର୍ମେ ହେଜ...

ସୁନାଗରୀ ଜୀବନ ଦେ...

ତୁମେ ଦେଲ ଆଖ୍ୟା...କରି ପ୍ରେମ ଭିକ୍ଷା..

ସହଚରୀ ପୀରତି ଦେ... ! !

କଥା କଥାକ ରେ..ନ ପଡ଼ ଭ୍ରମରେ...

ଗୁଢ ରହସ୍ୟ ଜାଣିବ...

ଧୀର ଚିତ୍ତେ ଥରେ..ବୁଝିବ ଧ୍ୟାନ ରେ...

ସନ୍ଦେହ ଟି ଦୂର ହେବ... ! !

ଭୁଲ ବୁଝାବଣା..ସମ୍ପର୍କ ରେ ଉଣା....

ଭାବ ରୁ ଅଭାବ ଦୂର...

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଥାକୁ ବୁଝିଲେ...ଭ୍ରମ ଦୂର ଭଲେ...

ସମ୍ପର୍କ ହେବ ମଧୁର... ! !

ସୁନା ଗରିଆ ରେ...ଜୀବନ ଦେବାରେ...

ଦୁଇଟି ଅର୍ଥ ବୁଝାଏ...

ଯିଏ ଯାହା ବୁଝେ...ମର୍ମେ କିଛି ହେଜେ...

ଦ୍ୱନ୍ଦ୍ୱ ମନେ ଉପୁଯଏ... ! !

ନାଗପୁର

ମୋବାଇଲ : ୮୨୭୫୫୩୩୬୮୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଛଣଛପର ସେ ମାଟିଘର

ଶାନ୍ତିଲତା ପଣ୍ଡା



ଛଣ ଛପରର  ମାଟି ଘରଟିରେ

ଜନମ ମୁଁ ଲଭିଥିଲି

ପୁଟୁଲା ପୁଟୁଲା ସରଗର ସୁଖ

ସେଇଠି ସାଉଁଟିଥିଲି

ଗୁରୁଣ୍ଡି ଗୁରୁଣ୍ଡି ଚାଲି ମୁଁ ଶିଖିଲି

ତା କାନ୍ଥ କବାଟ ଧରି

ଖନେଇ ଖନେଇ କହିବା ଶିଖିଲି

ମାଆ ମନ ଭାଷା ଭରି

ସ୍ନେହ ପ୍ରେମ ପ୍ରୀତି ମମତାର ଗୀତି

ଭାସୁଥିଲା ସେହି ଘରେ

ରାଗ ଅନୁରାଗ ଶ୍ରଦ୍ଧାର ସଦ୍ଭାବ

ଝରୁଥିଲା ହୃଦୟରେ

ମୋ ମାଟି କାନ୍ଥରେ ମାଆ ଚିତ୍ରଲିପି

ଫୁଟୁଥିଲା ମାର୍ଗଶିରେ

କେତେ ଓଷାବ୍ରତ ପିଠା ଓ ପଣାରେ

ମହକିତ  ଅଗଣାରେ

ଆନନ୍ଦ ଲହରୀ ଖେଳାଇ ଭଉଁରୀ

ଦୁଃଖକୁ ଆଡେଇ ଦେଇ

ପରସ୍ପର  ସ୍ନେହ ବାଣ୍ଟି ହେଉଥିଲୁ

ରାଗରୋଷ ଭୁଲିଯାଇ

ତାର ଦାଣ୍ଡ ଧୂଳି ଦେହେ ଦେଲେ ବୋଳି

ଲାଗଇ ତିଳକ ସମ

ପିଲାଦିନ କଥା  ମନେ ପଡିଗଲେ

ମଣଇ ନିଜକୁ ଧନ୍ୟ

ସରାଗରେ ତାର ଗଢା ଏ ଜୀବନ

ଦେଖିଛି ନୂଆ ଦୁନିଆ

ହେଲି ପ୍ରତିଷ୍ଠିତ ତା ପ୍ରେମ ଫଳ୍ଗୁରେ

Listen to Odia Podcast Original at https://youtube.com/@drjyotiprasad

ପାଇ  ମୁଁ ତାହାର ସହା
ସେହି ସାହା ଆଜି ରାହାଟିଏ ହୋଇ
ଚାଲିଛି ମୋ ଚଲାପଥେ
ଝଡଝଞ୍ଜା ସବୁ ପାରି ହେବାପାଇଁ
ଦେଉଛି ସାହସ କେତେ

ଆବିଲତା ହୀନ ଥିଲା ସେ ସମୟ

ଛଣ ଛାଉଣୀରେ ଘରେ
ସ୍ମୃତି ପାଉତିରେ ଲେଖା ଅଛି ସବୁ
ମନ ପଞ୍ଜୁରୀଟା ଝୁରେ

ଶାନ୍ତିଲତା ପଣ୍ଡା, ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବରଷା ଆସିଲା ପରା

ତରୁଣ କୁମାର ମିଶ୍ର



ନିଦାଘ କଷଣେ ଥିଲା ସନ୍ତାପିତ
ଦୁଃଖେ ମୋର ମାଟି ମାଆ ,
ନଭକୁ ବିକଳେ ଥିଲା ଚାହିଁ ହେଳେ
ବଚନ ନସ୍ଫୁରେ ଆହା ।
ଜୀବଜନ୍ତୁ ତରୁଲତାଙ୍କ କଷଣ
ଜଳ ବିନା ମହୀ ପରେ ,
ସନ୍ତାପିତେ ଦେଖି କହୁଥିଲା ଡାକି
ବିକଳେ ବିହାୟସରେ ।
ହେଲାଣି ଅସହ୍ୟ ତେଜ ଦିବାକର
ଦିଅ ଢାଳି ମୃଦୁ ବାରି ,
ଉତ୍ତପ୍ତ ଭୂମିରେ ଜୀବ ଜଗତରେ
ସଞ୍ଜୀବନୀ ଯାଉ ଭରି ।
ଧରଣୀ ବିକଳେ ହୃଦୟ ତରଳେ
ଅମ୍ବର ଅମ୍ବୋଦେ ଡାକି ,
କହଇ କଲ୍ଲୋଳେ ଦିଅ ଢାଳି ବାରେ
ସୁଶୀତଳ ହେଉ କ୍ଷିତି ।

ହୋଇ ମଦମତ୍ତ ଯୌବନେ ଉନ୍ମତ୍ତ
ବାରିଦ ଆସଇ ଧାଇଁ ,
ଟପ ଟପ ସ୍ୱରେ ଅବନୀ ବକ୍ଷରେ
ଆନନ୍ଦେ ଯାଏ ଜଡ଼ାଇ ।
ସୁଶୀତଳ ବାରି ପଡ଼ିଲାଣି ଝରି
ପୁଲକିତ ବସୁନ୍ଧରା ,
ଆନନ୍ଦରେ ଚଉଦିଗ ଯାଏ ଖେଳି
ମାଟିର ବାସନା ପରା ।
ସାଧବ ବୋହୂଟି ହୋଇଲାଣି ସଜ
ଯିବ ଚାଲି ଶାଶୂଘର ,
ପଶୁ ପକ୍ଷୀଗଣ ଆନନ୍ଦେ ଭ୍ରମନ୍ତି
ଖୁସିରେ ରାବେ ଦର୍ଦ୍ଦୁର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେକୀ ଟେକି ପୁଚ୍ଛ କରୁଅଛି ନୃତ୍ୟ
କଳା ମେଘ ନଭେ ଚାହିଁ ,
ଦୂର ଚକ୍ରବାଳେ ଚପଳା ଖେଳଇ
କଦମ୍ବ ହସଇ ରହି ।
କୃଷକ ଭାଇଟି ହୋଇଲାଣି ସଜ
କ୍ଷେତ ଡାକେ ହାତ ଠାରି ,
ଶୁଷ୍କ ମାଟି ଏବେ ନୂତନ ଉନ୍ମାଦେ
ସବୁଜିମା ନିଏ ବରି ।
ନିଦାଘର ଦୁଃଖ ହେଲା ଦୂରୀଭୂତ
ସୁଶୀତଳ କରି ଧରା ,
ତମାମ ଜଗତ ହୋଇଲା ଆଶ୍ୱସ୍ତ
ବରଷା ଆସିଲା ପରା ।

ଖଣ୍ଡଗିରି ,ଭୁବନେଶ୍ୱର ।
ମୋ : ୯୮୫୩୩୧୦୨୯୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଟିକି ଚିନ୍ତନ

ବିବାସିନୀ ପଟ୍ଟନାୟକ



ସନ୍ତାନଟି  ଯେବେ ମାଆର ପଣତେ
ମଳମୂତ୍ର  କିଛି କରେ,
ବିରକ୍ତ ନ ହୋଇ ପରିଷ୍କାର  କରି
ଲାଗେ ଯତ୍ନ  ସହକାରେ।
ପେଟ ଖାଲି ଦେଖି ଖୋଇଦିଏ ସିଏ
କେତେ  ଯେ  ମମତା  ଦେଇ,
ସେହି  ମା  ଯେବେ ବୃଦ୍ଧା ହୋଇଯାଏ
ଏତେ ଅସହାୟ  କାହିଁ ?
ଖଟିଆ  ଉପରେ ଭୋକେ ପଡିଥାଏ
କାଳେ ମଳମୂତ୍ର  ହେବ,
ସେ ସନ୍ତାନ  ପୁଣି କାମନାରେ ଆଣେ
କେବେ ତା" ମୃତ୍ୟୁ ହୋଇବ ?
ଏହି  ତ ସଂସାର କଥା,
ସଂସାରରେ ଥାଇ କର୍ତ୍ତବ୍ୟ  ଭିତରେ
ପ୍ରଭୁଙ୍କୁ  ଧ୍ୟାନ କରୁଥା ।
ନିଷ୍ଠା ସହକାରେ ସମର୍ପଣ  ଥିଲେ
ଲାଗିବନି  ଏତେ ବାଧା ।


କାଳୁପଡାଘାଟ
ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜନ୍ମ

ଡଃ ବିଦ୍ୟାଧର ମହାନ୍ତ



ନିଜ ଜନ୍ମ ଦିନ   କରନ୍ତି ପାଳନ
ପିତାମାତା ମନେ ସୁଖଆସେ,
କେତେଜାତି ଖାଦ୍ୟ ପ୍ରସ୍ତୁତ କରନ୍ତି
ଶିଶୁ ନୃତ୍ୟରତ  ନବ ବାସେ ।୪୧।

ପିତା ମାତା ଶିଶୁ  କଲ୍ୟାଣ ମନାସୀ
କରନ୍ତି ଆରଧ୍ୟ ଦେବେ ପୂଜା,
ସତ୍ୟ ନାରାୟଣ   ପୂଜା କରିଥାନ୍ତି
ଉଡ଼ାଇ ଧର୍ମ ଦେବଙ୍କ ଧ୍ୱଜା ।୪୨।

ତ୍ରିନାଥଙ୍କ ପାଲା    ଅନୁଷ୍ଠିତ ହୁଏ
ସକଳେ ଦେଖନ୍ତି ଜହ୍ନ ରାତି,
ସୁବାସିତ ଫୁଲ      ହୁଏ ବିକଶିତ
ସର୍ବେଯାନ୍ତି ଭୋଜିଭାତେମାତି ।୪୩।

ଜନ୍ମ ଦିନ ପାଇଁ ଆସେ ଉପହାର
ଟଙ୍କା ସୁନାରୂପା ମୋତି ମାଳ,
ସୁବାସ ଚନ୍ଦନ ବାସରେ ମହକେ
ଜନ୍ମୋତ୍ସବ ଶୁଭ ଦିନ କାଳ ।୪୪।

ଜନ୍ମ ଯାହା ହେଉ କର୍ମ ଯଦି ହୁଏ
ମଣିଷର ଅତି ସମୁନ୍ନତ ,
ସୁଦେଶେ ବିଦେଶେ ସବୁ ସ୍ଥାନେ ପୂଜ୍ୟ
ତାଙ୍କପଦେ ନଏଁ ମଥା ଶତ ।୪୫।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବଂଶ ଗୋତ୍ର ରୂପ  ରଙ୍ଗ ଜଉବନ
ବଡ଼ ନୁହେଁ କେବେ ମାନବର
ଶିକ୍ଷା ଦୀକ୍ଷା ସ୍ୱାସ୍ଥ୍ୟ ହୋଇଲେ ଉନ୍ନତ
ପାଏ ପୂଜାଯୋଗ୍ୟ ଅଧିକାର ।୪୬।

ମଣିଷ ପାଳନ୍ତି        ନିଜ ଜନ୍ମ ଦିନ
ମାତ୍ର ଆନ ଜୀବେ ତା ଅଜଣା,
ସେମାନେ ଜାଣନ୍ତି କେବଳ ସଂସାରେ
ବଞ୍ଚିବାର ବାହାନା କଳ୍ପନା।୪୭।

ପ୍ରକୃତି ସୁନ୍ଦରୀ   କପୋଳ କଳ୍ପିତ
ଖାଦ୍ୟ ପେୟ ଭୋଜନ ଶୟନ,
ଆଶ୍ରୟ ଭ୍ରମଣ    ଚର୍ବଣ ଗର୍ଯ୍ୟନ
ପ୍ରକୃତି ଦତ୍ତ କର୍ମ ବିଧାନ।୪୮।

ତାହା ବିନା ଆନ ତାଙ୍କୁ ଜଣା ନାହିଁ
ଈଶ୍ୱର ଦତ୍ତ ବିଧି ବିଧାନ,
କରିବାକୁ ବାଧ୍ୟ     ଜନମ ମାତ୍ରକେ
ତାହାହିଁତ ସ୍ୱର୍ଗୀୟ ସୋପାନ।୪୯।

ନିଜ କୁଳ ଗୋତ୍ର  ରଖନ୍ତି ପ୍ରାଣୀଏ
ଆସିଗଲେ ଜଉ ବନ କାଳ
ଉପସ୍ଥିତ ହେଲେ ମୃତ୍ୟୁ ଲଭି ଥାନ୍ତି
ଆପେ ଘେନି ଯାଏ ମହାକାଳ।୫୦।


ତମ୍ବାହରା, ହରି ଚନ୍ଦନ ପୁର,
କେନ୍ଦୁଝର ଓଡ଼ିଶା
ମୋ : ୭୮୪୮୦୦୦୦୩୦ / ୮୭୫୮୦୩୭୩୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବୋଉଲୋ ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି

ରୀତା ଅପରାଜିତା ମହାନ୍ତି



ଆଖିର ଲୁହ ଆଖିରେ ମରେ ଲୋ ବୋଉ ।
କେତେ ସରାଗରେ
ଘରର ଶୋଭା ବଢ଼େଇବ ବୋଲି
ତୋଲୁ ଥିଲି କଣ କରିବି ବୋଉ
ପଦ୍ମ ଖାଲି ଘୁଞ୍ଚି ଘୁଞ୍ଚି ଯାଉଛି ।
ସଭିଏଁ କରିବେ ବୋଲି ଆଦର
ସହି ଗଲି ଶାଶୁ ଙ୍କ ଗଞ୍ଜଣା
ନଣନ୍ଦ ଙ୍କ ଉଲଗୁଣା ।
ବୋଉ ତୁ କହି ଥିଲୁ ସଂସାର ଭିତରେ
ଘର କରିଲେ ପଥର ପଡିଲେ ସହିନେବା
ପାଇଁ ....।
ସୀତା ପରି ଅଗ୍ନି ପରୀକ୍ଷା ବି ମୋ
ଭାଗ୍ୟରେ ।
ଲକ୍ଷ୍ମୀଙ୍କ ପରି ମୁଁ କରେ ଗୁରୁବାର
ନ ତିଅଣ ଛ ଭଜା ବାଢି ଦିଏ ।
ପିଲାଙ୍କ ପାଇଁ ସରସ୍ୱତୀ ସାଜି
ପଢାଏ ପାଠ ।
ମୁଁ ବି ସ୍ନେହ ଆଦର ଯୋଗ୍ୟା
ସଭିଏଁ କେବେ ବୁଝିବେ ମୋ ସୁନା
ସ୍ୱାମୀ ତୁମ ପାଇଁ ମୋ ଘର ହୋଇଛି
ସ୍ୱର୍ଗ ପରି ଏତିକି କଥା
ମତେ ମିଳିଯିବ ସକଳ ସୁଖ
ମୋ ପଦ୍ମ ସେତିକିବେଳେ
ମୋ ହାତ ପାହାଁନ୍ତାରେ ଥିବ
ବୋଉ ଲୋ ପଦ୍ମ ଖାଲି ଘୁଞ୍ଚି ଘୁଞ୍ଚି ଯାଉଛି ।
ମୋ ସରିଯାଉଥିବା ଆୟୁଷ ସହ ।

ଭୁବନେଶ୍ୱର -୨୧

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଓଡ଼ିଆ ଖୋଜୁଛି ଅତୀତ ସ୍ମୃତି

ଇତିଶ୍ରୀ ଶତପଥୀ



ମେଲାଣି ଦେବି କାଗଜ ଡ଼ଙ୍ଗା ଯିବୁ ଭାସି
ତୋ ଭାସିବା ଦେଖି ଅନ୍ତର ହୋଇବ ଖୁସି

ବେନି ନୟନରେ ଦେଖି ନାହିଁ  ବୋଇତ ବନ୍ଦାଣ
ବହି ରେ ପଢ଼ିଅଛି ତୋର ଗୁଣ ଗାନ

ଲୁଚି ଗଲେ କାହିଁ ସାଧବ ପୁଅ ନାହିଁ ସେ ଦିନ
ଓଡ଼ିଆ ଖୋଜୁଛି ଅତୀତ ସ୍ମୃତି ଝାଉଁଳି ଯାଇଛି ମନ

ବୋଇତ ବନ୍ଦାଣ କରୁଥିଲେ ଝିଅ ବୋହୁ ମିଶି
କେଡେ ସରାଗରେ ମେଲାଣି ଦିଅନ୍ତି ହସି ହସି

ସାଧବ ମାନେ ଦରିଆ ସେପାରି ଯାଉଥିଲେ ଏକତ୍ର ହୋଇ
ବାଣିଜ୍ୟ ବେପାର କରି ଆଣୁ ଥିଲେ ଧନ ବୋହି

ସାଧବ ମାନଙ୍କ ତିଳେ ହେଁ ନ ଥିଲା ଭୟ

Listen to Odia Podcast Original at https://youtube.com/@drjyotiprasad

ବିଭୁ ଆଶୀର୍ବାଦେ ହେଉ ଥିଲା ସଦା ଜୟ

ଯାଇଛି ସେ କାଳ ଆସିଛି ନୁଆ ବେଳ

ବର୍ଷା ପାଣିରେ ମଜା ଲାଗେ କାଗଜର ଡ଼ଙ୍ଗା ଖେଳ

ଆସନ୍ତା ନି ଫେରି ସେହି ପୁରୁଣା ଦିନ

ଯାହା ଖୋଜୁ ଅଛି ସଭିଙ୍କ ମନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବନ୍ଦଇ ଦେବ ଜଗନ୍ନାଥ

ଅର୍ଜୁନୀ ଚରଣ ବେହେରା



ବନ୍ଦଇ ଦେବ ଜଗନ୍ନାଥ ।
ସୃଷ୍ଟି ତୁ କରୁ ଆତଯାତ ॥
ଅଭୟ ଚରଣ ତୋହରି ।
ପ୍ରାଣୀ ରହନ୍ତି ଆଶ୍ରା କରି ॥
ତୋ ପଦ ବାରି ମକରନ୍ଦ ।
ପିବନ୍ତେ ତୋଷ ଭକ୍ତବୃନ୍ଦ ॥
ଅଚ୍ୟୁତ ଅବ୍ୟକ୍ତ ଅନନ୍ତ ।
ତୋ ଲୀଳା ବିସ୍ତାର ଜଗତ ॥
ସତ୍ୟ ପରମାନନ୍ଦ ତୁହି ।
ଭକତ ଭାବ ଭାବଗ୍ରାହୀ ॥
ହେ ପ୍ରଭୁ ସର୍ବ୍ବ ଲୋକପାଳ ।
ବ୍ରହ୍ମାଣ୍ଡ ହୋଇ ମାଳ ମାଳ ॥
ଲୋମ କୂପେ ତୋ ଛନ୍ତି ପୁରି ।
ମୁକୁନ୍ଦ ମାଧବ ମୁରାରି ॥

ହେ ଦାରୁବ୍ରହ୍ମ ବ୍ରହ୍ମଦାରୁ ।
ଭକତ ବାଞ୍ଛା କଳ୍ପତରୁ ॥
ହେ ପ୍ରଭୁ ମହିମା ସାଗର ।
ଭବ ସାଗର କର୍ଣ୍ଣଧାର ॥
ତୋ ପଦ ପ୍ରଭୁ ଆଶ୍ରାକରି ।
ପ୍ରାଣୀ ତରନ୍ତି ଭବ ବାରି ॥
ଲୀଳା କେ ତୋହର ବର୍ଣ୍ଣିବ ।
ବର୍ଣ୍ଣି ନ ପାରେ ବ୍ରହ୍ମା ଶିବ ॥
ମହିମା ମୁଖେ ଘୋଷି ଘୋଷି ।
ତ୍ରିପୁରେ ଭ୍ରମନ୍ତି ଦେବର୍ଷି ॥

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜଗତ ଯାକ ଦୁଃଖ ଶୋକ ।

ନାଶେ ତୋ କରୁଣା କଟାକ୍ଷ ॥

ତୋ ମାୟାବଦ୍ଧ ଏ ଜଗତ ।

ନମସ୍ତେ ପ୍ରଭୁ ଜଗନ୍ନାଥ ॥

ମିଥ୍ୟା ଜଗତେ ସତ୍ୟ ତୁହି ।

ଅଜ୍ଞାନ ତୋତେ ନ ଜାଣଇ ॥

ହେ ପ୍ରଭୋ କରୁଣା ସାଗର ।

ତୋ ପଦେ ମୋର ନମସ୍କାର ॥

ମୋ -୭୬୯୩୦୯୨୯୭୧

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପ୍ରାୟଶ୍ଚିତ

ସିନ୍ଧୁ ନନ୍ଦିନୀ



ମାନ ଅଭିମାନ ଚାଲି ଥାଏ ନିତି
ସମଗ୍ର ବିଶାଳ ସଂସାରେ
ଇଚ୍ଛା ଅନିଚ୍ଛାରେ ଅଳିକ ଜୀବନ
ବିଧିର ସମ୍ପର୍କ ଧାରେ

ଜୀବନଟା ତାର ଅକିଞ୍ଚନ ଅଟେ
ଯେ ପ୍ରାୟଶ୍ଚିତ କରିନାହିଁ
ଜାଣି ଶୁଣି ଆମେ ଭୁଲ୍ କରିଥିଲେ
ଅନୁତାପ ଫଳ ନାହିଁ

ଅନୁତାପ ର ନିଆଁ ରେ ଜଳିବା
ନିଜେ ଖାଲି ଛାରଖାର
କିଛି ହେଲେ ବି କରି ହେବ ନାହିଁ
ବହିବ ଲୋତକ ଧାର

ଜଞ୍ଜାଳ ଭରା ଜୀବନ ପଥରେ
ପ୍ରାୟଶ୍ଚିତ ଆଶାଲୋକ
ଅସରାଏ ଲୁହ ଝରି ଗଲା ପରେ
ଅପସରେ  ଅନୁତାପ

ସବୁ ଭୁଲ୍ ର ପ୍ରାୟଶ୍ଚିତ ଥାଏ
ସବୁ ଅନୁତାପର କ୍ଷମା
ପ୍ରକୃତ ଅନୁତାପ ଭୁଲ୍ କୁ ସ୍ୱୀକାର
ଭୁଲିବାନି ଆମେ ଜମା

ଯେ ଯାଏଁ ନିଜ କୃତକର୍ମ ପାଇଁ
କରିବାନି ପ୍ରାୟଶ୍ଚିତ
ସେ ଯାଏଁ ସ୍ଥିତି ସୁଧୁରିବନି
ଆସିବ ବାଧା ବିପଦ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କହିହେବନି କି ସହି ହେବନାହିଁ
ଜୀବନ ହେବ ଦୁର୍ବିସହ
ମନ ଅନୁତାପ ର ଉତ୍ତେଜନା ରେ
ଖାଲି ରହିବ ଅବଶୋଷ

ନିଜ ଲୁହ କୁ ନିଜେ ହିଁ ପୋଛି
ଚୁପ୍ ରହିବାକୁ ହେବ
ମରୀଚିକା ସମ ଲାଗିବ ଜୀବନ
ସବୁ ଶୂନ୍ୟ ଦେଖାଯିବ

ନିଜ କୃତ କର୍ମ ନିଜେ ଜାଣିଛେ
କରିଯିବା ପ୍ରାୟଶ୍ଚିତ୍ତ
ଜୀବ ଗଲା ବେଳେ ଶାନ୍ତିରେ ମରିବା
ରହିବନି ଅନୁତାପ

ଭୁବନେଶ୍ବର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାଟି

ଅରୁଣ କୁମାର ଦାସ



ମାଟିର ମତୁଆଲା ମହକରେ ସମ୍ମୋହିତ ଜୀବନ
କରିଦେଉଥିଲା ଆନମନା ଚାଷୀ ପୁଅକୁ
ଫାଟି ଆଁ କରିଥିବା କ୍ଷେତରେ ବୁନ୍ଦାଏ ପଡ଼ିଲେ
ଶିହରିତ ହୋଇ ଯାଏ ତନୁ ମନ।
ଭୁରୁ ଭୁରୁ ବାସ୍ନାରେ ଭରି ଯାଉଥିଲା ଭଣ୍ଡାର
ବରଷକର ଦାନା ଗଣ୍ଡାକ  ପାଇ ସଭିଏଁ ତଲ୍ଲୀନ
କେରି କେରି ସୁନାର ଫସଲ ଅଜାଡ଼ି ହୋଇ ପଡୁଥିଲା
ଦେଖୁଥିଲା ସପନ ପଢୁଆ ପୁଅଟି ଏକ ସଫେଦ୍ ଭବିଷର ।
ଖଟି ଖଟି ବର୍ଷ ତମାମ୍ ହେଉଥିଲା ଜୀବନ ନୟାନ୍ତ
ଉଦୁ ଉଦିଆ ଖରାର ପ୍ରଖରତା ବି ମାନୁଥିଲା ହାର
କଳାହାଣ୍ଡିଆ ମେଘ ମଲ୍ଲାର ରଚୁଥିଲା ଆକାଶେ ରୋଷଣୀ
ଝିଦରି ପକାଉଥିଲା ହୃଦୟକୁ ଖେଳାଇ ତଡିତର ସୁଅ
ତଥାପି ମାନି ନ ଥିଲା ହାର ଜାଣି ସଂସାର ମୋହ  ।
ସାମିଲ ହୋଇ ପାରୁ ନ ଥିଲା ବିଭିନ୍ନ ଯୋଜନାରେ
କାଟି ଦେଉଥିଲେ ନାଁ କୁ ନାନା ଆଳ ଦେଖାଇ
ଅଙ୍ଗା ରାଜନୀତିର ପଶା ପାଲିରେ ପେଶୀ ହୋଇ
ଦୋଷ ଦେଉ ଥିଲା ତାର ଫଟା କପାଳରେ  ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେଇ ମାଟି ତ ହୋଇଛି ଅମୂଲ ମୂଲ

ଝସିଜ କଳ କାର୍ଖାନା ହଟାଇ ତାର ଦଖଲ

ଠିକାଦାରଙ୍କ ନିଶାଣ କରୁଛି କଲବଲ

ବାନ୍ଧି ଦେଇଛି ତାକୁ ଫନ୍ଦି ଫିକର ଜାଲ ।

ଶିକ୍ଷକ

ନାରାୟଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ପନ୍ତରୀ, ଧର୍ମଶାଳା, ଯାଜପୁର

୯୯୩୮୭୩୩୦୭୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭଙ୍ଗାଡେଣା

ସରସ୍ୱତୀ ପଣ୍ଡା



ହୋଟେଲ ପଛପଟ ରେ ପଡ଼ିଥିବା
ଧୂଳିଧୁସରିତ ଅଇଁଠା ଭାତକୁ
ସେ ମୋ ଆଖିସାମ୍ନାରେ
ଖାଉଥିଲା ମୁଠା ମୁଠା କରି'
ବୁଲା କୁକୁରଙ୍କ ଖିଂକାର କୁ
ଖାତିର କରୁନଥିଲା '
ପଲ ପଲ କାଉ ଙ୍କ ଖୁମ୍ପାକୁ ଅଣଦେଖା କରି
ସେ ତା 'ଭୋକ ମେଣ୍ଟାଇବାକୁ
ଶତ ତ ଚେଷ୍ଟା କରୁଥିଲା..
ଅଇଁଠା ମଦମଖା ପ୍ଲାଷ୍ଟିକ ଗ୍ଲାସରେ
ସେ ପିଉଥିଲା
ପୋକସାଲୁବାଲୁ ଦୁର୍ଗନ୍ଧ ବର୍ଷାଜଳ ।

କେତେ ଅଗଣନ ସମୟ ଧରି
ଘସାଯାଇ ନ ଥିବା
ତା 'ଦାନ୍ତର ରଙ୍ଗ ଚିହ୍ନି ହଉ ନଥିଲା,
ଅଣ୍ଟାରୁ ତଳକୁ ଖସିପଡୁ ଥିବା
ସାତସିଆଁ ପ୍ୟାଣ୍ଟ କୁ
ସେ ବାରମ୍ବାର ଉପରକୁ ଟେକୁଥିଲା
ତାକୁ ଦେଖି ଭାବୁଥିଲି
ଏୟା ଠିଁ "'ଲଜ୍ଜ୍ୟା " ବଚିଛି ଏବେ ବି..।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୁଣ୍ଡର ବାଳ ଜଟା ପ୍ରାୟ

ଥମ୍ ଥମ୍ ସକାଳ ପରି ମୁହଁର ଭାବ '

ଆଖିଯୋଡ଼ିକରେ

ଉଦାସ ଗୋଧୂଳୀର ଛାଇ '

ମୁଁ ନିରିଖେଇ ଦେଖୁଥିଲି

ବୟସ କେତେବା ହବ ତାକୁ !

ଏଇ ବାଇଶି କି ପଚିଶ..।

ସେଠି ଉପସ୍ଥିତ ମାନଙ୍କୁ

ମୁଁ ପଚାରିଥିଲି

ଭାଇଭାଗ ବା '

ଭୋଗର ଅଗ୍ନିକୁଣ୍ଡରେ

ଆହୁତି ଦିଆଯାଇଥିବା

ଏଇ ଯୁବକଟିର ଦୋଷ କ'ଣ ?

କାହିଁକି ଉଡ଼ିବା ଆଗରୁ

କାଟି ଦିଆଗଲା ତା 'ଯୌବନର ଡେଣା !

କିଏ ଭାଙ୍ଗିଦେଲା

ତା 'ଗୋଲାପୀ ସ୍ୱପ୍ନର ଇମାରତ୍ ?

ଏଇ ଧୂଳି ଧୂସରିତ ଭାଗ୍ୟ ପାଇଁ

କିଏ ଦାୟୀ ?

କେହି ଜାଣିଛ କି ? ?

ପିତା ମାତା

ନା

ଭାଇ ?

ପଛରୁ କେହିଜଣେ କହୁଥିଲା,

ହଁ

ଭାଇ,

ବଡ଼ ଭାଇ

ଆଲୁଅ ନୁହଁ

ସେ ଶୋଇଛି ଅନ୍ଧାର ଘୋଡ଼େଇ...।

ଶ୍ରୀରାମ ପୁର, ମଙ୍ଗଳପୁର

୭୬୦୮୯୪୦୮୨୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆତ୍ମା ପରମବ୍ରହ୍ମ

ସୁନନ୍ଦା ପାଣିଗ୍ରାହୀ



ଏ ବାଇଆ ମନ ସେ ପରମବ୍ରହ୍ମ ପାଦେ ପଶ
ତୁ ଶରଣ
ଏ ସଂସାର କଳ୍ପ ବାଟେ
ମୁଁ ଚଟକ ପକ୍ଷୀ,
ବସାବାନ୍ଧି ଅଛି ଡାଳେ
କାଠି, କୁଟା, ଯୋଖି ।
ମନକୁ ବାନ୍ଧିଛି ରଖି
ହୃଦ ପିଞ୍ଜରାରେ ।
ନଚେତ, ବୁଲଇ ସଦା
ସଭିଙ୍କ ଦୁଆରେ ।
କାହା ଦୁଆରେ ଗାଳି ଖାଏ
କା ଦୁଆରେ ସ୍ନେହ
ସଂସାର କଳ୍ପ ବୃକ୍ଷରେ
ନୀତି ନୂଆ ନୂଆ ମୁହଁ ।
ଏ ବୃକ୍ଷ ଯେ ବଡ ଧ୍ରୁମ
ଶାଖା ପ୍ରଶାଖାରେ ।
ସଦା ନିତିଦିନ ନୂଆ ଫୁଲ
ନୂଆ ଫଳ ଧରେ ।
ମନ ପକ୍ଷୀ ଉଡି ବୁଲେ
ଏ ଡ଼ାଳୁ ସେ ଡାଳ
ନୂଆ ନୂଆଫୁଲ ଫଳେ ମନ ହଡ ବଡ଼ ।
ଏ ବାଇଆ ମନକୁ ଯେ
କରିଥାଇ ବସ
ନ ଆସେ କେଭେ ଜୀବନେ
ଦୁଃଖ ଅବଶୋଷ ।
ମାୟା ଜାଲେ ବନ୍ଧା ଅଟେ
ଏ କଲପ ବୃକ୍ଷ
ଛାଡି ହୁଏ ମନ ଏଠି
ଆର୍ଜେ କେତେ ପାପ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆସେ ନୀତି ଝଡ଼ ଝଂଜି

ବୋହେ କେତେ ଲୁହ ।

ଆତ୍ମା କହେ ବିଭୁ ପାଦେ

ସମର୍ପିତ ତୁ ହୁଅ ।

ସଂସାର କଳ୍ପ ବୃକ୍ଷ ରେ

ବୁଲୁଥାତୁ ଯେତେ

ପ୍ରୀତି ଭରା ମିଠା କୋଳି

ଖାଉଥା ଆନନ୍ଦେ ।

ସବୁ ହେବ ଅକାରଣ

ଧିକ ହେବ ଏ ଜନମ

ପରମ ପୁରୁଷ ପାଦେ

ନ ଯିବୁ ଯେବେ ଶରଣ ।

ଆରେ ଏ ବାଇଆ ମନ

ସେ ପରମ ବ୍ରହ୍ମ ପାଦେ ପସ ତୁ ଶରଣ ।।

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଏଇତ ଜୀବନ

ଡଃ ଚପଳା ପଣ୍ଡା



କାହା ରୋଜଗାର
ଲକ୍ଷ ଲକ୍ଷ ଟଙ୍କା
କାହା ରୋଜଗାର ମୁଠେ,
ଜୀବନର ଧାରା
ଏକ ପ୍ରକାରର
କିଏ ନିଏ କିଏ ବାଣ୍ଟେ ।

ଶଗଡ଼ ହେଉ କି
ସାଇକେଲ ହେଉ
ମଟରରେ ଚଢ଼େ କିଏ,
ଲମ୍ବି ଅଛି ପରା
ସଡ଼କ ଗୋଟିଏ
ଲକ୍ଷ୍ୟ ଭିନ୍ନ ପଛେ ହୁଏ ।

କିଏ ଖାଉଅଛି
କ୍ଷୀର ସରପୁଳି
କା' ଭାଗ୍ୟେ ମାଣ୍ଡିଆଜାଉ,
ପେଟ ପୂରିଗଲେ
ବ୍ରହ୍ମାଣ୍ଡ ସୁନ୍ଦର
ଜୀଇଁ କି ଜୀବନ ଥାଉ ।

ହୋଇଥାଉ ଘଡ଼ି
ଯେତେ ମୂଲ୍ୟବାନ
ହୋଇଥାଉ ସାଧାରଣ,
ସମସ୍ତଙ୍କ ପାଇଁ
ସମାନ ଭାବରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମୟ ସୂଚକ ଜ୍ଞାନ ।

ଚାଷୀ ମୂଲିଆଠୁ
କୋଟିପତି ଯାଏଁ
ସଭିଙ୍କ ମରଣ ଦିନେ,
ଗୋଟିଏ ମଶାଣି
ଭିନ୍ନତା ଖୋଜେନି
ତା' ପାଇଁ ମଣିଷ ଜଣେ।

କିଏ ଶୋଇଥାଏ
ତୁଳୀତଳ୍ପ ଶେଯେ
କିଏ ଶୁଏ ମାଟି ପରେ,
କୋକେଇ କାନ୍ଧରେ
ସଭିଏଁ ଶୋଇବେ
ମରଣର ଉପାନ୍ତରେ ।

ତେବେ କାହିଁପାଇଁ
ଏତିକି ହିସାବ
ଜୀବନ ଜୀବିକା ପାଇଁ,
ମଣିଷ ଜୀବନ
ଦୁର୍ଲ୍ଲଭ ମୁହୂର୍ତ୍ତ
ଚାଲିବା ଶାନ୍ତିରେ ରହି।

ଡ. ଚପଳା ପଣ୍ଡା, ଶିକ୍ଷୟିତ୍ରୀ
(ବୃତ୍ତି ନିବୃତ୍ତ),ଖୋର୍ଦ୍ଧା.
୯୪୩୭୪୨୮୧୬.

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋକ୍ଷ

ସୁପ୍ରିୟା ମହାନ୍ତି



ତୋ ବେଣୁ ସ୍ୱନ କୁ ଚାହିଁ ଚାହିଁ ଦିନ
ସରିଗଲା ଅବେଳରେ
କଲକାହ୍ନୁ ମୋର ରୁଷି ଯାଇଅଛି
ଚାଲିଯାଇଅଛି ଦୂରେ ।
ତୋ କଅଁଳ କଥା ତୋ ମୁରଲୀ ସ୍ୱନ
ଜଗାଏ  ହୃଦେ ସ୍ପନ୍ଦନ
କୁନି କୁନି ପାଦ ନିଦ ମୋ ହଜାଏ
ଆରେ ମୋ ରଙ୍କୁଣୀ ଧନ ।
ମୁରଲୀ ବାହିଲେ ଗୋପ ଗୋପାଳୁଣୀ
ହୁଅନ୍ତି ପ୍ରେମେ ବିଭୋର
ଛାଡ଼ି ଗୋପପୁର କେମିତି ରହିଛୁ
ଆହେ ମୋ ବ୍ରଜ ସୁନ୍ଦର ।

ଶିକ୍ଷେତ୍ର ରେ ରହି ଭୁଲିଗଲୁ ଗୋପ
ହଜିଗଲା ତୋ ମୁରଲୀ
ଆସୁନି ମହ୍ଲାର ନାଚୁନି ମୟୂରୀ
କଦମ୍ବ ରେ ନାହିଁ ଦୋଳି ।
ମୁରଲୀ ବଜାଇ ଆ ଝୁଲି ଝୁଲି
ଉଡ଼ାଇ ଫଗୁ ଅବିର
ପାପ ଧୋଇଯାଉ ରଙ୍ଗ ଅବିରରେ
ମୋକ୍ଷ ହେଉ ଆତ୍ମା ମୋର ।

ନିକିରାଇ, କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମନ୍ଦିରମାଳିନୀ ଭୁବନେଶ୍ୱର

ଇତିଶ୍ରୀ ପତି



ଏକାମ୍ର ନଗର ମୋ ଭୁବନେଶ୍ୱର
ଦେବଭୂମି ଶୈବକ୍ଷେତ୍ର,
ମହିମା ମଣ୍ଡିତ ଏ ପୁଣ୍ୟ ମାଟିକୁ
କୋଟିକୋଟି ପ୍ରଣିପାତ ।

ମନ୍ଦିର ମାଳିନୀ ବିଭବ ଶାଳିନୀ
କଳା, ସ୍ଥାପତ୍ୟ ସମ୍ଭାର,
ଗିରି ଗୁମ୍ଫା ଭରା ଐତିହ୍ୟର ସାକ୍ଷୀ
ଏକାମ୍ର ଭୁବନେଶ୍ୱର ।

ଏ କ୍ଷେତ୍ରେ ବିରାଜ ପ୍ରଭୁ ଲିଙ୍ଗରାଜ,
ଭୀମେଶ୍ୱର, ମୁକ୍ତେଶ୍ୱର,
କେଦାର ଗଉରୀ, ଚିନ୍ତାମଣିଶ୍ୱର,
ବ୍ରହ୍ମେଶ୍ୱର, ମେଘେଶ୍ୱର ।

ମହାକାଳେଶ୍ୱର ସ୍ୱର୍ଣ୍ଣ ଜଳେଶ୍ୱର
ନାଗେଶ୍ୱର, ରାମେଶ୍ୱର,
ଶୈବ ମହାତ୍ମ୍ୟରେ ମହିମା ମଣ୍ଡିତ
ଏ ମାଟି ଭୁବନେଶ୍ୱର ।

ଶିଳା ଭାସ୍କର୍ଯ୍ୟର ଐଶ୍ୱର୍ଯ୍ୟର ସାକ୍ଷୀ
ରାଜାରାଣୀ, ଖଣ୍ଡଗିରି,
ବୌଦ୍ଧ ଶାନ୍ତିସ୍ତୁପ ଶିଳାର ସ୍ୱାକ୍ଷର
ଧଉଳି, ଉଦୟଗିରି ।

Listen to Odia Podcast Original at https://youtube.com/@drjyotiprasad

ଉତ୍ତରରେ ବହେ ନଦୀ କୁଆଖାଇ
ପୁଣ୍ୟତୋୟା ଜୀବଦାତ୍ରୀ,
ପୂର୍ବରେ ଯାହାର ଦୟାନଦୀ କହେ
କଳିଙ୍ଗ ବୀରତ୍ୱ ସାକ୍ଷୀ ।

ଧର୍ମ ସଂସ୍ଥାପନ - ଦିବ୍ୟ ଚେତନାର
ନୈସର୍ଗିକ ଗନ୍ତାଘର ,
ସଂସ୍କୃତି,ସଂସ୍କାର, ଶିରିରେ ସମୃଦ୍ଧ
ମୋ ପ୍ରିୟ ଭୁବନେଶ୍ୱର।

*ଲେନ୍-୭, ଲିଙ୍ଗରାଜ ନଗର,*
*ଓଲ୍ଡ ଟାଉନ୍,ଭୁବନେଶ୍ୱର।*

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗଣ୍ଠିଲିରେ ବାନ୍ଧିରଖ

ହୃଷିକେଶ ପ୍ରଧାନ



ରାମ ନାମ ଧନ ହଜାନାରେ ମନ
ଗଣ୍ଠିଲିରେ ବାନ୍ଧି ରଖ,
ବେଳହୁଁ ଭଜିଲେ ପ୍ରୟାଣ କାଳରେ
ହେବୁ ନାହିଁରେ ନିରେଖ ।
ଜନ୍ମରୁ ମରଣ ସହଯାତ୍ରୀ ନାମ
ଶ୍ରୀରାମ ରଘୁନନ୍ଦନ,
ଗତି ମୁକ୍ତି ଦାତା ଜଗତ କରତା
ଅଘ ତମ ବିନାଶନ ।
ରାମ ରଘୁବୀର କରୁଣାନିଧାନ
ତିନି କାଳେ ନେଉଥିବୁ,
ପରମ ଧାମକୁ ଅନ୍ତିମ ସମୟେ
ବଇକୁଣ୍ଠ ପ୍ରାପ୍ତ ହେବୁ ।
ଜଗତ କଲ୍ୟାଣ ସଗୁଣରେ ବ୍ରହ୍ମ
ଅଚିନ୍ତ୍ୟ ପ୍ରଭୁ ରାଘବ,
ବିଭୂତି ଭୂଷଣ ରଘୁବଂଶ ରାଣ
ଦୁଃଖ ଯାତନା ବିଭବ ।

ସଂସାର ଅସାର ରାମ ନାମ ସାର
ବିଷୟ୍ୟ ଜଞ୍ଜାଳୁ ମୁକ୍ତି,
ମୋହ ମାୟା ଦୂର ହୁଏ ନିରନ୍ତର
ଲଗାଅ ଭାବରେ ଭକ୍ତି ।
ଜଟାୟୁ ଜୟନ୍ତ ମୟୂର ସମ୍ପାତି
କାକଭୂଷଣ୍ଡ ଉଦ୍ଧାର,
ବିଜ୍ଞାନୀ କୈବର୍ତ୍ତ ଧୋଇ ପଦ୍ମପାଦ
ମୁକ୍ତି ଲଭେ ଗଙ୍ଗା ପାର ।
ଶ୍ରୀରଙ୍ଗା ଅଧର ଶ୍ରୀରଙ୍ଗା ପୟର
କମଳଲୋଚନ ସ୍ମର,
ଭଜ ସୀତା ରାମ ଭଜେ ରାମ ରାମ
ହୃଷିକେଶ ଯୋଡ଼ି କର ।


ନୟାଗଡ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆକାଶବାଣୀ

ଭାଗ୍ୟଶ୍ରୀ ସାହୁ



ଶୁଣା ଯାଉନାହିଁ  ଆଉ ପ୍ରଥମ ଆରମ୍ଭର
ସେ କିମ୍ଭୂତ କିମାକାର ଶବଦ
ପଢ଼ା ଯାଉନାହିଁ ଖବର ମୁଖ୍ୟ ବିଷୟ
ପ୍ରାତଃ ସମୟ ସଂଗୀତ  ।
ଶୁଭ ସକାଳ ବାରତା କହୁନାହିଁ ଆଉ
ଭାଙ୍ଗିଛି ବୋଧେ ମେରୁ ରେଡ଼ିଓର
ଗରମ ଚା ସାଙ୍ଗକୁ ବିସ୍କୁଟ ମଜା
ନାହିଁ କୋଳାହଳ ଶୂନ୍ୟ ଶବ୍ଦର  ।
ନୂଆ ପୁରୁଣା ଗୀତର ଆସର ଜମାଇ
ବସୁ ନାହିଁ ନିଧି ମଉସା
ଖେଳ ନାଚ ଖବର ଶୁଣିବା ପାଇଁକି
ଥିଲା ଆକାଶ ବାଣୀ ଭରସା  ।

ସମୟ ଅନୁସାରେ ସବୁ ବଦଳିଛି
ଚାହିଁ ରହିଛି ଆକାଶ ବାଣୀ
ଢଗ ଢମାଳି ପ୍ରବଚନ ଆଦି ବହୁଦୂରେ
ଶୁଭେ ନାହିଁ ଆଉ ମଜା କାହାଣୀ  ।
କେଁ କଟ କଟ ହୋଇ ଶାନ୍ତ ହୋଇଗଲା
ବୁଜିଲା ସବୁଦିନ ପାଇଁ ଆଖି
ଆଧୁନିକ ମଣିଷ ସବୁ ଭୁଲିଗଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋ ପିଲାଦିନ କଥା

ଅରବିନ୍ଦ ନାୟକ



ସ୍ରୋତା ଗଣ ଧ୍ୟାନ ଦେବେ ଶୁଣିକି କମିଯିବ ଆପଣଙ୍କ ମୁଣ୍ଡ ବ୍ୟଥା

ଆସ ଜାଣିବା କେମିତି ଥିଲା ମୋ ପିଲା ଦିନ କଥା ।

ସକାଳୁ ସକାଳୁ ଗ୍ରାମ ପୋଖରୀରେ ସାଙ୍ଗସାଥୀ ମେଳେ

କରିଥାଉ ଜଳ କ୍ରୀଡା

ଆମର କ୍ରୀଡା କୁ ସହି ତ ପାରେ ନି ଗ୍ରାମ ବୃଦ୍ଧା ନେତି ବାୟାଣୀ,

ଗୋଡା ଏ ଫୋପାଡି କି ପିଢ଼ା ।

ପାଣି ଗୋଳି କରୁଚୁ ବୋଲି କି କୁହେ ଯାଇ ଘରେ ଘରେ,

ବୋଉ ମୋର ଜାଣିକି ଆସଇ ଦେହ ଖରାପ ହେବ ,

ବାହାରେ ବାଳୁଙ୍ଗା ଏଇ କ୍ଷଣେ ।

ଏଇଠୁ ଆସୁଛି କହି ଆସିଥିଲୁ କହି,

ଦେଖେ ପାଣିରେ ତୁ ଚାହିଁଚୁ ବୁଡି ରହି,

ସେ ନେତି ବାୟାଣୀ ଘର ଘର ବୁଲେ ହଇଲୋ ବିନ୍ଦୁ ବୋଉ

ତୋ ପୁଅ ର ଦୁଷ୍ଟାମୀ ଆଉ ହେଉ ନାହିଁ ସହି ।

ଡାକି କରି ଆଣିଲା ମତେ,ତୋର ସାଥେ ଆଉ ଯେତେ ପିଲା ଥିଲେ ,

ଡାକେ ନାହିଁ କାଇଁ ଆଉ କାହାର ମାଆ କୁ କହ ତୁ ଏବେ ମତେ ।

ଏମିତି ଦୁଷ୍ଟାମୀ ଆଉ କରିବିନି ଏବେ କହୁଚି ମୁଁ କାନ ଧରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଜି ପାଇଁ ଛାଡ଼ି ଦେ ମା,ପୋଖରୀ କୁ ଆଉ ଆସିବିନି ଭୁଲ କରି ।

ବିଦ୍ୟାଳୟ଼ ଯିବାକୁ ଘରୁ ବାହାରୁ ଆମ୍ଭେ ସାଙ୍ଗସାଥୀ ହେଇ

ପହିଞ୍ଚିବାକୁ ବିଳମ୍ବ କରାଉ ଲୁଚିଥାଉ ପାଣି ସୋଠେ ଯାଇ ।

ଜିଲ୍ଲା - ପୁରୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଶେଷ ଆଶା

ସଂଗୀତା ନାଏକ



ଘୋର ବିପଦରେ ପଡ଼ି ପ୍ରଭୁ ଦିନେ
ତୁମକୁ ଡାକିଲା ଗଜ
ଶ୍ରୁତି ଡେରି ତୁମେ ଦୁଷ୍ଟକୁ ସଂହାରି
ଉଦ୍ଧାରିଲ ଚତୁର୍ଭୁଜ....

କାହିଁ କେତେଦିନୁ କେତେ ଆଶା ନେଇ
ଶବରୀ ଯେ ଥିଲା ଚାହିଁ
ଘୋର ବନସ୍ତରେ ପଡ଼ି ରହିଥିଲା
ଅହଲ୍ୟା ପାଷାଣୀ ହୋଇ....

ଦ୍ରୌପଦୀର ମାନ ରଖିଛ ଠାକୁରେ
କୁରୁସଭା ତଳେ ପୁଣି
କୋଟି ବସ୍ତ୍ର ଦେଇ ସଙ୍କଟୁ ତାରିଲ
ମହିମାର ସୀମା ନାହିଁ...

ମୁହିଁ ଅଭାଗିନୀ ସଙ୍କଟରେ ପଡ଼ି
ଦିବାନିଶି ପ୍ରଭୁ ଝୁରେ
ମୋ ଦୁଃଖ ନ ଶୁଣ ଆହେ ଚକ୍ରପାଣି
ଝୁରିଝୁରି ମୁହିଁ ମରେ ....

ବେଳକାଳ ମୋର ସରି ଆସିଲାଣି
ଆଉ କିଛି ଲୋଡ଼ା ନାହିଁ
କିଛି ମାଗୁନାହିଁ ଶେଷ ବେଳେ ଟିକେ
ଦର୍ଶନ ଦେବ ଗୋସାଇଁ....

ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୃତ୍ୟୁ

ଡଃ ନାରାୟଣ ଚନ୍ଦ୍ର ସେନାପତି



ରାମ ନାମ ସତ୍ୟ ହରି ନାମ ସତ୍ୟ
ଜନମ ମରଣ ସତ୍ୟ ମହୀରେ
ଜୀବନ ନଈର ଦୁଇ ଗୋଟି ଧାର
ଏକ ହସ ଏକ ଲୁହ ସାଥିରେ ।

:

ମଣିଷ ଜନମ ଏମିତି ମୁହୂର୍ତ୍ତ
ଖୁସିର ଶେଯରେ ଦିଏ ଶୁଆଇ
ମୃତ୍ୟୁ ଯେବେ ଆସି ଠକ୍ ଠକ୍ କରେ
ଜୁଇ ରହିଥାଏ ଆଗେ ସଜେଇ ।

ଇଟା ପଥରର ଘର ପରି ପ୍ରାଣ
କେବେ ଭାଙ୍ଗିଯାଏ ମରଣ ଝଡେ
ଲୋଭ ମୋହ ମାୟା ସବୁ ହଜିଯାଏ
କରାଳ ମୁହୂର୍ତ୍ତ ତେଜର ତୋଡେ ।

ନିୟମ ଏମିତି କାହିଁକି କଠୋର
କରିଛନ୍ତି ପ୍ରଭୁ ପ୍ରାଣ ଠାକୁର
ସବୁ ସୁଖ ଦେଇ ଭାଙ୍ଗି ଦେଇଥାନ୍ତି
ଯେବେ ମୃତ୍ୟୁ ଆସି ଦିଏ ଖବର ।

ହିସାବ ନିକାଶ କରେ ସେଇ ପ୍ରଭୁ
ଯିଏ ଦେଇଥାଏ ଦୁର୍ଲଭ ଜନ୍ମ
ଅଧା ଦୁଃଖ ଅଧା ସୁଖର ପସରା
ଦେଇ କହେ ଇଏ ସଂସାର ଧର୍ମ ।

ନଭର ଆଖିରୁ ବହୁଥାଏ ଲୁହ
ପୃଥିବୀ ଛାତିରେ ଯେବେ ବା ପଡେ
ମୃତ୍ୟୁ କହେ ଏ ତୋ ଆଖିର ହୀରକ
ଜନ୍ମ ହେଲେ କଣ କିଏ ବା ଛାଡେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଈଶ୍ୱର ତୁମେ ଲେଖିଅଛ ଯଦି
ପ୍ରେମ ଇତିହାସ ଶରଧା ହାତେ
ଜନ୍ମ ଦେଇ ପୁଣି କାହିଁ ମୃତ୍ୟୁ ଦିଅ
ଉପହାସ ଜଳେ ଭସାଇ ସ୍ରୋତେ ।

ରାତିରେ ଦେଇଛ କେତେ ପ୍ରୀତି ସ୍ୱପ୍ନ
ନିଦ୍ରା ଭାଙ୍ଗିଗଲେ ଭାଙ୍ଗେ ଆକାଂକ୍ଷା
ବଡ ଚତୁରରେ ଲଦି ମେଞ୍ଚେ ଦୁଃଖ
ଦେଖିବାକୁ ହସି କର ପ୍ରତୀକ୍ଷା ।

ଲୀଳାମୟ ଆହେ ପତିତ ପାବନ
ଦେଖିଛ କି କେବେ ମାତା କ୍ରନ୍ଦନ
ସ୍ୱାମୀ ହରା ପତ୍ନୀ ଭ୍ରାତୃ ହରା ଭଗ୍ନୀ
ବୋଲୁଥାନ୍ତି ସଦା ଅଶ୍ରୁ ଚନ୍ଦନ ।

ଖାଇବାକୁ ଦେଇ ଜୀବନ ନେଉଛ
ଭାତରେ ନ ମାରି ମାରୁଛ ହାତେ
ଦୁଃଖ ବେଳେ ଲୁଚି ଥଟ୍ଟା କରୁଅଛ
ସୁଖେ କହୁଅଛ ଆସ ସଙ୍ଗାତେ ।

ରାଜା ସଜାଉଛ ରାଣୀ ସଜାଉଛ
କେବେ କରୁଅଛ ଦାଣ୍ଡ ଭିକାରୀ
ଦୁର୍ଲଭ ଜୀବନ ଦେଇ ନେଉଅଛ
କାହିଁକି ସାଜୁଛ ବଡ ବଇରୀ ?

ହସ ପସରା ରେ କାନ୍ଦ ଦେଇ ମୋତେ
କାହିଁ ଭଣ୍ଡାଉଛ ବଡ ଦାଣ୍ଡରେ
ମୋ ବୈତରଣୀ ପରା ମୋ ପାଇଁ ଗଙ୍ଗା
କାହିଁକି ବୁଡ଼ାଇ ମାରୁଛ ଖରେ ?

ତୁମ ଆଶ୍ରା କରି ଆସିଲି ସଂସାରେ
ହସ ଖୁସି ଟିକେ ଚାଖିବି ବୋଲି
ଆଶା ଦେଇ ଦୁଃଖ ନଦୀକୁ କାହିଁକି
କେଉଁ ରାଗେ ମୋତେ ଦେଉଛ ଠେଲି ?

ଗୀତ ଶିଖାଇଲ ମିତ ବସି ମୋର
ଖୁସିରେ ଚାଲିବା ସଂସାର ପଥେ
ଅଧା ବାଟେ ମୋର ହାତ ଛାଡି ଦେଲ
କେଉଁ ବିବେକରେ କହିବ ମୋତେ ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାତି ଦେଇଥିଲ ଦେଖିଲି ସପନ
ଲୁଚି ଲୁଚି ଆସି ଛଡେଇ ନେଲ
ଫିଙ୍ଗି ଦେଇ ଅମା ଅନ୍ଧାର ଭିତରେ
କେମିତି ଜହ୍ନରେ ବସା ବାନ୍ଧିଲ ।

ନାହିଁ ଯଦି ତୁମ ହାତରେ ମୋ ପାଇଁ
ଆଞ୍ଜୁ ଳାଏ ସତ ଭରସା ଫୁଲ
କାହିଁକି ବିକଳେ ବଞ୍ଚିବି ସଂସାରେ
ଦୁଃଖେ ହୋଇ କଲ ବଲ ?

ମୃତ୍ୟୁ ଯଦି ଜୀବନର ଶେଷ ଲକ୍ଷ୍ୟ
ଏତେ ମୋହ ମାୟା କାହିଁକି ଦେଲ
ଦୁଃଖ ବନ୍ଧୁ କୃପା ସିନ୍ଧୁ ନାମ ଧରି
ସଭିଙ୍କୁ କପଟେ ମାରି ପାରିଲ ?

ଜମ୍ବିରା, କେନ୍ଦୁଝର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜଗା ମୋ ଜୀବନ

ଏଲିଜା ଜେନା



ତୁମେ ମୋ ପ୍ରଥମ ବନ୍ଧୁ
ତୁମେ ମୋ ପ୍ରଥମ ବନ୍ଧନ
ଏ ଆଖି ଦେଖୁଥାଉ
ତୁମର ସେ ସୁନ୍ଦର ବଦନ ।

ଲୋଡା ନାହିଁ ହାତୀ ମୋର
ଲୋଡା ତୁମ ହାତର କରୁଣା
ଛତିର କି ଦରକାର
ତୁମ ବାହୁ ଛତ୍ର ଛାୟା ବିନା ।

ଚାହେଁ ନାହିଁ ରୂପ ଭେକ
ଚାହେଁ ନାହିଁ ରଙ୍ଗର ପଶରା
ତୁମେ ହିଁ ତ ସର୍ବ ରୂପ
ତୁମ ରଙ୍ଗ କିନ୍ତୁ ମୋ ପାଇଁ ଅସରା ।

କି କରିବି ଧନ ଜନ
ତୁମେ ପିତା ତ୍ରିଜଗତ ରାଜା
ରାଜାର ସନ୍ତାନ ହୋଇ
କେଉଁ ଧନ କରନ୍ତି ମୁଁ ଖୋଜା ।

ବିଦ୍ୟାର କି ଦରକାର
ମହାମନ୍ତ୍ର ପଢି ମୁଁ ଶିଖିଛି
ବେଶ ଭୂଷା କିସ ହେବ
ଯୋଗୀ ବେଶ ମତେତ ମାନୁଛି।

ତୁମକୁ ପାଇଛି ଯେଣୁ
ସଂସାରେ ମୁଁ ମହା ଭାଗ୍ୟବନ୍ତ
ସତରେ,ତୁମ ନାମ ଗାଇ ଗାଇ
ଏ ଜୀବନ ହୋଇଯାଉ ଅନ୍ତ ।

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବିଷ ବଳୟରେ ବିଶ୍ୱ

ବଟକୃଷ୍ଣ ପଣ୍ଡା



ପ୍ରାଚୀନ କାଳରୁ ପ୍ରକୃତିର ପୂଜା
ବେଦ ଶାସ୍ତ୍ରରେ ବର୍ଣ୍ଣିତ
ପବନ ମୃତ୍ତିକା ଅନଳ ଆକାଶ
ଜଳ ବୃକ୍ଷର ସହିତ ।

ବିଷ ବଳୟରେ ସାରା ବିଶ୍ୱ ଆଜି
ପ୍ରଦୂଷଣ ପ୍ରଦୂଷିତ
ସମୟ ଚକ୍ରରେ ବିଭିନ୍ନ ସ୍ତର ତା'
ହୋଇ ଅଛି ପ୍ରଭାବିତ ।

ଜୀବନ ଶୈଳିର ପରିବର୍ତ୍ତନରୁ
ବିଶ୍ୱ ବିଷେ ଆଚ୍ଛାଦିତ
ଗାଡି ଓ ମଟର କଳକାରଖାନା
ବାୟୁ କଲା କବଳିତ ।

ଜଳ ବାଦ୍ ଦେଲେ ଜୀବନ ଅସ୍ତିତ୍ୱ
ସଜୀବରେ ରହେ ନାହିଁ
ଜଳକୁ ଜୀବନ କୁହାଯାଇଥାଏ
ଅତୀତ କାଳରୁ ଯାଇ ।

ନାଳ ନର୍ଦ୍ଦମାର ଆବର୍ଜନା ଯୋଗୁଁ
ଜୀବାଣୁ ଭୂତାଣୁ ଜଳେ
ରାସାୟିନିକ ଓ କୀଟନାଶକରେ
ଦୂଷିତ ହୁଏ ବହୁଳେ ।

ପ୍ରଦୂଷିତ ଜଳ ଆଣଇ ସମାଜେ
ଭୟଙ୍କର ପରିସ୍ଥିତି
କୁପ୍ରଭାବ ତାର ଅଚିନ୍ତନୀୟ ଯେ
ବିପଦେ ପଡେ ପ୍ରକୃତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାୟୁ ଜଳ ପରି ଶବ୍ଦ ପ୍ରଦୂଷଣ
ଶାନ୍ତିକି କରେ ବ୍ୟାହତ
ଶୁଣିବାକୁ ନୋହେ ଶୃତିମଧୁର ସେ
କର୍କଶ ଶବ୍ଦ ବହୁତ ।

ଶୃତିକଟୁ ଧ୍ୱନି ଉଚ୍ଚଧ୍ୱନି ପାଇଁ
ମୁଣ୍ଡବ୍ୟଥା ହୃଦଘାତ
ଅନ୍ଧତ୍ୱ ସହିତ ବଧିର ସଙ୍ଗତେ
ମାନସିକ ଭାରାକ୍ରାନ୍ତ ।

ମନୁଷ୍ୟର ହ୍ରାସ ସ୍ମରଣ ଶକତି
ସ୍ନାୟବିକ ଦୁର୍ବଳତା
ଉଚ୍ଚ ଶବ୍ଦ ଯୋଗୁଁ ନଷ୍ଟ ହୋଇଯାଏ
ମଣିଷର ଏକାଗ୍ରତା ।

ବିଷ ବଳୟରେ ବିଶ୍ୱ ଥିବା ଯୋଗୁଁ
ହେବ ଜଗତର କ୍ଷତି
ବିଷ ପ୍ରଭାବରେ ମାନବ ସଭ୍ୟତା
ହୋଇବ ନିମ୍ନକୁ ଗତି ।

ଢେଙ୍କାନାଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଓଡ଼ିଆ ସାହିତ୍ୟର ଭକ୍ତକବି

ସ୍ନିଗ୍ଧାରାଣୀ ପଣ୍ଡା



ମଧୁ ବର୍ଣ୍ଣବୋଧ ପ୍ରଣୟନ କରି
ଓଡ଼ିଆ କବି ସେ ଥିଲେ ।
ଓଡ଼ିଆ ଭାଷାର ଆନ୍ଦୋଳନ ବେଳେ
ପୁରୋଧା ପୁଣି ହୋଇଲେ ।।

ସାହିତ୍ୟ ପ୍ରଚାର ପ୍ରସାର ନିମନ୍ତେ
କଟକେ ପ୍ରତିଷ୍ଠା କଲେ ।
ଉତ୍କଳ ସାହିତ୍ୟ ସମାଜ ନାମରେ
ସଂସ୍ଥା ସିଏ କରିଥିଲେ ।।

ଏକାଧାରରେ ସେ ଆଦର୍ଶ ଶିକ୍ଷକ
ସୁସଂଗଠକ, ପଣ୍ଡିତ ।
କବି, ସାହିତ୍ୟିକ ଥିଲେ ପୁଣି ସିଏ
ସମାଜର ସଂସ୍କାରକ ।।

ମହାରାଷ୍ଟ୍ରର ଯେ ରାଜପରିବାର
ସନ୍ତାନ ଥିଲେ ଯେ ପୁଣି ।
ଭକ୍ତକବି ମଧୁସୂଦନ ରାଓ ସେ
ହେଉଛନ୍ତି ସର୍ବେ ଗୁଣି ।।

ପୁରୀ ଜିଲ୍ଲା ଛାତ୍ର ଥିଲେ ଯେବେ ମଧୁ
ନ'ଅଙ୍କ ଦୁର୍ଭିକ୍ଷ ବେଳେ ।
ମଧୁସୂଦନ ଯେ ଦାୟିତ୍ୱ ବହନ
କରି କାର୍ଯ୍ୟ କରିଥିଲେ ।।

Listen to Odia Podcast Original at https://youtube.com/@drjyotiprasad

ଜୀବେ ଦୟା ଭାବ ଜାଗ୍ରତ ହୋଇଲା

ମତ୍ସ୍ୟ ଭକ୍ଷଣ ଛାଡ଼ିଲେ ।

ସାରା ଜୀବନକୁ ଆମିଷ ଛାଡ଼ିଣ

ନିରାମିଷାଶୀ ହୋଇଲେ ।।

ଓଡ଼ିଆ ଭାଷାରେ ନାନାଦି କାବ୍ୟ ସେ

ରଚନା କରିଣ ଥିଲେ ।

ଭକ୍ତକବି ଭାବେ ପରିଚିତ ହୋଇ

ଜଗତେ ବିଖ୍ୟାତ ହେଲେ ।।

ନରସିଂହପୁର, କଟକ, ଓଡ଼ିଶା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋ ଭାରତ ମହାନ

ସୁଶାନ୍ତ କୁମାର ବେହେରା

ଭାରତଦେଶେ ଜନମିଛନ୍ତି
କେତେ ବୀର ସୁପୁତ୍ର
ଦେଶ ସୁରକ୍ଷା ପ୍ରତି କାମରେ
ସର୍ଭେଁ ସଦା ଜାଗ୍ରତ ।

ଗଙ୍ଗା ଯମୁନା ବଇତରଣୀ
ଗୋଦାବରୀ ନର୍ମଦା
ଏମିତି କେତେ ବହୁଛି ନଦୀ
କୋଳରେ ତା ସର୍ବଦା

କୃଷକ ଭାଇ ଯୋଗାଏ ଖାଦ୍ୟ
ସହି ଖରା ବରଷା
ଦେଶ ସୀମାରେ ବୀର ସୈନିକ
ଜଗିଛି ସେ ସହସା

କାଶ୍ମୀର ସ୍ଥାନ ପେହେଲାଗାମ
ଆତଙ୍କି ଘଟଣା

ମନରେ ଶୋକ ଓ ଆତଙ୍କବାଦୀ
ମାନଙ୍କ ପାଇଁ ଘୃଣା

ଇଛାହୁଏ ଯାଇ ଆତଙ୍କୀ ଙ୍କୁ
ଜୀବନରୁ ମାରିବା
ଅମାନବୀୟ ହିଂସ୍ରତାକାର୍ଯ୍ୟ
ତାଙ୍କୁ ନାହିଁ ଛାଡ଼ିବା

ମୋ ଦେଶ ସହ ଯିଏ ଏପରି
ବିଶ୍ୱାସଘାତ କଲା
ଆମଦେଶ ବୀରମାନେ ତାର
କଡା ଜବାବ ଦେଲେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାରତର ଏକଶ୍ୱର କୁହେ
ବସୁଧେବ କୁଟୁମ୍ବକମ
ଏଠି ଚଳିବନି ଆତଙ୍କୀଙ୍କ
ଦେଶର ବିଭାଜନ

କାଶ୍ମୀର ନିନ୍ଦନୀୟ ଘଟଣା
ସାରା ଦେଶ ଦୁଃଖିତ
ଆମ ଶରୀରେ ଦେଶାତ୍ମବୋଧ
ଭାରତୀୟତା ରକ୍ତ

ଦିନେ ଇଂରେଜ ଶାସନ ଆସି
ହିନ୍ଦୁ ମୁସଲିମ କଲେ
ଏକା ଗାନ୍ଧିଜୀ ଅନଶନରେ
ଦୁହେଁ ଏକତା ହେଲେ

ଏଇଦେଶ ଆମ ସୁ ଭାରତ
ଏମାଟି ସୁନା ଫଳେ
କୃଷକ ଶ୍ରମିକ ସୈନିକ ଏ
ଶିକ୍ଷକ ଦେଶରତ୍ନ

କୁଆଖିଆ, ଯାଜପୁର
୭୩୭୭୭୨୭୭୪୬



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବାଟ ଛାଡ଼ିଦିଅ ଗୋସାଇଁ

ଜିତେନ୍ଦ୍ର ସାହୁ



ବାର ବାର ହାରି ହସୁଛି ମୁହିଁ
ତାର ଦରଶନ ପାଇବା ପାଇଁ
ସେ ନନ୍ଦ ନନ୍ଦନ ଯଶୋଦା ର ଧନ
କି ସୁନ୍ଦର ଆହା କଳା କହ୍ନେଇ
ବାଟ ଛାଡ଼ି ଦିଅ ଗୋସାଇଁ
ରଥେ ବିଜେ ଆହା କଳା କହ୍ନେଇ
ବାଟ ଛାଡ଼ି ଦିଅ ଗୋସେଇଁ ।।

ବୃନ୍ଦବନ ଛାଡ଼ି ପୁରୀ ଧାମେ ରହି
ଜଗନ୍ନାଥ ନାମ ରଚିଲା ସେହି
ମୂଜେ ଦିନ ଦୁଃଖୀ ତା ଦର୍ଶନେ ଶୁଖି
ସାଙ୍ଗେ ଘେନି ସେ ଯେ  ଭଉଣୀ ଭାଇ
ବାଟ ଛାଡ଼ି ଦିଅ ଗୋସାଇଁ
ଚକା ଆଖି ଦେଖ ରହିଛି ଚାହିଁ
ବାଟ ଛାଡ଼ି ଦିଅ ଗୋସାଇଁ ।।

ରତ୍ନ ସିଂହାସନ ଛାଡ଼ି ନନ୍ଦିଘୋଷେ
ଭକତ ର ଦୁଃଖ ଶୁଣିବା ପାଇଁ
କାହିଁ କେତେ ଦୁରୁ ଆସେ ଦିନ ଦୁଃଖୀ
ତା ରଥ ଦଉଡ଼ି ଟାଣିବା ପାଇଁ
ବାଟ ଛାଡି ଦିଅ ଗୋସାଇଁ
ଜନ ସମୁଦ୍ରରେ ଢେଉ ଉଠଇ
ବାଟ ଛାଡ଼ି ଦିଅ ଗୋସାଇଁ ।।

ଭକ୍ତ ସୁଖେ ସୁଖୀ ଭକ୍ତ ଦୁଃଖେ ଦୁଃଖି
ଜଗତ ଠାକୁର ବୋଲାୟେ ସେହି
ଦାସିଆ ବାଉରୀ ହାତରୁ ନଡ଼ିଆ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବଡ ସରାଗରେ ନେଇଛି ସେହି
ବାଟ ଛାଡ଼ି ଦିଅ ଗୋସାଇଁ
ତ୍ରିଭଙ୍ଗୀ ଠାଣି ଯେ ଟାଣି ନିଅଇ
ବାଟ ଛାଡ଼ି ଦିଅ ଗୋସାଇଁ ।।

ତ୍ରେତୟା ରେ ରାମ ଦ୍ୱାପରରେ ଶ୍ୟାମ
କଳିଯୁଗେ ଜଗା ଲୀଳା ରଚାଇ
ସେ ଯେ ନରହରି ମୁଁ ଦାସ ତାଙ୍କ ରି
ଶ୍ରୀଅଙ୍ଗ ସେବା ରେ ମନ ମୋହରି

ବାଟ ଛାଡ଼ି ଦିଅ ଗୋସାଇଁ
ବହୁ ଦୁରୁ ଧାଇଁ ଆସିଛି ମୁହିଁ
ବାଟ ଛାଡ଼ି ଦିଅ ଗୋସାଇଁ ।।

ଯମୁନା ମୋ ଗ୍ରାମ ଜିତେନ୍ଦ୍ର ମୋ ନାମ
କାଳିଆ ସାଆନ୍ତ ଦେଖିବା ପାଇଁ
ତା ଚକା ଡୋଳା ରେ ହଜିବି ମୁଁ ଆଜ
ନାଚିବି ତା ରସେ ରସିକ ହୋଇ
ବାଟ ଛାଡ଼ି ଦିଅ ଗୋସାଇଁ
କେଁ କଟ କଟ ରଥ ଗଡ଼ଇ
ବାଟ ଛାଡ଼ି ଦିଅ ଗୋସାଇଁ ।।

ମୁଁ ଯେ ମହାପାପୀ ଅଟେ ଦିନ ଦୁଃଖୀ
ସୁଖ ପାପୁଲିୟେ ମାଗିବି ନାହିଁ
ପିତୃମାତୃ ସେବା ମୋ ଧର୍ମ ମୋ କର୍ମ
ରଖିବେ ସେ ତାଙ୍କୁ ଘଣ୍ଟ ଘୋଡାଇ
ବାଟ ଛାଡ଼ି ଦିଅ ଗୋସାଇଁ
ଆସିଛି ଏତିକି କହିବା ପାଇଁ
ବାଟ ଛାଡ଼ି ଦିଅ ଗୋସାଇଁ ।।

ପାଇକ ଯମୁନା, ଗଞ୍ଜାମ
୯୦୨୫୨୭୧୩୯୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆସ ବଞ୍ଚି ଶିଖିବା

ଦୀନବଂଧୁ ବେଜ



ଆଉ ଚାହାର ତାଜା ପଣ ନାହିଁ
ତାଜା ପଣ ନାହିଁ କଫିରେ,
ଚ଼ିମିନି ପରିକା ଭକ ଭକ ଧୂଆଁ
ନ ବାହାରିଲେ ପାଟିରେ ,
ପାଞ୍ଚ ପଚ଼ିଶି ଲୋକ ଅନାନ୍ତି ନି
ସମ୍ମାନ ମିଳେନି ଖଟିରେ,
ବିଡ଼ିଆ ପାନ କିଏ ସେ ପଚ଼ାରେ
ମନ କଡ଼ା ପାନ ପାଖରେ,
ତିଲକ୍ସ ସହିତ ସୁରଭି ମିଶେ ନା
ସବୁ ଏବେ ଶିବ ସାଥିରେ ।

ସବୁ ଜିତିଲେଣି ତୁମେ ବିଜେତା
ସଫଳ ଏକଥା କହୁଛି,
ସଫା ସୁତରା ମୁଖ ପାଇଁ ଆଜି
ବିମଳର ଖୋଜା ପଡ଼ିଛି,
ମହ ମହ ବାସ ରଜନୀଗନ୍ଧାର
ଚତୁର୍ଦ୍ଦିଗ ମହ କାଉଛି,
ଖାଲି ମିଛ ସଚ଼େତନତା ବାର୍ତ୍ତା
ଚିତ୍ର ତାରକା ଟ କହୁଛି ।

ଆସ ମିଶି ରାଜ ନିବାସ ଯିବା
ସ୍ୱପ୍ନକୁ ସାକାର କରିବା,
କେଶରୀ କଥାର ଭରସା କରି
ନିଜ ସାଥେ ମିତ୍ର କରିବା,
ମିଛ ପ୍ରଲୋଭନ ଭିତରେ ପଡ଼ି
ସୁନ୍ଦର ଘରକୁ ଭାଙ୍ଗିବା,
ଛୋଟ ନିଶାରେ ପିଡ଼ିତ ହୋଇ
ନିଜକୁ ଶେଷ କରିବା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରଚାର ପ୍ରସାର ବିଜ୍ଞାପନ ଦ୍ୱାରା
ତାଙ୍କରି ଟ୍ରେଜେରି ଭରୁଛି,
ସେହି ଦରବ ଖାଇ ଖାଇ ବନ୍ଧୁ
ଆମ୍ଭରି ପଇସା ସରୁଛି ,
କର୍କଟ ପରି ମାରାତ୍ମକ ରୋଗର
ଜୀବନ ନାଟିକା ଯାଉଛି ।

ଏଣୁ ହେ ବନ୍ଧୁ ସଚେତନ ହୋଇ
ମାଦକ ଦ୍ରବ୍ୟଠୁ ଦୂର ହୁଅ,
ମଧୁମୟ ଏହି ସୁନ୍ଦର ସଂସାରର
ହସ ଖୁସିରେ ବଂଚି ରୁହ ।

ସଂପାଦକ, ଜାତୀୟ କବି ଲେଖକ ସଂଗଠନ
ବାଷଠୀ, ବାସୁଦେବପୁର, ଭଦ୍ରକ, ଓଡ଼ିଶା
ଯୋଗାଯୋଗ:- ୭୬୮୩୯୨୦୨୨୧

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପରିବର୍ତ୍ତନ

ଅଜିତ କୁମାର ରାଉତ



ନୂଆ ଭାରତର ପରିବର୍ତ୍ତନରେ
ମନ ହୁଏ ପୁଲକିତ
ଜନ ଜନ ଖୁସି ଭାରତବର୍ଷରେ
ଅମୃତ କାଳ ସଂକେତ !

କ୍ରେତା ଥିଲା ଯିଏ ହୋଇଲା ବିକ୍ରେତା
ଆତ୍ମ ନିର୍ଭର ଭାରତ
ବିକାଶର ଗଙ୍ଗା ହୁଏ ପ୍ରବାହିତ
ଦେଶବାସୀ ଆନନ୍ଦିତ !

ନୂଆ ଆବିଷ୍କାର ନୂତନ ଉତ୍ସାହ
ଶକ୍ତିଶାଳୀ ସବୁ କ୍ଷେତ୍ର
ଯୁବା ଓ ଯୁବତୀ କାର୍ଯ୍ୟ ଅବିରତ
ବିକାଶର ଧରି ମନ୍ତ୍ର !

ଗୌରବର ଗାଥା ଗାଉଛି ଦୁନିଆ
ସର୍ବୋଚ୍ଚ ଦିଏ ସମ୍ମାନ
ଆଦର ଦେଶର ବିଶ୍ୱ ଗୁରୁ ପରି
କୀରତି କରେ ଗୁଞ୍ଜନ !

ସତ୍ୟ ଅହିଂସାର ସଂସ୍କୃତି ସଂସ୍କାର
ଭାରତବର୍ଷର ଆମ
କୃଷ୍ଣ ରାମ ଭୂମି ପବିତ୍ର ଏ ମାଟି
ସନାତନ ଶାନ୍ତି କର୍ମ !

ବିଶ୍ୱରେ ଦେଉଛି ଶାନ୍ତିର ସଂଦେଶ
ବିଶ୍ୱ ଯେ କୁଟୁମ୍ବ ଆମ
ଭାରତ କଥାର ମାନ୍ୟତା ମିଳୁଛି
ବିଶ୍ୱ ହିତେ ଯାର କର୍ମ !

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାରତ ଜିନିଷ ବିଶ୍ୱ କିଣା ହୁଏ
ଗର୍ବିତ ହୋଇଲା ଭୂଇଁ
ଉନ୍ନତି ଅପାର ଗାଆଁ ଭୂଇଁ ସାରା
ଡିଜିଟାଲ ଆଜି ତହିଁ !

ଆଧୁନିକ ଅସ୍ତ୍ର ନିର୍ମାଣ ଦେଶରେ
ଚନ୍ଦ୍ରରେ ତ୍ରିରଙ୍ଗା ଉଡ଼େ
ସମ୍ମାନ ଆଣନ୍ତି ଯୁବା ଓ ଯୁବତୀ
ଦେଶର ଗୌରବ ବଢ଼େ !

ସ୍ୱାସ୍ଥ୍ୟ ର କ୍ଷେତ୍ରରେ ଆଗୁଆ ଆଜି ରେ
ସୁରକ୍ଷାରେ ଶକ୍ତିଶାଳୀ
କୃଷି କ୍ଷେତ୍ର ହେଲା ଅତ୍ୟାଧୁନିକ ରେ
ନୂଆ କୀର୍ତ୍ତି ଆଣେ କୋଳି !

ବସୁଧୈବ କୁଟୁମ୍ବ କମ୍ ର ମନ୍ତ୍ର
ବିଶ୍ୱରେ ହୁଏ ଗୁଞ୍ଜନ
ଜାତି ଭେଦ ନାହିଁ ସମଭାବ ନୀତି
ଦେଶର ଏବେ ଶାସନ !

କୃଷ୍ଣ ରାମ ନାମ ଅନୁକ୍ଷଣ ନାଦ
ଦାରୁବ୍ରହ୍ମ ଦାରୁବ୍ରହ୍ମ
ଆଧ୍ୟାତ୍ମିକ ବଳ ଭାରତବର୍ଷର
ତପସ୍ୟାର ତପ ସ୍ଥାନ !

ଅନ୍ନ କଷ୍ଟ ନାହିଁ ଆନନ୍ଦରେ ପ୍ରଜା
ଗାଆଁ ଆତ୍ମନିର୍ଭରର,
ଦେଶବାସୀଙ୍କ ର ରାଷ୍ଟ୍ର ହିତେ କାର୍ଯ୍ୟ
କୀର୍ତ୍ତି ଯଶ ଭାରତର !

ତରକାରୀ ହୁଏ ଭିଡିଓ ରେ ଦେଖି
ସ୍ୱାଦିଷ୍ଟ ବ୍ୟଞ୍ଜନ ଅତି
ଡିଜିଟାଲ ହେଲା ଏ ନୂଆ ଭାରତ
ନୂତନ ନୂଆ ସଂସ୍କୃତି !

ସଭାପତି ଉତ୍କଳ ସମ୍ମିଳନୀ, ଗ୍ରାମ-କଳାବାଡିଆ,
ପୋ-ରାଜନଗର, ଜିଲ୍ଲା-ଷଢ଼େଇକଳା-ଖରସୁଆଁ,
ଝାଡ଼ଖଣ୍ଡ ରାଜ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅ

ଆକୁଳାନନ୍ଦ ପୃଷ୍ଟି



'ଅ' ରେ ଅଲେଖ ଅରୂପ ଅନନ୍ତ
ଅବନା ମନ୍ଦିରେ ବାସ
ଅନାଦିତ ବ୍ରହ୍ମ ଅଜନ୍ମ ଅବର୍ଣ୍ଣ
ଅନ୍ତର୍ଯ୍ୟାମୀ ଅବିନାଶ ।

ଆଯୋନି ସମ୍ଭୂତ ଅବିକାର ମତ
ଅଖିଳ ବ୍ରହ୍ମାଣ୍ଡ ପତି
ଅଖଣ୍ଡିତ ବ୍ରହ୍ମ ନାହିଁ କ୍ରିୟା କର୍ମ
ଅଣାକାର ରୂପ ନାସ୍ତି ।

ଅରୂପ ବ୍ରହ୍ମକୁ କିଏ ବା ଦେଖିଛି
ନାହିଁ ତାଙ୍କ ରୂପ କାନ୍ତି
ଅରୂପ କୁ ରୂପ କିଏ ବା କଳ୍ପିବ
ଏହା ତ କେବଳ ଭ୍ରାନ୍ତି ।

ଅନାମିକା ବ୍ରହ୍ମ ଅଚିନ୍ତା ପୁରୁଷ
ଅକଳ୍ପଣା ଅଣାକାର
ଅମନ ପୁରୁଷ ଅନୁଭବେ ଦୃଶ୍ୟ
ଅନାଦି ମଣ୍ଡଳେ ଘର ।

ଅଜ୍ଞାନ ଅନ୍ଧାର ନାହିଁ ସେ ମଣ୍ଡଳେ
ଜଳୁଛି ଅଖଣ୍ଡ ବତୀ
ଅରୂପାନନ୍ଦ ସେ ନିର୍ବୀକାର ବ୍ରହ୍ମ
ଜାଜ୍ଜୁଲ୍ୟମୟ ତା ଜ୍ୟୋତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅମୁହାଁ ଦେଉଳ ଜଗତେ ବିଖ୍ୟାତ

ମନ୍ଦିରେ ଉଡେନି ବାନା

ଆତ୍ମ ନିବେଦନ ଭଜନ ଜଣାଣ

ନାହିଁ କାମନା ବାସନା ।

ଅଭୟ ପୟରେ ଶରଣ ମାଗୁଛି

ହେ ଅନାଦି ଅଣାକାର

ଅଧମେ ଉଦ୍ଧାର କର ମହାପ୍ରଭୁ

ଅପରାଧ କ୍ଷମା କର ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ

ମହାଲପଡ଼ା କଖଡି କଟକ

ମୋ ୯୪୩୭୮୬୪୫୬୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜଗତର ପିତା ବୋଲି ଉଡୁଅଛି ଧ୍ୱଜା

ନଳିନୀ ଦାଶ



କେତେ ଆଉ ଝରାଇବି ଆଖିରୁ ମୁଁ ଲୁହ
ତୁମ ବିନା ମହାବାହୁ କିଏ ସାହା କୁହ
ସଞ୍ଜ ସକାଳରେ ନିତି ଭକ୍ତିରେ ଡାକୁଛି
ତୁମକୁ ହେ ଚଉବାହା ଆସରା କରିଛି ।
ତୁମ ଚକାନୟନକୁ ଦେଖିଦେଲେ ଥରେ
ଦୁଇ ଆଖି କୋଣୁ ମୋର ଲୁହ କାହିଁ ଝରେ
ଜଗତର ପିତା ବୋଲି ଉଡୁଅଛି ଧ୍ୱଜା
ତୁମ ନାମେ ବାଜୁଅଛି ସବୁଠାରେ ବାଜା ।
ବିପଦେ ଆପଦେ ମୋତେ ହେଉଥାଅ ସାହା
ନିତି ତୁଣ୍ଡେ ଜପୁଅଛି ନାମ ଚଉବାହା
କଳା ମୋହନହେ ନାଚ ବଇଁଶୀ ସୁରେ
ଆତ୍ମତୃପ୍ତି ଲାଗେ ପ୍ରଭୁ ଖୁସି ଲୁହ ଝରେ ।
କ୍ଷମା କରିଦିଅ ପ୍ରଭୁ ଭୁଲୁ ଥିଲେ ମୋର
ପର କରି ଦିଅ ନାହିଁ ଆପଣାର କର ।

ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ—୯୨୩୮୯୯୬୬୪୯

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଅପାଶୋରା ଗୀତ

ଜୟନ୍ତ କୁମାର ମଲ୍ଲିକ



ସକାଳେ ପ୍ରେମିକା ସାଥେ କଥା ହେଲେ
ଦିନଟା ଭଲରେ ଯାଏ
ତା'ର ସୁମଧୁର କଥା ଶୁଣିଦେଲେ
ମନେ ମୁଁ ଶକତି ପାଏ ।
ଅନେକ ଅକୁହା କଥା କହେ ତାକୁ
ଯେତେବେଳେ ଏକା ଥାଏ
କଥା ଶୁଣି ସାରି ସିଏ ସବୁକିଛି
ସହଜରେ ବୁଝି ଯାଏ ।
ସମସ୍ୟା ସବୁକୁ ସମାଧାନ କରେ
ବିଚକ୍ଷଣ ବୁଦ୍ଧି ବଳେ
ଅନ୍ୟର ଦୁଃଖକୁ କରିଣ ହରଣ
ଅତି କଷ୍ଟରେ ସେ ଚଳେ ।

ନିଜ ପାଇଁ କେବେ ମାଗେନା ସେ କିଛି
ଯାଚିଲେବି ମନା କରେ
ବିପଦେ ଆପଦେ ଧାଇଁ ଆସି ସିଏ
ହାତକୁ ସାହସେ ଧରେ ।
ବଧୂ ନହୋଇବି ତା'ମଧୁ ପରଶେ
ସଦା କରେ ଶିହରିତ
ମୋଅ ଜୀବନର ସାତ ସୁରେ ସେତ
ଅଟେ ଅପାଶୋରା ଗୀତ ।

ଶୂରଡିହ,ନନ୍ଦିପୁର, ଦଶରଥପୁର,ଯାଜପୁର
ମୋ:-୯୪୩୭୮୬୫୭୨୭

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଭଲପାଇବା ଦେଇପାରେନା ଲୁହ

ବିଶ୍ୱନାଥ କର



ଭଲ ପାଇବା ଦେଇ ପାରେନା ଅନ୍ୟ ଆଖିରେ ଲୁହ
ପ୍ରେମ ତ ହୃଦୟର ଭାବ ଅନୁପମ ଅନିର୍ବଚନୀୟ
ପ୍ରେମ ତ ମରେନା କାହାଣୀ ସରେନା
କଣ୍ଟା ଝଣ୍ଟା ରାସ୍ତା ଚାଲିବାରେ ଥାଏ ବି ଆନନ୍ଦ ସ୍ୱର୍ଗୀୟ ।

ଗୋଟିଏ ରଜ୍ଜୁରେ ବନ୍ଧା ଦୁଇଟି ହୃଦୟ
ଜୋଛନାର ଚୋଫା ଆଲୁଅରେ ଭିଜା
ଗୋଟିଏ ପବନ ଛୁଏଁ ଏକା ସାଙ୍ଗରେ ଦୁହିଁଙ୍କୁ
ଜହ୍ନ ହସେ ଜହ୍ନ ଖସେ
ରାତିର ବୟସ ସରେ
ମଧୁର ମଳୟ ତଥାପି ବଦଳେଇ ପାରେନା ଦିଗ
ପବନ ଗାଉଥାଏ ଗୀତ ଅସରା ସୁରରେ ।

ଅତୀତ ପର୍ତ୍ତମାନ ଭବିଷ୍ୟତ ସବୁ ଏକାକାର ଲାଗେ
ଫେଣ୍ଟି ହୋଇ ଦୁଇଟି ମନ ଦୁଇଟି ହୃଦୟେ
ଗୋଟିଏ ସ୍ୱପ୍ନ ଦୁହିଁଙ୍କ ନିଦରେ ଭାସେ
ଜାଗ୍ରତେ ବି ଆସେ

Listen to Odia Podcast Original at https://youtube.com/@drjyotiprasad

ମଧୁମାଳତୀର ସ୍ମିତ ହାସେ ।

ଦିନ ରାତି ଆସେ ଯାଏ
ଫୁଲ ଫୁଟି ଫୁଲ ଝରେ
ହଲେ ପକ୍ଷୀଙ୍କ ସ୍ୱରରେ ଗୀତ ଗାଉଥାଏ ମାଟି ଓ ଆକାଶ
ଋତୁ ଆସେ ଋତୁ ଆସେ
ପ୍ରେମ ସରେନା କେବେ ହାରେନା କେବେ
ପ୍ରେମ ଏକ ମଧୁର ସଂଗୀତ
ସବୁ ଋତୁରେ ହସୁଥାଏ ମଧୁମାସ ।

ଭଲ ପାଇବା କି ଦେଇ ପାରେ ଲୁହ କା ଆଖିରେ
ପ୍ରତିଟି ମୁହୂର୍ତ୍ତର ବି ସଂଗ୍ରାମ ଆହ୍ୱାନେ
ଭାଙ୍ଗି ଯାଏନା ସ୍ୱପ୍ନ ହଜି ଯାଏନା ବିଶ୍ୱାସ
ପ୍ରେମ ତ ଏକ ସମର୍ପିତ ବିଶ୍ୱାସର ମଳୟ ସଂଗୀତ
ଅଲେଖା ଅଲିଭା ଚୁକ୍ତିଟିଏ ସ୍ୱପ୍ନ ଓ ବାସ୍ତବତା ସହିତ ।

ସାଇ କଲୋନୀ, ଦେଉଳ ସାହି, ତୁଳସୀ ପୁର,
କଟକ ୭୫୩୦୦୮
ସମ୍ପର୍କ ୯୭୭୬୩୩୨୬୩୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆସିଛି ଆଷାଢ଼

ହରେରାମ ପଣ୍ଡା



ପହିଲି ଆଷାଢ଼ ଧରା ଛୁଉଁଛୁଉଁ
ଆକାଶ ମେଘୁଆ ଦିଶିଲାଣି ,
ଘଡଘଡି ସାଥେ ବିଜୁଳି ଚମକ
ଝିପିଝିପି ବର୍ଷା ପଡ଼ିଲାଣି ।
ପହିଲି ଅସରା ବରଷାରେ ମାଟି
ମହମହ ହୋଇ ବାସିଲାଣି ,
ଘୋର ଗ୍ରୀଷମରେ ସନ୍ତାପିତ ପ୍ରାଣୀ
ଅପୂର୍ବ ଆନନ୍ଦ ଲଭିଲେଣି ।
ବିଲ, ବଣ , ଗଛ , ଲତା ସବୁ ଏବେ
ଶାଗୁଆ ଶାଗୁଆ ଦିଶିଲାଣି ,
ସାରୁବୁଦା ମୂଳେ ବେଙ୍ଗ ବେଙ୍ଗୁଲୀଙ୍କ
ରଡ଼ି ରହିରହି ଶୁଭିଲାଣି ।
ଖରାଦିନ ଛୁଟି ସରିଗଲା ଏବେ
ପିଲାଏ ସ୍କୁଲକୁ ଛୁଟିଲେଣି ,
ଚଷାପୁଅ ମନେ ଅପାର ଆନନ୍ଦ
ଚାଷ ପାଇଁ ଅଣ୍ଟା ଭିଡିଲେଣି ।

ପାଣିର ସୁଅରେ ପିଲାମାନଙ୍କର
କାଗଜର ଡଙ୍ଗା ଭାସିଲାଣି ,
ନରମ ପାଗକୁ ଗରମ ପକୁଡ଼ି
ବାସନାରେ ମନ ନାଚିଲାଣି ।
ବଡ଼ଦାଣ୍ଡ ଏବେ ଉତ୍ସବ ମୁଖର
ତିନି ରଥ ଶୋଭା ପାଇଲେଣି ,
ରଥରେ ଦେଖିବେ ତିନି ଠାକୁରଙ୍କୁ
ଭକତ ଗହଳି ଲାଗିଲାଣି ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ।
କୁଆଁସ , ମେରଦା କାଟିଆଛକ , ଯାଜପୁର ।
ସମ୍ପର୍କ - ୯୪୩୮୦୬୫୧୯୫

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସାଇକେଲ

ଅଭୟ କୁଣ୍ଡ



ଲୋକେ କହୁଥିଲେ ଶୂନ ଗାଡି ବୋଲି
ବିଦେଶରେ ତୁମ ଜନ୍ମ
ସାରା ଦୁନିଆରେ ତୁମେ ଆତଯାତ
ଚାଲିବା ତୁମର ଧର୍ମ ।

ଚକ ଘୂରୁଥାଏ ଅଖ ଘୂରୁଥାଏ
ପେଡାଲ ମାରିଲେ ଘୂରେ
ବ୍ରେକ୍ ମାରିଲେ ଅଟକି ଯାଏ ସେ
ରାସ୍ତା ସେଇଠି ସରେ ।

ଘଣ୍ଟିଟିଏ ଥାଏ ଚିପିଲେ ବାଜେ
ନିଜ ଉପସ୍ଥିତି କହେ
ଦୁର୍ଘଟଣା କିଛି ଘଟିବା ଆଗରୁ
ଚାଳକ ସତର୍କ ହୁଏ ।

ପକ୍କା କଚ୍ଚା ଅବା ସର୍ପୀଳ ରାସ୍ତାରେ
ଅନାୟାସେ ଚଳିଥାଏ
ବାଲି କାଦୁଅ ତା ପାଇଁ ବାଧକ
ଆପେ ଆପେ ରହିଯାଏ ।

ଟିଉରେ ପବନ ଭରାଯାଏ ତାର
ଟାୟାର ରକ୍ଷା କବଚ
ଅକ୍ଷତ ରହିଲେ ଅଚିନ୍ତାରେ ଚଳେ
ଦୁଇ ଚକ ଆଗ ପଛ ।

ଇଞ୍ଜିନ ନାହିଁ କି ଜାଳେଣୀ ନାହିଁ
ପରିବେଶ ପାଇଁ ଭଲ
ଆମ ସ୍ୱାସ୍ଥ୍ୟ ପାଇଁ ଉପକାରୀ ବନ୍ଧୁ
ସିଏ ଆମ ସାଇକେଲ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶୈଶବ କାଳରୁ ସିଏ ମୋ ବାହନ
ବହି ଚାଲିଛି ମୋ ଭାର
ଅନ୍ତରଙ୍ଗ ଭାବ ରହିଛି ରହିବ
ସାଇକେଲ ସହ ମୋର ।

ଶୈଶବ ତରୁଣ ଯୌବନ ବାର୍ଦ୍ଧକ୍ୟ
ଜୀବନ ଚକ୍ର ଇଏ
ଆମେ ଜଣେ ଜଣେ ଚଳନ୍ତି ପ୍ରତିମା
ଜନ୍ମରୁ ମରଣ ଯାଏ ।

ସାଇକେଲ ପରି ଗତି
ସମ୍ପତ୍ତି ବିପତ୍ତି ପ୍ରଗତି ଦୁର୍ଗତି
ମଣିଷର ଚିର ସାଥି ।

ସହକାରୀ ଶିକ୍ଷକ
ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ
ପଡ଼ିଆଭଙ୍ଗା ତାଳଚେର ଅନୁଗୋଳ
ମୋ ୯୫୫୬୭୯୮୯୭୨୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରତୀକ୍ଷା

ଶୁଭଶ୍ରୀ ଶୁଭସ୍ମିତା



ପ୍ରାଣର ପ୍ରୀୟସୀ ପାଖେ
ପ୍ରାଣ ଯାଏ ଲାଖି ।
ଦେଖିବାକୁ ତାର ମୁଖ
ଭାବେ ବସି ସଖୀ ।୧।

କେଶ ତାର ସମୁଦ୍ରର
ଉର୍ମି ମାନ ପରି ।
ପାଦ ପଦ୍ମକୁ ତାର
ଛୁଏଁ ଥିରି ଥିରି ।୨।

ସେ କେଶେ ସୁବାସିତ
ଗୁଚ୍ଛି ଫୁଲମାନ,
କରିଥାଏ ଭ୍ରମରକୁ
ମାତର ସମାନ ।୩।

ରକ୍ତ ପଦ୍ମ ପାଶେ ଶ୍ୱେତ
ରଜନୀର ଗନ୍ଧା,
ନାନାପୁଷ୍ପ ମାଳେ
ତାର ଗଜରାଜେ ବନ୍ଧା ।୪।

ଆଖିତାର ଢଳ ଢଳ
ନୀଳ କଇଁ ପରି ।
ସମୁଦ୍ରରେ ଢଳ ଢଳ ଦିଶେ
ରବି ରଶ୍ମି ଯେପରି ।୫।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୃଗାଖିନୀ ଆଖି ତାର
ଗଢ଼ା ଏତେ ଯତନରେ,
ତା ସାଙ୍ଗକୁ କଜଳ ରଞ୍ଜିତ ରେଖା
ଅତି ଆକର୍ଷିତ କରେ ।୬।

ନେତ୍ର ତଳ ଭାଗେ ତାର
ପଦ୍ମ ନାଡ ପରି,
ସରୁ ନାଶିକାକୁ
ଦେଖି ମନ ଯାଏ ପୁରି ।୭।

ନାକ ଅଗ୍ର ଭାଗେ ଛୋଟ ମୁକ୍ତା
ପରି ହିରା ନୋଥ,
ନାସିକା ସୁନ୍ଦରତାକୁ
ତାର କରେ ଦୁଇଗୁଣିତ ।୮।

ଓଠ ତାର କୁମୁଦିନୀ
ପାଖୁଡ଼ାର ପରି,
ପାରେନାହିଁ ନେତ୍ର ମୋର
ପଡିଗଲେ ଥିରି ।୯।

ତୁନି ତୁନି କଥା କହେ
କେତେ ରଙ୍ଗ ଭଙ୍ଗୀରେ
ଜଡ ହୋଇ ଦେଖୁଥାଏ ମୋର
ଦୁଇ ଆଖି ତାକୁରେ ।୧୦।

ମୁଖତାର ଉଜ୍ଜ୍ୱଳିତ
କାଞ୍ଚନର ପରି,
ଲକ୍ଷ୍ମୀଙ୍କ ପ୍ରତିମା ପରି
ଦିଶେ ପ୍ରତିକ୍ଷଣି ।୧୧।

ମୁଖେ ତାର ପଡିଗଲେ
ତେଜ ରଶ୍ମି ମାନ,
ଦେଖିଦେଲେ ଥରେ ତାକୁ
ନାଚିଉଠେ ମନ ।୧୨।

ତନୁ ତାର ସରଗର
ଅପସରୀ ପରି
ଢଳ ଢଳ ଭଳି ତାର
ରାଜହଂସିନି ଚାଲି ।୧୩।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେତେ ବାଧା ବିଘ୍ନେ
ଆଜି ହେଉଅଛି ଦେଖା,
ମନ ମାନୁନାହିଁ ମାତ୍ର
ଏଇ କ୍ଷଣିକ ପ୍ରତିକ୍ଷା ।୧୪।

ତା ଆସିବା ବାଟ ଚାହିଁ
ବସିଛି ମୁଁ ଏଠି,
ବସି ତୁମ ପାଖେ ଗାଏ
ମୋ ହୃଦୟର ଗୀତି ।୧୫।

ତୁମେ କୁହ କହିବାକୁ
ତା ସବୁ କଥାକୁ
କିପରି ମୁଁ ଭେଟିଥିଲି
ମୋ ସ୍ୱର୍ଗର ପରିକୁ ।୧୬।

କହିବି କହିବି ବୋଲି
କହିନାହିଁ କେବେ,
ଅଜି ତାକୁ ଦେଖିନବ
ତୁମ ଦୁଇ ନୟନେ ।୧୭।

ଏତେ ଦିନ ପରେ ଆଜି
ହେଉଅଛି ଦେଖା,
ସେ ଖୁସି ରେ ମତ ପ୍ରାୟ
ହେଲିଣି ମୁଁ ସଖା ।୧୮।

ତାର ଚିଠି ପାଇ ଆଜି
ଆସିଲି ମୁଁ ଯେ ଧାଇଁ,
ଏତେ କଲବଲ କରେ
ମୋତେ କାହିଁ ପାଇଁ ।୧୯।

କେତେ ଯେ ସପନ ଦେଖେ
ଏଇ ମୋର ନେତ୍ର
ସବୁ ସ୍ୱପ୍ନ ପୂର୍ଣ୍ଣ ହେବ,
ଆଜି ଏତେ ଦିନ ପରେ ।୨୦।

ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜୟ ମାଆ ତାରାତାରିଣୀ

ଦିବାକର ନାୟକ



ଜୟ ଜୟ ତାରା, ଜୟ ଜୟ ତାରିଣୀ,
ଜୟ ମାଆ ତାରା ତାରିଣୀ...
ମୁକ୍ତିର ସରଣୀ, କରୁଣା କାରିଣୀ...
ଜୟ ଜୟ ତାରା, ଜୟ ଜୟ ତାରିଣୀ,
ଜୟ ମାଆ ତାରା ତାରିଣୀ ।।୦।।

ରୁଷିକୂଲ୍ୟା କୂଳେ, ଗଞ୍ଜାମର
ପୂର୍ଣ୍ଣଗିରି ପର୍ବତେ ବିରାଜିତା,
ଭକ୍ତଙ୍କୁ ଉଦ୍ଧାର କରିବାକୁ
ଦିବ୍ୟ ଜ୍ୟୋତିରେ ବିଭାସିତା ।

କଳୁଷ ନାଶିନୀ, ଭବ ଭୟହାରିଣୀ...
ଜୟ ଜୟ ତାରା, ଜୟ ଜୟ ତାରିଣୀ,
ଜୟ ମାଆ ତାରା ତାରିଣୀ...
ଜୟ ମାଆ ତାରା ତାରିଣୀ ॥୧॥

ରଖିଲେ ତୁମରି ପାଦେ ଲୟ,
ଆପଦ ବିପଦ ହୁଏ କ୍ଷୟ,
ମନରେ ଡାକିଲେ, ଦୁଃଖ ଶୁଣି
ଦେଉଥାଅ ଯାଚି ବରାଭୟ ।

ଜଗତଜନନୀ, ଉମା କାତ୍ୟାୟନୀ
ଜୟ ଜୟ ତାରା, ଜୟ ଜୟ ତାରିଣୀ,
ଜୟ ମାଆ ତାରା ତାରିଣୀ...
ଜୟ ମାଆ ତାରା ତାରିଣୀ ॥୨॥

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯେତେବେଳେ ଆସେ ଚୈତ୍ରମେଳା,
ଭକ୍ତଙ୍କ ଭିଡ଼ ଆହୁରି ବଢ଼େ,
ତୁମରି ଦର୍ଶନ ଯେତେ କଲେ,
ଭକ୍ତମନ ପୁଣି ଆହୁରି ଲୋଡ଼େ ।

ପତିତପାବନୀ, ତୁମେ ଦୁଇଭଗିନୀ
ଜୟ ଜୟ ତାରା, ଜୟ ଜୟ ତାରିଣୀ,
ଜୟ ମାଆ ତାରା ତାରିଣୀ...
ଜୟ ମାଆ ତାରା ତାରିଣୀ...
ଜୟ ମାଆ ତାରା ତାରିଣୀ ॥୩॥

ଆକାଶବାଣୀ ଗୀତିକାର
ପାଟପୁର, କନିସି, ଗଞ୍ଜାମ
ମୋ:୯୯୩୮୬ ୧୯୯୮୧

Listen to Odia Podcast Original at https://youtube.com/@drjyotiprasad

# ମୁଉଁ ମଲା ପରେ ପରେ

ଶିଶିର କୁମାର ପଣ୍ଡା



ଆୟୁଷ ପୁରିଲେ ମରିବି ସେଦିନ
ମୁଉଁ ମଲା ପରେ ପରେ
ଶୋକ ସଭାଟିଏ କରିବ ନିଶ୍ଚିତ
ପ୍ରଭାତ ମଲ୍ଲିକ ଘରେ ।
ପୁଅକୁ କହିଛି ଫଟୋକୁ ବନ୍ଧେଇ
ଆଗତୁରା ଥିବ ରଖି
ସମସ୍ତେ ଆସିବ ଫୁଲଟେ ଦେବାକୁ
ଦେବନାହଁ କେହି ଠକି ।
ପ୍ରଦୀପ୍ତ , ଜିତେନ୍ଦ୍ର , ସରସ୍ୱତୀ ପଣ୍ଡା
ସମ୍ଭାଳିବେ ଆସି ମଞ୍ଚ
କବି ବନ୍ଧୁମାନେ କବିତା ପଢ଼ିବ
ହୋଇ ଟିକେ ଆଗ ପଛ ।
ଯେ ଯାହା ଜାଣିଛ ମୋଓ ବିଷୟରେ
ମନ ଖୋଲି ଦେବ କହି
କବିତା ଲେଖିଛି, ଗପ ବି ଲେଖିଛି
ପ୍ରକାଶିତ କିଛି ବହି ।

କଣ୍ଟାବଣିଆଁର ପୂର୍ଣ୍ଣ ଦାସ ଭାଇ
ଆସିବାକୁ କଲେ ମନ
ଆଣିବା ବ୍ୟବସ୍ଥା କରିବୁ ଆଗୁଆ
କହୁଛି ରେ ଗଣ୍ଠିଧନ ।
ନିଜ ଅଜାଣତେ ଦୋଷ କରିଥିଲେ
ରାଗ ରଖିବନି କେହି
ଯାହା ଭଲମନ୍ଦ ଖାଇକି , ଫେରିବ
ଫୁଲ ମାଳଟିଏ ଦେଇ ।

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ:-୮୯୮୧୭୩୭୨୨୮

Listen to Odia Podcast Original at https://youtube.com/@drjyotiprasad

# ଗାଁ ଶ୍ମଶାନ

ରାଜେଶ୍ କୁମାର ଆରୁଖ



ଗାଁ ଶ୍ମଶାନ ତୁମେ ନିରବ ରହିଯାଅ,
କେତେ କାହାଣୀର ସାକ୍ଷୀ ହୋଇଥାଅ ।
ଧୂଳିରେ ମିଶିଛି ଦେହ, ସ୍ମୃତି ରହିଯାଏ,
ଜୀବନର ଚକ୍ର ଏଠି ଥମିଯାଏ ।

ଚିତାଗ୍ନି ଜଳୁଛି, ଆକାଶକୁ ଛୁଇଁଲା ପରି,
ନଶ୍ୱରତା ଜଣାଏ, ସବୁରି ଶେଷ ଏହିପରି ।
ଫୁଲର ମାଳା, ଶ୍ରାଦ୍ଧର ଅର୍ପଣ,
ବିଦାୟର ବେଳା, ନୟନରେ ଅଶ୍ରୁ ଝରଣ ।

କେତେ କାହାଣୀ ଲୁଚିଛି ଏଇ ମାଟି ତଳେ,
ନିରବ ସାକ୍ଷୀ ତୁହି ସବୁରି ଶେଷ ବେଳେ ।
ଶାନ୍ତିର ନିଦ୍ରାରେ ଶୋଇଥାନ୍ତି ସର୍ବେ,
ମିଶିଯାନ୍ତି ପୁଣି ଏଇ ରଙ୍ଗ ମାଟି ସଂଗେ ।

ଗାଁ ଶ୍ମଶାନ, ତୁମେ ଅନନ୍ତ କାଳ ଧରି,
ଜୀବନ-ମରଣର ଚକ୍ର ଦେଖୁଥାଅ ସ୍ଥିର ହୋଇ ।
ନୀରବତା ଭିତରେ ତୁମେ ସବୁ ବୁଝିଯାଅ ,
କାଳର ମାୟାରେ ସବୁ ମିଶିଯାନ୍ତି ଯେପରି ।

କନିଷ୍ଠ ରାଜସ୍ୱ ସହାୟକ, ହିଞ୍ଜିଳିକାଟୁ, ଗଂଜାମ
ମୋ- ୯୧୭୮୮୭୮୭୭୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନାମ ପରିବର୍ତ୍ତନ

ବିଶ୍ୱ ରଞ୍ଜନ ମହାନ୍ତି



ବାପା ମାଆ ନାମ ରଖନ୍ତି
 ଏକୋଇଶାରେ ମାମୁଁ କୁହନ୍ତି କାନରେ
ପୁଣି ହୁଏ ନାମ ପରିବର୍ତ୍ତନ
 ପ୍ରବେଶ ହୁଏ ଯେବେ ବିଦ୍ୟାଳୟରେ ।

ପ୍ରଥମ ପାଞ୍ଚ ବର୍ଷ ମଧ୍ୟରେ
 ଅନେକ ନାମର ହୁଏ ପର୍ଯ୍ୟାଲୋଚନ
ଅନନ୍ୟ ନାମ ରଖିବା ପାଇଁ
 ସମସ୍ତେ ହୁଅନ୍ତି ସଚେତନ ।

କିନ୍ତୁ ବଦଳିଯାଏ ପ୍ରଥମ ଦେଖାରେ
 ପ୍ରାଥମିକ ଶିକ୍ଷକଙ୍କ କଲମ ମୁନରେ
ବ୍ରହ୍ମା ବିଷ୍ଣୁ ମହେଶ୍ୱର ଲେଖୁ ଲେଖୁ
 ହୁଏ ନିର୍ଗତ ତାତ୍ପର୍ଯ୍ୟ ତାଙ୍କ ହିସାବରେ ।

ଜନ୍ମ ତାରିଖ ସହ ନାମ
 ବୈଧ ହୁଏ ମାଟ୍ରିକ ପ୍ରମାଣ ପତ୍ରରେ
ତା ପୂର୍ବରୁ ଯେବେ ଚାହଁ ସେବେ
 କରିହେବ ପରିବର୍ତ୍ତନ ନାମରେ ।

ନାମ ଥିଲା ମୋର ବିସ୍ମୟ
 ଆଶ୍ଚର୍ଯ୍ୟ କାମରେ ଥିଲି ମୁଁ ଲିପ୍ତ
କାର୍ଯ୍ୟ କାରନାମା ଅଜଣା ଅଶୁଣା
 ଘରେ ରହୁଥିଲା ସଦା ଗୁପ୍ତ ।



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହାତରେ ଯେବେ ଏକ ଉଠିଲା ବଥ
 ବନ୍ଦ କଲି ଯିବା ବିଦ୍ୟାଳୟ
ବାପାଙ୍କ ଆଙ୍ଗୁଠି ହାତରେ ଧରି
 ଗଲି ଦାତବ୍ୟ ଚିକିତ୍ସାଳୟ ।

କବିରାଜ ଉଦୟନାଥଙ୍କ ଉଦ୍ୟମରେ
 ହେଲା ମୋର ଅସ୍ତ୍ରପଚାର
କହିଲେ ବିସ୍ମୟ ନାମ କାହିଁକି
 କରେ ବିଷ ମୟ ଦେହ ତୋହର ।

ଭାବୁଛି ନାମଟି ଭଲ ତ ଥିଲା
 ଅଯଥା କଲି ମୁଁ ପରିବର୍ତ୍ତନ
ଆଶ୍ଚର୍ଯ୍ୟ କାମ ତ ଏବେବି କରୁଛି
 କିମ୍ବା ନ କରିବି ପୁନଃ ପ୍ରଚଳନ।

ଚାଟାର୍ଡ ଆକାଉଣ୍ଟାଣ୍ଟ
ୟୁନିଟ ୮, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମଦୁଆ ବର୍

ହରିଶ୍ ତାଣ୍ଡି



ଖଡ଼ିପାଞ୍ଜି ଦେଖି ସୁଜ୍ଲା ଲଗନ୍
ବନ୍ଧୁ ସମ୍ଧି ଖୁସିର୍ ମିଲନ୍
ଅଷାଢ଼େ ସୁଜ୍ଲା ବିହା,
ଢୋଲ୍ ମୁହୁରି ଲିଷାନ ତାଲେ
ବିଜେ କଲେ ବର୍ତିଆ ।

ପାଏନ୍ ଫୁର୍ଫୁର୍ ଝୁପୁର୍ ଝାପୁର୍
ଧଙ୍ଗରା ଧାଙ୍ଗିରି ଫୁସୁର୍ ଫାସୁର୍
ମୁଲ୍କି ହଁସିର୍ ତଲେ ,
ସାତ୍ ଜନମର୍ କିରିଆ ଖାଇ
ବିହା ହେଲେ ବେଦି ସାଲେ ।

ଘଏଁତା ମାଏପୋ ଲାଡଗେଲ ବେଲେ
କଥା ବାର୍ତା ଯେ କେତେ କଲେକଲେ
ଗନ୍ଧ୍ଲା ଚୁଣର୍ ପଦ୍,
ରିସ୍ମି ହେଇକି ମାହେଜି କହେଲା
ପିଇଛ କାଏଁଗୋ ମଦ୍।

ଜନାଗଲା ତାର୍ ଟିଙ୍ଗାଲି ସାଙ୍ଗ୍
ମଦ୍ ବିଡ଼ି ଖାଇ ଗଞ୍ଜେଇ ଭାଙ୍ଗ୍
ଟିପିନାକେ ତାର୍ ରାଗ୍,
ମାହେଜି କହେଲେ ପଡ୍ଲା ଗେଡା
ଘର୍ ଛାଡି ପଲାଭାଗ୍ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୁଜେଇ ବୁଢ଼େଇ କହେଲା ବାଭନ୍

ରାଜ୍ ଯୁଟକ୍ ବୋଲି ସୁଜାଲା ଲଗନ୍

ଟିକେ ପିଇ ଥିଲା କେ ମଦ୍,

କେନ୍‌ତା ଖଡ଼ିପାଞ୍ଜି ଦେଖ୍‌ଲା କିର୍‌ହା ଯେ

ମୋର୍ ଜୀବନ୍ କେ କଲା ଖଦ୍ ।

ସହି ସହି ଆର୍ ସହେମି କେତେ

ରାଏତ୍ ଠାନୁ ପିଏ ସକାଲ୍ ଯେତେ

ଭାଗିଗଲି ମା, ଘର୍

ମା ବୁଆ କହନ୍ ସହିଲହି ରହ

ତୋର୍ କର୍‌ମେ ମଦୁଆ ବର୍

ତୋର୍ କର୍‌ମେ ମଦୁଆ ବର୍ ।

ସାଲେପାଲି, ଗଜବନ୍ଧ, ସୁବର୍ଣ୍ଣପୁର

ମୋ-୮୦୧୮୪୦୫୨୮୭



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୁଡ଼େ ତୋର୍ କାମ୍ ଅଛେ

ଅମରେସ୍ ଚନ୍ଦ୍ର ଭଇଁନା



ରାତି ଚେତି ଚେତି କେତେ ମୋର୍ ଆଏଁକ୍ ଢୁକି ଗଲାନ
ଲୁକେ ଜେ ନିଦେ ଲେଖା ସୁଇ ସାର୍‌ଲେନ
କାମର ମୁଡେ ମତେ ଝୁମ୍‌ରା ନେ ଲାଗୁଛେ
ବେଶି ଆର ନେ ଭାବ୍‌ରେ ମୋର୍ ଧନ
ସକାଲ୍ ପାଏଲେ ମୁଡ଼େ ତୋର୍ କାମ୍ ଅଛେ ।

ଘର୍ ଦୁଆର୍ ଟିକେ ଚକ୍ ଚକାମି
ବନେ ଜବ୍ ଟେ କରି ଦୁଇ ପାଏସା କେନ୍‌ଥେଇ ଘର୍କେ ଢୁକାମି
ନିଜର୍ ଗୁଡେ ନିଜେ ଟିକେ ଠିଆ ହେବାର୍ ଅଛେ
ପହେଲା ନିଦିଆ କୁଲିହା ରଢ଼ି ଛାଡ୍‌ଲାନ ସୁରେ ମୋର୍ ଧନ
ସକାଲ୍ ପାଏଲେ ମୁଡ଼େ ତୋର୍ କାମ୍ ଅଛେ

ମାଆ ବୁଆର୍ କଥା ମାନି ଭଲ୍ କରି ମୁଇଁ ତାହାକୁ ପୁସ୍‌ମି
ମାଆ ବୁଆ ଏକା ଦୁନିଆରେ ସବୁକିଛି ଆଏ
ସେମାନେ ଖୁସ୍ ହେଲେ ଜାକିର୍ ଏକା ତତେ ଲାଭ୍ ଅଛେ
ଝିଁ ଝିଁ କରି ମଝା ରାଏତ୍ ହେଲାନ ସୁରେ ମୋର୍ ଧନ
ସକାଲ୍ ପାଏଲେ ମୁଡ଼େ ତୋର୍ କାମ୍ ଅଛେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦିନୁ ଦିନ୍ କେ ଯେ ବଏସ୍ ଗଡି ଗଲାନ
ବିହା ହେବାର୍ କେତେ ସପନ୍ ଆସି ଗଲାନ
ମନର୍ ରାନୀ ମୋର୍ ରୁଷିଚେ ଜେନ୍ ତାହାକେ ମନାବାର୍ ବାକି ଅଛେ
ହାଦେ ଗଞ୍ଜା ଡାକ୍‌ଲାନ ସୁ ରେ ମୋର୍ ଧନ
ସକାଲ୍ ପାଏଲେ ମୁଢ଼େ ତୋର୍ କାମ୍ ଅଛେ

ତୋର୍ ଠାନୁ ସାନ୍ ଟା କେତେ ବିହା ହେଇ ଦେଲେନ୍
ତାକର୍ ଛୁଆ ମାନେ କେତେ ବୁଆ ଡାକ୍‌ଲେନ
ବବା ସୁନବାର୍ କେ ତତେ କାଏଁ ଲାଏଜ୍ ଲାଗୁଛେ
ସକାଲ୍ ପହଁ ପହଁ ହେଲାନ ସୁ ରେ ମୋର୍ ଧନ
ସକାଲ୍ ପାଏଲେ ମୁଢ଼େ ତୋର୍ କାମ୍ ଅଛେ

କେତେ କେତେ ଦିନ୍ ଆର୍ ଭାବୁ ଥିବୁ
କେତେ ଟେ ରାଏତ୍ ଆର୍ ଚେତୁ ଥିବୁ
ଭାବି ଭାବି ପଛେ ମୁଡ଼ର୍ ବାଲ୍ ପାଚି ଗଲାନ
ଫେର୍ ବି ଗୁଠେ ସପନ୍ ମୋର୍ ପୁରା ନେ ହେଉଛେ
ଉଠ୍ ରେ ମୋର୍ ଧନ ସକାଲ୍ ହେଲାନ
ଆର୍ ନେ ସୁଅନ ମୁଢ଼େ ତୋର୍ କାମ୍ ଅଛେ

ବର୍‌ଗାଁ , ତେନ୍ତୁଲିଟିକ୍ରା, ବରଗଡ଼
ମୋ - ୯୩୩୭୦୫୦୩୮୪

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଅନୁବାଦ କବିତା

ସନାତନ ମହାକୁଡ଼



ମୂଳ ରଚନା ବଙ୍ଗଳା - ଆଗନ୍ତୁକ

ଓଡ଼ିଆ ଭାଷାନ୍ତର - ସନାତନ ମହାକୁଡ଼

୧

## ଅବସାନ

ଅଭିମାନ ଭୁଲି ଆସ ପାଶେ
ଘୁଚି ଯାଉ ଆଜି ସବୁ ବ୍ୟବଧାନ,
ପ୍ରେମର ଆନନ୍ଦେ ଭାସି ଯାଉ
ବିରହ ବ୍ୟଥାର ହେଉ ଅବସାନ।

୨

## ଯଦି ବଢାଅ  ହାତ

ତୁମେ ଯଦି ବଢାଅ ହାତ
ଦେବି ପ୍ରେମର ଛୁଆଁ  ,
ତୁମକୁ ନେଇ ହେବି ପାର
ଜୀବନ ଘାଟର ନାଆ  ।

ତୁମେ ଯଦି  ହୃଦୟ ବୁଝ
ଦେଖିବ ପ୍ରେମର ଫୁଲ  ,
ଭଲ ପାଇ ତୁମକୁ ମୁଁ
କରିନି ଜୀବନେ ଭୁଲ୍।

ଗ୍ରାମ/ପୋ.ଅ- ବେରୁଆଁବାରୀ ୭୫୨୦୮୨
ଜିଲ୍ଲା- ନୟାଗଡ଼, ଓଡ଼ିଶା।
ଦୂରଭାଷ: ୯୩୩୯୬୧୦୧୬୮
ଇମେଲ: sanmahakud@gmail.com
ୱେବ୍ ସାଇଟ୍ :www.sanatanmahakud.in

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପ୍ରବନ୍ଧ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସାଂସ୍କୃତିକ ଐତିହ୍ୟର ପ୍ରତୀକ ରଜ

ନିହାର ରଞ୍ଜନ ସାବତ



ଐତିହ୍ୟ ସମ୍ପନ୍ନ ଓଡ଼ିଆ ସଂସ୍କୃତିରେ ରଜ ପର୍ବ ଏକ ଅନନ୍ୟ ଉତ୍ସବ, ଯାହା ପୃଥିବୀ ମାତା, କୃଷି ଓ ନାରୀମାନଙ୍କର ମହିମା ବୃଦ୍ଧି କରିବା ସହ ଏକ ଅପୂର୍ବ ଆନନ୍ଦର ପରିବେଶ ମଧ୍ୟରେ ପାଳିତ ହୋଇଥାଏ । ତିନି ଦିନ ଧରି ପାଳନ କରାଯାଉଥିବା ଏହି ପର୍ବ ଓଡ଼ିଶାର ଗ୍ରାମୀଣ ଜୀବନ, ସାଂସ୍କୃତିକ ଐତିହ୍ୟ ଓ ଆଧ୍ୟାତ୍ମିକ ଚେତନାର ଏକ ଜୀବନ୍ତ ପ୍ରତୀକ । ଏହା କେବଳ ଏକ ଉତ୍ସବ ନୁହେଁ, ବରଂ ଏହା ଓଡ଼ିଆ ଜାତିର ପ୍ରକୃତି ପ୍ରୀତି, ସମାଜରେ ନାରୀର ଗୁରୁତ୍ୱ ଓ କୃଷି ଜୀବନର ମହତ୍ତ୍ୱକୁ ଉଜାଗର କରୁଥିବା ଏକ ସାଂସ୍କୃତିକ ମହାଯାତ୍ରା । ଏହି ପର୍ବ ମୂଳତଃ ବସୁଧା ମାତା ଓ ନାରୀତ୍ୱର ପୂଜା ସହ ଜଡ଼ିତ । ଏହି ତିନି ଦିନ ଯଥା ପହିଲି ରଜ, ରଜ ସଂକ୍ରାନ୍ତି ଓ ବାସି ରଜ ପ୍ରକୃତିର ଏକ ଚକ୍ରକୁ ପ୍ରତିନିଧିତ୍ୱ କରେ, ଯେଉଁଥିରେ ପୃଥିବୀ ମାତା ଋତୁସ୍ରାବ ପରେ ନୂଆ ସୃଷ୍ଟି ପାଇଁ ପ୍ରସ୍ତୁତ ହୁଅନ୍ତି । ଏହି ପର୍ବରେ କୃଷି କାର୍ଯ୍ୟ ବନ୍ଦ ରହିଥାଏ, ଯାହା ପୃଥିବୀ ମାତାଙ୍କୁ ବିଶ୍ରାମ ଦେବାର ଏକ ପ୍ରତୀକାତ୍ମକ ପରମ୍ପରା । ଏହା ପ୍ରକୃତି ପ୍ରତି କୃତଜ୍ଞତା ଜଣାଇବାର ଏକ ମାଧ୍ୟମ, ଯେଉଁଥିରେ ମଣିଷ ପୃଥିବୀ ମାତାଙ୍କୁ ସମ୍ମାନ ଜଣାଇ ଭୂମିର ଉର୍ବରତା ପାଇଁ ପ୍ରାର୍ଥନା କରେ । ମାନବ ଓ ପ୍ରକୃତି ମଧ୍ୟରେ ଏକ ଗଭୀର ସମ୍ପର୍କକୁ ଦର୍ଶାଏ ରଜପର୍ବ । ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ, ଯେଉଁଠାରେ କୃଷି କେବଳ ଜୀବିକା ନୁହେଁ, ବରଂ ଏକ ଜୀବନ ଶୈଳୀ । ରଜ ପର୍ବ ଏହି ଜୀବନ ଶୈଳୀର ଏକ ଅଙ୍ଗ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯେଉଁଥିରେ ଚାଷୀ ନିଜର କଠିନ ପରିଶ୍ରମ ପରେ ଆନନ୍ଦ ଓ ବିଶ୍ରାମର ମୁହୂର୍ତ୍ତ ଉପଭୋଗ କରେ ।

ଏହା ନାରୀର ସ୍ୱାଧୀନତା ଓ ଆନନ୍ଦର ଏକ ପ୍ରତୀକ । ଏହି ପର୍ବରେ ନାରୀମାନେ ନିଜକୁ ସଜାଇ ରଜ ଦୋଳିରେ ଝୁଲି, ଗୀତ ଗାଇ ଓ ନାଚି ଆନନ୍ଦ ଉପଭୋଗ କରନ୍ତି । ଗ୍ରାମାଞ୍ଚଳରେ ରଜ ଦୋଳି, ପିଠାପଣା ଓ ସାଙ୍ଗସାଥୀଙ୍କ ସହ ମିଳିମିଶା ଏକ ଅନୁପମ ଦୃଶ୍ୟ ସୃଷ୍ଟି କରେ । ପ୍ରେମ, ପ୍ରକୃତି ଓ ଜୀବନର ଆନନ୍ଦକୁ ପ୍ରକାଶ କରୁଥିବା ରଜ ଦୋଳି ଗୀତ, ଏହି ଉତ୍ସବର ଏକ ଅବିଚ୍ଛେଦ୍ୟ ଅଙ୍ଗ । ସାମାଜିକ ଏକତା ଓ ସମନ୍ୱୟର ପ୍ରତିଷ୍ଠା କରିବା କ୍ଷେତ୍ରରେ ରଜ ପର୍ବ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହି ଉତ୍ସବରେ ସମସ୍ତେ ଏକାଠି ମିଶି ଆନନ୍ଦ ଉପଭୋଗ କରନ୍ତି । ରଜ ଦୋଳି ଖେଳ ଓ ସାଙ୍ଗସାଥୀଙ୍କ ସହ ମିଳନ ଏକ ସାମାଜିକ ବନ୍ଧନ ସୃଷ୍ଟି କରେ ।

ଆଧୁନିକ ଯୁଗରେ ରଜ ପର୍ବର ପ୍ରାସଙ୍ଗିକତା ଆହୁରି ବଢ଼ିଛି । ଆଜିର ବ୍ୟସ୍ତ ବହୁଳ ଜୀବନରେ, ମଣିଷ ଯେତେବେଳେ ପ୍ରକୃତିଠାରୁ ଦୂରେଇ ଯାଉଛି, ସେହିପରି ସମୟରେ ରଜ ପର୍ବ ପ୍ରକୃତି ସହ ତା'ର ସମ୍ପର୍କକୁ ପୁନଃସ୍ଥାପନ କରିବାରେ ଅନେକାଂଶରେ ସହାୟକ ହେଉଛି । ଏହା ଆମକୁ ପ୍ରକୃତିର ମହତ୍ତ୍ୱ ତଥା ତା'ର ସଂରକ୍ଷଣର ଆବଶ୍ୟକତା ସମ୍ବନ୍ଧରେ ସଚେତନ କରୁଛି । ଏହା ସହିତ, ନାରୀ ସମାଜର ସଶକ୍ତିକରଣ ଓ ସେମାନଙ୍କ ପ୍ରତି ପୁରୁଷମାନଙ୍କ ପରି ସମାନ ଆଚରଣ ପ୍ରଦର୍ଶନ କରିବା ନିମନ୍ତେ ଉତ୍ସାହିତ କରୁଛି । ଓଡ଼ିଶାର ଯୁବପୀଢ଼ିଙ୍କୁ ନିଜ ସଂସ୍କୃତି ଓ ଐତିହ୍ୟ ପ୍ରତି ଗର୍ବିତ ହେବାକୁ ପ୍ରେରଣା ଦେଉଛି । ସହରାଞ୍ଚଳରେ ମଧ୍ୟ ରଜ ପର୍ବ ପାଳନ ନିମନ୍ତେ ମେଳା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀ ଆଦିର ଆୟୋଜନ କରାଯାଉଛି । ଏହା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଓଡ଼ିଶାର ସାଂସ୍କୃତିକ ପରିଚୟକୁ ବିଶ୍ୱ ଆଗରେ ଉପସ୍ଥାପନ କରୁଛି । ସୋସିଆଲ ମିଡ଼ିଆ ଓ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ରଜ ପର୍ବର ଗୁରୁତ୍ୱ ଓ ପର୍ବ ପାଳନର ସମ୍ବାଦ ବିଶ୍ୱବ୍ୟାପୀ ପହଞ୍ଚିବା ଫଳରେ, ଗୌରବଶାଳୀ ଓଡ଼ିଆ ସଂସ୍କୃତିର ବ୍ୟାପକ ପ୍ରଚାର, ପ୍ରସାର ଘଟୁଛି । ରଜ ପର୍ବ ଓଡ଼ିଶାର ମହାନ ସାଂସ୍କୃତିକ ଐତିହ୍ୟର ପ୍ରତୀକ । ଏହା ପ୍ରକୃତି, ନାରୀତ୍ୱ ଓ କୃଷିର ମହତ୍ତ୍ୱକୁ ପ୍ରତିପାଦିତ କରିବାସହ ସାମାଜିକ ଏକତାକୁ ବଢ଼ାଇଥାଏ । ଏହାର ଐତିହାସିକ ତାତ୍ପର୍ଯ୍ୟ ଓ ଆଧୁନିକ ଯୁଗରେ ପ୍ରାସଙ୍ଗିକତା ଏହାକୁ ଏକ ସାର୍ବଜନୀନ ଉତ୍ସବରେ ପରିଣତ କରିଛି ।

ସଂଗଣକ ବିଜ୍ଞାନ ଏବଂ ପ୍ରୟୋଗ ବିଭାଗ
ସୂଚନା ପ୍ରୌଦ୍ୟୋଗିକ ତଥା ପ୍ରବନ୍ଧନ ଶିକ୍ଷା ମହାବିଦ୍ୟାଳୟ (ସାଇମ)
ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଭ୍ରାମ୍ୟଭାଷ : +୯୧ ୯୭୭୭୦୧୧୯୬୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆସ ବନ୍ଧୁ ଯିବା ଶ୍ରୀକ୍ଷେତ୍ରକୁ

ସୀମା କାନୁନଗୋ



ଆସ ଆସ ହେ ବନ୍ଧୁ, ଶ୍ରୀକ୍ଷେତ୍ର ପୁରୀକୁ ଯିବା । ଜଗତର ଠାକୁର ସେହି ଜଗନ୍ନାଥଙ୍କୁ ଆମ ଦୁଃଖ ଜଣେଇବା । ଭାବ ବିନୋଦିଆ କାଳିଆ ଠାକୁର ସେ ଦୁଃଖହାରୀ । ଭକ୍ତ ଦୁଃଖ ହରିବା ପାଇଁ ସେ ସର୍ବଦା ବ୍ୟାକୁଳ । ଭକ୍ତି ସମର୍ପଣ ଭାବରେ ଯିଏ ତୁମକୁ ସୁମରଣା କରେ ତା'ର ସମସ୍ତ ଦୁଃଖ କଷ୍ଟ ଦୂର ହୁଏ ।

ହେ ଦୁଃଖହାରୀ, ତୁମେ ଅବସ୍ଥାନ କର ପୁରୀ ଶ୍ରୀମନ୍ଦିରରେ । ଜଗତର ନାଥ ତୁମେ ଜଗନ୍ନାଥ । ତୁମ କୃପାଲାଭ କଲେ ଭକ୍ତ ଅସାଧ୍ୟ ସାଧନ କରିପାରେ । ତୁମେ ସୃଷ୍ଟି କର୍ତ୍ତା, ରକ୍ଷାକର୍ତ୍ତା ଓ ପାଳନ କର୍ତ୍ତା । ତୁମକୁ ବର୍ଣ୍ଣିବା ପାଇଁ ମୋ ଭାଷା ନାହିଁ ପ୍ରଭୁ । ତୁମ ଚକା ଚକା ନେତ୍ରକୁ ଚାହିଁଦେଲେ ଦୁଃଖ ଦୂର ହେଇଯାଏ, ଭକ୍ତ ଭକ୍ତି ଭାବରେ ବିହ୍ୱଳିତ ହେଇଯାଏ ।

ଯେଉଁଠାରେ ଭକ୍ତ, ସେହିଠାରେ ପ୍ରଭୁ ଜଗନ୍ନାଥ, ଯେଉଁଠାରେ ମହାପ୍ରଭୁ, ସେହି ଠାରେ ଭକ୍ତ । ଭକ୍ତମାନଙ୍କ ଉଦ୍ଧାର ପାଇଁ ସେ ବିଭିନ୍ନ ରୂପ ଧାରଣ କରିଥାଆନ୍ତି । ସେ ସର୍ବ ଶକ୍ତିମାନ, ସର୍ବଜ୍ଞ, ସର୍ବବ୍ୟାପୀ । ଲୋଭ, ମୋହ, ହିଂସା, କ୍ରୋଧ ଇତ୍ୟାଦି ବଦ୍ ଗୁଣକୁ ପରିତ୍ୟାଗ କରି କେବଳ ପ୍ରେମ, ଭକ୍ତି ସମର୍ପଣ ଭାବରେ ସେହି ଦୁଃଖହାରୀ ଜଗନ୍ନାଥଙ୍କୁ ପ୍ରାର୍ଥନା କଲେ ସେ ପ୍ରାଣୀ ମାନଙ୍କର ସକଳ ଦୁଃଖକୁ ନାଶ କରନ୍ତି ।

"ଜୟ ଜୟ ଜଗନ୍ନାଥ, ଅନାଥର ନାଥ,
ତୁମ୍ଭକୁ ସ୍ମରଣ କଲେ ଦୁଃଖ ହୁଏ ନାଶ,
ତୁମ୍ଭେ ରାମ, କୃଷ୍ଣ, ହରି, ସ୍ୱୟଂ ନାରାୟଣ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦୁଃଖୀ ମାନଙ୍କ ଉଦ୍ଧାର ପାଇଁ ତୁମେ ହିଁ ଏକମାତ୍ର କାରଣ ।"

ଶ୍ରୀଜଗନ୍ନାଥ ପ୍ରତ୍ୟକ୍ଷ ଦେବତା । ଭକ୍ତର ଦୁଃଖ ଲାଘବ କରିବାପାଇଁ ସେ ନିଜ ରତ୍ନ ସିଂହାସନରୁ ଓହ୍ଲାଇ ଆସନ୍ତି । ଦୁଃଖୀମାନଙ୍କ ଦୁଃଖ ହରଣ ପାଇଁ ସେ ସର୍ବଦା ଚିନ୍ତିତ । ଯିଏ ତାଙ୍କୁ ଯେପରି ଭଜେ, ସେପରି ପାଏ । ସେ ଦାସିଆ ବାଉରୀ ହସ୍ତରୁ ନଡିଆ ନେଇଛନ୍ତି ତ ଯାଜପୁରିଆ ବନ୍ଧୁ ଭୋକିଲା ଥିବାରୁ ତାଙ୍କୁ ରାତି ଅଧରେ ନିଜ ରତ୍ନଥାଳିରେ ପ୍ରସାଦ ପରଷିଛନ୍ତି । କୁରୁସଭାରେ ଦ୍ରୌପଦୀଙ୍କ ବସ୍ତ୍ର ହରଣର ଦୁଃଖ ସହି ନପାରି କୋଟିବସ୍ତ୍ର ଦେଇ ତାଙ୍କ ଲଜ୍ଜା ନିବାରଣ କରିଛନ୍ତି । ବନ୍ଧୁ ସୁଦାମାଙ୍କ ଦାରିଦ୍ର୍ୟ ଦୁଃଖ ଦେଖି ବହୁ ଧନ ସମ୍ପଦ ଦାନ କରିଛନ୍ତି । ପୁଣି ଧରିତ୍ରୀ ମାତାଙ୍କ ଦୁଃଖ କଷ୍ଟ ଲାଘବ କରିବାକୁ ତ୍ରେତୟା ଯୁଗରେ ରାମ ରୂପରେ ରାବଣକୁ ବଧ କରିଛନ୍ତି ତ ଦ୍ୱାପର ଯୁଗରେ କଂସ ସହ ଅନେକ ଅସୁରଙ୍କୁ ବିନାଶ କରି ପୃଥିବୀ ପୃଷ୍ଠରେ ଧର୍ମ ସଂସ୍ଥାପନ କରିଛନ୍ତି ।

ହେ ଜଗନ୍ନାଥ, ତୁମେ କଳିଯୁଗରେ ଶ୍ରୀକ୍ଷେତ୍ର ପୁରୀ ଧାମରେ ଅବସ୍ଥାନ କରୁଛ । ତୁମେ ହିଁ ଏ ସଂସାରର ହର୍ତ୍ତା, କର୍ତ୍ତା ଦୈବ ବିଧାତା । ତୁମେ ଦୁଃଖ ହାରୀ । ତୁମେ ହିଁ ଆମର ତ୍ରାଣକର୍ତ୍ତା । ତୁମକୁ ଭଜିଲେ ସବୁ ଦୁଃଖ ତୁଟେ, ତୁମ ଚରଣାବିନ୍ଦରେ ମଧ୍ୟ ଆଶ୍ରା ମିଳେ । ମୁଁ ଦୀନ ହୀନ ଅକିଞ୍ଚନ ଭକ୍ତ, ତୁମକୁ ଆକୁଳେ ଡାକୁଛି, ସମସ୍ତଙ୍କ ଦୁଃଖ ଦୂର କର ପ୍ରଭୁ ।

"ରଖ ରଖ ଜଗନ୍ନାଥ, ଦୁଃଖୀର ସଙ୍ଗାତ,
ତୁମେ ନରଖିଲେ ସର୍ବେ ହେଇବେ ଅନାଥ,
ମୁଁ  ଦୀନ ଦୁଃଖୀ,ତୁମ ଚରଣ ରେ କରୁଛି ଗୁହାରୀ,
ହେ ଦୁଃଖ ହାରୀ,ଦୁଃଖ ଦୂରକର ସବୁରି। "

ଆଇନଜୀବୀ, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସ୍ୱଭାବକବି ଗଙ୍ଗାଧର ମେହେର

ନଳିନୀ ପ୍ରଭା ମିଶ୍ର



Gangadhar was not only a poet but in his nature's attraction he wrote a lot of poem.

ଗଙ୍ଗାଧର ମେହେର ଥିଲେ ଜଣେ ସ୍ୱଭାବ କବି । ପ୍ରକୃତିର ନୈସର୍ଗିକ ଶୋଭା ତାଙ୍କୁ ସବୁବେଳେ ଆକର୍ଷଣ କରି ଆସିଥିଲା, ସେହି ଆକର୍ଷଣରୁ ସୃଷ୍ଟି ହୋଇଥିଲା ଅନେକ କାବ୍ୟ ଓ କବିତା । ୧୮୬୨ ଅଗଷ୍ଟ ୯ ତାରିଖରେ ବରଗଡ଼ ଜିଲ୍ଲା ଅନ୍ତର୍ଗତ ବରପାଲିରେ ଏକ ସାଧାରଣ ତନ୍ତୀ ପରିବାରରେ ଏହି ମହାନ୍ ସାରସ୍ୱତ ସାଧକଙ୍କ ଜନ୍ମ ହୋଇଥିଲା । ପିତା ଚୈତନ୍ୟ ମେହେର ଲୁଗା ବୁଣା କାର୍ଯ୍ୟ ସହିତ ବୈଦ୍ୟ କାର୍ଯ୍ୟ କରୁଥିଲେ ହେଁ ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିଲା । ଦିନ ବେଳେ ବାପାଙ୍କୁ ଲୁଗା ବୁଣା କାମରେ ସାହାଯ୍ୟ କରି ରାତିରେ ଲେଖନୀ ଚାଳନା କରୁଥିଲେ । ଛୋଟ ବୟସରୁ ସେ ରାମାୟଣ, ମହାଭାରତ ସମେତ ଅନେକ ସଂସ୍କୃତ ପୁସ୍ତକ ପଢି ନିଜ ମହାନ୍ ପ୍ରତିଭାର ପରିଚୟ ଦେଇଥିଲେ । ନିଜ ସୃଜନୀ ଶକ୍ତିର ପରାକାଷ୍ଠା ନିକଟରେ ଦାରିଦ୍ର୍ୟତା ହାର ମାନି ଯାଇଥିଲା, ଦାରିଦ୍ର୍ୟର କଷାଘାତରେ ନିଷ୍ପେସିତ ହୋଇଯାଇଥିଲେ ହେଁ ଅଟକି ଯାଇ ନ ଥିଲା କଲମ । ନିଜ ଦାରିଦ୍ର୍ୟତାର କ୍ଷୋଭକୁ ଲେଖନୀ ମାଧ୍ୟମରେ ଚିତ୍ରଣ କରିଥିଲେ ।

"ଦାରିଦ୍ର୍ୟ ତା ପଙ୍କେ ପୂର୍ଣ୍ଣ ମୋ ଜୀବନ ସର<br>
ସଂସାର ଜଳଦ ଭରି ଆବିଳ ଉଦର"।

ତାଙ୍କ କବିତା ଗୁଡ଼ିକରେ ଥିଲା ପ୍ରକୃତି ଚିତ୍ରଣ, ଜାତି ପ୍ରେମ, ମାତୃଭୂମି ଓ ମାତୃଭାଷା ପ୍ରତି ଅଗାଧ ପ୍ରୀତି । "ରସ ରତ୍ନାକର" ଗଙ୍ଗାଧରଙ୍କ ପ୍ରଥମ କାବ୍ୟ । ପରେ ଆଧୁନିକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶୈଳୀରେ "ଇନ୍ଦୁମତୀ" ରଚନା କରିଥିଲେ । ଅହଲ୍ୟା ସ୍ତବ, ଉତ୍କଳ ଲକ୍ଷ୍ମୀ, କୀଚକ ବଧ, ତପସ୍ୱିନୀ, ପ୍ରଣୟ ବଲ୍ଲରୀ, ଅର୍ଘ୍ୟ ଥାଳି, କବିତା କଲ୍ଲୋଳ, ପଦ୍ମିନୀ ଆଦି ଗଙ୍ଗାଧରଙ୍କର କେତେକ ଅମୂଲ୍ୟ ରଚନା ବଳୀ । "ତପସ୍ୱିନୀ" କାବ୍ୟରେ ସତୀ ସୀତାଙ୍କର ନିର୍ବାସିତ କାଳୀନ ଅବସ୍ଥାରେ ବାଲ୍ମିକୀ ମୁନିଙ୍କ ଆଶ୍ରମରେ ରହିଥିବା ସମୟରେ ପ୍ରଭାତ କାଳୀନ ଦୃଶ୍ୟର ଯେଉଁ ପ୍ରକୃତି ଚିତ୍ରଣ କରିଯାଇଛନ୍ତି ତାହା ସମଗ୍ର ସାହିତ୍ୟିକ ଜଗତରେ ବିରଳ ।

"ମଙ୍କଳେ ଅଇଲା ଉଷା
ବିକଚ ରାଜୀବ ଦୃଶା
ଜାନକୀ ଦର୍ଶନ ତୃଷା ହୃଦୟେ ବହି
କର ପଲ୍ଲବେ ନିହାର
ମୁକ୍ତା ଧରି ଉପହାର
ସତୀଙ୍କ ବାସ ବାହାର  ପ୍ରାଙ୍ଗଣେ ରହି
କଳ କଣ୍ଠ କଣ୍ଠେ କହିଲା
ଦରଶନ ଦିଅ ସତୀ ରାତି ପାହିଲା ।"

ପ୍ରଭାତର ଅବ୍ୟବହିତ ପୂର୍ବରୁ ଉଷାର ଆଗମନ, ପତ୍ରର କରରେ ପତିତ ନିହାର ବିନ୍ଦୁର ଉପହାର ଧରି ସତୀ ସୀତାଙ୍କର କୁଟୀର ବାହାର ପ୍ରାଙ୍ଗଣରେ ସୀତାଙ୍କ ଦର୍ଶନାଭିଳାଷୀ ପ୍ରକୃତି ଯେପରି ଦଣ୍ଡାୟମାନ ହୋଇଛି, କୋକିଳ ମଧୁ ସ୍ୱନରେ ପ୍ରଭାତର ଆଗମନ ବାର୍ତ୍ତା ଦେଇ ଦର୍ଶନ ଦେବା ପାଇଁ ସତେ ଯେପରି ସୀତାଙ୍କୁ ଜଣାଇଛି ।

କବିତାର ଶବ୍ଦ ଭିତରେ ପ୍ରକୃତି ଚିତ୍ରଣର ସମନ୍ୱୟ, କବିଙ୍କ ନିଛକ ପ୍ରକୃତି ପ୍ରେମର ସ୍ୱକୀୟ ବାର୍ତ୍ତା ବହନ କରୁଛି । ସେହିପରି "କୀଚକ ବଧ" କାବ୍ୟ ହେଉଛି ଗଙ୍ଗାଧରଙ୍କର ଏକ ଅପୂର୍ବ ସୃଷ୍ଟି । ମହାଭାରତ ଉପରେ ଆଧାରିତ ଏକ ଶିକ୍ଷାପ୍ରଦ ଆଖ୍ୟାନ ବର୍ଣ୍ଣିତ । ଏହା ପ୍ରଥମରୁ ସପ୍ତମ ସର୍ଗ ଯାଏ ବର୍ଣ୍ଣିତ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାଣ୍ଡବ ମାନଙ୍କ ଅଜ୍ଞାତ ବନବାସ ସମୟରେ ବିରାଟ ରାଜାଙ୍କର ନବରରେ ଛଦ୍ମବେଶରେ ରହୁଥିଲେ । ବିରାଟ ରାଜାଙ୍କର କାମୁକ ଦୃଷ୍ଟି ଦ୍ରୌପଦୀ ଉପରେ ପଡ଼ିଛି । କବିଙ୍କ ଲେଖନୀରୁ ଝରି ପଡ଼ିଛି କାମୁକ ମାନସ କୀଚକର ଭାବନା ।

"ଭାଗ୍ୟ କଥା ସିନା ହେବାର ଏଭଳି ଲୋକ କୋଳ ପ୍ରଣୟିନୀ

ବିଭାବସୁ କର ସୁଖ ମାଧୁରିମା ଜାଣି ପାରେ କମଳିନୀ"।

"ଆଉ ଏକ କଥା ସୁନ୍ଦରୀ ଲୋଡଇ

ସଦା ପରାକ୍ରମ ଶାଳୀ

ପଣ କରି ସୀତା ଶ୍ରୀରାମେ ଅର୍ଜ୍ଜୁନେ

ବାଛିଲେ ଦ୍ରୌପଦୀ ବାଳୀ ।

ସେହିପରି ଅର୍ଘ୍ୟ ଥାଳି ପୁସ୍ତକରୁ ସଂଗୃହିତ "ଉଦବୋଧନ"କବିତାରେ ସେ ସମୟର ଦୂରାବସ୍ଥାକୁ ଦେଖି ଦେଶ ବାସୀଙ୍କ ମଧ୍ୟରେ ଚେତନା ଆଣିବାକୁ ଜାଗରଣ ସୃଷ୍ଟି ନିମିତ୍ତ ଏହା ଏକ ସାର୍ଥକ କବିତା ।

କବିଙ୍କ ପ୍ରାଣରେ ନିଜ ମାତୃଭାଷା ପ୍ରୀତିର ଯେଉଁ ମନ୍ଦାକିନୀ ଧାରା ପ୍ରବାହିତ ହୋଇଛି ତାକୁ ଯଥାର୍ଥ ରୁପ ଦେଇଛନ୍ତି କବିତା ମାଧ୍ୟମରେ ।

"ଉଚ୍ଚ ହେବା ପାଇଁ କର ଯେବେ ଆଶା

ଉଚ୍ଚ କର ଆଗେ ନିଜ ମାତୃଭାଷା"।

"ମାତୃ ଭୂମି ମାତୃଭାଷାର ବଦନ

ଦୀପ୍ତ କର ଦେଇ ଧନ ଧ୍ୟାନ ମନ"।

"ମାତୃଭୂମି ମାତୃ ଭୂମିର ମମତା ଯା ହୃଦେ ଜନମି ନାହିଁ ।

ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ "।

ବାସ୍ତବରେ କବିଙ୍କର ଉକ୍ତି କେତେ ଯେ ପ୍ରଣିଧାନ ଯୋଗ୍ୟ ତାହା ଆଜି ଆମେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୃଦୟଙ୍ଗମ କରିବା ଉଚିତ ।

ଆଜି ଆମ ଭିତରେ ମଧ୍ୟ ଓଡ଼ିଆ ଲେଖିବା, ପଢ଼ିବା, କହିବା ପାଇଁ କୁଣ୍ଠାବୋଧ ଦେଖା ଦେଉଛି । ଗଙ୍ଗାଧରଙ୍କର ସମଗ୍ର କୃତିକୁ ବ୍ୟାଖ୍ୟା କରିବା ପାଇଁ ସମୟ ଏବଂ ସାମର୍ଥ୍ୟ ଅଭାବରୁ କିୟଦଂଶ ପାଠକ ମାନଙ୍କ ଆଗରେ ଉପସ୍ଥାପିତ କରିଛି ।

ଆଜିର ଦିନରେ ଏହି ମହାନ୍ ସାଧକଙ୍କ ତିରୋଧାନ ହୋଇଥିଲା ।

ଏହି ମହାନ୍ କବିଙ୍କ ପ୍ରତି ଆମ ଓଡ଼ିଶା ର ସମଗ୍ର ଓଡ଼ିଆ ବାସୀଙ୍କ

ଶୁଦ୍ଧ ପୂତ ଶ୍ରଦ୍ଧାଞ୍ଜଳି ।

ମୁକୁନ୍ଦ ପୁର, ଆସ୍କା, ଗଞ୍ଜାମ

ମୋ-୯୭୭୮୮୭୯୪୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସ୍ରଷ୍ଟା ଓ ସୃଷ୍ଟି

ଅନଙ୍ଗ ପଟେଲ



ଭୌତିକ ଜଗତର ପ୍ରଭାବରେ ଦିବ୍ୟଜ୍ଞାନର କବାଟ ବନ୍ଦ୍ ହୋଇଯାଏ ଏବଂ ଇନ୍ଦ୍ରିୟ ଗଣ ଅହଂକାରର ଦାସତ୍ୱ ସ୍ୱୀକାର କରି ନିଅନ୍ତି ଏବଂ ସମସ୍ତଙ୍କୁ ସ୍ୱାର୍ଥପରର ପଟି ବାନ୍ଧି ଦିଆଯାଏ । ଯାହାଦ୍ୱାରା ମଣିଷ ଉଚିତ ଭାବନା ମନରେ ଆଣି ପାରି ନଥାଏ । ପ୍ରତ୍ୟେକ ସମୟରେ କେବଳ ନିଜର ଉପକାର, ନିଜର ସୁବିଧା, ନିଜର ପ୍ରଶଂସା, ସଦା ସର୍ବଦା କେବଳ ନିଜର ଉପରେ ହିଁ ଚିନ୍ତା ଆସିଥାଏ, ଯାହା ଆମକୁ ଜଣା ପଡ଼ି ନଥାଏ । କିନ୍ତୁ ଏହି ସ୍ୱାର୍ଥପର ଭାବନା ଧିରେ ଧିରେ ଆମ ମନ ମଧ୍ୟରେ ବସା ବାନ୍ଧି ଘର କରି ଦେଇଥାଏ । ଏପରି ଜଟିଳ ପରିସ୍ଥିତି କୁ ଉଚିତ ରାସ୍ତାରେ ଆଣିବା ଓ ଦିବ୍ୟଜ୍ଞାନର ଦ୍ୱାରକୁ ଖୋଲି ଈଶ୍ୱରାଭିମୁଖୀ ହେବାପାଇଁ ଆମେ ଦୁଇଟି ସହଜ ପଦ୍ଧତି କୁ ଆପଣେଇ ପାରିବା । ଏହି ପଦ୍ଧତି କଷ୍ଟକର ନୁହେଁ କିନ୍ତୁ ସହଜ ମଧ୍ୟ ନୁହେଁ, ଏଥିପାଇଁ ନିରନ୍ତର ପ୍ରୟାସର ଆବଶ୍ୟକତା ରହିଛି, ଏବଂ ଏହି ପକ୍ରିୟାକୁ ନିୟମିତ କରିବାକୁ ପଡିବ । ଆଧ୍ୟାତ୍ମିକ ଜଗତରେ ଉଡାଣ ଭରିବା ପାଇଁ ଏହି ଦୁଇଟି ପଦ୍ଧତି ଦୁଇଟି ଡେଣା ଅଟେ, ଯାହା ମାଧ୍ୟମରେ ଈଶ୍ୱରଙ୍କ ଜଗତକୁ ପହଞ୍ଚି ହେବ । ପ୍ରଥମଟି ହେଲା ଈଶ୍ୱରଙ୍କ ଉପାସନା ଓ ଦ୍ୱିତୀୟଟି ହେଲା ଈଶ୍ୱରଙ୍କ ସେବା ।

ଆସନ୍ତୁ ଜାଣିବା ପ୍ରଥମ ପଦ୍ଧତି ଉପରେ......

ଈଶ୍ୱରଙ୍କ ଉପାସନା -

ଏହି ପଦ୍ଧତିରେ ଆପଣଙ୍କ ମନରେ ଯେତିକି ଭାବନା ଆସୁଛି ଯେପରି ଭଗବାନଙ୍କୁ ଫୁଲ ଚନ୍ଦନ,ଧୂପ ଦୀପ, ନୈବେଦ୍ୟ, ଭୋଗ, ମିଷ୍ଟାନ୍ନ, ଫଳ ମୂଳ, ମୂର୍ତ୍ତିକୁ ସ୍ନାନ କରିବା, ନୂତନ ବସ୍ତ୍ର ପରିଧାନ କରେଇବା ଇତ୍ୟାଦି । ଏହି ମଧ୍ୟରେ ଉପାସନାର ଆଉ ଏକ ସୋପାନ ଅଛି ତାହା ହେଲା, ଈଶ୍ୱରଙ୍କ ଦ୍ୱାରା ପ୍ରଦତ୍ତ ପବିତ୍ର ଲେଖାବଳୀ ଅଧ୍ୟୟନ ଓ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରାର୍ଥନା କରିବା । ଏହା କରିବା ପାଇଁ କୌଣସି ମନ୍ଦିରକୁ ଯିବା, ଭଗବାନଙ୍କ ମୂର୍ତ୍ତି ସ୍ଥାପନ କରିବା, ପୂଜା ଘର ନିର୍ମାଣ କରିବା ବା କୌଣସି ପ୍ରକାରର ପୂଜା ସାମଗ୍ରୀର ଆବଶ୍ୟକ ହୋଇ ନଥାଏ, ଏଥିପାଇଁ ଅବଶ୍ୟ ଗୋଟିଏ ଜିନିଷ ନିହାତି ଆବଶ୍ୟକ ହୋଇଥାଏ, ତାହାହେଲା ଆମ ମଣିଷ ମାନଙ୍କର ଶୁଦ୍ଧ ଓ ପବିତ୍ର ହୃଦୟ । ଏଥିପାଇଁ କୌଣସି ଖର୍ଚ୍ଚର ଆବଶ୍ୟକ ନାହିଁ, ଜଣେ ଗରୀବରୁ ଅତ୍ୟନ୍ତ ଗରୀବ ଟିଏ ବି ଈଶ୍ୱରଙ୍କ ଉପାସନା କରିବାକୁ ସକ୍ଷମ ହୋଇ ପାରିବ । ପୂର୍ବ ପଦ୍ଧତିକୁ ଆପଣେଇ ଯେତିକି ପୂଣ୍ୟ ଅର୍ଜନ କରିବେ, ଏହି ପଦ୍ଧତିରେ ଦଶ ଗୁଣ ଅଧିକ ପୂଣ୍ୟ ଅର୍ଜନ କରି ପାରିବେ, ପୁଣି ବିନା ଖର୍ଚ୍ଚରେ । ପବିତ୍ର ଲେଖାବଳୀ ଅଧ୍ୟୟନର ତିନୋଟି ସୋପାନ ରହିଛି, ୧-ପବିତ୍ର ଲେଖାବଳୀ ର ଅଧ୍ୟୟନ, ୨- ଲେଖାବଳୀ ଉପରେ ଗଭୀର ଚିନ୍ତନ ୩-ଲେଖାବଳୀକୁ ନିଜ ଜୀବନରେ ଅନୁପାଳନ କରିବା । ଉଦାହରଣ ନେଇ ଏହାକୁ ବୁଝିବାକୁ ଚେଷ୍ଟା କରିବା, ଆସନ୍ତୁ ଆମେ ପ୍ରଥମ ପର୍ଯାୟରେ ପାଞ୍ଚଟି ଲେଖାବଳୀ ନେବା -

" ବିଶ୍ୱର ଉନ୍ନତି ଶୁଦ୍ଧ ଓ ଉତ୍ତମ କର୍ମ, ଶିଷ୍ଟ ଓ ପ୍ରଶଂସନୀୟ ଆଚରଣ ଦ୍ୱାରା ହାସଲ କରାଯାଇ ପାରିବ "।

"କଥା ନୁହେଁ ବରଂ କର୍ମ ତୁମର ଭୂଷଣ ହେଉ "।

"ସାବଧାନ ! ତୁମେ ସେମାନଙ୍କ ରାସ୍ତାରେ ଯିବ ନାହିଁ, ଯାହାର କଥା ଠାରୁ କର୍ମ ଭିନ୍ନ ଅଟେ "।

"ହିସାବ ନିକାଶ ଆହ୍ୱାନ ପୂର୍ବରୁ ନିଜକୁ ପ୍ରତ୍ୟେକ ଦିନ ଗଣନା ମଧ୍ୟକୁ ଆନୟନ କର " ।

" ଉତ୍ତମ କର୍ମ ଦିବ୍ୟ ମହିମା ଜ୍ୟୋତିର ସ୍ୱର୍ଗକୁ ଆରୋହଣ କରାଇ ଥାଏ " ।

ଦ୍ୱିତୀୟ ପର୍ଯ୍ୟାୟରେ, ଆପଣ ଏହା ଉପରେ ଗଭୀର ଚିନ୍ତନ କରନ୍ତୁ ଏବଂ କଣ ଅନୁଭବ କଲେ ଏହା ଉପରେ କିଛି ମତାମତ ଦିଅନ୍ତୁ । ଧନ୍ୟବାଦ ।

ଅନଙ୍ଗ ପଟେଲ, ସୁନ୍ଦରଗଡ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଶୀତଳଷଷ୍ଠୀ : ଐତିହ୍ୟ, ପରମ୍ପରା ଓ ସଂସ୍କୃତି

ସାଇପ୍ରସାଦ ସାହୁ



ଐତିହ୍ୟ , ପରମ୍ପରା ଓ ସଂସ୍କୃତିର ମହାମିଳନ ଶୀତଳଷଷ୍ଠୀ.....

ଗ୍ରୀଷ୍ମଋତୁ ପୃଥିବୀ ପୃଷ୍ଠରୁ ବିଦାୟ ନେଉଥାଏ, ବର୍ଷାଋତୁର ଆଗମନ ସମୟରେ ଦେବ ଦେବ ମହାଦେବ ଓ ମାତା ପାର୍ବତୀଙ୍କ ବିବାହୋତ୍ସବକୁ ନେଇ ଅନୁଷ୍ଠିତ ହୁଏ ଶୀତଳଷଷ୍ଠୀ । ମହାପ୍ରଭୁଙ୍କର ଚନ୍ଦନ ଯାତ୍ରାର ପରିସମାପ୍ତି ପରେ ପରେ ଶୀତଳଷଷ୍ଠୀ ବେଳକୁ ମେଘୁଆ ଆକାଶର ଅପରୂପ ସୌନ୍ଦର୍ଯ୍ୟ ବେଶ୍ ଚିତାକର୍ଷକ ହେବା ସାଙ୍ଗକୁ ନବବାରି ଧରାପୃଷ୍ଠକୁ ଶୀତଳ ପରିବେଶ ସୃଷ୍ଟିକରେ । ଶିବ ଓ ପାର୍ବତୀ ହେଉଛନ୍ତି ଶକ୍ତିର ପ୍ରତୀକ । ଜ୍ୟେଷ୍ଠ ମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ ଦେବ ଦେବ ମହାଦେବ ଓ ମାତା ପାର୍ବତୀଙ୍କ ପବିତ୍ର ବିବାହୋତ୍ସବ ଅନୁଷ୍ଠିତ ହୋଇଥାଏ । ଶ୍ରୀରାମ ଓ ସୀତାଙ୍କ ବିବାହ, ଶ୍ରୀକୃଷ୍ଣ ଓ ରୁକ୍ମିଣୀ ବିବାହ ଭଳି ଅନେକ ଦେବ ଦମ୍ପତିଙ୍କ ବିବାହ ପୁରାଣରେ ବର୍ଣ୍ଣନା କରାଯାଇଛି । ସେଥିମଧ୍ୟରୁ ଦେବ ଦେବ ମହାଦେବ ଓ ଜଗତ ଜନନୀ ମାତା ପାର୍ବତୀଙ୍କ ବିବାହ ଉତ୍ସବର ବେଶ୍ ସ୍ୱତନ୍ତ୍ରତା ରହିଛି । ବିଶେଷକରି ପଶ୍ଚିମ ଓଡ଼ିଶାର ସମ୍ବଲପୁରରେ ସମ୍ପୂର୍ଣ୍ଣ ଲୋକାଚାରରେ ସାମାଜିକ ରୀତିନୀତି ଅନୁସାରେ ହେଉଥିବା ଏହି ବିବାହ ଉତ୍ସବ ବେଶ୍ ଆଡ଼ମ୍ବର ଓ ଲୋକପ୍ରିୟ । ଶୀତଳତାର ସଂକେତ ବହନ କରୁଥିବା ଦେବ ଦେବ ମହାଦେବ ଓ ମାତା ପାର୍ବତୀଙ୍କ ଏହି ପବିତ୍ର ବିବାହ ଉତ୍ସବ "ଶୀତଳଷଷ୍ଠୀ" । ବୈଜ୍ଞାନିକ ଦୃଷ୍ଟିକୋଣରୁ ଏହି ସମୟରେ ଗ୍ରୀଷ୍ମ ପ୍ରକୋପରେ ସମଗ୍ର ପୃଥିବୀ ପୃଷ୍ଠ ଅତ୍ୟନ୍ତ ଉତ୍ତପ୍ତ ଥାଏ । ବର୍ଷାର ଆଗମନରେ ମାଟି ଓଦା ହୋଇ ପୃଥିବୀ ପୃଷ୍ଠ ଶୀତଳ ହୁଏ । ଏହି କାରଣରୁ ଏହାକୁ ଶୀତଳଷଷ୍ଠୀ ମଧ୍ୟ କୁହାଯାଏ । ଅପୂର୍ବ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନୈସର୍ଗିକ ପରିବର୍ତ୍ତିତ ପରିସ୍ଥିତିରେ ସମ୍ବଲପୁରବାସୀ ଦେବଦମ୍ପତିଙ୍କୁ ସାଦର ସଭକ୍ତିର ସହ ସ୍ୱାଗତ କରିଥାନ୍ତି । ରୁଦ୍ର ରୂପୀ ଶିବ ଓ ଶାନ୍ତି ରୂପୀ ଦେବୀ ପାର୍ବତୀଙ୍କ ମହାମିଳନରେ ଜଗତ ହୁଏ ଆଶ୍ୱସ୍ତ । ଶିବ ଓ ଶକ୍ତିଙ୍କର ଏହି ମହାମିଳନର ପରମ୍ପରା ହେଉଛି ଶୀତଳଷଷ୍ଠୀର ବୈଶିଷ୍ଟ୍ୟ ।

ସମ୍ବଲପୁରର ଐତିହ୍ୟ, ପରମ୍ପରା ଓ ସଂସ୍କୃତିର ମିଳନର ପର୍ବ ହେଉଛି ପବିତ୍ର ଶୀତଳଷଷ୍ଠୀ । ଶୀତଳଷଷ୍ଠୀର ମହତ୍ତ୍ୱ ସମଗ୍ର ପଶ୍ଚିମ ଓଡ଼ିଶାରେ ରହିଛି । ମାତ୍ର ସମ୍ବଲପୁରବାସୀଙ୍କର ଶୀତଳଷଷ୍ଠୀ ଯାତ୍ରା ସହ ରହିଛି ଏକ ଭାବନାତ୍ମକ ସଂପର୍କ । ଶିବ ବିବାହ ଅନୁଷ୍ଠାନର ପୃଷ୍ଠଭୂମିରେ ସାମାଜିକ , ଅର୍ଥନୈତିକ , କୃଷିଭିତ୍ତିକ , ଧର୍ମତାତ୍ତ୍ୱିକ ଓ ଗଭୀର ଦର୍ଶନ ନିହିତ ଥିବାର ଲକ୍ଷ୍ୟ କରାଯାଏ । ସମ୍ବଲପୁରରେ ପାଳିତ ହେଉଥିବା ଶୀତଳଷଷ୍ଠୀ ଦୀର୍ଘ ୪୦୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପଶ୍ଚିମ ଓଡ଼ିଶାର ଜନଜୀବନ ସହିତ ଓତଃପ୍ରୋତଭାବେ ଜଡ଼ିତ । ତେବେ କୁହାଯାଏ ସମ୍ବଲପୁର ମହାରାଜା ବୀର ବଳିୟାର ସିଂହ ପୁରୀରୁ ବ୍ରାହ୍ମଣମାନଙ୍କୁ ସମ୍ବଲପୁରକୁ ଆଣିଲା ପରେ ସମ୍ବଲପୁର ସହର ସ୍ଥିତ ବାଲିବନ୍ଧାରେ ପ୍ରଥମେ ଶୀତଳଷଷ୍ଠୀ ଯାତ୍ରା ଆରମ୍ଭ ହୋଇଥିଲା । ସେ ସମୟରେ ବର୍ତ୍ତମାନ ପରି ବେଶ୍ ଆଡ଼ମ୍ବର ଓ ଚାକଚକ୍ୟ ନ ଥିଲା । ପୁରୀ ଢାଞ୍ଚାର ନୀତି ନିୟମରେ ଏହା ଅନୁଷ୍ଠିତ ହୋଇଥିଲା । କାଳକ୍ରମେ ନନ୍ଦପଡା ଓ ଝାଡୁଆପଡା ପରେ ମୁଦିପଡାରେ ଏହି ଯାତ୍ରା ଆରମ୍ଭ ହୋଇଥିଲା । ଧିରେ ଧିରେ ଏହି ନିରାଡମ୍ବର ଉତ୍ସବ ଭବ୍ୟରୂପ ଧାରଣ କଲା ଏବଂ ପ୍ରତିସ୍ୱନ୍ଦ୍ୱନମୂଳକ ହେବାରୁ ଏହା କ୍ରମେ ରୋଚକ ଓ ଆକର୍ଷଣୀୟ ହେବା ସହ ସାଂସ୍କୃତିକ ମହାସଂଗମର ରୂପ ଧାରଣ କଲା । ବର୍ତ୍ତମାନ ସମୟରେ ପ୍ରତି ପଡାରେ ଏହା ଅନୁଷ୍ଠିତ ହେଉଛି । ସମଗ୍ର ସମ୍ବଲପୁର ଶୀତଳଷଷ୍ଠୀର ରଙ୍ଗରେ ରଙ୍ଗାୟିତ ହୋଇଉଠୁଛି ।

ସମ୍ବଲପୁରରେ ଶୀତଳଷଷ୍ଠୀ ଯାତ୍ରା କେବେଠାରୁ ଆରମ୍ଭ ହୋଇଛି ଏବଂ କିଏ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରଥମେ ଆରମ୍ଭ କରିଥିଲେ ସେ ସଂପର୍କରେ କୌଣସି ନିର୍ଦ୍ଦିଷ୍ଟ ଲେଖା ଓ ଇତିହାସ ନାହିଁ । ତେବେ ଏହାକୁ ନେଇ ଅନେକ କିମ୍ବଦନ୍ତୀ ରହିଛି । ଲୋକମାନଙ୍କ କହିବା ଅନୁସାରେ ଓ ଜନଶ୍ରୁତିରୁ ଶୁଣିବାକୁ ମିଳେ ; ଚୈହାନ ବଂଶର ରାଜାମାନେ ଶିବ ଓ ଶକ୍ତିଙ୍କର ଉପାସନା କରୁଥିଲେ । ସେବେଠାରୁ ଶୀତଳଷଷ୍ଠୀ ଯାତ୍ରା ହେଉଥିବାର ଅନୁମାନ କରାଯାଉଛି । ପ୍ରାୟ ପାଞ୍ଚ ଶହ ବର୍ଷ ପୂର୍ବେ ପୁରୀ ଅଞ୍ଚଳରୁ ଆସି ଏଠାରେ ରହୁଥିବା ବ୍ରାହ୍ମଣମାନେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ଏହି ବିବାହ ଉତ୍ସବ ଶୀତଳଷଷ୍ଠୀ ଭାବେ ବେଶ୍ ଲୋକପ୍ରିୟ ହୋଇଥିଲା । ସମ୍ପ୍ରତି ସହରର ନନ୍ଦପଡା ଭଳି ଝାଡୁଆପଡା , ମୁଦିପଡା , ବାଲିବନ୍ଧା , ବଡ଼ବଜାର , ଠାକୁର ପଡା , ଦୁର୍ଗାପାଲି , ବୁଢ଼ାରଜା ଓ ସିନ୍ଦୂରପଙ୍କ ଭଳି ସହରର ବହୁ ସ୍ଥାନରେ ଶୀତଳଷଷ୍ଠୀ ଯାତ୍ରା ଖୁବ୍ ଧୁମଧାମରେ ପାଳିତ ହେଉଛି ।

ଶୀତଳଷଷ୍ଠୀ ପୌରାଣିକ କଥାବସ୍ତୁ ଉପରେ ପର୍ଯ୍ୟବେସିତ । କିନ୍ତୁ ଆମର ଦୈନନ୍ଦିନ ଜୀବନରେ ଯେପରି ବିବାହ କାର୍ଯ୍ୟ ସମ୍ପାଦନ କରାଯାଏ, ଠିକ୍ ସେହିପରି ବୈଦିକ ରୀତିନୀତିରେ ଶିବଙ୍କ ସହିତ ମାତା ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହୋଇଥାଏ । ଉତ୍କଳୀୟ ପରମ୍ପରା ଓ ସଂସ୍କୃତିରେ ବିବାହ ଦିନବେଳା ହେବା ସହ ସୂର୍ଯ୍ୟଙ୍କୁ ସାକ୍ଷୀ ରଖାଯାଇଥାଏ । କିନ୍ତୁ ଆରଣ୍ୟକ ପରମ୍ପରାରେ ରାତ୍ରୀକାଳରେ ବିବାହ ହେବା ସହ ଅଗ୍ନିଙ୍କୁ ସାକ୍ଷୀ ରଖାଯାଇଥାଏ ।ଉତ୍କଳୀୟ ପରମ୍ପରା ଅନୁସାରେ ବିବାହ ହେଉଥିଲେ ହେଁ ଦେବ ଦେବ ମହାଦେବ ଓ ଜଗତ ଜନନୀ ମାତା ପାର୍ବତୀଙ୍କ ବିବାହ ରାତ୍ରୀକାଳରେ ହେଉଥିବାରୁ ଏହାକୁ ଆରଣ୍ୟକ ଶୀତଳଷଷ୍ଠୀ କୁହାଯାଏ । ହିନ୍ଦୁ ରୀତିନୀତି ଅନୁସାରେ କନ୍ୟା ଅନ୍ୱେଷଣ , ନିର୍ବନ୍ଧ ଓ ବିବାହ ପାଇଁ ନିମନ୍ତ୍ରଣ ପତ୍ର ବଣ୍ଟନ , ମହାଆଡ଼ମ୍ବରରେ ବରଯାତ୍ରୀ ଆଗମନ , ବୈଦିକ ରୀତିନୀତିରେ ବେଦିରେ ଦେବଦମ୍ପତିଙ୍କ ବିବାହ, କନ୍ୟା ପିତାମାତାଙ୍କ କନ୍ୟା ଦାନ ଓ ଯାନିଯୌତୁକ ସହିତ କନ୍ୟା ବିଦାୟ ଆଦି କାର୍ଯ୍ୟ ସମ୍ପନ୍ନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରାଯାଏ । ଓଡ଼ିଶାର ସମ୍ବଲପୁର ଶୀତଳଷଷ୍ଠୀରେ ସମ୍ପୂର୍ଣ୍ଣ ଲୋକାଚାରରେ ଦେବ ଦେବ ମହାଦେବ ଓ ମାତା ପାର୍ବତୀଙ୍କ ବିବାହୋତ୍ସବ ଅତ୍ୟନ୍ତ ଆକର୍ଷଣୀୟ । ଦେବଦମ୍ପତିଙ୍କ ଏହି ବିବାହ ଉତ୍ସବ ପ୍ରକ୍ରିୟା ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୁଏ । ଅକ୍ଷୟ ତୃତୀୟାଠାରୁ ଜ୍ୟେଷ୍ଠ ଶୁକ୍ଳ ସପ୍ତମୀ ପର୍ଯ୍ୟନ୍ତ ମାସାଧିକ କାଳ ଏହି ଯାତ୍ରା ପାଇଁ ଆୟୋଜନ କରାଯାଏ । ଅକ୍ଷୟ ତୃତୀୟା ଦିନ ଥାଳ ଉଠିବାଠାରୁ ଯାତ୍ରା ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ଜ୍ୟେଷ୍ଠ ଶୁକ୍ଳପକ୍ଷ ପ୍ରତିପଦା ଦିନ ନନ୍ଦପଡାର ବଂବରାଡ଼ ବାଲୁଙ୍କେଶ୍ୱର ବାବାଙ୍କ ପତରପେଁଡି ବା ନିର୍ବନ୍ଧ(ପିନ୍ଧାଣି) ଏବଂ ତା'ପରଦିନ ନୃସିଂହ ନିଉତା ବା ଦେବ ନିମନ୍ତ୍ରଣ , ଦେବାଦେବୀଙ୍କ ବିବାହ ପାଇଁ ଅନୁଷ୍ଠିତ ହୋଇଥାଏ । ଝାଡୁଆପଡାର ଲୋକନାଥ ବାବା, ମୁଦିପଡାର ଜାଗେଶ୍ୱରବାବା, ବଡ଼ବଜାରର ଶୀତଳେଶ୍ୱରବାବା ଏବଂ ଠାକୁରପଡାର ଗୁପ୍ତେଶ୍ୱରବାବାଙ୍କ ତୃତୀୟା ଦିନ ପତରପେଁଡି ଏବଂ ଚତୁର୍ଥୀଦିନ ଗୁଆଗୁଣ୍ଡା ଅନୁଷ୍ଠିତ ହୋଇଥାଏ । ପଞ୍ଚମୀ ତିଥି ରାତିରେ ଶ୍ମଶାନଚାରୀ ଶିବ ବରବେଶ ହୋଇ ବୃଷଭ ଆରୋହଣ କରି ଭବ୍ୟ ଶୋଭାଯାତ୍ରାରେ କନ୍ୟାପିତା ଗୃହକୁ ଗମନ କରନ୍ତି । ତାଙ୍କ ବରଯାତ୍ରୀରେ ଶ୍ମଶାନବାସୀ, ସାକ୍ଷୀଗୋପୀନାଥ, ହନୁମାନ, ନୃସିଂହ ଦେବଦେବୀ ସାମିଲ୍ ହୋଇଥାନ୍ତି । ଦେବଦମ୍ପତିଙ୍କ ସମ୍ପୂର୍ଣ୍ଣ ଲୋକାଚାରରେ ସମ୍ପନ୍ନ କରାଯାଉଥିବାରୁ ପ୍ରତିବର୍ଷ ଯାତ୍ରା କମିଟି ପକ୍ଷରୁ କନ୍ୟା ପିତାମାତା ଚୟନ କରାଯାଏ । ଯେଉଁମାନେ କନ୍ୟାପିତାମାତା ଭୂମିକାରେ ଅବତୀର୍ଣ୍ଣ ହୁଅନ୍ତି ସେମାନେ କନ୍ୟା ପାର୍ବତୀଙ୍କୁ ତାଙ୍କ ଘରକୁ ନେଇଥାନ୍ତି । ବିବାହ ପରେ କନ୍ୟାଦାନ ସହିତ ଅଳଙ୍କାର, ବାସନକୁସନ ଅନ୍ୟ ଯାନିଯୌତୁକ ସାଧ୍ୟମତେ ପ୍ରଦାନ କରି ବିଦାୟ ଦେଇଥାନ୍ତି । ନୈସର୍ଗିକ ବିଧିବିଧାନ, ପରମ୍ପରା ଓ ପ୍ରକାରଣରେ ନବଦମ୍ପତିଙ୍କର ବିବାହ ହୋଇଥାଏ । ଏହା ବ୍ୟତୀତ ବର ନିମନ୍ତ୍ରଣ ଓ କନ୍ୟା ବିଦାୟ ଦୃଶ୍ୟ ମଧ୍ୟ ବେଶ୍ ଗାମ୍ଭୀର୍ଯ୍ୟପୂର୍ଣ୍ଣ ହୋଇଥାଏ ।

ନନ୍ଦପଡାର ବମ୍ ବରାଡ଼ ବାଲୁଙ୍କେଶ୍ୱର, ଝାଡୁଆପଡାର ଶ୍ରୀଲୋକନାଥ ବାବା,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୁଦିପଡାର ଶ୍ରୀଜାଗେଶ୍ୱର ବାବା, ବଡ଼ବଜାରର ଶୀତଳେଶ୍ୱର ବାବା, ବାଲିବନ୍ଧର ସୋମନାଥ ବାବା, ଦୁର୍ଗାପାଲିର ଶ୍ରୀଗୁଡେଶ୍ୱର ବାବଙ୍କ ପ୍ରସିଦ୍ଧ ଶୀତଳଷଷ୍ଠୀ ପର୍ବରେ ସ୍ଥାନୀୟ ତଥା ବହିରାଗତ ଲକ୍ଷ ଲକ୍ଷ ଭକ୍ତଙ୍କର ସମାବେଶରେ ସମ୍ବଲପୁର ଜନାରଣ୍ୟ ହୋଇଉଠେ । ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ କଳାକାର ଯୋଗଦେଇଥାନ୍ତି ଏବଂ ସଂସ୍କୃତିର ଇନ୍ଦ୍ରଧନୁ ସ୍ପର୍ଶ କରନ୍ତି । ଏହି ସାଂସ୍କୃତିକ ଶୋଭାଯାତ୍ରା ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରାର ଅନନ୍ୟ ଓ ବଳିଷ୍ଠ ପରମ୍ପରା । ଶୀତଳଷଷ୍ଠୀ ଯାତ୍ରା ପଶ୍ଚିମ ଓଡ଼ିଶାବାସୀଙ୍କ ନିମନ୍ତେ ଆଣିଦିଏ ଆସନ୍ନ ଶୀତଳତାର ଶାନ୍ତି ଓ ଆଶ୍ୱସ୍ତିର ପ୍ରତିଶ୍ରୁତି । କେବଳ ଧାର୍ମିକ ଭାବନାର ଭିତ୍ତିଭୂମି ଭାବରେ ନୁହେଁ ବରଂ ସାମାଜିକ ବନ୍ଧନର ସୁଦୃଢତା ତଥା ସାମୂହିକ ଆନନ୍ଦ ଉପଲବ୍ଧି ନିମନ୍ତେ ଲୋକାଧାରର ଏହା ଏକ ବଳିଷ୍ଠ ଦିଗ । ନିର୍ମଳ ଆନନ୍ଦ, ଉଦାର ଆଧ୍ୟାତ୍ମିକ ଭାବନା , ଭାଷା , ସାଙ୍ଗଠନିକ , ସାମ୍ପ୍ରତିକ ସଦଭାବନା ଓ ମାନବୀୟ ସଂସ୍କୃତି ହେଉଛି ଏହି ଲୋକଉତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଏହି କ୍ରମରେ ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଏକ ଅନନ୍ୟ ଲୋକ ଉତ୍ସବ । ଏହା ଜାତି , ଧର୍ମ , ବର୍ଣ୍ଣ ନିର୍ବିଶେଷରେ ସବୁ ବର୍ଗକୁ ଆପଣାଇ ଏକତା , ସଂହତି ଓ ସଂପ୍ରୀତିର ବାର୍ତ୍ତା ଦେଇ ଆସୁଛି ।

ଗବେଷକ ଓ ସ୍ତମ୍ଭକାର ,

ସିନ୍ଧେକେଲା , ବଲାଙ୍ଗୀର

ଭ୍ରାମ୍ୟଭାଷ - ୯୯୩୭୦୩୪୭୪୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାନ ଓ ଅଭିମାନ

ମନୋଜ କୁମାର ଭୋଇ



ମାନ ଓ ଅଭିମାନ ମାନବ ଜୀବନର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଆତ୍ମିକ ଅନୁଭୂତି । ମାନ ହେଉଛି ଗରିମା, ସ୍ୱାଭିମାନ, ବ୍ୟକ୍ତିତ୍ୱର ମର୍ଯ୍ୟାଦା ଓ ଆତ୍ମସମ୍ମାନ ଓ ଅଭିମାନ ହେଉଛି ଅତିରିକ୍ତ ଅନୁମାନର ଗମ୍ଭୀର ମନୋଭାବ । ଦୁଇଟି ଅନୁଭୂତି ସବୁବେଳେ ଏକା ସାଙ୍ଗେ ଯାଆନ୍ତି କିନ୍ତୁ ତାର ପ୍ରଭାବ ବିଭିନ୍ନ ରୂପରେ ପ୍ରକାଶ ପାଇଥାଏ ।

ମାନ ଯେଉଁଠି ଥାଏ ସେଠି ଆତ୍ମଗୌରବ ଥାଏ । ଏହି ମାନ ବ୍ୟକ୍ତିକୁ ଉତ୍ସାହିତ ଓ ପ୍ରେରିତ କରେ ସଠିକ୍ ନିଷ୍ପତ୍ତି ନେବାକୁ, ନିଜ ସ୍ୱାଭିମାନକୁ ରକ୍ଷା କରିବାକୁ ଓ ଆଦର୍ଶ ଜୀବନ ଅତିବାହିତ କରିବାକୁ । ଯେଉଁ ମାନବ ନିଜ ମାନକୁ ରକ୍ଷା କରିପାରେ, ସେ ସମାଜରେ ଗରିମା ଲାଭ କରେ ।

ଅନ୍ୟପଟେ, ଅଭିମାନ ହେଉଛି ଏକ ନକରାତ୍ମକ ଅନୁଭୂତି । ଯେଉଁଠି ଅଭିମାନ ଥାଏ, ସେଠି ବ୍ୟକ୍ତି ଅନ୍ୟମାନେ କ'ଣ କହିଲେ, କିପରି ବ୍ୟବହାର କଲେ, ସେଥିରେ ଅତି ଅନୁମାନ କରି ତାର ମନୋଦଶାକୁ ବିଭ୍ରମରେ ପକାଏ । ଅତିଶୟ ଅଭିମାନ ଦୁଇଟି ମନ ମଧ୍ୟରେ ଦୂରତା ବୃଦ୍ଧି କରିଥାଏ ।

ଯଦିଓ ମାନ ଓ ଅଭିମାନ ଦୁଇଟି ଅନୁଭୂତି ଓ ମନୁଷ୍ୟ ଜୀବନର ଅଂଶ, ତଥାପି ଅଭିମାନକୁ ଦୂର କରି ମାନକୁ ଗ୍ରହଣ କରିଲେ, ଜୀବନ ଶାନ୍ତିମୟ ଓ ସଫଳ ହୋଇଥାଏ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଭିମାନ ଭାଙ୍ଗି ମାନବତା ଓ ସ୍ନେହକୁ ଅଙ୍ଗୀକାର କରିଲେ ଯେକୌଣସି ସମ୍ପର୍କ ସୁଦୃଢ଼ ଓ ମଧୁର ହୋଇପାରେ । ମାନ ଏକ ଦୃଢ଼ତା ଓ ଆତ୍ମବିଶ୍ୱାସର ପ୍ରତୀକ, ଯେଉଁଠି ମାନ ଅଛି ସେଠି ଗରିମା ଅଛି । କିନ୍ତୁ ଅଭିମାନ ଅନେକ ସମସ୍ୟାର ମୂଳ । ତେଣୁ ଆମେ ମାନ କୁ ଗ୍ରହଣ କରି ଅଭିମାନକୁ ସବୁଦିନ ପାଇଁ ଛାଡ଼ିଦେବା ଉଚିତ, ଯାହା ଆମ ପାଇଁ ଏକ ସୁନ୍ଦର ଓ ମଧୁର ଜୀବନ ଦେଇ ପାରିବ ।

ଜ୍ୟୋତ୍ସ୍ନା ନିବାସ

ଟିକାବାଲି , କନ୍ଧମାଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଯୋଗୀ ଅରବିନ୍ଦଙ୍କ ଦୃଷ୍ଟିରେ ସାବିତ୍ରୀ

ସଞ୍ଜୀବ କୁମାର ଦାସ



ସାବିତ୍ରୀ ଅମାବାସ୍ୟା କିମ୍ବା ସାବିତ୍ରୀ ବ୍ରତ ବିବାହିତ ହିନ୍ଦୁ ମହିଳାମାନଙ୍କ ପାଇଁ ଅତ୍ୟନ୍ତ ଶୁଭ ଅବସର । ଏହି ଦିନ ମହିଳାମାନେ ଏହାକୁ ବ୍ରତ ଭାବରେ ଅତି ନିଷ୍ଠା ଏବଂ ଭକ୍ତିର ସହିତ ପାଳନ କରନ୍ତି ଏବଂ ସେମାନଙ୍କ ସ୍ୱାମୀଙ୍କ ଦୀର୍ଘ ଜୀବନ ପାଇଁ ପ୍ରାର୍ଥନା କରନ୍ତି । ଏହା ଦାମ୍ପତ୍ୟ ପ୍ରେମର ଏକ କାହାଣୀ ଯାହା ମୃତ୍ୟୁକୁ ଜୟ କରିଛି । ପ୍ରକୃତ ଭକ୍ତିପୂର୍ଣ୍ଣ ପ୍ରେମ ଦ୍ୱାରା ଜୀବନର ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ପରାସ୍ତ କରାଯାଇପାରିବ ବୋଲି ବିଶ୍ୱାସ ରହିଛି । ତତସମ୍ବନ୍ଧୀୟ ସାବିତ୍ରୀଙ୍କ କାହାଣୀ ହିନ୍ଦୁ ମହାକାବ୍ୟ ମହାଭାରତରେ ଉଲ୍ଲେଖ ଅଛି । ଆମେ ସଭିଏଁ କିମ୍ବଦନ୍ତୀର ଏହି ଭାବନାକୁ ଯଥୋଚିତ ସମ୍ମାନ ଦେଇଥାଉଁ । ଏହି ବ୍ରତ ରାଜା ଅଶ୍ୱପତିଙ୍କ ସୁନ୍ଦରୀ କନ୍ୟା ସାବିତ୍ରୀଙ୍କ ନାମରେ ନାମିତ ହୋଇଛି ।

କିମ୍ବଦନ୍ତୀ ଅନୁଯାୟୀ ସେ ସତ୍ୟବାନଙ୍କୁ ତାଙ୍କର ଜୀବନସାଥୀ ଭାବରେ ମନୋନୀତ କରିଥିଲେ । ସତ୍ୟବାନ ନିର୍ବାସନରେ ଥିବା ଜଣେ ରାଜକୁମାର ଯିଏ ତାଙ୍କ ଅନ୍ଧ ପିତା ଦ୍ୟୁମତ୍ସେନଙ୍କ ସହିତ ଜଙ୍ଗଲରେ ରହୁଥିଲେ । ତାଙ୍କୁ ବିବାହ କରିବା ପୂର୍ବରୁ ଭବିଷ୍ୟବାଣୀ କରାଯାଇଥିଲା ଯେ ସତ୍ୟବାନ କେବଳ ଗୋଟିଏ ବର୍ଷ ବଞ୍ଚିବେ- ଯଦିଓ ଏହା ତାଙ୍କ ନିଷ୍ପତ୍ତିକୁ ରୋକି ପାରି ନଥିଲା । ଗୋଟିଏ ବର୍ଷ ପରେ ସତ୍ୟବାନ ସାବିତ୍ରୀଙ୍କ ସହିତ ଜଙ୍ଗଲକୁ କାଠ କାଟିବାକୁ ଯାଇଥିଲେ, କିନ୍ତୁ ଅଚେତ ହୋଇ ପଡ଼ି ମୃତ୍ୟୁବରଣ କରିଥିଲେ । ମୃତ୍ୟୁର ଦେବତା ଯମ, ସତ୍ୟବାନଙ୍କ ଆତ୍ମାକୁ ହରଣ କରିବାକୁ ଆସିଥିଲେ । ଏହା ଦେଖି ସାବିତ୍ରୀ ତାଙ୍କୁ ଅନୁସରଣ କଲେ, ଏହାକୁ ସେ ପତିଭକ୍ତ ପତ୍ନୀ ଭାବରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତାଙ୍କର କର୍ତ୍ତବ୍ୟ ବୋଲି ବିଶ୍ୱାସ କରି । ସାବିତ୍ରୀଙ୍କ ବୁଦ୍ଧିମତା ଓ ଭକ୍ତିରେ ପ୍ରଭାବିତ ହୋଇ ଯମ ତାଙ୍କ ସ୍ୱାମୀଙ୍କ ଜୀବନ ଫେରାଇ ଦେଲେ । ଖୁବ୍ ଶୀଘ୍ର ସତ୍ୟବାନ ତାଙ୍କର ହଜିଯାଇଥିବା ରାଜ୍ୟ ଫେରି ପାଇଲେ ଏବଂ ତାଙ୍କ ପିତା ଦ୍ୟୁମତ୍ସେନ ତାଙ୍କର ଦୃଷ୍ଟିଶକ୍ତି ଫେରି ପାଇଲେ ।

ଶ୍ରୀ ଅରବିନ୍ଦ ତାଙ୍କ ମହାକାବ୍ୟ 'ସାବିତ୍ରୀ'ରେ ଲେଖକୀୟ ଟିପ୍ପଣୀରେ ଦର୍ଶାଇଛନ୍ତି, ସତ୍ୟବାନ ଏବଂ ସାବିତ୍ରୀଙ୍କ କାହାଣୀ ମହାଭାରତରେ ମୃତ୍ୟୁକୁ ଜୟ କରୁଥିବା ଦାମ୍ପତ୍ୟ ପ୍ରେମର କାହାଣୀ ଭାବରେ ବର୍ଣ୍ଣିତ । କିନ୍ତୁ ଏହି କିମ୍ବଦନ୍ତୀ, ଯେପରି ମାନବ କାହାଣୀର ଅନେକ ବୈଶିଷ୍ଟ୍ୟ ଦ୍ୱାରା ଦର୍ଶାଯାଇଛି, ବୈଦିକ ଚକ୍ରର ଅନେକ ପ୍ରତୀକାତ୍ମକ ପୌରାଣିକ କାହାଣୀ ମଧ୍ୟରୁ ଗୋଟିଏ । ସତ୍ୟବାନ ହେଉଛନ୍ତି ଆତ୍ମା ଯିଏ ନିଜ ଭିତରେ ରହିବାର ଦିବ୍ୟ ସତ୍ୟ ବହନ କରନ୍ତି କିନ୍ତୁ ମୃତ୍ୟୁ ଏବଂ ଅଜ୍ଞାନର କବଳରେ ଅବତରଣ କରନ୍ତି; ସାବିତ୍ରୀ ହେଉଛନ୍ତି ଦିବ୍ୟ ଶବ୍ଦ, ସୂର୍ଯ୍ୟଙ୍କ କନ୍ୟା, ପରମ ସତ୍ୟର ଦେବୀ ଯିଏ ଅବତରଣ କରନ୍ତି ଏବଂ ରକ୍ଷା କରିବା ପାଇଁ ଜନ୍ମ ନିଅନ୍ତି । ଅଶ୍ୱର ପ୍ରଭୁ, ତାଙ୍କ ମାନବ ପିତା, ଅଶ୍ୱପତି ହେଉଛନ୍ତି ତପସ୍ୟାର ପ୍ରଭୁ, ଆଧ୍ୟାତ୍ମିକ ପ୍ରୟାସର କେନ୍ଦ୍ରିତ ଶକ୍ତି ଯାହା ଆମକୁ ମର୍ତ୍ତ୍ୟରୁ ଅମର ବିମାନକୁ ଉଠିବାରେ ସାହାଯ୍ୟ କରେ; ସତ୍ୟବାନଙ୍କ ପିତା ଉଜ୍ଜ୍ୱଳ ସେନାପତି ଦ୍ୟୁମତ୍ସେନ ହେଉଛନ୍ତି ଦିବ୍ୟ ମନ ଯିଏ ଏଠାରେ ଅନ୍ଧ ହୋଇ ପଡ଼ିଛନ୍ତି, ତାଙ୍କର ସ୍ୱର୍ଗୀୟ ଦୃଷ୍ଟି ରାଜ୍ୟ ହରାଇଛନ୍ତି, ଏବଂ ସେହି କ୍ଷତି ମାଧ୍ୟମରେ ହରାଇଛନ୍ତି ତାଙ୍କର ଗୌରବ ରାଜ୍ୟ । ତଥାପି ଏହା କେବଳ ଏକ ରୂପକ ନୁହେଁ, ଚରିତ୍ରଗୁଡ଼ିକୁ ବ୍ୟକ୍ତିତ୍ୱ କରାଯାଇ ନାହିଁ, ଅଧିକନ୍ତୁ ଗୁଣଗୁଡ଼ିକ । କିନ୍ତୁ ଏଗୁଡିକ ଜୀବନ୍ତ ଏବଂ ଚେତନ ଶକ୍ତିର ଅବତାର କିମ୍ବା ନିର୍ଗତତା ଯାହା ସହିତ ଆମେ ସ୍ୱଚ୍ଛନ୍ଦରେ ପ୍ରବେଶ କରିପାରିବା ଏବଂ ସେମାନେ ମଣିଷକୁ ସାହାଯ୍ୟ କରିବା ପାଇଁ ଏବଂ ତାଙ୍କୁ ତାଙ୍କର ନଶ୍ୱର ଅବସ୍ଥାରୁ ଏକ ଦିବ୍ୟ ଚେତନା ଏବଂ ଅମର ଜୀବନକୁ ପଥ ଦେଖାଇବା ପାଇଁ ମାନବ ଶରୀର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗ୍ରହଣ କରନ୍ତି ।

ଅତଏବ ସାବିତ୍ରୀ ଶ୍ରୀ ଅରବିନ୍ଦଙ୍କ କାବ୍ୟିକ ମୁଖ୍ୟ କୃତି ଯାହା ପ୍ରାୟ ୨୪୦୦୦ ଧାଡ଼ି ଖାଲି ପଦ୍ୟରେ ରଚିତ । ଏହା ମହାଭାରତରେ ସାବିତ୍ରୀ ଏବଂ ସତ୍ୟବାନଙ୍କ କିମ୍ବଦନ୍ତୀ ଉପରେ ଆଧାରିତ, ଯାହାକୁ ଶ୍ରୀ ଅରବିନ୍ଦ ଏକ ସାଙ୍କେତିକ ଗୁରୁତ୍ୱ ଦେଇଥିଲେ । ତାଙ୍କ ମହାକାବ୍ୟରେ ସେ ଅନେକ ବିଷୟ ସହିତ ଆଲୋଚନା କରନ୍ତି ଏବଂ ବିଶେଷକରି ସାବିତ୍ରୀ ଏବଂ ତାଙ୍କ ପିତା ଅଶ୍ୱପତିଙ୍କ ଆଧ୍ୟାତ୍ମିକ ପଥ ବର୍ଣ୍ଣନା କରନ୍ତି ।

ଶ୍ରୀ ଅରବିନ୍ଦ ଦୀର୍ଘ ସମୟ ଧରି ତାଙ୍କ କବିତା ରଚନା କରିଥିଲେ । ପ୍ରଥମେ ସେ ସାବିତ୍ରୀଙ୍କ କାହାଣୀ ଉପରେ ଏପରି ଭାବରେ କାର୍ଯ୍ୟ କରିଥିଲେ, ପ୍ରଥମ ପାଣ୍ଡୁଲିପି ୧୯୧୬ ମସିହାରୁ ଆରମ୍ଭ ହୋଇଥିଲା । ପ୍ରାୟ ୧୯୩୦ ମସିହାରେ ସେ ଏହାକୁ ଏକ ବୃହତ ପରିସର ଏବଂ ଗଭୀର ଅର୍ଥ ସହିତ ଏକ ମହାକାବ୍ୟରେ ପରିଣତ କରିବା ନିମିତ୍ତ ପ୍ରୟାସ କରିଥିଲେ । ଏହା ସେତେବେଳ ତାଙ୍କର ପ୍ରମୁଖ ସାହିତ୍ୟିକ କୃତି ହୋଇଗଲା ଏବଂ ସେ ତାଙ୍କ ଶେଷ ଦିନ ପର୍ଯ୍ୟନ୍ତ ଏହାକୁ ବିସ୍ତାର ଏବଂ ସିଦ୍ଧ କରି ଚାଲିଥିଲେ । ୧୯୪୬ ମସିହାରେ ଶ୍ରୀ ଅରବିନ୍ଦ ଆଶ୍ରମରେ କିଛି 'କାଣ୍ଟୋସ୍' ମୁଦ୍ରିତ ହେବା ଆରମ୍ଭ ହୋଇଥିଲା ଏବଂ ୧୯୫୦ ମସିହାରେ ପ୍ରଥମ ସଂସ୍କରଣର ପ୍ରଥମ ଭାଗ ପ୍ରକାଶିତ ହୋଇଥିଲା । ଶ୍ରୀ ଅରବିନ୍ଦଙ୍କ ଦେହାନ୍ତ ପରେ ପରବର୍ତ୍ତୀ ବର୍ଷ ଅବଶିଷ୍ଟ ଅଂଶ ପ୍ରକାଶିତ ହୋଇଥିଲା । ଶ୍ରୀ ଅରବିନ୍ଦଙ୍କ ଶିଷ୍ୟ ଏବଂ ସଚିବ, ଚିକିତ୍ସକ ନିରୋଦବରଣ, ତାଙ୍କ ଶୀର୍ଷକ "ଶ୍ରୀ ଅରବିନ୍ଦଙ୍କ ସହିତ ବାର ବର୍ଷ"ରେ ସାବିତ୍ରୀଙ୍କ ଉତ୍ପତ୍ତି ବିଷୟରେ ବିସ୍ତୃତ ବର୍ଣ୍ଣନା ଦେଇଛନ୍ତି । ସେ ମହାକାବ୍ୟ ଉପରେ କବିଙ୍କ ଦୀର୍ଘ କାର୍ଯ୍ୟ ବର୍ଣ୍ଣନା କରନ୍ତି ଏବଂ ମତ ରଖନ୍ତି ଯେ "ଅନେକ ସଂସ୍କରଣ, ପ୍ରଚୁର ସଂଶୋଧନ, ଯୋଗ, ବିଯୋଗ, ସଂଶୋଧନ ପରେ ଶେଷ ସଂସ୍କରଣ ପ୍ରସ୍ତୁତ ହୋଇଥିଲା ।" ଶ୍ରୀ ଅରବିନ୍ଦଙ୍କ ଏକ ଚିଠିକୁ ଉଲ୍ଲେଖ କରି ନିରୋଦବରଣ ଲେଖିଛନ୍ତି ଯେ ସେ ସାବିତ୍ରୀଙ୍କୁ "ଆରୋହଣର ଏକ ମାଧ୍ୟମ" ଭାବରେ ବ୍ୟବହାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିଥିଲେ । ତାଙ୍କର ବ୍ୟକ୍ତିଗତ ଅଭିଜ୍ଞତାକୁ ରେକର୍ଡ କରି ଯାହା ବିକଶିତ ହୋଇ ଚାଲିଥିଲା ଏବଂ ସେହି ସମସ୍ତ ସଂଶୋଧନର ପରିଣାମ ସ୍ୱରୂପ ହୋଇଥିଲା ।

ତୁଳନାତ୍ମକ ଭାବେ ଦେଖିବାକୁ ଗଲେ ସାବିତ୍ରୀ ଏବଂ ସତ୍ୟବାନଙ୍କ ମୂଳ କିମ୍ବଦନ୍ତୀ ମହାଭାରତରେ କୁହାଯାଇଛି ଯେଉଁଠାରେ ଏହାର ୩୦୦ ଶ୍ଳୋକ ରହିଛି । ଏହି ଅପେକ୍ଷାକୃତ କ୍ଷୁଦ୍ର ଉପାଖ୍ୟାନକୁ ଗ୍ରହଣ କରି, ଶ୍ରୀ ଅରବିନ୍ଦ ଏହାକୁ ୧୨ ଟି ପୁସ୍ତକ ଏବଂ ୪୯ଟି 'କାଣ୍ଟୋସ୍' ସହିତ ପ୍ରାୟ ୨୪୦୦୦ ଧାଡ଼ିର ଏକ ମହାକାବ୍ୟରେ ବିକଶିତ କରିଛନ୍ତି । ଏହିପରି ଦାମ୍ପତ୍ୟ ବିଶ୍ୱସ୍ତତାର ମୂଳ କାହାଣୀକୁ ସାବିତ୍ରୀଙ୍କ ରୂପରେ ପୃଥିବୀରେ ଅବତରଣ କରୁଥିବା ଦିବ୍ୟ କୃପା ମାଧ୍ୟମରେ ଅଜ୍ଞାନତା, ଅଚେତନତା ଏବଂ ମୃତ୍ୟୁରୁ ମାନବ ମୁକ୍ତିର କାହାଣୀରେ ପରିବର୍ତ୍ତିତ କରାଯାଇଛି । ତାଙ୍କ ନିଜ ସାକ୍ଷ୍ୟ ଅନୁସାରେ ଶ୍ରୀ ଅରବିନ୍ଦ ଏଠାରେ ତାଙ୍କର ନିଜର ଆଧ୍ୟାତ୍ମିକ ଭ୍ରମଣ ଏବଂ ବିବର୍ତ୍ତନର ଏକ ନୂତନ ତଥା ଉଚ୍ଚ ସ୍ତରରେ ପହଞ୍ଚିବା ପାଇଁ ତାଙ୍କ ପ୍ରୟାସ ବର୍ଣ୍ଣନା କରୁଛନ୍ତି ।

ଏହି ପ୍ରକ୍ରିୟାରେ ସେ ଇତିହାସ, ଭୂଗୋଳ, ବିଜ୍ଞାନ, କବିତା ଏବଂ ଦର୍ଶନ କ୍ଷେତ୍ରରୁ ବହୁ ସଂଖ୍ୟକ ବିଷୟକୁ ଉଲ୍ଲେଖ କରନ୍ତି କିମ୍ବା ବ୍ରହ୍ମାଣ୍ଡ ଏବଂ ମଣିଷର ଉତ୍ପତ୍ତି ବିଷୟରେ ବର୍ଣ୍ଣନା କରନ୍ତି । ଅଧିକନ୍ତୁ, ସେ ସମସ୍ତ ପ୍ରକାରର ଯୋଗ ଅଭ୍ୟାସ ଏବଂ ବିଶେଷକରି ଅବିଚ୍ଛେଦ୍ୟ ଯୋଗର ପଥ ବିଷୟରେ ଆଲୋଚନା କରନ୍ତି ।

ମୂଳ କାହାଣୀ ଏବଂ ଶ୍ରୀଅରବିନ୍ଦଙ୍କ ସଂସ୍କରଣ ମଧ୍ୟରେ ବିଭିନ୍ନ ପାର୍ଥକ୍ୟ ଅଛି, ଯାହାକୁ ନିମ୍ନଲିଖିତ ଉଦାହରଣ ଦ୍ୱାରା ଦର୍ଶାଯାଇପାରିବ । କିମ୍ବଦନ୍ତୀରେ ସାବିତ୍ରୀଙ୍କୁ ଭାଗ୍ୟର ଦେବୀଶ୍ରୀଙ୍କ ପରି ମହାନ ସୌନ୍ଦର୍ଯ୍ୟର ଏକ ଅସାଧାରଣ କନ୍ୟା ଭାବରେ ବର୍ଣ୍ଣନା କରାଯାଇଛି, କିନ୍ତୁ ତାଙ୍କୁ ଏକ ଦିବ୍ୟ ଅବତାର ଭାବରେ ଉପସ୍ଥାପିତ କରାଯାଇ ନାହିଁ । ଅପରପକ୍ଷେ ଶ୍ରୀଅରବିନ୍ଦଙ୍କ ମହାକାବ୍ୟରେ ରାଜା ଅଶ୍ୱପତି ଦିବ୍ୟ ମାତାଙ୍କୁ ପ୍ରାର୍ଥନା କରନ୍ତି ଯେ ସେ ପୃଥିବୀରେ ନିଜକୁ ଅବତାରିତ କରନ୍ତୁ, ଏବଂ ତାଙ୍କ ଅବତାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସାବିତ୍ରୀଙ୍କୁ କେବଳ ଏକ ବିରଳ ସୌନ୍ଦର୍ଯ୍ୟର ଝିଅ ଭାବରେ ବର୍ଣ୍ଣନା କରାଯାଇ ନାହିଁ , ବରଂ ସେ ଅନେକ ଦର୍ଶନ, ବିଜ୍ଞାନ, କଳା ଏବଂ ହସ୍ତଶିଳ୍ପର ବ୍ୟାପକ ଜ୍ଞାନ ମଧ୍ୟ ଅର୍ଜନ କରିଛନ୍ତି ବୋଲି କୁହାଯାଏ ।

ଏହା ବ୍ୟତୀତ, କିମ୍ବଦନ୍ତୀରେ କୁହାଯାଇଛି ଯେ ଅଶ୍ୱପତି ଯେତେବେଳେ ଦେଖନ୍ତି ଯେ ତାଙ୍କର ଅସାଧାରଣ କନ୍ୟା ଅବିବାହିତ ଅଛନ୍ତି କାରଣ ତାଙ୍କର ତେଜ ଯୋଗୁଁ କୌଣସି ରାଜକୁମାର ତାଙ୍କ ପାଖକୁ ଯିବାକୁ ସାହସ କରନ୍ତି ନାହିଁ, ସେତେବେଳେ ସେ ଦୁଃଖିତ ହୁଅନ୍ତି । ତେଣୁ, ରାଜା ତାଙ୍କ କନ୍ୟାଙ୍କୁ ବାହାରକୁ ଯାଇ ଏକ ଉପଯୁକ୍ତ ସାଥୀ ଖୋଜିବାକୁ କୁହନ୍ତି । ତୁଳନାତ୍ମକ ଭାବରେ, ଶ୍ରୀଅରବିନ୍ଦ ଅଶ୍ୱପତିଙ୍କୁ ପୃଥିବୀରେ ଏକ ସିଦ୍ଧ ଜୀବନ ପାଇଁ ଦୃଢ଼ ଆକାଂକ୍ଷା ସହିତ ଜଣେ ସିଦ୍ଧ ଯୋଗୀ ଭାବରେ ଉପସ୍ଥାପନ କରନ୍ତି, ତାଙ୍କ କନ୍ୟାଙ୍କୁ ଏହି ସିଦ୍ଧି ହାସଲ କରିବେ ବୋଲି କଳ୍ପନା କରନ୍ତି । ରାଜା ଅନ୍ତର୍ଜ୍ଞାନ ଦ୍ୱାରା ଅନୁଭବ କରନ୍ତି ଯେ ସେ ଏକା ଆସିନାହାଁନ୍ତି, କିନ୍ତୁ କୌଣସି ସ୍ଥାନରେ ଜଣେ ସାଥୀ ଅଛନ୍ତି, ଯିଏ ତାଙ୍କୁ ସେହି ମିଶନକୁ କାର୍ଯ୍ୟକାରୀ କରିବାରେ ସାହାଯ୍ୟ କରିବା ପାଇଁ ନିର୍ଦ୍ଧିଷ୍ଟ, ଏବଂ ଏହି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ସେ ତାଙ୍କୁ ବାହାରକୁ ପଠାନ୍ତି । ସେ ଏହି ଯାତ୍ରାରେ ସମ୍ପୂର୍ଣ୍ଣ ଏକ ବର୍ଷ ବିତାଇଥାନ୍ତି, ବିଭିନ୍ନ ଅଭିଜ୍ଞତା ଏବଂ ବିଭିନ୍ନ ପ୍ରକାରର ଋଷି ଏବଂ ସାଧକମାନଙ୍କୁ ଭେଟିଥାନ୍ତି, ଯେପର୍ଯ୍ୟନ୍ତ ସେ ଶେଷରେ ଏକ ବନ ଉପବନରେ ସତ୍ୟବାନଙ୍କୁ ପାଇ ନଥାନ୍ତି ।

ପ୍ରତୀକାତ୍ମକତା ଦୃଷ୍ଟିରୁ ଶ୍ରୀ ଅରବିନ୍ଦ ବିଶ୍ୱାସ କରୁଥିଲେ ଯେ ମୂଳ କାହାଣୀର ମଧ୍ୟ କିଛି ଗଭୀର ମହତ୍ତ୍ୱ ଅଛି, ଯଦିଓ ଏହା ସମୟ ସହିତ ହଜି ଯାଇଥିଲା । ସେ ନିଶ୍ଚିତ ଥିଲେ ଯେ କିଛି ନାମ ତାଙ୍କ ମହାକାବ୍ୟରେ ପ୍ରକାଶିତ କାହାଣୀର ପ୍ରକୃତ ଅର୍ଥର ଏକ ସଙ୍କେତ ଦିଅନ୍ତି । ତେଣୁ, ସତ୍ୟବାନ ସଂସ୍କୃତ ସତ୍ୟ-ବାନରୁ ଉତ୍ପନ୍ନ ହୋଇଛି, ଅର୍ଥାତ୍ "ସତ୍ୟ ବହନ କରୁଥିବା ବ୍ୟକ୍ତି" । ଏହିପରି ସେ ପୃଥିବୀରେ ଅବତରଣ କରନ୍ତି, ଏହାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନ୍ଧକାରର ସମ୍ମୁଖୀନ ହୁଅନ୍ତି । ସାବିତ୍ରୀର ଅର୍ଥ ହେଉଛି "ସବିତ୍ରଙ୍କ କନ୍ୟା", ସ୍ରଷ୍ଟା ଏବଂ ସୃଜନଶୀଳ ବୈଭବ, ମାନବ ରୂପରେ ଦିବ୍ୟ କୃପା । ଅଶ୍ୱପତିର ଅର୍ଥ ହେଉଛି ଅଶ୍ୱ-ପତି, ଅର୍ଥାତ୍ "ଅଶ୍ୱର ପ୍ରଭୁ", ଯାହା ଶ୍ରୀ ଅରବିନ୍ଦଙ୍କ ବ୍ୟାଖ୍ୟାରେ "ଶକ୍ତିର ପ୍ରଭୁ", ଆଧ୍ୟାତ୍ମିକ ଶକ୍ତି, ଆଲୋକ ଏବଂ ଶକ୍ତିର ମାଲିକ । ସତ୍ୟବାନଙ୍କ ପିତା ହେଉଛନ୍ତି ଦ୍ୟୁମତ୍ସେନ, ସଂସ୍କୃତ ଦ୍ୟୁମତ୍-ସେନରୁ, ଯାହାର ଅର୍ଥ "ଉଜ୍ଜ୍ୱଳ ଯଜ୍ଞ", ଯାହାକୁ ଶ୍ରୀ ଅରବିନ୍ଦ ଆଲୋକର କିରଣରେ ପରିପୂର୍ଣ୍ଣ ଦିବ୍ୟ ମନ ଭାବରେ ବ୍ୟାଖ୍ୟା କରିଛନ୍ତି । କିମ୍ବଦନ୍ତୀରେ, ରାଜା ଜଣେ ଅନ୍ଧ ବ୍ୟକ୍ତି, କିଛି ପରିସ୍ଥିତି ଯୋଗୁଁ ତାଙ୍କ ନିଜ ରାଜ୍ୟରୁ ନିର୍ବାସିତ ହୋଇଥିଲେ, ଯାହା ଶ୍ରୀ ଅରବିନ୍ଦଙ୍କ ମତରେ ଦ୍ୟୁମତ୍ସେନଙ୍କ ମନକୁ ଅସ୍ଥାୟୀ ଭାବରେ ତାଙ୍କ ନିଜ ଆଲୋକ ରାଜ୍ୟରୁ ନିର୍ବାସିତ କରି ଅଜ୍ଞତା ଦ୍ୱାରା ଅନ୍ଧ ହୋଇ ପୃଥିବୀକୁ ଆସିବାକୁ ବୁଝାଏ । ଏହିପରି ଭାବରେ, ଶ୍ରୀ ଅରବିନ୍ଦ କିମ୍ବଦନ୍ତୀର ଅର୍ଥ ସମ୍ପର୍କରେ ନିଜର ନିଷ୍କର୍ଷରେ ପହଞ୍ଚିଲେ ଏବଂ ତାଙ୍କର ନୂତନ ସୃଷ୍ଟିର ନାମ "ସାବିତ୍ରୀ - ଏକ କିମ୍ବଦନ୍ତୀ ଏବଂ ଏକ ପ୍ରତୀକ" ଦେଇଥିଲେ ।

ସଞ୍ଜୀବ କୁମାର ଦାସ

ମର୍କତ ନଗର

କଟକ

୬୩୭୨୬୨୯୦୦୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଲୀଳାମୟ ଶ୍ରୀଜଗନ୍ନାଥ

ନିତ୍ୟ ରଞ୍ଜନ ନନ୍ଦ



ଶ୍ରୀଜଗନ୍ନାଥ ଦର୍ଶନ ବିଧି

ପ୍ରଥମେ ସିଂହଦ୍ୱାର ଗୁମୁଟ ମଧ୍ୟରେ -

ଦକ୍ଷିଣ ଭାଗରେ ଥିବା

(1) ୨୨ ଭୂଜ ନୃସିଂହ ,

(2) ପତିତପାବନ ଦର୍ଶନ।

ବାମ ଭାଗେ ଥିବା -

(୩) ମହାବୀର ଗଣେଶ ଆଦି ଦର୍ଶନ।

(୪) ୨୨ ପାହାଚରେ ଥିବା 'ଯମ ଶିଳା' ଉପରେ ଠିଆ ହୋଇ ନୀଳଚକ୍ର ଦର୍ଶନ ।

(୫) ବାମ ଭାଗେ ଥିବା

କାଶୀ ବିଶ୍ୱନାଥ, ଶ୍ରୀ ରାମ ଚନ୍ଦ୍ର, ନୃସିଂହ ଆଦିଙ୍କୁ ଦର୍ଶନ।

(୬) ବାଇଶି ପାହାଚ ଅତିକ୍ରମ।

କୂର୍ମ ବେଢ଼ା ପ୍ରବେଶ ପରେ -

ବାମ ଭାଗରୁ, ବେଢ଼ା ପରିକ୍ରମା ଆରମ୍ଭ ।

(୧) ସତ୍ୟ ନାରାୟଣଙ୍କ ଦର୍ଶନ ।

(୨) କଳ୍ପ ବଟ ମୂଳେ ଥିବା ବାଳ ମୁକୁନ୍ଦ ଦର୍ଶନ ।

(୩) ହରି ସହଦେବ ମନ୍ଦିର,

(୪) ବଟ ଜଗନ୍ନାଥ ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

(୫) ବଟ ଗଣେଶ ,

(୬) ପଞ୍ଚ ମହାଦେବ ,

(୭) ବଟ ମଙ୍ଗଳା

(୮) କଳ୍ପବଟ ,

(୯) ଇନ୍ଦ୍ରାଣୀ ମନ୍ଦିର ,

(୧୦) କୁତ୍ତାମ ଚଣ୍ଡୀ ,

(୧୧)ଅନନ୍ତ ଶୟନ ,

(୧୨) ମୁକ୍ତି ମଣ୍ଡପ ,

ମୁକ୍ତି ମଣ୍ଡପ ନିକଟସ୍ଥ

(୧୩) ଆଦି ନୃସିଂହ ,

(୧୪) ରୋହିଣୀ କୁଣ୍ଡ ,

(୧୫) ବିମଳା ଠାକୁରାଣୀ,

(୧୬) ସାକ୍ଷୀ ଗୋପାଳ,

(୧୭) କାଞ୍ଚି ଗଣେଶ ,

(୧୮) ନିଶା ନୃସିଂହ , ତଳେ ଏକାଦଶୀ ଠାକୁରାଣୀ

(୧୯) ନିଶା ବରାହ ,

(୨୦) ସରସ୍ୱତୀ ମନ୍ଦିର,

(୨୧) ଭୁବନେଶ୍ୱରୀ ଠାକୁରାଣୀ

(୨୨) ଷଷ୍ଠୀ ଦେବୀ ,

(୨୩) ନୀଳମାଧବ ,

(୨୪) ବେଢ଼ା କାଳୀ ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

(୨୫) ମହାଲକ୍ଷ୍ମୀ ମନ୍ଦିର ,

(୨୬) ନବଗ୍ରହ ମନ୍ଦିର ,

(୨୭) ସୂର୍ଯ୍ୟ ମନ୍ଦିର ,

(୨୮) ନିଶା ତ୍ରିବିକ୍ରମ ,

(୨୯) ଶ୍ରୀ ରାମ ଚନ୍ଦ୍ର ମନ୍ଦିର ,

(୩୦) ହୟଗ୍ରିବ,

(୩୧) ପାତାଳେଶ୍ୱର ମହାଦେବଙ୍କ ଦର୍ଶନ କରି

ସାତ ପାହାଚ ଦେଇ, ବଡ଼ ଦେଉଳର ନାଟ ମଣ୍ଡପକୁ ପ୍ରବେଶ -

ପ୍ରଥମେ ଗରୁଡ଼ ପଛ ଭାଗରୁ ,

(୧)ଶିବ ଓ ବ୍ରହ୍ମାଙ୍କୁ ଦର୍ଶନ କରି,

(୨)ମହାପ୍ରଭୁଙ୍କ ଦର୍ଶନ ।

(୩)ଗରୁଡ ଖମ୍ବକୁ ଆଲିଙ୍ଗନ ।

ନାଟ ମଣ୍ଡପ ମଧ୍ୟରେ ଥିବା, ସମସ୍ତ ଦେବତାଙ୍କୁ ଦର୍ଶନ

ଜଗମୋହନକୁ ପ୍ରବେଶ -

ଜଗ ମୋହନ ନଣ୍ଡାବର୍ତ୍ତ ନିକଟରେ

(୧)ଜୟ ବିଜୟଙ୍କୁ ନମସ୍କାର।

ଜଗମୋହନ ମଧ୍ୟରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୋଟି କୈବଲ୍ୟ ନାଥ

(୨)ମହାପ୍ରଭୁଙ୍କୁ ଦର୍ଶନ

ବାହାର ଭଣ୍ଡାର ଘରେ -

(୩)ଦେବ ଦେବ ଲୋକନାଥ ,

(୪)ଦେବୀ ଦୁର୍ଗା ,

(୫)ଶୟନ ଦିଅଁ ଆଦିଙ୍କୁ ଦର୍ଶନ ।

ବେହରଣ ଦ୍ୱାର ଦେଇ ବାହାରକୁ ବାହାରି

ଦକ୍ଷିଣ ଘରେ -

(୬)ସମସ୍ତ ଚଳନ୍ତି ବିଗ୍ରହଙ୍କୁ ଦର୍ଶନ।

ଆନନ୍ଦରେ,  ଆନନ୍ଦ ବଜାରରେ ପ୍ରବେଶ

(୧) ମହାପ୍ରସାଦ ସେବନ।

(୨) ସ୍ନାନ ବେଦୀ ଦର୍ଶନ।

ଉତ୍ତର ଭାଗରେ ଥିବା -

(୧) ଈଶାଣେଶ୍ୱର ମହାଦେବ ,

(୨) ଶୀତଳା ଠାକୁରାଣୀ ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

(୩) ମହାବୀର ,

(୪) କୋଇଲି ବୈକୁଣ୍ଠ ଦର୍ଶନ।

ପଶ୍ଚିମ ଭାଗରେ ଥିବା -

(୧) କାନ ପତା ମହାବୀର ,

(୨) ଚାରି ଧାମ ମନ୍ଦିର ,

(୩) ନିଳାଦ୍ରୀ ଉପବନ ଏବଂ

ଦକ୍ଷିଣ ପାର୍ଶ୍ଵ ରେ -

(୧) ଶ୍ରୀ ରାମ ଚନ୍ଦ୍ର ମନ୍ଦିର,

(୨) ବାର ଭାଇ ହନୁମାନ ,

(୩) ଭାଗବତ ମନ୍ଦିର ଆଦି ଦର୍ଶନ ବିଧେୟ।

ଏହି ପ୍ରକାର ଦର୍ଶନ କରିବା ଦ୍ୱାରା
ମହାପ୍ରଭୁ ଶ୍ରୀ ନୀଳାଦ୍ରୀ ନାଥଙ୍କ ଦର୍ଶନ କରିବାର ସମସ୍ତ ଫଳ ପ୍ରାପ୍ତ ହୋଇଥାଏ।

ଦେବନୀତି

ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରରେ ନୀତି ନିୟମ ଭିତରେ ଗୋଟିଏ ଯାହା ମାଦଳା ପାଞ୍ଜିରେ ଲେଖା ନୀତି ଅନୁସାରେ ପାଳିତ ହୋଇଥାଏ । ପୁରୀ ଶ୍ରୀମନ୍ଦିରରେ ଜଗନ୍ନାଥଙ୍କର ପ୍ରତିଦିନ ୩ ଧୂପ, ୩ ଭୋଗ, ୫ ଅବକାଶ ଓ ୨ ପହଡ଼ ହୁଏ ।  ଦେବତାଙ୍କୁ ନୈବେଦ୍ୟ ସମର୍ପିତ ହେବା ପରେ ନିବେଦିତ ବସ୍ତୁକୁ 'ଭୋଗ' ବୋଲାଯାଏ ଓ ଭୋଗ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେବା ପୂର୍ବରୁ ତାକୁ 'ଅମୁଣିଆ' ବୋଲାଯାଏ ।

ଧୂପ

ଯେତେବେଳେ ଅମୁଣିଆ ଷୋଡ଼ଶୋପଚାର (ଆସନ, ସ୍ୱାଗତ, ପାଦ୍ୟ, ଅର୍ଘ୍ୟ, ଆଚମନୀୟ, ମଧୁପର୍କ, ପୁନରାଚମନୀୟ, ସ୍ନାନ, ବସନ, ଆଭରଣ, ଗନ୍ଧ, ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ ଓ ମୁଖବାସ) ବିଧିରେ ଅର୍ପଣ କରାଯାଏ । ପ୍ରତ୍ୟେକ ଧୂପ ପୂର୍ବରୁ ପ୍ରତିହାରୀ ଭୋଗ ବିଧିପୂର୍ବକ ଡାକନ୍ତି ଓ ଭୋଗ ଆଗରେ ଆସନ୍ତି । ଯଦି ଭୋଗ ଆସିବାକୁ ବିଳମ୍ବ ହୁଏ ତେବେ ସେ ରୋଷଘର ପାଖରେ ଅପେକ୍ଷା କରନ୍ତି । ଭୋଗ ନ ଆସିବା ପର୍ଯ୍ୟନ୍ତ ସେ ରୋଷରୁ ଫେରିବା ନିଷେଧ । ଭୋଗ ଆସିବା ପରେ ତିନିଜଣ ପୂଜାପଣ୍ଡା ଉତ୍ତରାଭିମୁଖି ହୋଇ ପିଢ଼ାରେ ବସି ତିନିବାଡ଼ରେ (ବଳଭଦ୍ରଙ୍କ ବାଡ଼ ବା ବଡ଼ବାଡ଼, ଶ୍ରୀଜଗନ୍ନାଥଙ୍କ ବାଡ଼ ବା ମହାପ୍ରଭୁଙ୍କ ବାଡ଼ ଓ ସୁଭଦ୍ରାଙ୍କ ବାଡ଼ ବା ମଝିବାଡ଼) ବଳଭଦ୍ରଙ୍କୁ ଦ୍ୱାଦଶାକ୍ଷର ବାସୁଦେବ ମନ୍ତ୍ର, ଶ୍ରୀଜଗନ୍ନାଥଙ୍କୁ ଅଷ୍ଟଦଶାକ୍ଷର ଗୋପାଳ ମନ୍ତ୍ର ବା ରାଜ ମନ୍ତ୍ର ଓ ସୁଭଦ୍ରାଙ୍କୁ ଭୁବନେଶ୍ୱରୀ ମନ୍ତ୍ରରେ ପୂଜା କରନ୍ତି ।

ସକାଳ ଧୂପ (ପ୍ରଥମ ଧୂପ)-

(ସକାଳ୧୦.୦୦): ଏହା ଦିନର ପ୍ରଥମ ସଖୁଡ଼ି ନୈବେଦ୍ୟ, ଷୋଡ଼ଶପଚାର ବିଧିରେ ରତ୍ନବେଦିରେ ଅର୍ପଣ କରାଯାଏ । ଏହା 'କୋଠ ଭୋଗ' ବା 'ରାଜଭୋଗ' ଭାବେ ପରିଚିତ ।

ବଡ଼କାନ୍ତି: ୫ଶରା

ସାନକାନ୍ତି: ୩ଶରା

Listen to Odia Podcast Original at https://youtube.com/@drjyotiprasad

ଏଣ୍ଡୁରି: ୬ଟି (ପ୍ରତ୍ୟେକ ୨ ଖଣ୍ଡରେ ବିଭକ୍ତ, ମୋଟ ୧୨ ଖଣ୍ଡ)

ପିଠା_ପୁଳି: ୪ଶରା

ମିଠା_ପୁଳି: ୬ଟି

ଦହି_ଅମାଲୁ (ମାଲପୁଆ) ଓ ଗ୍ରେ: ୧ ଶରା

ହଂସକେଳି: ୨ଶରା

କାକପୁଆ_ଝିଲ୍ଲି: ୪ଟି

ଅଦା_ପାଚେଡ଼ି: ୪ଶରା

ବୁନ୍ଦିଆ: ୧ସରା

ବଡ଼_କଣିଆ: ୩କୁଡୁଆ

ସାନ_କଣିଆ: ୨କୁଡୁଆ

ତଥା_ଖେଚୁଡ଼ି: ୬ଖୁଡ଼

ନୁଖୁରା_ଖେଚୁଡ଼ି: ୩

ସାନ_ଖେଚୁଡ଼ି: ୩

ଶ୍ରୀବଳଭଦ୍ର_ଖେଚୁଡ଼ି: ୨ କୁଡୁଆ

ତୈଳ_ଖେଚୁଡ଼ି: ୩

ମେଣ୍ଢା_ମୁଣ୍ଡିଆ: ୧ଟି

ଶାଗ: ୫

ପୂଜାପଣ୍ଡାଙ୍କ_ପାଇଁ_ଚଣ୍ଡ: ୯

ମଧ୍ୟାହ୍ନ ଧୂପ ବା ଦିପହର ଧୂପ (ଦ୍ୱିତୀୟ ଧୂପ) -

(ମଧ୍ୟାହ୍ନ ୧୨.୩୦ ରୁ ୧.୦୦) ଷୋଡ଼ଶପଚାର ବିଧିରେ ନୈବେଦ୍ୟ ଅର୍ପଣ



Listen to Odia Podcast Original at https://youtube.com/@drjyotiprasad

କରାଯାଏ । ତୃତୀୟ ଅବକାଶ ପରେ 'ଦିପହର ଧୂପ' ନୈବେଦ୍ୟ ଅର୍ପଣ; ଦିପହର ଧୂପ ପରେ ଦିନ-ପହଡ଼ ।

ବଡ଼ପିଠା: ୪ଶରା

ବଡ଼_କାକରା: ୯ଟି

ସାନକାକରା: ୪ଶରା

ବଡ଼_ପୁଷ୍ପାଳକ_ଆରିସା: ୧୦

ବଡ଼_ଆରିସା: ୧୮ଟି

ସାନ_ଆରିସା: ୨୧ ଟି

ପାଗ_ଆରିସା: ୯

ବୋକ_ଆରିସା:୬

ମଥା_ପୁଳି:୧୭ଟି

ବଡ଼_ବଡ଼: ୯ଟି

ଚଢ଼େଇ_ନଦା: ୨ଓଳି

ଚଢ଼େଇନଦା_ଗୁଳା: ୧୦ଟି

ସୁଆର ମନୋହର: ୩୦

ମନୋହର: ୮

ବଡ଼_ଖଇରଚୁଳ: ୧

ସାନ_ଖଇରଚୁଳ: ୪

ଗଜା: ୧ ଓଳି (୨୪ଟି)

ବିରି_ବଡ଼ି: ୪ ଓଳି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଥାଳି_ଅନ୍ନ (ବଳଭଦ୍ରଙ୍କ ନିମନ୍ତେ): ୯ କୁଡୁଆ

ଥାଳି_ଅନ୍ନ (ଜଗନ୍ନାଥଙ୍କ ନିମନ୍ତେ): ୪ କୁଡୁଆ

ଥାଳି_ଅନ୍ନ (ସୁଭଦ୍ରାଙ୍କ ନିମନ୍ତେ): ୨ କୁଡୁଆ

ଥାଳି_ଅନ୍ନ (ସୁଦର୍ଶନ ଚକ୍ରଙ୍କ ନିମନ୍ତେ): ୨ କୁଡୁଆ

ସାନ_ଓଳି_ଓରିଆ (ଅନ୍ନ): ୪ ଓଳି

ଭୋଗ_ଓଡ଼ିଆ_ବଡ଼: ୧୦ ଓଳି

ପୀତ_ଅନ୍ନ: ୪ଓଳି

ମୁଗ_ଡାଲି: ୪ ଓଳି

ସାନ_ଓଳି_ମରିଚି_ପାଣି: ୪ଓଳି

ବଡ଼_ଓଳି_ମରିଚି_ପାଣି: ୪ଓଳି

ସାନ_ମ୍ୱ: ୫ ଓଳି

ବଡ଼_ଖିରିସା: ୧ ଓଳି

ଓଳି_ବଡ଼_ଖିରିସା: ୪ଓଳି

ସୁବାସ_ପଖାଳ: ୧୧ ଓଳି

ଛେନା_ପିଠା: ୨ଶରା

ଶାକର: ୨ଓଳି

ପନକ: ୫ଓଳି

କଦମ୍ବ_ହାଣ୍ଡି: ୩ଟି

ଝଣ୍ଡା_ତଡ଼ା: ୧

ମରିଚୀ_ଲଡ୍ଡୁ: ୫୦

ଥାଳି_ପକା_ଢଉଳ: ୯



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତ୍ରିପୁରି: ୫ସରା

ସନ୍ଧ୍ୟା ଧୂପ (ତୃତୀୟ ଧୂପ)-

(ସନ୍ଧ୍ୟା ୭.୦୦ ରୁ ୮.୦୦) ଜୟ ମଙ୍ଗଳ ଆରତି (ସନ୍ଧ୍ୟା ଆରତି) ପରେ ଏହା ଅର୍ପଣ କରାଯାଏ । ଚତୁର୍ଥ ଅବକାଶ ପରେ 'ସଞ୍ଜଧୂପ' ନୈବେଦ୍ୟ ଅର୍ପଣ ।

ପାଣି_ପଖାଳ:୨୩ ଓଳି

ଚିପୁଡ଼ା_ପଖାଳ: ୧୪ ଓଳି

ସାନ_ଓଳି_ପଖାଳ: ୨ ଓଳି

କଣର_ପୁଳି: ୩ଓଳି

ହାତ_ପୋଡ଼ା_ଅମାଲୁ: ୭

ବଡ଼_ଅମାଲୁ (ମାଲପୁଆ):୨୧

ସାନ_ଅମାଲୁ (ମାଲପୁଆ): ୮୩

ଶାକର: ୫ଓଳି

ମଠ_ପୁଳି: ୨୨

ଭୋଗ

ଯେତେବେଳେ ଅମୁଣିଆ ପଞ୍ଚୋପଚାର (ଗନ୍ଧ, ପୁଷ୍ପ, ଧୂପ, ଦୀପ ଓ ନୈବେଦ୍ୟ) ବିଧିରେ ଅର୍ପଣ କରାଯାଏ ।

ଗୋପାଳ ବଲ୍ଲଭ ଭୋଗ  (ପ୍ରଥମ ଭୋଗ)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

(ସକାଳ ୮.୩୦): ଦିନର ପ୍ରଥମ ଶୁଖିଲା ଭୋଗ ଅନବସର ପିଣ୍ଡି ବା ବଲ୍ଲଭ ପିଣ୍ଡିରେ ପଞ୍ଚୋପଚାର ବିଧିରେ ସେବାୟତ ମାନେ ଏହି ନୈବେଦ୍ୟ ଅର୍ପଣ କରନ୍ତି । ଅଣସର ସମୟରେ ଏହା ଜୟ ବିଜୟ ଦ୍ୱାର ନିକଟରେ ସର୍ପମଣୋହି ଭାବେ ଅର୍ପଣ କରାଯାଏ । ଧନୁ ସଂକ୍ରାନ୍ତି ଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଠାକୁରଙ୍କର ପହିଲି ଭୋଗ ନୀତି ଆରମ୍ଭ ହେଉଥିବାରୁ ଏହି ଭୋଗ ପହଲି ଭୋଗ ସହ ଅର୍ପଣ କରାଯାଏ । ଦୋଳ ପୂର୍ଣ୍ଣିମା ଓ ସ୍ନାନ ପୂର୍ଣ୍ଣିମା ଦିନ ସକାଳ ଧୂପ ସହ ଅର୍ପଣ କରାଯାଏ । (ପୂର୍ବେ ଏହି ଦୁଇଯାତ୍ରାରେ ବିଗ୍ରହମାନେ ରତ୍ନସିଂହାସନ ଛାଡି ବାହାର ବିଜେ କରୁଥିବାରୁ ଏଭଳି ନୀତି ଅନୁସୃତ ହେଉଥିଲା । କିନ୍ତୁ ଗଉଡିଆ ଗୋବିନ୍ଦଦେବଙ୍କ ସମୟରେ ୧୫୬୧ ଖ୍ରୀଷ୍ଟାବ୍ଦରେ ଦୋଳ ପୂର୍ଣ୍ଣିମା ଅବସରରେ ଦୋଳି ଛିଣ୍ଡି, ଶ୍ରୀଜଗନ୍ନାଥଙ୍କ ଶ୍ରୀଭୁଜ ଭଗ୍ନ ହେବାରୁ ପରବର୍ତ୍ତୀ ସମୟରେ ଜଗନ୍ନାଥଙ୍କ ବିଜୟ ପ୍ରତିମା ମଦନମୋହନ (ଦୋଳଗୋବିନ୍ଦ) ଙ୍କୁ ବିଜେ କରାଗଲା । ବର୍ତ୍ତମାନ ଦୋଳବେଦୀକୁ ବିଜୟ ପ୍ରତିମା ଆସିଲେ ମଧ୍ୟ ପୂର୍ବ ପରମ୍ପରା ରକ୍ଷା କରାଯାଉଛି ।)

ବଲ୍ଲଭ_ଖଇ: ୪୪ ଓଳି,

ପାଚିଲା_କଦଳୀ: ୭ଟି,

ନଡ଼ିଆ_ଖୁଡ଼ି: ୩ଶରା,

କୋରା (ବଡ଼): ୨୯ ଟି,

କୋରା (ଛୋଟ): ୨୨୦ଟି

ଭୋଗ ମଣ୍ଡପ ଭୋଗ ବା ବଡ଼ସଙ୍ଖୁଡ଼ି ଭୋଗ (ଦ୍ୱିତୀୟ ଭୋଗ)

(ସକାଳ ୧୧.୦୦) : ବଡ଼ସଙ୍ଖୁଡ଼ି ଭୋଗ ବା ଛତ୍ର ଭୋଗ ଭାବେ ପରିଚିତ ଏହି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭୋଗ ଆଦି ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଅଷ୍ଟମ ଶତାବ୍ଦିରେ ଆରମ୍ଭ କରା ଯାଇଥିଲା ।

ଶ୍ରୀମନ୍ଦିର ପ୍ରଶାସନ ଏହି ଭୋଗର କୌଣସି ଖର୍ଚ୍ଚଭାର ବହନ କରନ୍ତି ନାହିଁ। ବିଭିନ୍ନ ମଠ ତଥା ତୀର୍ଥଯାତ୍ରୀମାନଙ୍କୁ ଯଥେଷ୍ଟ ପରିମାଣର ଭୋଗ ଯୋଗାଇବା ଉଦ୍ଦେଶ୍ୟରେ ଏହା ଥ୍ୟଝସୁଆରମାନଙ୍କ ଦ୍ଵାରା ମନ୍ଦିର ରୋଷଶାଳାରେ ବ୍ୟବସାୟିକ ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଥାଏ ।ଏହା ସାଧାରଣତଃ ପ୍ରତିଦିନ ଥରେ ହୋଇଥାଏ କିନ୍ତୁ ବିଶେଷ ଦିନମାନଙ୍କରେ ଭୋଗର ଚାହିଦା ମୁତାବକ ଦୁଇଥର ବା ତିନିଥର ଥର ହୋଇଥାଏ ।

ପଖାଳ

ଦହି

କାଞ୍ଜି

ସାଦା ଅନ୍ନ

କାନିକା

ଡାଲି

ବେସର

ଖଟା

ବଡ଼ସିଂହାର ଭୋଗ (ତୃତୀୟ ଭୋଗ) -

(ରାତ୍ର ୧୧.୧୫): ସର୍ବ ଶେଷ ଭୋଗ ରାତିରେ ଦେବତାଙ୍କର ପହଡ଼ ହେବା ପୂର୍ବରୁ ପଞ୍ଚୋପଚାର ବିଧିରେ ରତ୍ନବେଦୀରେ ଅର୍ପଣ କରାଯାଏ ।

ଖୁଆ, ଲହୁଣି, ନଡ଼ିଆ ପାତି, ଖଇ, ଦହି, କଦଳୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୁଆର_ପିଠା: ୧ଶରା

ରୋସ_ପାଇକ: ୧ଶରା

ମିଠା_ପଖାଳ: ୧୧

କାଞ୍ଜି: ୩ଓଳି

ସରପୁଳି ପିଠା: ୫ଶରା

ବିରି ବୁହା ପିଠା: ୧ଶରା

ବଡ଼ କଦଳୀ: ୧୫

କ୍ଷୀରି/ପାୟସ: ୬ଓଳି

[ଓଳି= ଛୋଟ ମାଟି କୁଡୁଆ, ଶରା: ମାଟିର ଛୋଟ ଥାଳିଆ, ଅମାଲୁ: ମାଲପୁଆ, ଓରିଆ: ଦେବତାଙ୍କ ଅନ୍ନ]

ପର୍ବ ପର୍ବାଣୀ ସମୟରେ ବିଶେଷ ଭୋଗ-_-::

ଅଣସର_ସମୟରେ: ଧୁଆମୁଗ ଓ ପଣା

ଅଣସର_ଏକାଦଶୀ: ଆଷାଢ଼ କୃଷ୍ଣ ଏକାଦଶୀ: ଦଶମୂଳ ମୋଦକ

ଜନ୍ମାଷ୍ଟମୀ: ରାଶିଲଡୁ, ରାଶିକୋରା

ଭାଦ୍ରବ_କୃଷ୍ଣ_ଦଶମୀ: ଗୁଆ, ନଡିଆ

ଭାଦ୍ରବ_ଅମାବାସ୍ୟା: ସପ୍ତପୁରୀ (ସକାଳଧୂପ ସହ)

କାର୍ତ୍ତିକ_ମାସରେ: ହରିବଲ୍ଲଭ ଲିଆ (ବଲ୍ଲଭ ଭୋଗ ସହିତ)

ପହିଲିଭୋଗ -

ଧନୁ ସଂକ୍ରାନ୍ତି ଦିନ ଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଏକମାସ ବ୍ୟାପି ପହିଲିଭୋଗ ନୀତି ଆରମ୍ଭ ହୋଇଥାଏ ।[୪]

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଧନୁସଂକ୍ରାନ୍ତି ଦିନଠାରୁ ମା' ଲକ୍ଷ୍ମୀ ପିତ୍ରାଳୟକୁ ଗମନ କରୁଥିବାରୁ ମାତା ଯଶୋଦା ଖୁବ ପ୍ରତ୍ୟୁଷରୁ ଭୋଗ ରାନ୍ଧି ସନ୍ତାନମାନଙ୍କୁ ଖାଇବାକୁ ଦିଅନ୍ତି । ଏହାପରେ ଅନ୍ୟାନ୍ୟ ଧୂପ ସବୁ ହୁଏ । ତେଣୁ ଏହା ପହିଲି ବା ପ୍ରଥମ ଭୋଗ ।

ବିଶେଷତ୍ୱ -

ବାତ୍ସଲ୍ୟ ରସର ନିଦର୍ଶନ ପହିଲିଭୋଗରେ ଶ୍ରୀଜଗନ୍ନାଥ ମହାପ୍ରଭୁ ତାଙ୍କ ମାଆଙ୍କ ହାତ ରନ୍ଧା ଖାଇଥାନ୍ତି । ଆକାଶରେ ନକ୍ଷତ୍ର ଥିବା ସହ କୁଆ କା' କରିବା ପୂର୍ବରୁ ପ୍ରଭୁଙ୍କୁ ପହିଲି ଭୋଗ ଅର୍ପଣ କରିବାର ବିଧି ରହିଛି । ମାଆ ପୁଅପାଇଁ ରୋଷେଇକରୁଥିବାରୁ ଅନ୍ୟାନ୍ୟ ଦିନ ଅପେକ୍ଷା ଏହି ଦିନମାନଙ୍କରେ ଭୋଗ ଶିଘ୍ର ହେଉଛି ବୋଲି ଭକ୍ତମାନଙ୍କ ମଧ୍ୟରେ ଏକ ବିଶ୍ୱାସ ରହିଛି । ଏହି ମାସରେ ଲକ୍ଷ୍ମୀ ତାଙ୍କ ବାପଘରକୁ ବୁଲିଯିବେ, ତେଣୁ ଦ୍ୱାପରଯୁଗରେ ମା' ଯଶୋଦା ଶ୍ରୀକୃଷ୍ଣଙ୍କୁ ଖୁଆଇବା ପରି, ମା' ଯଶୋଦା ରାମକୃଷ୍ଣ ଦୁଇ ଭାଇଙ୍କୁ ସକାଳୁ ଆରିଶା, କାକରା, ବଡ଼ା, ଖଇରଚୂଳ, ଚୁଡ଼ା ଖୁଆ, ଅମାଲୁ, ବିରିବଡ଼ି ଆଦି ଅନେକ ପ୍ରକାରର ନିସଙ୍କୁଡ଼ି ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରି ଖୁଆଇଥାନ୍ତି ବୋଲି ସାଧରଣରେ ବିଶ୍ୱାସ ରହିଛି ।

ମକର ସଂକ୍ରାନ୍ତି: ମକର ଚାଉଳ ଓ ଧନୁ ମୁଆଁ (ମଧ୍ୟାହ୍ନ ଧୂପ ପରେରେ)

ଚୈତ୍ର ଶୁକ୍ଳ ଅଷ୍ଟମୀ: ଜେଉଡ଼ ଭୋଗ

ଅକ୍ଷୟ ତୃତୀୟା ଠାରୁ ୨୧ ଦିନ ପର୍ଯ୍ୟନ୍ତ: ମାଣ୍ଡୁଆ ଭୋଗ (ଚନ୍ଦନ ମଣ୍ଡପରେ), ଓ ତାପରେ ବିଡିଆ ମଣୋହି

ବିଭିନ୍ନ ବେଶ ସମୟରେ : ବେଶ କ୍ଷୀରି

ଅବକାଶ:

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପୁରୀ ଶ୍ରୀଜଗନ୍ନାଥ ଓ ଅନ୍ୟାନ୍ୟ ଦେବତାଙ୍କ ଦିବସର ଯେଉଁ ନିର୍ଦ୍ଦିଷ୍ଟ ସମୟରେ ନୀତି (ଯଥା-ବେଶଲାଗି, ସ୍ନାନ) ବଢୁଥିବାରୁ ତାଙ୍କୁ ଯାତ୍ରୀମାନେ ଦର୍ଶନ କରି ପାରନ୍ତି ନାହିଁ ।

ପ୍ରଥମ ଅବକାଶ- ଅତି ପ୍ରତ୍ୟୁଷରେ ମଙ୍ଗଳ ଆଳତି ହେବା ପରେ ପ୍ରଭାତ ଅବକାଶ; (ଏ ସମୟରେ ଦିଅଁଙ୍କର ଦାନ୍ତଘସା, ସ୍ନାନ ଓ ବେଶଲାଗି ନୀତିମାନ ବଢୁଥାଏ)

ଦ୍ୱିତୀୟ ଅବକାଶ- ସକାଳ ଧୂପ ପରେ ବେଶ ଉଲାଗି ହୋଇ ନୂଆ ବେଶ ପରିବର୍ତ୍ତନ ବେଳେ ଦ୍ୱିତୀୟ ଅବକାଶ- ତତ୍ପରେ 'ବୀର କେଶରୀ ବଲ୍ଲଭ' ବା 'ଭୋଗମଣ୍ଡପ ଭୋଗ' ନୈବେଦ୍ୟ ଅର୍ପଣ।

ତୃତୀୟ ଅବକାଶ- 'ବୀର କେଶରୀ ବଲ୍ଲଭ' ବା 'ଭୋଗମଣ୍ଡପ ଭୋଗ' ପରେ ବେଶ ଉଲାଗି ହୋଇ ନୂଆ ବେଶ ପରିବର୍ତ୍ତନବେଳେ ତୃତୀୟ ଅବକାଶ ।

ଚତୁର୍ଥ ଅବକାଶ- ସନ୍ଧ୍ୟା ଆଳତି ପରେ ବେଶ ପରିବର୍ତ୍ତନ ସମୟରେ ଚତୁର୍ଥ ଅବକାଶ।

ପଞ୍ଚମ ଅବକାଶ- ସଞ୍ଜଧୂପ ପରେ ବେଶ ପରିବର୍ତ୍ତନ ବା ବଡ଼ସିଂହାର ବେଶ ହେବା ସମୟରେ ପଞ୍ଚମ ଅବକାଶ, ତତ୍ପରେ 'ବଡ଼ ସିଂହାର ଭୋଗ' ନୈବେଦ୍ୟ ଅର୍ପଣ, ତାପରେ ରାତି-ପହଡ଼;

ଅବକାଶ ସମୟରେ କେବଳ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗ ସେବକଙ୍କ ଛଡ଼ା ଅନ୍ୟ କେହି ଜଗନ୍ନାଥଙ୍କ ଛାମୁଙ୍କୁ ଯାଇ ପାରନ୍ତି ନାହିଁ ଓ ଏ ସମୟରେ ଦେଉଳର ଭିତର ଦ୍ୱାର ବନ୍ଦ ରହେ ।

ପହଡ଼-

ଦିନରେ ଦ୍ୱିତୀୟ ଧୂପ ପରେ ଓ ରାତିରେ ବଡ଼ସିଂହାର ଭୋଗ ପରେ ଦେବଙ୍କର ପହଡ଼ ବା ନିଦ୍ରା ହୁଏ । ସେହି ସମୟରେ ଯାତ୍ରୀମାନେ ଦେବଙ୍କୁ ଦର୍ଶନ କରିପାରନ୍ତି ନାହିଁ;

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କିନ୍ତୁ ଏ ଦୁଇ ସମୟକୁ 'ଅବକାଶ' ବୋଲା ନ ଯାଇ 'ପହଡ଼' ବୋଲାଯାଏ ।

କେହି କେହି ଉପବର୍ଣ୍ଣିତ ତିନି ଧୂପ (ସକାଳଧୂପ, ଦିପହର ଧୂପ ଓ ସଞ୍ଜଧୂପ) ସଙ୍ଗେ ଦ୍ୱିତୀୟ ଅବକାଶର ପରବର୍ତ୍ତୀ 'ବୀରକେଶରୀବଲ୍ଲଭ' ବା 'ଭୋଗମଣ୍ଡପ ଭୋଗ' କୁ ଗୋଟିଏ ଧୂପ ଏବଂ ପଞ୍ଚମ ଅବକାଶର ପରବର୍ତ୍ତି 'ବଡ଼ସିଂହାର ଭୋଗ' କୁ ଗୋଟିଏ ଧୂପ ରୂପେ ଗଣି ୫ ଧୂପ ଏବଂ ଦିନ ଓ ରାତିର ଦୁଇ ପହଡ଼କୁ ଅବକାଶ ରୂପେ ଗଣି ୭ ଅବକାଶ ହିସାବରେ ମୋଟ '୫ଧୂପ ଓ ୭ଅବକାଶ' ବୋଲି କହନ୍ତି ।

ଦର୍ଶନ

ସାହାଣ ମେଲା-

ଶ୍ରୀମନ୍ଦିରରେ ବିନା ମୂଲ୍ୟରେ ସାହାଣମେଲା ସମୟରେ ସାଧାରଣ ଯାତ୍ରୀମାନେ ଗର୍ଭଗୃହ ଭିତରେ ପ୍ରବେଶ କରି ଜଗନ୍ନାଥଙ୍କୁ ରତ୍ନବେଦୀ ନିକଟରୁ ଅବାଧରେ ଦର୍ଶନ କରନ୍ତି । ସାଧାରଣତଃ ଦିନକୁ ଦୁଇଥର ସାହାଣମେଲା ହୋଇଥାଏ, ଥରେ ସକାଳ ଅବକାଶ ପରେ ଓ ଅନ୍ୟଟି ସନ୍ଧ୍ୟା ଆଳତି ପରେ, କିନ୍ତୁ ବେଳେ ବେଳେ ଏଥିରେ ବ୍ୟତିକ୍ରମ ଦେଖାଯାଏ ।

ପରିମାଣିକ ଦର୍ଶନ-

ଶ୍ରୀମନ୍ଦିରରେ ସାହାଣ ମେଲା ବ୍ୟତିତ ପରିମାଣିକ ଦର୍ଶନର ମଧ୍ୟ ବ୍ୟବସ୍ଥା ଅଛି । ଆଗ୍ରହୀ ଶ୍ରଦ୍ଧାଳୁମାନେ ୫୦ଟଙ୍କା ଲେଖାଏଁ ଟିକେଟ କାଟି ପରିମାଣିକ ଦର୍ଶନରେ ଭିତରକାଠ ପାଖରୁ ଠାକୁରଙ୍କୁ ଦର୍ଶନ କରିବାର ବ୍ୟବସ୍ଥା ରହିଛି । ଶ୍ରୀମନ୍ଦିର ସ୍ୱତ୍ୱଲିପି ମୁତାବକ ୩ଥର ପରିମାଣିକ ଦର୍ଶନ ବ୍ୟବସ୍ଥା ଥିଲେ ମଧ୍ୟ ଏବେ ୮ଥର (ମଙ୍ଗଳ ଆଳତି, ଅବକାଶ, ସକାଳ ଧୂପ, ଭୋଗ ମଣ୍ଡପ, ମଧ୍ୟାହ୍ନ ଧୂପ, ସନ୍ଧ୍ୟା ଆଳତି, ସନ୍ଧ୍ୟା ଧୂପ ଓ ଚନ୍ଦନ ଲାଗି) ଏହି ଦର୍ଶନ ହେଉଛି । ସାହାଣମେଲା ଦର୍ଶନରେ ହେଉଥିବା ଗହଳି ଯୋଗୁଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବହୁ ଦର୍ଶକ ପରିମାଣିକ ଟିକେଟ କାଟି ଦର୍ଶନ କରିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି ।

ପାକ -

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ନୈବେଦ୍ୟ ୪ ପ୍ରକାର ପାକରେ ପ୍ରସ୍ତୁତ ହୋଇଥାଏ ଯଥା:

ଭୀମପାକ

ନଳପାକ

ସୌରୀ_ପାକ

ଗୌରୀ_ପାକ

ମହାପ୍ରଭୁଙ୍କ ସେବକ ତାଲିକା

ଶ୍ରୀ ମନ୍ଦିରର ସେବକ:

1. ଗଜପତି ମହାରାଜା
2. ରାଜଗୁରୁ
3. ପାଟ୍ଟଯୋଶି ମହାପାତ୍ର
4. ଭିତରଛୁ ମହାପାତ୍ର
5. ତଳୁଛୁ ମହାପାତ୍ର
6. ମୁଦିରସ୍ତ
7. ଦେଉଳ ପୁରୋହିତ
8. ପୂଜାପଣ୍ଡା
9. ବଡ଼ପଣ୍ଡା
10. ପୁଷ୍ପାଳକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

11. ମହାଜନ
12. ମୁଦର
13. ଖୁଣ୍ଟିଆ
14. ଭଣ୍ଡାର ମେକାପ
15. ପାଳିଆ ମେକାପ
16. ଅଖଣ୍ଡ ମେକାପ
17. ଚାଙ୍ଗଡ଼ା ମେକାପ
18. ଖଟଶେଯ
19. ପ୍ରତିହାରୀ
20. ଦଇତା
21. ପତିମହାପାତ୍ର
22. ପାତ୍ରିବଡୁ
23. ଗରାବଡୁ
24. ସୁଆରବଡୁ
25.ଖୁରିନାୟକ
26.ମୁଖପଖାଳ
27.ଘଟୁଆରି
28.ଗୋଛିକାର
29.ସୁନାଗୋସ୍ୱାମୀ
30. ମୁଦୁଲି
31. ଆଳତୀବଳିତା ସେବକ
32. ପୁରାଣପଣ୍ଡା
33. ଦଣ୍ଡମହାପାତ୍ର
34. ଲୁଗାଧୁଆ ଓ ପାଣିକୁଣ୍ଡସେବକ
35. ବଲ୍ଲଭ ଯୋଗାଣିଆ
36. ବିମାନବଡୁ
37. ଶୁଦ୍ଧସୁଆର
38. ହଡ଼ପ ନାୟକ
39. ବିଡ଼ିଆ ଯୋଗାଣୀଆ
40. ଖଟୁଲି ସେବକ
41. ଆସ୍ଥାନ ପ୍ରତିହାରୀ
42. କୋଠଭୋଗ ଯୋଗାଣୀଆ
43. ପ୍ରଧାନୀ
44. ପାଇକ
45. ଲେଙ୍କା
46. ସୁଆର ନିଯୋଗ ନାୟକ
47. ମହାସୁଆର
48. ଜଗୁଆ ମହାସୁଆର
49. ବଡୁସୁଆର ଓ ଅମାଲୁ ସୁଆର
50. ପନ୍ତିବଡୁ
51. ଅମାଲୁ ତୋଳା,ପୂର ଖରଡ଼ା
52. ତୋଳାବଡୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

53. ରୋଷ ପାଇକ
54. ବାହାରଦେଉଳି ସୁଆର
55. ବାହାରଦେଉଳି ଯୋଗଣୀଆ
56. ରୋଷ ଧୋପଖାଳିଆ, ଅଙ୍ଗାରୁଆ, ଗୋବର ପାଣିଆ
57. ହାଣ୍ଡି ଯୋଗାଣିଆ
58. ବିରିମୁଣ୍ଡା ସମର୍ଥା
59. କୋଠଭୋଗ ପାଣିଆ
60. ପନିକି ପଟା
61. ନିକାପ
62. ବିରିବୁହା
63. ଦଉଡିବୋଳା
64. ଚୁନରା
65. ସାବତନିଯୋଗ
66. ପାଣିଆପଟା
67. ମଣ୍ଡନି
68. ଚକା ଅପସରା
69. ମୂଲିଆ
70. ବୀଣାକାର
71. ଦର୍ପଣୀଆ
72. କୋଠ ସୁଆର
73. ମହାଭୋଇ
74. ଗୀତଗୋବିନ୍ଦ ଗାୟକ
75. ଭିତର ଗଣି
76. ସମ୍ପ୍ରଦା ନିଯୋଗ
77. ଦୟଣା ମାଳି
78. ମାଦେଳୀ
79. ପ୍ରସାଦ ବଡୁ
80. ଚାପ ଦଳେଇ
81. ମାପ ସାଇତା କରଣ
82. ତଢାଉ କରଣ
83. ଦେଉଳକରଣ
84. ବଇଠୀ କରଣ
85. କୋଠ କରଣ
86. ଚାଉଳ ବଛା କରଣ
87. ଦୟଣାପାତ୍ରୀ
88. ବେହେରା କରଣ
89. ଚାପ ବେହେରା
90. ଛାମୁ ଦିହୁଡ଼ି
91. ଅମୁଣିଆ ଛତାର
92. ବୈଦ୍ୟ
93. ବଢେଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

94. ରଥ ଡାହୁକ

95. ଘଣ୍ଟୁଆ

96. ଘଣ୍ଟା ସେବକ

97. ଓଝା ମହାରଣା

98. ଚକ୍ର ଦିହୁଡି

99.ବଣୁଆ

100. ମାଳଚୁଳ

101.  ରଥ ଭୋଇ

102. କୁମ୍ଭାର ବିଶୋଇ

103. ଦରଜୀ

104. କଳାବେଠୀଆ

105. ପାତ୍ର ବିଶୋଇ

106. ବେଣ୍ଟ ବିନ୍ଧା ପାଇକ

107. କରତିଆ

108. ବଣିଆ

109. ରୂପକାର

110. ଚିତ୍ରକାର

111. ପର୍ବଯାତ୍ରା ଯୋଗାଣିଆ

112.ଶଙ୍ଖୁଆ

113. କାହାଳିଆ

114.ଛତାର ନିଯୋଗ

115.ମାହାରୀ

ଜୟ ଶ୍ରୀଜଗନ୍ନାଥ ।


ସଂଗ୍ରାହକ
ନିତ୍ୟ ରଂଜନ ନନ୍ଦ
ଡ଼ି ଏଲ ଏ -୧୨, ବୀର ସୁରେନ୍ଦ୍ର ସାଏ ନଗର,
ଭୁବନେଶ୍ବର
ମୋ - ୯୪୩୭୧୭୮୪୨୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋହନ ସରକାର : ଲୋକପ୍ରିୟ କି ?

ଅଙ୍କିତ ସାହୁ



(୧ ବର୍ଷରେ ଅଭିଯାନ, ଆଶା, ଆଲୋଚନା)

୨୦୨୪ ମସିହା ଓଡ଼ିଶାର ରାଜନୈତିକ ଇତିହାସରେ ଏକ ମୌଳିକ ପରିବର୍ତ୍ତନ ଆଣିଦେଲା । ୨୩ ବର୍ଷର ଦୀର୍ଘ ଶାସନକୁ ଅନ୍ତ ଦେଇ, ଜନତା ଭାରତୀୟ ଜନତା ପାର୍ଟିକୁ ଶାସନ ଦାୟିତ୍ୱ ଦେଲେ । ଏହା ଅପେକ୍ଷିତ ଥିଲା ନାହିଁ, ଦୀର୍ଘଦିନର ସଂଚିତ ଅସନ୍ତୋଷ, ପରିବର୍ତ୍ତନ ଚାହାଣୀ ଓ ବିକଳ୍ପ ନେତୃତ୍ୱ ପ୍ରତି ଆଶା ଏହି ଫଳାଫଳର ମୂଳ କାରଣ ହେଲା । ବିଜେପି ନେତା ମୋହନ ମାଝୀ ଏଥିପାଇଁ ଚୟନିତ ହେଲେ ମୁଖ୍ୟମନ୍ତ୍ରୀ ଭାବରେ ଏକ ନୂଆ ଅଧ୍ୟାୟ ଆରମ୍ଭ କରିବାକୁ ।

ଗତ ୧ ବର୍ଷରେ ବିଜେପି ଶାସନ ନିଶ୍ଚୟ ଅନେକ ମାନଦଣ୍ଡରେ ଏକ ନୂଆ ଗତି ଓ ନୂଆ ଶୈଳୀରେ ଶାସନ ଚାଲାଇଛି । ବୃହତ ଶ୍ରେଣୀରେ ଯୋଜନା ଘୋଷଣା ହୋଇଛି — ଅନ୍ନ ପ୍ରଧାନ ଯୋଜନା, ଓଡ଼ିଶା ଉଦ୍ୟୋଗ ମିଶନ, ଯୁବ ଉନ୍ନତି ପ୍ରକଳ୍ପ, ନୂଆ ଚାଷୀ ବିମା ଯୋଜନା ଓ ନାରୀ ସଶକ୍ତିକରଣ ଅଭିଯାନ । ଏହି ସବୁ ଘୋଷଣା ଲୋକଙ୍କ ମନରେ ଆଶା ଜଗାଇଛି । ରାଜ୍ୟ ମଧ୍ୟରେ ନୂଆ ଆର୍ଥିକ ବୃଦ୍ଧି ରେ ନିଜକୁ ଗଠନ କରିବା ପ୍ରୟାସ ଦୃଶ୍ୟମାନ ।

ସରକାର ତଳସ୍ତରରେ ଯୋଜନା ଗୁଡ଼ିକୁ ପହଞ୍ଚେଇବା ପାଇଁ ନିଜ ତନ୍ତ୍ରକୁ ପୁନର୍ଗଠନ କରିଛି । ଜିଲ୍ଲାପାଳ ଓ ବ୍ଲକ ଅଫିସର ଦ୍ୱାରା ସିଧାସଳଖ ଆଲୋଚନା, ଜନସୁନାନି ଶିବିର ଓ ଟେକ୍ନୋଲୋଜି ବ୍ୟବହାରରେ ଅନେକ ପ୍ରୟୋଗ ଦେଖିବାକୁ ମିଳୁଛି । ଗ୍ରାମ ଗ୍ରାମକୁ ବିକାଶ ଯୋଜନା ଅନ୍ତର୍ଗତ କରିବା, ମହିଳା ଓ ଯୁବଶକ୍ତିକୁ ସକ୍ରିୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିବାରେ ମୋହନ ସରକାର ଅଗ୍ରଗାମୀ ପାଦକ୍ଷେପ ନେଇଛନ୍ତି ।

ଏହି ସବୁ ସକାରାତ୍ମକ ପ୍ରୟାସ ବ୍ୟବସ୍ଥାପନର ଦୃଢତା ବିନା ବ୍ୟବହାରିକ ଫଳ ଦେଉନାହିଁ । ଯଥାପି ଘୋଷଣା ଏବଂ ଅଭିଯାନ ବେଶ କମ ନୁହେଁ, ତଥାପି ବିକାଶ କାମର ଅନୁଷ୍ଠାନ ଓ ମୁଖ୍ୟମନ୍ତ୍ରୀଙ୍କ ର ଦୃଢ଼ ଅଭିନୟ ଏପର୍ଯ୍ୟନ୍ତ ଲୋକଙ୍କୁ ଶତ ପ୍ରତିଶତ ବିଶ୍ୱାସ ଦେଇପାରିନାହିଁ ।

ଅନେକ ମହତ୍ତ୍ୱପୂର୍ଣ୍ଣ ଯୋଜନା ଅଧା ରାସ୍ତାରେ ଅଟକି ରହିଛି । ଉଦାହରଣ ସ୍ୱରୂପ, ଓଡ଼ିଶାରେ ଯୁବ ବେରୋଜଗାରୀ ଏପର୍ଯ୍ୟନ୍ତ ଏକ ମୁଖ୍ୟ ସମସ୍ୟା ଭାବେ ବର୍ତ୍ତି ଅଛି । ନୂଆ ଶିଳ୍ପ ନିବେଶ ଦାବି ହେଉଥିଲେ ମଧ୍ୟ ବେଶିଭାଗ ନିବେଶ ଆଶ୍ୱାସନରେ ରହିଛି, ଯାହା ନିଜର ଜନକ ନିଯୁକ୍ତି ପ୍ରଦାନ କ୍ଷମତା ପ୍ରମାଣ କରିପାରିନାହିଁ । ଗ୍ରାମ ଅଞ୍ଚଳ ଓ ଅନ୍ତର୍ଭୁକ୍ତ ଏଲାକା ଅଧିକାଂଶ ସେବାରୁ ବଞ୍ଚିତ ରହିଛି । ଅନେକ ଥାନା ଓ ବ୍ଲକ ଅଫିସରେ ଅଦୂରଦର୍ଶୀ ପ୍ରଶାସନିକ ଢାଂଚା ଏପର୍ଯ୍ୟନ୍ତ ଚାଲିଛି ।

ଏହି ଏକ ବିଶେଷ ଆଶଙ୍କା ତିଆରି କରେ — କି ଏହି ସରକାର ମଧ୍ୟ ଗତ ସରକାର ଭଳି ଘୋଷଣାର ଧାରାକୁ ଅନୁସରଣ କରିବ ? ନିଜ ଶକ୍ତି ଏବଂ ଜନମତକୁ ବାସ୍ତବ ନୀତିରେ ରୂପାନ୍ତର କରିପାରିବ ? ଏଥିପାଇଁ ଆବଶ୍ୟକ ହେଉଛି ଏକ ଲମ୍ୱାଦୃଷ୍ଟି ଯୋଜନା, ଯାହା ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଓ ଲୋକ ସଂଯୋଗ ଆଧାର ହେବ ।

ଅନ୍ୟପଟେ, ବିପକ୍ଷ ଦଳ ମଧ୍ୟ ଏହି ସରକାରକୁ ତୀବ୍ର ଆଲୋଚନା କରିଛନ୍ତି । ତେବେ ସରକାର ଏହାକୁ ରାଜନୈତିକ ଅଭିଯୋଗ ଭାବେ ଦୃଷ୍ଟିକରି, ତଥ୍ୟ ଓ ସଂଖ୍ୟା ଦ୍ୱାରା ଉତ୍ତର ଦେବାର ଚେଷ୍ଟା କରୁଛି । ଏହା ସ୍ୱାଗତଯୋଗ୍ୟ କଥା ଯେ ସରକାର ମିଳିତ ଉଦ୍ୟମକୁ ଅନୁମୋଦନ କରୁଛି, ଏବଂ ଆଲୋଚନାକୁ ଅବସର ବୋଲି ଗ୍ରହଣ କରୁଛି ।

ଆମେ ଜାଣିପାରୁଛୁ — ଏକ ବର୍ଷରେ ଶାସନର ପରିବର୍ତ୍ତନ ପୂରା ବ୍ୟବସ୍ଥାରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆସିପାରେ ନାହିଁ । କିନ୍ତୁ ଦିଶା ଓ ଦୃଢ଼ ନିଷ୍ଠା ସ୍ପଷ୍ଟ ହେବା ଦରକାର । ମୋହନ ସରକାର ଗତ ୧ ବର୍ଷରେ ଯେତେ ନାଇଁ ଗାଁ-ଗଞ୍ଜକୁ ଆଭାସ ଦେଇଛି, ସେଥିରେ ଲୋକମାନେ ଏବେ ଫଳ ଦେଖିବା ଆଶା କରୁଛନ୍ତି ।

ସମାପ୍ତିରେ, ଏହି ଏକ ବିଚାର ସମୟ — ମୋହନ ସରକାର ବାସ୍ତବରେ ଲୋକଙ୍କ ସରକାର ଅଟୁଟ ଭାବେ ରହିପାରିବ କି ? ଏହି ପ୍ରଶ୍ନର ଉତ୍ତର ମିଳିବ ଆଗାମୀ କାର୍ଯ୍ୟ ଓ ଅନୁଷ୍ଠାନରେ । ଘୋଷଣା ନୁହେଁ, କାମ ଅଟେ ପ୍ରମାଣ । ଓଡ଼ିଶା ଏବେ ବିକାଶ ଓ ଦୃଢ଼ ନୀତି ଚାହୁଁଛି — ଏହାକୁ ଜଣପ୍ରିୟ ଶାସନରେ ପରିଣତ କରିବା ସମୟ ଏବେ ।

ନାମ- ଅଙ୍କିତ ସାହୁ

ଠିକଣା: -ରାଜେନ୍ଦ୍ର ନାଗର, କଟକ ।

ମୋ:-୮୨୪୯୬୮୪୫୯୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗୁହାରି ଶୁଣ ମଣିମା

ଆଶୁତୋଷ ନାୟକ



ଅନନ୍ତକୋଟି ବ୍ରହ୍ମାଣ୍ଡ ନାୟକ ଅଖିଳବ୍ରହ୍ମାଣ୍ଡ ସ୍ୱାମୀ ସାରା ବିଶ୍ୱବାସୀ ତଥା ଅସଂଖ୍ୟ କୀଟପତଙ୍ଗ, ପଶୁପକ୍ଷୀଙ୍କ ହର୍ତ୍ତାକର୍ତ୍ତା, ଦଇବ ବିଧାତା ମହାପ୍ରଭୁ ଅନାଥର ନାଥ, ଦୀନବନ୍ଧୁ, ଜଗତର ନାଥ ଜଗନ୍ନାଥଙ୍କ ମହିମା ବର୍ଣ୍ଣନା କରିବା ଆମ ପରି ସାଧାରଣ ମନୁଷ୍ୟ ପକ୍ଷେ ଅସମ୍ଭବ । ମହାପ୍ରଭୁ କାଳିଆ ସାଆନ୍ତ ଲୀଳା ଅବର୍ଣ୍ଣନୀୟ । ସେ ନିଜେ ହିଁ ନିଜର ସ୍ରଷ୍ଟା ନା ତାଙ୍କର ଆଦି ଅଛି ନା ତାଙ୍କର ଅନ୍ତ ଅଛି । ମହାପ୍ରଭୁ କେତେବେଳେ କାହା ମାଧ୍ୟମରେ କେଉଁ ରୂପରେ କାହାକୁ ସାହାଯ୍ୟ କରିବେ ଏହା କେବଳ ତାଙ୍କୁ ହିଁ ଜଣା । ତାଙ୍କର ବିନା ଇଙ୍ଗିତରେ ଗଛର ପତ୍ରବି ହଲିନଥାଏ । ସେଥିପାଇଁ ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କ ରଥର ସାରଥୀ ସାଜି ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ମୋହଗ୍ରସ୍ତ ଅର୍ଜୁନଙ୍କୁ ବୁଝାଇ କହିଛନ୍ତି "କରି କରାଉ ଥାଏ ମୁହିଁ ମୋ ବିନୁ ଅନ୍ୟ ଗତିନାହିଁ " । ଏହାର ଅର୍ଥ ଏ ବିଶ୍ୱବ୍ରହ୍ମାଣ୍ଡରେ ଆମେ ଯାହାବି କର୍ମ କରିଥାଉ ସେଥିରେ ଭଗବାନଙ୍କ କିଛି ମହତ ଉଦେଶ୍ୟ ରହିଥାଏ । ମନୁଷ୍ୟ ନିଜର କର୍ମ ଅନୁସାରେ ଫଳ ଭୋଗିଥାଏ । ମନୁଷ୍ୟ ନିଜର ଇଛା ଅନୁସାରେ କିଛି ବି କର୍ମ କରିବା ଅସମ୍ଭବ । ମହାପ୍ରଭୁ ଚକାଡୋଳାଙ୍କ କୃପା ବିନା କୌଣସି କାଯ୍ୟ ସଫଳ ହୋଇନଥାଏ । କିନ୍ତୁ ଏକବିଂଶ ଶତାବ୍ଦୀର କିଛି ମନୁଷ୍ୟ ପୁଳା ପୁଳା ଟଙ୍କା, ବାଟି ବାଟି ସମ୍ପତ୍ତି, ମାନ, ପ୍ରତିଷ୍ଠା ଅର୍ଜନ କରି ଅହଂକାରରେ ବଶବର୍ତ୍ତୀ ହୋଇ ଅନ୍ୟାୟ, ଅନୀତି, ଦୁର୍ନୀତିରେ ଲିପ୍ତ ରହେ ଏବଂ ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ବାରମ୍ବାର ପ୍ରଶ୍ନ ଚିହ୍ନ ଲଗାଇଥାଏ ।

ନିଜର ଅହମିକା ତଥା ଅହଂକାର ବଶବର୍ତ୍ତୀ ହୋଇ ମନୁଷ୍ୟ ନିଜକୁ ସର୍ବଶକ୍ତିମାନ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମହାଜ୍ଞାନୀ ମନେକରୁଛି । ଅର୍ଥକୁ ନିଜର ପ୍ରଧାନ ଅସ୍ତ୍ର ଭାବିନେଇଛି ଏବଂ ଅର୍ଥ ବଳରେ ବଳିୟାନ ହୋଇ ଜୀବନରେ ସବୁକିଛି ପାଇଯିବ ଏହା ମନୁଷ୍ୟ ଭାବି ନେଇଛି । ବସ୍ତୁବାଦୀ କଳିଯୁଗର ମନୁଷ୍ୟ ପକ୍ଷେ ସ୍ନେହ, ପ୍ରେମ, ମମତା, ଆବିଳତା, ନମ୍ରତା, ଉଦାରତା, ସରଳତା ପରି ମହନୀୟ ଗୁଣ ଆଶା କରିବା ଶଇତାନର ବେଦ ପାଠ ସଦୃଶ । ସାମାନ୍ୟ ସମ୍ପତ୍ତି ଆଉ କିଛି ଟଙ୍କା ପାଇଁ ନିଜର ଜନ୍ମଦାତା ତଥା ଜନ୍ମଦାତ୍ରୀଙ୍କୁ ହତ୍ୟା କରିବାକୁ ମଧ୍ୟ ପଛାଏ ନାହିଁ ଆଜିର ସ୍ୱାର୍ଥପର ମନୁଷ୍ୟ । ବସ୍ତୁବାଦୀ ମନୁଷ୍ୟ ରଙ୍ଗୀନ ଦୁନିଆର ମାୟାଜାଲରେ ଛନ୍ଦି ହୋଇ ନିଜର ତଥା ନିଜ ପରିବାର, ପତ୍ନୀ, ସନ୍ତାନ, ବନ୍ଧୁ, ପରିଜନକୁ ନିଜର ମନେକରୁଛି ଏବଂ ଈଶ୍ୱରଙ୍କ ଠାରୁ ଦୁରେଇଯାଉଛି । ଈଶ୍ୱରଙ୍କ ଆରାଧନା କରିବା, ପ୍ରାର୍ଥନା କରିବା, ଆଜିର ବସ୍ତୁବାଦୀ ଦୁନିଆରେ ମନୁଷ୍ୟ ପାଖରେ ସମୟ ନାହିଁ । କିନ୍ତୁ ମାଦକଦ୍ରବ୍ୟ, ନିଶା ସେବନ କରିବା ପାଇଁ ତା ପାଖରେ ଯଥେଷ୍ଟ ସମୟ ଅଛି । ଆଜିର ସ୍ୱାର୍ଥପର ବସ୍ତୁବାଦୀ ଦୁନିଆରେ ମନୁଷ୍ୟ ନିଜର ବନ୍ଧୁ, ପରିଜନ, ପତ୍ନୀ, ସନ୍ତାନ, ଆତ୍ମୀୟସ୍ୱଜନକୁ ନିଜର ପ୍ରାଣଠାରୁ ଅଧିକ ଭଲପାଏ ଏବଂ ସେମାନଙ୍କୁ ଅତି ନିଜର ମନେକରେ । ସେଇମାନେ ବିପଦ ସମୟରେ ହାତଛାଡି ଦିଅନ୍ତି ଯେତେବେଳେ ସେମାନଙ୍କ ସ୍ୱାର୍ଥରେ ବାଧା ଆସେ । ସେମାନେ ହତ୍ୟା କରିବାକୁ ମଧ୍ୟ ପଛାନ୍ତି ନାହିଁ । ସେଥିପାଇଁ ଶାସ୍ତ୍ରରେ କୁହାଯାଇଛି "ସମ୍ପଦ ବେଳେ ସର୍ବେ ଶାଖା ବିପଦେ ନଦିଅନ୍ତି ଦେଖା" । "ମିଛ ମାୟା ସଂସାର ଏଠି କେହି ନୁହେଁ କାହାର ଏକା ଚକାଆଖି ନିଜର " ।

ଦ୍ୱାପର ଯୁଗ ସମୟରେ ପାଣ୍ଡବମାନେ କୌରବଙ୍କ ଠାରୁ ଜୁଆ ଖେଳରେ ହାରିବା ପରେ କୁରୁସଭା ସ୍ଥଳରେ କୌରବମାନେ ଯେପରି ଦ୍ରୌପଦୀଙ୍କ ବସ୍ତ୍ରହରଣ କଲେ ସେତେବେଳେ ଦ୍ରୌପଦୀ ସମସ୍ତଙ୍କୁ ସହାୟତା ପାଇଁ ଆକୁଳ ନିବେଦନ କଲେ ହେଲେ ଗଙ୍ଗା ପୁତ୍ର ପିତାମହ ଭୀଷ୍ମଙ୍କ ଠାରୁ ଆରମ୍ଭ କରି ଗୁରୁ ଦ୍ରୌଣାଚାର୍ଯ୍ୟ, ପଞ୍ଚପାଣ୍ଡବ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଧୃତରାଷ୍ଟ୍ର ପର୍ଯ୍ୟନ୍ତ ସମସ୍ତେ ନିରବ ରହିଲେ କେହି ଜଣେ ହେଲେ ବି ଏ ଅନ୍ୟାୟର ପ୍ରତିବାଦ କଲେନାହିଁ । ସେତେବେଳେ ନିରୁପାୟ ହୋଇ ଦ୍ରୌପଦୀ ସମ୍ପୂର୍ଣ ସମର୍ପିତ ଭାବରେ "ବାସୁଦେବ ଶ୍ରୀକୃଷ୍ଣ ମୋର ଲଜ୍ୟା ନିବାରଣ କରନ୍ତୁ ବୋଲି ଆକୁଳ ନିବେଦନ କଲେ ସେତେବେଳେ ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କୋଟି ବସ୍ତ୍ର ଦେଇ ଦ୍ରୌପଦୀ ଙ୍କ ଲଜ୍ୟା ନିବାରଣ କଲେ ।

ଚାରିଯୁଗରେ ମହାପ୍ରଭୁ କାଳିଆ ସାଆନ୍ତ ମାନବ ସମାଜକୁ ଈଶ୍ୱରୀୟ ବାର୍ତ୍ତା ପ୍ରଦାନ କରିଛନ୍ତି । ଭକ୍ତର ମାନକୁ ସର୍ବାଗ୍ରେ ରଖିବା ପାଇଁ କେତେ ନିନ୍ଦା, ଅପମାନ, ତିରସ୍କାର, ମାଡ଼ ଭି ସହିଛନ୍ତି ପୁଣି କେତେବେଳେ ଅର୍ଜୁନଙ୍କ ରଥରେ ସାରଥୀ ସାଜିଛନ୍ତି, ଶୂଦ୍ର ଜାତିରେ ଜନ୍ମ ହେଇଥିବା ଶବରୀର ଅଇଠା ଖାଇବାରେ କୌଣସି ସଂକୋଚ ପ୍ରକାଶ କରିନାହାନ୍ତି ଏବଂ ବାଲ୍ୟସଖା ସୁଦାମାକୁ ଭେଟ କରିବା ପାଇଁ ରାଜସିଂହାସନ ଛାଡି ନିଜେ ରାଜା ହୋଇ ଖାଲି ପାଦରେ ବିନା ସୈନ୍ୟସାମନ୍ତରେ ଦିନହୀନ ସୁଦାମାଙ୍କ କାଳବିଳମ୍ବ ନକରି ପହଞ୍ଚିଯାଇଥିଲେ ଏବଂ ସେ ଆଣିଥିବା ଖୁଦଭଜା ଅତି ଆନନ୍ଦରେ ସେବନ କରିଥିଲେ । ସେଥିପାଇଁ ଭଗବାନ ସଦାସର୍ବଦା ନିଜର ଭକ୍ତକୁ ଖୁସି କରେଇବା ପାଇଁ ସବୁକିଛି କରନ୍ତି ସେଥିପାଇଁ ମହାପ୍ରଭୁ କାଳିଆ ସାଆନ୍ତଙ୍କ ଅନ୍ୟନାମ କୃପାସିନ୍ଧୁ ।

ମହାପ୍ରଭୁ କାଳିଆ ସାଆନ୍ତ ଭକ୍ତର ତିରସ୍କାର, ନିନ୍ଦା, ଅପମାନ ସହ୍ୟ କରନ୍ତି କିନ୍ତୁ କାହାରି ଅହମିକା, ଅହଂକାର ସହ୍ୟ କରିପାରନ୍ତି ନାହିଁ । ସେଥିପାଇଁ କୁହାଯାଏ "ଗର୍ବ ଗଞ୍ଜନ୍ତି ନରହରି, ଗର୍ବ ନସହନ୍ତି କାହାରି " ।

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରାରେ ଅନେକ ସାଧାରଣ ମନୁଷ୍ୟକୁ ଆଚମ୍ବିତ କଲା ପରି ଘଟଣାମାନ ଘଟିବାରେ ଅନେକ ପ୍ରମାଣ ମିଳେ । ଭକ୍ତର ମାନ ରକ୍ଷା ପାଇଁ କେତେବେଳେ ଭଗବାନ ବଳରାମ ଦାସଙ୍କ ବାଲି ରଥରେ ବିଜେ କରିଛନ୍ତି ତ କେତେବେଳେ ରାଜାଙ୍କୁ ସ୍ୱପ୍ନାଦେଶ ଦେଇ ଭକ୍ତ ଜଗନ୍ନାଥ ଦାସଙ୍କୁ ବନ୍ଦୀଶାଳାରୁ ମୁକ୍ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିଛନ୍ତି ତ ଆଉ କେତେବେଳେ ଭକ୍ତର ଭୋକ ଦୂରପାଇଁ ନିଜକୁ ଅର୍ପିତ ସୁନାଥାଳିର ଦିବ୍ୟଅନ୍ନ ପ୍ରଦାନ କରିଛନ୍ତି ଭକ୍ତ ବନ୍ଧୁ ମହାନ୍ତିଙ୍କ ହାତରୁ ଦୂରରେ ଥାଇ ଏବଂ ଭକ୍ତ ଦାସିଆ ବାଉରୀର ନଡ଼ିଆକୁ ଶ୍ରଦ୍ଧା ପୂର୍ବକ ଗ୍ରହଣ କରିଛନ୍ତି ବଡ଼ଠାକୁର କାଳିଆ ସାଆନ୍ତ ନିଜର ମହାବାହୁ ବଢ଼ାଇ । ଗୀତଗୋବିନ୍ଦ ଶୁଣିବା ପାଇଁ ସୁଦୂର ପଲ୍ଲୀରେ ବାଇଗଣ ତୋଳୁଥିବା ଅବସ୍ଥାରେ ଗୀତଗୋବିନ୍ଦ ବୋଲୁଥିବା ବୁଢ଼ୀର ବାଇଗଣ କିଆରୀରେ ହାଜର ହୋଇଛନ୍ତି ଢଇନ୍ଦ୍ରଙ୍କ ପରି ଦେବତାଙ୍କ ଠାରୁ ଆରମ୍ଭ କରି ମହାମୁନି ନାରଦ ପର୍ଯ୍ୟନ୍ତ ଅନେକଙ୍କ ଅହଂକାରକୁ ଭଙ୍ଗ କରିଛନ୍ତି ମହାପ୍ରଭୁ କାଳିଆ ଠାକୁର । ଗର୍ବୀର ଗର୍ବ ଚୁର୍ଣ୍ଣ ପାଇଁ କେତେବେଳେ ଅଟକି ରହନ୍ତି ସେ ମହାପ୍ରଭୁ ରଥ ଉପରେ ଢକେତେବେଳେ ଭକ୍ତ ହାତରେ ସ୍ପର୍ଶ ପାଇଁ ମାନ ଭାଙ୍ଗନ୍ତି "ମାନଗୋବିନ୍ଦ " ।

ମହାପ୍ରଭୁ କାଳିଆ ସାଆନ୍ତଙ୍କ ଲୀଳା ବୁଝିବା ଆମ ପରି ସାଧାରଣ ଆଜ୍ଞାନୀ ମନୁଷ୍ୟ ପାଖେ ଅସମ୍ଭବ । ସେ ଭାବର ନିକଟ, ଅଭାବକୁ ଦୂର । ଯିଏ ତାଙ୍କୁ ଯେପରି ଭାବରେ ଆରାଧନା,, ଶ୍ରଦ୍ଧା କରିଛି ସେପରି ତାଙ୍କୁ ପାଇଛି । ଯିଏ ତାଙ୍କୁ ଯେଉଁ ରୂପରେ (ନିଜର ଇଷ୍ଟ ଭାବରେ ଦେଖିବାକୁ ଚାହିଁଛି ସେ ସେହି ରୂପରେ ଦେଖିବାକୁ ପାଇଛି । ସିଏ ପରା ଭାବଗ୍ରାହୀ, କରୁଣାସିନ୍ଧୁ, ଅନାଥର ନାଥ ଦୀନବନ୍ଧୁ କାଳିଆ ଠାକୁର ଜଗତର ନାଥ ଜଗନ୍ନାଥ ।

ସାଲବେଗ ଯୁବକ ଅବସ୍ଥାରେ ଏକଦା ଭୀଷଣ ଭାବରେ କ୍ଷତାକ୍ତ ଓ ପୀଡିତ ହୋଇଥିଲେ । ଯେତେ ମେଡ଼ିସିନ ଲଗାଇଲେ ମଧ୍ୟ କ୍ଷତର ଉପଶମ ହେଲାନାହିଁ । ନିଜ ମାଙ୍କ ପରାମର୍ଶ କ୍ରମେ ବୃନ୍ଦାବନ ବିହାରୀ ଭଗବାନ ଶ୍ରୀକୃଷ୍ଣଙ୍କ ଉପାସନା କରି ବ୍ୟାଧିମୁକ୍ତ ହୋଇଥିଲେ । ଶ୍ରୀକୃଷ୍ଣଙ୍କ କରୁଣାରୁ ମୃତ୍ୟୁମୁଖରୁ ରକ୍ଷା ପାଇଥିବାରୁ ନିଜର ସମଗ୍ର ଜୀବନ ଶ୍ରୀକୃଷ୍ଣଙ୍କ ପାଦପଦ୍ମରେ ସମର୍ପଣ ପୂର୍ବକ ସନ୍ୟାସୀ ଜୀବନଯାପନ କରିବାକୁ ପ୍ରତିଜ୍ଞା କରିଥିଲେ । ତେଣୁ ସେ ଗାଇ ଉଠିଥିଲେ "ଜୀବନରେ ଥିବି ଯେବେ ଯିବି ବୃନ୍ଦାବନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦର୍ଶନ କରିବି ଯାଇ ଶ୍ରୀ ମଧୁସୂଦନ" ।

ଏ କଳିଯୁଗରେ ବିଶ୍ୱର ସର୍ବଶ୍ରେଷ୍ଠ ଜୀବନ୍ତ ଦେବତା ଦାରୁବ୍ରହ୍ମ ଜଗତର ନାଥ ପରମବ୍ରହ୍ମ ବଡ଼ ଠାକୁର ଜଗନ୍ନାଥ । ତାଙ୍କ ଲୀଳା ଅତ୍ୟନ୍ତ ଚମତ୍କାର ଏବଂ ରହସ୍ୟମୟ । ଆମ ପରି ସାଧାରଣ ମନୁଷ୍ୟ ତାଙ୍କ ଲୀଳାକୁ ବୁଝିବା ଅସମ୍ଭବ । ସେ ସୃଷ୍ଟିକର୍ତ୍ତା, ପ୍ରାଣଦାତା, ଏ ଅଖିଳ ବ୍ରହ୍ମାଣ୍ଡର ରକ୍ଷାକର୍ତ୍ତା, ହର୍ତ୍ତାକର୍ତ୍ତା, ଜଗତର ଜମିଦାର ଆମେ ତାଙ୍କର ପ୍ରଜା । ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ କାଳିଆ ସାଆନ୍ତ ଅସୀମ ବିଶ୍ୱବ୍ରହ୍ମାଣ୍ଡର ଜୀବନ୍ତ ଦେବତା । ସେ ପରବ୍ରହ୍ମ, ପୁରୁଷୋତ୍ତମ ସର୍ବବ୍ୟାପି, ସାର୍ବଭୌମ୍ୟ, ନିରାକାର । ତାଙ୍କର ଆରମ୍ଭ ନାହିଁ କି ଅନ୍ତ ନାହିଁ । ସେ ଅନାଦି ସେ ଅଶେଷ । ପୁଣି ତାଙ୍କର ଯେଉଁ ଦୁଇଟି ବାହୁର କଳ୍ପନା କରାଯାଇଛି ତାହା ସମାନ୍ତରାଳ । ଦୁଇ ସମାନ୍ତରାୟ ସରଳ ଲେଖାରେ ମିଳନ ଏକ ଅନନ୍ତ ବିନ୍ଦୁରେ ।

ଜଗନ୍ନାଥଙ୍କ ପରମ ଓ ଚରମ ସତ୍ତ୍ୱ ସେହି ସେହି ଅନନ୍ତ ବିନ୍ଦୁରେ ହିଁ ଉପଲବ୍ଧି କରିହୁଏ । ସେ ଅରୂପ ପୁଣି ସ୍ୱରୂପ । ସେ ନିର୍ଗୁଣ ପୁଣି ସଗୁଣ ।

ବହୁ ରୂପରେ ତାଙ୍କର ପରିକଳ୍ପନା । ବିଶ୍ୱର ତେତିଶି କୋଟି ଦେବାଦେବୀଙ୍କ ମଧ୍ୟରେ ଜଗନ୍ନାଥଙ୍କର ନୀତିକାନ୍ତି ସ୍ୱତନ୍ତ୍ର ଏବଂ ସର୍ବଶ୍ରେଷ୍ଠ । ଆଉ କୌଣସି ଦେବତାଙ୍କର ଏପରି ମାନବୀୟ ଲୀଳା ଦେଖିବାକୁ ଏ ବିଶ୍ୱ ବ୍ରହ୍ମାଣ୍ଡରେ ମିଳିନଥାଏ ।

ବୈଷ୍ଣବ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ବିଷ୍ଣୁ ରୂପରେ । ବୌଦ୍ଧ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ବୁଦ୍ଧ ରୂପରେ । ଶୈବ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ଶିବ ରୂପରେ । ଗାଣପତ୍ୟ ଭକ୍ତ ମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଗଣପତି ରୂପରେ । ତେଣୁ ମହାପ୍ରଭୁ ଜଗନ୍ନାଥ ନିର୍ଦ୍ଦିଷ୍ଟ ସୀମା ବା ରୂପରେ ଆବଦ୍ଧ ନୁହନ୍ତି । ଗୋଟିଏ ବଳୟ ଭିତରେ ଗୋଟିଏ ନିର୍ଦ୍ଦିଷ୍ଟ ପରିସୀମା ଭିତରେ ମହାପ୍ରଭୁ କାଳିଆ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସାଆନ୍ତଙ୍କର ସ୍ଥିତି କଳ୍ପନା କରିବା ଅସମ୍ଭବ । ଜଗନ୍ନାଥ ହେଉଛନ୍ତି ବଡ଼ ଠାକୁର, ଜଗନ୍ନାଥଙ୍କର ଦେଉଳ ହେଉଛି ବଡ଼ ଦେଉଳ, ଜଗନ୍ନାଥଙ୍କ ଦାଣ୍ଡ ହେଉଛି ବଡ଼ ଦାଣ୍ଡ, ପଣ୍ଡା ହେଉଛି ବଡ଼ ପଣ୍ଡା, ତାଙ୍କର ଦୀପ ହେଉଛି ମହାଦୀପ, ତାଙ୍କର ଉଦଧି ହେଉଛି ମହା ଉଦଧି (ମହୋଦଧି), ତାଙ୍କର ଶକ୍ତି ହେଉଛନ୍ତି ମହାଲକ୍ଷ୍ମୀ, ତାଙ୍କର ପ୍ରସାଦ ହେଉଛି ମହା ପ୍ରସାଦ । ତେଣୁ ଜଗନ୍ନାଥଙ୍କ ଚେତନା ଭିତରେ ନାହିଁ ସଂକୀର୍ଣ୍ଣତା, ନାହିଁ ଅହମିକା, ନାହିଁ ଅହଂକାର, ନାହିଁ ଉଚ୍ଚନୀଚ, ବଡ଼ସାନର ଭେଦଭାବ ।

ଶ୍ରୀକ୍ଷେତ୍ର, ସୁଭଦ୍ରା, ବଳଭଦ୍ର, ସୁଦର୍ଶନଙ୍କ ନାମ ଭିତରେ ରହିଛି ସୁସୁନ୍ଦର, ଶିବ ବା ଶୁଭର ସୂଚନା । ନୀଳଚକ୍ର ଚିରନ୍ତନ ସତ୍ୟ ଓ ନ୍ୟାୟର ପ୍ରତୀକ ଢକାଳିଆ ସାଆନ୍ତଙ୍କ ସିଂହଦୁଆରରୁ କୌଣସି ଭକ୍ତ ଖାଲି ହାତରେ ଫେରିନି । ମହାପ୍ରଭୁ ପାଖରେ ଧନୀ, ଗରିବ ସମସ୍ତେ ସମାନ । ସମସ୍ତଙ୍କର ମନସ୍କାମନା ପୂର୍ଣ୍ଣ କରିଛନ୍ତି ଦରଦୀ ଠାକୁର, ଦୀନବନ୍ଧୁ, ଅନାଥର ନାଥ, ଜଗତର ନାଥ ବଡ଼ ଠାକୁର ଜଗନ୍ନାଥ ।

ମହାପ୍ରଭୁ କାଳିଆ ସାଆନ୍ତଙ୍କ ଦିବ୍ୟ ଲୀଳାକୁ ଆମ ପରି ସାଧାରଣ ରକ୍ତ ମାଂସ ଧାରୀ ମନୁଷ୍ୟ ବୁଝିବା ଅସମ୍ଭବ । ବିଶ୍ୱ ବ୍ରହ୍ମାଣ୍ଡର ସର୍ବଶ୍ରେଷ୍ଠ ଯାତ୍ରା ଘୋଷଯାତ୍ରାର ଯେଉଁ ଈଶ୍ୱରୀୟ ବାର୍ତ୍ତା ରହିଛି ତାହା ଆମ ମାନବ ସମାଜ ପାଇଁ ଅତୀବ ଉପାଦେୟ । ମହାପ୍ରଭୁ କାଳିଆ ସାଆନ୍ତଙ୍କ ପାଖରେ ଧନୀ, ଗରିବ, ଉଚ୍ଚ, ନୀଚର ଭେଦଭାବ ନଥାଏ । ଏ ବିଶ୍ୱବ୍ରହ୍ମାଣ୍ଡର ମାଲିକ ଜଗନ୍ନାଥ । ସମସ୍ତଙ୍କ ଦୁଃଖ ବୁଝନ୍ତି ସେ ।

ଏ ବିଶ୍ୱବ୍ରହ୍ମାଣ୍ଡରେ କେହିବି ଅନାଥ, ନିରାଶ୍ରୟ ନହୁଅନ୍ତୁ ଏହି ଆଶ୍ୱାସନା ମିଳେ ଜଗନ୍ନାଥଙ୍କ ନାମ ଭିତରେ । ଜାତିବର୍ଣ୍ଣ, ଧର୍ମ ନିର୍ବିଶେଷରେ ମହାପ୍ରଭୁ ଚକାଡୋଳା ଅନନ୍ତକୋଟି ବ୍ରହ୍ମାଣ୍ଡ ନାୟକ ଜଗତର ନାଥ ଜଗନ୍ନାଥ ଦର୍ଶନ ଦିଅନ୍ତି ରଥଯାତ୍ରାରେ । ସ୍ନେହ, ପ୍ରେମ, ଭାତୃତ୍ୱ, ବଳିଦାନ, ଭଲପାଇବା, ମାନବିକତା, ତ୍ୟାଗର ବାର୍ତ୍ତା ମିଳେ ରଥଯାତ୍ରାରେ । ଯେଉଁଠି ସ୍ୱାର୍ଥପର ଅହଂଙ୍କାରୀ ମନୁଷ୍ୟ ପୁଳା ପୁଳା ଟଙ୍କା ବାଟି ବାଟି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମ୍ପତ୍ତି ପାଇଁ ନିଜର ଜନ୍ମଦାତା ପିତା, ଜନ୍ମଦ୍ରାତ୍ରୀ ମାତା, ବନ୍ଧୁ, ପରିଜନକୁ ହତ୍ୟା କରିବାକୁ ପଛଘୁଞ୍ଚା ଦେଉନାହିଁ, ସେଠି ମହାପ୍ରଭୁ ଜଗନ୍ନାଥଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ଜୀବନକୁ ଶୃଙ୍ଖଳିତ କରିପାରିଲେ ମାନବ ସମାଜ ପାଇଁ ଏହା ଏକ ବରଦାନ ସାବ୍ୟସ୍ତ ହେବ । ନିଜର ମାନ, ଅଭିମାନ, ରାଗ, ହିଂସା, କ୍ରୋଧ, ଘୃଣା ଭାବକୁ ପରିତ୍ୟାଗ କରି "ମଣିଷପଣିଆ" ହିଁ ସର୍ବଶ୍ରେଷ୍ଠ ଏହାକୁ ସମଗ୍ର ମାନବଜାତି ଅନୁଭବ କରିବାର ସମୟ ଆସିଛି । ଏହାକୁ ବୁଝିବାକୁ ହେବ ଯେ ନିୟତିର ନିଷ୍ପତ୍ତି ନିକଟରେ ସମଗ୍ର ମାନବଜାତି ଦୁର୍ବଳ ଏବଂ ଅସହାୟ । ଆମକୁ ନିଜର ଅହଂକାର ପରିତ୍ୟାଗ କରିବାକୁ ପଡିବ । ମହାପ୍ରଭୁ କାଳିଆ ସାଆନ୍ତଙ୍କ ଚରଣଆଶ୍ରିତ ଏବଂ ଏବଂ ନତମସ୍ତକ ହେବାକୁ ପଡିବ । ମହାପ୍ରଭୁ ଅନାଥର ନାଥ କାଳିଆ ସାଆନ୍ତଙ୍କ ବିନା ସମଗ୍ର ମାନବଜାତିର ପରିକଳ୍ପନା କରିବା ଅସମ୍ଭବ ଏହାକୁ ବିଶ୍ୱବ୍ରହ୍ମାଣ୍ଡରେ କେହି ଭି ଅସ୍ୱୀକାର କରିପାରିବେ ନାହିଁ ।

ଆଶୁତୋଷ ନାୟକ

ମୋବାଇଲ-୭୦୨୦୬୧୧୩୦୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

ପଙ୍କଜ କୁମାର ପାଣିଗ୍ରାହୀ



ଆମ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ନବୀକରଣ କହିଲେ ଅତ୍ୟୁକ୍ତି ହେବନାହିଁ ଯାହା ଏହି କିଛି ମାସ ହେବ କରାଯାଇଅଛି । କିନ୍ତୁ ସେହି ନୂତନ ଢାଞ୍ଚାର ପ୍ରଭାବ କିଛି ଅଛି ନା ଏହା କେବଳ ଦର୍ଶନୀ, ବୁଝିବା କଷ୍ଟ ହୋଇ ପଡୁଛି ଆମ ପାଖରେ ! କାରଣ ସମଗ୍ର ସାଢେ ଚାରି କୋଟି ରାଜ୍ୟବାସୀ ଦେଖୁଛନ୍ତି, ବୁଝୁଛନ୍ତି ଯେ ପୀଡିତ, ପୀଡ଼ିତାଙ୍କ ସମସ୍ୟା ସମାଧାନ କରୁଛନ୍ତି ଆମ ସ୍ୱଚ୍ଛ ଉଦାରଶୀଳ ମାନ୍ୟବର ମୁଖ୍ୟମନ୍ତ୍ରୀ ।  ସମସ୍ତେ କିନ୍ତୁ ସେଠାକୁ ଯାଇ ଅଭିଯୋଗ କରିବା ସମ୍ଭବ ହେବ ନାହିଁ ।  ଗୋଟିଏ ଥରରେ ୧୦୦୦ ଲେଖାଏଁ ମୋଟ ହୁଏତ ୨୫୦୦୦୦ ଲୋକଙ୍କ ଗୁହାରି କେବଳ ଶୁଣି ପାରିବେ ମାନ୍ୟବର ମୁଖ୍ୟମନ୍ତ୍ରୀ ଯଦି ଏହା ତାଙ୍କର କାର୍ଯ୍ୟକାଳ ୫ ବର୍ଷ ପର୍ଯ୍ୟନ୍ତ ଚାଲେ ।  କିନ୍ତୁ କାହାର ସମସ୍ୟା ସମାଧାନ ହେଉଛି କି ନାହିଁ ସେସବୁ ଜାଣିବା ସମଗ୍ର ସାଢେ ଚାରି କୋଟି ରାଜ୍ୟବାସୀଙ୍କ ନିକଟରେ ସମ୍ଭବ ହେବନାହିଁ । ତଥାପି ସମସ୍ତେ ବୁଝୁଛନ୍ତି ଯେ ଆମ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣୁଛନ୍ତି ଯାହା ପୂର୍ବ ସରକାରରେ ହେଉନଥିଲା ।

ଏହି ପ୍ରସଙ୍ଗରେ ଆମ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଉପରେ ଏକ ବିଶେଷ ଉପସ୍ଥାପନା...

ମହାଶୟ ଆପଣମାନେ ସମସ୍ତଙ୍କୁ ଏଠାରେ କହିବା ଆବଶ୍ୟକ ନୁହେଁ ବରଂ ସମସ୍ତଙ୍କୁ ଗୋଚର ଅଛି ଯେ ଆଜିକୁ ପ୍ରାୟ ଦୁଇ ଦଶନ୍ଧିରୁ ଊର୍ଦ୍ଧ ସମୟ ଧରି ଆମ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ସମ୍ପୂର୍ଣ୍ଣ ନିରବ / ସ୍ଥାଣୁ ଅବସ୍ଥାରେ ରହି ଆସୁଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହା ସମସ୍ତେ ଜାଣନ୍ତି । ମୁଁ ମଧ୍ୟ ଥରେ ଦୁଇଥର ଯାଇ ଦେଖିଛି ଯେ ମୁଖ୍ୟମନ୍ତ୍ରୀ କ'ଣ, କୌଣସି ଜଣେ ଉଚ୍ଚ ପଦସ୍ଥ ଅଧିକାରୀ ମଧ୍ୟ ସେଠାରେ ଦେଖିବାକୁ ମିଳୁନଥିଲେ ! କେବଳ କିଛି ସରକାରୀ କର୍ମକର୍ତା କାର୍ଯ୍ୟାଳୟଟିକୁ ଚଳଚଂଚଳ କରି ରଖିଥିଲେ ଯେଉଁଠି କୌଣସି କାର୍ଯ୍ୟ କରାଯାଉ ନଥିଲା ।

ଅତ୍ୟନ୍ତ ଆନନ୍ଦର ବିଷୟ ଯେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମାନ୍ୟବର ମୋହନ ଚରଣ ମାଝୀ ଏହି ବିଷୟକୁ ଅତ୍ୟନ୍ତ ଗମ୍ଭୀର ଭାବେ ନେଇଛନ୍ତି । ଏବଂ ସେ ରାଜ୍ୟର ସେହି ଅଭିଯୋଗ ପ୍ରକୋଷ୍ଠଟିକୁ ସକ୍ରିୟ ଚଳଚଂଚଳ କରି କାର୍ଯ୍ୟ ମଧ୍ୟ କରୁଛନ୍ତି । ଅନେକ ପୀଡିତ, ପୀଡିତା ନିଜ ନିଜ ଅଭିଯୋଗ ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପାଖରେ ଉପସ୍ଥାପନ କରୁଥିବା ମଧ୍ୟ କୌଣସି ଅଲୌକିକ ଭାଷଣ ନୁହେଁ ବରଂ ସମ୍ପୂର୍ଣ୍ଣ ସତ୍ୟ । କି'ନ୍ତୁ ଅଭିଯୋଗକାରୀଙ୍କ ସମସ୍ୟା ସମାଧାନ ହେଉଛି କି ନାହିଁ ତାହା ସମ୍ପୂର୍ଣ୍ଣ ସ୍ତରରେ ସାର୍ବଜନୀନ ହୋଇ ପାରୁନାହିଁ କିମ୍ବା ତାହା ମଧ୍ୟ ସମ୍ପୂର୍ଣ୍ଣ ରୂପେ କରିବା ସମ୍ଭବ ନୁହେଁ । ହେଲେ ଅଭିଯୋଗ ଗୁଡିକ ବାସ୍ତବରେ କେତେଦୂର ସଫଳ କାର୍ଯ୍ୟକାରୀ ହେଉଛି ତାରି ଉପରେ ସମଗ୍ର ରାଜ୍ୟବାସୀ ନଜର ରଖିଥିବା ବେଳେ ମୋର ଏକ ବ୍ୟକ୍ତିଗତ ଅନୁଭୂତିକୁ ପରିବେଷଣ କରି ଆପଣ ମାନଙ୍କ ମତାମତ ଆବଶ୍ୟକ କରୁଛି ଏଠାରେ । ପୂର୍ବରୁ ସମ୍ପୂର୍ଣ୍ଣ ଅଚଳ ରହିଥିବା ସେହି ଅଭିଯୋଗ ପ୍ରକୋଷ୍ଠ ଏବଂ ବର୍ତ୍ତମାନର ଚଳଚଞ୍ଚଳତା ମଧ୍ୟରେ ପ୍ରଭେଦ କ'ଣ ରହିଛି ବିଚାର କରି ଦେଖିବେ ଆପଣ । ମାନ୍ୟବର ମୁଖ୍ୟମନ୍ତ୍ରୀ ମଧ୍ୟ ଏହି ପ୍ରସଙ୍ଗକୁ କେମିତି ଦେଖୁଛନ୍ତି, ଦେଖିବେ ତାହା ଆମେ ଦେଖିବା ବାକି ରହିଛି ଭବିଷ୍ୟତରେ ।

ମୋର ଏକ ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଗୋଟିଏ ପ୍ରସଙ୍ଗକୁ ନେଇ ଉପସ୍ଥାପନ କରିଥିଲି ଯାହା ସମ୍ପୃକ୍ତ ଅଭିଯୁକ୍ତ ଅଧିକାରୀଙ୍କ ପାଖକୁ ପ୍ରେରଣ କରିଦିଆଗଲା ଏବଂ ସମ୍ପୃକ୍ତ ଅଭିଯୁକ୍ତ ଅଧିକାରୀ ମୋର ଅଜ୍ଞାତରେ / କୌଣସି ତଦନ୍ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନକରି ମୋ ବିରୁଦ୍ଧରେ ବ୍ୟାପକ ମିଥ୍ୟା ତଥ୍ୟ ଦେଇ ଆମ ମୁଖ୍ୟମନ୍ତ୍ରୀଙ୍କ ମୁହଁକୁ କଳା କରିବାରେ ସକ୍ଷମ ହୋଇପାରିଲେ । ଏବଂ ମୋତେ ଯେତିକି କଷ୍ଟ ଦେଇଥିଲେ ତାଠାରୁ ଯଥେଷ୍ଟ ଅଧିକ କଷ୍ଟ ଦେଇ ମୃତ ସମାନ ସ୍ତରରେ ଆଣି ପହଂଚାଇ ଦେଇପାରିଲେ ବିଭିନ୍ନ ସ୍ତରରେ ମିଥ୍ୟା ତଥ୍ୟ ଦେଇ ! ତା'ପରେ ମୋର ଧର୍ମପତ୍ନୀ ସମ୍ପୃକ୍ତ ବିଭାଗୀୟ ଶାସନ ସଚିବଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିବା ପରେ ମଧ୍ୟ ତାହାର ସ୍ଥିତି କ'ଣ ରହିଛି ଅନ୍ୟୁନ ୪ ମାସ ହେବ ଏପର୍ଯ୍ୟନ୍ତ ତାଙ୍କୁ କିଛି କୁହାଯାଇ ନାହିଁ କିମ୍ବା କୌଣସି ତଦନ୍ତ କରାଯାଇ ନାହିଁ ! କି'ନ୍ତୁ କୌଣସି ସୂତ୍ରରୁ ଖବର ମିଳିଛି ଯେ ତା ଉପରେ ମଧ୍ୟ ସମ୍ପୃକ୍ତ ଅଧିକାରୀ କେବଳ ନିଜ ସ୍ତରରେ ବିଭିନ୍ନ ମିଥ୍ୟା ତଥ୍ୟ ପ୍ରସ୍ତୁତ କରି ଉଚ୍ଚାଧିକାରୀଙ୍କୁ ପ୍ରଦାନ କରିଛନ୍ତି ଯେଉଁଥିରେ ସରକାରୀ କଳ ସନ୍ତୁଷ୍ଟ ! ଅଭିଯୋଗକାରୀ କି'ନ୍ତୁ ଆଶାତୀତ ଯନ୍ତ୍ରଣାଦାୟୀ ଅବସ୍ଥାରେ ରହିଛନ୍ତି ଏପର୍ଯ୍ୟନ୍ତ ।

ପୁନର୍ବାର ମୋର ଏକ ପଟ୍ଟା ଜମିକୁ ଚିହ୍ନଟ କରି ଦେବାରେ ବିଫଳ ଛତ୍ରପୁର ତହସିଲଦାରଙ୍କ ନିଷ୍କ୍ରିୟତା ଉପରେ ଅଭିଯୋଗ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମୁଁ ଉପସ୍ଥିତ ହେଲି ଡ଼ିସେମ୍ବର ୩୦. ୨୦୨୪ରେ । ସେହିଦିନ ସମ୍ପୃକ୍ତ ଅଭିଯୋଗଟି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିବା ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଉପରେ ଏକ ଅଭିଯୋଗ ପତ୍ର ମଧ୍ୟ ଦାଖଲ କଲି । ଦୁର୍ଭାଗ୍ୟକୁ ମୁଖ୍ୟମନ୍ତ୍ରୀଙ୍କ ସହିତ ସାକ୍ଷାତ କରିବାରୁ ବଂଚିତ ରହି କେହି ଜଣେ ପଦସ୍ଥ ଅଧିକାରୀଙ୍କୁ ଦେଇଥିବା ସେହି ଅଭିଯୋଗ ଉପରେ ସେ ମତ ରଖିଲେ ଯେ ମହାଶୟ ଆପଣ ଯାହା ଚାହୁଁଛନ୍ତି ସେମିତି କେବେ ହେବା ସମ୍ଭବ ନୁହେଁ ।

ଜୀବନରେ କେବେହେଲେ କୌଣସି ଅସାମାଜିକ, ଅମାନବୀୟ, ସ୍ୱାର୍ଥବାଦୀ କାର୍ଯ୍ୟ କରିନଥିବା ଜଣେ ମଣିଷ କ'ଣ ଚାହୁଁଛି ଯେ ତାହା ହେବନାହିଁ ମୁଁ ସେଠାରେ ବୁଝି ପାରିନଥିଲି ! କି'ନ୍ତୁ ତାଙ୍କର ସେହି କଥାକୁ ଦୋହରାଇ ଦୁଇ ଦିନ ପରେ ତାର ଉତ୍ତର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାଇଲି ଯେ ମୁଁ ଯାହା କହୁଥିଲି ଯେ ମୁଖ୍ୟମନ୍ତ୍ରୀ ଅଭିଯୋଗ ଗୁଡିକ ସମ୍ପୃକ୍ତ ଜିଲ୍ଲାପାଳଙ୍କୁ ପଠାଇ ଦେଉଛନ୍ତି ଏବଂ ଜିଲ୍ଲାପାଳ ସମ୍ପୃକ୍ତ ଅଭିଯୁକ୍ତ ଅଧିକାରୀଙ୍କ ପାଖକୁ, ଯଦ୍ୱାରା ସାର୍ଥକ ନ୍ୟାୟ ମିଳିବା ତ ଦୂର ବରଂ ଅଭିଯୋଗକାରୀଙ୍କ ସମସ୍ୟା ଶତଗୁଣିତ ହେଉଛି ସମାଧାନ ହେବା ପରିବର୍ତେ । ତେଣୁ ଏହାର ବିକଳ୍ପ ସମ୍ଭବ ନାହିଁ ବୋଲି ସେ ମୋତେ କହିଥିଲେ । ତାହେଲେ ଏହି ଅଭିଯୋଗ ପ୍ରକୋଷ୍ଠର ଅର୍ଥ କ'ଣ ଏପର୍ଯ୍ୟନ୍ତ ମୋତେ ଅବୁଝା ରହିଛି ! ଏହା ମୁଁ  କେବଳ ମୋର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କହି ନଥିଲି ବରଂ ଗଣତାନ୍ତ୍ରିକ ସମାଜର ସମସ୍ତ ସଚେତନ ନାଗରିକଙ୍କ ସ୍ୱାର୍ଥ ଉଦ୍ଦେଶ୍ୟରେ କହିଥିଲି ଯାହା ଅସମ୍ଭବ ବୋଲି ମୋତେ ଉତ୍ତର ମିଳିଲା ।

ମୋର ଏହି ପ୍ରସଙ୍ଗର ଜ୍ୱଳନ୍ତ ଉଦାହରଣ ତଥା ଅଦ୍ୟାବଧି ସମସ୍ୟାର ସମାଧାନ ନହୋଇ ବରଂ ସମସ୍ୟା ଗୁଣାତ୍ମକ ହୋଇଥିବା ସତ୍ୟ ଘଟଣାକୁ ଦେଖି ବିଚାର କରିବା ଯେ ପୂର୍ବରୁ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣୁନଥିଲେ ଆଉ ବର୍ତ୍ତମାନ  ମୁଖ୍ୟମନ୍ତ୍ରୀ ଶୁଣି ଆମର ଭଲ ହୋଇଛି ନା ମନ୍ଦ ?!!

ମୋର ପୂର୍ବ ଅଭିଯୋଗ ଉପରେ କୌଣସି ତଦନ୍ତ ନକରି ତଥା ନିଜ ସ୍ତରରେ ରିପୋର୍ଟ ପ୍ରସ୍ତୁତ କରି ପ୍ରଦାନ କରାଯାଇଥିବା ଅନୁରୂପ ଢଙ୍ଗରେ  ଛତ୍ରପୁର ତହସିଲଦାର ମଧ୍ୟ ସମ୍ପୂର୍ଣ୍ଣ ମିଥ୍ୟା ତଥ୍ୟ ଦେଇ ସରକାରଙ୍କୁ ସନ୍ତୁଷ୍ଟ କରିଛନ୍ତି ଯାହାର ପ୍ରମାଣ ରହିଛି ମୋ ପାଖରେ । ତଦ୍ୱାରା ମୋର ବ୍ୟାପକ କ୍ଷତି ହେଉଛି ଏବଂ ମୋର ଜୀବନ ଯନ୍ତ୍ରଣାର ସୀମା ନାହିଁ । ତଥାପି କେହି ଶୁଣିବାକୁ ନାହାଁନ୍ତି ଏଠାରେ । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯିବା ପୂର୍ବରୁ ଏବଂ ତାପୃରବର୍ତୀ ସମୟ ଗୁଡିକରେ ଜିଲ୍ଲା ସ୍ତରୀୟ ସମସ୍ତ ଅଧିକାରୀ ତଥା ଉପ - ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ରାଜସ୍ୱ ଡ଼ିଭିଜନାଲ କମିଶନରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଦ୍ୱାରସ୍ତ ହୋଇ ସମ୍ପୂର୍ଣ୍ଣ ଲିଖିତ ଅଭିଯୋଗ ଦାଖଲ କରିବା ପରେ ମଧ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ ଶୂନ୍ୟ ! ଏହି ପରିପ୍ରେକ୍ଷୀରେ ପୂର୍ବତନ ସରକାରଙ୍କ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ଶୁଣାଣି ହେଉନଥିବା ଏବଂ ବର୍ତ୍ତମାନ ଶୁଣାଯାଉଥିବା ମଧ୍ୟରେ ପାର୍ଥକ୍ୟ କ'ଣ ଏବଂ କେଉଁଟା ଉତ୍ତମ ଥିଲା ବିଚାର କରିବେ ଜନସାଧାରଣ । ଏହି ଅମାନୁଷିକ ଅତ୍ୟାଚାର କେବଳ ମୋ ପାଇଁ ନା ଆଉ କେହି ଭୋଗିଛନ୍ତି ତାଙ୍କ ଅନୁଭୂତି ପ୍ରକଶ ପୂର୍ବକ ସମଗ୍ର ରାଜ୍ୟବାସୀଙ୍କୁ ସଚେତନ କରିବା ହୁଅନ୍ତୁ ଭୁକ୍ତଭୋଗୀ ବୋଲି ଆମର ଆହ୍ୱାନ ।

ମୋର ସେହି ପୂର୍ବ ପ୍ରସଙ୍ଗ ଉପରେ ଦୁଇଥର ପ୍ରଧାନମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ ଆମ ରାଜ୍ୟ ସରକାର ତଥା ମୁଖ୍ୟ ଶାସନ ସଚିବଙ୍କୁ ପତ୍ରାଳାପ ହୋଇଥିବା ବେଳେ ତାକୁ ସମ୍ପୂର୍ଣ୍ଣ ବେଖାତିରି କରି କୌଣସି ପଦକ୍ଷେପ ନିଆଯାଇ ନଥିଲା ପୂର୍ବ ସରକାରଙ୍କ ସମୟରେ ! ଆଉ ସେହି ସରକାରୀ ଅଧିକାରୀଗଣ ଆମ ବର୍ତମାନ ମୁଖ୍ୟମନ୍ତ୍ରୀଙ୍କୁ ବେଖାତିରି କରି ମୋ କାର୍ଯ୍ୟ କରୁନଥିବା କୌଣସି ନୂଆ କଥା ନୁହେଁ ମୋ ପାଇଁ ! ତଥାପି ଆମେ ଅଶାର ଆଲୋକ ଅନ୍ୱେଷଣରେ ସର୍ବଦା ରହିଛୁ ହୁଏତ କେହି ଆମର ନ୍ୟାର୍ଯ୍ୟ ଦାବି ତଥା ୧୦୦ ଶତକଡା ନ୍ୟାୟସଂବଳ ଅଭିଯୋଗ ଉପରେ କୌଣସି ପଦକ୍ଷେପ ନେବେ ପରା ବୋଲି । କିନ୍ତୁ କିଛି ହେଉନାହିଁ । ଏହାକୁ କେବଳ ଆମ ରାଜ୍ୟ ସରକାରଙ୍କ ବିଫଳତା ବୋଲି କୁହା ଯାଇପାରିବ ନା ସମଗ୍ର ଦେଶ ଆଜି ବିପଦରେ ବି·ର କରିବେ ସୁଧିଜନେ । ଆଉ କେହି ଅଛନ୍ତି ଏବଂ ଆମେ ନ୍ୟାୟ ପାଇବା କିପରି ପ୍ରଶ୍ନବାଚୀ ସୃଷ୍ଟି କରୁଛି ମନରେ । ନା ଏମିତି ପ୍ରତାରଣରେ ହିଁ ଆମ ଜୀବନ ଚାଲିଯିବ ଦେଖିବାକୁ ବାକି ରହିଲା ଯେ ପ୍ରକୃତରେ କେତେ ସ୍ୱଚ୍ଛ ଆମେ ଓ ଆମ ଦେଶ ସମ୍ବିଧାନ ଯେ ଏହା ଏକ ଗଣତନ୍ତ୍ର ରାଷ୍ଟ୍ର ନା କଠୋର ଦମନଶୀଳ ରାଷ୍ଟ୍ର ? ! !

ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜମ-୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭.



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଇନ୍‌ଷ୍ଟାଇନଙ୍କ ମସ୍ତିଷ୍କ

ଅସିତ ମହାନ୍ତି



ଏପ୍ରିଲ୍ ୧୮, ୧୯୫୫ରେ ଆଇନଷ୍ଟାଇନ୍ ଙ୍କ ମୃତ୍ୟୁ ବୋଧହୁଏ ଶତାବ୍ଦୀର ସବୁଠାରୁ ବଡ ଘଟଣା ଥିଲା, କାରଣ ବିଂଶ ଶତାବ୍ଦୀରେ ପ୍ରଥମ ଥର ପାଇଁ ଏତେ ମହାନ ବୈଜ୍ଞାନିକ ମୃତ୍ୟୁବରଣ କରିଥିଲେ । ଆଇନଷ୍ଟାଇନ୍ ୭୬ ବର୍ଷ ବୟସରେ ପେଟ ଜନିତ ରୋଗରେ ମୃତ୍ୟୁବରଣ କରିଥିଲେ । ତାଙ୍କ ଇଚ୍ଛା ଅନୁଯାୟୀ, ତାଙ୍କ ଶବକୁ ଉପଯୁକ୍ତ ଢଙ୍ଗରେ ଦାହ କରାଯାଇଥିଲା ଏବଂ ତାଙ୍କ ଚିତାଭସ୍ମକୁ ଏକ ଅଜ୍ଞାତ ସ୍ଥାନରେ ବିସର୍ଜନ କରାଯାଇଥିଲା । ତଥାପି ! ଏଥିରେ ଏକ ଟ୍ୱିଷ୍ଟ ଥିଲା, ତାଙ୍କ ମନ ତାଙ୍କ ଇଚ୍ଛା ବିରୁଦ୍ଧରେ ? ମୃତଦେହରେ ନିଆଁ ଲାଗିନଥିଲା । କୁହାଯାଏ ଯେ ତାଙ୍କ ମସ୍ତିଷ୍କ ଆଜି ମଧ୍ୟ ସଂରକ୍ଷିତ ହୋଇ ରହିଛି । ସୂତ୍ର ଅନୁଯାୟୀ, ତାଙ୍କ ମୃତ୍ୟୁର ତୁରନ୍ତ ପରେ, ଆମେରିକାର ଜଣେ ଡାକ୍ତର ତାଙ୍କ ମସ୍ତିଷ୍କକୁ ଶରୀରରୁ ବାହାର କରି ଏକ ଅଜ୍ଞାତ ସ୍ଥାନରେ ରଖିଥିଲେ । ପରେ ତାଙ୍କ ମସ୍ତିଷ୍କକୁ ୨୪୦ଟି ଛୋଟ ଛୋଟ ଅଂଶରେ କାଟି ସମଗ୍ର ବିଶ୍ୱର ବୈଜ୍ଞାନିକମାନଙ୍କୁ ଦିଆଯାଇଥିଲା । କିଛି ଲୋକ କହନ୍ତି ଯେ ଆଇନଷ୍ଟାଇନ୍‌ଙ୍କ ମସ୍ତିଷ୍କର ଅଧିକାଂଶ ଭାଗ ଗତ ୪୦ ବର୍ଷ ଧରି ଗୋଟିଏ ଡାକ୍ତରଙ୍କ ପାଖରେ ଥିଲା ଏବଂ ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଏହି ବିଷୟରେ କାହାରି ପାଖରେ କୌଣସି ଖବର ନଥିଲା । ତଥାପି, ୨୪୦ଟି ଅଂଶ ମଧ୍ୟରୁ ପ୍ରାୟ ୧୭୦ଟି ବର୍ତ୍ତମାନ ଏକ ଆମେରିକୀୟ ବିଶ୍ୱବିଦ୍ୟାଳୟକୁ ହସ୍ତାନ୍ତର କରାଯାଇଛି । ଆଉ ଏକ ମଜା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଥା ହେଉଛି ଯେ ଆଇନଷ୍ଟାଇନ୍‌ଙ୍କ ମସ୍ତିଷ୍କର ୪୬ଟି ସ୍ଲାଇସ୍ (କେଶ ପରି ପତଳା) ବର୍ତ୍ତମାନ ଆମେରିକୀୟ ସଂଗ୍ରହାଳୟରେ ରଖାଯାଇଛି, ଯାହାକୁ ସାରା ବିଶ୍ୱରୁ ଲୋକମାନେ ଦେଖିବାକୁ ଆସନ୍ତି ! ଏହି ସବୁ ଘଟଣା କିଛି ଦିନ ତଳେ ଘଟିଥିଲା । ମସ୍ତିଷ୍କର ଅନ୍ୟ ଅଂଶଗୁଡ଼ିକ କେଉଁଠି ଅଛି ? : - ଆଇନଷ୍ଟାଇନ୍‌ଙ୍କ ମସ୍ତିଷ୍କର ଅଧିକାଂଶ ଅଂଶ ସଂଗ୍ରହାଳୟ ଏବଂ ଏକ ଆମେରିକୀୟ ବିଶ୍ୱବିଦ୍ୟାଳୟ ସହିତ ଅଛି, କିନ୍ତୁ ଏକ ମଜାଦାର କଥା ହେଉଛି ମସ୍ତିଷ୍କର ପ୍ରାୟ ୭୦ -୮୦ ଅଂଶ ଏପର୍ଯ୍ୟନ୍ତ ନିଖୋଜ ଅଛି । ଅର୍ଥାତ୍, ଲୋକମାନେ ଏପର୍ଯ୍ୟନ୍ତ ଏହି ଅଂଶଗୁଡ଼ିକ ବିଷୟରେ କିଛି ଜାଣନ୍ତି ନାହିଁ । ଏବେ ଲୋକଙ୍କ ମନରେ ପ୍ରଶ୍ନ ନିଶ୍ଚୟ ଆସୁଛି ଯେ ମାନବ ସଭ୍ୟତାର ବୋଧହୁଏ ସବୁଠାରୁ ଲୋକପ୍ରିୟ ମସ୍ତିଷ୍କର ଏତେ ଖଣ୍ଡ କାହିଁକି କରାଯାଇଛି, ତେବେ ବର୍ତ୍ତମାନ ସେଗୁଡ଼ିକ କିପରି ଅଦୃଶ୍ୟ ହୋଇଗଲା । ଅନେକ ବୈଜ୍ଞାନିକ କହିଛନ୍ତି ଯେ ଆଇନଷ୍ଟାଇନ୍‌ଙ୍କ ମନରେ ଏକ ଭିନ୍ନ ଗୁଣ ଥିଲା, ଯାହା କେବଳ ଏକ ପୁଙ୍ଖାନୁପୁଙ୍ଖ ବୈଜ୍ଞାନିକ ବିଶ୍ଳେଷଣ ଦ୍ୱାରା ଚିହ୍ନଟ କରାଯାଇପାରିବ । ଜଣେ ବ୍ୟକ୍ତି ତାଙ୍କ ସମଗ୍ର ଜୀବନରେ ମସ୍ତିଷ୍କ ପରି ଏକ ଜଟିଳ ଅଙ୍ଗର ଗୁଣାବଳୀକୁ କ୍ୱଚିତ୍ ଆବିଷ୍କାର କରିପାରିଲେ । ତେଣୁ କୁହାଯାଏ ଯେ ଅନେକ ବୈଜ୍ଞାନିକଙ୍କୁ ନେଇ ଗଠିତ ଏକ ବୈଜ୍ଞାନିକ ଦଳ ଆଇନଷ୍ଟାଇନ୍ ଙ୍କ ମନ ସହିତ ଜଡିତ ରହସ୍ୟଗୁଡ଼ିକୁ ସମାଧାନ କରିବାକୁ ଚେଷ୍ଟା କରୁଥିଲେ । ଆଇନଷ୍ଟାଇନ୍‌ଙ୍କ ମସ୍ତିଷ୍କର ଅନେକ ଚିତ୍ର ଅଛି ! : - ଆଇନଷ୍ଟାଇନ୍ ଙ୍କ ମସ୍ତିଷ୍କକୁ ତାଙ୍କ ଶରୀରରୁ ବାହାର କରିଥିବା ସେହି ଡାକ୍ତର ଆଇନଷ୍ଟାଇନ୍‌ଙ୍କ ମସ୍ତିଷ୍କର ଅନେକ ଫଟୋ ଉଠାଇଥିଲେ । ଏବେ ଏତେ ବର୍ଷ ପରେ, ଆମେ ସେହି ସମାନ ଫଟୋ ଦେଖିବାକୁ ପାଉଛୁ । ତେବେ ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଆଇନଷ୍ଟାଇନ୍‌ଙ୍କ ଶେଷ ଇଚ୍ଛା ବିରୁଦ୍ଧରେ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଡାକ୍ତର ପ୍ରଥମେ ତାଙ୍କ ମସ୍ତିଷ୍କ ବାହାର କରିଥିଲେ, ତା 'ପରେ ଆଇନଷ୍ଟାଇନ୍‌ଙ୍କ ପରିବାରକୁ କିଛି ନକହି, ତାଙ୍କ ମସ୍ତିଷ୍କକୁ ଅନେକ ପତଳା ଖଣ୍ଡରେ କାଟି ସମଗ୍ର ବିଶ୍ୱର ବୈଜ୍ଞାନିକମାନଙ୍କୁ ପଠାଇଥିଲେ ।

କିଛି ଲୋକ କହିଛନ୍ତି ଯେ ଆଇନଷ୍ଟାଇନ୍‌ଙ୍କ ମସ୍ତିଷ୍କ ନମୁନା ଏପର୍ଯ୍ୟନ୍ତ ଆମେରିକା ଏବଂ କାନାଡାର ଅନେକ ଡାକ୍ତରଖାନାର ବନ୍ଦ ପରୀକ୍ଷାଗାର ଭିତରେ ଅଛି । ସୂତ୍ର ଅନୁଯାୟୀ, ଆଇନଷ୍ଟାଇନ୍‌ଙ୍କ ମସ୍ତିଷ୍କର ଅନେକ ନମୁନା ଆମେରିକାର ପାର୍କିଂ ସ୍ଥାନରେ ପାର୍କିଂ ହୋଇଥିବା କିଛି କାର୍ ଭିତରେ ମଧ୍ୟ ମିଳିଥିଲା । ତେଣୁ ଆପଣ ବୁଝିପାରିବେ ଯେ ଆଇନଷ୍ଟାଇନ୍‌ଙ୍କ ମସ୍ତିଷ୍କ କେତେ ଲୋକଙ୍କ ମଧ୍ୟରେ ବିଭକ୍ତ ହୋଇଥିଲା । ଯେତେବେଳେ ସମସ୍ତ ବୈଜ୍ଞାନିକ ଆଇନଷ୍ଟାଇନ୍‌ଙ୍କ ମସ୍ତିଷ୍କ ଉପରେ ସେମାନଙ୍କର ସମସ୍ତ ପରୀକ୍ଷଣ କରିଥିଲେ, ଶେଷରେ ମସ୍ତିଷ୍କ ବାହାର କରିଥିବା ଡାକ୍ତର ବର୍ତ୍ତମାନ ମସ୍ତିଷ୍କର ଅବଶିଷ୍ଟ ଅଂଶକୁ ନିଜ ଘରେ ଅନେକ ଜାରରେ ରଖିଥିଲେ ।

ଏହା ମଧ୍ୟ ଏକ ଅଦ୍ଭୁତ କଥା ଯେ ୧୯୯୮ ମସିହା ପର୍ଯ୍ୟନ୍ତ ସେହି ଡାକ୍ତର ଆଇନଷ୍ଟାଇନ୍‌ଙ୍କ ମସ୍ତିଷ୍କର ନମୁନା ଅନେକ ବୈଜ୍ଞାନିକଙ୍କୁ ଦେଇଥିଲେ, କିନ୍ତୁ ଆମେରିକା ସରକାର କିମ୍ବା କୌଣସି ମିଡିଆ ଚ୍ୟାନେଲ ଏହା ବିଷୟରେ ଜାଣିବାକୁ ପାଇ ନଥିଲେ ।

ବଡ଼ ପ୍ରଶ୍ନ ହେଉଛି, ଆଇନଷ୍ଟାଇନ୍‌ଙ୍କ ମସ୍ତିଷ୍କ କେଉଁଠି ଅଛି ? ଆମେ ତାଙ୍କ ମସ୍ତିଷ୍କକୁ ବୁଝିବାକୁ ଚେଷ୍ଟା କରିବା ଆରମ୍ଭ କଲୁ, ସେ ନିଜର ଲକ୍ଷ୍ୟ ହାସଲ କରିବାରେ ସକ୍ଷମ ହେବେ କି ? ଅର୍ଥାତ୍, ଆଇନଷ୍ଟାଇନ୍ ଙ୍କ ମସ୍ତିଷ୍କକୁ ଘେରି ରହିଥିବା ରହସ୍ୟ ଆଜି ସମାଧାନ ହୋଇଛି କି ? ୧୯୮୫ ମସିହାରେ ଆଇନଷ୍ଟାଇନଙ୍କ ମସ୍ତିଷ୍କର ଅନେକ ଫଟୋ ପ୍ରକାଶ ପାଇଥିଲା ଏବଂ ଏହା ସହ ଜଡ଼ିତ ଅନେକ ଗବେଷଣା ରିପୋର୍ଟ ମଧ୍ୟ ଦେଖିବାକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମିଳିଥିଲା । ସେହି ରିପୋର୍ଟ ଅନୁଯାୟୀ, ଆଇନଷ୍ଟାଇନ୍ ଙ୍କ ମସ୍ତିଷ୍କରେ କିଛି ଭିନ୍ନ ଜିନିଷ ଦେଖିବାକୁ ମିଳିଥିଲା । ଯଦି ଆମେ ଜଣେ ସାଧାରଣ ମଣିଷର ମସ୍ତିଷ୍କ ଆଇନଷ୍ଟାଇନ୍ ଙ୍କ ମସ୍ତିଷ୍କ ସହିତ ତୁଳନା କରିବା, ତେବେ ତାଙ୍କ ମସ୍ତିଷ୍କର ସମ୍ମୁଖ ଭାଗରେ ଏକ ଭିନ୍ନ ପ୍ରକାରର ଗ୍ରୋଭ ଥିଲା । ମସ୍ତିଷ୍କର ଏହି ଅଂଶ ସ୍ମୃତି ଏବଂ ଯୋଜନା ପାଇଁ ବ୍ୟବହୃତ ହୁଏ । ଏହା ବ୍ୟତୀତ, ମସ୍ତିଷ୍କର ଅନେକ ଭାଗରେ ସ୍ନାୟୁକୋଷ ସମୂହ ଦେଖିବାକୁ ମିଳିଥିଲା । ବହୁ ସଂଖ୍ୟକ ନ୍ୟୁରୋନର ଉପସ୍ଥିତି ମଣିଷକୁ ଜିନିଷଗୁଡ଼ିକୁ ଅତି ଦ୍ରୁତ ଗତିରେ ପ୍ରକ୍ରିୟା କରଣ କରିବାରେ ସାହାଯ୍ୟ କରେ ଏବଂ ଏହି କାରଣରୁ ଆଇନଷ୍ଟାଇନ୍ ଜଣେ ପ୍ରତିଭା ଥିଲେ ।

ଆବାହକ , ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ

ସୁଜନପୁର , ଯାଜପୁର

୯୪୩୭୨୮୦୨୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କବି ଜୟଦେବ : ଅସାଧାରଣ ପ୍ରତିଭା

ଡଃ ନୀଳାଚଳ ମିଶ୍ର

ଓଡ଼ିଶାର ଅସାଧାରଣ କବି ଜୟଦେବ ତାଙ୍କ ସାହିତ୍ୟ ଜୀବନର ମହାନ କୃତି 'ଗୀତଗୋବିନ୍ଦ' ରଚନା କରିଥିଲେ, ଯାହା ସଂସ୍କୃତ ସାହିତ୍ୟରେ ଏକ ଅଦ୍ୱିତୀୟ ଗୀତିକାବ୍ୟ ଭାବେ ପ୍ରସିଦ୍ଧ । ଏହି କାବ୍ୟରେ ରାଧା ଓ କୃଷ୍ଣଙ୍କ ନିତ୍ୟ ଏବଂ ଦିବ୍ୟ ପ୍ରେମକୁ ଉପସ୍ଥାପନା କରାଯାଇଛି । ଗୀତଗୋବିନ୍ଦର ପ୍ରେମଗୀତଗୁଡ଼ିକ ଜନମାନସରେ ଭକ୍ତିମୟ ଭାବ ସୃଷ୍ଟି କରିଥିଲା ଏବଂ ତାଙ୍କ ହୃଦୟରେ ଭକ୍ତି ପ୍ରତି ଦୃଢ଼ତା ଭାବ ଆଣିବାରେ ସମର୍ଥ ହୋଇଥିଲା ।

ପୂର୍ବତନ ପଣ୍ଡିତମାନେ ଓ ପାଶ୍ଚାତ୍ୟ ପୂର୍ବତତ୍ତ୍ୱବିଦମାନେ ନିଜେ କହିଛନ୍ତି ଯେ କବି ଜୟଦେବଙ୍କ ଜନ୍ମ ଓଡ଼ିଶାର ବାଲିପାଟଣା ବ୍ଲକ୍‌ର ଅଡାସପୁର ପଞ୍ଚାୟତ ଅନ୍ତର୍ଗତ କେନ୍ଦୁବିଲ୍ୱ ଗ୍ରାମରେ ହୋଇଥିଲା । ଏହି ଗ୍ରାମଟି ପ୍ରାଚୀ ଉପତ୍ୟକାରେ ଅବସ୍ଥିତ ଓ ବ୍ରାହ୍ମଣ ଅଧିଷ୍ଠିତ ଥିଲା । ଏଠାରେ ଅମ୍ବିକା ଦେବୀଙ୍କ ପୂଜା ହେଉଥିଲା ଏବଂ ଏଠାରେ ଥିବା ଏକ ନୃସିଂହ ମନ୍ଦିର  ମଧ୍ୟ ବିଶେଷ ଉଲ୍ଲେଖନୀୟ । ଭକ୍ତମାଳା ଗ୍ରନ୍ଥରେ ଜୟଦେବଙ୍କର ଜନ୍ମ ସ୍ଥାନ ସମ୍ବନ୍ଧରେ ଲେଖାଅଛି ଯଥା-

ଜଗନ୍ନାଥପୁରୀ ପ୍ରାନ୍ତେ ଦେଶେ ଚୈବୋତ୍କଳଭିଧେ
କେନ୍ଦୁବିଲ୍ୱ ଇତି ଖ୍ୟାତୋ ଗ୍ରାମୋ ବ୍ରାହ୍ମଣ ସଂକୁଳଃ

ଜୟଦେବଙ୍କ ଆରାଧ୍ୟ ଦେବ ମାଧବ ଥିଲେ । ଏହି ଅନୁଭୂତି ମୈଥିଲି କବିଙ୍କ ଲେଖା 'ଭକ୍ତିମାଳା'ରେ ବ୍ୟକ୍ତ ହୋଇଛି, ଯେଉଁଠି ଜୟଦେବଙ୍କ ଜନ୍ମସ୍ଥାନକୁ ବର୍ଣ୍ଣନା କରାଯାଇଛି । କେନ୍ଦୁଲି ଶାସନ ଏକ ପ୍ରାଚୀନ ବ୍ରାହ୍ମଣ ପଡ଼ା ଓ ଓଡ଼ିଆ ଐତିହ୍ୟରେ ଗରିମାମୟ ସ୍ଥାନ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

'ଗୀତଗୋବିନ୍ଦ' ଏକ ଭକ୍ତିମୟ ଓ ସ୍ୱରମୟ କାବ୍ୟ । ଏହି କାବ୍ୟର ଗୀତିମାଧୁରୀ ସହିତ ପ୍ରତି ପଦେ ପଦେ ମଧୁରତାର ସୃଷ୍ଟି କରେ । ଏଠାରେ ଜୟଦେବ ଲେଖନ୍ତି:

ଯଦି ହରିସ୍ମରଣେ ସରସଂ ମନଃ ।
ଯଦି ବିଳାସ କଳାଶେ କୁତୂହଲମ୍ ।
ମଧୁର କୋମଳ କାନ୍ତ ପଦାବଳିଂ ।
ଶୃଣୁ ତଦା ଜୟଦେବ ସରସ୍ୱତୀମ୍ ।।

ଯଦି କେହି ହରିଙ୍କ ସ୍ମରଣ ମାଧୁର୍ଯ୍ୟ ଅନୁଭବ କରିବାକୁ ଚାହାଁନ୍ତି, ତେବେ ତାଙ୍କର ଦିବ୍ୟ ଲୀଳା ଓ ଜୟଦେବଙ୍କ ଗୀତିମଧୁର ବାଣୀ ଶୁଣିବା ଉଚିତ ।

"ରସୋର୍ହ୍ବୈ ସଃ । ରସଂ ହ୍ୱେଵାୟଂ ଲବ୍ଧ୍ୱା ଆନନ୍ଦୀ ଭବତି ।"

ଅର୍ଥାତ, ଭଗବାନ ନିଜେ ରସରୂପ ଅତୁଟ ଆନନ୍ଦ ସ୍ୱରୂପ । ସଚିଦାନନ୍ଦ ବ୍ରହ୍ମ ଦୁଇ ଭାଗକୁ ବିଭକ୍ତ ହେଇ, କୃଷ୍ଣ (ସତ୍, ଚିତ୍) ଓ ରାଧା (ଆନନ୍ଦ) ରୂପେ ପ୍ରକାଶ ପାଇଛନ୍ତି ।

ଗୀତଗୋବିନ୍ଦ - ଏକ ଅମର କୃତି

ଏହି କାବ୍ୟ ୧୨ଟି ସର୍ଗ, ୨୪ଟି ଅଷ୍ଟପଦୀ ଓ ୭୨ଟି ଶ୍ଳୋକରେ ଗଠିତ । ଏହି ଗୀତିକାବ୍ୟ ସଂସ୍କୃତ ସାହିତ୍ୟର ଏକ ଶ୍ରେଷ୍ଠ ଉଦାହରଣ ।

"ଗୀତଂ ବାଦ୍ୟଂ ତଥା ନୃତ୍ୟଂ ସଙ୍ଗୀତମୁଚ୍ୟତେ"

ଏହି ଭାବେ ଗୀତ, ବାଦ୍ୟ ଓ ନୃତ୍ୟ ସଙ୍ଗୀତର ତିନି ଅଂଶ । ଜୟଦେବଙ୍କ ଅଷ୍ଟପଦୀ ଏହି ତିନିଟି ରୂପର ସମନ୍ୱୟ ।

ଅନୁବାଦ ଓ ପ୍ରଭାବ

ଇଂରାଜୀ ଅନୁବାଦକ ଏଡୱିନ୍ ଆର୍ଣୋଲ୍ଡ The Indian Song of Songs ନାମରେ ଗୀତଗୋବିନ୍ଦ ଅନୁବାଦ କରିଥିଲେ । ମେୱାଡ଼ର ମହାରାଣା କୁମ୍ଭକର୍ଣ୍ଣ ଏହି କାବ୍ୟର ରସିକପ୍ରିୟା ଟୀକା ଲେଖିଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜୟଦେବଙ୍କ ପରେ ବିଭିନ୍ନ କବିମାନେ ଶିବ ଅଷ୍ଟପଦୀ, ରାମ ଅଷ୍ଟପଦୀ, ତ୍ୟାଗରାଜ ଏଶ୍ୱର ଅଷ୍ଟପଦୀ ରଚନା କରିଥିଲେ । ଜୟଦେବଙ୍କ ଭକ୍ତିମୟ ପଦାବଳୀ ଆଜି ବି ଗୀତସାଧନାରେ ପ୍ରେରଣା ମୂଳକ ।

ଜୟଦେବଙ୍କ ଶୈଳୀ ଓ ପ୍ରଭାବ

ତାଙ୍କ ପଦାବଳୀ କାବ୍ୟ କାଳିଦାସଙ୍କ ସହିତ ତୁଳନାଯୋଗ୍ୟ । ଏହା ବଂଗାଳୀ ସାହିତ୍ୟକୁ ବହୁତ ପ୍ରଭାବିତ କରିଛି ।

କିଛି ପ୍ରସିଦ୍ଧ ପଦାବଳୀ:

ମଧୁର କୋମଳ କାନ୍ତ ପଦାବଳୀ

ଅଭିନବ ଜଳଧର ସୁନ୍ଦର

ଲଳିତ ଲବଙ୍ଗ ଲତା

ମଲୟ ସମୀର

ବିପିନ ବିତାନ

ଏକ ଶ୍ଳୋକ ଦେଖନ୍ତୁ  ଯାହା କି କବିଙ୍କ ସଂଗୀତର ପ୍ରଗାଢ଼ତାର ପରିଚୟ ପ୍ରଦାନ କରିଥାନ୍ତି ଯଥା -

ମେଘୈର୍ମେଦୁରମମ୍ବରଂ ଵନଭୂଃ ଶ୍ୟାମସ୍ତମାଲଦ୍ରୁମୈଃ

ନକ୍ତଂ ଭୀରୁରୟଂ ତ୍ୱମେଵ ତଦିମଂ ରାଧେ ! ଗୃହଂ ପ୍ରାପୟ ।

ଇତ୍ଥଂ ନନ୍ଦନିଦେଶତଃ ସ୍ଚଲିତୟୋଃ ପ୍ରତ୍ୟଧ୍ୱକୁଞ୍ଜଦ୍ରୁମଂ

ରାଧାମାଧବୟୋଃ ଜୟନ୍ତି ଯମୁନାକୁଳେ ରହଃକେଳୟୋଃ ।। (ଗୀତ ଗୋବିନ୍ଦ. ୧.୧)

ଜୟଦେବଙ୍କର ରାଧାକୃଷ୍ଣଙ୍କର ପ୍ରତି ଅନାବିଳ ପ୍ରେମ ଓ ଭକ୍ତିରେ ଏତେ ପ୍ରଗାଢ଼ତା ଥିଲା ଯେ ଭଗବାନ ସ୍ୱୟଂ କବିଙ୍କର ଭାବନାରେ ଥିବା ପଦକୁ ଯଥା -ସ୍ମରଗରଳଖଣ୍ଡନଂ, ମମ ଶିରସି ମଣ୍ଡନଂ ପଦର ଶେଷ ପାଦକୁ ପୂରଣ କରି ସ୍ୱୟଂ ଦେହି ପଦ ପଲ୍ଲବ ମୁଦାରଂ

Listen to Odia Podcast Original at https://youtube.com/@drjyotiprasad

କବିଙ୍କର ଅନୁପସ୍ଥିତିରେ ଲେଖିଥିଲେ ।

ଗୀତ ଗୋବିନ୍ଦର ଲୋକପ୍ରିୟତା ଏତେ ବଢି ଯାଇଥିଲା ଯେ ମାଦଳାପାଞ୍ଜିର ଲେଖା ଅନୁସାରେ ଗଜପତି ଦ୍ୱିତୀୟ ନରସିଂହ ଦେବଙ୍କ ଆଦେଶ ଅନୁସାରେ ସେ ସମୟରୁ ଆଜି ପର୍ଯ୍ୟନ୍ତ ପ୍ରତିଦିନ ଗୀତ ଗୋବିନ୍ଦର ଗାନ ହୋଇ ଆସୁଅଛି ।

ଉପସଂହାର

କବି ଜୟଦେବ ଏକ ଅସାଧାରଣ ଓ ଶ୍ରେଷ୍ଠ ସଂସ୍କୃତ ସାହିତ୍ୟ ସୃଷ୍ଟିକାର । ତାଙ୍କ ଗୀତଗୋବିନ୍ଦ କାବ୍ୟମ୍ ଦ୍ୱାରା ଓଡ଼ିଆ ନାଟ୍ୟସାହିତ୍ୟ, ଓଡିଶୀ ସଙ୍ଗୀତ, ନୃତ୍ୟ ଓ ସମଗ୍ର ଜନ ମାନସରେ ଭାରି ପ୍ରଭାବ ପଡ଼ିଛି । ଏହି କାବ୍ୟର ଚିତ୍ରମୟ ପ୍ରକୃତିବର୍ଣ୍ଣନ ଓଡ଼ିଶାର ଭୌଗୋଳିକ ବିଶେଷତାକୁ  ବେଶ ଉଦ୍‌ଭାସିତ କରେ ।

ସଂସ୍କୃତ ଅଧ୍ୟାପକ
କେ. ସି. ପି. ଏ. ଏନ୍. କନିଷ୍ଠ ମହାବିଦ୍ୟାଳୟ,
ବାଙ୍କୋଇ, ଖୋର୍ଦ୍ଧା, ଓଡ଼ିଶା।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଟିକି ବିପ୍ଲବୀ : ନୀଳମଣି

ଅକ୍ଷୟ କୁମାର ରାଉତ



ପରାଧୀନତାର କଳାବାଦଲ ପବିତ୍ର ଭାରତମାତକୁ କରାଏତ କରିଥାଏ । ଉଜ୍ଜ୍ୱଳମାନ ପ୍ରଚଣ୍ଡ ସୂର୍ଯ୍ୟ ରାହୁଗ୍ରସ୍ତ । ପୀଡିତ, ଲାଂଛିତ, ନିଷ୍ପେସିତ, ଅବହେଳିତ ଭାରତୀୟମାନଙ୍କର କରୁଣ ଆର୍ତଚିତ୍କାର ବିଦେଶୀ ଶାସକଙ୍କ ନିଦକୁ ହଜାଇ ଦେଉଥାଏ । ଲୋକଙ୍କ ମନରେ ସ୍ୱାଧୀନତାର ବହ୍ନି ପ୍ରଜ୍ୱଳିତ । ଖୋର୍ଦ୍ଧାଗଡ଼ର ପାଇକବିଦ୍ରୋହ ସିପାହୀ ବିଦ୍ରୋହ ପରେ ପରେ ଦେଶର ସବୁ ସ୍ଥାନରେ ସ୍ୱାଧୀନତା ସଂଗ୍ରାମ । ଏହିପରି ଏକ ମୂହୁର୍ତରେ ବାଲେଶ୍ୱର (ଭଦ୍ରକ) ଜିଲ୍ଲା ତିହିଡି ଥାନା ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ଚନ୍ଦ୍ରଶେଖର ରାଉତରାୟ ଓ ମା' କୋଇଲି ଦେବୀଙ୍କ ଅଷ୍ଟମ ଗର୍ଭରେ ୧୯୨୦ ମସିହା ମଇ ୨୪ ତାରିଖରେ ଏକ ସ୍ୱଚ୍ଛଳ ପରିବାରରେ ଜନ୍ମ ଗ୍ରହଣ କଲେ ମହାନ୍ ବିପ୍ଲବି ଜନନାୟକ ନୀଳମଣି । ଅକାଳରେ ମା'କୁ ହରାଇ ନୀଳମଣି ସାବତ ମା ଓ ବଡ଼ ଭଉଣୀମାନଙ୍କର ଯତ୍ନରେ ବଡ଼ହେଲେ । ପ୍ରାଥମିକ ଶିକ୍ଷା ପାଖଗାଁ ଝିଙ୍କିରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆରମ୍ଭ ହୋଇଥିଲା । ତା'ପରେ ତାଙ୍କ ଭିଣୋଇଙ୍କ ପାଖରେ ରହି ବାଲେଶ୍ୱର ଜୁବୁଲି ମଧ୍ୟ ଇଂରାଜୀ ସ୍କୁଲରେ ପାଠ ପଢ଼ିଲେ । ତାଙ୍କ ବଡ଼ଭାଇ ହରେକୃଷ୍ଣଙ୍କ ବନ୍ଧୁ ପ୍ରଧାନ ଶିକ୍ଷକ ଉଦୟ ନାରାୟଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ନାରାୟଣଚନ୍ଦ୍ର ମଧ୍ୟ ଇଂରାଜୀ ବିଦ୍ୟାଳୟର ଛାତ୍ରାବାସରେ ରହି ସେ ମାଇନର ପାଠ ଓ ଭଦ୍ରକ ହାଇସ୍କୁଲର ପାଠ ଶେଷ କରିଥିଲେ ।

ଜନ୍ମରୁ ନୀଳମଣି ଦରଦୀ, ସ୍ୱାଧୀନଚେତା ଓ ପରୋପକାରୀ ଥିଲେ । ବିଦ୍ୟାଳୟରେ ପଢ଼ିବା ସମୟରେ ବିହାରରେ ହୋଇଥିବା ଭୂମିକମ୍ପର ପିଡିତ ମାନଙ୍କ ସାହାଯ୍ୟ ନିମନ୍ତେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅର୍ଥ ସଂଗ୍ରହ କରି ପଠାଇଥିଲେ । ୧୯୩୦ ମସିହାରେ ସ୍ୱାଧୀନତା ସଂଗ୍ରାମର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଥିଲା ଲବଣ ଆନ୍ଦୋଳନ ବା ଦରିଆ ଦଖଲ ଆନ୍ଦୋଳନ । ଏହି ଆନ୍ଦୋଳନ ନୀଳମଣିଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା । ଝିଙ୍କିରିଆର ସଂଗ୍ରାମୀ ଭାଗବତ ସାହୁଙ୍କୁ ପୋଲିସ୍ ହାତକଡା ପକାଇ ନେବାର ଦୃଶ୍ୟ ନୀଳମଣିଙ୍କ ମନରେ ଗଭୀର ରେଖାପାତ କଲା । ସେ ବିଦେଶୀ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ । ସାଙ୍ଗମାନଙ୍କୁ ଧରି ଗାଁ ପଡିଆରେ ଲୁଣମାରି ଲୁଣ ପୁଡିଆଙ୍କୁ ଗାଁ ଗାଁ ବୁଲି ବାଂଟିଲେ । ଗାନ୍ଧିଙ୍କ ଡାକରାରେ କଂଗ୍ରେସର ନିଶାନିବାରଣ କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ସମସ୍ତ କଂଗ୍ରେସ କର୍ମୀମାନଙ୍କୁ ପୋଲିସ୍ ଗିରଫ କରି ଭଦ୍ରକ ପର୍ଯ୍ୟନ୍ତ ଚଲାଇ ଚଲାଇ ନେଲେ । ନୀଳମଣି ତାଙ୍କର ସହଯୋଗୀ ବାନରସେନାଙ୍କୁ ଧରି ସତ୍ୟାଗ୍ରହୀ କର୍ମୀମାନଙ୍କ ପଛେ ପଛେ ଧ୍ୱନି ଦେଇ ନଅ ମାଇଲ ବାଟ ଚାଲି ଚାଲି ଯିବାରୁ ପୋଲିସ୍ ନୀଳମଣିଙ୍କୁ ଗିରଫ କରି ନେଇ ଭଦ୍ରକ ଜେଲକୁ ସତ୍ୟାଗ୍ରହୀମାନଙ୍କ ସହିତ ପଠାଇଦେଲା । ଗାଁରୁ ବାପା ଓ କଲିକତାରୁ ଭାଇ ଆସି ଭଦ୍ରକରେ ପହଁଚିଲେ । ୧୦ ଦିନ ଜେଲଦଣ୍ଡ ଭୋଗିବା ପରେ ହାକିମ ନୀଳମଣିଙ୍କୁ ଛୋଟ ପିଲା ହୋଇଥିବାରୁ ଖଲାସ୍ କରିଦେଲେ ।

ଭଦ୍ରକ ସହରର କୁଆଁସ ପଡିଆରେ ଗୋଟିଏ କଂଗ୍ରେସ ସଭାକୁ ମାଜିଷ୍ଟ୍ରେଟ ନିଷିଦ୍ଧ ଘୋଷଣା କରି ସହରରେ ୧୪୪ ଧାରା ଜାରି କଲେ । ନୀଳମଣି ସ୍କୁଲ ପରେ କିଛି ସାଙ୍ଗସାଥୀଙ୍କୁ ଧରି କୁଆଁସ ପଡ଼ିଆକୁ ଚାଲିଲେ । ସେଠାରେ ଦେଖିଲେ ବହୁ ଲୋକ ଅଛନ୍ତି କିନ୍ତୁ କେହି ନେତା ନଥିବାରୁ ସଭାକାର୍ଯ୍ୟ ହୋଇପାରିଲା ନାହିଁ । ଛାତ୍ରମାନେ ନୀଳମଣିଙ୍କୁ ସଭାପତି ପରି ସଭାକାର୍ଯ୍ୟ ଚଳାଇଲେ । ପୋଲିସ୍ ଫଉଜ ଆସି ସବୁ ଛାତ୍ରଙ୍କୁ ଗିରଫ କରିନେଲେ । ଗିରଫ ଛାତ୍ରଙ୍କ ମଧ୍ୟରେ ଥିଲେ ମାଜିଷ୍ଟ୍ରେଟଙ୍କ ପୁଅ । ତେଣୁ ମାଜିଷ୍ଟ୍ରେଟ ନିଜେ ଥାନାକୁ ଆସି ସବୁ ପିଲାଙ୍କୁ ଛାଡି ଦେଇ କେବଳ ନୀଳମଣିଙ୍କୁ ଜେଲ ପଠାଇଦେଲେ । ନୀଳମଣିଙ୍କ ବାପା ଓ ଭାଇ ଆସି ମୁଚାଲିକା ଲେଖି ନୀଳମଣିଙ୍କୁ ଖଲାସ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରାଇଲେ ।

୧୯୩୪ ମସିହାରେ ଗାନ୍ଧିଜୀ ହରିଜନ ପଦଯାତ୍ରା କରି ଭଦ୍ରକର ସାଳନ୍ଦୀ ନଦୀକୂଳରେ ଜୀବରାମଜୀଙ୍କ ଆଶ୍ରମରେ ରହିବା ସମୟରେ ନୀଳମଣିଙ୍କୁ ମିଳିଗଲା ଗାନ୍ଧିଜୀଙ୍କୁ ତାଳପତ୍ର ପଙ୍ଖାରେ ବିଞ୍ଚିବାର ସୁଯୋଗ । ପ୍ରଥମ ଥର ଗାନ୍ଧୀଙ୍କ ସଂସ୍ପର୍ଶରେ ଆସିବାରୁ ସେ ନିଜକୁ ଭାଗ୍ୟବାନ୍ ବୋଲି ମନେ କଲେ । ସେହି ଦିନଠାରୁ ସ୍ୱାଧୀନତା ଆନ୍ଦୋଳନ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରୁଥିଲେ । ଜାନୁଆରୀ ୨୬ ତାରିଖ ଦିନ ଘରେ ଘରେ ତ୍ରିରଙ୍ଗ ପତାକା ଉଡାଇବାକୁ କଂଗ୍ରେସ ପକ୍ଷରୁ ସ୍ଥିର କରାଗଲା । ଭଦ୍ରକ ହାଇସ୍କୁଲକୁ ଲାଗି ଦେୱାନୀ ଅଦାଲତ କୋଠାରେ ସରକାରୀ ପତାକା ବଦଳରେ କଂଗ୍ରେସର ତ୍ରିରଙ୍ଗା ପତାକା ଉଡୁଥିବା ଦେଖାଗଲା । ଚାରିଆଡେ ଚହଳ ପଡିଗଲା । ଟିକି ବିପ୍ଳବୀ ନୀଳମଣିର ଏ କାମ । ସରକାରୀ ମହଲରେ ନୀଳମଣି ପତାକା ଉଡାଇଥିବା ସନ୍ଦେହ କରାଯାଇ ଛାତ୍ରାବାସରେ ଖାନତଲାସ୍ ହେଲା । ମାତ୍ର ପୋଲିସ୍ କିଛି ଟେର୍ ପାଇନଥିଲା ।

ଟିକି ବିପ୍ଳବୀ ନୀଳମଣି ୧୯୩୬ ମସିହାରେ ଭଦ୍ରକ ହାଇସ୍କୁଲରୁ ମାଟ୍ରିକ ପାସ୍ କରି ରେଭେନ୍ସା କଲେଜରେ ବି.ଏ. ଶ୍ରେଣୀରେ ନାମ ଲେଖାଇ ଇଷ୍ଟ ହଷ୍ଟେଲରେ ରହି ପାଠପଢ଼ିଲେ । ସେ ସମୟରେ ଡଃ ପ୍ରାଣକୃଷ୍ଣ ପରିଜା ଥାଆନ୍ତି ରେଭେନ୍ସା କଲେଜର ଅଧ୍ୟକ୍ଷ । ନୀଳମଣି ଛାତ୍ର ଅବସ୍ଥାରେ ପ୍ରଦେଶ କଂଗ୍ରେସ କର୍ମକର୍ତା ମାନଙ୍କ ସହିତ ଭଲ ସଂପର୍କ ରଖି କଂଗ୍ରେସ ଦଳର ସ୍ୱେଚ୍ଛାସେବକ ଭାବେ ସବୁ ସଭାସମିତିରେ ଯୋଗ ଦେଉଥିଲେ । ନୀଳମଣି ଦାବି କଲେ ଯେ, ଛାତ୍ର ୟୁନିୟନର ସଭାପତି ଅଧ୍ୟକ୍ଷ ନହୋଇ ଛାତ୍ରମାନଙ୍କ ମଧ୍ୟରୁ ନିର୍ବାଚିତ ହେବା ଉଚିତ୍ । ପରିଶେଷରେ ଛାତ୍ରମାନେ ନିର୍ବାଚନ ମାଧ୍ୟମରେ ୟୁନିୟନର ସଭାପତି ଓ କର୍ମକର୍ତା ନିର୍ବାଚନ କଲେ । ମନମୋହନ ମିଶ୍ର ରେଭେନ୍ସା କଲେଜ ଛାତ୍ର ୟୁନିୟନର ପ୍ରଥମ ସଭାପତି ଭାବେ ନିର୍ବାଚିତ ହେଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

୧୯୩୮ ମସିହାରେ ଟିକି ବିପ୍ଳବୀ ଛାତ୍ରସଂଘର ସଂପାଦକ ଭାବେ ଧର୍ମଘଟ, ଧାରଣା, ସଭା ଓ ଶୋଭାଯାତ୍ରା ଆୟୋଜନ କରିଥିଲେ । ଗୋରା ଅଧ୍ୟକ୍ଷକଙ୍କ ଆଦେଶକୁ ଅମାନ୍ୟ କରି ନୀଳମଣି ଛାତ୍ରମାନଙ୍କୁ ଧରି କଟକ ମେଡିକାଲ ସ୍କୁଲ କୋଠା ଉପରେ ଜାତୀୟ ପତାକା ଉତ୍ତୋଳନ କଲେ ।

ସେ ସମୟରେ ଆଇନ କଲେଜ ରେଭେନ୍ସା କଲେଜରେ ଚାଲୁଥିଲା । ଆଇନ କଲେଜର ଅଧ୍ୟକ୍ଷ ଜେ.ଏନ୍. ବାନାର୍ଜୀ ତାଙ୍କର ସ୍ୱତନ୍ତ୍ର କ୍ଷମତା ଅଧିକାର ପଦ ମର୍ଯ୍ୟାଦା ସଂପର୍କରେ ସରକାରକୁ ଜଣାଇଲେ । ସରକାର ଗ୍ରହଣ ନକରିବାରୁ ବାନାର୍ଜୀ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଦେଲେ । ବାନାର୍ଜୀକୁ ସମର୍ଥନ କରି ଛାତ୍ରସଂଘ ଧର୍ମଘର ଆରମ୍ଭ କଲେ । ଏହି ଧର୍ମଘଟର ନେତୃତ୍ୱ ନୀଳମଣି ନିଜେ ନେଇ ଆଇନ କଲେଜ ଅଧ୍ୟକ୍ଷଙ୍କୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେବାପାଇଁ ଦାବି କରିଥିଲେ । ହରେକୃଷ୍ଣ ମହତାବଙ୍କ ମଧ୍ୟସ୍ଥତାରେ ଛାତ୍ର ପ୍ରତିନିଧିମାନେ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସଙ୍କ ସହ ଆଲୋଚନା କରି ବିଫଳ ହେଲେ । ଛାତ୍ର କ୍ରିୟାନୁଷ୍ଠାନ କମିଟି ଓ ଛାତ୍ରସଂଘର ମିଳିତ ଧର୍ମଘଟ ଅନ୍ୟ କଲେଜକୁ ବ୍ୟାପିଲା । ଛାତ୍ରମାନଙ୍କ ଉପରେ ଦଣ୍ଡମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା । ଛାତ୍ରମାନଙ୍କୁ ଜେଲରୁ ଖଲାସ ଓ ସେମାନଙ୍କ ବିରୁଦ୍ଧରେ ଥିବା ମୋକଦ୍ଦମା ନ ଉଠାଇବା ପର୍ଯ୍ୟନ୍ତ ଧର୍ମଘଟ ଓ ଆନ୍ଦୋଳନ ଚାଲୁ ରହିଲା । ଶେଷରେ ସରକାର ଛାତ୍ରମାନଙ୍କ ଦାବିଗୁଡିକୁ ଗ୍ରହଣ କଲାପରେ ଆନ୍ଦୋଳନ ବନ୍ଦ ହୋଇଥିଲା । ନୀଳମଣି ଛାତ୍ର ଆନ୍ଦୋଳନରେ ବହୁବାର ଜେଲ ଯାଇଥିଲେ ।

୧୯୪୦ ମସିହା ଜାନୁଆରୀ ୨୬ ତାରିଖକୁ ସ୍ୱାଧୀନତା ଦିବସ ରୂପେ ପାଳନ କରିବା ପାଇଁ ଜାତୀୟ କଂଗ୍ରେସ ପକ୍ଷରୁ ସ୍ଥିର ହୋଇଥିଲା । ଏହି ସ୍ୱାଧୀନତା ଦିବସ ପାଳନ ପାଇଁ ଅଧ୍ୟକ୍ଷ ଡଃ. ପ୍ରାଣକୃଷ୍ଣ ପରିଜା ଅନୁମତି ଦେଇନଥିଲେ । ଛାତ୍ରନେତା ନୀଳମଣି ଓ ବିବୁଧେନ୍ଦ୍ର ମିଶ୍ରଙ୍କ ସହିତ ଅନ୍ୟ ଛାତ୍ରମାନେ ମହାସମାରୋହରେ ସ୍ୱାଧୀନତା ଦିବସ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାଳନ କଲେ । ସଭାପତି ଭାବେ ନୀଳମଣି ଜାତୀୟ ପତାକା ଉତ୍ତୋଳନ କଲେ । ନୀଳମଣି ଭାରତମାତାଙ୍କୁ ବିଦେଶୀ ଶାସନ କବଳରୁ ମୁକ୍ତ କରିବା ପାଇଁ ଆହ୍ୱାନ କରିଥିଲେ । ଏହାପରେ ଛାତ୍ରମାନଙ୍କ ଉପରେ ପୋଲିସର ଦମନ ଲୀଳା ଆରମ୍ଭ ହୋଇଗଲା । ବହୁ ଛାତ୍ର ଗିରଫ ହେଲେ । ନୀଳମଣି ଓ ବିବୁଧେନ୍ଦ୍ର ଉପରେ ୨୫ ଟଙ୍କା ଲେଖାଁଏ ଜୋରିମାନା ଓ କ୍ଷମା ପ୍ରାର୍ଥନା କରିବାକୁ ଅଧ୍ୟକ୍ଷ ପରୱାନ ଜାରି କଲେ । ଛାତ୍ରସଂଘ ଅନ୍ୟାୟ ଆଦେଶର ପ୍ରତିବାଦ କରି ଆନ୍ଦୋଳନ କରିବା ଓ ପରୀକ୍ଷା ବର୍ଜନ କରିବା ପାଇଁ ନିଷ୍ପତି ନେଲା । ରେଭେନ୍ସା କଲେଜ ପୋଲିସ୍ ଛାଉଣୀରେ ପରିଣତ ହେଲା । ବହୁ ଛାତ୍ର ଗିରଫ ହେଲେ । ଛାତ୍ରମାନେ ରାତିରେ ନିଜ ଜିନିଷପତ୍ର ମୁଣ୍ଡରେ ଧରି ଶୋଭାଯାତ୍ରା କରି ବାହାରି ଯିବା ସମୟରେ ପୋଲିସ୍ କଟକ ଜେଲଖାନା ନିକଟରେ ଛାତ୍ରମାନଙ୍କୁ ଗିରଫ କରିନେଲା । ନୀଳମଣି ଏକ ନାରୀ ବେଶରେ ପୋଲିସ୍କୁ ଚକ୍ମା ଦେଖାଇ ଖସିଗଲେ । ପରେ ନୀଳମଣି ଓ ବିଜୟ ଚନ୍ଦ୍ର ଦାସ ଗିରଫ ହୋଇ ଦଶ ଦିନ ଜେଲରେ ରହିଲେ । କେତେକ ବିଶିଷ୍ଟ ବ୍ୟକ୍ତି ସେମାନଙ୍କୁ ଜାମିନରେ ଆଣିଥିଲେ ।

ନୀଳମଣି ରେଭେନ୍ସା କଲେଜ ଓ ପାଟଣା ବିଶ୍ୱବିଦ୍ୟାଳୟରୁ ବହିଷ୍କାର ହେବାପରେ ଶେଷର ଡଃ. ଶ୍ୟାମପ୍ରସାଦ ମୁଖାର୍ଜୀଙ୍କ ଉଦ୍ୟମରେ ବିଦ୍ୟାସାଗର କଲେଜର ଚତୁର୍ଥ ବର୍ଷରେ ନାମ ଲେଖାଇଲେ । ବିଦ୍ୟାସାଗର କଲେଜରେ ଏକ ଛାତ୍ର ଧର୍ମଘଟ ହୋଇଥିଲା ସେଥିରେ ନୀଳମଣି ନେତୃତ୍ୱ ନେଇଥିଲେ । ଏହି ସମୟରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ନୀଳମଣିଙ୍କୁ ଡକାଇ ଓଡିଶାରେ କିପରି ଫରୱାର୍ଡ ବ୍ଲକ୍ ସଂଗଠିତ ହେବ ସେ ବିଷୟରେ ଆଲୋଚନା କରିଥିଲେ । ନୀଳମଣି ବିଦ୍ୟାସାଗର କଲେଜରୁ କୃତିତ୍ୱର ସହ ବି.ଏ. ପାସକରି ବନାରସ୍ ବିଶ୍ୱବିଦ୍ୟାଳୟରେ ଏମ୍.ଏ. ଓ ଆଇନ ଶ୍ରେଣୀରେ ନାମ ଲେଖାଇଲେ । ସେ ସମୟରେ ଡଃ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ବନାରସ୍ ବିଶ୍ୱବିଦ୍ୟାଳୟର ପ୍ରୋ-ଚାନ୍ସେଲର ଥିଲେ । ନୀଳମଣି ବିରଳା ଛାତ୍ରାବାସରେ ରହି ଆଇନ କଲେଜର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଧ୍ୟକ୍ଷ ଶ୍ରୀ ସୁବ୍ରମଣ୍ୟମ୍ ଓ ରାଜନୀତି ବିଜ୍ଞାନର ମୁଖ୍ୟ ଶ୍ରୀମୁକୁଟ ବିହାରି ଲାଲ୍‌ଙ୍କ ତତ୍ତ୍ୱାବଧାନରେ ପଢ଼ାପଢ଼ି କରୁଥିଲେ । ସେ ସମୟରେ ଭାରତୀୟ ଛାତ୍ରସଂଘର କର୍ମକର୍ତାମାନଙ୍କ ସହ ଭଲ ସଂପର୍କ ରଖିଥିଲେ । ରାଜ ନାରାୟଣ ଓ କେଦାର ପାଣ୍ଡଙ୍କ ସହ ମଧ୍ୟ ତାଙ୍କର ସୁସମ୍ପର୍କ ଥିଲା ।

୧୯୪୧ ଜୁନ୍ ୨୨ ତାରିଖରେ ଜର୍ମାନୀ ଋଷ ଉପରେ ଆକ୍ରମଣ କରିବାରୁ ଏହାକୁ ଜନଯୁଦ୍ଧର ଆଖ୍ୟାଦେଲେ । ୧୯୪୨ ମସିହା ପାଟଣାଠାରେ ନିଖିଳ ଭାରତ ଛାତ୍ରସଂଘର ଏକ ଅଧିବେଶନ ବସିଲା । ଏଥିରେ ଓଡିଶାରୁ ସାମ୍ୟବାଦୀ ଛାତ୍ରନେତା ବିଜୟଚନ୍ଦ୍ର ଦାସ, ଗଙ୍ଗାଧର ରଥ, ଦୁର୍ଗାଚରଣ ମହାନ୍ତି ଓ ନୀଳମଣି ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରତିନିଧି ଭାବରେ ଯୋଗଦେଇଥିଲେ । ଛାତ୍ର ସଂଘ ସମ୍ମିଳନୀରେ ଜନଯୁଦ୍ଧ ପ୍ରସ୍ତାବକୁ ନୀଳମଣି ଘୋର ବିରୋଧ କରିଥିଲେ । ୧୯୪୨ ଅଗଷ୍ଟ ଆଠ ତାରିଖରେ ବମ୍ବେଠାରେ ଜାତୀୟ କଂଗ୍ରେସ 'ଭାରତଛାଡ଼' ପ୍ରସ୍ତାବ ଗ୍ରହଣ କରିଥିଲା । ବନାରସରେ ଛାତ୍ରମାନଙ୍କର ଏକ ଜରୁରୀ ବୈଠକ ବସି 'ଭାରତ ଛାଡ' ଆନ୍ଦୋଳନ କରାଯିବ ସ୍ଥିର ହେଲା । ନୀଳମଣିଙ୍କ ସହିତ ସମାଜବାଦୀ ଛାତ୍ରନେତା ରାଜନାରାୟଣ ଓ କେଦାର ପାଣ୍ଡେ ଛାତ୍ରମାନଙ୍କର ନେତୃତ୍ୱ ନେଇଥିଲେ । ନୀଳମଣି ଗିରଫ ହେବା ପୂର୍ବରୁ ଛାତ୍ରାବାସରୁ ଖସି ପଳାଇଲେ । ବନାରସରୁ ନୀଳମଣିଙ୍କୁ ବହିଷ୍କାର କରିବା ପାଇଁ ଡିଭିଜନାଲ କମିଶିନର ଆଦେଶ ଜାରି କରିଥିଲେ । ନୀଳମଣି ଲୁଚି ଛପି ଛାତ୍ରନେତାମାନଙ୍କ ସହ ବନାରସରେ 'ଭାରତ ଛାଡ' ଆନ୍ଦୋଳନକୁ ଆଗେଇନେବାର ପ୍ରଚେଷ୍ଟା ଜାରିରଖିଲେ । ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ସଭାପତି ମହମ୍ମଦ ହନିଫଙ୍କ ଠାରୁ ଭଦ୍ରକ ଆସି ଆନ୍ଦୋଳନରେ ସାହାର୍ଯ୍ୟ କରିବା ପାଇଁ ଖଣ୍ଡେ ଚିଠି ପାଇଲେ । ତେଣୁ ଲୁଚି ଛପି ଆସି ନିଜ ଗାଁରେ ପହଁଚିଲେ । କଂଗ୍ରେସ କର୍ମୀ ଓ ସମର୍ଥକମାନଙ୍କ ସଙ୍ଗେ ନୀଳମଣି ସଂପର୍କ ରଖି ଭାରତଛାଡ ଆନ୍ଦୋଳନକୁ ସକ୍ରିୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିବାରେ ଲାଗିପଡିଲେ । ପୀରହାଟ, ତିହିଡି ପ୍ରଭୃତି ସ୍ଥାନରେ ଗୁପ୍ତ ବୈଠକ କରି ଭଦ୍ରକ - ବାନ୍ଦବାଲି ଟେଲିଫୋନ ଯୋଗାଯୋଗ ଓ ଡାକ ଚଳାଚଳ ବ୍ୟବସ୍ଥା ସଂପୂର୍ଣ୍ଣ ଅଚଳ କରିଦିଆଗଲା । ନୀଳମଣି ଉହଁରା ଗାଁରେ ଲୁଚିକରି ଆଶ୍ରୟ ନେଲେ । ପାଣି କାଦୁଅରେ ବୁଲିବୁଲି ଭିନ୍ନ ଭିନ୍ନ ଗାଁକୁ ଗଲେ । କର, ଟିକସ, ଖଜଣା, ସରକାରଙ୍କୁ ନ ଦେବାପାଇଁ ମତାଇଲେ । ନୀଳମଣି ଲୁଚିକରି ବିଲ ରାସ୍ତାରେ ଗାଁ କୁ ଗାଁ ବୁଲିବା ସମୟରେ ତାଙ୍କ ଗୋଡ କଟିଗଲା । ସେ ଅସୁସ୍ଥ ହୋଇପଡିଲେ । ତାଙ୍କ ଭାଇ ଖବର ପାଇ ଗାଁକୁ ନେଇଗଲେ । ପୋଲିସ୍ ଖବର ପାଇ ଅତର୍କିତ ଭାବେ ଘର ଉପରେ ଚଢ଼ାଉ କଲେ ଓ ନୀଳମଣିଙ୍କୁ ଗିରଫ କରିନେଲେ । ବିଚାରରେ ତାଙ୍କୁ ୧ ବର୍ଷ ସଶ୍ରମ କାରାଦଣ୍ଡ ଦିଆଗଲା । ଅନ୍ୟ ବନ୍ଦୀମାନଙ୍କ ସହିତ ନୀଳମଣିଙ୍କୁ ହାତକଡି ଓ ଅଂଟାରେ ଦଉଡି ବାନ୍ଧି ଭଦ୍ରକ ଜେଲରୁ ରେଲଷ୍ଟେସନ୍ ପର୍ଯ୍ୟନ୍ତ ଚଲାଇ ଚଲାଇ ନିଆଗଲା ।

ବାଲେଶ୍ୱର ଜେଲରେ ନୀଳମଣି ଉଚ୍ଚ ଶ୍ରେଣୀର ବନ୍ଦୀ ରୂପେ ରାଜନେତା ମାନଙ୍କ ସହିତ ରହିଲେ । ୧୯୪୩ ମସିହା ଅଗଷ୍ଟ ୧୭ ତାରିଖରେ ନୀଳମଣି ଖଲାସ୍ ହେଲେ ପୋଲିସ୍ ଆସିଲା ବେଳକୁ ନୀଳମଣି ଚମ୍ପଟ୍ । ରାତିରେ ଚାଲି ଚାଲି ଆଠ ମାଇଲ ଦୂର ହଳଦୀପଦା ଷ୍ଟେସନରୁ ରେଳଯୋଗେ କଲିକତା ଚାଲିଗଲେ । ଭାଇଙ୍କ ପାଖରେ ରହି ଆଇନ୍ ଶ୍ରେଣୀରେ ନାମ ଲେଖାଇ ପଢ଼ିଲେ ଓ ପାସ୍ କଲେ । ୧୯୪୭ରେ ଡିଗ୍ରୀ ହାସଲ କରି ନୀଳମଣି କଟକରେ ରାଜକିଶୋର ଦାସଙ୍କର ଜୁନିୟର ଓକିଲ ଭାବେ କାମ ଆରମ୍ଭକଲେ । ପ୍ରଜାତନ୍ତ୍ରର ମୁଖ୍ୟ ପରିଚାଳକ ଭାବେ ଦାୟିତ୍ୱ ଗ୍ରହଣ କଲେ । ତାଙ୍କ ଚେଷ୍ଟାରେ ପ୍ରଜାତନ୍ତ୍ର ଏକ ଟ୍ରଷ୍ଟରେ ପରିଣତ ହେଲା । ସେ ଜଣେ ଟ୍ରଷ୍ଟି ରହିଲେ । ନୀଳମଣି ସୋରୋ ବିଧାନସଭା ଆସନରୁ ନିର୍ବାଚିତ ହୋଇ ୧୯୪୮ ମସିହା ଜୁଲାଇ ୧୨ ତାରିଖ ଦିନ ଏଗାରଟା ବେଳେ ଓଡିଶା ବିଧାନସଭାରେ ସଦସ୍ୟଭାବେ ଶପଥ ନେଇଥିଲେ । ବାଚସ୍ପତି ଲାଲ୍ ମୋହନ ପଟ୍ଟନାୟକ ନୀଳମଣିଙ୍କୁ ଶପଥ ପାଠ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରାଇଥିଲେ ।

୧୯୪୯ ମସିହାରେ ନୀଳମଣି ନଳିନୀ ଦେବୀଙ୍କୁ ଭଲ ପାଇ ବୈଦିକ ରୀତିରେ ନିରାଡମ୍ବର ଭାବେ ବିବାହ କରିଥିଲେ । ନଳୀନୀ ଦେବୀଙ୍କର ଓଡିଆ, ବଙ୍ଗଳା, ଓ ହିନ୍ଦି ସାହିତ୍ୟରେ ବିଶେଷ ଦଖଲ ଥିଲା । ତାଙ୍କ ସଂପାଦନାରେ 'ମରୁତୀର୍ଥ' ନାମକ ମାସିକ ପତ୍ରିକା ପ୍ରକାଶିତ ହେଉଥିଲା । ୧୯୫୦ ଜୁଲାଇ ୨୮ରେ ତାଙ୍କର ଏକମା।ତ୍ର ପୁତ୍ର ବିଜୟଶ୍ରୀ ରାଉତରାୟ ଜନ୍ମ ହୋଇଥିଲା । ୧୯୫୨ରେ ନୀଳମଣି ଧାମନଗର ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥଭାବେ ବିଜୟ ଲାଭ କରି, ନବକୃଷ୍ଣ ଚୌଧୁରୀଙ୍କ ମନ୍ତ୍ରୀମଣ୍ଡଳରେ ଉପମନ୍ତ୍ରୀ ଭାବେ ଫେବୃୟାରୀ ୨୦ ତାରିଖରେ ଶପଥ ଗ୍ରହଣ କରିଥିଲେ । ୧୯୫୨ରୁ ୧୯୫୭ ପର୍ଯ୍ୟନ୍ତ ଘରୋଇ ବିଭାଗର ଉପମନ୍ତ୍ରୀ ରହି ଦକ୍ଷତାର ପରିଚୟ ଦେଇଥିଲେ । ୧୯୫୭ରେ ନୀଳମଣି ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରୁ ବିଜୟ ଲାଭକରି ହରେକୃଷ୍ଣ ମହତାବଙ୍କ ମିଳିତ ମନ୍ତ୍ରୀମଣ୍ଡଳରେ ଯୋଗାଣ, ପରିବହନ ଓ ଶ୍ରମ ବିଭାଗର କ୍ୟାବିନେଟ୍ ମନ୍ତ୍ରୀଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ୧୯୫୯ରେ ମନ୍ତ୍ରୀମଣ୍ଡଳ ସଂପ୍ରସାରିତ ହେଲା । ନୀଳମଣି ସେଥିରେ ଯୋଗାଣ ଓ ବାଣିଜ୍ୟ ବିଭାଗର କ୍ୟାବିନେଟ ମନ୍ତ୍ରୀ ହେଲେ । ୧୯୬୧ରେ ବିଜୁ ପଟ୍ଟନାୟକଙ୍କ ମନ୍ତ୍ରୀମଣ୍ଡଳରେ ନୀଳମଣି ଘରୋଇ, ବାଣିଜ୍ୟ, ଶ୍ରମ ଓ ଯୋଗାଣ ବିଭାଗର କ୍ୟାବିନେଟ ମନ୍ତ୍ରୀ ହେଲେ । କାମରାଜ ଯୋଜନାରେ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ପଦରୁ ଗଲେ । ୧୯୬୩ ଅକ୍ଟୋବର ଦୁଇ ତାରିଖରେ ବୀରେନ୍ ମିତ୍ର ମୁଖ୍ୟମନ୍ତ୍ରୀ ହେଲେ ।  ଏହି ମନ୍ତ୍ରୀମଣ୍ଡଳରେ ନୀଳମଣି ରାଜନୈତିକ ଓ ପ୍ରଶାସନ, ଘରୋଇ, ଶ୍ରମ ଓ ଯୋଗାଣ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ହେଲେ ।  ୧୯୬୭ରେ ନୀଳମଣି ପ୍ରଦେଶ କଂଗ୍ରେସର ସଭାପତି ଭାବେ ଚାରିବର୍ଷ ରହିଲେ । ୧୯୭୧ ମସିହାରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ଘରୋଇ, ଖଣି ଓ ଭୂତତ୍ତ୍ୱ, ଯୋଗାଣ ବିଭାଗର ମନ୍ତ୍ରୀ ରହିଲେ । ନନ୍ଦିନୀ ଶତପଥୀଙ୍କ ମନ୍ତ୍ରୀମଣ୍ଡଳରେ ସେ ଉପମୁଖ୍ୟମନ୍ତ୍ରୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାବେ କାର୍ଯ୍ୟ କରିଥିଲେ । ୧୯୭୬ରେ ସେ ରାଜ୍ୟସଭା ସଦସ୍ୟ ଭାବେ ରହିଥିଲେ । କେନ୍ଦ୍ରରେ ଜନତା ସରକାର ଗଠିତ ହେବାପରେ ଓଡିଶା ସମେତ ୯ ଟି ରାଜ୍ୟର କଂଗ୍ରେସ ସରକାରଙ୍କୁ ଭାଙ୍ଗି ଦିଆଗଲା । ମଧ୍ୟବର୍ତୀକାଳୀନ ନିର୍ବାଚନ କରାଗଲା । ବାସୁଦେବପୁର ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହୋଇ ନୀଳମଣି ବିଜୟ ଲାଭ କଲେ । ୧୯୭୭ ଜୁନ୍ ୨୬ ତାରିଖରେ ନୀଳମଣି ରାଉତରାୟ ଓଡିଶାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କଲେ । ୧୯୮୯ ନିର୍ବାଚନରେ ପୁରୀ ଲୋକସଭା ଆସନରୁ ନିର୍ବାଚିତ ହୋଇ ଭି.ପି. ସିଂହଙ୍କ ମନ୍ତ୍ରୀମଣ୍ଡଳରେ ପ୍ରଥମେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଓ ପରେ ଜଙ୍ଗଲ ଓ ପରିବେଶ ବିଭାଗର କ୍ୟାବିନେଟ ମନ୍ତ୍ରୀ ହୋଇଥିଲେ ।

ନୀଳମଣି ରାଉତରାୟ ପିଲାବେଳରୁ ଛୋଟ ବିପ୍ଳବୀ ଭାବେ ସ୍ୱାଧିନତା ଆନ୍ଦୋଳନରେ ଯୋଗଦେଇ ଓଡିଶାର ରାଜନୀତିରେ ଷାଠିଏ ବର୍ଷରୁ ଅଧିକ କାଳ ଜଡିତ ଥିଲେ । ସେ ବିଧାୟକରୁ ସାସଂଦ, ଉପମନ୍ତ୍ରୀରୁ ମନ୍ତ୍ରୀ, ଉପମୁଖ୍ୟ ମନ୍ତ୍ରୀରୁ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଭାବେ ଆସନ ଅଳଙ୍କୃତ କରି ସେ ଜଣେ ଖ୍ୟାତନାମା ସମାଜସେବୀ, ସାମ୍ବାଦିକ, ରାଜନୀତିଜ୍ଞ ଓ ପ୍ରଶାସକ ଭାବେ ଉଭା ହୋଇଥିଲେ । ତାଙ୍କର ସରଳ ଓ ନମ୍ର ବ୍ୟବହାର ପାଇଁ ସେ ଜନସାଧାରଣଙ୍କର ସ୍ନେହ ଓ ଶ୍ରଦ୍ଧା ଲାଭ କରିଥିଲେ । ଶେଷ ସମୟରେ ଲେଖା ପଢ଼ାରେ ସମୟ ଅତିବାହିତ କରିଥିଲେ । ଏହି ମହାନ୍ ଜନନାୟକ ୨୦୦୪ ମସିହା ଅକ୍ଟୋବର ମାସ ୪ ତାରିଖ ଦିନ ଇହଲୀଳା ସମ୍ବରଣ କରିଥିଲେ ।

ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍ସିଂହପୁର

ମୋ. ନଂ. : ୯୯୩୭୬୯୧୪୭୫

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

**Search for Odia e-Patrika or e-Magazine and you will find Aahwaan e-Patrika at the top of the Search Page. We are indeed at Number 1 in Google Search because we deliver every month without fail. Join our Group and Publish your articles.**

Google

odia e patrika

All · Videos · Images · Shopping · News · More · Tools

Aahwaan e-Patrika
https://www.aahwaan.com · Translate this page

Aahwaan e-Patrika : ଓଡ଼ିଆ ଇ-ପତ୍ରିକା, ଇ ...

Aahwaan **e-Patrika** : **e-Patrika**, **Patrika**, Magazine, Online Magazine in **Odia**, First | aahwaan.com.

ସଂଗ୍ରହାଳୟ
Aahwaan e-Patrika : e-Patrika, Patrika, Magazine, Online ...

Google

odia e magazine

All · Images · Videos · Shopping · News · More · Tools

Aahwaan e-Patrika
https://www.aahwaan.com · Translate this page

Aahwaan e-Patrika : ଓଡ଼ିଆ ଇ-ପତ୍ରିକା, ଇ ...

Aahwaan **e**-Patrika : **e**-Patrika, Patrika, **Magazine**, Online **Magazine** in **Odia**, First | aahwaan.com.

ସଂଗ୍ରହାଳୟ · ମତାମତ · ଆହ୍ବାନ ଇ-ପତ୍ରିକା ସହାୟତା ପୃଷ୍ଠା · ସମ୍ପାଦକ




PODCAST

## Bhagabata Geeta Katha

Available on Spotify and 4 other platforms >
8 episodes

Share · Profile page

**Podcast overview**

| Plays | Audience size | Spotify followers |
|---|---|---|
| 20,750 | 40 | 624 |
| All-time | Last 7 days | |

**Latest episode**

Plays
1,924
ଓଡ଼ିଆ ଭାଗବତ ଗୀତା ବ୍ୟାଖ୍ୟା :...



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଇଚ୍ଛୁକ ବନ୍ଧୁମାନେ, ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର (ଆକୃତି / ଶ୍ରୀଲିପି / ଆଇଲିପ୍ / ଅପ୍ରାନ୍ତ) କିମ୍ବା ମୋବାଇଲରେ ଟାଇପ୍ କରି ଆମ ଇମେଲ୍ ଠିକଣାରେ ପଠାଇ ପାରିବେ । ଛବି, ହାତଲେଖା କିମ୍ବା ଅତ୍ୟଧିକ ବ୍ୟାକରଣତ୍ରୁଟି ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ ।

**ମୋବାଇଲ୍ କିମ୍ବା ହ୍ୱାଟ୍ସଆପ୍ ଦ୍ୱାରା ଲେଖା ପଠାନ୍ତୁ ନାହିଁ ।**

ପ୍ରତ୍ୟେକ ମାସରେ କେବଳ ଗୋଟିଏ ହିଁ ଲେଖା ପଠାଇବେ । ଏକାଧିକ ଲେଖା ପଠାଇଲେ, ଶେଷରେ ପ୍ରାପ୍ତ ହୋଇଥିବା ଲେଖାକୁ ପ୍ରକାଶିତ ପାଇଁ ନିର୍ବାଚିତ କରାଯିବ । ଧାରାବାହିକ ଲେଖା ପ୍ରକାଶନ ହେତୁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲରେ ଟାଇପ୍ କରି ଏକାସଙ୍ଗେ ପଠାଇବେ । ହାତ ଲେଖା କିମ୍ବା ସ୍କାନ୍ ହୋଇଥିବା କିମ୍ବା ପିଡ଼ିଏଫ୍ ଫର୍ମାଟରେ ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ । ପ୍ରତ୍ୟେକ ସଂସ୍କରଣ ନିମନ୍ତେ ମାସର ତିନି ତାରିଖ ସୁଦ୍ଧା ଲେଖା ପଠାଇବେ ଏବଂ ପତ୍ରିକା ପ୍ରକାଶିତ ହେବାପରେ ଆମ ୱେବ୍ସାଇଟରୁ ସଂଗ୍ରହ କରି ପାରିବେ । ଲେଖା ସହ ନିଜର ଛବି ଏବଂ ଠିକଣା ଲେଖି ପଠାଇବେ । ପ୍ରତ୍ୟେକ ଥର ନୁଆ ଛବି ପଠାଇବା ଆବଶ୍ୟକ ନାହିଁ । ପତ୍ରିକା ପ୍ରକାଶିତ ହୋଇଥିବା ଖବର ତୁରନ୍ତ ପାଇବା ପାଇଁ ଆମର ହ୍ୱାଟସଆପ୍ ଗ୍ରୁପ୍ ଯୋଗ ଦିଅନ୍ତୁ । ସହାୟତା ପାଇଁ ଆମ ହ୍ୱାଟ୍ସଆପ୍ ନମ୍ବର ୯୦୪୦୯୮୫୪୬୩ରେ ଯୋଗାଯୋଗ କରି ପାରିବେ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

**aahwaan@gmail.com**

Listen to Odia Podcast Original at https://youtube.com/@drjyotiprasad